REGISTERED No. C 82

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

THE UTKAL DIPIKA.

CUTTACK SATURDAY THE 8th February 1908.

# ଓଡ଼ିଶାର ଐତିହାସିକ ପତ୍ର-ପତ୍ରିକାର ପ୍ରଚ୍ଛଦ

ବିଜ୍ଞାପନ ।

ଡକ୍ଟର ଗୋପାଳ ଚନ୍ଦ୍ର ମିଶ୍ର

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

CUTTACK SATURDAY THE 8th February 1908.

ଉତ୍କଳଦୀପିକା ।

## ବିଜ୍ଞାପନ ।

# ଓଡ଼ିଶାରେ ସମ୍ବାଦ ପତ୍ର-ପତ୍ରିକାର ପ୍ରସଙ୍ଗ

ଡକ୍ଟର ଗୋପାଳ ଚନ୍ଦ୍ର ମିଶ୍ର

# ଓଡ଼ିଶାର ବିକାଶରେ ପତ୍ର-ପତ୍ରିକାର ପ୍ରଭାବ

( ଓଡ଼ିଆ ପତ୍ର-ପତ୍ରିକାର ପଂଜି ସଂଯୋଜିତ )

( ପ୍ରାଚୀନରୁ ଆଧୁନିକ ପର୍ଯ୍ୟନ୍ତ )

[ ପ୍ରଥମ ଭାଗ ]


ଡକ୍ଟର ଗୋପାଲଚନ୍ଦ୍ର ମିଶ୍ର

ମୁଖ୍ୟ ଅଧ୍ୟାପକ, ଉପାଧୋତ୍ତର ଓଡ଼ିଆ ବିଭାଗ,

ସମ୍ବଲପୁର ବିଶ୍ୱବିଦ୍ୟାଳୟ

# ODISHARA VIKASHARE PATRA PATRIKAR PRAVAB

Impact of Oriya Periodicals and Newspapers on the development of Orissa and a bibliography of Oriya periodicals and journals.

By
Dr Gopal Chandra Mishra:
P. G. Department of Oriya
Sambalpur University

Published by
**Jasodhara Mishra**
Cuttack

ପ୍ରକାଶକ
**ଯଶୋଧାରା ମିଶ୍ର**

ମୁଖ୍ୟ ପରିବେଷକ
**ଗ୍ରନ୍ଥମନ୍ଦିର**
କଟକ-୨, ବ୍ରହ୍ମପୁର-୧

ଛପା : **ଲକ୍ଷ୍ମୀକାନ୍ତ ପ୍ରିଣ୍ଟର୍ସ**
କଟକ-୪

ପ୍ରଥମ ସଂସ୍କରଣ ୧୯୭୯
ପରିବର୍ଦ୍ଧିତ ସଂଶୋଧିତ ସଂସ୍କରଣ ୧୯୮୩

ମୂଲ୍ୟ : ଟ ୪୫ ଙ୍କା ( ପଞ୍ଚଚାଳିଶ ଟଙ୍କା )

# ଅଭିମତ

୧୮୦୩ ଖ୍ରୀ: ଅ: ରେ କଟକ ସମେତ ଓଡ଼ିଶାର ଅଧିକାଂଶ ଭାଗ ବ୍ରିଟିଶ୍ ଶାସନର ଅଧୀନ ହେଲା । ସେହି ସମୟଠାରୁ ଏ ପର୍ଯ୍ୟନ୍ତ ବ୍ରିଟିଶ ରାଜତ୍ୱରେ ଏବଂ ସ୍ୱାଧୀନ ଭାରତର ଶାସନରେ ଓଡ଼ିଶା ଓ ଓଡ଼ିଆଭାଷୀ ଅଞ୍ଚଳ ଯେଉଁ ଦୁଃଖ, ଦୁର୍ଦ୍ଦଶା, ନୈରାଶ୍ୟ ଓ ଉଦ୍ୟମ ମଧ୍ୟରେ ଗତିକରି ବର୍ତ୍ତମାନ ଅବସ୍ଥାରେ ଉପନୀତ ହୋଇଛି, ତାହାର ଇତିହାସ ସାମାନ୍ୟତଃ ୧୮୩୭ ରେ ମିଶନାରୀଙ୍କଦ୍ୱାରା କଟକରେ ସ୍ଥାପିତ ମୁଦ୍ରାଯନ୍ତ୍ରରୁ ପ୍ରକାଶିତ 'ଜ୍ଞାନାରୁଣ' ପ୍ରମୁଖ ମିଶନାରୀ ପତ୍ରିକାରେ, ବିଶେଷତଃ ୧୮୬୫ରେ ପ୍ରତିଷ୍ଠିତ କଟକ ପ୍ରିଣ୍ଟିଂ କମ୍ପାନୀଦ୍ୱାରା ୧୮୬୬ ଅଗଷ୍ଟରେ ପ୍ରକାଶିତ 'ଉତ୍କଳ ଦୀପିକା'ରେ, ବାଲେଶ୍ୱରରୁ ୧୮୬୮ ରେ ପ୍ରକାଶିତ 'ସମ୍ବାଦ ବାହିକା' ରେ, ବାମଣ୍ଡାରୁ ୧୮୮୯ ରେ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ରେ ଏବଂ ଅନ୍ୟାନ୍ୟ କେତେକ ପତ୍ରିକାରେ ଦେଖିବାକୁ ମିଳେ । ଉକ୍ତ ପତ୍ରିକା ସମେତ ଅଧିକାଂଶ ପତ୍ରିକା ବର୍ତ୍ତମାନ ଅପ୍ରାପ୍ୟ ବା ଦୁର୍ଲଭ ।

ଉଲ୍ଲିଖିତ ପତ୍ରପତ୍ରିକା ଗୁଡ଼ିକରୁ ବହୁ କ୍ଳେଶ ସ୍ୱୀକାରପୂର୍ବକ ସାର ସଂଗ୍ରହ କରି ଓ ବିଭିନ୍ନ ଶିରୋନାମାରେ ସଜାଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଗୋପାଳ ଚନ୍ଦ୍ର ମିଶ୍ର 'ଓଡ଼ିଶାର ବିକାଶରେ ପତ୍ରପତ୍ରିକାର ପ୍ରଭାବ' ଶୀର୍ଷକ ଯେଉଁ ଗ୍ରନ୍ଥଟି ସଙ୍କଳନ କରିଅଛନ୍ତି ତାହା ଅତ୍ୟନ୍ତ ଉପାଦେୟ ହୋଇଅଛି । ଓଡ଼ିଶାର ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତିଙ୍କ ପକ୍ଷରେ ଏହା ଅବଶ୍ୟ-ପାଠ୍ୟ ।

ଏହି ଗ୍ରନ୍ଥରେ ଏ ପର୍ଯ୍ୟନ୍ତ ପ୍ରକାଶିତ ସମ୍ବାଦ ପତ୍ରିକା ଓ ମୁଖ୍ୟ ସାହିତ୍ୟିକ ପତ୍ରିକା-ଗୁଡ଼ିକର ବର୍ଣ୍ଣାନୁକ୍ରମିକ ନିର୍ଘଣ୍ଟ ମଧ୍ୟ ସନ୍ନିବିଷ୍ଟ କରାଅଛି । ଏଥିରେ ପତ୍ରିକାର ନାମ, ପ୍ରକାଶନ କାଳ, ସମ୍ପାଦନା ଓ ପ୍ରକାଶର ସୂଚନା—ଏହି ଶିରୋନାମାରେ ସୂକ୍ଷ୍ମ ବିବରଣୀ ପ୍ରଦତ୍ତ ହୋଇଅଛି ।

ସମଗ୍ର ଗ୍ରନ୍ଥଟିର ବହୁଳ ପ୍ରଚାର କାମନା କରୁଅଛି । ଇତି ।

କୁଞ୍ଜବିହାରୀ ତ୍ରିପାଠୀ
ପରିଦର୍ଶୀ ଅଧ୍ୟାପକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ
ତା ୨୭ । ୨ । ୭୯

# ସୂଚନା

ବିଗତ ଶତାବ୍ଦୀର ମଧ୍ୟଭାଗରୁ ଓଡ଼ିଶାର ସାମାଜିକ ଏବଂ ରାଜନୈତିକ ଜୀବନରେ ଏକ ସଂପୂର୍ଣ୍ଣ ନୂତନ ପର୍ଯ୍ୟାୟ ଆରମ୍ଭ ହୋଇଥିଲା ଏବଂ ଶତାବ୍ଦୀର ଶେଷଆଡ଼କୁ ପରିବର୍ତ୍ତନ ଓ ଅଭ୍ୟୁଦୟର ଏକ ସମ୍ପୂର୍ଣ୍ଣ ଐତିହାସିକ ଚିତ୍ର ଜାତୀୟ ଜୀବନର ଚକ୍ରବାଳରେ ପରିସ୍ଫୁଟ ହୋଇଥିଲା । ଓଡ଼ିଶାରେ ଏହି ସାଂସ୍କୃତିକ, ସାମାଜିକ ଏବଂ ରାଜନୈତିକ ରୂପାନ୍ତରର କାହାଣୀ ଇତିହାସରୁ ଯେତିକି ପଢ଼ିବାକୁ ମିଳେ, ସମସାମୟିକ ସମ୍ବାଦପତ୍ର ଏବଂ ପତ୍ରପତ୍ରିକା ପୃଷ୍ଠାରେ ତାହା ଅପେକ୍ଷା କମ୍ ମୂଲ୍ୟବାନ୍ ଉପାଦାନ ମିଳେନାହିଁ । ବରଂ ଓଡ଼ିଶାରେ ୧୮୬୬ ଅଗଷ୍ଟ ମାସରୁ ପ୍ରକାଶିତ ହେବା 'ଉତ୍କଳ ଦୀପିକା' ସାପ୍ତାହିକ ସମ୍ବାଦ ପତ୍ରଠାରୁ ଆରମ୍ଭକରି ଏ ପର୍ଯ୍ୟନ୍ତ ପ୍ରକାଶିତ ତଥା ସଂପ୍ରସାରିତ ଶତାଧିକ ପତ୍ରପତ୍ରିକା ସମ୍ବାଦପତ୍ରହିଁ ଓଡ଼ିଶାର ଜାତୀୟ ଜୀବନର ଐତିହାସିକ ଉପାଦାନର ଏକମାତ୍ର ମୂଳ ଉତ୍ସ । ଏହି ଦୃଷ୍ଟିରୁ ଓଡ଼ିଶାର ସାମଗ୍ରିକ ଇତିହାସ ସଂକଳନ, ଅଧ୍ୟୟନ ଏବଂ ଜାତୀୟ ଜୀବନର ଐତିହ୍ୟ, ମୌଳିକତାର ଉପଲବ୍ଧି ପାଇଁ ସମ୍ବାଦପତ୍ର ସମୂହର ଐତିହାସିକ ଅଧ୍ୟୟନ ସର୍ବାଦୌ ଆବଶ୍ୟକ । ଓଡ଼ିଶାରେ ପ୍ରକାଶିତ ବହୁ ପତ୍ରପତ୍ରିକାର ପୁରାତନ ସଂଖ୍ୟା ଏବେ ଆଉ ମିଳୁନାହିଁ । ବିଭିନ୍ନ ଜିଲ୍ଲାପାଳଙ୍କ ଏବଂ ରେଭେନ୍ୟୁ ବୋର୍ଡଙ୍କ ଦପ୍ତରରେ ମଧ୍ୟ ପୁରାତନ ପତ୍ରିକା ଆଉ ମିଳୁନାହିଁ । ଏହି ପୁସ୍ତକରେ ଓଡ଼ିଆ ଭାଷାରେ ପ୍ରକାଶିତ ନିର୍ଦ୍ଦିଷ୍ଟ ସମ୍ବତ୍ସରର ସମ୍ବାଦପତ୍ର ଓ ପତ୍ର ପତ୍ରିକା ସମୂହରୁ ଜାତୀୟ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ସଂଗ୍ରହ କରି ତାହାର ଅଧ୍ୟୟନ, ବିଶ୍ଳେଷଣ ଏବଂ ପ୍ରଭାବ ସଂଯୋଜିତ କରାଯାଇଛି । ଓଡ଼ିଆ ପତ୍ର ପତ୍ରିକା ଓ ସମ୍ବାଦ ପତ୍ରର ବିଧିବଦ୍ଧ ପତ୍ରିକା ପଂଜିକା ଏ ପର୍ଯ୍ୟନ୍ତ ମଧ୍ୟ ପ୍ରସ୍ତୁତ ହୋଇନାହିଁ । ଏହି ପୁସ୍ତକରେ ଏକ ପଂଜିକା ମଧ୍ୟ ସଂଯୋଜିତ କରାଯାଇଛି । ସେଥିରେ ତ୍ରୁଟି ଏବଂ ଅଭାବ ଥାଇପାରେ; ମାତ୍ର ତାହା ଇଚ୍ଛାକୃତ ନୁହେଁ । ଏହି କାର୍ଯ୍ୟରେ ମୋତେ ଅଧ୍ୟାପକ ଡକ୍ଟର ବୈରାଗୀ ଚରଣ ଜେନା, ଅଧ୍ୟାପକ ନମାନନ୍ଦ ମହାନ୍ତି, ଅଧ୍ୟାପକ ଦୁର୍ଗାଚରଣ ମିଶ୍ର, ଗବେଷକ ନିମାଇଁ ଚରଣ ପଣ୍ଡା ବହୁ ସାହାଯ୍ୟ କରିଛନ୍ତି । ସେଥିପାଇଁ ସେମାନଙ୍କ ନିକଟରେ ମୋର କୃତଜ୍ଞତା । ଏହି ଯୋଜନାରେ ଇଉନିଭରସିଟି ଗ୍ରାଣ୍ଟସ୍ କମିସନଙ୍କ ଆର୍ଥିକ ପୃଷ୍ଠପୋଷକତା ପାଇଁ ମଧ୍ୟ ମୁଁ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଉଛି । କଲିକତାରୁ ପ୍ରକାଶିତ 'ଆସନ୍ତାକାଲି'ର ସଂପାଦକ ଶ୍ରୀଯୁକ୍ତ ଶ୍ରୀକାନ୍ତ ପଣ୍ଡା ପ୍ରଥମେ ମୋତେ ଏହିପରି ଏକ ଯୋଜନାବଦ୍ଧ ସମ୍ବାଦ ପତ୍ରର ପରିକ୍ରମା ଲେଖିବାକୁ ବାରମ୍ବାର ଜଣାଇଲେ ଏବଂ

ମୋର କେତେକ ପ୍ରବନ୍ଧ ମଧ୍ୟ କଲିକତାରୁ ପ୍ରକାଶିତ ଆସନ୍ତାକାଲିରେ ପ୍ରକାଶ କରିଥିଲେ । ଲେଖକ ସେଥିପାଇଁ ଏହି ଅବସରରେ ତାଙ୍କୁ କୃତଜ୍ଞତା ଜଣାଉଛି । ଆଶା, ଓଡ଼ିଆ ସମ୍ବାଦ ପତ୍ରର ଏତାଦୃଶ ଅଧ୍ୟୟନଶୀର୍ଷକ ପୁସ୍ତକ ଓଡ଼ିଶାର ଐତିହାସିକ, ଗବେଷକ ଏବଂ ସାହିତ୍ୟିକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିବ ।

ତା ୨୫ । ୧୨ । ୧୯୭୮

ସ୍ନାତକୋତ୍ତର ଓଡ଼ିଆ ବିଭାଗ

ସମ୍ବଲପୁର ବିଶ୍ୱବିଦ୍ୟାଳୟ

ଜ୍ୟୋତି ବିହାର

**ଲେଖକ**

## PREFACE

Orissa had no press until the first half of the nineteenth century. Still she had, in the preceeding ages, her own improvised means of communicating news and giving publicity to ideas, and the several Pillars and inscriptions bear testimony to it, even in those days of poor communication, it is said, a hand written vernacular paper in Oriya was prepared by one Sadhu Sundar Das under the caption 'Kujibar Patra' towards the first half of the last century. The same appeared in 1826 from 'Salgaon' a small village near Cuttack.

Orissa saw her first press in 1837 when the Christian Missionaries installed the same at Cuttack for the purpose of printing and publishing their own religious literatures, and tracts and the first vernacular journal 'Jnanarun' in Oriya was published by them in 1849 from Cuttack under the editorship of Rev C. Lecey. Thus the Christian Missionaries were the pioneers in the Publication of early Oriya periodical whereas the first and the foremost Oriya weekly newspaper 'Utkal Dipika' ( August 1866 ) emerged in the wake of the great devastating famine in Orissa of 1866 from the Cuttack printing company press and its founder editor was then Sri Gouri Shankar Roy. Utkal Dipika is considered as the earliest weekly newspaper of great national importance in Orissa and it proved in no time to be the most powerful forum of public life aiming at socio-economic, educational and political awakening in Orissa. Since then there have appeared from time to time a large number of Periodicals and journals pertaining to various aspects of main-stream of national life in Orissa during the fourth quarter of the last century. While those earlier newspapers and periodicals confined themselves mainly to social-economic, and educational matters, the tone and temperament of newspapers completely changed from the beginning of the

present century when they reflected a keen, patriotic and critical spirit on political issues like amalgamation of Oriya speaking tracts into a separate province. Further, all such newspapers appearing one after another in different parts of Orissa, inspired the people by their writing both in social and political dimension.

The period between 1866 to 1903 witnessed the slow emergence of national and social forces in Orissa and the following decades marked the different phases of its vigorous development, and in this process of consolidation and determination. All the educational and social movement in Orissa in the first half of the present century have been spearheaded by powerful periodicals and newspapers like 'Sambalpur Hiteishini,' Utkal sahitya, 'Mukur,' 'Satyabadi,' 'Sahakar,' 'Nabavarata,' 'Dagar,' 'Adhunik,' 'Jhankar,' 'Nabajiban,' and 'Samaj,' 'Asha,' 'Prajatantra,' 'Matrubhumi,' 'Swarajya,' 'Ganatantra,' 'Kalinga,' 'Dharitri,' respectively. These are regarded as the instruments of communicating the ideas of progress and national awakening in Orissa. Much of the progress, in the form of opening of railways establishment of schools and colleges, formation of Cultural Associations, and in building up an economic intrastructure in Orissa was based on the demands ventilated by the periodicals then and now. By the end of 19th century the social and educational changes were quite noticeable. There have been great patriotic newspapers and great personalities in Orissa.

In this context, a study of Orissa in its phenomenal growth and progress during the last one hundred years requires a detailed research in the old as well as present day journals, newspapers and periodicals and the present work is such an attempt in that direction. Besides, providing an analysis of news of public interest published in the old

journals in Oriya, a bibliography of Oriya journals of the last one hundred years is also appended. The role of the press in a backward region particularly in Orissa, is important, and this study examines the way in which the socio-economic and cultural changes have been engineered and promoted by the press.

In this connection, I am grateful to the University Grants Commission for having sanctioned financial assistance for such a comprehensive study of Oriya periodicals and its relevant role in the development of Orissa since 1866.

25th December, 1978
JYOTIVIHAR

G. C. Mishra

# ସୂଚୀପତ୍ର


| | | |
|---|---|---|
| ୧ । | ଭାରତରେ ସମ୍ବାଦପତ୍ରର ଆବିର୍ଭାବ | ୧ |
| ୨ । | ଓଡ଼ିଶାରେ ସମ୍ବାଦପତ୍ରର ଆବିର୍ଭାବ ରାଜନୈତିକ ଓ ସାଂସ୍କୃତିକ ଅଭ୍ୟୁଦୟର ସୂଚନା । | ୧୩ |
| ୩ । | ଓଡ଼ିଶାରେ ଭାଷା ଆନ୍ଦୋଳନର ଭୂମିକା | ୨୫ |
| ୪ । | ଓଡ଼ିଶାରେ ଶିକ୍ଷା ପ୍ରସାର | ୪୫ |
| ୫ । | ଓଡ଼ିଶାରେ ଉଚ୍ଚଶିକ୍ଷା ପାଇଁ ଯୋଜନା ( ୧ ) | ୫୨ |
| ୬ । | ଓଡ଼ିଶାରେ ଉଚ୍ଚଶିକ୍ଷା ପାଇଁ ଯୋଜନା ( ୨ ) | ୬୦ |
| ୭ । | ଓଡ଼ିଶାରେ ଉଚ୍ଚଶିକ୍ଷାର ପ୍ରସାର | ୬୯ |
| ୮ । | ଓଡ଼ିଶାରେ କଲେଜ ପ୍ରତିଷ୍ଠାର ବିବରଣୀ ( ୧ ) | ୭୩ |
| ୯ । | ଓଡ଼ିଶାରେ କଲେଜ ପ୍ରତିଷ୍ଠାର ବିବରଣୀ ( ୨ ) | ୭୮ |
| ୧୦ । | ଓଡ଼ିଶାରେ କଲେଜ ପ୍ରତିଷ୍ଠାର ବିବରଣୀ ( ୩ ) | ୮୧ |
| ୧୧ । | ଓଡ଼ିଶାର ଶିକ୍ଷାପ୍ରସାରର ଅନ୍ୟାନ୍ୟ ଦିଗ | ୮୫ |
| ୧୨ । | ଅତୀତରେ ସମ୍ବାଦପତ୍ର ପୃଷ୍ଠାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ପାଇଁ ପ୍ରସ୍ତାବ | ୯୦ |
| ୧୩ । | ସମ୍ବାଦପତ୍ରରେ ପ୍ରାଚୀନ ଓ ଆଧୁନିକର ସଂଘର୍ଷ | ୯୩ |
| ୧୪ । | 'ଉତ୍କଳ ଦୀପିକା' ପୃଷ୍ଠାରେ ସତୁରିବର୍ଷ ତଳର ଓଡ଼ିଶା | ୧୦୧ |
| ୧୫ । | ଓଡ଼ିଶାରେ ରେଲୱେ ନିର୍ମାଣପାଇଁ ପ୍ରସ୍ତାବ | ୧୪୨ |
| ୧୬ । | 'ସମ୍ବଲପୁର ହିତୈଷିଣୀ' ପୃଷ୍ଠାରେ ଓଡ଼ିଶାର ଚିତ୍ର | ୧୪୭ |
| ୧୭ । | ଓଡ଼ିଆ ପୋଥି, ପୁସ୍ତକ, ମୁଦ୍ରଣ ଏବଂ ପ୍ରସାର ପାଇଁ ଉଦ୍ୟମ | ୧୯୮ |
| ୧୮ । | ପରିଶିଷ୍ଟ | |

# ଭାରତରେ ସମ୍ବାଦପତ୍ରର ଆବିର୍ଭାବ

ଭାରତର ଇତିହାସରେ ୧୭୫୭ ମସିହାର ପଲାସି ଯୁଦ୍ଧର ପୃଷ୍ଠଭୂମିରେ ରବର୍ଟ କ୍ଲାଇଭ ଯେତେବେଳେ ଇଂରେଜ ସାମ୍ରାଜ୍ୟର ମୂଳ ଭିତ୍ତି ସ୍ଥାପନ କରିଥିଲେ, ସେତେବେଳେ ସେହି ଐତିହାସିକ ଘଟଣା ବର୍ଣ୍ଣନା କରିବାପାଇଁ ପଲାସିର ଆଖପାଖ ଅଞ୍ଚଳରେ କୌଣସି ସାମ୍ବାଦିକଙ୍କର ଚିହ୍ନବର୍ଣ୍ଣ ଦେଖାଯାଇ ନଥିଲା । ପୁନଶ୍ଚ ସେହି କ୍ଲାଇଭ ଯେତେବେଳେ ମାତ୍ର ଦୁଇଶତ ଇଂରେଜ ସୈନିକ ଏବଂ ଅଠରଶଜଣ ସିପାହିଙ୍କ ନେତୃତ୍ୱରେ ମୁର୍ଶିଦାବାଦରେ ପ୍ରବେଶ କରିଥିଲେ, ସେତେବେଳେ ତାଙ୍କୁ ପ୍ରତିରୋଧ କରିବାପାଇଁ କିମ୍ବା ସେହି ଦୃଶ୍ୟର ବିବରଣୀ ଦେବାପାଇଁ ସେଠାରେ ଜଣେହେଲେ ସାମ୍ବାଦିକ ଉପସ୍ଥିତ ନଥିଲେ । ସେହିପରି ପୂର୍ବଭାରତର ବିସ୍ତୃତ ଉପକୂଳୀୟ ଓଡ଼ିଶା ଭୂଖଣ୍ଡରେ ମହାନଦୀ ପ୍ରବାହିତ ଅଞ୍ଚଳରେ ହୀରାର ସନ୍ଧାନ କରିବା ପାଇଁ କଲିକତାରୁ ମଟେ (Motte) ସାହେବ ଆସି ସମ୍ବଲପୁର ଉପକଣ୍ଠରେ ପହଞ୍ଚିଥିଲେ । ତାଙ୍କୁ ପ୍ରଶ୍ନ ପଚାରି ବିଭିନ୍ନ ବିବରଣୀ ସଂଗ୍ରହପାଇଁ ସେଠାରେ କୌଣସି ପତ୍ରକାର ଉପସ୍ଥିତ ନଥିଲେ । ପୁନଶ୍ଚ ୧୮୬୬ ମସିହାର ଅନାବୃଷ୍ଟିଜନିତ ଲୋମହର୍ଷଣକାରୀ ଭୟାନକ ନ'ଅଙ୍କ ଦୁର୍ଭିକ୍ଷଜନିତ ଅନାହାର ଓ ମୃତ୍ୟୁର କରାଳ କବଳରେ ଓଡ଼ିଶାର ଅନ୍ତରାତ୍ମା ଯେପରି ଧ୍ୱସ୍ତବିଧ୍ୱସ୍ତ ହୋଇଥିଲା, ତାହାର ପୁଙ୍ଖାନୁପୁଙ୍ଖ ବିବରଣୀ ସଂଗ୍ରହକରି ସରକାରଙ୍କ ନିକଟରେ ଦୃଢ଼ତାର ସହିତ ଉପସ୍ଥାପନ କରି ପ୍ରତିକାର ଦାବି କରିବାକୁ ଓଡ଼ିଶାରେ ଗୋଟିଏ ହେଲେ ସମ୍ବାଦପତ୍ର ନଥିଲା କି ଜଣେହେଲେ ସାମ୍ବାଦିକ ନଥିଲେ । ସେହି ଯୁଗରେ ଏହାହିଁ ଥିଲା ଏ ଦେଶରେ ବିଶେଷତଃ ଓଡ଼ିଶାର ଅନଗ୍ରସର ପରିସ୍ଥିତି, କିନ୍ତୁ ସମୟର ଅଗ୍ରଗତି ସହିତ ଏହି ଅବସ୍ଥାରେ ପରିବର୍ତ୍ତନ ଆସିଥିଲା ।

ସଂପ୍ରତି ଓଡ଼ିଆ ଭାଷାରେ ଏକାଧିକ ଦୈନିକ ସମ୍ବାଦପତ୍ର, ସାପ୍ତାହିକୀ, ସଂଖ୍ୟାଧିକ ମାସିକ, ତ୍ରୈମାସିକ, ଷାଣ୍ମାସିକ ସାହିତ୍ୟ ପତ୍ରିକା ଓଡ଼ିଶାରେ ଜାତୀୟ, ସାମାଜିକ ଏବଂ ସାଂସ୍କୃତିକ ଜୀବନରେ ଶକ୍ତିଶାଳୀ ମୁଖପତ୍ର ରୂପେ ଜନମତ ଏବଂ ସାଂସ୍କୃତିକ ମୂଲ୍ୟବୋଧ ପ୍ରତିଫଳିତ କରୁଥିଲେ ହେଁ ଅର୍ଦ୍ଧଶତାବ୍ଦୀ ପୂର୍ବେ ଓଡ଼ିଶାର ଜନମତ ଓ ରାଜନୈତିକ ଆକାଂକ୍ଷାର ପ୍ରକାଶ ଲାଗି ଗୋଟିଏ ହେଲେ ଓଡ଼ିଆ ସମ୍ବାଦପତ୍ର ପ୍ରକାଶିତ ହୋଇପାରି ନଥିଲା । ପ୍ରାୟ ଅର୍ଦ୍ଧଶତାବ୍ଦୀ କାଳ ଭାରତର ସ୍ୱାଧୀନତା ସଂଗ୍ରାମ ଏହି ଦେଶର ମାଟି-ପାଣି-ପବନକୁ ଉତ୍ତାପଦଗ୍ଧ ଏବଂ ବିସ୍ଫୋରଣୋନ୍ମୁଖ ଅବସ୍ଥାରେ

ରହିଥିଲେ ମଧ୍ୟ ଓଡ଼ିଆ ଭାଷାରେ ଜାତୀୟ ଜାଗରଣର ଶକ୍ତିଶାଳୀ ବାର୍ତ୍ତାବହ ରୂପେ ଗୋଟିଏ ହେଲେ ଦୈନିକ ସମ୍ବାଦପତ୍ରର ଆବିର୍ଭାବ ଘଟିନଥିଲା ଯାହାର ମାଧ୍ୟମରେ ଜନମତ ସଂଗଠନ, ସାମାଜିକ ବିପ୍ଳବ ଓ ସଂଗଠନ ପ୍ରଭୃତି ରାଜନୈତିକ ଏବଂ ସାମାଜିକ କାର୍ଯ୍ୟକ୍ରମ ସୁବିଧାରେ କାର୍ଯ୍ୟକାରୀ ହୋଇ ପାରୁଥିଲା ।

ପ୍ରଥମେ ଧର୍ମ-ସାହିତ୍ୟ ମୁଦ୍ରଣ ପରେ ଜ୍ଞାନ-ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକ ମୁଦ୍ରଣ ଥିଲା ମୁଦ୍ରାଯନ୍ତ୍ର ପ୍ରତିଷ୍ଠାନମାନଙ୍କର ଏକମାତ୍ର ଆଭିଜାତ୍ୟପୂର୍ଣ୍ଣ ଲକ୍ଷ୍ୟ । ମୁଦ୍ରାଯନ୍ତ୍ରର ପ୍ରତିଷ୍ଠା ପୂର୍ବେ ପ୍ରାଚୀନ ଯୁଗରେ ଭାରତର ଶାସକବର୍ଗ ଘୋଷଣାପତ୍ର, ଦାନପତ୍ର, ଶିଳାଲେଖ ମାଧ୍ୟମରେ ଶାସନର ଘୋଷିତ ଆଭିମୁଖ୍ୟ ଜନସାଧାରଣଙ୍କୁ ଜଣାଇ ପାରୁଥିଲେ । ଅଶୋକ ଏବଂ ଖାରବେଳଙ୍କ ହାତୀଗୁମ୍ଫାସ୍ଥ ବିଭିନ୍ନ ଅଭିଲେଖ ଏଠାରେ ସ୍ମରଣୀୟ । ମୋଗଲଯୁଗରେ ଏକ ପ୍ରକାର ଲିଖିତ ସମ୍ବାଦପତ୍ରର ବ୍ୟବହାର ଥିଲା । କାରଣ ଆଉରଙ୍ଗଜେବଙ୍କ ସୈନ୍ୟବାହିନୀକୁ ଏପରି ସମ୍ବାଦପତ୍ର ଯୋଗାଇ ଦିଆଯାଉଥିଲା ବୋଲି ପ୍ରମାଣ ମିଳିଥାଏ । ଭାରତବର୍ଷରେ ରାଜନୈତିକ, ସାମାଜିକ ଚେତନାସମ୍ବଳିତ ସମ୍ବାଦପତ୍ରର କଳ୍ପନା କ୍ରମେ ସ୍ପଷ୍ଟ [illegible] ହୋଇଥିଲା; କିନ୍ତୁ ଇଷ୍ଟଇଣ୍ଡିଆ କମ୍ପାନୀ ସରକାରଙ୍କର ତାହା ଥିଲା ସମ୍ପୂର୍ଣ୍ଣ ଇଚ୍ଛା ଓ ମତବିରୋଧ । ଓ୍ୱାରେନ୍ ହେଷ୍ଟିଂସ୍ ସେତେବେଳେ କଲିକତାରୁ ପ୍ରକାଶିତ ପ୍ରଥମ ସମ୍ବାଦପତ୍ର ଉପରେ ବାରମ୍ବାର ଆକ୍ରମଣ କରି ଶେଷରେ ତାର କଣ୍ଠରୁଦ୍ଧ କରିଦେଇଥିଲେ ବୋଲି ଭାରତବର୍ଷରେ ସମ୍ବାଦପତ୍ର ସମ୍ବନ୍ଧୀୟ ନଥିପତ୍ରରୁ ପ୍ରମାଣିତ ହୁଏ । ୱେଲେସଲି (Lord Wellesley) ସମ୍ବାଦପତ୍ର ଏବଂ ସ୍ୱାଧୀନ ସମ୍ବାଦ ପରିବେଷଣର କମ୍ ବିରୋଧୀ ନଥିଲେ । ସେ ଏକସମୟରେ Alured Clarke ଙ୍କୁ ଲେଖିଥିଲେ– "I shall take an early opportunity of transmitting rules for the conduct of the whole tribe of editors, in the meantime if you cannot tranquilize the editors of the another publications be so good to suppress their papers by force and send their persons to Europe." ୱେଲେସଲି ଏହି ଚିଠି କଣ୍ଟିକ ଭାଷାରେ ଲେଖିଥିଲେ; କ୍ଲାର୍କ ସେତେବେଳେ କମାଣ୍ଡର-ଇନ୍-ଚିଫ୍ ଭାବରେ କଲିକତାରେ ଅବସ୍ଥାପିତ ଥିଲେ । ଏହା ହେଉଛି ୧୭।୪।୧୭୯୯ର ପତ୍ର । ଏହିସବୁ ନିୟମାବଳୀ ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ କରାଯାଇଥିଲା । ତତ୍କାଳୀନ ସମ୍ବାଦପତ୍ରର ସମ୍ପାଦକ ଏବଂ ମାଲିକମାନଙ୍କୁ ରେଗୁଲେସନ ଜଣାଇ ଦିଆଗଲା । ଶାସନ କର୍ତ୍ତୃପକ୍ଷ ସମ୍ବାଦପତ୍ର ପ୍ରତି କଠୋର ମନୋଭାବ ଆଚରଣ କରିଥିଲେ । ୧୮୦୧ ମସିହାରେ କଲିକତା ଗେଜେଟ୍‌ର (Calcutta Gazette) ସମ୍ପାଦକଙ୍କୁ ସାମରିକ ବିଭାଗର ଆଦେଶ ମୁଦ୍ରଣ ନକରିବାଲାଗି ନିଷେଧ କରାଯାଇଥିଲା । ଦ୍ୱିତୀୟ ଇଂରେଜ-ମରହଟ୍ଟା ଯୁଦ୍ଧ ସଙ୍ଘର୍ଷ ସମୟରେ ଜାହାଜସବୁର ଗତିବିଧି ସମ୍ବନ୍ଧୀୟ କୌଣସି ସମ୍ବାଦ ପ୍ରକାଶ ନକରିବା ଲାଗି ଆଦେଶ ଜାରିହେଲା । ୧୮୦୨ରେ ସମ୍ବାଦପତ୍ରର ସମ୍ପାଦକମାନଙ୍କୁ ଭାରତରେ ଇଂରେଜ

ସରକାରଙ୍କ ଜାହାଜ ସମ୍ବନ୍ଧରେ ସମ୍ବାଦ ପ୍ରକାଶ କରିଥିବା ଯୋଗୁଁ ଯାଞ୍ଚ କରାଯାଇଥିଲା । ଲର୍ଡ ଓ୍ୱେଲସଲିଙ୍କ ଉତ୍ତରାଧିକାରୀ ଲର୍ଡ ମିଣ୍ଟୋ ମଧ୍ୟ ସମ୍ବାଦପତ୍ରମାନଙ୍କର ବିରୋଧରେ କ୍ରୋଧ ଏବଂ ଅସନ୍ତୋଷ ପ୍ରକାଶ କରିଥିଲେ । ୧୮୦୮ ମସିହାରେ କଲିକତା ଗେଜେଟ୍‌ର ସମ୍ପାଦକ ଦଣ୍ଡିତହେଲେ; କାରଣ ସେ ଯାଞ୍ଚକାରୀ ସଂସ୍ଥାକୁ ତାଙ୍କ ସମ୍ବାଦପତ୍ରର ପ୍ରୁଫ୍ ଉଠାଇପାରି ନଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସମ୍ବାଦପତ୍ର ସମ୍ପର୍କରେ କେବଳ ବିରକ୍ତି ପ୍ରକାଶ କରୁ ନଥିଲେ । ୧୮୦୭ ମସିହାରେ ଏପ୍ରିଲ ୧ ତାରିଖ ଦିନ ସେମାନେ ସାଧାରଣ ସଭା ଉପରେ ନିଷେଧାଜ୍ଞା ଜାରି କରିଥିଲେ । ଏହାର ପ୍ରତିକ୍ରିୟା ଖୁବ୍ ପ୍ରବଳ ହେଲା । ଲେଖକ, ପ୍ରକାଶକ ଏବଂ ଛାପାଖାନା ନାମ ନଥାଇ ପ୍ରଚାରପତ୍ର ପ୍ରକାଶିତ ହେଲା । ଏଥିରେ ଲର୍ଡ ମିଣ୍ଟୋ ଆଶଙ୍କିତ ହୋଇପଡ଼ିଲେ । କଲିକତାରୁ ପ୍ରକାଶିତ ମିରର୍ (Mirror), ଦି' ଟେଲିଗ୍ରାଫ୍ (The Telegraph), ଦି' ପୋଷ୍ଟ (The post) ପ୍ରଭୃତି କେତେକ ସମ୍ବାଦପତ୍ରର ଅଭିସନ୍ଧି ଲକ୍ଷ୍ୟକରି ଓ୍ୱେଲ୍‌ସଲି ପୁନଶ୍ଚ ଏପ୍ରିଲ ତା ୨୬, ୧୭୭୭ରେ ସେହି ସାର୍ କ୍ଲାର୍କଙ୍କୁ ସମ୍ବାଦପତ୍ର ବିରୋଧରେ କଠୋର ବ୍ୟବସ୍ଥା ଗ୍ରହଣ କରିବାକୁ ଲେଖିଥିଲେ । ଏହାଫଳରେ ମେ' ମାସ ତା ୧୩, ୧୭୯୯ ମସିହାରେ ଫୋର୍ଟ ଉଇଲିୟମରୁ ସମ୍ବାଦପତ୍ର ସତ୍ତ୍ୱାଧିକାରୀମାନଙ୍କର ଅନୁସରଣ ଉଦ୍ଦେଶ୍ୟରେ କେତେକ ଆଇନ ପ୍ରଣୀତ ହୋଇଥିଲା :

୧ । ପ୍ରତ୍ୟେକ ସମ୍ବାଦପତ୍ରର ନିମ୍ନଭାଗରେ ମୁଦ୍ରାକରର ନାମ ମୁଦ୍ରିତ ହେବ ।

୨ । ସମ୍ବାଦପତ୍ରର ପ୍ରତ୍ୟେକ ସମ୍ପାଦକ ଏବଂ ମାଲିକ ଗଭର୍ଣ୍ଣମେଣ୍ଟଙ୍କ ସେକ୍ରେଟେରୀଙ୍କୁ ସେମାନଙ୍କ ନାମ ଏବଂ ପ୍ରକାଶନ ସ୍ଥାନ ଜଣାଇବେ ।

୩ । ରବିବାର ଦିନ କୌଣସି ସମ୍ବାଦପତ୍ର ପ୍ରକାଶିତ ହେବନାହିଁ ।

୪ । ଗଭର୍ଣ୍ଣମେଣ୍ଟଙ୍କ ସେକ୍ରେଟେରୀ କିମ୍ବା ତାଙ୍କଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତି ଦ୍ୱାରା ପୂର୍ବରୁ ଯାଞ୍ଚ ନହେବା ପର୍ଯ୍ୟନ୍ତ କୌଣସି ସମ୍ବାଦପତ୍ର ପ୍ରକାଶିତ ହୋଇ ପାରିବ ନାହିଁ

୫ । ଉପରୋକ୍ତ ସର୍ତ୍ତର କୌଣସି ଖିଲାପ କଲେ ଦଣ୍ଡସ୍ୱରୂପ ତାଙ୍କୁ ଇଉରୋପକୁ ପଠାଇ ଦିଆଯିବ ।

ଏହି ରେଗୁଲେସନ୍ ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ହୋଇଥିଲା ଏବଂ Morning Post, The Calcutta Courier, The Telegraph, Oriental Star, India Gazettee, Asiatic mirror ପ୍ରଭୃତି ପତ୍ରିକାର ସଂପାଦକ ଏବଂ ସ୍ୱତ୍ତ୍ୱାଧିକାରୀମାନଙ୍କୁ ଏହି ହୁକୁମନାମାର ନକଲ ଯୋଗାଇ ଦିଆଯାଇଥିଲା ।

ଅକ୍ଟୋବର ୪ ତାରିଖ, ୧୮୧୩ ମସିହାରେ ଲର୍ଡ ହେଷ୍ଟିଂସ୍ ଗଭର୍ଣ୍ଣର ଜେନେରାଲ ନିଯୁକ୍ତ ହେଲେ । ସେ ତାଙ୍କର ଦାୟିତ୍ୱ ଗ୍ରହଣ କରିବାପରେ ପ୍ରେସକୁ ନିୟନ୍ତ୍ରଣ କରିବାଲାଗି ପୁନର୍ବାର ରେଗୁଲେସନ୍ ଜାରିକଲେ :

୧ । ସମସ୍ତ ସଂବାଦପତ୍ରର ପ୍ରତ୍ୟେକ ସଂଖ୍ୟାର ପ୍ରୁଫ୍ ତ୍ଡ଼ାନ୍ତ ପ୍ରକାଶନ ପୂର୍ବରୁ ଯାଞ୍ଚ ପାଇଁ ଚିଫ୍ ସେକ୍ରେଟେରୀଙ୍କ ନିକଟକୁ ପଠାଯିବ ।

୨। ସମସ୍ତ ନୋଟିସ୍ ହ୍ୟାଣ୍ଡବିଲ୍ ଏବଂ ଅନ୍ୟାନ୍ୟ ପ୍ରକାଶନ ମଧ୍ୟ ପୂର୍ବରୁ ଚିଫ୍ ସେକ୍ରେଟେରୀଙ୍କ ନିକଟକୁ ପଠାଯିବ।

୩। ଅନ୍ୟାନ୍ୟ ପ୍ରକାଶୋନ୍ମୁଖୀ ରଚନାର ନକଲ ମଧ୍ୟ ଚିଫ୍ ସେକ୍ରେଟେରୀଙ୍କ ଅବଗତି ପାଇଁ ଦାଖଲ କରାଯିବ। ଚିଫ୍ ସେକ୍ରେଟେରୀ ତାହାର ପ୍ରକାଶନ ଅନୁମୋଦନ କରିପାରନ୍ତି କିମ୍ବା ଆବଶ୍ୟକ ସ୍ଥଳେ ଅଗ୍ରିମ ଯାଞ୍ଚ କରିପାରନ୍ତି।

୪। ୧୩।୫।୧୭୯୯ ଏବଂ ୬।୮।୧୮୦୧ ଦିନ ପ୍ରଚଳିତ ଏହି ଆଇନ୍ ପୂରାପୂରି କାର୍ଯ୍ୟକାରୀ ହେବ ଏବଂ ସରକାରଙ୍କର ପୂର୍ବର ଅନୁମତିକ୍ରମେ ଏହି ନିୟମାବଳୀର ସଂଶୋଧନ କରାଯାଇ ପାରିବ।

ଲର୍ଡ଼ ହେଷ୍ଟିଙ୍ଗସ୍ ବ୍ୟକ୍ତିଗତ ଭାବରେ ପ୍ରେସ୍ ସ୍ୱାଧୀନତାର ବିରୋଧୀ ନଥିଲେ। ଏସିଆଟିକ୍ ମିରର୍‌ର ସଂପାଦକ ଜେମସ୍ ବ୍ରାୟ୍‌ସଙ୍କୁ ସେ ନିୟନ୍ତ୍ରଣ ବିରୋଧରେ ପ୍ରବର୍ତ୍ତାଇ ଥିଲେ।

ବ୍ରାୟ୍‌ସ ମଧ୍ୟ ୧୮୧୭ ମସିହାରେ ଅଭିଯୋଗ କରିଥିଲେ ଯେ ଚିଫ୍ ସେକ୍ରେଟେରୀ ଜନ୍ ଅଡ଼ାମ ଗୋଟିଏ ଗ୍ରନ୍ଥର ପ୍ରୁଫ୍ ନାକଚ କରି ତାଙ୍କ କ୍ଷମତାର ଅପବ୍ୟବହାର କରିଥିଲେ।

୧୮୧୮ ମସିହା ଏପ୍ରିଲ ମାସରେ ତଦାନୀନ୍ତନ ଆକଟିଂ ଚିଫ୍ ସେକ୍ରେଟେରୀ "Morning Post'ର ପ୍ରୁଫ୍ ନାକଚ କରିବା ଯୋଗୁଁ ମାଲିକ ଏବଂ ସଂପାଦକ ହିଟଲି- (Heatly) ତାର ପ୍ରତିବାଦ କରିଥିଲେ ଏବଂ ନାକଚ ହୋଇଥିବା ଆପତ୍ତିଜନକ ଅନୁଚ୍ଛେଦ ପ୍ରକାଶ କରିଥିଲେ। ସେ ଘୋଷଣା କରିଥିଲେ ଯେ ଜଣେ ଭାରତୀୟ ଭାବରେ ସେ ଯାଞ୍ଚର କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନଦ୍ୱାରା ଦାବ୍ୟସ୍ତ ହୋଇ ନ ପାରନ୍ତି। (as a native of India he was liable to no legal penalty for refusing to comply with the injunctions of the censor.) । ଏପରି ପ୍ରତିବାଦ ଯୋଗୁଁ ଲର୍ଡ ହେଷ୍ଟିଙ୍ଗସ୍ 'ସେନସର୍' ପଦ ଉଠାଇଦେଲେ ଏବଂ ସମ୍ବାଦପତ୍ର ଯାଞ୍ଚ ସମ୍ବନ୍ଧୀୟ ଆଇନ୍ କୋହଳ କରିଦେଲେ। ହେଷ୍ଟିଙ୍ଗସ୍‌ଙ୍କର ବିଶ୍ୱାସ ଥିଲା ଯେ ଭାରତବାସୀଙ୍କୁ ଅଜ୍ଞାନତା ଓ ଅନ୍ଧକାରରେ ରଖି ଇଂରେଜ ଶାସନ ଦୃଢ଼ୀଭୂତ କରାଯାଇ ନପାରେ (on keeping the natives immersed in ignorance.)। ସେଥିରେ ସେ ସମ୍ପାଦକମାନଙ୍କୁ କୋର୍ଟ ଅଫ୍ ଡ଼ିରେକ୍ଟରସ୍, ଇଂଲଣ୍ଡର ସାଧାରଣ ସଂସ୍ଥା, କାଉନ୍‌ସିଲର ମାନ୍ୟଗଣ୍ୟ ସଭ୍ୟ, ସୁପ୍ରିମ କୋର୍ଟ ବିଚାରପତି, କଲିକତାର ଲର୍ଡ ବିସପ୍‌ଙ୍କ ସମ୍ପର୍କରେ କୌଣସି ଆପତ୍ତିଜନକ ଲେଖା ପ୍ରକାଶ ନ କରିବାପାଇଁ ତାଗିଦା କରିଦେଇଥିଲେ। ଭାରତୀୟ ଜନସାଧାରଣଙ୍କ ମଧ୍ୟରେ କୌଣସି ପ୍ରକାର ଆତଙ୍କ ଅଶାନ୍ତି ସୃଷ୍ଟି କରିବାଭଳି ସମ୍ବାଦ, ଭାରତବର୍ଷରେ ଇଂରେଜମାନଙ୍କର ମର୍ଯ୍ୟାଦାହାନିକର କୌଣସି ସମ୍ବାଦ ପରିବେଷଣ ମଧ୍ୟ ନିଷିଦ୍ଧ କରାଯାଇଥିଲା। ସମାଜରେ ଦୁର୍ନୀତି, କୁସଂସ୍କାର ପ୍ରଚାର କରିବା ଭଳି ସମ୍ବାଦ ମଧ୍ୟ ନିଷିଦ୍ଧ କରାଯାଇଥିଲା। ଯାଞ୍ଚ ବ୍ୟବସ୍ଥା ଉଠାଇ ଦିଆଯାଇଥିଲା

କିନ୍ତୁ ପ୍ରେସ ଉପରେ ଇଷ୍ଟଇଣ୍ଡିଆ କମ୍ପାନୀର ନିୟନ୍ତ୍ରଣ ଆଦୌ ହ୍ରାସ ହୋଇନଥିଲା । ଯୁଗ ବ୍ୟାପୀ ବୈଦେଶିକ ଶାସନର ନିପୀଡ଼ନରେ ଭାରତର ସମସ୍ତ ରାଜନୈତିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ଶକ୍ତି ଏକପ୍ରକାର ବ୍ୟାହତ ହୋଇଥିଲା । ଭାରତୀୟମାନଙ୍କ ମଧ୍ୟରେ ବୌଦ୍ଧିକ ଚେତନାର ଅଭାବ ନଥିଲା; ମାତ୍ର ତାହାର ପ୍ରକାଶନ ଯେପରି ମନ୍ଦୀଭୂତ ହୋଇଯାଇଥିଲା, ସେଥିପାଇଁ ଇଷ୍ଟଇଣ୍ଡିଆ କମ୍ପାନୀ ଯେତେବେଳେ ବାଣିଜ୍ୟ ଉଦ୍ଦେଶ୍ୟରେ ଖଣ୍ଡ ଖଣ୍ଡ କରି ଭାରତ ଅଧିକାର କରିଥିଲେ ସେତେବେଳେ ବିଚ୍ଛିନ୍ନଭାବରେ କେଉଁଠି କେମିତି ପ୍ରତିବାଦ ଏବଂ ବିରୋଧ ପ୍ରକାଶ ପାଇଥିଲା ସିନା, ସଂଗଠିତ ବିପ୍ଳବ କିମ୍ବା ବିରୋଧର କୌଣସି ସୂଚନା ନଥିଲା । ଅର୍ଥନୈତିକ ଶୋଷଣ, ଦୁର୍ଭିକ୍ଷ, ଦେଶରେ ଗ୍ରାମ୍ୟଶିଳ୍ପ ଓ ବାଣିଜ୍ୟର ବିପର୍ଯ୍ୟସ୍ତ, କୃଷକମାନଙ୍କ ଉପରେ କରପୀଡ଼ା, ସତୀପ୍ରଥା, ବିଭିନ୍ନ ସାମାଜିକ କୁସଂସ୍କାର ଦେଶର ପ୍ରଗତି ଏବଂ ଉନ୍ନୟନକୁ ବରାବର ବ୍ୟାହତ କରୁ-ଥିଲା । ସଂକ୍ଷେପରେ କହିବାକୁ ଗଲେ ସମଗ୍ର ଦେଶ ଏକ ସାମାଜିକ ବିଶୃଙ୍ଖଳା ଏବଂ ଅସ୍ଥିରତା ଦ୍ୱାରା ଆକ୍ରାନ୍ତ ହୋଇଥିଲା । ମାତ୍ର ପାଶ୍ଚାତ୍ୟ ଶିକ୍ଷା ସଂସ୍କୃତିର ପ୍ରଭାବବଶତଃ ଏତାଦୃଶ ସାମାଜିକ ଅନଗ୍ରସରତା କ୍ରମେ କ୍ରମେ ଦୂରୀଭୂତ ହେବାରେ ଲାଗିଲା । ଅତୀତ ପ୍ରତି ଅନୁଧ୍ୟାନ, ବର୍ତ୍ତମାନ ସମସ୍ୟାର ଆଲୋଡ଼ନ ଇଂରେଜୀ ଶିକ୍ଷିତ ବୁଦ୍ଧିଜୀବୀମାନଙ୍କୁ ଅତି ଏକ ସାମାଜିକ ବିପ୍ଳବ ଏବଂ ରୂପାନ୍ତରର କର୍ମଯୋଜନାରେ ଉଦ୍‌ବୁଦ୍ଧ କରିଥିଲା । ଏତାଦୃଶ ଚିନ୍ତା ଓ ଚିନ୍ତନ ପରିପ୍ରେକ୍ଷୀରେ ଦେଶରେ ପତ୍ରିକାର ଆବିର୍ଭାବ ହୋଇଥିଲା ।

କମ୍ପାନୀ ସରକାର ଏବଂ ଖ୍ରୀଷ୍ଟିଆନ ମିଶନାରୀମାନଙ୍କର ସର୍ବବିଧ ଉଦ୍ୟମ ପରେ ଫଳପ୍ରସୂ ହୋଇଥିଲା (had sown the seeds which when time came broke in to rich and lovely aftergrowths of modern times) । ଫୋର୍ଟ ଉଇଲିୟମ କଲେଜ (ମେ, ୪ତାରିଖ ୧୮୦୦)ର ପୃଷ୍ଠପୋଷକତାରେ ବଙ୍ଗଳା ଗଦ୍ୟପୁସ୍ତକ ପ୍ରକାଶିତ ହୋଇଥିଲା, ଯଥା— କେରିକୃତ ବଙ୍ଗଳା ବ୍ୟାକରଣ, ରାଜାବଳୀ (ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାର), ହିତୋପଦେଶ (ଗୋଲୋକନାଥ ଶର୍ମା), ରାଜା ପ୍ରତାପାଦିତ୍ୟ ଚରିତ୍ର, ଲିପିମାଳା (ରାମ ରାମ ବସୁ), ରାମାୟଣ (୧୮୦୧), ମହାଭାରତ (୧୮୦୨) । ୧୮୧୧ ମସିହାରେ କଲିକତା ବାଇବଲ୍ ସୋସାଇଟି (Calcutta Bible Society) ଏବଂ ୧୮୧୭ରେ ସ୍କୁଲ୍ ବୁକ୍ ସୋସାଇଟି ସ୍ଥାପିତ ହୋଇ ବଙ୍ଗଳା ଭାଷା, ସାହିତ୍ୟ ଏବଂ ସଂବାଦପତ୍ର ପ୍ରସାର ଉଦ୍ଦେଶ୍ୟରେ ସାହାଯ୍ୟ କରିଥିଲା ।

୧୮୧୧ ମସିହାରୁ ୧୮୪୧ ମସିହା ମଧ୍ୟରେ ବଙ୍ଗଳା ଭାଷାରେ ବହୁପରିମାଣରେ ସାହିତ୍ୟକୃତି ପ୍ରକାଶିତ ହୋଇଥିଲା । ସେଥିମଧ୍ୟରେ ସମ୍ବାଦପତ୍ରଧର୍ମୀ ରଚନା ଏବଂ ସମ୍ବାଦପତ୍ରର ସଂଖ୍ୟା କମ୍ ନଥିଲା । ଏତାଦୃଶ ସାମୟିକ ରଚନାର ସଂଖ୍ୟା ଥିଲା ୭, ୦୨,୬୭୭ । ସାଧାରଣ ଅନୁଷ୍ଠାନର ଆବିର୍ଭାବ ମଧ୍ୟ ପତ୍ରପତ୍ରିକାର ପ୍ରସାରପାଇଁ ଅନୁକୂଳ ପରିବେଶ ସୃଷ୍ଟି କଲା । ୧୭୮୪ ମସିହାରେ (ଜାନୁୟାରୀ ୧୫ତାରିଖ) ୩୦ଜଣ ବିଦ୍ୱାନ୍‌ଙ୍କ

ସହାୟତାରେ ଗଠିତ ଏସିଆଟିକ୍ ସୋସାଇଟୀ (Asiatic Society) ଯେବେ ଭାରତର ସାଂସ୍କୃତିକ ଇତିହାସରେ ଏକ ନିର୍ଦ୍ଦିଷ୍ଟ ଘଟଣା, ତେବେ କଲିକତାରେ ରାଜା ରାମମୋହନ ରାୟଙ୍କ ନେତୃତ୍ୱରେ ପ୍ରତିଷ୍ଠିତ 'ଆତ୍ମୀୟ ସଭା' କିଂବା ଓଡ଼ିଶାରେ ୧୮୬୫ ମସିହାରେ ପ୍ରତିଷ୍ଠିତ ବହୁ ସାଂସ୍କୃତିକ ଅନୁଷ୍ଠାନ ଏବଂ ସମିତି ସଂବାଦପତ୍ରର ଉନ୍ନତି ପକ୍ଷେ ସହାୟକ ହୋଇଥିଲା । କଲିକତାରେ 'ସଂବାଦପତ୍ର'ର ବିକାଶ ପାଇଁ ଗୌଡ଼ୀୟ ସମାଜ' (୧୮୨୮), ଏକାଡେମିକ୍ ଆସୋସିଏସନ୍ (୧୮୨୮-୨୯), ଧର୍ମସଭା (୧୮୩୦) ସର୍ବତତ୍ତ୍ୱ ଦୀପିକା ସଭା (୧୮୩୨), ସାଧାରଣ ଜ୍ଞାନୋପାର୍ଜିକା ସଭା (୧୮୫୦), ବିଦ୍ୟୋତ୍ସାହିନୀ ସଭା (୧୮୫୩) ପ୍ରଭୃତି ଅନୁଷ୍ଠାନର ଭୂମିକା ଉଲ୍ଲେଖଯୋଗ୍ୟ ।

ଭାରତରେ ମୁଦ୍ରାଯନ୍ତ୍ର ଏବଂ ସଂବାଦପତ୍ରର ପ୍ରସାର କାର୍ଯ୍ୟ ବିଦେଶୀ ଶାସନର ବିରୋଧଯୋଗୁଁ ବରାବର ବ୍ୟାହତ ହୋଇଥିଲା । ପୂର୍ବଭାରତର କଲିକତା ନଗରୀହିଁ ଏହି ଶିଳ୍ପର ଥିଲା ମୁଖ୍ୟକେନ୍ଦ୍ର । ଅବଶ୍ୟ ସେହି ସମୟରେ ବମ୍ବେ, ମାନ୍ଦ୍ରାଜ ପ୍ରଭୃତି ସହରରେ ସମ୍ବାଦପତ୍ର ଏବଂ ସାଂବାଦିକତାର ବ୍ୟାପକ ପ୍ରସାର ଦେଖିବାକୁ ମିଳେ । ସରକାରଙ୍କ ଶାସନନୀତି ଓ ପରିଚାଳନା ବିରୋଧରେ ଯେ କୌଣସି ପ୍ରକାର ସଂବାଦ ପରିବେଷଣ ରାଜଦ୍ରୋହ କାର୍ଯ୍ୟ ରୂପେ ବିବେଚିତ ହେଉଥିଲା । ସଂବାଦପତ୍ରର ସ୍ୱାଧୀନତା ସେତେବେଳେ ଉଭୟ ଭାରତ ଏବଂ ବିଲାତରେ ବହୁ ତର୍କବିତର୍କ ଏବଂ ଆଲୋଚନାର ବିଷୟ ଥିଲା । ବୋର୍ଡ ଅଫ୍ କଣ୍ଟ୍ରୋଲର ସଭାପତି ଡନ୍ ଦାସ (Dun Das) ୧୮୧୧ରେ ବିଲାତ ପାର୍ଲିଆମେଣ୍ଟରେ ଉପସ୍ଥାପିତ କରିଥିଲେ—"No doubt the very Government would be shaken to its foundations if unlicensed publications were allowed to circulate over the continent of Hindusthan."

ଊନବିଂଶ ଶତାବ୍ଦୀରେ ସରକାରଙ୍କ ଏତାଦୃଶ ବିରୋଧାତ୍ମକ ପ୍ରତିକୂଳ ମନୋଭାବହିଁ ଭାରତବର୍ଷରେ ସଂବାଦପତ୍ର ପ୍ରତିଷ୍ଠା, ପ୍ରଚାର ପର୍ଯ୍ୟାୟରେ ପରିଲକ୍ଷିତ ହୁଏ । ଇଷ୍ଟଇଣ୍ଡିଆ କମ୍ପାନୀ ସରକାର ଏବଂ ପରବର୍ତ୍ତୀ ଇଂରେଜ ସରକାରଙ୍କ ଦମନଲୀଳା ଏବଂ ଭୀଷଣ ବିରୋଧକୁ ହିଁ ଜନମତର ଜାଗ୍ରତ ପ୍ରହରୀ ସଦୃଶ ଭାରତୀୟ ସଂବାଦପତ୍ରର ଜନ୍ମ, ପ୍ରସାର ଏବଂ ପ୍ରତିଷ୍ଠା ସମ୍ଭବ ହୁଏ । ଶାସକ କପଟ ସମ୍ବାଦପତ୍ର ଏବଂ ସ୍ୱାଧୀନଚେତା ସମ୍ପାଦକଙ୍କର ମନ୍ତବ୍ୟ ପ୍ରତି ପ୍ରତିହିଂସା ପ୍ରକାଶ କରୁଥିଲେ ସେ ତାହାର ଉଦାହରଣ ଦେଇଛନ୍ତି "Twice the brindled cat hath mewed." ବିଭିନ୍ନ ସମୟରେ ବିଭିନ୍ନ ପ୍ରେସ୍ ଅର୍ଡିନାନସହିଁ ଊନବିଂଶ ଶତାବ୍ଦୀର ଭାରତୀୟ ରାଜନୈତିକ ଚକ୍ରବାଳରେ ଦୁର୍ବାର କୃଷ୍ଣମେଘ ସୃଷ୍ଟି କରୁଥିଲା । ମାତ୍ର ସଂବାଦପତ୍ର ଉଦ୍ୟୋକ୍ତାମାନଙ୍କର ନିର୍ଭୀକତା, ନିଷ୍ଠା ଏବଂ ଅଭ୍ୟନ୍ତରୀଣ ଅନୁରକ୍ତିରୂପ ଦୁର୍ଦ୍ଦାନ୍ତ ଝଡ଼ରେ ସେହି ମେଘ କେତେବେଳେ ଉଡ଼ିଯାଉଥିଲା; କେତେବେଳେ ଅବା ସାମୟିକ ବର୍ଷା ସୃଷ୍ଟି କରି ଦେଶର ରାଜନୈତିକ ଜଳବାୟୁକୁ କର୍ଦ୍ଦମାକ୍ତ କରୁଥିଲା । ସେଥିପାଇଁ ଭାରତର କୌଣସି ଅଞ୍ଚଳରେ ଗୋଟିଏ

ପ୍ରବାଦ ଶୁଣାଯାଏ—"The monarchs were more afraid of the pen of Abul Fazal than of the sword of Akbar."

ଦିଗ୍ବିଜୟୀ ନେପୋଲିୟନଙ୍କର ମନ୍ତବ୍ୟ—"ଗୋଟାଏ ବିରୋଧୀ ସଂବାଦପତ୍ର ଯଥାର୍ଥରେ ସ୍ୱୀୟ ପକ୍ଷ ସୈନ୍ୟବାହିନୀର ବଳବୃଦ୍ଧି ଅପେକ୍ଷା ଆହୁରି ଅଧିକ ଶକ୍ତିଶାଳୀ । ବିଦ୍ରୋହ, ବିପ୍ଳବ, ଗୁପ୍ତ ରାଜନୈତିକ ଷଡ଼ଯନ୍ତ୍ରର ଭ୍ରୂଣ ସଞ୍ଚାରକାରୀ ଆୟୁଧ ଭାବରେ ସଂବାଦପତ୍ରର ପ୍ରସାର ନିରଙ୍କୁଶ, ଏକଚ୍ଛତ୍ରବାଦୀ ଶାସକବର୍ଗଙ୍କୁ ବିବ୍ରତ କରିଥାଏ । ଜନସାଧାରଣଙ୍କ ଅଭାବ, ଅସୁବିଧା, ଅଭିଯୋଗକୁ ସ୍ୱୀୟ ପୃଷ୍ଠାରେ ପ୍ରତିଫଳିତ କରି ସଂବାଦପତ୍ର ସରକାରଙ୍କ ସହିତ ସେହିସବୁ ସମସ୍ୟା ସମାଧାନରେ ପ୍ରଭୂତ ସହାୟତା କରିପାରେ । ପ୍ରେସ ରେଗୁଲେସନ୍ ସତ୍ତ୍ୱେ ଭାରତୀୟମାନେ କ୍ରମେ କ୍ରମେ ସାଂବାଦିକତା ଏବଂ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିଲେ । ଫଳରେ ଇଂରେଜୀଭାଷା ସହିତ ପରେ ସ୍ଥାନୀୟ ପ୍ରାଦେଶିକ ଭାଷାମାନଙ୍କରେ ସଂବାଦପତ୍ର ପ୍ରକାଶିତ ହୋଇଥିଲା । ବଙ୍ଗଳାରେ ରାମମୋହନ ରାୟ ପ୍ରମୁଖ ସଂସ୍କାରକମାନଙ୍କ ଆବିର୍ଭାବ ଭାରତୀୟ ସଂବାଦପତ୍ରର ବିକାଶର ପଥ ସୁଗମ କରିଥିଲା । ମିଷ୍ଟର ଆର୍. ସି. ଦତ୍ତଙ୍କ ଭାଷାରେ—"That system of constitutional agitation for political rights which their countrymen have learned to value so much in the present day."

ଭାରତର ସଂବାଦପତ୍ର ଆନ୍ଦୋଳନ ରାଜନୈତିକ ଅଧିକାର ସଚେତନତାର ଆଦ୍ୟ ବିସ୍ଫୋରଣ । ସଂବାଦପତ୍ର ମାଧ୍ୟମରେ ଜନସାଧାରଣଙ୍କୁ ଶିକ୍ଷିତ କରିବା ଆବଶ୍ୟକ ପଡ଼ିଲେ ପାଶ୍ଚାତ୍ୟବୌଦ୍ଧିକ ସମ୍ଭାରକୁ ସ୍ଥାନୀୟ ପ୍ରଦେଶିକ ଭାଷାରେ ଅନୁଦିତ କରିବା, ଜନମତ ସଂଗଠିତ କରିବା—ଏପରି ବହୁ ଯୁକ୍ତି ଭାରତୀୟ ସଂବାଦପତ୍ର ପ୍ରବର୍ତ୍ତକମାନଙ୍କ ପକ୍ଷରୁ ଉପସ୍ଥାପନ କରାଯାଇଥିଲା । ତଥାପି ପ୍ରେସ୍ ରେଗୁଲେସନ୍ ଅନୁଯାୟୀ ଜଣେ ନିର୍ଭୀକ ସମ୍ପାଦକ ଏବଂ ସାଂବାଦିକର ଯଥାର୍ଥ ପୁରସ୍କାର ଥିଲା କାରାଦଣ୍ଡ, ଅର୍ଥଦଣ୍ଡ, ଦ୍ୱୀପାନ୍ତର ନିର୍ବାସନ ।

ଭାରତୀୟ ପ୍ରାଦେଶିକ ଭାଷାମାନଙ୍କରେ ସଂବାଦପତ୍ରର ପ୍ରକାଶନ ସହିତ ବଙ୍ଗଳାର ସଂସ୍କାରକ, ନବଯୁଗ ଏବଂ ନବଶିକ୍ଷାର ପ୍ରବର୍ତ୍ତକ ରାମମୋହନ ରାୟଙ୍କର ନାମ ବିଶେଷଭାବରେ ଜଡ଼ିତ ଥିଲା । ଅବଶ୍ୟ ତାଙ୍କ ପୂର୍ବରୁ ବଙ୍ଗ ଭାଷାରେ ଶ୍ରୀରାମପୁରସ୍ଥିତ ଖ୍ରୀଷ୍ଟିୟାନ ପାଦ୍ରୀମାନେ ସରକାରଙ୍କର ଅନୁମତି କ୍ରମେ ସ୍ଥାନୀୟ ଭାଷାରେ ପତ୍ରିକା ପ୍ରକାଶ କରୁଥିଲେ । ଏତାଦୃଶ ପତ୍ରିକା ମଧ୍ୟରେ 'ଦିଗ୍‌ଦର୍ଶନ' (ମାସିକ ଫେବୃୟାରୀ ୧୮୧୮)ର ନାମ ଉଲ୍ଲେଖଯୋଗ୍ୟ । ମାର୍ସମାନ ଏହି ପତ୍ରିକାର ଦାୟିତ୍ୱ ଗ୍ରହଣ କରିଥିବାର ଜଣାଯାଏ, କିନ୍ତୁ ସରକାରଙ୍କ କଡ଼ା ନିର୍ଦ୍ଦେଶ ହେତୁ ରାଜନୈତିକ ବ୍ୟାପାର ସହିତ 'ଦିଗ୍‌ଦର୍ଶନ' ଜଡ଼ିତ ନହୋଇ ବରଂ ସାଧାରଣଙ୍କ ଆଦରଣୀୟ ସଂବାଦ, ଘଟଣାବଳୀ, ବିଭିନ୍ନ ବୈଜ୍ଞାନିକ ଆବିଷ୍କାର ଶୀର୍ଷକ ସଂବାଦ ପ୍ରକାଶନରେ ନିଜକୁ ସଂପୃକ୍ତ କରିଥିଲେ । ସରକାରୀ କଟକଣା, ଯାହାସତ୍ତ୍ୱେ ସୀମିତ ସମ୍ବାଦ ଏବଂ ତଥ୍ୟ

ପରିବେଷଣ କରି 'ଦିଗ୍‌ଦର୍ଶନ' ଜନସାଧାରଣଙ୍କ ମଧ୍ୟରେ ବେଶ୍ ଗୁଞ୍ଜଳା ସୃଷ୍ଟି କରିଥିଲା; ଯାହା ଫଳରେ ଦେଶରେ ଏକ ଋଚନା ମଧ୍ୟରେ ସମ୍ବାଦପତ୍ରର ସଚେତନତା ସଞ୍ଚାରିତ ହେଲା ଏବଂ ଏହାର ଅଶୁ ପରିଣତି ସ୍ୱରୂପ ଏକ ନୂତନ ସାପ୍ତାହିକ ସମ୍ବାଦପତ୍ରର ଆବିର୍ଭାବ ଘଟିଥିଲା । ତାହା ହେଉଛି ମାର୍ସମାନଙ୍କ ସଂପାଦିତ 'ସମାଚାର ଦର୍ପଣ' (ମେ ମାସ ୨୩ ତାରିଖ, ୧୮୧୮) ଉଦାମକନ ପରିଷ୍ଫିତ ଏବଂ ଗାଦୃଶ ସାପ୍ତାହିକ'ର ଉପାଦେୟତା ସମ୍ଭବତଃ ଲର୍ଡ ହେଷ୍ଟିଙ୍ଗିସ୍‌ଙ୍କ ସହାନୁଭୂତିଶୀଳ ଦୃଷ୍ଟି ଆକର୍ଷଣ କରିବାକୁ ସମର୍ଥ ହୋଇଥିଲା ! ଏପରିକ 'ସମାଚାର ଦର୍ପଣ'ର ପ୍ରକାଶନ 'ଉତ୍ଥାନ ପତନ' ସହିତ ବିଭିନ୍ନ ସଂପାଦକ ଏବଂ ସଞ୍ଚାଳକଙ୍କ ଉଦ୍ୟମରେ ୧୮୫୧ ପର୍ଯ୍ୟନ୍ତ ଚାଲୁରହିଥିଲା । ୧୮୧୬ରେ 'ବେଙ୍ଗଲ ଗେଜେଟ' ଅଳ୍ପଦିନ ପାଇଁ ପ୍ରକାଶିତ ହୋଇଥିବା ସତ୍ତ୍ୱେ 'ସମାଚାର ଦର୍ପଣ'କୁ ବଙ୍ଗଳା ଏବଂ ଭାରତବର୍ଷର ରାଜନୈତିକ ଏବଂ ସାମାଜିକ ପରିବର୍ତ୍ତନ ସ୍ତରରେ ସର୍ବପ୍ରଥମ ସମ୍ବାଦପତ୍ର ବୋଲି ଦାବୀ କରାଯାଏ ।

ସେହିପରି ୧୮୨୨ ଜୁଲାଇ ୧ ତାରିଖରେ ବମ୍ବେରୁ ପ୍ରକାଶିତ 'ବମ୍ବେ ସମାଚାର' ୧୮୭୦ରେ ଦୈନିକରେ ପରିଣତ ହୋଇଥିଲା । ବମ୍ବେ ସମାଚାର' ପ୍ରଥମ ଅବିର୍ଭାବ ସମୟରେ ସରକାରୀ ପତ୍ରିକାର ପରି ଶ (୫୦) ବର୍ଷପାଇଁ ଗ୍ରାହକ ହୋଇଥିବାର ଜଣାଯାଏ ।

ଭାରତୀୟ ରାଜନୈତିକ ଏବଂ ସାମ୍ବାଦିକତାର ଇତିହାସରେ ୧୮୫୦ ମସିହା ସୁଦ୍ଧା ଏତାଦୃଶ ସୀମିତ ସମ୍ବଳ ମଧ୍ୟରେ ସମ୍ବାଦପତ୍ରସମୂହର ଆବିର୍ଭାବ ଏବଂ ପ୍ରସାର ଘଟିଥିଲା । ୧୮୬୧ମସିହା ସୁଦ୍ଧା ସମଗ୍ର ଭାରତବର୍ଷରେ ପ୍ରକାଶିତ ସମ୍ବାଦପତ୍ର ଏବଂ ସାହିତ୍ୟ କ୍ଷେତ୍ରରେ ସଂଖ୍ୟା ଥିଲା ମାତ୍ର ୨୫୪ । ସେତେବେଳେ ସମ୍ବାଦପତ୍ର ଓ ସାଂବାଦିକତା କେବଳ ଜନସାଧାରଣଙ୍କ ସାମୂହିକ,ଶିକ୍ଷାର୍ଜନ ଜ୍ଞାନାର୍ଜନ ସହିତ ସଂପୃକ୍ତ ଥିଲା ।

ରାମମୋହନ ରାୟଙ୍କୁ ଭାରତୀୟ ସମ୍ବାଦପତ୍ର ଏବଂ ସାମ୍ବାଦିକତାର ଏକରକମ ପ୍ରବର୍ତ୍ତକ, ପୃଷ୍ଠପୋଷକ ରୂପେ ଗ୍ରହଣ କରାଯାଇଥାଏ । ତାଙ୍କର କର୍ମମୟ ଜୀବନର ବିପୁଳ ବ୍ୟାପ୍ତି, ପ୍ରସାର ସହିତ ବଙ୍ଗଭାଷା ଏବଂ ସମାଜର ନବଜାଗରଣ ପ୍ରକ୍ରିୟା ସଂଶ୍ଳିଷ୍ଟ ଥିଲା । ସେ ଥିଲେ ଧର୍ମପ୍ରଚାରକ, ସମାଜସଂସ୍କାରକ, ଭାରତୀୟ ଭାଷା, ଶିକ୍ଷା ଏବଂ ସଂସ୍କୃତି କ୍ଷେତ୍ରରେ ନବଯୁଗର ଉଦ୍‌ଗାତା । ସମୀକ୍ଷକମାନଙ୍କ ବର୍ଣ୍ଣନା ଅନୁଯାୟୀ ରାମମୋହନ ରାୟ ଆଧୁନିକ ସମ୍ବାଦପତ୍ରର ଯଥାର୍ଥ ଭିତ୍ତିଭୂମି ସ୍ଥାପନ କରିଥିଲେ ।

"Laid the foundation of all the principal modern movements for the elevation of our people"

ଏହି ପ୍ରସଙ୍ଗରେ ସାପ୍ତାହିକ 'ସମ୍ବାଦ କୌମୁଦୀ' (ଡ଼ିସେମ୍ବର ୨୧ ତାରିଖ, ୧୮୨୧) ଏବଂ ଜନସାଧାରଣଙ୍କ କଲ୍ୟାଣ ଦୃଷ୍ଟିରୁ ତା'ର ଘୋଷିତ ନୀତି ଏଠାରେ ସ୍ମରଣୀୟ । ସ୍ୱୟଂ ରାମମୋହନ ଏହି ସାପ୍ତାହିକର ଥିଲେ ପ୍ରବର୍ତ୍ତକ । ଜଣେ ସ୍ୱଦେଶୀ ସଂପାଦକଙ୍କଦ୍ୱାରା ସଂପାଦିତ ସଂବାଦପତ୍ର ଭାବରେ 'ସଂବାଦ କୌମୁଦୀ'ର ଦାବୀ ସର୍ବସ୍ୱୀକୃତ । 'ସମ୍ବାଦ

କୌମୁଦୀ' ସହିତ ପ୍ରତିଯୋଗିତା କରି କିଛି ଦିନପରେ ସାପ୍ତାହିକ 'ସମାଚାର ଚନ୍ଦ୍ରିକା' ଆତ୍ମପ୍ରକାଶ କଲା । ୧୮୨୨ ମସିହାରେ ରାମମୋହନ ବଙ୍ଗଳା ଏବଂ ଇଂରାଜୀ ଭାଷାର ସମ୍ପାଦନା ସହିତ ପାର୍ଶୀ ଭାଷାର ସମ୍ପାଦନା ଉପଲବ୍ଧି କରି ପ୍ରଥମ ସାପ୍ତାହିକ ପାର୍ଶୀ ସମ୍ବାଦପତ୍ର 'ମିରାତ-ଅଲ-ଅଖବାର' ସଂପାଦନା କରିଥିଲେ । ତତ୍କାଳୀନ ଭାରତୀୟ ପରିସ୍ଥିତିରେ ଏପରି ପ୍ରକାଶିତ ସମ୍ବାଦପତ୍ରର ସଂପାଦକୀୟ ଲେଖାସବୁ ସମାଜ, ସଂସ୍କୃତି ଏବଂ ମାନବ ଜାତିର ମୌଳିକ ସତ୍ତାର ଗଭୀର ଅନୁଧ୍ୟାନ ତଥା ବଳିଷ୍ଠ ଆଦର୍ଶଦ୍ୱାରା ଚିହ୍ନିତ ହେଉଥିଲା । ଏପରି ସଂପାଦକୀୟ ରଚନା ଏବଂ ସ୍ଥାନୀୟ ଘଟଣାବଳୀ ସମୟେ ସମୟେ ଶାସକବର୍ଗଙ୍କୁ ସୁହାଉ ନଥିଲା । ଫଳରେ ସମାଜ ଓ ଦେଶବାସୀଙ୍କ ପକ୍ଷରେ ଯେଉଁ ସମ୍ବାଦ ପରିବେଷଣ କଲ୍ୟାଣମୂଳକ ବୋଲି ବିବେଚିତ ହେଉଥିଲା ତାହା ପ୍ରତିକୂଳ ମନୋଭାବସଂପନ୍ନ ଶାସକଙ୍କ ଦୃଷ୍ଟିରେ ଥିଲା—'Extremely offensive' ଏପରି ଦ୍ୱନ୍ଦ୍ୱ ଏବଂ ସଂଘର୍ଷ ମଧ୍ୟରେ ଅନେକ ସମୟରେ ସମ୍ବାଦପତ୍ରକୁ ଅଯଥା କଟକଣା ଏବଂ ଅବାଂଛିତ ସରକାରୀ ଶୃଙ୍ଖଳାର ଶରବ୍ୟ ହେଉଥିଲା । ଫଳରେ ସମ୍ବାଦପତ୍ର ଅସ୍ଥନକ ଭାବରେ ବନ୍ଦ ହୋଇଯାଉଥିଲା । ତଥାପି ୧୮୫୦ ମସିହାବେଳକୁ ବଙ୍ଗଳା ଏବଂ ଭାରତର ଅନ୍ୟାନ୍ୟ ପ୍ରଦେଶରେ ସମ୍ବାଦପତ୍ରର ଯେଉଁ ସ୍ଥିତି ଓ ଅଗ୍ରଗତି, ଓଡ଼ିଶାରେ ତାହା ପ୍ରାୟତଃ ପରିଦୃଷ୍ଟ ହୁଏନାହିଁ । ଓଡ଼ିଶାରେ ସମ୍ବାଦପତ୍ର ଏବଂ ସାମ୍ବାଦିକତାର ଆବିର୍ଭାବ ଏବଂ ପ୍ରସାର କାର୍ଯ୍ୟ ତତ୍କାଳୀନ ଭାରତୀୟ ପରମ୍ପରା ଏବଂ ଭାରତୀୟ ପ୍ରେରଣାଦ୍ୱାରା ଅବଶ୍ୟ ପ୍ରଭାବିତ ହୋଇଥିବ । ସେଥିପାଇଁ ଓଡ଼ିଶାର ଗତ ଏକଶତ ବର୍ଷର ରାଜନୈତିକ, ସାମାଜିକ ଏବଂ ସାଂସ୍କୃତିକ ସ୍ଥିତିର ଅଧ୍ୟୟନରେ ସମ୍ବାଦପତ୍ର ଏବଂ ସାମ୍ବାଦିକତାର ସୂତ୍ର ଖୋଜି ବାହାରକରି ଏକ ସିଦ୍ଧାନ୍ତରେ ଉପନୀତ ହେବା ଆବଶ୍ୟକ ।

୧୮୬୦ ମସିହାରେ ସାପ୍ତାହିକ 'ବମ୍ବେ ସମାଚାର' ଦୈନିକରେ ପରିଣତ ହେଲା । ପ୍ରାରମ୍ଭରୁ ଭାରତୀୟ 'ସମ୍ବାଦପତ୍ର' ଜନସାଧାରଣଙ୍କର ଶିକ୍ଷାଦାନ ମାଧ୍ୟମରୂପେ ନିଜର ଭୂମିକା ସୃଷ୍ଟି କରିପାରିଥିଲା । ସେହିପରି 'ବଙ୍ଗଦୂତ (Bengal Herald) ବଙ୍ଗଳା, ଇଂରାଜୀ, ପାର୍ଶୀ ଏବଂ ନାଗରୀ ଭାଷାରେ ଗଦ୍ୟ ସାହିତ୍ୟର ବ୍ୟାପକ ପ୍ରୟୋଗ, ପ୍ରଚାର ଏବଂ ପ୍ରସାର କରିଥିଲା । ବଙ୍ଗଳାରେ ସେଥିପାଇଁ ରାମମୋହନ ରାୟଙ୍କ ଅକ୍ଳାନ୍ତ ଉଦ୍ୟମ ଫଳରେ ସମ୍ବାଦପତ୍ରସମୂହ ଜନସାଧାରଣଙ୍କ ଜୀବନରେ କଥିତ ଭାଷା ଏବଂ ଗଦ୍ୟର ଶକ୍ତିଶାଳୀ କାର୍ଯ୍ୟକାରୀ ମାଧ୍ୟମ ତଥା ଅସ୍ତ୍ରରୂପେ ପ୍ରତିଷ୍ଠିତ ହୋଇପାରିଥିଲା । ଊନବିଂଶ ଶତାବ୍ଦୀରେ ପ୍ରତ୍ୟେକ ଭାରତୀୟ ଭାଷା ଏବଂ ସାହିତ୍ୟ ତାର ପୂର୍ବଯୁଗ ଆଲଙ୍କାରିକ କାବ୍ୟ ପରମ୍ପରାର ଦୃଢ଼ ବନ୍ଧନରେ ବିନ୍ୟସ୍ତ ହୋଇ ରହିଥିଲା । କାବ୍ୟ ସଙ୍ଗୀତର ପ୍ରାଚୁର୍ଯ୍ୟ ମଧ୍ୟରେ ଗଦ୍ୟ ଏକରକମ ସତ୍ତାଶୂନ୍ୟ ଅବସ୍ଥାରେ ଥିଲା । ସାଧାରଣ ଜୀବନରେ ଗଦ୍ୟ ପାରିବାରିକ ସ୍ତରରେ କଥୋପକଥନ ଭାବରେ ଆଦାନ ପ୍ରଦାନ ମଧ୍ୟରେ ସୀମିତ ଥିଲା । ସାଧାରଣ ଜୀବନ ସ୍ତରରେ ଆଦାନ ପ୍ରଦାନର ଅଭିମୁଖ୍ୟ ଭାବରେ ଗଦ୍ୟର ଏକ ନିର୍ଦ୍ଦିଷ୍ଟ ଶୈଳୀ ପ୍ରବର୍ତ୍ତିତ ହୋଇପାରି ନ ଥିଲା ।

ପୁନଶ୍ଚ ସୀମିତ ପରିମିତ ଗଦ୍ୟ ରଚନାର ଲକ୍ଷଣ ଥିଲା ସଂସ୍କୃତ ଶୈଳୀ ଆଧାରିତ । ତେଣୁ ଗଦ୍ୟର ସ୍ୱାଭାବିକ ଶକ୍ତି ଓ ମର୍ଯ୍ୟାଦା ପରିସ୍ଫୁଟ ହୋଇପାରୁ ନଥିଲା । ସତେ ଯେପରି ସାହିତ୍ୟରେ ଗଦ୍ୟରାଜ୍ୟ ଥିଲା ଏକ କଣ୍ଟକାକୀର୍ଣ୍ଣ ଜଙ୍ଗଲ ଆଉ ସେହି ଜଙ୍ଗଲ ପରିଷ୍କାର କରି ପ୍ରକୃତ ଶକ୍ତିଶାଳୀ ଗଦ୍ୟ-ବସ୍ତୁ ସମୂହକୁ ଉଦ୍ଧାର କରିବା ଥିଲା ସେହି ଯୁଗର ସମ୍ବାଦ-ପତ୍ରର ସମ୍ପାଦକମାନଙ୍କ ଲକ୍ଷ୍ୟ । ରାମମୋହନ ରାୟ ତାଙ୍କ ପ୍ରଣୀତ 'ବେଦାନ୍ତଗ୍ରନ୍ଥ'ର ଭୂମିକାରେ ଗଦ୍ୟ କିପରି ସରଳ, ପ୍ରତ୍ୟକ୍ଷ ଏବଂ ସାହିତ୍ୟଶ୍ରୀ ମଣ୍ଡିତ ହେବ ତା'ର ସୂଚନା ଦେଇଥିଲେ । ତାଙ୍କର ସୂଚନା ଥିଲା, "The written language being unfamiliar, many people are unable to make out with case the sense of any prose written in the Bengali by satisfactory connecting two or three consecutive sentences."

ଗଦ୍ୟ ସାହିତ୍ୟରେ ବାକ୍ୟ ସମୂହ ପୂର୍ଣ୍ଣଚ୍ଛେଦ ଏବଂ ଅନ୍ୟାନ୍ୟ ଉଦ୍ଧୃତି ଚିହ୍ନ ତଥା ବ୍ୟାକରଣଗତ ଲକ୍ଷଣଦ୍ୱାରା ସଂଯୋଜିତ ଓ ଶୃଙ୍ଖଳିତ ହେଉ ନଥିଲା । ତେଣୁ ପ୍ରତ୍ୟେକ ଭାଷାର ସମ୍ବାଦପତ୍ରର ଭୂମିକାରେ ଗଦ୍ୟର ଭାଷାକୁ ଆଧୁନିକ,ଶକ୍ତିଶାଳୀ ଏବଂ ପ୍ରେରଣାପୂର୍ଣ୍ଣ କରିବାର ପ୍ରକ୍ରିୟା ହିଁ ପରିଦୃଷ୍ଟ । ଭାରତପରି ବିଶେଷତଃ ଓଡ଼ିଶା ପରି ସମସ୍ୟା ବହୁଳ ରାଜ୍ୟରେ ସମ୍ବାଦପତ୍ର ପ୍ରକାଶନର ଅଭିଳାଷ ଏକ ଦୁଃସାହସିକ ବ୍ୟୟସାପେକ୍ଷ ପଦକ୍ଷେପ ବୋଲି ବିବେଚିତ ହେଉଥିଲା । ସମ୍ଭବତଃ ଓଡ଼ିଶାରେ ସମ୍ବାଦପତ୍ର ଏବଂ ପତ୍ରପତ୍ରିକାର ଆବିର୍ଭାବ ଖୁବ୍ ବିଳମ୍ବିତ ହୋଇଥିବାର ଏହାହିଁ ପ୍ରଥମ ଏବଂ ମୁଖ୍ୟ କାରଣ । ଆର୍ଥିକ ଅଭାବ ବ୍ୟତୀତ ଅନ୍ୟ ଯେଉଁ କାରଣ ଥିଲା, ତାହା ହେଉଛି ଓଡ଼ିଆ ଅକ୍ଷରର ଅଭାବ । ଏହା ପ୍ରତ୍ୟେକ ପ୍ରାଦେଶିକ ଭାଷାରେ ପ୍ରଥମେ ପ୍ରତିବନ୍ଧକ ସୃଷ୍ଟି କରିଥିଲା । ଏପରିକି ଜାତୀୟତାବାଦୀ 'ଅମୃତ ବଜାର ପତ୍ରିକା' ସେ ସମୟରେ ବଙ୍ଗଳା ଅକ୍ଷରର ଅଭାବ ଯୋଗୁଁ ସମ୍ଭବତଃ ନିଜକୁ ଇରାଜୀ ପତ୍ରିକା ରୂପରେ ପରିଣତ କରିଥିଲା ।

ଓଡ଼ିଶାର ପ୍ରଥମ ସାପ୍ତାହିକ ଉତ୍କଳ ଦୀପିକା (୧୮୬୬) ପ୍ରଥମେ ପଥର ଆଉ କାଠ ଖୋଦେଇ ଟାଇପ୍‌ରେ ଛପାହେବା କଥା ଏକ ଜ୍ୱଳନ୍ତ ଉଦାହରଣ । ରାଜ୍ୟରେ ସମ୍ବାଦ ପରିବେଷଣ, ସମ୍ବାଦପତ୍ର ପ୍ରସାର କାର୍ଯ୍ୟରେ ରତ ସମ୍ପାଦକ ଏବଂ ସମାଜସେବୀମାନଙ୍କର ସମସ୍ତ ନିଷ୍ଠା, ଆନ୍ତରିକତା ଏବଂ ଉଦ୍ୟମକୁ ଏତାଦୃଶ ବୈଷୟିକ ଅଭାବ ବ୍ୟାହତ କରୁଥିଲା । ପୁନଶ୍ଚ ସମ୍ବାଦ ସଂଗ୍ରହ, ପରିବେଷଣ, ଡାକ ପ୍ରେରଣ, ଟେଲିଗ୍ରାଫ୍ ଓ ଅନ୍ୟାନ୍ୟ ସରଞ୍ଜାମ ସୀମିତ ଯୁଗରେ କମ୍ କଷ୍ଟସାଧ୍ୟ ବ୍ୟାପାର ନଥିଲା । ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ପରିବହନ ବ୍ୟବସ୍ଥା ଏତେବଡ଼ ପ୍ରକାଣ୍ଡ ଦେଶରେ ବ୍ୟାପକ ନଥିଲା । ପୁନଶ୍ଚ ଆଧୁନିକ ଅର୍ଥରେ ଶିକ୍ଷା ଏବଂ ସ୍ୱାକ୍ଷରତାର ମାନ ମଧ୍ୟ ସର୍ବାପେକ୍ଷା ଅବହେଳିତ ଏବଂ ଅନୁନ୍ନତ ଅବସ୍ଥାରେ ଥିଲା । ଏହିପରି ଜଟିଳ ଅବସ୍ଥାରେ ଭାରତୀୟ ସମ୍ବାଦପତ୍ର ଏବଂ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା କ୍ଷେତ୍ରରେ ସରକାରୀ କଟକଣା, କଠୋର ନୀତି ବେଳେବେଳେ ଅଚଳ ଅବସ୍ଥା ସୃଷ୍ଟି କରୁଥିଲା । ଲର୍ଡ ବେଣ୍ଟିକ୍ ସରକାରଙ୍କର କଠୋର ମନୋଭାବ

ସତ୍ତ୍ୱେ ସମ୍ବାଦପତ୍ରମାନଙ୍କ ପ୍ରତି ଅପେକ୍ଷାକୃତ ସହାନୁଭୂତିଶୀଳ ମନୋଭାବ ପ୍ରଦର୍ଶନ କରିଥିଲେ ଏବଂ ଲର୍ଡ଼ ଆମର୍ହଷ୍ଟ ମଧ୍ୟ ପ୍ରେସ୍ ଆଇନକାନୁନ୍‌ରେ କେତେକ ସଂସ୍କାର ସାଧନ କରିଥିଲେ । ଏହା ମୂଳରେ ସେମାନଙ୍କର ଉଦାର ଦୃଷ୍ଟିକୋଣ ହିଁ ଥିଲା ପ୍ରଧାନ କାରଣ । ଚାର୍ଲସ ମେଟ୍‌କାଫ୍ ପ୍ରେସ୍ ସମ୍ବାଦପତ୍ର ସମୂହକୁ କେତେକ ସ୍ୱାଧୀନତା ଅର୍ପଣ କରିଥିଲେ । ୧୮୩୫ ମସିହାରେ ଆଇନ ପ୍ରଣୟନ ଏହି ସ୍ୱାଧୀନତାର ନିଦର୍ଶନ । ଏହା ପରେ ମୁଦ୍ରାଯନ୍ତ୍ର ଏବଂ ସମ୍ବାଦପତ୍ର ବ୍ୟବସ୍ଥାରେ ସରକାରୀ ଆଇନ୍‌କାନୁନ୍ ସମ୍ବନ୍ଧୀୟ ଯେଉଁ ପ୍ରତିବନ୍ଧକ ଦେଖାଦେଇଥିଲା, ତାହା ହେଉଛି କୌଣସି ସମ୍ବାଦପତ୍ରର ମୁଦ୍ରାକର ଏବଂ ସମ୍ପାଦକଙ୍କର ଘୋଷଣାପତ୍ର; ଯଥା-ସମ୍ବାଦପତ୍ରର ମୁଦ୍ରଣ ଏବଂ ପ୍ରସାର, ମୁଦ୍ରାଯନ୍ତ୍ରର ବିବରଣୀ, ମୁଦ୍ରାକର ଏବଂ ସଂପାଦକଙ୍କର ନାମ ଘୋଷଣା ମଧ୍ୟ ସେହି ଆଇନର ଏକ ଆବଶ୍ୟକତା । ତଥାପି କୋର୍ଟ ଅଫ୍ ଡିରେକ୍ଟରଙ୍କ ଦୃଷ୍ଟିରେ ଏତାଦୃଶ ପ୍ରେସ୍ ଆଇନ ମଧ୍ୟ ଯଥେଷ୍ଟ ବିବେଚିତ ହୋଇନଥିଲା । କାରଣ ଭାରତୀୟ ପ୍ରେସ୍ ଓ ସମ୍ବାଦପତ୍ର ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ସାବ୍ୟସ୍ତ କରିବା ଥିଲା ଶାସକବର୍ଗଙ୍କର ଅଭିସନ୍ଧି । ସେଥିଯୋଗୁ ବିଖ୍ୟାତ ସିପାହୀ ବିଦ୍ରୋହ (୧୮୫୭)ର ପ୍ରାକ୍‌କାଳରେ ଏବଂ ଏତାଦୃଶ ଜରୁରୀ ପରିସ୍ଥିତିରେ ସମ୍ବାଦପତ୍ରରେ ସ୍ୱାଧୀନତା ମତାମତ ଉଲ୍ଲେଖ କରିବା ସରକାରଙ୍କ ବିଚାରରେ ବିପଦସଙ୍କୁଳ ଏବଂ ଶାସନ ବିରୋଧୀ ବୋଲି ବିବେଚିତ ହେଲା । ସେଥିପାଇଁ ତତ୍କାଳୀନ ବମ୍ବେ ଗଭର୍ଣ୍ଣର ଲର୍ଡ ଏଲ୍‌ଫିନ୍‌ଷ୍ଟୋନ୍ ଲର୍ଡ ମେଟ୍‌କାଫ୍‌ଙ୍କର ମନୋଭାବକୁ ଆକ୍ଷେପକରି କହିଥିଲେ—ସରକାର ନିରଙ୍କୁଶ ହେବା ଆବଶ୍ୟକ; କାରଣ ମୁଦ୍ରାଯନ୍ତ୍ରର ଅବାଧ ସ୍ୱାଧୀନତା ଭାରତୀୟ ଶାସନ ପ୍ରଣାଳୀ ସହିତ ଖାପ ଖାଇ ନ ପାରେ । ତେଣୁ ଶ୍ରୀରାମପୁରର ସୁପରିଚିତ ସମ୍ବାଦପତ୍ର 'Friend of India' ଯେତେବେଳେ ପଲାସୀର ଅର୍ଦ୍ଧ ଶତବାର୍ଷିକୀ ପ୍ରସଙ୍ଗରେ ଏକ ଲେଖା (ତା ୨୫-୩-୧୮୫୭) ପ୍ରକାଶ କରିଥିଲେ, ସେତେବେଳେ ସଂପାଦକ ସରକାରୀ ଚେତାବନୀରସମ୍ମୁଖୀନ ହେଲେ । ସେହି ଲେଖାର ଏକ ଅଂଶ ଏଠାରେ ଉଦ୍ଧାରଯୋଗ୍ୟ—

"ସର୍ବମଙ୍ଗଳ ଜନକଲ୍ୟାଣର ପୃଷ୍ଠଭୂମିରେ ଅପକାର ବିସ୍ତାରକରେ । ମିଶନାରୀ, ସ୍କୁଲମାଷ୍ଟର, ରେଲୱେ, ଷ୍ଟିମ୍ ଇଞ୍ଜିନ୍, ସତୀପ୍ରଥା ବିଲୋପ, ଠଗଦମନ, ପୃଷ୍ଠଭୂମିରେ ଚୁକ୍ତି ଭଙ୍ଗ, ବିଧ୍ୱସ୍ତ ପରିବାର, ଦୁର୍ଗତ ପ୍ରଜା, ତ୍ରୁଟିପୂର୍ଣ୍ଣ ନ୍ୟାୟ ବିଚାର ଓଜନ କରି ଦେଖାଯାଉ । ନିକିତିର କେଉଁପଟ ଝୁଆଡେ ଯାଉଛି ।"

ବଙ୍ଗଳାରେ ରାମମୋହନ ରାୟ ସାମାଜିକ ବିସ୍ଫୋରଣର ଥିଲେ ଅଗ୍ରଦୂତ ଏବଂ ଓଡ଼ିଶାରେ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଗୌରୀଶଙ୍କର ରାୟ, ଫକୀର ମୋହନ ସେନାପତି, ନୀଳମଣି ବିଦ୍ୟାରତ୍ନ, ବିଚିତ୍ରାନନ୍ଦ ଦାସ, ପ୍ୟାରୀମୋହନ ଆଚାର୍ଯ୍ୟ, ମଧୁସୂଦନ ଦାସ ପ୍ରଭୃତି ଥିଲେ ଏତାଦୃଶ ବୌଦ୍ଧିକ ଯୁଗର ବାର୍ତ୍ତାବହ । ନିର୍ଦ୍ଦିଷ୍ଟ ସାମାଜିକ ଏବଂ ଐତିହାସିକ ଘଟଣା ପ୍ରବାହରେ ବୌଦ୍ଧିକ ପ୍ରତିଭା ତଥା ମନୀଷାର ସ୍ଫୁରଣ ଘଟିଥିଲା ।

ଏହା ଫଳରେ ଓଡ଼ିଶାର ସମ୍ବାଦପତ୍ରର ଆବିର୍ଭାବ ଘଟିଥିଲା । ୧୮୧୮ ମସିହାବେଳକୁ ବଙ୍ଗଳାରେ ପତ୍ରପତ୍ରିକା ଆତ୍ମପ୍ରକାଶ କରିସାରିଥିଲା । 'Friend of India', 'ସମାଚାର ଦର୍ପଣ', 'ଦିଗଦର୍ଶନ', 'ସମ୍ବାଦ କୌମୁଦୀ'; 'ସମାଚାର ଚନ୍ଦ୍ରିକା' ବଙ୍ଗଳା ପତ୍ରପତ୍ରିକା ଇତିହାସର ପ୍ରଥମ ପର୍ଯ୍ୟାୟର କୃତି । ବିଗତ ଶତାବ୍ଦୀର ପ୍ରଥମାର୍ଦ୍ଧ ବଙ୍ଗଳା ସାମ୍ବାଦିକତାର ଥିଲା ଆଦ୍ୟ ପର୍ବ ଏବଂ ଦ୍ୱିତୀୟାର୍ଦ୍ଧ ଥିଲା ଓଡ଼ିଆ ପତ୍ର ପତ୍ରିକା ଏବଂ ସାମ୍ବାଦିକତାର ପ୍ରସ୍ତୁତି ପର୍ବ । □□□

# ଓଡ଼ିଶାରେ ସମ୍ବାଦପତ୍ରର ଆବିର୍ଭାବ— ରାଜନୈତିକ ଓ ସାଂସ୍କୃତିକ ଅଭ୍ୟୁଦୟର ସୂଚନା

ପୂର୍ବୋକ୍ତ ଆଲୋଚନାରୁ ପ୍ରମାଣିତ ହୁଏ ଯେ ଊନବିଂଶ ଶତାବ୍ଦୀ ଭାରତୀୟ ସମ୍ବାଦପତ୍ର କ୍ଷେତ୍ରରେ ସରକାରୀ ଏବଂ ବେସରକାରୀ କ୍ରିୟା ପ୍ରତିକ୍ରିୟାର ଏକ ମିଶ୍ର ପରିଣତି । କମ୍ପାନୀ ସରକାରର ( East India Company ) ପ୍ରତିନିଧି ପ୍ରଶାସକଗଣ ମଧ୍ୟ ଭାରତୀୟ ସମ୍ବାଦପତ୍ର ପ୍ରତି ପ୍ରତିକ୍ରିୟା ପ୍ରଦର୍ଶନ କରିବାରେ ସର୍ବଦା ସମାନ ନୀତି ଗ୍ରହଣ କରୁନଥିଲେ । କେତେକ କେବଳ ହୁଏତ ଭାରତରେ କ୍ରମେ କ୍ରମେ ବର୍ଦ୍ଧିଷ୍ଣୁ ଜନମତ ଏବଂ ରାଜନୈତିକ ସଚେତନତା ଗଢ଼ି ଉଠିବାରେ ସମ୍ପୂର୍ଣ୍ଣ ବିରୋଧୀ ଥିଲେ । ଉତ୍ତମ ଶାସନ ପରମ୍ପରା, ଧର୍ମ ଏବଂ ଅର୍ଥନୈତିକ ସ୍ୱାର୍ଥରକ୍ଷାର ଅନ୍ତରାଳରେ ପ୍ରଶାସକଗଣ ବିଭିନ୍ନ ନୀତି ଗ୍ରହଣ କରୁଥିଲେ । ସେହି ସ୍ୱତନ୍ତ୍ର ପ୍ରଶାସକମାନଙ୍କର ମତବାଦ ଓ ଦୃଷ୍ଟିକୋଣ ସହିତ ଯେଉଁ ସମ୍ବାଦପତ୍ର କିମ୍ବା ସଂପାଦକଙ୍କର ମତଦ୍ୱୈଧ ଘଟୁଥିଲା, ସେମାନଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ସରକାରୀ କଟକଣାର ସମ୍ମୁଖୀନ ହେବାକୁ ପଡୁଥିଲା । Friend of Indiaର ସଂପାଦକ 'ପଲାସୀ ଶତବାର୍ଷିକ' ଶୀର୍ଷକ ସଂପାଦକୀୟ ପ୍ରବନ୍ଧ ଲେଖି ସରକାରଙ୍କ ବକ୍ରଦୃଷ୍ଟିରେ ପଡ଼ିଥିଲେ ଏବଂ ତାଙ୍କର ସମସ୍ତ ନିର୍ଭୀକତା ଭାରତରେ ଇଂରେଜ ଶାସନର ସମୀକ୍ଷା କରିବାର ସାହସର ପରିଣାମ ସ୍ୱରୂପ ହେନେରୀ ମିଡ୍ ( Henery Meed ) ସମ୍ବାଦପତ୍ରରୁ ବିଦାୟ ନେଇଥିଲେ । ଏସବୁ ସତ୍ତ୍ୱେ ଭାରତୀୟ ସଂବାଦପତ୍ର, ବିଶେଷତଃ ଦେଶୀୟ ସଂବାଦପତ୍ର ସମୂହ କ୍ରମଶଃ ଆଭ୍ୟନ୍ତରୀଣ ରାଜନୈତିକ ବିଚାରଧାରାକୁ ପ୍ରକାଶ କରୁଥିଲେ । ବ୍ରିଟିଶ ଶାସନଗତ ଅସନ୍ତୋଷ, ଅସୁବିଧା, ଦେଶୀୟ ସଂବାଦପତ୍ରମାନଙ୍କର କଲେବର ମଣ୍ଡନ କରୁଥିଲା; ଯଥା—ସେମାନଙ୍କର ସ୍ୱାର୍ଥପ୍ରଣୋଦିତ ଅର୍ଥନୀତି, ପାଶ୍ଚାତ୍ୟ ସଭ୍ୟତାର ଅବାଧ ଅନୁପ୍ରବେଶର ରାଜଚ୍ୟୁତ ଗାଦିଚ୍ୟୁତ ସ୍ଥାନୀୟ ଶାସକମାନଙ୍କର ଦୁର୍ଗତି, ଶେଷରେ ବିଧର୍ମୀ ବିଦେଶୀୟମାନଙ୍କର ପ୍ରତ୍ୟେକ କ୍ଷେତ୍ରରେ ଉପଦ୍ରବ, ଔଦ୍ଧତ୍ୟ, ଅନ୍ୟ ଦିଗରେ ଅପେକ୍ଷାକୃତ ଶାସନ ପକ୍ଷପାତୀ ସଂବାଦପତ୍ରମାନଙ୍କର ବ୍ରିଟିଶ ଶାସନର ସୁଫଳ, ପାଶ୍ଚାତ୍ୟ ଶିକ୍ଷା ସଭ୍ୟତାର ଦାନ, ସ୍ଥାନୀୟ ଯୁବଶକ୍ତି ମଧ୍ୟରେ ପ୍ରତିଭାର ବିନିଯୋଗ ପାଇଁ ସମ୍ଭାବନା ସୃଷ୍ଟି, ବିଦ୍ୟାଳୟ ଏବଂ ଶିକ୍ଷକମାନଙ୍କର ସମ୍ଭାବନା ରେଲୱେ

ଷ୍ଟିମ୍ ଇଞ୍ଜିନ୍, ବିଶେଷତଃ ଜ୍ଞାନ ବିଜ୍ଞାନ, ଯନ୍ତ୍ରଶିଳ୍ପ ପ୍ରସାରର ପୃଷ୍ଠଭୂମିରେ ଭାରତରେ ଏକ ସମୃଦ୍ଧଯୁଗର ପରିକଳ୍ପନା— ଏ ସବୁ ସତ୍ତ୍ୱେ ଊନବିଂଶ ଶତାବ୍ଦୀର ଭାରତୀୟ ସଂବାଦପତ୍ର ଶାସକମାନଙ୍କ ପକ୍ଷେ ଏକ ବିରକ୍ତିକର ବ୍ୟାପାର ଥିଲା । କ୍ଷୁଦ୍ର ହେଉ କିଂବା ବୃହତ୍ ହେଉ, ସଂବାଦପତ୍ରର ନାମୋଲ୍ଲେଖ ହିଁ ଶାସକମାନଙ୍କର ଶାସନନୀତି ଏବଂ ପରିଚାଳନା ନୀତିର ବିରୋଧାଚରଣ କରୁଥିଲା । ୧୮୫୭ ମସିହା ଆଇନ ପ୍ରଥମେ ଦୁଇଗୋଟି ସଂବାଦପତ୍ର ବିରୋଧରେ ଉଦ୍ଦିଷ୍ଟ ଥିଲା । ପରେ ସର୍ବବିଧ ସଂବାଦପତ୍ର ବିରୋଧରେ ତାହା ଲାଗୁ ହୋଇଥିଲା । କେନିଙ୍ଗ୍ ଘୋଷଣା କରିଥିଲେ—"ବିଦେଶୀ ଏବଂ ଦେଶୀ ସଂବାଦପତ୍ର ମଧ୍ୟରେ କୌଣସି ସୀମାରେଖା ଟାଣିବା ସମ୍ଭବ ନୁହେଁ ।" ଅଥଚ ୧୮୭୮ ମସିହାରେ ଲର୍ଡ ରିପନ୍ ମନ୍ତବ୍ୟ ପ୍ରକାଶ କରିଥିଲେ ଯେ ଭାରତବର୍ଷରେ ଇଂରେଜ ଶାସନର ସ୍ଥିତି ହିଁ ସ୍ଥାନୀୟ ଭାଷାରେ ପ୍ରକାଶିତ ସଂବାଦପତ୍ରଦ୍ୱାରା ବାଧାପ୍ରାପ୍ତ ଏବଂ ବ୍ୟାହତ ହୋଇଥିଲା । ସେ ଇଂରେଜ ସଂବାଦପତ୍ରକୁ ଏ ସବୁ ସହିତ ଗଣନା କରୁ ନ ଥିଲେ ।

ସ୍ଥାନୀୟ ଭାଷାରେ ପ୍ରକାଶିତ ସଂବାଦପତ୍ର ସମୂହ ଅଶିକ୍ଷିତ ଜନସାଧାରଣଙ୍କର ସଂବାଦପ୍ରାପ୍ତିର ଏକମାତ୍ର ଉତ୍ସ ଥିଲା । ସେଥିଯୋଗୁ ସମ୍ପାଦକମାନେ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ ଏବଂ ଉତ୍ତେଜିତ କରିବା ଭଳି ଢଙ୍ଗ୍ ସଂବାଦ ପରିବେଷଣ କରୁଥିଲେ । ସଂବାଦପତ୍ରର ସ୍ୱାଧୀନତା ସେଥିପାଇଁ ଉଚ୍ଚତମ ପ୍ରଶାସକମାନଙ୍କ ପକ୍ଷରେ ଥିଲା ଏକ ବିପଦସଙ୍କୁଳ ସ୍ଥିତି । ସମ୍ଭବତଃ ସେହି କାରଣରେ ଶାସକ କର୍ତ୍ତୃପକ୍ଷ ଏକ ସମୟରେ ସ୍ଥାନୀୟଭାଷା ସଂବାଦପତ୍ରର ସମ୍ପାଦକମାନଙ୍କଠାରୁ ମୁଚଲିକା ଦାବି କରିଥିଲେ । 'ସୋମ ପ୍ରକାଶ' ନାମକ ଭାରତୀୟ ସଂବାଦପତ୍ରର ମୁଦ୍ରାକର ଏହିପରି ଏକ ମୁଚଲିକା ଲେଖି-ଦେଇଥିଲେ । 'ସୋମ ପ୍ରକାଶ' କିଛିକାଳ ପାଇଁ ବନ୍ଦ ହୋଇଯାଇଥିଲା ଏବଂ ତା ପରିବର୍ତ୍ତେ 'ନବ ବିଭାକର' ପ୍ରକାଶ ପ୍ରକାଶିତ ହୋଇଥିଲା । ଅବସ୍ଥାର ପରିବର୍ତ୍ତନ ଘଟିବାରୁ 'ସୋମ ପ୍ରକାଶ' ପୁନର୍ବାର ଆତ୍ମପ୍ରକାଶ କରିଥିବାର ଜଣାଯାଏ । ଏକ ପକ୍ଷରେ ସରକାରଙ୍କ କଠୋର ଦମନଲୀଳା, ଅନ୍ୟ ପକ୍ଷରେ ଦେଶରେ ସର୍ବତ୍ର ରାଜନୈତିକ ବ୍ୟାପାର ଜଡ଼ିତ ଚେତନାର ଅଭ୍ୟୁଦୟ । ଏହି ଦ୍ୱିବିଧ ପରିସ୍ଥିତି ସଂବାଦପତ୍ର ଏବଂ ସାଂବାଦିକତାର ଅଗ୍ରଗତିକୁ ବହୁବାର ନିୟନ୍ତ୍ରିତ କରୁଥିଲା । ବିରୋଧ, ସହଯୋଗ ଏବଂ ଅସହଯୋଗ ମଧ୍ୟରେ ଅମୃତ ବଜାର ସଦୃଶ ବଙ୍ଗଳା ଏବଂ ଦ୍ୱିଭାଷୀ ଭାରତୀୟ-ଭାଷୀ ସଂବାଦପତ୍ର ସମସ୍ତ ସମୟରେ ନିଜର ସ୍ଥାନୀୟ ଭାଷା ସଂସ୍କରଣକୁ ବନ୍ଦ କରି ଦେଉଥିଲା । ୧୮୮୦ ମସିହାରେ ଲର୍ଡ ରିପନ୍ ୧୮୫୭ ଏବଂ ୧୮୭୮ର ପ୍ରେସ୍ ଆକ୍ଟ ପ୍ରତ୍ୟାହାର କରିନେଲେ ଏବଂ ସଂବାଦପତ୍ରସମୂହର ମୁଦ୍ରାକର ଓ ସଂପାଦକଙ୍କ ଉପରେ ଭାରତୀୟ ପେନାଲ କୋଡ଼ର କେତେକ ଦଫା ଅନୁଯାୟୀ ଆବଶ୍ୟକ ନିୟନ୍ତ୍ରଣ ଜାରି କରିଥିଲେ । ଏହି ଆଇନର ପରିସର ମଧ୍ୟରେ 'ବମ୍ବେ କେଶରୀ' ପତ୍ରିକାର ସମ୍ପାଦକ ବାଲଗଙ୍ଗାଧର ତିଲକ ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରିବା ଅଭିଯୋଗରେ ଅଭିଯୁକ୍ତ ହୋଇଥିଲେ । ଶତାବ୍ଦୀର ଶେଷ ବେଳକୁ ଭାରତୀୟ ରାଜନୈତିକ କ୍ଷେତ୍ରରେ ବ୍ୟାପକ

ପରିବର୍ତ୍ତନ ଏବଂ ୧୯୦୮ ମସିହାରେ ସଂଗ୍ରାମବାଦୀ ଆନ୍ଦୋଳନ ଯୋଗୁ ହତ୍ୟା, ସଶସ୍ତ୍ର ବିଦ୍ରୋହ, ଗୁପ୍ତ ଷଡ଼ଯନ୍ତ୍ର ପ୍ରଭୃତି ରୋକିବା ପାଇଁ ନୂତନ ପ୍ରେସ୍ ଆକ୍ଟ ପ୍ରଣୀତ ହେଲା । ଏହି ଆକ୍ଟ ବଳରେ ଜଣେ ମାଜିଷ୍ଟ୍ରେଟ୍ ଯେ କୌଣସି ମୁଦ୍ରାଯନ୍ତ୍ର ବାଜ୍ୟାପ୍ତି କରି ସମ୍ବାଦପତ୍ର ପ୍ରକାଶନକୁ ଅଚଳ କରିଦେବାର ବ୍ୟବସ୍ଥା ଥିଲା । ସରକାରଙ୍କର ସଂବାଦପତ୍ର-ବିରୋଧୀ ପ୍ରତିକ୍ରିୟା ସେତିକିରେ ଶେଷ ହୋଇ ନଥିଲା । ତେଣୁ ୧୯୧୦ର ଇଣ୍ଡିଆନ ପ୍ରେସ୍ ଆକ୍ଟର ଆବଶ୍ୟକ ପଡ଼ିଥିଲା । ଦେଶରେ ସର୍ବତ୍ର ଏହା ବିରୋଧରେ ଜନମତ ପ୍ରକାଶ ପାଇଥିବାରୁ ଏହା ୧୯୨୨ରେ ପ୍ରତ୍ୟାହୃତ ହେଲା । ଏହା ମୂଳରେ ଉଭୟ ସରକାରୀ ଏବଂ ବେସରକାରୀ ବ୍ୟକ୍ତିଙ୍କଦ୍ୱାରା ଗଠିତ ଏକ କମିଟିର ଅନୁମୋଦନ ନିହିତ ଥିଲା । ମାତ୍ର ଦେଶରେ ସ୍ୱାଧୀନତା ଆନ୍ଦୋଳନର ତୀବ୍ରତା ଯୋଗୁ ସରକାରଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା । ଆଇନ୍-ଅମାନ୍ୟ ଆନ୍ଦୋଳନର ପରିପ୍ରେକ୍ଷୀରେ ସରକାର ୧୯୧୦ମସିହାରେ ପ୍ରେସ୍ ଆକ୍ଟ ପୁନଃ ପ୍ରବର୍ତ୍ତନ କରିଥିଲେ ।

ଊନବିଂଶ ଶତାବ୍ଦୀରେ ଭାରତରେ ମୁଦ୍ରାଯନ୍ତ୍ର ଏବଂ ସଂବାଦପତ୍ରର କି ପ୍ରକାର ସ୍ଥିତି ଥିଲା, ସେସବୁର ସରକାରଙ୍କ ସହିତ କି ପ୍ରକାର ସଂପର୍କ ଥିଲା, ଯେବେ ସଂବାଦପତ୍ରର ପରିକଳ୍ପନା କେବଳ ସରକାରଙ୍କ ବିରୋଧ-ତାହାହେଲେ ସେହି ଶତାବ୍ଦୀର ବର୍ଦ୍ଧିଷ୍ଣୁ ସଂବାଦପତ୍ରଗୁଡ଼ିକର ଯଥାର୍ଥ ଭୂମିକା ଉପଲବ୍ଧି କରାଯାଇ ନ ପାରେ । ସରକାରଙ୍କ ସ୍ତୁତିଗାନ କରିବା କଅଣ ସମ୍ବାଦପତ୍ରର ଏକମାତ୍ରଦାୟିତ୍ୱ? ଏହି ଭୂମିକାରେ ସ୍ପଷ୍ଟ ଅବଧାରଣ ପାଇଁ Mr. Robert Knight ନାମକ ଜଣେ ବ୍ୟବସାୟୀ ଏବଂ ସଂବାଦିକ ମଧ୍ୟ ୧୮୭୭ ମସିହାରେ ଭାଇସ ରାୟ ଲର୍ଡ ଲିଟନଙ୍କୁ ଏକପତ୍ର ଲେଖି ପ୍ରସଙ୍ଗକ୍ରମେ ଏହି ମୌଳିକ ପ୍ରଶ୍ନ ଉତ୍ଥାପନ କରିଥିଲେ । ସେ ଲେଖିଥିଲେ— ଭାରତରେ ଆମର ପ୍ରତିଷ୍ଠିତ ଶାସନ ସଂସ୍ଥାରେ ମୁଦ୍ରାଯନ୍ତ୍ର ପରିକଳ୍ପନା ହେଉଛି କଅଣ ,ସାମାନ୍ୟ ସରକାରଙ୍କ ବିରୁଦ୍ଧାଚରଣ ? ସେହି ବିରୋଧୀ ଶକ୍ତିର ଭୂମିକା କଅଣ ହେବ, ତାହାର କର୍ତ୍ତବ୍ୟ ପରିସର କଅଣ ହେବ, ଏହା କେବଳ ସରକାରଙ୍କ ସହିତ ତାର ପ୍ରତିଷ୍ଠିତ ସଂପର୍କରୁ ହିଁ ଜଣାପଡ଼ିଥାଏ । ଭାରତର ତତ୍କାଳୀନ ସ୍ଥିତିର ନିରପେକ୍ଷ ଏବଂ ନିର୍ଭୀକ ସମୀକ୍ଷା ହିଁ ସମ୍ବାଦପତ୍ରର ଭୂମିକା ଉପଲବ୍ଧି କରିବାରେ ସହାୟକ ହେବାର କଥା । ଯେତେବେଳେ ଜନସାଧାରଣ ରାଷ୍ଟ୍ର ବ୍ୟାପାର ହୃଦୟଙ୍ଗମ କରିବା ପାଇଁ ଇଚ୍ଛୁକ, ସେତେବେଳେ ପାର୍ଲିଆମେଣ୍ଟ ନଥିଲା । ଜନସାଧାରଣଙ୍କ ମତାମତ ପ୍ରକାଶ ପାଇଁ ପ୍ରତିନିଧି ସଂସ୍ଥା କିଛି ନଥିଲା । ସେପରି ଅବସ୍ଥାରେ ସମ୍ବାଦପତ୍ରକୁ ଯେବେ ସରକାର ବିରୋଧୀ ଭୂମିକାରେ ବିଚାର କରନ୍ତି, ତାହାହେଲେ ଜନସାଧାରଣଙ୍କ ଅସନ୍ତୋଷ, ବିରକ୍ତି ଓ ନୈରାଶ୍ୟ ସହଜରେ ଅନୁମେୟ ।

ସମ୍ବାଦପତ୍ର ତ କେବଳ ସରକାରଙ୍କ ବିଭିନ୍ନ ବିଭାଗ, ଯଥା—ଡାକ-ତାର ବିଭାଗ, ଅବକାରୀ ବିଭାଗର ବିଜ୍ଞାପନ ପ୍ରକାଶ କରିବା ଲାଗି ଉଦ୍ଦିଷ୍ଟ ନୁହେଁ, ତାହାର ଆହୁରି ଏକ ଗଭୀର ରାଜନୈତିକ ଏବଂ ସାମାଜିକ କର୍ତ୍ତବ୍ୟ ଥିଲା । ସରକାର ଯେପରି ଏହାର ମୌଳିକ ତତ୍ତ୍ୱ ପ୍ରତି ସଚେତନ ନ ଥିଲେ ।

ଭାରତବର୍ଷର ଅବସ୍ଥାକୁ ଲକ୍ଷ୍ୟ କରି Robert Knight ତାଙ୍କ ପତ୍ରରେ କେତେକ ପ୍ରସ୍ତାବ ଦେଇଥିଲେ, ଯାହା ସମସାମୟିକ ସମ୍ବାଦପତ୍ରର ଉନ୍ନତି କ୍ରମରେ ଉପାଦେୟ ଥିଲା । ଊନବିଂଶ ଶତାବ୍ଦୀରେ ସମ୍ବାଦପତ୍ରର ପ୍ରକୃତ ଅବସ୍ଥା ସଂପର୍କରେ ସେ ଗଭୀର ଆଲୋକପାତ କରିଥିଲେ ତାଙ୍କର ଏହି ସାରଗର୍ଭକ ସନ୍ଦର୍ଭରେ ।

ସେହିପରି ୧୮୯୮ରେ Indian penal Code ସଂସ୍କାର ପାଇଁ ଗଠିତ ସିଲେକ୍ଟ କମିଟିର ସଭ୍ୟ ମିଷ୍ଟର ଷ୍ଟିଫେନ୍‌ସନ୍‌ଙ୍କର ମନ୍ତବ୍ୟ ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା । ସେ ସମ୍ବାଦପତ୍ରର ଦୁର୍ଦ୍ଦଶା ବର୍ଣ୍ଣନା କରିବା ଛଳରେ ସମ୍ବାଦପତ୍ରର ଆଭିମୁଖ୍ୟ, ସଂପାଦକଙ୍କର ନିର୍ଭୀକ ଓ ନିରପେକ୍ଷତାର ପ୍ରୟୋଜନୀୟତା ଏବଂ ପ୍ରଶାସନମୁକ୍ତ ହେବାପାଇଁ ବଳିଷ୍ଠ ମତ ପ୍ରକାଶ କରିଥିଲେ ।

ତଥାପି ସମ୍ବାଦପତ୍ରର ଏତାଦୃଶ ନୈରାଶ୍ୟଜନକ ପରିସ୍ଥିତିରେ ଶତାବ୍ଦୀର ଚତୁର୍ଥ ପାଦରେ ଦ୍ରୁତ ପରିବର୍ତ୍ତନ ସଂଘଟିତ ହେଲା । ଏହାର ପ୍ରଧାନ କାରଣ ହେଉଛି ଭାରତୀୟ ଜାତୀୟ କଂଗ୍ରେସର ଏବଂ ଜାତୀୟବାଦର ଅଭ୍ୟୁଦୟ । ଇଂରେଜ ଶାସକ ଗୋଷ୍ଠୀରେ ଅନେକ ଭାରତୀୟ ସମ୍ବାଦପତ୍ରର ମୌଳିକ ଦାୟିତ୍ୱ, ଅଧିକାର ଏବଂ ଭୂମିକା ସଂପର୍କରେ ଅସନ୍ତୁଷ୍ଟ ସମାଲୋଚକ ଥିଲେ । ସେମାନଙ୍କ ମଧ୍ୟରେ ଅନେକ ମଧ୍ୟ ଭାରତୀୟ ସମ୍ବାଦପତ୍ରର ଅବାଧ ସଂପ୍ରସାରଣ ଏବଂ ମତ ପରିବେଷଣ ଲାଗି ବ୍ୟାକୁଳତା ପ୍ରକାଶ କରିଥିଲେ ।

ଓଡ଼ିଶାରେ ସମ୍ବାଦପତ୍ର ଶିଳ୍ପର ଅଭ୍ୟୁଦୟ ବିକାଶର ବିଭିନ୍ନ ସ୍ତର ସମୀକ୍ଷା ଅବଶ୍ୟ ଭାରତୀୟ ଅବସ୍ଥା ଏବଂ ସ୍ଥିତି ଉପରେ ନିର୍ଭର କରେ । ସେଥିପାଇଁ ଏ ବିସ୍ତୃତ ଭୂମିକାର ଆବଶ୍ୟକତା ।

ଓଡ଼ିଶାରେ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା ଏବଂ ସମ୍ବାଦପତ୍ର ପ୍ରକାଶନ ବିଗତ ଶତାବ୍ଦୀର ଓଡ଼ିଶାରେ ଅର୍ଥନୈତିକ, ସାଂସ୍କୃତିକ ଏବଂ ସାମାଜିକ ବିକାଶ ଇତିହାସର କ୍ରମବିବର୍ତ୍ତନ ବୋଲି କୁହାଯାଇପାରେ । ଓଡ଼ିଶାରେ ସେହି ଯୁଗରେ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା ଏକ ଅର୍ଥନୈତିକ ଏବଂ ସାଂସ୍କୃତିକ ଦୁଃସାହସିକତା ବୋଲି ବର୍ଣ୍ଣିତ । ଦଶମ ଶତାବ୍ଦୀ ବେଳକୁ ଭାରତବର୍ଷର କେତେକ ଅଞ୍ଚଳରେ କାଗଜର ପ୍ରଚଳନ କରାଯାଇଥିଲା । ମାତ୍ର ଓଡ଼ିଶା ସଦୃଶ ରାଜ୍ୟରେ ତାଳପତ୍ର ପୋଥି ବହୁଯୁଗଧରି ବ୍ୟବହୃତ ହେଉଥିଲା ।

ପର୍ତ୍ତୁଗୀଜମାନଙ୍କଦ୍ୱାରା ହିଁ ଷୋଡ଼ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଭାରତବର୍ଷରେ ମୁଦ୍ରାଯନ୍ତ୍ର ପ୍ରବର୍ତ୍ତିତ ହେଲା ଏବଂ ପ୍ରଥମ ପୁସ୍ତକ ଗୋଆଠାରେ ମୁଦ୍ରିତ ହେଲା । ସେପରି ପୁସ୍ତକମଧ୍ୟରେ Catechism of Doctrine (1556), The Spiritual Compedium of the Christian Life (1561) ଉଲ୍ଲେଖଯୋଗ୍ୟ । ପରେ ପରେ ବିବିଧ ଜ୍ଞାନ ସମ୍ବନ୍ଧୀୟ, ଧର୍ମ, ଭେଷଜ ବିଦ୍ୟା ପ୍ରସଙ୍ଗରେ ପୁସ୍ତକ ମୁଦ୍ରିତ ହୋଇଥିବାର ଜଣାଯାଏ । ବ୍ରିଟିଶ ଅଧିକୃତ ଭାରତରେ ଜନୈକ ବମ୍ବେ ଅଧିବାସୀଙ୍କ ପ୍ରେରଣାରେ ପ୍ରଥମ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା କରାଯାଇଥିଲା । ତାଙ୍କ ନାମ ଭୀମଜୀ ପାରେଖ ଏବଂ ସେହି

ଭଦ୍ରବ୍ୟକ୍ତି ୧୬୭୦ ମସିହାରେ ବିଲାତରୁ ଜନୈକ ସୁଦକ୍ଷ ମୁଦ୍ରାକର ଅଣାଇବାର ଚେଷ୍ଟା କରିଥିଲେ । ଇଷ୍ଟ ଇଣ୍ଡିଆ କମ୍ପାନୀର କୋର୍ଟ ଅଫ୍ ଡିରେକ୍ଟରଗଣ ଏପରି ଅନୁରୋଧର ଯଥାର୍ଥତା ଉପଲବ୍ଧି କରି ୧୬୭୪ ମସିହାରେ ହିଲସ୍ ନାମକ ଜଣେ ମୁଦ୍ରାକରଙ୍କୁ ଏକ ମୁଦ୍ରାଯନ୍ତ୍ର, ରୋମାନ ଅକ୍ଷର ଏବଂ କାଗଜ ସହିତ ଭାରତବର୍ଷକୁ ପ୍ରେରଣ କରିଥିଲେ । ରୋମାନ ଟାଇପ୍ ବିଶେଷ ସାହାଯ୍ୟକାରୀ ନହେବାରୁ ଏହାର ଆଠବର୍ଷ ପରେ କମ୍ପାନୀ ପୁନଶ୍ଚ ବମ୍ବେକୁ ଅକ୍ଷର ଖୋଦନ ଉଦ୍ଦେଶ୍ୟରେ ଜଣେ ଟାଇପ୍ ଫାଉଣ୍ଡରଙ୍କୁ ପ୍ରେରଣ କରିଥିଲେ । ଭାରତୀୟ ଭାଷାର ଅକ୍ଷରସମୂହ ସେତେବେଳେ ବାଣିଆନ୍ ଲେଟର୍ସ ନାମରେ ବର୍ଣ୍ଣିତ ହେଉଥିଲା । ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ ହିଁ ଦକ୍ଷିଣ ଭାରତରେ Danish Lutheran Missionଦ୍ୱାରା ଗୋଟିଏ ଛାପାଖାନା ପ୍ରତିଷ୍ଠିତ ହେଲା ଏବଂ ସେହି ଛାପାଖାନାରୁ ପର୍ତ୍ତୁଗୀଜ ଭାଷାରେ ଏବଂ ତାମିଲ ଭାଷାରେ ବହୁ ପୁସ୍ତକ ମୁଦ୍ରିତ ହେଲା; ଫଳରେ ବିଭିନ୍ନ ମିଶନମାନଙ୍କଦ୍ୱାରା ଏହିପରି ବିବିଧ ପୁସ୍ତକ ମୁଦ୍ରିତ ହୋଇଥିଲା; ମାତ୍ର ସବୁ ମୁଦ୍ରିତ ପୁସ୍ତକର ପ୍ରଧାନ ଅଭିମୁଖ୍ୟ ଥିଲା ଧର୍ମପ୍ରଚାର । କାରଣ ଭାରତୀୟ ମାନଙ୍କୁ ଖ୍ରୀଷ୍ଟଧର୍ମର ବିଭିନ୍ନ ଉପାସନା ପଦ୍ଧତି ସହିତ ପରିଚିତ କରାଇବା ଥିଲା ମିଶନାରୀମାନଙ୍କର ଲକ୍ଷ୍ୟ । ମିଶନାରୀମାନଙ୍କ ଧର୍ମ ସମ୍ବନ୍ଧୀୟ କାର୍ଯ୍ୟକଳାପ ଶାସକମାନଙ୍କୁ ଭାରତବର୍ଷରେ ପ୍ରଶାସନିକ କ୍ଷେତ୍ରରେ ମୁଦ୍ରାଯନ୍ତ୍ରର ଉପଯୋଗ କରିବା ପାଇଁ ପ୍ରେରଣା ଦେଇଥିଲା । ସରକାରୀ କର୍ମଚାରୀ ସାର୍ ଚାର୍ଲସ୍ ଉଇଲକିନ୍ସଙ୍କ ସାହାଯ୍ୟରେ ସରକାର ୧୭୭୮ ମସିହାରେ ହୁଗୁଳିଠାରେ ପୁସ୍ତକ ମୁଦ୍ରଣ ଲାଗି ଏକ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା କରିଥିଲେ । ଉଇଲକିନ୍ସ୍ ଏକାଧାରରେ ମୁଦ୍ରାକର, ଅକ୍ଷରଖୋଦନକାରୀ ଏବଂ ସୁଦକ୍ଷ କର୍ମଚାରୀ । ହୁଗୁଳି ପ୍ରେସରେ ପ୍ରଥମ ମୁଦ୍ରିତ ପୁସ୍ତକ ହେଉଛି 'ବଙ୍ଗଳା ବ୍ୟାକରଣ' ଏବଂ ତାହାର ଲେଖକ ଥିଲେ Holhed. ୧୭୮୦ମସିହାରେ James Augustus Hicky ସମ୍ବାଦପତ୍ର ପ୍ରକାଶନର ପରିକଳ୍ପନାରେ ପ୍ରଣୋଦିତ ହୋଇ Bengal Gazette ସମ୍ପାଦନା କଲେ । ଏହି ଦୁଇପୃଷ୍ଠାବ୍ୟାପୀ ସମ୍ବାଦପତ୍ରର ଅକ୍ଷରଖୋଦନ ପ୍ରଣାଳୀ ଏବଂ ମୁଦ୍ରଣ ପଦ୍ଧତି ବଡ଼ ତ୍ରୁଟିପୂର୍ଣ୍ଣ ଥିଲା । ପୁନଶ୍ଚ ଓ୍ୱାରେନ୍ ହେଷ୍ଟିଂସଙ୍କ କୋପଦୃଷ୍ଟିରେ ପଡ଼ି ୧୭୮୨ରେ ଏହା ବନ୍ଦ ହୋଇଗଲା । ସମ୍ପାଦକଙ୍କୁ ଏକବର୍ଷ ଜେଲଦଣ୍ଡ ମିଳିଥିଲା । ମୁଦ୍ରାଯନ୍ତ୍ରଟି କୋରମାନା ବାବଦକୁ ନିଲାମ ହୋଇଗଲା । ଏହି ସମ୍ବାଦପତ୍ର ପରେ ଅନ୍ୟାନ୍ୟ ସମ୍ବାଦପତ୍ର ଆତ୍ମପ୍ରକାଶ କରିଥିଲା । ମାତ୍ର ସେସବୁର ସ୍ଥାୟିତ୍ୱ, ପ୍ରଭାବ, ପ୍ରଚାର ଆଦୌ ନଥିଲା । ବିଶେଷତଃ ଆଙ୍କସ୍ ଓ ଲେସ୍‌ଲିଙ୍କ ଦମନନୀତି ଉଦ୍ୟୋକ୍ତାମାନଙ୍କୁ ବରାବର ନିରୁତ୍ସାହିତ କରୁଥିଲା, ୧୭୮୦ ମସିହାରେ ରୁସ୍ତମଜୀ ଠକର ସାପଜୀ ନାମକ ଜନୈକ ପାର୍ଶୀ ଭଦ୍ରବ୍ୟକ୍ତି ବମ୍ବେରେ ଗୋଟିଏ ଇଂରାଜୀ ପ୍ରେସ ସ୍ଥାପନ କରିଥିଲେ । ସେହି ପ୍ରେସରୁ ଗୋଟିଏ କ୍ୟାଲେଣ୍ଡର ପ୍ରକାଶିତ ହୋଇଥିଲା । ୧୭୮୯ରେ ପ୍ରଥମ ସମ୍ବାଦପତ୍ର 'ହେରାଲ୍ଡ' ଏବଂ ପରବର୍ତ୍ତୀ ବର୍ଷ 'ବମ୍ବେ କ୍ୟୁରିଅର' ଆତ୍ମପ୍ରକାଶ କଲା । ସେହି 'ବମ୍ବେ କ୍ୟୁରିଅର'

ସମ୍ବାଦପତ୍ରର ସମ୍ପାଦକ ତାଙ୍କ କାଗଜରେ ଗୁଜରାଟୀ ଭାଷାରେ ବିଜ୍ଞାପନ ଛପାଇବା ଲାଗି ଇଚ୍ଛା କରିଥିଲେ। ସେହି ଉଦ୍ଦେଶ୍ୟରେ ଜଣେ ଗୁଜରାଟୀଙ୍କୁ ଅକ୍ଷର ଖୋଦନ ପାଇଁ ନିଯୁକ୍ତ ଲାଗି ଚେଷ୍ଟା କରାଯାଇଥିଲା ।

ଭାରତରେ ସ୍ଥାନୀୟ ଭାଷାମାନଙ୍କରେ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା କରିବା କ୍ଷେତ୍ରରେ ବାପ୍ଟିଷ୍ଟ ମିଶନାରୀମାନଙ୍କ ଦାନ ସର୍ବାଦୌ ଉଲ୍ଲେଖଯୋଗ୍ୟ। ଏହି ପ୍ରସଙ୍ଗରେ ଡକ୍ଟର ଉଇଲିୟମ କେରୀ ଏବଂ ତାଙ୍କର ସହକର୍ମୀ ଉଇଲିୟମ ଓ୍ୱାର୍ଡ ଭାରତୀୟ ଭାଷାର ମୁଦ୍ରାଯନ୍ତ୍ର ଇତିହାସରେ ଚିରଦିନ ସ୍ମରଣୀୟ। କେରୀଙ୍କଦ୍ୱାରା ନିଉଟେଷ୍ଟାମେଣ୍ଟର ବଙ୍ଗଳା ଅନୁବାଦ (୧୭୯୩ ପରବର୍ତ୍ତୀ), ସେହି ଅନୁବାଦର ମୁଦ୍ରଣ ଲାଗି ତାଙ୍କର ପ୍ରଚେଷ୍ଟା, ପ୍ରଚେଷ୍ଟାର ପରିଣତି ସ୍ୱରୂପ ଅଳ୍ପ ଦାମରେ କଲିକତାରୁ ଗୋଟିଏ କାଠ ଛାପାଖାନା କ୍ରୟକରିବା, ପ୍ରଥମେ ମାଲଦାର ମଦନାବାଟୀଠାରେ ସେହି ପ୍ରେସ ସ୍ଥାପନପରେ ଶ୍ରୀରାମପୁରଠାରେ ସେହି ପ୍ରେସ କାର୍ଯ୍ୟ ଆରମ୍ଭ କରିବା, ଭାରତୀୟ ଭାଷା. ମୁଦ୍ରାଯନ୍ତ୍ର ଏବଂ ସମ୍ବାଦପତ୍ର ଇତିହାସରେ ପ୍ରଧାନ ଘଟଣା। ସେତେବେଳେ ଗ୍ରାମବାସୀମାନେ କେରୀଙ୍କ ମୁଦ୍ରାଯନ୍ତ୍ରକୁ ଦେଖି 'ବିଲାତି କଳେଇ' ବୋଲି ବର୍ଣ୍ଣନା କରୁଥିଲେ। ୧୮୦୧ରେ ବଙ୍ଗଳା ଅନୁବାଦର ମୁଦ୍ରଣ ସମ୍ଭବ-ହେଲା। ନିଜେ ଓ୍ୱାର୍ଡ ଅକ୍ଷର ସଜାଇଥିଲେ। ଏହି ପ୍ରକାଶନ ପରେ ଭାରତର ବିଭିନ୍ନ ଭାଷାରେ ଅନୂଦିତ ବାଇବେଲର ମୁଦ୍ରଣ କାର୍ଯ୍ୟ ମିଶନାରୀମାନଙ୍କର ଦୃଷ୍ଟି ଆକର୍ଷଣ କରି-ଥିଲା। ଓଡ଼ିଆ ଅକ୍ଷର ଖୋଦନ ପାଇଁ କେରୀଙ୍କୁ ବିଶେଷ ଯତ୍ନ କରିବାକୁ ପଡ଼ିଥିଲା। ସାର୍ ଚାର୍ଲସ ଉଇଲ୍‌କିନ୍‌ସଙ୍କ ତାଲିମପ୍ରାପ୍ତ କେତେକ ସ୍ଥାନୀୟ ବ୍ୟକ୍ତି ମଧ୍ୟ କେରୀଙ୍କୁ ତାଙ୍କ ମୁଦ୍ରାଯନ୍ତ୍ର ଚାଲୁରଖିବାରେ ସାହାଯ୍ୟ କରିଥିଲେ। ୧୮୨୦ ବେଳକୁ କଲିକତାରେ ଚାରି-ଗୋଟି ବଙ୍ଗଳା ପ୍ରେସ କାର୍ଯ୍ୟ କରୁଥିବାର ଜଣାଯାଏ। ସେହିସବୁ ମୁଦ୍ରାଯନ୍ତ୍ରର ମୁଦ୍ରିତ ପୁସ୍ତକସଂଖ୍ୟା ମଧ୍ୟ ସେତେ ଅଧିକ ନଥିଲା (୨୭ଟି ବୋଲି ଜଣାଯାଏ)। କେରୀ କେବଳ ଇଂରାଜୀ ବାଇବେଲ ଅନୁବାଦ କରି ଏବଂ ଛପାଇ ସନ୍ତୁଷ୍ଟ ହୋଇ ନ ଥିଲେ। ସ୍ଥାନୀୟ ଭାଷାସମୂହରେ ପାଠ୍ୟପୁସ୍ତକ ମୁଦ୍ରଣ ପ୍ରତି ସେ ଦୃଷ୍ଟି ଦେଲେ। ରାମବାବୁଙ୍କ ଲିଖିତ 'ରାଜା ପ୍ରତାପାଦିତ୍ୟ' (ବଙ୍ଗଳା ଗଦ୍ୟ ପୁସ୍ତକ) କେରୀ ମୁଦ୍ରିତ କରାଇଥିଲେ। ଏହା-ପରେ ସଂସ୍କୃତର ହିତୋପଦେଶ, ରାମାୟଣ, ମହାଭାରତ ମଧ୍ୟ ବଙ୍ଗଳା ଏବଂ ଅନ୍ୟାନ୍ୟ ଭାଷାମାନଙ୍କରେ ମୁଦ୍ରିତ ହୋଇଥିଲା।

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାରେ କଲମ ଓ କାଗଜ ବ୍ୟବହାର କରି ଜାଣିଥିବା ସମର୍ଥ କରଣି ଆଦୌ ନ ଥିଲେ ବୋଲି ଇଂରେଜ ସମୀକ୍ଷକଗଣ ସେତେବେଳେ ମନ୍ତବ୍ୟ ପ୍ରକାଶ କରିଥିଲେ। ମୁଦ୍ରିତ ପୁସ୍ତକ ବିଶେଷତଃ ପାଠ୍ୟପୁସ୍ତକ ଶିଶୁମାନେ ପରମ୍ପରା ଅନୁଯାୟୀ ମୁଖସ୍ଥ କରି ଯାହା କିଛି ଶିକ୍ଷା କରୁଥିଲେ ଏବଂ ମାଟି ଉପରେ କିମ୍ବା କଦଳୀପତ୍ର, ତାଳପତ୍ର, ବାଲୁକାମିଶ୍ରିତ ପଟା ଉପରେ ଅକ୍ଷର ଲେଖୁଥିଲେ। ପ୍ରାକ୍ତନ ସାହିତ୍ୟର ରକ୍ଷକ ପୁରାଣ-କଥକମାନଙ୍କ ମୁଖରୁ ଛାନ୍ଦ ପ୍ରଭୃତି ଶୁଣି ଶୁଣି ଆଗ୍ରହୀ ଶିଶୁମାନେ ପ୍ରାଚୀନ ସାହିତ୍ୟ ସହିତ ସମ୍ପର୍କ ସ୍ଥାପନ କରୁଥିଲେ। ଏପରି ଅବସ୍ଥାରେ ସମ୍ବାଦପତ୍ରର ପରିକଳ୍ପନା ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ସହଜ ନଥିଲା।

ଓଡ଼ିଶାର ସର୍ବପ୍ରଥମ ମୁଦ୍ରାଯନ୍ତ୍ର ପ୍ରତିଷ୍ଠିତ ହୋଇଥିଲା ୧୮୩୭ ମସିହାରେ ଏବଂ ତାହା ପୁଣି କଟକ ସହରରେ ଓ ତାହା ଥିଲା ଖ୍ରୀଷ୍ଟିୟାନ ମିଶନାରୀମାନଙ୍କ ଅବ୍ୟାହତ ଉଦ୍ୟମର ପରିଣତି । ସେହି ମୁଦ୍ରାଯନ୍ତ୍ର ପ୍ରତିଷ୍ଠାର ଉଦ୍ଦେଶ୍ୟ ମଧ୍ୟ ଥିଲା ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ସାହିତ୍ୟ ଏବଂ ତଥ୍ୟସମୂହର ବ୍ୟାପକ ପ୍ରକାଶନ ଏବଂ ପ୍ରଚାର । ସେହିଯୁଗରେ ସମ୍ବାଦପତ୍ରକୁ ରାଜନୈତିକ ଓ ସାମାଜିକ ଚେତନାର ଅଗ୍ରଦୂତ ରୂପେ ପରିକଳ୍ପନା କରିବା ସମ୍ଭବତଃ ସମ୍ଭବ ନ ଥିଲା । କଟକରେ ଯେଉଁଦିନ ମୁଦ୍ରାଯନ୍ତ୍ରରେ ଛପାକାର୍ଯ୍ୟ ଆରମ୍ଭ ହେଲା, ସେହିଦିନ କୁଆଡେ ମଫସଲରୁ ଗ୍ରାମବାସୀମାନେ ତାହା ସ୍ୱଚକ୍ଷୁରେ ଦର୍ଶନ କରିବାଲାଗି ଦଳଦଳ କଟକରେ ରୁଣ୍ଡହୋଇଥିଲେ । ସେତେବେଳକୁ ଓଡ଼ିଶାର ସାଧାରଣ ଶିକ୍ଷା ସଂସ୍କୃତି ବ୍ୟବସ୍ଥା ନିମ୍ନ ସ୍ତରରେ ଥିଲବୋଲି କୁହାଯାଇପାରେ । ଶିକ୍ଷା, ଜ୍ଞାନ, ବିଜ୍ଞାନର ପରିପ୍ରଚାର ଲାଗି ମୁଦ୍ରାଯନ୍ତ୍ର ଯେ ସେହି ଯୁଗରେ ଏକ ମାତ୍ର ଶକ୍ତିଶାଳୀ ଆୟୁଧ ଥିଲା ଏଥିରେ ମତଦ୍ୱୈଧ ଥାଇ ନ ପାରେ । ଯଦ୍ୟପି ଓଡ଼ିଶାରେ ମୁଦ୍ରାଯନ୍ତ୍ର ପ୍ରତିଷ୍ଠାକରିବା ମୂଳରେ ମିଶନାରୀମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଧର୍ମ, ବାଇବେଲ ବାଣୀ ପ୍ରଚାର । କାଳକ୍ରମେ ରାଜନୈତିକ, ସାଂସ୍କୃତିକ ଉତ୍ସାହ ସୃଷ୍ଟି ହୋଇଥିଲା । ମିଶନାରୀମାନଙ୍କ ମଧ୍ୟରୁ ଅନେକ ଓଡ଼ିଆ ଭାଷାରେ ନବପ୍ରଣାଳୀରେ ଜ୍ଞାନବିଜ୍ଞାନ, ଇତିହାସ ବିଷୟକ ପାଠ୍ୟପୁସ୍ତକ ଲେଖି ଶିକ୍ଷା ପ୍ରସାର କାର୍ଯ୍ୟରେ ସହାୟତା କରିଥିଲେ । ପାଠ୍ୟପୁସ୍ତକ ରଚନା ମୁଦ୍ରାଯନ୍ତ୍ରର ପରିଣତି ଏବଂ ରାଜ୍ୟରେ ସଦ୍ୟ ସ୍ଥାପିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ନିହାତି ଆବଶ୍ୟକତା ଏତାଦୃଶ ମିଶ୍ରିତ ଆବଶ୍ୟକତାରୁ ସମ୍ଭବତଃ ମିଶନାରୀମାନେ ଦେଶୀୟ ଭାଷାରେ ସମ୍ବାଦ ପତ୍ରର ପ୍ରକାଶନଲାଗି ଅନୁପ୍ରାଣିତ ହୋଇଥିଲେ । ବିଶେଷତଃ ମିଶନାରୀମାନଙ୍କ ପ୍ରଚେଷ୍ଟାରେ ଓଡ଼ିଶାରେ ସ୍ଥାପିତ ପ୍ରଥମ ପ୍ରେସରୁ ୧୮୫୫-୫୬ ବେଳକୁ ଯେଉଁ 'ପ୍ରବୋଧ ଚନ୍ଦ୍ରିକା' ନାମକ ସମ୍ବାଦପତ୍ର ଆତ୍ମ ପ୍ରକାଶ କଲା, ତାହାଥିଲା ମିଶନାରୀ ଦୃଷ୍ଟିକୋଣ ପ୍ରଭାବିତ, ତାହାପୂର୍ବରୁ 'ଜ୍ଞାନାରୁଣ' ଏବଂ ଓଡ଼ିଆ ଗେଜେଟ ଯଥାକ୍ରମେ ମିଶନାରୀ ଏବଂ ଶାସକ କର୍ତ୍ତୃପକ୍ଷଙ୍କ ଉଦ୍ୟମରେ ପ୍ରକାଶିତ ହୋଇଥିଲା । ସେ ସବୁର ଉଦ୍ଦେଶ୍ୟ ମଧ୍ୟ ଥିଲା ସମ୍ବାଦ ପ୍ରଚାର । ତେବେ ସରକାରୀ ନିୟନ୍ତ୍ରିତ ଗେଜେଟରେ ମିଶନାରୀମାନଙ୍କ ପ୍ରଥମ ପଦାର୍ପଣ ୧୮୭୨ ମସିହା ଫେବୃୟାରୀ ୧୨ ତାରିଖ । ମିଶନାରୀମାନଙ୍କ ଆଗମନ ପୂର୍ବରୁ ଚୌଦ୍ୱାର ନିକଟବର୍ତ୍ତୀ କୁଜିବର ମଠର ମହନ୍ତ ସାଧୁ ସୁନ୍ଦର ଦାସ ହରିତାଳୀ କାଗଜରେ ହାତରେ ଲେଖି 'କୁଜିବର ପତ୍ରିକା' ପ୍ରକାଶ କରୁଥିଲେ । ମିଶନାରୀ ସାହେବ Rev. A. Sutton ଓଡ଼ିଶାରେ ତାଙ୍କର ଖ୍ରୀଷ୍ଟିୟାନ ଧର୍ମ ପ୍ରଚାର ସମ୍ବନ୍ଧୀୟ ପୁସ୍ତକରେ କୁଜିବର ମଠର ମହନ୍ତଙ୍କ ବିବରଣୀ ଦେଇଥିଲେ । କୁଜିବର ପତ୍ରିକା ସମ୍ବାଦପତ୍ରର ଉଦ୍ଦେଶ୍ୟ କିୟତ୍ ପରିମାଣରେ ସାର୍ଥକ କରାଯାଇପାରେ, ମାତ୍ର ତାହା ସ୍ୱୟଂସମ୍ପୂର୍ଣ୍ଣ ସମ୍ବାଦପତ୍ର ବୋଲି କୁହାଯାଇ ନ ପାରେ । ମିଶନାରୀମାନଙ୍କ ଅର୍ଥବଳ ମନୋବଳର ଅଭାବ ନ ଥିଲା । ତଥାପି ଖଣ୍ଡିଏ ନିୟମିତ ସମ୍ବାଦପତ୍ର ପ୍ରକାଶ କରିବା ସର୍ବଦା ସହଜ ଓ ସମ୍ଭବ ନ ଥିଲା । ସେମାନଙ୍କ ଅଧ୍ୟବସାୟରେ ପ୍ରକାଶିତ ସମ୍ବାଦପତ୍ର ଏ ଦେଶରେ ଗଦ୍ୟ ସାହିତ୍ୟ

ପ୍ରସ୍ତରର ଅଗ୍ରଦୂତ ଭାବରେ ସ୍ୱୀକୃତ ହୋଇଥାଏ । ଓଡ଼ିଆ ଭାଷାକୁ ସମ୍ବାଦପତ୍ର ଶିଳ୍ପର ନିଗଡ଼ ଶୃଙ୍ଖଳାରେ ସୁବିନ୍ୟସ୍ତ କରିବା ଥିଲା ସେମାନଙ୍କ ପତ୍ରିକାର ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଫଳ ।

‘ପ୍ରବୋଧ ଚନ୍ଦ୍ରିକା’ର ଭାଷା ଏତାଦୃଶ ଉପସଂହାରର ଅନ୍ୟତମ କାରଣ । ‘ଏ ପୁସ୍ତକ ଗ୍ରହଣ କରିବାକୁ କାହାର ଇଚ୍ଛା ହେଲେ ସେ କଟକସହରନିବାସୀ ଶ୍ରୀଯୁକ୍ତ ଲେସି ସାହେବଙ୍କ ନିକଟକୁ ଚିଠି ଲେଖିଲେ ଅଥବା ସ୍ୱୟଂ ସାକ୍ଷାତ କଲେ ବାଞ୍ଛାସିଦ୍ଧ କରି ପାରିବେ । ମାସକୁ ମାସ ନୂତନ କରି ଛାପାହେବ । ମୂଲ୍ୟ ଖଣ୍ଡକୁ ଦଶପଇସା ଲେଖାଏଁ । ବାରଖଣ୍ଡର ଅଗରୁ ଦାମ୍ ଏକୋବେଳକେ ଦାଖଲ କଲେ ଟ ୧.୫୦ ଲାଗିବ । ଆଉ ଡାକରେ ପଠାଇବାକୁ ହେଲେ, ବାରଗୋଟି ଅର୍ଦ୍ଧଆନିଆ ଡାକଟିକେଟ ଦେଲେ ବିନା ମାସୁଲରେ ଅତିଶୀଘ୍ର ପଠାଯିବ ।”

ପାଠକମାନଙ୍କ ପ୍ରତି ପ୍ରଥମ ପତ୍ର

ଏ ପ୍ରବୋଧ ଚନ୍ଦ୍ରିକା ବିଷୟକ ।

× × × ×

ଅତଏବ କେଉଁ ସ୍ଥାନରେ କି ଆଶ୍ଚର୍ଯ୍ୟ କର୍ମ ହେଉଅଛି, ତାହା ଶ୍ରବଣରେ ଅତି ସୁଗଲ୍ଭ ପାଠକ ସମସ୍ତଙ୍କର ଅନ୍ତଃକରଣରେ ଯେଉଁ କ୍ଷଣକାଳୀନ ଆହ୍ଲାଦ ଓ ହର୍ଷ ଜନ୍ମାଇ ତଦ୍‌ଭିନ୍ନ ଅନେକ ନିତାନ୍ତ ଆବଶ୍ୟକ ଆଉ ଚିରଶ୍ରେୟ ବାସ୍ତବ ଜ୍ଞାନ ଏ ପତ୍ରିକା ଗ୍ରହଣରେ ଏ ଦେଶୀୟ ଲୋକ ପ୍ରାପ୍ତ ହୋଇପାରିବେ ବୋଲି ଦୃଢ଼ ପ୍ରତ୍ୟୟ ହୋଇଅଛି । କୌଣସି ବିଶେଷ ଧର୍ମର ପ୍ରସଙ୍ଗ ଏ ପୁସ୍ତକର ଅଭିପ୍ରାୟ ନୁହଇ । ଏ ସକାଶେ ତାହା ଆପଣ ଆପଣା ଗୃହରେ ଗ୍ରହଣକରି ପାଠକଲେ କାହାର ଇଷ୍ଟଧର୍ମ ହାନିହେବ ଏ ପ୍ରକାର ଆଶଙ୍କା କେହି ନ କରିବେ ।”

ଓଡ଼ିଶାରେ ସ୍ଥାନୀୟ ଅଧିବାସୀମାନଙ୍କଦ୍ୱାରା ପ୍ରକାଶିତ, ପ୍ରଯୋଜିତ ନ୍ୟାୟତଃ ପ୍ରଥମ ସମ୍ବାଦପତ୍ର ହେଉଛି ସାପ୍ତାହିକ ‘ଉତ୍କଳଦୀପିକା’ । ଏହାର ଶୁଭାରମ୍ଭ ହୁଏ ୧୮୬୬ ମସିହା ଅଗଷ୍ଟ ମାସ ୪ତାରିଖ ଦିନ ଏବଂ ସେଦିନ ତାହା ଛପାଯାଇଥିଲା ପଥର ଛାପାରେ ଏବଂ ପ୍ରାୟ ଏକବର୍ଷ ଧରି ତାହା ସେମିତି ପଥର ଛାପାରେ ମୁଦ୍ରିତ ହୋଇଥିଲା । ଏହି ପତ୍ରର ଜନ୍ମହୁଏ ଓଡ଼ିଶାର କୁଖ୍ୟାତ ସର୍ବନାଶୀ ସର୍ବଗ୍ରାସୀ ୧୮୬୫ ମସିହାର ନଅଙ୍କ ଦୁର୍ଭିକ୍ଷର ପୃଷ୍ଠଭୂମିରେ । ତେଣୁ ଏହି ପତ୍ରିକାଟିରେ ତାର ଜାତୀୟ ଦାୟିତ୍ୱ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣଭାବରେ ଅନୁମେୟ । ଓଡ଼ିଶାର ସର୍ବବିଧ ଉନ୍ନତି ଯଥା ଶିକ୍ଷା ସଂସ୍କୃତିର ପ୍ରସାର ଅର୍ଥନୀତି ପୁନର୍ଗଠନ, ଓଡ଼ିଆ ଜାତିର ପ୍ରାଣପ୍ରତିଷ୍ଠା ଯେ ‘ଉତ୍କଳ ଦୀପିକା’ ସଦୃଶ ଜାତୀୟବାଦୀ ସମ୍ବାଦପତ୍ରର ଅଭିମୁଖ୍ୟ ଥିଲା ଏଥିରେ ସନ୍ଦେହ ନାହିଁ । ନଅଙ୍କ ଦୁର୍ଭିକ୍ଷ ଘଟି ନ ଥିଲେ ଓଡ଼ିଶାର ଲକ୍ଷ ଲକ୍ଷ ପ୍ରାଣୀ ମୃତ୍ୟୁ କବଳରେ ନିଃଶେଷ ହୋଇ ନ ଯାଆନ୍ତେ । ଓଡ଼ିଶାର ଅର୍ଥନୀତି ସଂସ୍ଥା ଭୁଶୁଡ଼ି ପଡ଼ି ନ ଥାନ୍ତା ଏବଂ ଓଡ଼ିଆ ପ୍ରାଣ ହୁଏତ ସେହି ଘଡ଼ିସନ୍ଧି ସମୟରେ ଓଡ଼ିଶାରେ କଲେଜ ପ୍ରତିଷ୍ଠାର ସ୍ୱପ୍ନ ଦେଖି ନଅଙ୍କ ଦୁର୍ଭିକ୍ଷର ଦାରୁଣ ଦୁର୍ବିପାକ ଅତ୍ୟାଚାରର ପ୍ରତିଶୋଧ ନେଇ ନ ଥାନ୍ତେ ।

‘ଉତ୍କଳ ଦୀପିକା’ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ଏବଂ କଟକ ପ୍ରିଣ୍ଟିଂ କମ୍ପାନୀ (୧୮୬୫) ହିଁ ଓଡ଼ିଶାର ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କଦ୍ୱାରା ପ୍ରତିଷ୍ଠିତ ପ୍ରଥମ ଛାପାଖାନା । ଏହି ଦୁଇଟି ଅନୁଷ୍ଠାନ ଊନବିଂଶ ଶତାବ୍ଦୀର ଓଡ଼ିଶାର ସର୍ବାପେକ୍ଷା ଅଧିକ ଜାତୀୟସଂସ୍ଥା ଏବଂ ତଦାନୀନ୍ତନ ଓଡ଼ିଶାର ଜନମତ, ସଂସ୍କୃତି, ଅର୍ଥନୀତି ତଥା ବିବିଧ ସାମାଜିକ ଆନ୍ଦୋଳନର ପ୍ରାଣସ୍ପନ୍ଦନ ବୋଲି କୁହାଯାଇପାରେ । ଗୌରୀଶଙ୍କର ରାୟ (୧୮୩୮-୧୯୧୭), ବିଚିତ୍ରାନନ୍ଦ ଦାସ (୧୮୨୭), ଜଗମୋହନ ରାୟପ୍ରମୁଖ ଜାତୀୟତାବାଦୀ ଉତ୍କଳୀୟମାନଙ୍କ ସମସ୍ତ ପରିଚୟ, ଅଧ୍ୟବସାୟ, ପରିକଳ୍ପନା, କର୍ମନିଷ୍ଠା ଏବଂ ଗଭୀର ସାମାଜିକ ବୋଧର ମୂର୍ତ୍ତିମନ୍ତ ପ୍ରକାଶ ହୋଇଛି ଦୀପିକା ଏବଂ କଟକ ପ୍ରିଣ୍ଟିଂ କମ୍ପାନୀ ମୁଦ୍ରାଯନ୍ତ୍ର, ଶତାବ୍ଦୀର ପୁଞ୍ଜୀଭୂତ ଅନ୍ଧକାର ମଧ୍ୟରେ ଦୀପିକା ଯଥାର୍ଥରେ ଉତ୍କଳର ଜାତୀୟତା, ଜନଜାଗରଣ ଏବଂ ସର୍ବବିଧ ଉନ୍ନତିର ପ୍ରଜ୍ଜ୍ୱଳିତ ଦୀପଶିଖା ଥିଲା ବୋଲି କୁହାଯାଇପାରେ(*) । ସମସ୍ୟା ପୀଡ଼ିତ, ପୁନଶ୍ଚ ନ’ଅଙ୍କ ଦୁର୍ଭିକ୍ଷର କରାଳଗ୍ରାସରେ କବଳିତ, ଅସ୍ଥିର କଙ୍କାଳସାର ଓଡ଼ିଶାର କରୁଣ ଚିତ୍କାର, ହାହାକାର ଯେପରି ଉତ୍କଳ ଦୀପିକା କଣ୍ଠରେ ନିନାଦିତ ହେଲା, ଆଉ ସେହି ଜାତୀୟ ଧ୍ୱନି ତଥା ମୂର୍ଚ୍ଛନାର ସ୍ରଷ୍ଟା ଥିଲେ କଟକରେ ଉପରୋକ୍ତ କର୍ମୀ ମଣ୍ଡଳୀ ଏବଂ ବାଲେଶ୍ୱର ଅଞ୍ଚଳରେ ଫକୀରମୋହନ ସେନାପତି, ବୈକୁଣ୍ଠନାଥ ଦେ ଓ ଅନ୍ୟମାନେ । ନଅଙ୍କ ଦୁର୍ଭିକ୍ଷ ଜନ୍ମ ଦେଇଥିଲା ଉତ୍କଳ ଦୀପିକା ଆଉ ଉତ୍କଳ ଦୀପିକା ଅବଲମ୍ବିତ ଓଡ଼ିଶାରେ ଉଚ୍ଚଶିକ୍ଷାର ପ୍ରଥମ କୀର୍ତ୍ତି ସ୍ୱରୂପ ରେଭେନ୍ସା କଲେଜର ଜନ୍ମ ଦେଇଥିଲା । ଓଡ଼ିଶାରେ ଏକ ନବବର୍ଦ୍ଧିଷ୍ଣୁ ଶିକ୍ଷିତଗୋଷ୍ଠୀ ଯେଉଁମାନେ ଓଡ଼ିଆ ଭାଷାର ଜୀବନ୍ମୃତ ସଙ୍କଟକାଳରେ ଯାହାକିଛି ମୌଳିକ ଉତ୍କଳୀୟତା ତାହାର ନେତୃତ୍ୱ ନେଇଥିଲେ । ନଅଙ୍କ ଦୁର୍ଭିକ୍ଷର ପ୍ରଚଣ୍ଡ ଧକ୍କାରେ ଅତୀତର ଏହି କୃତବିଦ୍ୟ ଶିଳ୍ପିଜାତି ଯେପରି ଅର୍ଦ୍ଧମୃତ ହୋଇଥିଲା, ଦୁର୍ଭିକ୍ଷ ପରବର୍ତ୍ତୀ କାଳରେ ଶ୍ମଶାନ ଏବଂ ଧ୍ୱଂସର ଚିତାନଳ ମଧ୍ୟରୁ ସେହିପରି ଏକ ସ୍ୱାଭିମାନୀ ଦୃଢ଼ପ୍ରତିଜ୍ଞ ଜାତିର ଅଭ୍ୟୁଦୟ ଘଟିଥିଲା । ଜାତିର ଏହି ମାନସିକ ବିବର୍ତ୍ତନରେ ‘ଉତ୍କଳ ଦୀପିକା’ ହିଁ ତାର ସଂପାଦକ, ପାଠକ, ଗ୍ରାହକମାନଙ୍କ ମାଧ୍ୟମରେ ସକ୍ରିୟ ଭୂମିକା ଗ୍ରହଣକରିଥିଲା । ଦୁର୍ଭିକ୍ଷର କରାଳ ଗ୍ରାସ-ଜର୍ଜରିତ ଓଡ଼ିଶାରେ କି କି ଆଶୁ ଉନ୍ନତିକର ଯୋଜନା ଆରମ୍ଭ କରାଗଲେ, ଅନାହାରକ୍ଳିଷ୍ଟ ଓଡ଼ିଆ ଜାତି ବଞ୍ଚି ରହିବ, ଏହାର ସୁଚିନ୍ତିତ ସୂଚନାସମୂହ ସେହି ‘ଉତ୍କଳ ଦୀପିକା’ ସ୍ତମ୍ଭରେ ହିଁ ପ୍ରଥମେ ମୁଦ୍ରିତ ହୋଇଥିଲା । ଦୁର୍ଭିକ୍ଷର ପରବର୍ତ୍ତୀ ବିଷମ ଫଳାଫଳକୁ ଅସ୍ୱୀକାର କରି ଜନସାଧାରଣଙ୍କ ମଧ୍ୟରେ ନବୀନ ଉତ୍ସାହ, ନବ ଉଦ୍ଦୀପନା ସୃଷ୍ଟି କରି ସେମାନଙ୍କୁ ଅଚଳ ଅର୍ଥନୈତିକ ନିର୍ଯ୍ୟାତନାରୁ ରକ୍ଷାକରିବା ଲାଗି ‘ଉତ୍କଳ ଦୀପିକା’ ହିଁ ପ୍ରଥମେ ସ୍ୱପ୍ନ ଦେଖିଥିଲା । ଉତ୍କଳ ଦୀପିକା ଯେପରି ସମ୍ବାଦ ଏବଂ ସମ୍ପାଦକୀୟ ଲେଖା ପ୍ରକାଶ କରୁଥିଲା, ସରକାର ସେମିତି ତାହାର ତୁରନ୍ତ ପ୍ରତିକାର ପାଇଁ ଆଗ୍ରହୀ ହେଉଥିଲେ ।

(*) କର୍ମଯୋଗୀ ଗୌରୀଶଙ୍କର—ପଣ୍ଡିତ ମୃତ୍ୟୁଞ୍ଜୟ ରଥ ।

ଦୁର୍ଭିକ୍ଷ ସମ୍ବନ୍ଧୀୟ ବିବରଣୀସମୂହ ଦୀପିକା ପୃଷ୍ଠାରେ ଯେପରି ଧାରାବାହିକ ଭାବରେ ସ୍ଥାନ ପାଉଥିଲା, ସେଥିରୁ ଓଡ଼ିଶାର ଭୁଷୁଡ଼ି ପଡ଼ିଥିବା ଅର୍ଥନୀତିକୁ ସୁଧାରିବା ପାଇଁ ସମ୍ପାଦକଙ୍କର ଏକାନ୍ତ ବ୍ୟାକୁଳତା ସ୍ପଷ୍ଟ । ଉତ୍କଳ ଦୀପିକାରେ ସେହି ସମୟରେ ଓଡ଼ିଶାର କରାଳ ଚିତ୍ର ସମ୍ବନ୍ଧୀୟ ପ୍ରକାଶିତ କେତେକ ସମ୍ବାଦର ସୂଚନା ଏଠାରେ ଦିଆଗଲା—

"ଅଦ୍ୟ ଆମ୍ଭମାନଙ୍କର ଶ୍ରୁତିଗୋଚରରେ ଆସିଲା ଯେ, ମାହାଙ୍ଗା ଗ୍ରାମରେ କେତେ ଦିନ ହେଲା ଗୋଟିଏ ଅନାହାରପୀଡ଼ିତା ସ୍ତ୍ରୀଲୋକ ଜାତିରେ ଗୁଡ଼ିଅଣୀ ପ୍ରବେଶ କରିଅଛି । ତାହାର ଅବସ୍ଥା ଅତି ଘୃଣାକର । ମନୁଷ୍ୟ ମାଂସ ଭକ୍ଷଣରେ ତାହାର ଅତ୍ୟନ୍ତ ପ୍ରୀତି । ଅନ୍ନଭୋଜନ ପାଉଥିଲେ ମଧ୍ୟ ସେ ଶ୍ମଶାନକୁ ଯାଇ ମୃତପିଣ୍ଡ ମୃତ୍ତିକା ମଧ୍ୟରୁ ବାହାର କରି କଞ୍ଚା ମାଂସ ଭୋଜନ କରେ । ଏକଦା ଗୋଟିଏ ଅଳ୍ପବୟସ୍କା ସୁନ୍ଦରୀ ବାଳିକା ଦାଣ୍ଡରେ ବୁଲୁଥିଲା । ସେ ରାକ୍ଷସୀ ତାକୁ ଦେଖି ତାହାଠାକୁ ଆସି ତାହାର ଶରୀରରୁ ଦୁଇପଲା ମାଂସ କାମୁଡ଼ି ଖାଇଲା । ବାଳିକା ଉଚ୍ଚସ୍ୱରରେ ରୋଦନ କରନ୍ତେ କେତେଜଣ ଦୌଡ଼ି ଆସି ବାଳିକାକୁ ରକ୍ଷା କଲେ । ତାହାର ଏ ରୂପ କଦାଚାର ନିମନ୍ତେ ପୂର୍ବେ ଥରେ ତାହା ଶରୀରରେ ତପ୍ତ ଲୌହଦ୍ୱାରା ଚେକା ଦିଆଯାଇଥିଲା । (୧ମ ଭାଗ, ୧୧ ତାରିଖ, ଅଗଷ୍ଟ ସନ ୧୮୬୬ ମସିହା, ସଂଖ୍ୟା ୨)

"ଆମ୍ଭେମାନେ ଗତ ସପ୍ତାହ ପତ୍ରିକାରେ ଦୁର୍ଭିକ୍ଷ ଅନୁସନ୍ଧାନ କମିଶନମାନ କାର୍ଯ୍ୟାରମ୍ଭ ବିଷୟ ଲେଖିଥିଲୁଁ । ଏ ସପ୍ତାହରେ ମୋର୍କାର ଆସିଷ୍ଟାଣ୍ଟ ବା ସର୍ଟିସ ହେବ ଓ ଭଦ୍ରକର ଆସିଷ୍ଟାଣ୍ଟ ସର୍ଟ ସାହେବ ଓ ଦୁର୍ଭିକ୍ଷ ସଂକ୍ରାନ୍ତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକାରକମାନଙ୍କର ଜବାନବନ୍ଦି ନିଆଯାଇଅଛି । ଏମାନେ କି କହିଅଛନ୍ତି ତାହା ସର୍ବସାଧାରଣଙ୍କର ଜାଣିବାର ଉପାୟ ନାହିଁ । ଏ ବିଷୟରେ କମିଶନରମାନେ ତଳଲିଖିତ ବିଜ୍ଞାପନ ଦେଇଅଛନ୍ତି ।

"ଦୁର୍ଭିକ୍ଷ ଅନୁସନ୍ଧାନ ଖାସ କମିଶନରମାନଙ୍କ ସଭାରେ କୌଣସି ଭଦ୍ରଲୋକ ଉପସ୍ଥିତ ରହିବାର ଇଚ୍ଛାହେଲେ ତହିଁ ନିମନ୍ତେ ଆହ୍ୱାନ କରାଯାଇଅଛି; ମାତ୍ର ସେଠାରେ ଯେ ଯୋବାନବନ୍ଦି ନିଆଯିବ, ତାହା ବର୍ତ୍ତମାନ କେହି ଲିଖିତ ନେଇପାରିବେ ନାହିଁ ।" (୧ମ ଭାଗ, ୨୧ । ୧୨ । ୧୮୬୬, ସଂଖ୍ୟା ୨୧)

"ଆମ୍ଭେମାନେ ଅବଗତ ହେଲୁ ଯେ କମିଶନରମାନେ ଦୁଇ ଏକ ଦିନରେ ନିଶ୍ଚୟ ଏ ସ୍ଥାନରୁ କଲିକତାକୁ ଗମନ କରିବେ; ମାତ୍ର ଯେ କର୍ମ ନିକାଶେ ଏମାନେ ଏଠାକୁ ଆସିଥିଲେ, ତାହା କେତେଦୂର ସମ୍ପନ୍ନ କଲେ ତାହା ଆମ୍ଭେମାନେ ଜାଣିପାରିଲୁ ନାହିଁ । କାରଣ ଏମାନଙ୍କର କାର୍ଯ୍ୟର ବୃତ୍ତାନ୍ତ ସାଧାରଣଙ୍କର କର୍ଣ୍ଣଗୋଚର ହେଲାନାହିଁ । ଏମାନେ ଏଠାକୁ ଆସିଲାଦିନୁ ଦୋମହଲା କୋଠା ଉପରେ ସ୍ଥାନୀୟ ହାକିମ କର୍ମା ଅମଲା ଓଗେରଙ୍କଠାରୁ ଦୁର୍ଭିକ୍ଷର ଫଳାଫଳର ଅନୁସନ୍ଧାନ କରୁଅଛନ୍ତି ଓ ଯଦ୍ୟପି କକେତେକ ସମ୍ଭ୍ରାନ୍ତ ସ୍ୱାଧୀନ ବ୍ୟକ୍ତିଙ୍କ ଯୋବାନବନ୍ଦି ନେଇଅଛନ୍ତି ଏବଂ ସେମାନେ ନିର୍ଭୟରୂପେ ସତ୍ୟ କହିଥିବାର ଆମ୍ଭମାନଙ୍କର

ବିଶ୍ୱାସ ହେଉଅଛି; ମାତ୍ର ତାଙ୍କ ସଂଖ୍ୟା ଅଳ୍ପ ଥିବାରୁ ଅଧିକ ଲୋକଙ୍କ କଥାର ଅନୁଗାମୀ ହେବେ ଏ ରୂପ ଆଶଙ୍କା ହେଉଅଛି । କମିଶନରମାନଙ୍କୁ ମଫସଲ ଯାଇ କିଛିଦିନ ଓଡ଼ିଶାର ଦୁର୍ଦ୍ଦଶା ଦେଖିବାର ଆବଶ୍ୟକ ଥିଲା । ତାହାକଲେ ପ୍ରକୃତ କଥାମାନ ସେମାନଙ୍କର ଯେ ରୂପ ହେବ କେବଳ । ସାହାଯ୍ୟ ସଂକ୍ରାନ୍ତ କେତେକ ବ୍ୟକ୍ତିଙ୍କ ମୁଖରେ ସମସ୍ତ ବିଷୟ ଅବଗତ ହେବାର ଆସି ଏଠାକୁ ନ ଆସି ମଧ୍ୟ ରିପୋର୍ଟ-ଦ୍ୱାରା ପୂର୍ଣ୍ଣ ହୋଇ ପାରନ୍ତା । ଆମ୍ଭେମାନେ ଭରସା କରୁ ଯେ କମିଶନରମାନେ ଯେ ରୂପ ପରିଶ୍ରମ ଓ ଯତ୍ନପୂର୍ବକ ଏଠାରେ କର୍ମ କରିଅଛନ୍ତି, ସେ ରୂପ ମଧ୍ୟ କିଞ୍ଚିତ ଅତିରିକ୍ତ ପରିଶ୍ରମ ସ୍ୱୀକାର ପୂର୍ବକ ମଫସଲର ଅବସ୍ଥା ସ୍ୱଚକ୍ଷୁରେ ଦର୍ଶନ କରନ୍ତୁ । ତାହାହେଲେ ପ୍ରଜାମାନେ ଉତ୍ତମରୂପେ ଜାଣିପାରିବେ ଯେ ଶ୍ରୀ ଶ୍ରୀମତୀ ମହାରାଣୀ ତାହା ଦୁଃଖ ଜାଣିବା ଏବଂ ସେଥିରେ ନିବାରଣୋପାୟ କରିବାଲାଗି କି ପର୍ଯ୍ୟନ୍ତ ସମୁତ୍ସୁକ ଅଛନ୍ତି ଓ ତଦ୍ଦ୍ୱାରା ରାଜଭକ୍ତିର ଭାବମାନ ଦୃଢତରରୂପେ ସେମାନଙ୍କ ଚିତ୍ତରେ ସ୍ଥାନପାଇବ ।

“କମିଶନରମାନଙ୍କଠାରେ ଆମ୍ଭମାନଙ୍କର ଆଉ ଏକ ପ୍ରାର୍ଥନା ଅଛି ଯେ ସର୍ବ-ସାଧାରଣଙ୍କ ଜ୍ଞାତବ୍ୟ କାରଣ ତାହାଙ୍କ ଲେଖାହୋଇଥିବା ଯବାନବନ୍ଦିର ଖୋଲସା ପ୍ରଶ୍ନ କରନ୍ତୁ ଯେରୂପେ କି ରିପୋର୍ଟ ପର୍ଚ୍ଚରେ ଯାହାର ଯେ ଆପତ୍ତି ଥିବ, ସେ ସମସ୍ତ ବ୍ୟକ୍ତ ହୋଇଥିବ । ଆମ୍ଭେମାନେ ଶୁଣିଅଛୁଁ ଯେ ବଙ୍ଗଳା ନୀଲକୃଷି ଅନୁସନ୍ଧାନୀ କମିଶନରମାନେ ଏହି ପ୍ରକାର କରିଥିଲେ; ଅତଏବ ଏମାନଙ୍କର ଏ ରୂପ କରିବା ପକ୍ଷରେ କିଛି ବାଧା ହୋଇନପାରେ । ( ୨ୟ ଭାଗ, ସନ ୧୨ । ୧ । ୧୮୬୭ ସଂଖ୍ୟା-୨ )

‘ ଦୁର୍ଭିକ୍ଷ କମିଶନରମାନେ ଗତ ରବିବାର ଓ ସୋମବାର ସୁଦ୍ଧା କଟକରୁ ପୁରୀକୁ ଯାଇଥିଲେ । ସେଠାରେ ଜାହାଜରେ ସମୁଦ୍ରପଥରେ ବାଲେଶ୍ୱରରେ ପ୍ରବେଶ ହେବେ ଓ ସେଠାରେ କର୍ମ ଶେଷକରି କଲିକତାକୁ ଯାଇ ଫେବୃଆରି ମାସର ପ୍ରଥମାବସ୍ଥାରେ ରିପୋର୍ଟ ଦାଖଲ କରିବାର ସମ୍ଭବ ହେଉଅଛି; ମାତ୍ର ଏରୂପ ହେଲେ ସୁଦ୍ଧା ପାର୍ଲିଆ-ମେଣ୍ଟରେ ଆଗତ ସଭାରେ ଯେ ଏମାନଙ୍କ ରିପୋର୍ଟ ଆଗତ ହୋଇପାରିବ, ବିଶ୍ୱାସ ହେଉନାହିଁ । (୨ୟ ଭାଗ ୧୯ । ୧ । ୧୮୬୭, ସଂଖ୍ୟା-୩ )

“ଲଣ୍ଡନ ନଗରରୁ ଜୁଲାଇ ମାସ ୨ ତାରିଖରେ ତାରଡ଼ାକଦ୍ୱାରା ଆସିଥିବା ସମ୍ବାଦରୁ ଜଣାଗଲା ଯେ ଓଡ଼ିଶା ଦୁର୍ଭିକ୍ଷ ରିପୋର୍ଟ ପାର୍ଲିଆମେଣ୍ଟ ସଭାରେ ଆଗତ ହୋଇଅଛି । ଆମ୍ଭମାନଙ୍କର ଗଭର୍ଣ୍ଣର ଜେନେରାଲ୍ ଶ୍ରୀଯୁକ୍ତ ଲରେନସ ସାହେବ ଆପଣାର ଯେଉଁ ମନ୍ତବ୍ୟ ଲଗି ଅତି ବୃହତ୍ତ୍ୱ ଅଟଇ ଓ ସେଥିରେ ଗଭର୍ଣ୍ଣର ଜେନେରାଲ ସାହେବ ଲେଖିଅଛନ୍ତି ଯେ ଏ ଦୁର୍ଘଟଣା ସମ୍ପର୍କରେ ବଙ୍ଗଳାର ଗଭର୍ଣ୍ଣମେଣ୍ଟ ସାବଧାନତା, ବିଚକ୍ଷଣତା ଓ ବହୁଦର୍ଶିତାର ଅଭାବ ପ୍ରଦର୍ଶନ କରିଅଛନ୍ତି ଓ ଏ ସମସ୍ତ ଅଭାବର କୌଣସି ଉପଯୁକ୍ତ କାରଣ ନାହିଁ ।

“ଲଣ୍ଡନ ନଗରର ଟାଇମ୍ସ ନାମକ ପତ୍ରିକା ମୁଦ୍ରିତ କରି ସେଥିରେ ଭାରତ-ବର୍ଷୀୟ ଗଭର୍ଣ୍ଣମେଣ୍ଟକୁ ଏହି ରୂପେ ଦୋଷୀ କରିଅଛନ୍ତି ଯେ ସେ ଦୁର୍ଭିକ୍ଷ ଆରମ୍ଭରେ କୌଣସି ଉପାୟ ଚେଷ୍ଟା କରିନାହାନ୍ତି ।

"ଅତଏବ ଦେଖାଯାଏ ଯେ ଦୁର୍ଭିକ୍ଷ କମିଶନରମାନେ ସ୍ଥାନୀୟ ଗଭର୍ଣ୍ଣମେଣ୍ଟ ଓ କର୍ମଚାରୀମାନଙ୍କୁ ରକ୍ଷାକରିବାରେ ଯେତେ ଚେଷ୍ଟା କରିଅଛନ୍ତି, ତାହା କିଛି ସଫଳ ହୋଇନାହିଁ । ପାର୍ଲିଆମେଣ୍ଟରେ ଯଥାର୍ଥ ବିଚାର ହେବ ଓ ଯେ ଯେଉଁ ପ୍ରକାର କର୍ମ କରିଅଛନ୍ତି, ସେ ପରିମାଣରେ ନିନ୍ଦା ବା ପ୍ରଶଂସା ପାଇବେ; ମାତ୍ର ଆଶ୍ଚର୍ଯ୍ୟର ବିଷୟ ଯେ କମିଶନରମାନେ ଆପଣା ରିପୋର୍ଟରେ ଲେପ୍‌ଟେନାଣ୍ଟ ଗଭର୍ଣ୍ଣରଙ୍କୁ ନିର୍ଦ୍ଦୋଷ କରିବାର ଚେଷ୍ଟା କରିଅଛନ୍ତି; କିନ୍ତୁ ଗଭର୍ଣ୍ଣର ଜେନେରାଲ ସାହେବ ତାଙ୍କର ନିନ୍ଦା ରିପୋର୍ଟରେ କରିଅଛନ୍ତି । ଏସ୍ଥଳେ କମିଶନରମାନଙ୍କ ମତ ପ୍ରାୟ ଧାର୍ଯ୍ୟ ହେବନାହିଁ ।

"କମିଶନରମାନେ ଆପଣା ରିପୋର୍ଟରେ ଦୁର୍ଭିକ୍ଷ୍ୟ ସଂକ୍ରାନ୍ତ ସମସ୍ତ ବିଷୟ ବାହୁଲ୍ୟ ରୂପେ ଲେଖିଛନ୍ତି; ମାତ୍ର ଅପୂର୍ବ କୌଶଳଦ୍ୱାରା କୌଣସି ହାକିମଙ୍କୁ ଏଥିରେ ବିଶେଷ ଦୋଷୀ କରିନାହାନ୍ତି । ଓଡ଼ିଶା ହାକିମମାନଙ୍କ ପକ୍ଷରେ ସାଧାରଣରୂପେ ଏହି ରାୟ ଦେଇ ଅଛନ୍ତି ଯେ ସେମାନଙ୍କର ସାହସ କିଛିମାତ୍ର ନାହିଁ । କେବଳ ଶ୍ରୀଯୁକ୍ତ ବାର୍ଲୋ ସାହେବ ପୁରୀ କଲେକ୍ଟରଙ୍କର ପ୍ରଶଂସା କରିଅଛନ୍ତି ଓ ଅପର ସ୍ଥାନରେ ହାକିମ ମଧ୍ୟରୁ ନଦୀୟାର କଲେକ୍ଟର ଓ କମିଶନର ସାହେବଙ୍କର ବିଶେଷ ପ୍ରଶଂସା ହୋଇଅଛି ।" (୨ୟ ଭାଗ, ୨୦ । ୭ । ୧୮୬୭, ସଂଖ୍ୟା–୨୯)

□ □ □

# ଓଡ଼ିଶାରେ ଭାଷା ଆନ୍ଦୋଳନର ଭୂମିକା

ଅତ୍ୟନ୍ତ ଦୁଃଖଦାୟକ, ଭୟାବହ, ବିଭୀଷିକାପୂର୍ଣ୍ଣ, କୁଖ୍ୟାତ ନ'ଅଙ୍କ ଦୁର୍ଭିକ୍ଷର ପରିବେଶରେ 'ଉତ୍କଳ ଦୀପିକା'ର ଆବିର୍ଭାବ ହୋଇଥିବାରୁ ତା'ର ପ୍ରତ୍ୟେକ ପୃଷ୍ଠାରେ ନ'ଅଙ୍କ ଦୁର୍ଭିକ୍ଷର କରାଳଗ୍ରାସ, ଅନାହାରଜନିତ ସହସ୍ର ସହସ୍ର ମୃତ୍ୟୁ ସମ୍ବାଦ ଓଡ଼ିଶାବାସୀଙ୍କର ବର୍ଣ୍ଣନାତୀତ ଦୁଃଖ, ଅଭିଶାପ ଏବଂ ହୃଦୟବିଦାରକ କାହାଣୀ ହିଁ ସ୍ଥାନ ପାଇଥିଲା । ବ୍ରିଟିଶ ସରକାରଙ୍କ ଉଚ୍ଚତମ କର୍ମଚାରୀମାନଙ୍କର ପ୍ରଶାସନିକ ଅପାରଗତା ଓଡ଼ିଶାରେ ନ'ଅଙ୍କ ଦୁର୍ଭିକ୍ଷପାଇଁ ଯେଉଁ ପରିମାଣରେ ଦାୟୀ ଏବଂ ନ'ଅଙ୍କ ଦୁର୍ଭିକ୍ଷର ପରବର୍ତ୍ତୀ ପରିସ୍ଥିତିର ମୁକାବିଲା ପାଇଁ ସରକାରଙ୍କ କି କି ଯୋଜନା ପଦକ୍ଷେପ ଗ୍ରହଣ କରିବା କଥା, ଜନସାଧାରଣ ଉପର ଏତାଦୃଶ ଦୈବୀ ଦୁର୍ବିପାକ ବିରୋଧରେ ସଂଗଠିତ ହେବା ଦରକାର, ଦୀପିକା ତାର ସ୍ତମ୍ଭମାନଙ୍କରେ ବରାବର ସୂଚିତ କରିଥିଲେ । ଅନାହାରକ୍ଲିଷ୍ଟ ଦୁର୍ଭିକ୍ଷ କବଳିତ ଓଡ଼ିଶାର ସମୟୋପଯୋଗୀ ସେବା କରିବାଲାଗି 'ଉତ୍କଳ-ଦୀପିକା' ଯେଉଁ ସୁଯୋଗ ପାଇଥିଲା, ତାହା ପରବର୍ତ୍ତୀ ସମ୍ବାଦପତ୍ରମାନଙ୍କ ପକ୍ଷରେ ସମ୍ଭବ ହୋଇନଥିଲା । ତେଣୁ ଦୀପିକା ଓଡ଼ିଶା ଦୁର୍ଭିକ୍ଷର ବିସ୍ତୃତ ବିବର ଆଲୋଚନା କରି ଏବଂ ଦୁର୍ଭିକ୍ଷ ସଂବନ୍ଧୀୟ ବହୁ ଲୋମହର୍ଷଣକାରୀ ଘଟଣା ପ୍ରକାଶିତ କରି ଏକ ଜାତୀୟତାବାଦୀ, ସ୍ୱାଧୀନ, ନିର୍ଭୀକ ସମ୍ବାଦପତ୍ରର ଗୁରୁଦାୟିତ୍ୱ ସଂପାଦନ କରିଥିଲା ବୋଲି କୁହାଯାଇପାରେ ।

ସଂସ୍କାରକ ଏବଂ ଶିକ୍ଷାପ୍ରେମୀ ପ୍ୟାରୀମୋହନ ଆଚାର୍ଯ୍ୟ ତାଙ୍କ ଲିଖିତ 'ଓଡ଼ିଶା ଇତିହାସ'ରେ ଓଡ଼ିଶାରେ ଅନାହାରକ୍ଲିଷ୍ଟ ମଣିଷ ମଣିଷ-ମାଂସ ନିର୍ବିକାର ଚିତ୍ତରେ ଭକ୍ଷଣ କରିଥିଲା ବୋଲି ବର୍ଣ୍ଣନା କରିଥିଲେ । ବିପର୍ଯ୍ୟୟ, ଦୁଃଖ, ଅଭିଶାପ-ବିଦଗ୍ଧ ମୁହୂର୍ତ୍ତରେ ଦେଶପନ୍ତରେ ସମ୍ବାଦପତ୍ରର ଭୂମିକା କିପରି ଗୁରୁତ୍ୱପୂର୍ଣ୍ଣ, ତାହା 'ଦୀପିକା'ର ପ୍ରାଚୀନ ସଂଖ୍ୟା ପାଠକଲେ ଜଣାଯାଏ । ଯାହାହେଉ, ଓଡ଼ିଆ ଭାଷାରେ ସ୍ଥାନୀୟ ନେତୃବୃନ୍ଦଙ୍କ ପରିକଳ୍ପିତ ପ୍ରଥମ ସମ୍ବାଦପତ୍ର ତା'ର କର୍ତ୍ତବ୍ୟ ବିଜ୍ଞତାର ସହିତ ସମ୍ପାଦନ କରିଥିଲା ଏବଂ 'ଦୀପିକା'ର ଏହି ଜାତୀୟତାବାଦୀ ଇଙ୍ଗିତ ଏବଂ ତା'ର ଉତ୍ତରାଧିକାରୀଙ୍କୁ ସମାଜ, ଦେଶସେବା କ୍ଷେତ୍ରରେ ବିଶେଷ ଅନୁପ୍ରାଣିତ କରିଥିଲା । 'ଦୀପିକା'ର କଠୋର ନିର୍ଭୀକତା, ଶାସକ ଏବଂ ଶାସିତ ମଧ୍ୟରେ ସଂଯୋଗ ସ୍ଥାପନ କରିବାର ଦକ୍ଷତା ଆଜି ଇତିହାସର ପ୍ରମାଣିତ ତଥ୍ୟ ।

ସମ୍ବାଦପତ୍ରର ଇତିହାସରେ 'ଦୀପିକା'ର ବିଗତ ଶତାବ୍ଦୀର ଶେଷପାଦର ସଂବାଦପତ୍ର ଭାବରେ ପରବର୍ତ୍ତୀ ମୁଖ୍ୟ ଉତ୍ତରାଧିକାରୀ ହେଉଛନ୍ତି—"ବୋଧଦାୟିନୀ' ଏବଂ 'ବାଲେଶ୍ୱର ସମ୍ବାଦବାହିକା' (ଜୁଲାଇ ୧୮୬୮ ଏବଂ ୧୮୭୨ ମସିହାରୁ ମାସିକ), ଉତ୍କଳ

ହିତୈଷିଣୀ (ପାକ୍ଷିକ ଏବଂ ୧୮୭୯ରୁ ସାପ୍ତାହିକ), ଉତ୍କଳ ପୁତ୍ର (କଟକ ୧୮୭୩, ପ୍ରଥମେ ପାକ୍ଷିକ ପରେ ସାପ୍ତାହିକ), ବିଦେଶୀ (କଟକ-୧୮୭୩), ପୁରୁଷୋତ୍ତମ ଚନ୍ଦ୍ରିକା (ପୁରୀ, ୧୮୭୪-ମାସିକ, ସ୍ୱଦେଶୀ (ବ୍ରହ୍ମପୁର-୧୮୭୭), ଉତ୍କଳ ମଧୁପ (କଟକ-୧୮୭୮-ମାସିକ), ଓଡ଼ିଶା ଗେଜେଟ (୧୮୭୯), ପ୍ରଜାବନ୍ଧୁ (ବାଲେଶ୍ୱର ୧୮୮୨), ସେବକ(କଟକ-ମାସିକ, ୧୮୮୩), ସଂସ୍କାରକ (କଟକ-୧୮୮୩ ସାପ୍ତାହିକ,) ଶିକ୍ଷାବନ୍ଧୁ (କଟକ-୧୮୮୬ ମାସିକ), ବ୍ୟବସାୟୀ (ବାରିପଦା-୧୮୮୬), ଆଶା (କଟକ-୧୮୮୮), ସମ୍ବଲପୁର ହିତୈଷିଣୀ (୧୮୮୯), ଦୀପକ କଟକ-୧୮୮୯, ସାପ୍ତାହିକ), ଉତ୍କଳପ୍ରଭା (୧୮୯୧-ମାସିକ), ଇନ୍ଦ୍ରଧନୁ (କଟକ-୧୮୯୩), ବିଜୁଳି (ବାମଣ୍ଡା-୧୮୯୩), ଆଶା (କଟକ-୧୮୯୨), ବ୍ରାହ୍ମ-(କଟକ-୧୮୯୨-ମାସିକ), ଉତ୍କଳ ଶିକ୍ଷକ (କଟକ-୧୮୯୪-ମାସିକ), ଉତ୍କଳବନ୍ଧୁ (ତାଳଚେର ୧୮୯୬-ମାସିକ), ପ୍ରଭାତତାରା (କଟକ-୧୮୯୬-ଖ୍ରୀଷ୍ଟିଆନ୍ ସଂପ୍ରଦାୟର ପତ୍ରିକା), ଉତ୍କଳ ସାହିତ୍ୟ (୧୮୯୭ ମାସିକ), ସାହିତ୍ୟପତ୍ର ଗଞ୍ଜାମ ଓଡ଼ିଆ ହିତବାଦିନୀ (ବ୍ରହ୍ମପୁର ୧୮୯୯-ପ୍ରଥମେ ମାସିକ, ପରେ ସାପ୍ତାହିକ), ଆଲୋଚନା (ବାମଣ୍ଡା-୧୯୦୦-ମାସିକ), ଗଡ଼ଜାତବାସିନୀ (ତାଳଚେର-୧୯୦୨) ପ୍ରଭୃତି " ଏହି ସବୁ ଉଲ୍ଲେଖଯୋଗ୍ୟ ଓଡ଼ିଆ ପତ୍ର-ପତ୍ରିକା ବ୍ୟତୀତ ଇଂରେଜୀ ଭାଷାରେ ମଧ୍ୟ ସେହି ଯୁଗରେ କତିପୟ ସମ୍ବାଦପତ୍ର ପ୍ରକାଶିତ ହୋଇଥିବାର ଜଣାଯାଏ । ଯଥା:-Cuttack Star, Cuttack Argus, Ganjam News (ବ୍ରହ୍ମପୁର-୧୯୮୨), Orissa Patriot (କଟକ-୧୮୮୮), Orissa students' (କେନ୍ଦ୍ରାପଡ଼ା ୧୮୮୬) ।

ଉପରୋକ୍ତ ପତ୍ରିକା ସମ୍ବାଦପତ୍ର ସମୂହର ତାଲିକାରେ ଆହୁରି ଅନେକ କ୍ଷୁଦ୍ର କ୍ଷୁଦ୍ର ସହଯୋଗୀମାନଙ୍କର ମଧ୍ୟ ନାମୋଲ୍ଲେଖ କରାଯାଇପାରେ । ସେହି ସମସ୍ତ ସମ୍ବାଦପତ୍ରର ଉଦ୍ଦେଶ୍ୟ ଥିଲା ଖଣ୍ଡିତ ବିଖଣ୍ଡିତ ଉତ୍କଳର ସେବା ଏବଂ ଉତ୍କଳର ବିଭିନ୍ନ ସମସ୍ୟାର ଉତ୍ଥାପନ ଏବଂ ଆଶୁ ସମାଧାନ ପ୍ରଚେଷ୍ଟା । ଊନବିଂଶ ଶତାବ୍ଦୀର ଶେଷପାଦ ଓଡ଼ିଶାର ରାଜନୈତିକ, ସାମାଜିକ ଏବଂ ସାଂସ୍କୃତିକ ଇତିହାସରେ ବହୁଦିଗରୁ ଗୁରୁତ୍ୱପୂର୍ଣ୍ଣ ।

ବହୁ ଯୁଗ ପୂର୍ବରୁ ଓଡ଼ିଆ ଭା ହିଁ ଓଡ଼ିଶାର ଭୌଗଳିକ, ଐତିହାସିକ ଏବଂ ସାଂସ୍କୃତିକ ସ୍ୱରୂପ ଚିହ୍ନିତ । ଓଡ଼ିଶାର ଓଡ଼ିଆ ଭାଷାକୁ କେନ୍ଦ୍ର କରି ଓଡ଼ିଶାର ନବ ଜାଗରଣ ଏବଂ ଆଧୁନିକ ଉନ୍ମେଷକାଳରେ ଯେଉଁ ଐତିହାସିକ ଝଡ଼ ଏହି ରାଜ୍ୟ ଉପରେ ପ୍ରବାହିତ ହୋଇଯାଇଥିଲା ଏବଂ ଓଡ଼ିଆ ଭାଷାକୁ ତାର ଜନ୍ମମାଟିରୁ ବିଦାୟ ଦେବାପାଇଁ କତିପୟ ଲଘୁ ଦୃଷ୍ଟିସମ୍ପନ୍ନ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିମାନଙ୍କ ଅପଚେଷ୍ଟା ଆରମ୍ଭ ହୋଇଥିଲା, ତାହାର ଯଥାର୍ଥ ମୁକାବିଲା ସେହି ଯୁଗରେ ଖଣ୍ଡେଅଧେ ସଂବାଦପତ୍ର ହିଁ କରିପାରିଥିଲେ । ଓଡ଼ିଆ ସଂବାଦପତ୍ର 'ଉତ୍କଳ ଦୀପିକା', ଯେବେ ଓଡ଼ିଆ ଭାଷା ବିରୋଧୀ ବ୍ୟକ୍ତିମାନଙ୍କର 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ' ବିକୃତ ସ୍ୱରକୁ ନିର୍ଭୀକତା ଏବଂ ବଳିଷ୍ଠ ଜାତୀୟ ପ୍ରେମ ସହିତ ଚାପି ଦେଇନଥାନ୍ତା, ତାହେଲେ ସବୁଦିନ ପାଇଁ ଓଡ଼ିଆ ଭାଷା ଏବଂ ଓଡ଼ିଆ ଜାତି

ସ୍ୱକୀୟ ଆତ୍ମନିୟନ୍ତ୍ରଣ ଅଧିକାରରୁ ଏବଂ ଜାତୀୟ ଐଶ୍ୱର୍ଯ୍ୟରୁ ବଞ୍ଚିତ ହୋଇଥାନ୍ତି । 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ'—ସଦୃଶ ବଙ୍ଗର ପ୍ରସ୍ତାବ ଓଡ଼ିଆଭାଷା ମୂଳରେ ଯେପରି କୁଠାରଘାତ କରିଥିଲା । ଇଂରେଜମାନେ ୧୮୦୩ରେ ଓଡ଼ିଶା ଅଧିକାର କରିବା ଦିନଠାରୁ ହିଁ ଓଡ଼ିଆ ଭାଷାକୁ ବିଭିନ୍ନ ସ୍ତରରେ ଏବଂ ପର୍ଯ୍ୟାୟରେ ଏକ ପ୍ରାଦେଶିକ ଭାଷାର ଗୌରବ ଏବଂ ସ୍ୱୀକୃତି ପ୍ରଦାନ କରିଥିଲେ । କୋର୍ଟ କଚେରୀରେ ପାର୍ଶୀ ଭାଷାର ପ୍ରଚଳନଗତ ପ୍ରଭାବ ଥିଲା ସତ୍ୟ, ମାତ୍ର ଓଡ଼ିଆ ଭାଷାକୁ ପ୍ରଶାସନିକ ଚଳଣିରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ଓଡ଼ିଶାରେ ଯଥେଷ୍ଟ ସଂଖ୍ୟାରେ ଶିକ୍ଷାନୁଷ୍ଠାନ ନଥିଲା । ଉପଯୁକ୍ତ ସଂଖ୍ୟାରେ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ମଧ୍ୟ ନଥିଲା । ତଥାପି ଓଡ଼ିଶାର ଇଂରେଜ ଶାସକଗଣ ବରାବର ଓଡ଼ିଆ ଭାଷାର ଜାତୀୟ ଗୁରୁତ୍ୱ ଉପଲବ୍ଧି କରିଥିଲେ । ତଦାନୀନ୍ତନ ବଙ୍ଗବାସୀ ଏବଂ ବଙ୍ଗଳା ଭାଷାର ପ୍ରଭାବ ଥିଲା ସତ୍ୟ, ମାତ୍ର ଭାରତର ଅନ୍ୟାନ୍ୟ ପ୍ରାଦେଶିକ ଭାଷାସମୂହର ମଧ୍ୟ କମ୍ ଗୁରୁତ୍ୱ ନଥିଲା ।

ଇଂରେଜ ଶାସନର ପ୍ରଥମ ପର୍ଯ୍ୟାୟରେ ଖ୍ରୀଷ୍ଟିଆନ୍ ମିସନାରୀମାନେ ଭାରତର ପ୍ରାଦେଶିକ ଭାଷାମାନଙ୍କରେ ଅନୁବାଦ, ମୌଳିକ ପୁସ୍ତକ ଏବଂ ପାଠ୍ୟପୁସ୍ତକ ରଚନା-କରି ପ୍ରାଦେଶିକ ଭାଷାସମୂହକୁ ଗୌରବ ପ୍ରଦାନ କରିଥିଲେ । ଉଇଲିୟମ କେରି, ମାର୍ଶମାନ, ଏଡୱାର୍ଡ, ଲେସି, ସଟନ ସାହେବଙ୍କ ଦୃଷ୍ଟିରେ ଓଡ଼ିଆ ଭାଷା ଥିଲା ଏକ ସ୍ୱୟଂସଂପୂର୍ଣ୍ଣ ମୌଳିକ ଭାଷା । ଓଡ଼ିଆ ଭାଷାର ଏସବୁ ସ୍ୱୀକୃତି, ପ୍ରମାଣ ସତ୍ତ୍ୱେ ବିଭିନ୍ନ କାରଣଦ୍ୱାରା ପରିଚାଳିତ ହୋଇ ବଙ୍ଗଳାର କେହି କେହି ଆଲୋଚକ ଓଡ଼ିଆ ଭାଷାର ବିଲୋପପାଇଁ ଭାଷାସମିତିମାନଙ୍କରେ ଅଯାଚିତ ମତ ଦେଉଥିଲେ । କଟକ ସହରରେ ଡିବେଟିଂ ସୋସାଇଟିରେ ପ୍ରତ୍ନତତ୍ତ୍ୱବିତ୍ ରାଜେନ୍ଦ୍ରଲାଲ ମିତ୍ର (୧୮୬୮ ଡିସେମ୍ବର) ପଠିତ ଜାତୀୟତା ପ୍ରବନ୍ଧ ସଂପର୍କରେ ଟିପ୍ପଣୀ ଦେଇଥିଲେ । ଯାହାର ଅସଲ ଉଦ୍ଦେଶ୍ୟ ଥିଲା ଓଡ଼ିଆ ଭାଷାର ସ୍ଥିତି ଓ ମୌଳିକତାକୁ ଅସ୍ୱୀକାର କରିବା । ସେ କହିଥିଲେ—"ଉତ୍କଳର ଯଥାର୍ଥ ହିତାକାଂକ୍ଷୀ ଯେ ହେବ, ସର୍ବାଗ୍ରେ ଉତ୍କଳଭାଷା ଉଠାଇ ଦେଇ ବଙ୍ଗଭାଷା ପ୍ରଚଳନ କରିବାର ଚେଷ୍ଟା କରିବେ; କାରଣ ଯେତେକାଳ ଉତ୍କଳଭାଷା ଉଠିଯାଇ ନାହିଁ ସେତେକାଳ ଯାଏ ଉତ୍କଳର ଉନ୍ନତି ହେବା ଅସମ୍ଭବ ।" ତାଙ୍କର ଯୁକ୍ତି ହେଲା ଯେ ଅଳ୍ପ ଗ୍ରାହକ ତଥା ଶିକ୍ଷିତ ବ୍ୟକ୍ତି ଓଡ଼ିଶାରେ ଥିବାରୁ ଏଠାରେ କେହି ନୂତନ ପୁସ୍ତକ ପ୍ରକାଶ କରି କୃତକାର୍ଯ୍ୟ ହୋଇପାରିବେ ନାହିଁ । ବଙ୍ଗଦେଶ ବିସ୍ତୃତ ଓ ଲୋକସଂଖ୍ୟା ଅଧିକ ହେତୁ ସେ ଭାଷାର ଉନ୍ନତି ହୋଇଛି । ଯଦି ଉତ୍କଳରେ ସେହି ବଙ୍ଗଭାଷା ପ୍ରଚଳିତ ହୁଏ, ତେବେ ବଙ୍ଗଦେଶର ପୁସ୍ତକମାନ ଏଠାରେ ଚଳିବ ଏବଂ ଏଠାକାର ଲୋକେ ଅନାୟାସରେ ଉତ୍ତମ ପୁସ୍ତକ ପାଇପାରିବେ । ଏହି ପ୍ରସଙ୍ଗରେ ଏହି ଅବାଂଛିତ ଭାଷା ବିରୋଧୀ ଆନ୍ଦୋଳନ କିପରି ଆରମ୍ଭ ହୋଇଥିଲା, ତାହାର ସମ୍ୟକ୍ ବିବରଣୀ ସମସାମୟିକ ଉତ୍କଳ ଦୀପିକାରୁ ଉଦ୍ଧାର କରାଯାଇ ପାରେ ।

# ଉତ୍କଳ ଭାଷାର ଉନ୍ନତି ପ୍ରତି ବ୍ୟାଘାତ

ଉତ୍କଳ ଭାଷାର ଉନ୍ନତି ପକ୍ଷରେ ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ଓ ଦେଶୀୟ ଲୋକ-ମାନେ ଯେରୂପ ଯତ୍ନ କରୁଅଛନ୍ତି ତହିଁର ସୀମା ନାହିଁ । ଅଳ୍ପକାଳ ମଧ୍ୟରେ ଉତ୍କଳରେ ଯେମନ୍ତ ବିଦ୍ୟାଳୟ ସ୍ଥାପନ ଓ ଉତ୍କଳ ଭାଷାରେ ପୁସ୍ତକ ମୁଦ୍ରିତ କାର୍ଯ୍ୟ ହେଉଅଛି ଏହାଦେଖି ସମସ୍ତଙ୍କର ବିଶ୍ୱାସ ହୁଅଇ ଯେ ଅଚିରେ ଉତ୍କଳ ଭାଷାର ଉନ୍ନତି ହେବ । ତଥାଚ ଆମ୍ଭେମାନେ ବୋଧକରୁଁ ଯେ ଅବଧି ପ୍ରକୃତ ଉପାୟର ଅନୁସରଣ ହୋଇ-ନାହିଁ ଓ ଭାଷାର ଉନ୍ନତି ବିଷୟରେ ଏକ ଗୁରୁତର ପ୍ରତିବନ୍ଧକ ରହିଅଛି ।

ଏଥିରେ ପରିଚୟ ଦେବା ପୂର୍ବରୁ ଆମ୍ଭେମାନେ କେତେକ ଲୋକର ଭ୍ରମ ସଂଶୋଧନ କରିବାର ଉଚିତ ବିବେଚନା କରିଅଛୁଁ । ପାଠକ ମାନଙ୍କ ସ୍ମରଣ ଥିବ ଯେ ଡିସେମ୍ବର ମାସରେ କଲିକତାବାସୀ ସୁବିଖ୍ୟାତ ବାବୁ ରାଜେନ୍ଦ୍ରଲାଲ ମିତ୍ର ଏ ପ୍ରଦେଶକୁ ଆସି କଟକ ଡିବେଟିଂ କ୍ଲବରେ ଗୋଟିଏ ବକ୍ତୃତା କରିଥିଲେ । ଆମ୍ଭେମାନେ ତାହାଙ୍କ ଇଂରାଜୀ ବକ୍ତୃତା କରିବାର କ୍ଷମତାକୁ ପ୍ରଶଂସା କରିଥିଲୁ ମାତ୍ର ସେ ବିଦେଶୀୟ ହଠାତ୍ ଗୋଟିଏ ବକ୍ତୃତା କରିଦେଲେ ବୋଲି ତାଙ୍କର ମତାମତର ଆଲୋଚନା କରି ନ ଥିଲୁଁ । ଅଳ୍ପକାଳ ହେଲା ଜାଣି ପାରିଲୁଁ ଯେ ତାହାଙ୍କ ମତକୁ ଅନେକ ଲୋକ ଉତ୍କୃଷ୍ଟ ଜ୍ଞାନ କରି ସେଥିର ଅନୁଗାମୀ ହୋଇଅଛନ୍ତି । ସୁତରାଂ ଏତେବେଳେ ତାହାଙ୍କ ମତର ଭ୍ରମ ଦର୍ଶାଇବା ଆବଶ୍ୟକ ହେଲା ।

ବାବୁ ରାଜେନ୍ଦ୍ରଲାଲ ମିତ୍ର ସେଦିନ ସଭାରେ ବ୍ୟକ୍ତ କଲେ ଯେ ଉତ୍କଳର ଯଥାର୍ଥ ହିତକାଂକ୍ଷୀ ଯେ ହେବେ ସେ ସର୍ବାଗ୍ରେ ଉତ୍କଳ ଭାଷା ଉଠାଇଦେବା ବଂଗ ଭାଷା ପ୍ରଚଳନ କରିବାର ଚେଷ୍ଟା କରିବେ କାରଣ ତାହାଙ୍କ ମତରେ ଯେତେବେଳେ ଉତ୍କଳ ଭାଷା ଉଠିଯାଇନାହିଁ ତେତେକାଳ ଏ ଦେଶର ଉନ୍ନତି ହେବା ଅସମ୍ଭବ । ସେ ଆପଣା ମତର ପୋଷକତାର ଏହି ହେତୁ ଦର୍ଶାଇଲେ ଯେ ଦୁର୍ଭିକ୍ଷ କମିସନରଙ୍କ ଗଣନା ଅନୁସାରେ ଉତ୍କଳର ଲୋକସଂଖ୍ୟା ବର୍ତ୍ତମାନ କୋଡ଼ିଏ ଲକ୍ଷ ଅଟଇ ଓ ଏଥିରେ ସ୍ତ୍ରୀ ବାଳକ ଇତ୍ୟାଦି ମିହା ଦେଲେ କେବଳ ଦଶବାର ଲକ୍ଷ ଲୋକ ଲେଖାପଢ଼ା ଜାଣିବାର ସମ୍ଭବ କିନ୍ତୁ ଏତିକି ଲୋକ କି ଗୋଟିଏ ସ୍ୱତନ୍ତ୍ର ଭାଷା ରଖିପାରନ୍ତି ? ଅଳ୍ପ ଗ୍ରାହକ ଥିବାରୁ ଏଠାରେ କେହି ନୂତନ ପୁସ୍ତକାଦି କରି କୃତକାର୍ଯ୍ୟ ହେବାର ଅସମ୍ଭବ । ବଂଗ ଦେଶ ବହୁ ବିସ୍ତୃତ ସେଠାରେ ଲୋକସଂଖ୍ୟା ଅଧିକ ବୋଲି ସେଠାରେ ଭାଷାର ଏତା-ଦୃଶ ଉନ୍ନତି ହୋଇଅଛି । ଯେବେ ଉତ୍କଳରେ ବଂଗ ଭାଷା ପ୍ରଚଳ ହୁଅଇ ତେବେ ବଂଗ ଦେଶର ପୁସ୍ତକ ମାନ ଏଠାରେ ଚଳିବ ଓ ଏଠାକାର ଲୋକେ ଅନାୟାସରେ ଉତ୍ତମ ପୁସ୍ତକ ପାଇବେ । ଏହାର ଉଦାହରଣ ସ୍ୱରୂପ ଉକ୍ତ ବାବୁ କହିଲେ ଯେ ବଂଗ ଦେଶରେ ଗତ ଛଅ ମାସରେ ପ୍ରାୟ ୩୦୦ ଖଣ୍ଡ ବଂଗ ପୁସ୍ତକ ମୁଦ୍ରିତ ହେଲା କିନ୍ତୁ ଉତ୍କଳରେ ୩।୪ ଖଣ୍ଡରେ ଅଧିକ ନ ହେଲା, ଏଥିରେ ସ୍ପଷ୍ଟ ପ୍ରମାଣ ଯେ ଉତ୍କଳଭାଷା କଦାଚ ଉନ୍ନତ ହୋଇ ନପାରେ ।"

ଆମ୍ଭେମାନେ ଜ୍ଞାତ କରିଥିଲୁଁ ଯେ ରାଜେନ୍ଦ୍ର ବାବୁ ଉତ୍କଳକୁ ଆସି ଏଠାରେ ଅନେକ ବିଷୟ ଅବଗତ ହୋଇଅଛନ୍ତି କିନ୍ତୁ ଉପଯୁକ୍ତ କଥାମାନ ଶୁଣି ବିସ୍ମିତ ହେଲୁଁ । ବାସ୍ତବରେ ସେ ଆପଣାର ଅନ୍ତର୍ଗତ ଭାବ ବ୍ୟକ୍ତ କଲେ କିମ୍ବା ସ୍ୱଦେଶାନୁରାଗୀ ହୋଇ ମିଥ୍ୟା କାରଣ ପ୍ରଦର୍ଶନ ପୂର୍ବକ ଆପଣା ମତ ଉପସ୍ଥାପନ କରିବାକୁ ଚେଷ୍ଟାକଲେ । ତାହା ସ୍ଥିର କରିବା କଠିନ ବୋଧ ହେଉଅଛି ଯେତେବେଳେ ସେ ଉତ୍କଳର ଲୋକସଂଖ୍ୟାର କଥା କହିଲେ ସେ କି ଜାଣୁ ନ ଥିଲେ ଯେ ଉକ୍ତ ଲୋକସଂଖ୍ୟା କେବଳ ମୁଗଲବନ୍ଦୀର ଅଟଇ ଓ ଉତ୍କଳ ଭାଷା ପ୍ରଚଳିତ ଥିବା ଦେଶରେ ଉତ୍ତର ସୀମା ମେଦିନୀପୁର ଦକ୍ଷିଣ ସୀମା ଗଞ୍ଜାମ ଓ ପୂର୍ବ ପଶ୍ଚିମରେ ବଙ୍ଗ ଅଖାତ ଠାରୁ ସମ୍ବଲପୁର ପର୍ଯ୍ୟନ୍ତ ବିସ୍ତୃତ ? ଯେବେ ଏକଥା ତାହାଙ୍କୁ ଜଣା ନ ଥିଲା ତେବେ ସେ ଅକାରଣ ଶ୍ରୋତାମାନଙ୍କୁ ଆପଣା ଅଜ୍ଞାନର ଭାଗୀକରି ଭାରି ଅନିଷ୍ଟ କରି ଅଛନ୍ତି । ଯାହାର ଯେଉଁ ବିଷୟରେ ଜ୍ଞାନ ନାହିଁ ତାହାର ସେ ବିଷୟରେ କୌଣସି କଥା କହିବାର ଅନୁଚିତ ଅଟଇ । ପ୍ରକୃତରେ ଦେଖାଯାଏଯେ ଉତ୍କଳ ଭାଷା ପ୍ରଚଳିତ ଥିବା ଭୂମି ଖଣ୍ଡର ଆୟତନ ବଙ୍ଗ ପ୍ରଚଳିତ ଦେଶରେ ଊଣା ନୁହଇ ଅତଏବ ଉତ୍କଳ ଭାଷା ଉନ୍ନତ ହେବାର ସଂପୂର୍ଣ୍ଣ ସମ୍ଭାବନା ଅଛି । ଆଉ ପୁସ୍ତକ ମୁଦ୍ରାଙ୍କନର ବିଷୟ ଯାହା ଉଲ୍ଲେଖ କଲେ ତାର ଆହୁରି ଭ୍ରମାତ୍ମକ ଅଟଇ । ଆମ୍ଭେମାନେ ପୁନଃ ପୁନଃ କହୁଅଛୁଁ ଯେ ବଙ୍ଗ ଦେଶପ୍ରତି ଗବର୍ଣ୍ଣମେଣ୍ଟଙ୍କର ଯେତେଦିନ ହେଲା ଶୁଭଦୃଷ୍ଟି ପଡ଼ିଅଛି ଉତ୍କଳ ପ୍ରତି ତାହା ହୋଇନାହିଁ ସୁତରାଂ ଉତ୍କଳ ପଛକୁ ପଡ଼ି ରହିଅଛି ଯେବେ ପ୍ରଥମରୁ ଦୁଇ ପ୍ରଦେଶ ପ୍ରତି ସମାନ ଦୃଷ୍ଟି ଥାଆନ୍ତା ଓ ସେଥିରେ ଉତ୍କଳ ଅବସ୍ଥା ବଙ୍ଗ ପ୍ରତି ନ୍ୟୂନ ହୁଅନ୍ତା ତେବେ ରାଜେନ୍ଦ୍ର ବାବୁଙ୍କ କଥା ଶୋଭା ପାଆନ୍ତା କିନ୍ତୁ ସେ କାଳ ଓ ଅବସ୍ଥା ପ୍ରତି ବିବେଚନା ନ କରି ସମାନ ଫଳ ପାଇବାର ଆଶାକଲେ ତାହା କି ରୂପେ ପୂର୍ଣ୍ଣ ହେବ ? ଦୁର୍ଭିକ୍ଷ ପଡ଼ିଲା ଦିନୁ ଗବର୍ଣ୍ଣମେଣ୍ଟଙ୍କର ଏ ଦେଶ ପ୍ରତି କଟାକ୍ଷପାତ ହେଲାରୁ ଯେରୂପେ ଏହାର ଉନ୍ନତି ଦେଖାଯାଏ ଯେବେ ଦଶବର୍ଷ ପୂର୍ବରେ ଏହି କାର୍ଯ୍ୟମାନଙ୍କର ଅନୁଷ୍ଠାନ ହୋଇଥାଆନ୍ତା ତେବେ ରାଜେନ୍ଦ୍ର ବାବୁ ସ୍ୱମତ ସ୍ଥାପନାର୍ଥେ ଯୁକ୍ତିର ଅଭାବ ଦେଖି ବ୍ୟସ୍ତ ହୁଅନ୍ତେ । ଅତଏବ ଆମ୍ଭେମାନେ କହୁଅଛୁଁ ଯେ ରାଜେନ୍ଦ୍ର ବାବୁଙ୍କ ମତ ଅତ୍ୟନ୍ତ ଭ୍ରମ ମୂଳକ ଓ ଯେଉଁମାନେ ସେଥିରେ ଅନୁଗାମୀ ହେଉଅଛନ୍ତି ସେମାନେ ନିରର୍ଥକ କୁହୁଡ଼ି ପଛରେ କେବଳ ଆପଣା ହସ୍ତ ପଦକୁ କ୍ଲେଶ ଦେଉଅଛନ୍ତି ।

ତେବେ ଉତ୍କଳ ଭାଷା ଉନ୍ନତି ପ୍ରତି କି ବ୍ୟାଘାତ ଅଛି । ଆମ୍ଭମାନଙ୍କ ବିଶ୍ୱାସ ଏହି ଯେ ବର୍ତ୍ତମାନ ଉତ୍କଳ ଭାଷା "ତିନି ଥେଣ୍ଟିଆ କାକୁଡ଼ି ବାଡ଼ି" ପ୍ରାୟ ତୁଚ୍ଛାକୁ କ୍ଷତି ଗ୍ରସ୍ତ ହେଉଅଛି । ଏହାର ରକ୍ଷକ ତିନି ଗବର୍ଣ୍ଣମେଣ୍ଟ ହୋଇ ଅଛନ୍ତି । ଏକଭାଗ ବଙ୍ଗଳା ଗବର୍ଣ୍ଣମେଣ୍ଟ ହସ୍ତେ, ଏକଭାଗ ମଧ୍ୟପ୍ରଦେଶ ଗବର୍ଣ୍ଣମେଣ୍ଟ ହସ୍ତେ ଏବଂ ଅନ୍ୟ ଏକଭାଗ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ହସ୍ତେ ପଡ଼ିବାରୁ ଏହାର ସର୍ବାଙ୍ଗ ସମାନ ରୂପେ ଗଠନ ହେଉନାହିଁ । ଏକ ଏକ ସ୍ଥାନରେ ଏକ ଏକ ପ୍ରଥା ପ୍ରଚଳିତ ଏବଂ ଏକ ଏକ ପ୍ରକାର ପୁସ୍ତକ ପଠିତ ହୁଅଇ । କେଉଁ ନିୟମ ଭଲ ଅବା ମନ୍ଦ ଜାଣିବାଙ୍କ ଉପାୟ ନାହିଁ

ସୁତରାଂ ଉତ୍କଳ ଭାଷା ଦୁଇଘର କୁଣିଆ ହୋଇ ଉପବାସେ ଶୋଇଅଛି । କେହି ଏହାର ଚର୍ଚ୍ଚା କରିବାକୁ ନାହିଁ । ଏରୂପ ଅବସ୍ଥା ଅତି ଶୋଚନୀୟ ଓ ଆମ୍ଭମାନଙ୍କର ମତରେ ଶୀଘ୍ର ଏହାର ପ୍ରତିକାର କରିବାର ଉଚିତ ।

ଏ ପ୍ରସ୍ତାବ ଦୀର୍ଘ ହୋଇଯିବା ଭୟରେ ଆମ୍ଭେମାନେ ଅଦ୍ୟ ଏସ୍ଥଳରେ କ୍ଷାନ୍ତ ହେଲୁଁ ଆଉଯାହା ବକ୍ତବ୍ୟ ଅଛି ଆଗାମୀ ସପ୍ତାହରେ ପ୍ରକାଶ କରିବୁଁ । (ଉତ୍କଳ ଦୀପିକା ୪ର୍ଥ ବିଭାଗ ତା ୧୩।୩।୧୮୬୯ ସଂଖ୍ୟା ୧୧)

× × × ×

ଆମ୍ଭେମାନେ ଗତ ସପ୍ତାହରେ ବ୍ୟକ୍ତକରିଥିଲୁଁ ଯେ ଉତ୍କଳ ଭାଷାର ଉନ୍ନତି ସାଧନ ତିନ ଗବର୍ଣ୍ଣମେଣ୍ଟ ହେବାର୍ ଏକାର୍ଯ୍ୟ ସୁଚାରୁ ରୂପେ ହେଉନାହିଁ । ଏରୂପ କହିବାର ତାତ୍ପର୍ଯ୍ୟ ଏହି ଯେ ଐକତା ଦ୍ୱାରା ଯେରୂପ କାର୍ଯ୍ୟ ସଫଳହୁଅଇ ଭିନ୍ନ ଭିନ୍ନ ହୋଇ କାର୍ଯ୍ୟକଲେ ସେରୂପ ହୁଏନା । କେହି ଅବା ପ୍ରତିବାଦ କରିବେ ଯେ ତିନ ଗବର୍ଣ୍ଣମେଣ୍ଟ ଏକତ୍ର କାର୍ଯ୍ୟ କରୁଥିଲେ କୌଣସି ଗୋଟିଏ ଭ୍ରମର ଫଳ ସମସ୍ତଙ୍କୁ ଭୋଗକରିବାକୁ ହୁଅନ୍ତା ମାତ୍ର ସ୍ୱତନ୍ତ୍ର ରୂପେ କାର୍ଯ୍ୟ ହେଉଥିବାରୁ ସେରୂପ ଶଂକାର କାରଣ ନାହିଁ ଏବଂ ତିନ ପ୍ରକାର ନିୟମରେ କାର୍ଯ୍ୟ ଚଳୁଥିବାରୁ ତୁଳନା ଦ୍ୱାରା ଏକ ସମୟରେ ଏକ ଏକ ସ୍ଥାନର ନିୟମ ଉତ୍କୃଷ୍ଟ ଜଣାଯିବ ଓ ଅପର ସ୍ଥାନର କର୍ମକର୍ତ୍ତାମାନେ ସେଥିର ଅନୁସରଣ କଲେ କ୍ରମଶଃ ସୁପ୍ରଣାଳୀ ସ୍ଥାପନ ଓ ତାହାର ଉତ୍ତରୋତ୍ତର ବୃଦ୍ଧି ହେଉଥିବ । କଳ୍ପନାନୁସାରେ ଏ ଯୁକ୍ତିର ଯାହା କିଛି ଫଳ ହେଉ କାର୍ଯ୍ୟରେ ତାହା ଦେଖାଯାଉ ନାହିଁ । ଏ ତିନ ଗବର୍ଣ୍ଣମେଣ୍ଟର ଶିକ୍ଷାକାର୍ଯ୍ୟ ଏକତ୍ରରେ ପ୍ରକାଶ କରିବାର କୌଣସି ଚେଷ୍ଟା ହୋଇନାହିଁ ବୋଲି କେଉଁଠାରେ କିରୂପ କାର୍ଯ୍ୟ ଚଳୁଅଛି ତାହା ଜଣାଯିବାର କଠିନ । ସବୁଠାରୁ ତତ୍ତ୍ୱାବଧାରକ ମାନେ ଆପଣା ଆପଣା ନିୟମରେ ଚଳୁଅଛନ୍ତି । ଏମାନଙ୍କ ମଧ୍ୟରେ କୌଣସି ସଂପର୍କ ନଥିବାରୁ ଏକ ଅନ୍ୟର କାର୍ଯ୍ୟରେ ସଂପୂର୍ଣ୍ଣ ରୂପେ ଅଜ୍ଞାତ । ସୁତରାଂ ଭିନ୍ନ ଭିନ୍ନ ନିୟମର ତୁଳନା ଦ୍ୱାରା ଯେ କୌଣସି ଉପକାର ହୁଅନ୍ତା ତାହା ହେବାର ସମ୍ଭାବନା ନାହିଁ । ଯଦ୍ୟପି ଏପରି ଆପତ୍ତି ହୁଅଇ ଯେ ତିନ ଗବର୍ଣ୍ଣମେଣ୍ଟ ସକଳ କାର୍ଯ୍ୟର ଭିନ୍ନ ଭିନ୍ନ ନିୟମର ଅନୁବର୍ତ୍ତୀ ହେଉଅଛନ୍ତି ଏକା ଶିକ୍ଷା ବିଷୟରେ କିରୂପ ଏକତ୍ରରେ କାର୍ଯ୍ୟ କରିବେ । ଏଥିରେ ଅନେକ ବିଶୃଙ୍ଖଳା ହେଇପାରେ ଆମ୍ଭେମାନେ ବୋଧ କରୁଁ କି ଯେ ସ୍ଥଳେ ଏକଭାଷାରେ ଶିକ୍ଷା ଦେବାର ସ୍ଥିର ହୋଇଅଛି ସେ ସ୍ଥଳେ ଶିକ୍ଷା ବିଷୟରେ ସମୁଦାୟ ସ୍ଥାନକୁ ଏକ କର୍ମକର୍ତ୍ତାର ଅଧୀନ ହେବା ଉଚିତ କିନ୍ତୁ ଆମ୍ଭେମାନେ କହୁ ଯେ ନିତାନ୍ତ ପକ୍ଷରେ ତିନିସ୍ଥାନର ଅବସ୍ଥା ଜାଣିଥିବାର ଗୋଟିଏ ଉପାୟ ହେଉ ତାହାହେଲେ ଆମ୍ଭମାନଙ୍କର ଉଦ୍ଦେଶ୍ୟ ସାଧନ ହେବ, ଶିକ୍ଷା ପ୍ରଣାଳୀର ଉତ୍ତମାଧମ ଦ୍ୱାରା ଯାହାକିଛି ଉନ୍ନତିର ବ୍ୟାଘାତ ହେଉଛି ଉତ୍ତମ ପୁସ୍ତକ ଓ ଶିକ୍ଷକର ଅଭାବ ଅତି ଶୋଚନୀୟ ଅଟଇ ଓ ଏହି ଅଭାବମୋଚନ ପକ୍ଷରେ ଆମ୍ଭେମାନେ ତିନ ଗବର୍ଣ୍ଣମେଣ୍ଟର ସାହାଯ୍ୟ ପ୍ରାର୍ଥନା କରୁଅଛୁଁ । କଟକରେ ଯେଉଁ ନର୍ମାଲ ସ୍କୁଲ

ସ୍ଥାପନ ହେଉଅଛି ତଦ୍ୱାରା ଅଚିରେ ଉପଯୁକ୍ତ ଶିକ୍ଷକର ଅଭାବ ମୋଚନ ହେବ କେବଳ ଏ ପକ୍ଷରେ ଅବଶ୍ୟକ ଏହି ଯେ ଗଂଜାମ ଓ ସମ୍ବଲପୁରକୁ ଏ ସ୍ଥାନରୁ ଶିକ୍ଷକ ମନୋନୀତ ହୋଇଗଲେ ସମସ୍ତେ ଉତ୍ତମ ଶିକ୍ଷକ ପାଇବେ ଓ ନର୍ମାଲ ସ୍କୁଲରେ ଆଗ୍ରହ ପୂର୍ବକ ବହୁଲୋକ ଶିକ୍ଷା ଲଭ କରିବାକୁ ଆସିବେ । କିନ୍ତୁ ପୁସ୍ତକର ଅଭାବ ମୋଚନ କରିବାର କୌଣସି ଉପାୟ ହୋଇନାହିଁ । ବର୍ତ୍ତମାନ ଉତ୍କଳ ବିଦ୍ୟାଳୟ ନିମିତ୍ତ କଲିକତାର ସ୍କୁଲ ବୁକ୍ ସୋସାଇଟୀ ପୁସ୍ତକ ଯୋଗାଉ ଅଛନ୍ତି ଏବଂ ଏହି ପୁସ୍ତକମାନ ଗଂଜାମ ସ୍କୁଲ ମାନଙ୍କରେ ପ୍ରଚଳିତ ଥିବାର ଦେଖାଯାଏ । ମାତ୍ର ସ୍କୁଲ ବୁକ୍ ସୋସାଇଟୀ ଉତ୍କଳ ପୁସ୍ତକର ଯେ ଯଥାର୍ଥ ପରୀକ୍ଷକ ନୁହନ୍ତି ତାହା ସେମାନଙ୍କ ପ୍ରଚାରିତ ପୁସ୍ତକରୁ ପ୍ରମାଣିତ ହେଉଅଛି । ସେଥିରେ ମଧ୍ୟ ସେମାନଙ୍କର ଅପରାଧ ନାହିଁ, ସେମାନେ ସ୍ୱୟଂ ଉତ୍କଳ ଭାଷାରେ ଅଜ୍ଞାତ ଥିବାରୁ କୌଣସି ନୂତନ ପୁସ୍ତକ ତାହାଙ୍କ ନିକଟକୁ ପ୍ରେରିତ ହେଲେ ସେଥିର ବିଚାର ପାଇଁ ଏ ସ୍ଥାନର କୌଣସି ବ୍ୟକ୍ତିଠାକୁ ପଠାଇ ଦିଅନ୍ତି ଓ ସେ ହୁଏତ ଅନ୍ୟକୁ ବିଚାର କାରଣ ଅର୍ପଣ କରଇ । ଶେଷରେ ପୁସ୍ତକର ଯଥାର୍ଥ ବିଚାର ନ ହୋଇ ବିଚାରକର୍ତ୍ତା ଅନେକ ସ୍ଥଳରେ ଆପଣାର ଅନୁଗତ ଜନର ପକ୍ଷପାତ ପୂର୍ବକ କାର୍ଯ୍ୟ କରଇ ଓ ମଧ୍ୟ ଉତ୍ତମ ପୁସ୍ତକ ରଚନା କାରଣ ସୋସାଇଟୀ ପୁରସ୍କାର ଦେବାର ଘୋଷଣା ଦେଖା ନ ଯାଏ । ଏହି ହେତୁ ମାନଙ୍କରୁ ସୋସାଇଟୀ ଦ୍ୱାରା ଉତ୍କଳ ପୁସ୍ତକର ଉନ୍ନତି ପ୍ରାପ୍ତ ଅସମ୍ଭବ ଅଟଇ । ସମ୍ବଲପୁର ବିଦ୍ୟାଳୟ ମାନଙ୍କର ପୁସ୍ତକ ସେଠା ଗବର୍ଣ୍ଣମେଣ୍ଟ ଆପଣା ବ୍ୟୟରେ ମୁଦ୍ରିତକରି ଯୋଗାଉ ଅଛନ୍ତି । ଏଥିରେ ସମ୍ବଲପୁରର ଡେପୁଟୀ କମିଶନର ଓ ବିଦ୍ୟାଳୟର ଇନ୍ସପେକ୍ଟରଙ୍କର ବହୁ ଉତ୍ସାହ ଦେଖାଯାଏ । ଏମନ୍ତକି ଦୁଇବର୍ଷ ମଧ୍ୟରେ ଯେତେ ପୁସ୍ତକ ରଚିତ ଓ ମୁଦ୍ରିତ ହୋଇଅଛି ତାହା ଅତି ପ୍ରଶଂସନୀୟ ଅଟଇ, ମାତ୍ର ଏ ସ୍ଥାନରେ ପୁସ୍ତକର ସଂଖ୍ୟାବୃଦ୍ଧି କରିବାର ଯେ ରୂପ ଯତ୍ନ ଦେଖାଯାଏ ଗୁଣ ବିଷୟରେ ସେ ରୂପ ଯତ୍ନ ନାହିଁ । ଅତଏବ ଉତ୍ତମ ପୁସ୍ତକର ଅଭାବ ଦୂର ହେବାର ଉପାୟ ଏଠାରେ ହୋଇନାହିଁ ।

ଏ ସମସ୍ତ କଥା ଆଲୋଚନା କରି ଆମ୍ଭମାନଙ୍କର ଏହି ବିଶ୍ୱାସ ହେଉଅଛି କି ଯଦ୍ୟପି ବିଦ୍ୟାଳୟର ଉତ୍କଳ ପାଠ୍ୟ ପୁସ୍ତକ ଯୋଗାଇବାର ଭାର ଏକ କମିଟୀକୁ ଅର୍ପିତ ହୁଅଇ ଏ ଭାର ସଭ୍ୟମାନଙ୍କ ମନୋନୀତ ଭିନ୍ନ କୌଣସି ପୁସ୍ତକ ବିଦ୍ୟାଳୟରେ ପଠିତ ନ ହୁଏ ଓ ଯଦ୍ୟପି ଉକ୍ତ ଗବର୍ଣ୍ଣମେଣ୍ଟ ସମୁଚିତ ରୂପେ ଏ କମିଟୀକୁ ସାହାଯ୍ୟ କରନ୍ତି ତାହାହେଲେ ଅବଶ୍ୟ ଉତ୍ତମ ପୁସ୍ତକ ପ୍ରାପ୍ତ ହେବ । ଏ କମିଟୀ କଟକ ନଗରରେ ସ୍ଥାପନ ହେବ ଓ ଅନ୍ୟତ୍ୟ ଉକ୍ତ ଗୁଣଜ୍ଞ ସମ୍ଭ୍ରାନ୍ତ ଓ ବିଦ୍ୱାନ ଲୋକ ସେଥିରେ ଅବୈତନିକ ସଭ୍ୟ ହୋଇ କାର୍ଯ୍ୟ କରିବେ ଏବଂ ଶିକ୍ଷା ବିଭାଗର ତତ୍ତ୍ୱାବଧାରକ ଏବଂ ସ୍ଥାନୀୟ କଲେକ୍ଟର କିମ୍ବା କମିଶନର କାର୍ଯ୍ୟ କିମ୍ବା ଆୟବ୍ୟୟ ବୁଝିବାର କ୍ଷମତା ପାଇବେ ଯେମନ୍ତ କି ଗବର୍ଣ୍ଣମେଣ୍ଟର ଅନାବଶ୍ୟକ ବ୍ୟୟ ନହୁଅଇ । ତାହାହେଲେ ସୁନ୍ଦର ରୂପେ କାର୍ଯ୍ୟ ଚଳିବ ସନ୍ଦେହ ନାହିଁ । ଏଥିରେ ଗବର୍ଣ୍ଣମେଣ୍ଟର ଅଧିକ ବ୍ୟୟନହେବ । ସ୍କୁଲ ବୁକ୍ ସୋସାଇଟୀକୁ ଯେ ଧନ ଦିଆଯାଉଅଛି ବଂଗ ପୁସ୍ତକ ନିମିତ୍ତ ସେଥିରେ ଅଧିକ

ଅନାବଶ୍ୟକ କାରଣ ହେଠାରେ ଆପେ ଆପେ ପୁସ୍ତକ ବୃଦ୍ଧି ହେଉଅଛି । ଅତଏବ ସେଥିରେ ଉପଯୁକ୍ତ ଅଂଶ ଏବଂ ସମ୍ବଲପୁରରେ ଯାହା ବ୍ୟୟ ହେଉଅଛି ସେ ଟଙ୍କା ଏ କମିଟୀକୁ ଦେଲେ କାଯ୍ୟଆରମ୍ଭ ହେବ ଏବଂ ପୁସ୍ତକ ବିକ୍ରୟଦ୍ୱାରା ଧନ ବର୍ଦ୍ଧିତ ହୋଇ ଅଳ୍ପକାଳରେ ଯଥେଷ୍ଟ କାର୍ଯ୍ୟ ଚଳିବ । ଏଥିରେ ପୁସ୍ତକର ମୂଲ୍ୟ ଊଣା ହେବାର ସମ୍ଭାବନା ଓ ତାହାହେଲେ ବହୁତଲୋକ ପୁସ୍ତକ କ୍ରୟକରି ପାଠକରି ପାରିବେ ।

ଏଠାରେ ଆମ୍ଭେମାନେ ଯାହା ପ୍ରସ୍ତାବ କଲୁ ତାହା ଆମ୍ଭମାନଙ୍କର ସ୍ୱକପୋଲ କଳ୍ପିତ ନୁହଇଁ । ଏ ଦେଶର ସମ୍ଭ୍ରାନ୍ତ ଓ ବିଦ୍ୟାନୁରାଗୀଙ୍କର ଏହି ମତ ଅଟଇ ଓ ସେମାନେ ମା ମାର୍ଚ୍ଚସ ହେଲା ଏ ବିଷୟରେ କମିଶନରଙ୍କ ଦ୍ୱାରା ଗବର୍ଣ୍ଣମେଣ୍ଟକୁ ଏକ ଆବେଦନ ପତ୍ର ପଠାଇଥିଲେ ଯେ ସେଥିରେ ଏହିରୂପ ପ୍ରାର୍ଥନା ଥିଲା ଓ ଆମ୍ଭେମାନେ ଶୁଣିଥିଲୁ ଯେ ସ୍କୁଲ ବୁକ୍ ସୋସାଇଟୀ ଏଥିରେ ସମ୍ମତ ହୋଇ ଏ ନଗରରେ ଗୋଟିଏ ଗୋଟିଏ ଶାଖା ସ୍ଥାପନ କରିବାର ଅଭିପ୍ରାୟ କମିଶନର ସାହେବଙ୍କୁ ଜଣାଇଥିଲେ ମାତ୍ର ଏବଧି ଏହାର କୌଣସି ପ୍ରସଙ୍ଗ ଶୁଣାନାହିଁ । ବୋଧ ହୁଅଇ କର୍ତ୍ତୃପକ୍ଷମାନେ ଏହାକୁ ବିସ୍ମୃତ ହୋଇଅଛନ୍ତି । ନହେଲେ ଏତାଦୃଶ ଗୁରୁତର କାର୍ଯ୍ୟରେ ଏପ୍ରକାର ବିଳମ୍ବ ହେବାର ଆଉ କି କାରଣ ହୋଇପାରେ ? ସେ ଯାହା ହେଉ ବର୍ତ୍ତମାନ କିଛି କାଳ ଗତ ହୋଇନାହିଁ । ବାସ୍ତବରେ ଉତ୍କଳ ଭାଷାର ଉନ୍ନତି ସାଧନର ଏହି ସମୟ ଅଟଇ । ଅତଏବ ଆମ୍ଭମାନଙ୍କର ଗବର୍ଣ୍ଣମେଣ୍ଟ ଏ ବିଷୟରେ ଶୀଘ୍ର ମନଯୋଗୀ ହେଲେ ଅନେକ କାର୍ଯ୍ୟ ହେବ । (୪ର୍ଥଭାଗ ତା ୧୪।୩।୧୮୬୯, ସଂଖ୍ୟା ୧୨)

× × × ×

## ବଂଗ ଅକ୍ଷରରେ ଉତ୍କଳ ଭାଷା ଲେଖିବା

ଗତ ସପ୍ତାହର କଟକ ଷ୍ଟାରରେ ବାବୁ ଉମାଚରଣ ହାଲଦାର ଖଣ୍ଡିଏ ସୁଦୀର୍ଘ ପତ୍ରିକା ପ୍ରକାଶ କରାଇ ଅଛନ୍ତି । ବଂଗଳା ଅକ୍ଷରରେ ଉତ୍କଳ ଭାଷା ପୁସ୍ତକ ଓ ସମ୍ବାଦପତ୍ରାଦି ମୁଦ୍ରିତ ହେବା ସେଥିର ତାତ୍ପର୍ଯ୍ୟ ଅଟଇ । ତଦ୍ୱାରା ବଂଗଳା ଓ ଉତ୍କଳ ଉଭୟ ପ୍ରଦେଶର ଲୋକ ଏବଂ ସାହେବମାନେ ଉତ୍କଳ ଭାଷା ଉତ୍ତମ ରୂପେ ସହଜରେ ଶିକ୍ଷା କରିବେ ଏହି ଆଶା କରନ୍ତି । ବାବୁଙ୍କୁ ଜଣେ ଉତ୍କଳର ହିତୈଷୀ ବୋଲିବାକୁ ହେବ କାରଣ ଭିନ୍ନ ସ୍ଥାନରେ ଲୋକ ମଧ୍ୟରେ ଉତ୍କଳ ଭାଷା ପ୍ରଚଳନ କରିବା ପାଇଁ ସଦୁପାୟ ନିଶ୍ଚୟ କରିବାରେ ସେ ଯେତେ ପରିଶ୍ରମ ଓ କାର୍ଯ୍ୟବ୍ୟୟ କର-ଅଛନ୍ତି ତାହା ଉକ୍ତ ପତ୍ର ଦୃଷ୍ଟି କଲେ ପ୍ରତୀତ ହେବ । ଯୁକ୍ତି ମାନ ମଧ୍ୟ ଅଲୌକିକ ଅଟଇ । ତନ୍ମଧ୍ୟରେ ପ୍ରଧାନ ଯୁକ୍ତି ଏହିକି ଯେବେ ବଂଗଳା କାଗଜ ବଂଗଳା କଲମ ଓ ସିହାଇ ରେ ଓଡ଼ିଆ ଅକ୍ଷର ଲେଖାଗଲା ତେବେ ବଂଗଳା ଅକ୍ଷରରେ କିଂପାଇଁ ଲେଖା

ନହେବ ? ଅସ୍ମଦ୍ଦେଶୀୟ ପାଠକମାନେ ଯେବେ କାଗଜ, କଲମ ଓ ସିହାଇର ସୃଷ୍ଟି ବିଷୟ ନ ଜାଣନ୍ତି ତେବେ ସ୍ମରଣ ରଖନ୍ତୁ ଯେ ଏସମସ୍ତ ବଂଗଳାରେ ଜାତ ହୋଇଅଛି ଓ ଏଥିର ପ୍ରମାଣ ଖୋଜିବାକୁ ବିଶେଷ ବୁଦ୍ଧିର ଆବଶ୍ୟକ ନ ରଖେ, କାଗଜ, କଲମ ଇତ୍ୟାଦି ଶବ୍ଦ ସବୁ ବାବୁଙ୍କ କଥା ସପ୍ରମାଣ କରିଅଛି । ଏ ଗୋଟିଏ ଯୁକ୍ତି ଦ୍ୱାରା ବାବୁ ଏତେ କଥା ସ୍ଥାପନ କରିବାକୁ ଚେଷ୍ଟା କରି ନାହାନ୍ତି । ତେବେ ଆହୁରି ଗୋଟିଏ ଯୁକ୍ତିର କଥା ଶୁଣନ୍ତୁ । ଓଡ଼ିଆ ବଂଗଳା ଅକ୍ଷର ସବୁକୁ ବାବୁ ବଡ଼ ମନଯୋଗ ପୂର୍ବକ ତୁଳନ କରି ଦେଖିଲେ ଯେ ବଂଗଳା ଅକ୍ଷରରେ ବଡ଼ ଶୋଭା ହୋଇଅଛି ଅବା ଏଥିରେ କିଛି କି ଯାହାପୁଅ ତାହାକୁ ସୁନ୍ଦର । ଓଡ଼ିଆ ଅକ୍ଷର ଗୋଲାକାର ବଂଗଳା ତ୍ରିକୋଣ ବା ଅର୍ଦ୍ଧଗୋଲ ଏ ତାହାଙ୍କୁ ଗଜମୁକ୍ତା ହାରରେ ସ୍ୱର୍ଣ୍ଣର ଖଚିତ ପଦକ ପ୍ରାୟ ବଡ଼ ଜାଜ୍ଜ୍ୱଲ୍ୟମାନ ଦିଶିଲା ଅଥବା ବାବୁଙ୍କ ବୈଷ୍ଣବୀ ଭାବ ଉଦୟ ହୋଇଥିବ ଯେ ତ୍ରିଭଂଗ ରୂପ ଦେଖି ଗୋପ କହ୍ନାଇର କଥା ଅକସ୍ମାତ ମନରେ ଚେତିଲାରୁ ପ୍ରେମରେ ମୂର୍ଚ୍ଛିହେଲେ । ଯେବେ ଏରୂପ କିଛି ହୋଇ ନ ଥିବ ତେବେ ବାବୁ କାହିଁକି କିଏ ଦୁଇ ଅକ୍ଷରକୁ ଦେଖୁ ଦେଖୁ ବଂଗଳାକୁ ସୁନ୍ଦର ମନେ କରି ହଠାତ୍ ଚମକି ପଡ଼ି କହିଲେ କି ଯେବେ ବଂଗଳା ଅକ୍ଷର ଏତେ ସୁନ୍ଦର ତେବେ ଓଡ଼ିଆ ଭାଷା ଏଥିରେ କାହିଁକି ଲେଖା ନ ହେବ । ବାବୁ ଯେ ଚମକି ଥିବେ ଏଥିରେ ସନ୍ଦେହ ନାହିଁ । କାରଣ ଅମ୍ଭେମାନେ ତ ଶୁଣିଲାକ୍ଷଣି ଚମତ୍କାର ହେଲୁ ।

ବର୍ତ୍ତମାନ ଆମ୍ଭମାନଙ୍କର ଅବକାଶ ନଥିବାରୁ ଆଉ କଥାମାନ ଲେଖି ନ ପାରିଲୁଁ । କିନ୍ତୁ ବାବୁଙ୍କୁ ଏତିକି କହିବାର ଆବଶ୍ୟକଯେ ଏ କଥା ପାଇଁ ଏତେ ପତ୍ର ଲେଖି ମୁଣ୍ଡ ହାତକୁ କ୍ଲେଶ ଦେବାର ପ୍ରୟୋଜନ କି ଥିଲା । ଦୁଇ ଗୃରିଖଣ୍ଡ ଓଡ଼ିଆ ପୁସ୍ତକ ବଂଗଳା ଅକ୍ଷରରେ ଛପାଇ ଦେଲେ ତ ସବୁ ବୁଦ୍ଧି କାର୍ଯ୍ୟରେ ପ୍ରକାଶ ପାଆନ୍ତା ।

( ଉତ୍କଳଦୀପିକା ୪ର୍ଥଭାଗ ୧୦ । ୭ । ୧୮୬୯ ସଂଖ୍ୟା ୨୮ )

× × × ×

## ପ୍ରେରିତ ପତ୍ର

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସଂପାଦକ

ମହାଶୟ, ସମୀପେଷୁ ।

ମହାଶୟ ଉତ୍କଳ, ଗୋଲ ଅକ୍ଷର ପରିବର୍ତ୍ତନରେ ବଂଗ ବଂକା ଅକ୍ଷର ବ୍ୟବହାର ହେବା ବିଷୟରେ ବାବୁ ଉମାଚରଣ ହାଲଦାରଙ୍କ ପତ୍ର କଟକ ଷ୍ଟାର ପତ୍ରିକାରେ ପାଠକରି ପ୍ରଶଂସିତ ବାବୁ ଅତି ବିଦ୍ୱାନ ଓ ବୁଦ୍ଧି ।ନ ଥିବା ଦୃଷ୍ଟିରେ ଏହି ଅନୁମାନ କଲୁଁ ଯେ ଏ ପ୍ରକାର ଅସଂଗତ ଓ ଅସମ୍ଭବ ବିଷୟରେ ପ୍ରବୃତ୍ତ ହେବାର ହେତୁ ମତିଭ୍ରମ ବ୍ୟତୀତ ଅନ୍ୟକିଛି ହୋଇନପାରେ । ଏହି ପ୍ରବୋଧରେ ମୌନାବଲମ୍ବନ କରିଥିଲୁଁ ।

କିନ୍ତୁ ଏ ପ୍ରସଙ୍ଗ ଯେନ ଗତକାଲି 'କଟକ ଡିବେଟିଂ କ୍ଲବ' ନାମ୍ନୀ ସଭାର ସଭା ହୋଇ ଥିଲା ଓ ବଙ୍ଗାଳୀ ସଭ୍ୟମାନେ ଏକମେଳ ହୋଇ ପ୍ରସ୍ତାବର ପୋଷକତାରେ ଅନେକ କଥାକଟା କଲେ। କି ଆଶ୍ଚର୍ଯ୍ୟ, ବାସ୍ତୁ ସାଂଗରେ ସମସ୍ତେ ବାସ୍ତୁ? ଏ ପ୍ରସ୍ତାବ ଏତେ ଯୁକ୍ତିବିରୁଦ୍ଧ, ଅବାଞ୍ଛନୀୟ ଅନାବଶ୍ୟକ ଓ ଅସମ୍ଭବ ଯେ ତହିଁରେ ତର୍କ ବିତର୍କ କରିବାର ତେଣିକି ଥାଉ ତାହା ସଭାରେ ଗ୍ରହଣ ହେବାର ଯୋଗ୍ୟ ନ ଥିଲା। ସ୍ୱର୍ଗକୁ ଗୋଟିଏ ସଡ଼କ ନିର୍ମାଣ କରିବାର ଆମ୍ଭେ ପ୍ରସ୍ତାବ କରିଅଛୁଁ ଓ ଏହାଯେ କେଡ଼େ ବାଞ୍ଛନୀୟ ଓ ହିତକର ତାହା ବର୍ଣ୍ଣନାତୀତ। ଏ ପ୍ରସ୍ତାବକୁ ଡିବେଟିଂ କ୍ଲବ ଯେନା କରିବେ କି ନାହିଁ ଏହା ଆମ୍ଭେ ତାଙ୍କୁ ପ୍ରଶ୍ନ କରୁଁ। ଯାହା ହେଉ ଗତେ ତ ଶୋଚନା ନାସ୍ତି, ଏଣିକି ଯେପରି ଉମାଚରଣ ବାବୁଙ୍କ ପ୍ରସ୍ତାବ ବିଷୟରେ କେହି ଚର୍ଚ୍ଚା ବା ଚିନ୍ତା ନ କରନ୍ତୁ ଏହା ଆମ୍ଭର ଅଭିଳାଷ।

ଆପଣ ଅନୁଗ୍ରହ ପୂର୍ବକ ସଂଶୋଧନାନ୍ତର ଏ ପତ୍ରକୁ ଆପଣଙ୍କ ପତ୍ରିକାରେ ପ୍ରକାଶ କଲେ ବାଧିତ ହେବୁଁ

କଟକ
ତା ୧୫ ରିଖ ଜୁଲାଇ
ସନ ୧୮୬୯

ବିସମ୍ବଦସ୍ୟ
କସ୍ୟଚିଦୁତ୍କଳସ୍ୟ

## ପ୍ରେରିତ ପତ୍ର

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସଂପାଦକ ମହାଶୟ, ସମୀପେଷୁ ସବିନୟ ନିବେଦନମିଦଂ

ଏହିଯେ ପୂର୍ବେ ଓଡ଼ିଆଭାଷା ଉଠିଯାଇ ବଂଗଭାଷା ଏ ଦେଶରେ ଚଳାଇବା ନିମିତ୍ତ ବଂଗୀୟମାନେ ଯେପରି ଯତ୍ନଶୀଳ ଥିଲେ ତାହା ଆପଣଙ୍କୁ ଅବିଦିତ ନାହିଁ। ଯେହେତୁ ଆପଣ ଏହି ଓଡ଼ିଆ ମାନଙ୍କ ମାତୃଭାଷାକୁ ରକ୍ଷାକରିବା କାରଣ ପ୍ରତିବାଦୀ ସ୍ୱରୂପ କଟେଶ୍ୱରେ ଦଣ୍ଡାୟମାନ ହୋଇଥିଲେ କେବଳ ସ୍ଥାନୀୟ କର୍ମକର୍ତ୍ତା ଏବଂ ଭୂତପୂର୍ବ ଲେଫ୍‌ଟନାଣ୍ଟ ଗବର୍ଣ୍ଣର ଶ୍ରୀଯୁକ୍ତ କାମ୍ବେଲସାହେବ ମହୋଦୟଙ୍କ ଅନୁଗ୍ରହରୁ ବଂଗୀୟମାନେ ତହିଁରୁ ନିରସ୍ତ ହୋଇ ବିପନ୍ନ ବଦନରେ ମୂକତାବଲମ୍ବନ କରିଥିଲେ। ଏବେ କେତେଦିନ ହେଲା ଉକ୍ତ ସାହେବ ମହୋଦୟ ଭାରତବର୍ଷ ପରିତ୍ୟାଗ କରିବାରୁ ବଂଗୀୟ ମାନେ ଉକ୍ତ ବିଷୟରେ ପୁନଃଉତ୍ତେଜିତ ହୋଇ ବର୍ତ୍ତମାନରେ ଏକ ରଟନା କରି ଅଛନ୍ତି ଯେ ଶ୍ରୀଯୁକ୍ତ ଡାଇରେକ୍ଟର ସାହେବ ଏ ଓଡ଼ିଶାରେ ବଂଗଭାଷା ଚଳାଇବା ନିମିତ୍ତ ଏ ପ୍ରଦେଶକୁ ଶୁଭାଗମନ କରୁଅଛନ୍ତି। ଆଉମଧ୍ୟ ଏକ ବିଷୟ ଏହିଯେ ବଂଗୀୟ ସହଚର ପତ୍ରିକାରେ ଓଡ଼ିଶାରେ ବଂଗଭାଷା ଚଳାଇବା ନିମିତ୍ତ କଣ ପ୍ରସ୍ତାବ ପ୍ରକାଶିତ ଥିବାର ପ୍ରକାଶକରି ଅତ୍ରତ୍ୟ କର୍ମକାରଙ୍କ ବଂଗୀୟମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଯତ୍ପରୋନାସ୍ତି ଆନନ୍ଦିତ ଅଛନ୍ତି ଯେଉଁମାନେ ଏ ଦେଶର ମାତୃଭାଷା। ଉଠିଯିବାର ସମ୍ବାଦ ଶୁଣିବା ମାତ୍ରେ ପରମାହ୍ଲାଦିତ ହେଉଅଛନ୍ତି ସେମାନେ ଅବା ଏ ଦେଶୀୟ

ବ୍ୟକ୍ତିମାନଙ୍କର କି ଉପକାର କରିବେ ଏହା ଅବଶ୍ୟ ସର୍ବସାଧାରଣରେ ପ୍ରକାଶ ପାଉଅଛି । ଏପରି ବୋଧ ହୁଅଇ ଯେ ଯେବେ ବର୍ତ୍ତମାନର ଅସତ୍ୟ କମିଶନର ରେବନ୍‌ଶା ସାହେବ ଓ ବୀମସ ସାହେବ ଏ ଦୁହିଙ୍କ ପରି କେହି ଓଡ଼ିଆ ଭାଷାର ସପକ୍ଷ ନ ଥାନ୍ତେ ତେବେ ଏମାନେ କଦାଚ ଓଡ଼ିଆ ଭାଷାର ନାମମାତ୍ର ରଖିବାରେ ସଂନ୍ଦେହ ହୋଇଥାନ୍ତା । ଇତ୍ୟାଦି କାରଣ ମାନଙ୍କରେ ଦୃଷ୍ଟି ରଖି ଅସତ୍ୟ କର୍ତ୍ତୃପକ୍ଷ ମାନେ ଯେପରି ଓଡ଼ିଆ ଭାଷାର ବିପକ୍ଷମାନେ ଦୂରୀଭୂତ ହୋଇ ଏ ଦେଶର ଏବଂ ଏ ଦେଶୀୟ ମାନଙ୍କର ଉନ୍ନତି ହୁଅଇ ତହିଁପ୍ରତି ଦୃଷ୍ଟିରଖି ଅସତ୍ୟ ସର୍ବସାଧାରଣଙ୍କର ଚିର ସ୍ମରଣୀୟ ହେଉନ୍ତୁ । ଇତି ।

୧୩ । ୫ । ୭୪ କେହିଜଣେ ଓଡ଼ିଆ

ଡାଇରେକ୍ଟର ସାହେବ ପୂର୍ବେ ଉତ୍କଳ ଭାଷାର ବିରୋଧୀ ହୋଇଥିଲେ ସତ୍ୟ କିନ୍ତୁ ବର୍ତ୍ତମାନ ଏହିକାର୍ଯ୍ୟ ସାଧନ ନିମିତ୍ତ ଏଠାକୁ ଆସିଅଛନ୍ତି ଏମନ୍ତ ବିଶ୍ୱାସ କରିବାର କୌଣସି କାରଣ ନାହିଁ ଓ ଯେତେକାଳ ସ୍ଥାନୀୟ କର୍ମଚାରୀ ମାନେ ଉତ୍କଳ ଭାଷାର ଅନୁକୂଳରେ ଅଛନ୍ତି ତେତେକାଳ ପତ୍ର ପ୍ରେରକଙ୍କର ଚିନ୍ତିତ ହେବାର ପ୍ରୟୋଜନ ନାହିଁ ।

ଉ. ଦୀ. ସଂ

ଏହି ଘଟଣାପରେ ବାଲେଶ୍ୱର ଜିଲ୍ଲାସ୍କୁଲର ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କର ଲିଖିତ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହଁ' ପୁସ୍ତକ ଯେପରି ସମଗ୍ର ଓଡ଼ିଶାର ସାଧାରଣ କ୍ଷେତ୍ରରେ ଏକ ଅପରିହାର୍ଯ୍ୟ ବିସ୍ଫୋରଣ ପାଇଁ ଇନ୍ଧନ ଯୋଗାଇ ଦେଇଥିଲା । କାନ୍ତିଚନ୍ଦ୍ରଙ୍କ ପୁସ୍ତକର ଏକମାତ୍ର ଉଦ୍ଦେଶ୍ୟ ଓଡ଼ିଆ ଭାଷାର ଉତ୍ପତ୍ତି, ପ୍ରସାର, ବଙ୍ଗ ଭାଷାର ଉତ୍ପତ୍ତି, ପ୍ରଚାର, ପ୍ରସାର ସହିତ ଜଡ଼ିତ କରିବା । ଯେ କୌଣସି ଜାତିର ଭାଷା ହେଉଛି, ତାହାର ଯଥାର୍ଥ ଜୀବନ ଆଉ ପ୍ରଗତିର ପ୍ରତୀକ । ଭାଷା ଉପରେ ସାମାନ୍ୟତମ ଆକ୍ରମଣ ହିଁ ସମଗ୍ର ଜାତି ବିରୋଧରେ ଆକ୍ରମଣ । ଓଡ଼ିଆ ଭାଷା କେତେକ ତଥାକଥିତ ବିଦ୍ୱେଷୀ ପଣ୍ଡିତମନ୍ୟ ବ୍ୟକ୍ତିଙ୍କ ଚକ୍ରାନ୍ତରେ ନିଶ୍ଚିହ୍ନ ହୋଇପାରିନଥିଲା । ବଙ୍ଗାଳୀ ପଣ୍ଡିତ ଯେତିକି ଯେତିକି ଏକଦେଶଦର୍ଶୀ ଯୁକ୍ତି ପ୍ରଦର୍ଶନ କଲେ, ସେତେବେଳେ ବଙ୍ଗ ଏବଂ ଓଡ଼ିଶାର ଅବସ୍ଥାପିତ ଇଂରେଜ ଶାସକଗଣ ଯଥା ଜନ୍‌ ବୀମ୍‌ସ ପ୍ରଭୃତି ପଣ୍ଡିତ ସେତିକି ସେତିକି ଓଡ଼ିଆ ଭାଷା ଓ ସାହିତ୍ୟର ମୌଳିକତା, ଗୁରୁତ୍ୱ ପ୍ରମାଣିତ ଓ ପ୍ରତିଷ୍ଠିତ କରିଚାଲିଥିଲେ । ସରକାରୀ କଳରେ ଓଡ଼ିଆ ଭାଷା ସେହି ସଂକଟ ସମୟରେ ଯେତିକି ସ୍ୱୀକୃତି, ସାହାଯ୍ୟ ଲାଭକରିଥିଲା, ତାହା ଅପେକ୍ଷା ଅଧିକ ସାହାଯ୍ୟ ସହାନୁଭୂତି ଏବଂ ସ୍ୱୀକୃତି ଲାଭକରିଥିଲା । ଓଡ଼ିଆ ସମ୍ବାଦପତ୍ରର ସମ୍ପାଦକ ଓ ପରିଚାଳକ ମାନଙ୍କଠାରୁ ଯଦି ଓଡ଼ିଆ ଭାଷା ସେଦିନ ଚକ୍ରାନ୍ତକାରୀମାନଙ୍କ ଆକ୍ରମଣରୁ ରକ୍ଷା-

ପାଇଥିଲା, ତେବେ ତାହାର ସମସ୍ତ ଗୌରବ ପ୍ରାପ୍ୟ ହେଉଛି 'ଉତ୍କଳ ଦୀପିକା' ଏବଂ ତା'ର ଲେଖକମାନଙ୍କର । ପ୍ରଥମେ ରାଜେନ୍ଦ୍ରଲାଲ ମିତ୍ରଙ୍କୁ ତାଙ୍କ ଆଲୋଚନାର ଯେଉଁ ଉତ୍ତର 'ଦୀପିକା' ଦେଇଥିଲା ତାହା ଦ୍ରଷ୍ଟବ୍ୟ । "ଆମ୍ଭେମାନେ ଜ୍ଞାନ କରିଥିଲୁଁ ଯେ ରାଜେନ୍ଦ୍ର ବାବୁ ଉତ୍କଳକୁ ଆସି ଏଠାରେ ଅନେକ ବିଷୟ ଅବଗତ ହୋଇଅଛନ୍ତି; କିନ୍ତୁ ଉପର୍ଯ୍ୟୁକ୍ତ କଥାମାନ ତାଙ୍କର ଶୁଣି ବିସ୍ମିତ ହେଲୁ । ବାସ୍ତବରେ ସେ ଆପଣା ଅନ୍ତର୍ଗତ ଭାବ ବ୍ୟକ୍ତ କିମ୍ବା ସ୍ୱଦେଶାନୁରାଗୀ ହୋଇ ମିଥ୍ୟା କାରଣ ପ୍ରଦର୍ଶନପୂର୍ବକ ଆପଣା ମତ ସ୍ଥାପନ କରିବାକୁ ଚେଷ୍ଟାକଲେ ତାହା ସ୍ଥିର କରିବା କଠିନ ବୋଧ ହେଉଛି । ଯେତେବେଳେ ସେ ଉତ୍କଳର ଲୋକସଂଖ୍ୟା କହିଲେ, ସେ କ'ଣ ଜାଣି ନଥିଲେ ଯେ, ଉକ୍ତ ଲୋକସଂଖ୍ୟା କେବଳ ମୋଗଲବନ୍ଦୀର ଅଟଇ ଓ ଉତ୍କଳ ଭାଷା ପ୍ରଚଳିତ ଥିବା ଦେଶର ଉତ୍ତର ସୀମା ମେଦନୀପୁର, ଦକ୍ଷିଣ ସୀମା ଗଞ୍ଜାମ ଏବଂ ପୂର୍ବ ପଶ୍ଚିମରେ ବଙ୍ଗ ଅଖାତଠାରୁ ସମ୍ବଲପୁର ପର୍ଯ୍ୟନ୍ତ ବିସ୍ତୃତ । ଯେବେ ଏକଥା ତାହାଙ୍କୁ ଜଣା ନଥିଲା, ତେବେ ସେ ଅକାରଣ ଶ୍ରୋତାମାନଙ୍କୁ ଆପଣା ଅଜ୍ଞାନର ଭାଗୀକରି ଭାରି ଅନିଷ୍ଟ କରିଅଛନ୍ତି, ଯାହାର ଯେଉଁ ବିଷୟରେ ଜ୍ଞାତ ନାହିଁ, ତାହାର ସେ ବିଷୟରେ କୌଣସି କଥା କହିବା ଅନୁଚିତ ଅଟଇ । ପ୍ରକୃତରେ ଦେଖାଯାଏ ଯେ, ଉତ୍କଳ ଭାଷା ପ୍ରଚଳିତ ଥିବା ଭୂମିଖଣ୍ଡର ଆୟତନ ବଙ୍ଗଳା ପ୍ରଚଳିତ ଦେଶରୁ ଊଣା ନୁହଇ । ଅତଏବ, ଉତ୍କଳ ଭାଷାର ଉନ୍ନତି ହେବାର ସଂପୂର୍ଣ୍ଣ ସମ୍ଭାବନା ଅଛି । ଆଉ ପୁସ୍ତକ ମୁଦ୍ରାଙ୍କନ ବିଷୟ ଯାହା ଉଲ୍ଲେଖକଲେ, ତାହା ଆହୁରି ଭ୍ରମାତ୍ମକ ଅଟଇ । ଆମ୍ଭେମାନେ ପୁନଃ ପୁନଃ କହୁଅଛୁ ଯେ, ବଙ୍ଗଦେଶ ପ୍ରତି ଗଭର୍ଣ୍ଣମେଣ୍ଟଙ୍କର ଯେତେଦିନ ହେଲା ସୁଦୃଷ୍ଟି ପଡ଼ିଅଛି, ଉତ୍କଳ ପ୍ରତି ତାହା ହୋଇନାହିଁ, ସୁତରାଂ ଉତ୍କଳ ପଛକୁ ପଡ଼ି ରହି-ଅଛି । ଯେବେ ପ୍ରଥମରୁ ଦୁଇପ୍ରଦେଶ ପ୍ରତି ସମାନ ଦୃଷ୍ଟି ଥା'ନ୍ତା, ତେବେ ରାଜେନ୍ଦ୍ରବାବୁଙ୍କ କଥା ଶୋଭାପା'ନ୍ତା; କିନ୍ତୁ ସେ କାଳ ଓ ଅବସ୍ଥା ପ୍ରତି ବିବେଚନା ନ କରି ସମାନ ଫଳ ପାଇବାର ଆଶା କଲେ ତାହା କିପରି ପୂର୍ଣ୍ଣ ହେବ ? ଦୁର୍ଭିକ୍ଷ ଘଟିଲାଦିନୁ ଗବର୍ଣ୍ଣ-ମେଣ୍ଟଙ୍କର ଏ ଦେଶ ପ୍ରତି କଟାକ୍ଷପାତ ହେଲାରୁ ଯେପରି ଏହାର ଉନ୍ନତି ଦେଖାଯାଉଅଛି । ଯେବେ ଦଶବର୍ଷ ପୂର୍ବରୁ ଏହି କାର୍ଯ୍ୟମାନଙ୍କର ଅନୁଷ୍ଠାନ ହୋଇଥାନ୍ତା, ତାହାହେଲେ ରାଜେନ୍ଦ୍ରବାବୁ ସ୍ୱମତ ସ୍ଥାପନାର୍ଥ ଯୁକ୍ତିର ଅଭାବ ଦେଖି ବ୍ୟସ୍ତ ହୋଇଥାନ୍ତେ, ଅତଏବ ଆମ୍ଭେମାନେ କହୁଅଛୁଁ ଯେ ରାଜେନ୍ଦ୍ର ବାବୁଙ୍କ ମତ ଅତ୍ୟନ୍ତ ଭ୍ରମମୂଳକ ଏବଂ ଯେଉଁମାନେ ସେଥିରେ ଅନୁଗାମୀ ହୋଇଛନ୍ତି, ସେମାନେ ନିରର୍ଥକ କୁହୁଡ଼ିରେ ପଡ଼ି ଆପଣାର ହସ୍ତପଦକୁ କ୍ଳେଶ ଦେଉଅଛନ୍ତି ।"

ଏହାପରେ 'ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ'ର ଗୋବର୍ଦ୍ଧନ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କୁ 'ଦୀପିକା' ମଧ୍ୟ ସମୁଚିତ ଉତ୍ତର ଦେଇଥିଲା । ସମ୍ପାଦକ ତାଙ୍କଠାରୁ ପୁସ୍ତକଟି ପାଇ ପ୍ରାପ୍ତି ସ୍ୱୀକାର କରାଇ ତାହାର ଆଲୋଚନା 'ଦୀପିକା'ରେ (୧୮୭୦ ମସିହାରେ) ପ୍ରକାଶ କରିଥିଲେ । ତାହାର କେତେକାଂଶ ନିମ୍ନରେ ପ୍ରଦାନ କରାଗଲା । "ଉତ୍କଳ ଓ

ବଙ୍ଗଭାଷାରେ ଏକତ୍ୱ ପ୍ରମାଣ କରିବା ଏହାର (ଉକ୍ତ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ପୁସ୍ତକ) ଉଦ୍ଦେଶ୍ୟ ଏବଂ ସେ ଉଦ୍ଦେଶ୍ୟ କି ପର୍ଯ୍ୟନ୍ତ ସଫଳ ହୋଇଅଛି, ତାହା କ୍ରମେ ପ୍ରକାଶ କରିବୁ । ଉତ୍କଳ ଓ ବଙ୍ଗଭାଷା ଯେଉଁ କେତେ କାଳରୁ ଯେ ବିବାଦ ହୋଇଥିଲା, ଏ ପୁସ୍ତକ ତହିଁର ଫଳ ଅଟଇ । ଗ୍ରନ୍ଥକର୍ତ୍ତା କାୟିକ ଶ୍ରମ ଓ ଅର୍ଥବ୍ୟୟ ସ୍ୱୀକାରପୂର୍ବକ ସ୍ୱଦେଶାନୁରାଗର ଯେମନ୍ତ ପରିଚୟ ଦେଇଅଛନ୍ତି ତାହା ପ୍ରସଂଶାଯୋଗ୍ୟ, ସନ୍ଦେହ ନାହିଁ × × × ଗ୍ରନ୍ଥକର୍ତ୍ତାଙ୍କ ମତରେ କି ବଙ୍ଗଳା ସ୍ୱତନ୍ତ୍ର ଭାଷା ଯେ ଓଡ଼ିଆ ତାହା ସଙ୍ଗେ କିୟଦଂଶରେ ମିଶିବାରୁ ସେ ସ୍ୱତନ୍ତ୍ର ଭାଷା ହେଲା ନାହିଁ ? ମାତ୍ର ଦୁଃଖର ବିଷୟ ଯେ ବଙ୍ଗଳା ଭାଷା ସ୍ୱତନ୍ତ୍ର ଥିବା ପକ୍ଷରେ ସେ କିଛି ପ୍ରମାଣ ଦେଇନାହାନ୍ତି, ଯେବେ ଏକ ଆର୍ଯ୍ୟ ଜାତିଙ୍କ ସମାଗମରେ ଏକ ସ୍ଥାନରେ ହିନ୍ଦୀ ଓ ଅନ୍ୟ ସ୍ଥାନରେ ବଙ୍ଗଳା ଭାଷାର ସୃଜନ ହେଲା, ତେବେ ଏକ ସ୍ଥାନରେ ଓଡ଼ିଆ-ଭାଷା ହେବାର କି ଅସୁବିଧା ହେଲା, ଜଣାପଡୁ ନାହିଁ । × × × × କେବଳ କେତେକ ସୌସାଦୃଶ୍ୟ ହେତୁରୁ ଯେବେ ଦୁଇ ବା ଅଧିକ ଭାଷାକୁ ଏକ ବୋଲଯାଇ ପାରେ, ତେବେ କେହି ଓଡ଼ିଆ ରୁ ହିନ୍ଦୀ ଓ ବଙ୍ଗଳା ବାହାରି ଥିବାର କହିଲେ, ଦୋଷ ହେବ ନାହିଁ । × × × × ସେ ଯାହା ହେଉ, ଆମ୍ଭେମାନେ ଗ୍ରନ୍ଥକର୍ତ୍ତାଙ୍କ ଭାଷାତତ୍ତ୍ୱ ଜ୍ଞାନରେ ସନ୍ତୁଷ୍ଟ ହେବାର କୌଣସି କାରଣ ଦେଖୁନାହୁଁ । ଆମ୍ଭେମାନେ ବୋଧ କରୁଅଛୁ ଯେ କେବଳ ଓଡ଼ିଆ ବଙ୍ଗଳାର ସମତା ଉପରେ ନିର୍ଭର କରି ତହିଁରେ ସମର୍ଥନ ନିମିତ୍ତ ଭାଷାତତ୍ତ୍ୱ ଜ୍ଞାନର ଦୁହାଇ ଦେଇଅଛନ୍ତି । ସେ ଓଡ଼ିଆ ବଙ୍ଗଳାର ସମତା ଦେଖାଇବା ବିଷୟରେ ପ୍ରକାଶ୍ୟରେ କୌଣସି ଯତ୍ନର ତ୍ରୁଟି କରିନାହାନ୍ତି । ଉତ୍କଳ ସାହିତ୍ୟ ବ୍ୟାକରଣ, ଅଭିଧାନ, ସମ୍ବାଦପତ୍ର, ଗୀତ ଇତ୍ୟାଦି ନାନା ପ୍ରକାର ଓଡ଼ିଆ ରଚନାରୁ କିଛି ଉଦ୍ଧୃତ କରି ଆପଣା କଥା ସପ୍ରମାଣ କରିଅଛନ୍ତି । ଏ ଯୁକ୍ତିସବୁ ବଙ୍ଗାଳୀଙ୍କ ମନକୁ ଏମନ୍ତ ଯୋଗଅଛି ଯେ, ସେମାନେ କୃତାର୍ଥ ହୋଇଅଛନ୍ତି, ମାତ୍ର ବାସ୍ତବରେ ତାହା କ'ଣ, ଉତ୍କଳୀୟଙ୍କୁ ପଚାରିଥିଲେ ଜାଣି-ପାରିଥାନ୍ତେ । × × × ଗ୍ରନ୍ଥକାର ଯେବେ ପକ୍ଷପାତଶୂନ୍ୟ ହୋଇ ବିଚାର କରିବାକୁ ଚେଷ୍ଟା କରିଥାନ୍ତେ, ତେବେ ଜାଣିପାରନ୍ତେ ଯେ ବର୍ତ୍ତମାନ ବଙ୍ଗଳା ଓ ଓଡ଼ିଆରେ ଯେଉଁ ପୁସ୍ତକାଦି ହେଉଅଛି, ତହିଁରେ ଅଧିକ ସଂସ୍କୃତ ଶବ୍ଦ ମିଶ୍ରିତ ହେଉଥିବାରୁ ଏ ଦୁହିଁଙ୍କର ବିସ୍ତର ସମତା ଦେଖାଯାଏ; ମାତ୍ର ଅବୋଧ ଓଡ଼ିଆ ଓ ବଙ୍ଗାଳୀ ଦୁହେଁ ଏ ଭାଷା ବୁଝିବା ଅକ୍ଷମ । ଶିକ୍ଷାଲାଭ ନ କଲେ, ଏଥିରେ ପ୍ରବେଶ ହୋଇପାରୁନାହାନ୍ତି; କିନ୍ତୁ କେହି କାହାର ଦେଶୀୟ ଭାଷାକୁ ସହଜରେ ବୁଝି ପାରନ୍ତିନାହିଁ । ସୁତରାଂ, ଏ ଭାଷାକୁ ପୃଥକ ବୋଲିବାକୁ ହେବ ଓ ଜାନ୍ତିବାରୁ ଯେତେ ପୁସ୍ତକ ରଚନା କରନ୍ତୁ, ଦୁଇଭାଷା କଦାଚ ଏକ ହୋଇ ନପାରିବ ।''

ଏହି ଭାଷା ଯୁଦ୍ଧରେ ଓଡ଼ିଶାରୁ ଯେଉଁମାନେ ଅବତୀର୍ଣ୍ଣ ହୋଇଥିଲେ, ସେମାନଙ୍କ ମଧ୍ୟରେ 'ଦୀପିକା'ର ସଂପାଦକ ଗୌରୀଶଙ୍କର ରାୟ, ବିଚିତ୍ରାନନ୍ଦ ଦାସ, ନନ୍ଦକିଶୋର, ଜଗମୋହନ ଲାଲ, ଫକୀରମୋହନ ସେନାପତି ଇତ୍ୟାଦି । 'ଦୀପିକା'ର ନିର୍ଭୀକ ମତାମତକୁ ଯେତେବେଳେ ଓଡ଼ିଆ ଗେଜେଟ ପତ୍ରିକା ଏବଂ ପଦସ୍ଥ ପ୍ରଶାସକଙ୍କ

କର୍ମଚାରୀଗଣ ବିଶେଷ ଗୁରୁତ୍ୱ ଦେଇଥିଲେ—'ଏ ବିଷୟରେ ଅନେକ ବାଦାନୁବାଦ ହୋଇଯାଇଅଛି ଓ ଆମ୍ଭେମାନେ ଆପଣାର ମତ ଏଥି ପୂର୍ବରୁ ପ୍ରକାଶ କରିଅଛୁ । କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ରଚିତ 'ଓଡ଼ିୟା ସ୍ୱତନ୍ତ୍ର ଭାଷା ନୁହେଁ' ପୁସ୍ତକ ବିଷୟରେ ଏଡୁକେଶନ ଗେଜେଟ ଯେ ମତ ପ୍ରକାଶ କରିଛନ୍ତି, ତହିଁର କିଛି ଅଂଶ ବର୍ତ୍ତମାନ ପାଠକମାନଙ୍କ ଗୋଚରାର୍ଥେ ଉଦ୍ଧୃତ କରାଗଲା । ପାଠକମାନେ ଦେଖିବେ ଯେ, ଏଡୁକେଶନ ଗେଜେଟ ଆମ୍ଭମାନଙ୍କ ମତର ପୋଷକତା କରିଅଛନ୍ତି । ସଂପାଦକ ବଙ୍ଗଦେଶ ନିବାସୀ ଶିକ୍ଷାବିଭାଗର ଏକ ଜଣ ପ୍ରଧାନ କର୍ମଚାରୀ ଏବଂ ପଣ୍ଡିତ ଅଟନ୍ତି ଏବଂ ସ୍କୁଲର ଇନ୍‌ସ୍‌ପେକ୍ଟର ଥିବାରୁ ନାନା ସ୍ଥାନର ଭାଷା ତାହାଙ୍କୁ ଜଣାଅଛି ଓ ସେ ଓଡ଼ିଶାର ପକ୍ଷପାତୀ ହେବାର କିଛି ମାତ୍ର କାରଣ ନାହିଁ, ଏପରି ଅବସ୍ଥାରେ ତାହାଙ୍କର ମତ ଯେ, ସର୍ବସାଧାରଣ ଗ୍ରହଣୀୟ ହେବ ଏଥିରେ କିଛି ମାତ୍ର ସନ୍ଦେହ ନାହିଁ । ସଂପାଦକଙ୍କ ନିଷ୍ପକ୍ଷପାତ ବିବେଚନାରେ ଆମ୍ଭେମାନେ ବିଶେଷ ସନ୍ତୁଷ୍ଟ ହୋଇଅଛୁଁ । ଓଡ଼ିଶାରେ ସଂପ୍ରତି ଯେଉଁ ବଙ୍ଗାଳୀମାନେ ଅଛନ୍ତି, ସେମାନଙ୍କ ବ୍ୟବହାରରୁ ଏପରି ମତ ବଙ୍ଗଦେଶୀୟ ଏକ ପ୍ରଧାନ ସମ୍ବାଦପତ୍ରରେ ପ୍ରକାଶ ହେବ, ଏହା ଆମ୍ଭମାନଙ୍କର ଆଶା ନଥିଲା । ଏଡୁକେଶନ ଗେଜେଟ ସଂପାଦକ ଏହି ନିଷ୍ପକ୍ଷପାତ କାର୍ଯ୍ୟଦ୍ୱାରା ଓଡ଼ିଶା ବାସୀଙ୍କର ପ୍ରଶଂସା ଓ ଧନ୍ୟବାଦର ଭାଜନ ହୋଇଅଛନ୍ତି ସନ୍ଦେହ ନାହିଁ ।" ( ୫ମ ଭାଗ-୩୦।୪।୧୮୭୦—ସଂଖ୍ୟା ୧୮ )

ତେଣୁ ଓଡ଼ିଆ ଜାତି ମୁହଁରେ ଭାଷା ଫୁଟାଇବା ପାଇଁ ପ୍ରାଚୀନ ସମ୍ବାଦପତ୍ରମାନେ ଆବଶ୍ୟକତା ଅନୁଯାୟୀ ଯୁଦ୍ଧ କରିଥିଲେ ଏବଂ ଯୁଦ୍ଧର ଜୟଲାଭ ମଧ୍ୟ କରିଥିଲେ ।

କବି-ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କର କାବ୍ୟକୃତି ମଧ୍ୟରେ ଗଞ୍ଜାମ ଅଞ୍ଚଳରେ ଓଡ଼ିଆ ଭାଷାକୁ ମାର୍ଜିତ ତଥା ପ୍ରତିଷ୍ଠିତ କରିଥିଲେ ମଧ୍ୟ ବ୍ରିଟିଶ ଅମଳରେ ସେଠାରେ ଓଡ଼ିଆ ଭାଷାର ସଙ୍କଟ ଦେଖାଯାଇଥିଲା, ଓଡ଼ିଆ ଲିପିରେ କଚେରୀରେ କାଗଜ ପତ୍ର ଲେଖିଲେ, ତା'ର ଉତ୍ତର ମିଳିବାରେ ବିଳମ୍ବ ଘଟୁଥିଲା । ଅର୍ଥାତ୍ ଓଡ଼ିଆ ଭାଷାକୁ ହୀନ ମନେ କରାଯାଇ ତା ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଥିଲା । ବିଦ୍ୟାଳୟମାନଙ୍କରେ ମଧ୍ୟ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ସରକାରୀ ଆଦେଶ ମିଳିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନଥିବା କଥା 'ଦୀପିକା'ରୁ ଜଣାଯାଏ । 'ଗଂଜାମରେ ଓଡ଼ିୟା ଭାଷା' ଶୀର୍ଷକରେ (୯ମ ଭାଗ ୧୮-୪-୧୮୭୪ ସଂଖ୍ୟା—୧୬) 'ଦୀପିକା'ରେ ଉଲ୍ଲେଖ ଥିଲା—"ଗଂଜାମ ଜିଲ୍ଲାର ଅଧିକାଂଶର ଭାଷା ଓଡ଼ିଆ ଥିବାରୁ ସେଠା ବିଦ୍ୟାଳୟ ଓ କଚେରୀମାନଙ୍କରେ ଓଡ଼ିଆ ଭାଷା ପ୍ରଚଳିତ କରିବାର ଆଜ୍ଞା ଗବର୍ଣ୍ଣମେଣ୍ଟରୁ ହୋଇଥିବାର ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁ ଓ ତଦ୍ୱାରା ସେଠା ନିବାସୀମାନଙ୍କର ପରମୋପକାର ହେବାର ଆଶା କରିଥିଲୁ; ମାତ୍ର ବର୍ତ୍ତମାନ ଜଣାଯାଏ ଯେ ଅବଧି ତାହା ହୋଇନାହିଁ ।" 'ଦୀପିକା' ଏଥିରେ ଜୟପୁରସ୍ଥ ଓଡ଼ିଆ ବ୍ୟକ୍ତି ଦୀନବନ୍ଧୁଙ୍କ ଚିଠିର ଉତ୍ତର ସ୍ଥଳରେ ଉଲ୍ଲେଖ କରିଛନ୍ତି—"ଗଂଜାମ ଜିଲ୍ଲାର କଚେରୀମାନଙ୍କରେ ଓଡ଼ିଆଭାଷାରେ ଲେଖାପଢ଼ି କରିବା ବ୍ୟକ୍ତିଙ୍କୁ ନିଯୁକ୍ତ କରିବା ଉଚିତ ଓ ଯେବେ ସ୍ଥାନୀୟ

କର୍ମଚାରୀମାନେ ତାହା କରିବାକୁ ଇଚ୍ଛା କରନ୍ତି ନାହିଁ, ତେବେ ସେଠା ଲୋକମାନଙ୍କ ଉଚିତ ଯେ ଏକାମେଳ ହୋଇ ସଦ୍‌ଯୁକ୍ତି ପ୍ରଦର୍ଶନପୂର୍ବକ ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ଓ ଇଣ୍ଡିଆ ଗଭର୍ଣ୍ଣମେଣ୍ଟଙ୍କୁ ଆବେଦନ ପଠାନ୍ତୁ । ତାହା ହେଲେ ଅବଶ୍ୟ ଏ ଆଜ୍ଞା ରହିତ ହୋଇଯିବ ।"

ସମ୍ବଲପୁରରେ ଯେଉଁ ଭାଷା-ଆନ୍ଦୋଳନ ହୋଇଥିଲା, ଏ ଦିଗରେ ସମ୍ବାଦପତ୍ର ଗୁଡ଼ିକର ଭୂମିକା ଅବିସ୍ମରଣୀୟ । ୧୮୫୪ ମସିହାରେ ସମ୍ବଲପୁର ଛୋଟନାଗପୁର କମିଶନରଙ୍କର ଶାସନାଧୀନ ଥିଲା । ସେହି ସମୟରେ ସେଠାରେ କୋର୍ଟ କଚେରୀରେ ହିନ୍ଦୀଭାଷା ପ୍ରଚଳିତ ହେଉଥିଲା, କିନ୍ତୁ ୧୮୬୦ ମସିହାରେ ସମ୍ବଲପୁର ଓଡ଼ିଶା ଅନ୍ତର୍ଗତ ହେବାରୁ କଚେରୀ ଏବଂ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ହେଲା । ମାତ୍ର ୧୮୬୦ ମସିହାରେ ସମ୍ବଲପୁର ଜିଲ୍ଲା ପୁଣି ମଧ୍ୟ ପ୍ରଦେଶର ଶାସନାଧୀନ ହେଲା, ୧୮୯୫ ମସିହା ପର୍ଯ୍ୟନ୍ତ ତଥାପି କୋର୍ଟ କଚେରୀରେ ଓଡ଼ିଆଭାଷା ପ୍ରଚଳିତ ହେଉଥିଲା, ମାତ୍ର ଏହାପରେ ହିନ୍ଦୀ ଭାଷାକୁ ପ୍ରଚଳନ କରାଯିବାରୁ ପ୍ରାୟ ସାତବର୍ଷ ଧରି ଆନ୍ଦୋଳନ ଚାଲିଲା । ଓଡ଼ିଶାର ଜନମତକୁ କର୍ତ୍ତୃପକ୍ଷଙ୍କଠାରେ ଉପସ୍ଥାପିତ କରି ତା'ର ଆଶୁ ସମାଧାନ ପାଇଁ ତତ୍କାଳୀନ ସମ୍ବାଦପତ୍ରଗୁଡ଼ିକର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ, ଏହା ନିଃସନ୍ଦେହ । ୧୮୯୭ ମସିହା ଜାନୁୟାରୀ ମାସଠାରୁ ସମ୍ବଲପୁରର କୋର୍ଟ କଚେରୀରୁ ଓଡ଼ିଆ ଭାଷାକୁ ନିଷିଦ୍ଧ-କରି ହିନ୍ଦୀ ଭାଷାକୁ ଗ୍ରହଣ କରାଗଲା ବୋଲି ସରକାରୀ ଘୋଷଣା ପ୍ରକାଶ ପାଇଥିଲା । ସମ୍ବଲପୁର ହିତୈଷିଣୀରେ ଏହାର ପ୍ରତିବାଦ ସମ୍ବାଦ ଓ କବିତାମାନ ପ୍ରକାଶ ପାଇଲା । ଏହାପୂର୍ବରୁ ମଧ୍ୟ ୧୮୯୪ରେ (୩, ଅକ୍ଟୋବର) 'ସମ୍ବଲପୁର ହିତୈଷିଣୀ'ରେ କବି ଗଙ୍ଗାଧର ମେହେର 'ଭାରତୀ ରୋଦନ' କବିତାଟି ରଚନା କରିଥିଲେ । ସେଥିରେ ଉଲ୍ଲେଖ ଥିଲା—

"ହିନ୍ଦୀ ସରସ୍ୱତୀ ମୋ ଗୃହରେ ବସି
କରିବ ପରା ରାଜତ୍ୱ
ମୋ ଆଶା କାନନ ଭସ୍ମରାଶି ହେବ
ତା ନବ ଉଦ୍ୟାନେ ଖାତ

× × ×

ଉପମାତା ଆସି ଗର୍ଭ ଧାରିଣୀର
ମସ୍ତକେ ଚରଣ ଦେବ
ଏ ଦଶା ଦେଖିଲେ କେଉଁ ସନ୍ତାନର
ମନରେ ଦୁଃଖ ନ ହେବ ।

୧୯୦୧ ମସିହା ଜୁଲାଇ ମାସରେ ସମ୍ବଲପୁରରୁ ସର୍ବଶ୍ରୀ ବ୍ରଜମୋହନ ପଟ୍ଟନାୟକ ମହନ୍ତ ମହାରାଜ ବିହାରୀ ଦାସ, ଶ୍ରୀ ବଳଭଦ୍ର ସୁଆର ଓ ଶ୍ରୀ ମଦନ ମୋହନ ମିଶ୍ର ନାଗପୁରଠାରେ ଚିଫ୍ କମିଶନର ମିଷ୍ଟର ଏଣ୍ଡ୍ରୁ ଫ୍ରେଜରଙ୍କୁ ସାକ୍ଷାତ୍‌କରି ସମ୍ବଲପୁରର ଭାଷା ଆନ୍ଦୋଳନ ବିଷୟରେ ଆଲୋଚନା କରି ପ୍ରତ୍ୟାବର୍ତ୍ତନ କଲାପରେ ସେମାନେ

ଉତ୍କଳ ଗୌରବ ମଧୁସୂଦନଙ୍କୁ ଯେଉଁ ତାରବାର୍ତ୍ତା ପଠାଇଥିଲେ, ମଧୁସୂଦନ ତାହାର ପ୍ରତିକାର ସ୍ୱରୂପ ଏକ ତାରବାର୍ତ୍ତା ସିମଲାକୁ ଭାଇସ୍‌ରୟଙ୍କ ପାଖକୁ ପ୍ରେରଣ କରିଥିଲେ । ଏହା 'ଉତ୍କଳ ଦୀପିକା' (ତା ୧୯।୮।୧୯୦୧ ଖ୍ରୀ)ରେ ପ୍ରକାଶ ହୋଇଥିଲା—

"FroM M· S. Das, Cuttack

To

Private Secretary to the Viceroy, Simla.

The Oriyas of Sambalpur have submitted a memorial to H· E. against the order of the Chief Commissioner of C.P dated January 1895 abolishing Oriya as court and official language. I am informed the subject matter of the memorial The Orissa Association submitted a memorial on 20. 6.1895 complaining again C. C's order as unpolitic, unpractical and opposed to recognised policy of Government. Kindly lay Orissa Association memorial befor H· E. The people of Orissa fully support the memorial submitted by Sambalpur people The Orissa Association and Oriyas generally sincerly hope H. E. Lord Corzen being the first Viceroy to visit Orissa will vounch safe personal to the grievance."

ଜନସାଧାରଣ ମଧ୍ୟରେ ଏହି ଭାଷା ଆନ୍ଦୋଳନ ସମ୍ବାଦ ଓ କ୍ରିୟା-ପ୍ରତିକ୍ରିୟା ବିଷୟରେ ସୂଚାଇଦେଇ ସମ୍ବାଦପତ୍ର କେତୋଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଓଡ଼ିଆର ଜାତୀୟଜୀବନ ଏକପ୍ରକାର ଅର୍ଦ୍ଧମୃତ । ଅବହେଳିତ ଅବସ୍ଥାରେ ତଥା ଇଂରେଜୀ ଶିକ୍ଷା ସଭ୍ୟତାର ପ୍ରଚୁର ଅବସରରେ ପଛରେ ପଡ଼ିରହିଥିଲା । ତା'ର ଅର୍ଥନୀତି ସ୍ୱୟଂସମ୍ପୂର୍ଣ୍ଣ ଅବସ୍ଥାସମ୍ପନ୍ନ, ରାଜନୈତିକ, ସାମାଜିକ ବ୍ୟବସ୍ଥା, ପୂର୍ବଯୁଗର ଶାସନଗତ ଅବ୍ୟବସ୍ଥା, ଅସ୍ଥିରତା, ଆଭ୍ୟନ୍ତରୀଣ ବିବାଦଦ୍ୱାରା ଏକରକମ ବିପର୍ଯ୍ୟସ୍ତ ହୋଇଥିଲା । ଧର୍ମକ୍ଷେତ୍ରରେ ଓଡ଼ିଶା ନୀଳାଦ୍ରିନାଥ ପୁରୁଷୋତ୍ତମଙ୍କ ବ୍ୟାପକ ମାନବବାଦୀ ପୂଜା, ସଂସ୍କୃତି ପରଂପରା ଗୌରବଦ୍ୱାରା ସୁପରିଚିତ ହେଲେହେଁ, ସର୍ବଭାରତୀୟ ସ୍ତରରେ ଜଗନ୍ନାଥ ଧର୍ମ ସଂସ୍କୃତିର ମାହାତ୍ମ୍ୟ ଜନସ୍ୱୀକୃତ ଏବଂ ଅଧିକାର ଗଣଶ୍ରଦ୍ଧା ଅଧିକାର କରିଥିଲେହେଁ ଓଡ଼ିଶାର ରାଜନୈତିକ ମେରୁଦଣ୍ଡ ଯେପରି ଦୋହଲି ଯାଇଥିଲା । ପ୍ରଥମେ ମୋଗଲ, ତାପରେ ମରହଟ୍ଟା ଶାସନ ଓଡ଼ିଶାକୁ ଶାସନ, ଅର୍ଥନୀତି କ୍ଷେତ୍ରରେ ସୁଦୃଢ଼ କରିବା ପରିବର୍ତ୍ତେ ଦୁର୍ବଳ ଉପେକ୍ଷିତ ଏବଂ ଏକରକମ ଐଶ୍ୱର୍ଯ୍ୟହୀନ କରି ଦେଇଥିଲା । ପଞ୍ଚଦଶ ଶତାବ୍ଦୀସ୍ଥ ଓଡ଼ିଶାର ସାମଗ୍ରିକ ଐତିହ୍ୟ ଗୌରବର ଦୀପଶିଖା ଯେପରି ପରବର୍ତ୍ତୀ ଦୁଇ ଶତାବ୍ଦୀର ଅରାଜକତା ମଧ୍ୟରେ ଧୀରେ ଧୀରେ ଅସ୍ତମିତ ହୋଇ ଆସୁଥିଲା । ସେଥିପାଇଁ ଇଂରେଜମାନଙ୍କର ଓଡ଼ିଶା ଅଧିକାର ପ୍ରାକ୍‌କାଳରେ ପର୍ବତ, ଅରଣ୍ୟ,

ନଦନଦୀସଙ୍କୁଳ ଓଡ଼ିଶା ଭୂଖଣ୍ଡ ଏକ ଦୁର୍ଭେଦ୍ୟ ଭୌଗୋଳିକ ସ୍ଥିତିର କରୁଣ ପ୍ରତିମୂର୍ତ୍ତି ଥିଲା ।

"The-province of Orissa was almost as inaccessible in 1869, it was stated that, unless he could get obtain a special steamer, an officer of the Government had to make his way there as slowly as tediously as in the day's of Ashoka, and though conditions improved with the construction of roads the province had to railway communication with either Madras on the South or Bengal on the North until 1899."

(କ) ସଡ଼କ ପରିବହନ କ୍ଷେତ୍ରରେ ବନ୍ୟା, ଦୁର୍ଭିକ୍ଷଧ୍ୱସ୍ତ ଏବଂ ପାଇକ-ବିଦ୍ରୋହ ଓଡ଼ିଶାର ଏହି ବର୍ଣ୍ଣନାତୀତ ଅନଗ୍ରସରତା ଦୂରକରିବା ପାଇଁ ଜନସାଧାରଣ ଏବଂ ଜନସାଧାରଣଙ୍କ ପକ୍ଷରୁ ଓଡ଼ିଶାର ସମ୍ବାଦପତ୍ରସମୂହ କିପରି ସେହି ଯୁଗରେ ବ୍ରିଟିଶ୍ ଶାସକ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ଆବେଦନପତ୍ର, ପ୍ରାର୍ଥନାପତ୍ରରେ ପ୍ଲାବିତ କରି ଦେଇଥିଲେ, ମସୀଯୁଦ୍ଧ ଘୋଷଣା କରିଥିଲେ, ତାହାର ଉଦାହରଣ ପ୍ରାଚୀନ ସମ୍ବାଦପତ୍ର ପୃଷ୍ଠାରେ କେବଳ ଅନୁସନ୍ଧେୟ । ରେଳଲାଇନ ଅଭାବରେ ସେହିଯୁଗରେ ଇଂରେଜମାନଙ୍କ ଆଗମନର ବହୁବର୍ଷପରେ ଓଡ଼ିଶାରେ ଜଳପଥ ଏବଂ ସ୍ଥଳପଥରେ ଯାତାୟତରେ କି ସୁବିଧା ଥିଲା, ତାହାର ବିବରଣୀ ମଧ୍ୟ 'ଦୀପିକା' ସଦୃଶ ସମ୍ବାଦପତ୍ରରୁ ପ୍ରାପ୍ତ ହୋଇଥାଏ—"ଆମ୍ଭେମାନେ ଏଥିପୂର୍ବେ ସାଧାରଣଙ୍କୁ ଜଣାଇଥିଲୁ ଯେ କଲିକତା ସଙ୍ଗେ କଟକର ଯୋଗ ରକ୍ଷିବା ସକାଶେ ଗଭର୍ଣ୍ଣମେଣ୍ଟ ବହୁ ବ୍ୟୟସ୍ୱୀକାରପୂର୍ବକ ବନ୍ଦରଘରଠାରେ ଖଣ୍ଡିଏ ଧୂଆଁକଳ ଯାହାଜ ଆଉ ଖଣ୍ଡିଏ ମାଲ୍ ବୋଝେଇର ଯାହାଜ ବରାବର ରହିବାର ମଞ୍ଜୁର କରିଛନ୍ତି । ଯାହାଜ ଯେମନ୍ତ ସମୟାନୁସାରେ ପ୍ରବେଶ ହେବ କଲିକତାରୁ ଯିବା ସମୟରେ ତେମନ୍ତ ଠିକ୍ ରହିବ ନାହିଁ; କାରଣ ବମ୍ବେ ଓ କଲିକତା ମଧ୍ୟରେ ଅନେକ ବନ୍ଦରରେ ଯାହାଜ ଲଗାଇବାର ଆବଶ୍ୟକ ହୁଅଇ । ଅତଏବ ଦିନେ ଅଧେ ଊଣାଅଧିକ ହୋଇପାରେ । ଗଭର୍ଣ୍ଣମେଣ୍ଟଙ୍କର ଛୋଟ ଇଲାକାର ଧୂଆଁକଳ ଯାହାଜ ବନ୍ଦରଘର ନଙ୍ଗର ବାଡ଼ଠାରୁ ତାଳଦଣ୍ଡା ମୁକାମକୁ ଦ୍ରବ୍ୟ ଓ ଯାତ୍ରୀ ନେଇ ଯିବାଆସିବା କରିବା ଏବଂ ଯାହାଜରୁ ଦ୍ରବ୍ୟ ଓହ୍ଲାଇବା କାରଣ ନଙ୍ଗର ବାଡ଼ରେ ଖଣ୍ଡିଏ ଯାହାଜ ରହିବ ।"

'କଟକ କେରେଜ କମ୍ପାନୀ' ନାମକ ଏକ ସଂସ୍ଥା କିପରି ଜନସାଧାରଣଙ୍କ ଗମନାଗମନରେ ସାହାଯ୍ୟ କରିଥିଲା ତାହାର ବିବରଣୀ ସମ୍ବାଦପତ୍ରରେ ମଧ୍ୟ ପରିଲକ୍ଷିତ—"ଏ କମ୍ପାନୀର କାର୍ଯ୍ୟର ସମ୍ପର୍କୀୟ ଖଣ୍ଡିଏ ବିଜ୍ଞାପନ ସମ୍ପାଦକ ଶ୍ରୀ ବାବୁ ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା ପ୍ରସ୍ତୁତ ହୋଇଅଛି । ଆମ୍ଭେମାନେ ତାହା ପାଠକରି ଅତ୍ୟନ୍ତ ଆନନ୍ଦିତ ହେଲୁ । କଟକ ନଗରରେ କମ୍ପାନୀ ସ୍ଥାପନ ପୂର୍ବକ ବ୍ୟବସାୟ କରିବାର ସ୍ଥିତି ଅବଧି

ସାଧାରଣ ଅନୁମୋଦନୀୟ ହୋଇନାହିଁ । ଯେଉଁମାନେ ଏହି ପ୍ରକାର ବ୍ୟବସାୟର କୁଶଳତା ଦେଖାଇବାକୁ ଚେଷ୍ଟା କରନ୍ତି ତାହାଙ୍କୁ ଅବଶ୍ୟ ପ୍ରଶଂସା କରିବା ଉଚିତ । ମାତ୍ର ଏହି ବ୍ୟବସାୟ ଯେ ଲାଭଜନକ ହୋଇପାରି ନାହିଁ ତାହାର ହିସାବ ଏହି ପୃଷ୍ଠାରେ ଦିଆଯାଇଛି ।" ଶେଷରେ ଉଲ୍ଲେଖ ଅଛି, "ଆମ୍ଭେମାନେ ଏରୂପ ଫଳଦେଖି ଅଂଶୀମାନଙ୍କୁ ଅନୁରୋଧ କରୁଅଛୁ ଯେ ପୁରୀକୁ ଗାଡ଼ି ଚଲାଇବାର ଉଚିତ ବନ୍ଦୋବସ୍ତ ଯେତେଶୀଘ୍ର ପାରନ୍ତି କରନ୍ତୁ, ତା ହେଲେ ସେମାନଙ୍କର ଯେ ବିଶେଷ ଲାଭ ହେବ ଏଥିରେ କିଛି ସନ୍ଦେହ ନାହିଁ ଓ ମଧ୍ୟ ଲୋକଙ୍କର ଗୋଟିଏ ଭାରି ସୁବିଧା ହେବ । ପୁରୁଷୋତ୍ତମକୁ ଗାଡ଼ି ଚଲାଇବା ଏ କମ୍ପାନୀର ପ୍ରଥମ ଉଦ୍ଦେଶ୍ୟ ଥିଲା ଏହା ଯେ ଏତେକାଳ ସଫଳ ହୋଇନାହିଁ ଦୁଃଖର ବିଷୟ ଅଟଇ ।"

(୫ମ ଭାଗ-୩୧ । ୧୨ । ୧୮୭୦-ସଂଖ୍ୟା-୫୧)

ଉପଯୁକ୍ତ ସଡ଼କ ଅଭାବରେ ଓଡ଼ିଶା ସବୁ ଦିଗରୁ କ୍ଷତିଗ୍ରସ୍ତ ହେଉଥିଲା । ଶିକ୍ଷା କ୍ଷେତ୍ରରେ ଦୂରଦୂରାନ୍ତର ରାଜ୍ୟର ଶିକ୍ଷାନୁଷ୍ଠାନ ସହିତ ସମ୍ପର୍କ ସ୍ଥାପନ, ଦୁର୍ଭିକ୍ଷ ଏବଂ ତାଦୃଶ ସଙ୍କଟ ସମୟରେ ଯାତାୟତ ଏବଂ ଖାଦ୍ୟ ସାମଗ୍ରୀ ପରିବହନ ଆଦୌ ସମ୍ଭବ ହୋଇ ନଥିଲା; ଯଦ୍ୟପି ଯୁଗ-ବିଶ୍ରୁତ ଜଗନ୍ନାଥ ସଡ଼କ ଓଡ଼ିଶାକୁ ଅନ୍ୟ ପଡ଼ୋଶୀ ରାଜ୍ୟ ସହିତ ସୀମିତ ଆକାରରେ ସଂଯୁକ୍ତ କରି ପାରିଥିଲା । ନ'ଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଶାବାସୀ ଓଡ଼ିଶାରେ ରେଲ୍ ଲାଇନ୍ ନିର୍ମାଣ ପାଇଁ ଅତ୍ୟନ୍ତ ବ୍ୟାକୁଳ ହୋଇ ପଡ଼ିଥିଲେ । ପାଶ୍ଚାତ୍ୟ ଶିକ୍ଷା ସଭ୍ୟତା ପ୍ରସାରିତ ଯୁଗରେ ଅନଗ୍ରସର, ଅନୁନ୍ନତ ଓଡ଼ିଶା ପକ୍ଷରେ ରେଲ୍ ଲାଇନ୍ ନିର୍ମାଣ ଥିଲା ଜରୁରୀ ଆବଶ୍ୟକତା । ୧୮୯୪ ମସିହାରେ ଗ୍ରେଟ ଲାଟ୍ ଟେମ୍ପଲ ସାହେବଙ୍କର ଓଡ଼ିଶା ଆଗମନ ସମୟରେ ବାଲେଶ୍ୱରବାସୀ ଓଡ଼ିଶାରେ ଶୀଘ୍ର ରେଲ୍ ଲାଇନ୍ ନିର୍ମାଣ ଦାବୀ ଜଣାଇଥିଲେ । ଏହି ଉଦ୍ଦେଶ୍ୟରେ ବାଲେଶ୍ୱରରେ ରେଲବାଇ କମିଟି ଗଠିତ ହୋଇଥିଲା ଏବଂ ରାଜା ବୈକୁଣ୍ଠନାଥ ଦେ ପରବର୍ତ୍ତୀ ସମୟରେ ସରକାରଙ୍କ ନିକଟରେ ଦାବୀପତ୍ର ଦାଖଲ କରିଥିଲେ । ୧୮୭୦ ମସିହାଠାରୁ ଆରମ୍ଭ କରି ୧୮୯୨ ପର୍ଯ୍ୟନ୍ତ ଉତ୍କଳ ଦୀପିକା, ବାଲେଶ୍ୱର ସମ୍ବାଦବାହିକା ଆଦି ସମ୍ବାଦପତ୍ରମାନଙ୍କରେ ଓଡ଼ିଶାରେ ରେଳରାସ୍ତା ନିର୍ମାଣ ସମ୍ବନ୍ଧୀୟ ବହୁ ଯୋଜନା, ଅଭିଯୋଗ ଏବଂ ଆବେଦନ ପ୍ରକାଶ କରିବାର ଜଣାଯାଏ ।

ଓଡ଼ିଶାରେ ରେଳରାସ୍ତା ନିର୍ମିତ ହେବାରେ ଓଡ଼ିଆ ସମ୍ବାଦପତ୍ରସମୂହର ଯେଉଁସବୁ ଭବୋଦ୍ଦୀପ୍ତ ଯୁକ୍ତିଯୁକ୍ତ ପ୍ରସ୍ତାବ, ସୂଚନା ଏବଂ ଯୋଜନାମାନ ପ୍ରକାଶିତ ହେଉଥିଲା, ତାହାର କତିପୟ ନକଲ ଏଠାରେ ଅବିକଳ ଉଦ୍ଧାର କରଗଲା—"ନାଗପୁର ଚିଫ୍ କମିଶନର ମରିସ୍ ସାହେବ ସମ୍ବଲପୁର ପର୍ଯ୍ୟନ୍ତ ରେଲଓ୍ୱେ ବିସ୍ତାର କରିବା ସକାଶେ ଇଣ୍ଡିଆ ଗଭର୍ଣ୍ଣମେଣ୍ଟଙ୍କୁ ପ୍ରସ୍ତାବ କରିଅଛନ୍ତି । ଦୀପିକା ଉକ୍ତ ପ୍ରସ୍ତାବର ବିଷୟ ପାଠକମାନଙ୍କୁ ଜଣାଇବା ସ୍ଥଳେ ସମ୍ବଲପୁର ରେଲ୍ ଦ୍ୱାରା ନାଗପୁର ସୁତରାଂ ବମ୍ବେଇ ସଙ୍ଗେ ଯୁକ୍ତ ହେଲେ ଓଡ଼ିଶା ଗଡ଼ଜାତ ମଧ୍ୟ ଦେଇ ସମ୍ବଲପୁରଠାରୁ କଟକ ପର୍ଯ୍ୟନ୍ତ ରେଲଓ୍ୱେ ପ୍ରସ୍ତୁତ କରିବାର ପ୍ରସ୍ତାବ କରି ଏଠା ରାଜା ଜମିଦାର ଓ ଅପର

ସାଧାରଣଙ୍କୁ ଶୀଘ୍ର ଗଭର୍ଣ୍ଣମେଣ୍ଟଙ୍କୁ ଏ ବିଷୟ ପ୍ରାର୍ଥନାରେ ଆବେଦନ ପତ୍ର ପଠାଇବାକୁ ଅନୁରୋଧ କରିଅଛନ୍ତି । ବସ୍ତୁତଃ ଏ ପ୍ରସ୍ତାବ ଅତି ଉତ୍ତମ ଅଟଇ ଓ ସମସ୍ତଙ୍କର ଏଥିରେ ସହାନୁଭୂତି ପ୍ରକାଶ କରିବାର ଆବଶ୍ୟକ । ନାଗପୁରରୁ ସମ୍ବଲପୁର ଓ ଗଡ଼ଜାତ ଦେଇ କଟକ ପର୍ଯ୍ୟନ୍ତ ରେଲ୍ ହଇଲେ ଯେ ଏହା ଗଭର୍ଣ୍ଣମେଣ୍ଟଙ୍କ ସମ୍ବନ୍ଧରେ ଲାଭଜନକ ଓ ଦେଶୀୟ ଲୋକଙ୍କ ପ୍ରତି ବାଣିଜ୍ୟ ବ୍ୟବସାୟ, ସଭ୍ୟତା ବୃଦ୍ଧି, ଯାତାୟାତ ଇତ୍ୟାଦି ସବୁ ବିଷୟରେ ହିତକର ହେବ ଏଥିରେ କାହାର ଦ୍ୱିମତ ହୋଇ ନପାରେ । ବିଶେଷତଃ ଯେପରି ଦୀପିକା ଦର୍ଶାଇଅଛନ୍ତି ଗଡଜାତ ଦେଇ ରେଲ୍ ପ୍ରସ୍ତୁତ କରିବାକୁ ଅନ୍ୟାନ୍ୟ ସ୍ଥାନଠାରୁ ଊଣା ବ୍ୟୟ ପଡ଼ିବାର ସମ୍ଭବ । ଯେହେତୁ ପଥର, ଚୂନ, କାଠ ପଥରକୋଇଲା ଇତ୍ୟାଦି ଗଡ଼ଜାତମାନଙ୍କରେ ସୁଲଭ ଅଟଇ ମଧ୍ୟ ଭୂମି ବିନା ମୂଲ୍ୟରେ ରାଜାଙ୍କଠାରୁ ମିଳିପାରେ ।"

(ଉତ୍କଳ ପୁତ୍ର—୨ୟ ଭାଗ—୧୭ । ୯ । ୧୮୭୪ – ସଂଖ୍ୟା-୧୧)

"ଓଡ଼ିଶାର କପାଳରେ କି ରେଲବାଟ ନାହିଁ ? ଶୀର୍ଷକରେ ଉତ୍କଳ ଦୀପିକାରେ ପ୍ରକାଶ ପାଇଥିଲା—"ଗତକାଲି ଗେଜେଟ୍‌ରେ ବଙ୍ଗ ପ୍ରଦେଶର କେତେକ ସରକାରୀ ରେଲବାଟର ବିବରଣ ପ୍ରକାଶ ହୋଇଅଛି । ତହିଁରୁ ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁଁ ଯେ ବଙ୍ଗଳାର ରେଳବାଟମାନଙ୍କରେ ଗବର୍ଣ୍ଣମେଣ୍ଟଙ୍କର କିଛି କ୍ଷତି ହୋଇନାହିଁ । ରେଲଦ୍ୱାରା ଯାହା ଆମଦାନୀ ହେଉଅଛି ତଦ୍ଦ୍ୱାରା ଖର୍ଚ୍ଚ ଛଡ଼ା ଉକ୍ତ ବାଟମାନଙ୍କରେ ଲାଗିଥିବା ମୂଳଧନର ସମ୍ପୂର୍ଣ୍ଣ ସୁଧ ଭରଣା ହେଉଅଛି । ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ଆଶା କରନ୍ତିକି ଆଗାମୀ ବର୍ଷକୁ ଏ ରେଲ୍‌ଲାଇନ ମାନଙ୍କର ଆୟ ଦ୍ୱାରା ଶତକରା ୧୦ଟଙ୍କା ଲାଭ ହେବ । ଏହି ଦୃଷ୍ଟିରେ ବଙ୍ଗଳାରେ ଆଉ କେତେଟା ରେଲ୍‌ବାଟ ଫିଟାଇବାର ଗଭର୍ଣ୍ଣମେଣ୍ଟ ମନସ୍ଥ କରିଛନ୍ତି ଓ ତହିଁର ତାଲିକା ଦେଇଅଛନ୍ତି । ଏମାନ ଛଡ଼ା ଆଉ ଗୋଟିଏ ରେଲ-ବାଟ ଫିଟାଇବା ମାନ୍ୟବର ଇଡନ୍ ସାହେବ କଳ୍ପନା କରିଅଛନ୍ତି । ସେହି ବାଟଟି ହେଉଛି କଲିକତାରୁ ମେଦିନୀପୁର ଦେଇ ନୋହିଲେ ବର୍ଦ୍ଧମାନ କି ରାଣୀଗଞ୍ଜରୁ ବାଙ୍କୁଡ଼ା ଦେଇ ଗୁର୍ଣ୍ଣବସାକୁ ଫିଟିବ । ସେଠାରୁ ଛତିଶଗଡ଼ ଦେଇ ନାଗପୁର ସଙ୍ଗେ ମିଶିବ । ଏହାଦ୍ୱାରା କଲିକତାରୁ ବୋମ୍ବେକୁ ରେଲବାଟ ସଳଖ ହେବ ଏବଂ ଗଡ଼ଜାତର ଅନେକ ବାଣିଜ୍ୟ ଦ୍ରବ୍ୟ ପଦାକୁ ବାହାରିବ ।

"ଆମ୍ଭେମାନେ ଭାବୁଅଛୁ କି ମାନ୍ୟବର ଇଡନ୍ ସାହେବ ବଙ୍ଗଳାରେ ରେଲ-ବାଟ ବିସ୍ତାର କରିବାର ଏତେ ଉପାୟ ଚିନ୍ତା କଲବେଳେ ଯେ ଓଡ଼ିଶାକୁ ଥରେ ମନରେ ନ ପକାଇଲେ ବଡ଼ ଦୁଃଖର ବିଷୟ ଅଟଇ । ଛତିଶଗଡ଼ ପର୍ଯ୍ୟନ୍ତ ଆସିଲାବେଳେ ଯେବେ ଟିକିଏ ଓଡ଼ିଶା ପ୍ରତି ଦୃଷ୍ଟି ଦେଇଥାନ୍ତେ ତେବେ ରାୟଗଡ଼ଠାରୁ ସମ୍ବଲପୁର ବାଟେ କଟକ ପର୍ଯ୍ୟନ୍ତ ଗୋଟିଏ ରେଖା ଟାଣିଦେଇଥିଲେ ଆଜି ଆମ୍ଭେମାନେ କେତେ ଆନନ୍ଦିତ ହୋଇଥାନ୍ତୁ ତାହା କହିଯାଇ ନପାରେ । ଏହି ରେଲବାଟ ନିକାଶେ ଶ୍ରୀଯୁକ୍ତ ଟେମ୍ପଲ୍ ସାହେବ ଲେଫ୍‌ଟେନାଣ୍ଟ ଗଭର୍ଣ୍ଣରଙ୍କ ଏ ନଗରକୁ ଶୁଭାଗମନ ସମୟରେ ଓଡ଼ିଶାବାସୀମାନେ ଆବେଦନପତ୍ର ଦେଇଥିଲେ । ମାତ୍ର ତାହା କିଛି ମାତ୍ର ସଫଳ

ହେବାର ଦେଖାଗଲା ନାହିଁ । ମାନ୍ୟବର ଇଡନ୍ ସାହେବ ଓଡ଼ିଶାର କେବଳ ନାଳର ଉପଯୋଗିତା ସିଦ୍ଧାନ୍ତ କରିଅଛନ୍ତି । ତାହା ଛଡ଼ା ଆଉ କିଛି ଓଡ଼ିଶା ପ୍ରତିବିଧାନ କରିବାର ଚିନ୍ତା ତାହାଙ୍କ ମନରେ ସ୍ଥାନ ପାଉନାହିଁ । ଅଥଚ ଯେଉଁ ନାଳବାଟେ ଗଞ୍ଜାମ ଓ ଓଡ଼ିଶାର ସମସ୍ତ ପ୍ରଧାନ ନଗର ସଙ୍ଗେ କଲିକତାକୁ ଯୋଗ କରିବାକୁ ସଂକଳ୍ପ କରି ଦୁଇବର୍ଷରେ ସେ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ବସିଥିଲେ ତହିଁରୁ ସୁଦ୍ଧା କିଛି ମାତ୍ର କରି ପାରିଲେ ନାହିଁ । ଗଭର୍ଣ୍ଣମେଣ୍ଟଙ୍କ ବାରିକ ମାନ୍ଦ୍ରାଜ ଏଲାକାର ବ୍ୟୟ କରିନର ପ୍ରଧାନ ଅଂଶ ଓଡ଼ିଶା କପାଳକୁ ଘଟିଲା । ତାହା ହୋଇଥିଲେ ମୁଗଲବନ୍ଦୀ ଲୋକଙ୍କର କେତେକ ସାମାନ୍ୟ ସୁବିଧା ହୋଇଆନ୍ତା । ମାତ୍ର ଯେତେ କହିଲେ ଗମନାଗମନ ପକ୍ଷରେ ରେଲ ସଙ୍ଗେ ନାଳର ତୁଳନା ନାହିଁ ଓ ଯେ ସ୍ଥଳେ ନାଳଦ୍ୱାରା ସରକାରରୁ କ୍ଷତି ହେଉଅଛି ତଦ୍ୱାରା କୌଣସି କାଳରେ ଗମନାଗମନର ସମ୍ପୂର୍ଣ୍ଣ ସୁବିଧା ନାହିଁ ସେ ସ୍ଥଳେ ଆମ୍ଭେମାନେ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛୁ କି ଆଉ ନାଳଦ୍ୱାରା ଓଡ଼ିଶାକୁ ନାରଖାର ନକରି ପ୍ରସ୍ତାବିତ ରେଲବାଟ ଫିଟାଇବାର ଯତ୍ନ କରନ୍ତୁ ।”

(୧୫ଶ ଭାଗ -- ୨୮ । ୨ । ୧୮୮୦ — ସଂଖ୍ୟା-୯)

ଉପରୋକ୍ତ ଦୁଇଗୋଟି ଉଦ୍ଧୃତିରୁ ଓଡ଼ିଶାର ଅନଗ୍ରସର ଅନୁନ୍ନତ ପରିବହନ ବ୍ୟବସ୍ଥାରେ ଇଂରେଜ ଶାସନ ପ୍ରବର୍ତ୍ତିତ ଯୁଗରେ ବୈଜ୍ଞାନିକ ଆବିଷ୍କାରର ସମ୍ପୂର୍ଣ୍ଣ ସଦୁପଯୋଗ କରିବାକୁ କିପରି ସମ୍ବାଦପତ୍ର ମାଧ୍ୟମରେ ଜନମତ ସୃଷ୍ଟି ହୋଇଥିଲା, ତାହାହିଁ ପ୍ରମାଣିତ ହୋଇଥାଏ । ତଦାନୀନ୍ତନ ଗଡ଼ଜାତ ଢେଙ୍କାନାଳରେ ଗୋଟିଏ ଡାକଘର ସ୍ଥାପିତ ହୋଇଥିଲା । ଦୀପିକା ଏହି ଘଟଣାକୁ କେନ୍ଦ୍ର କରି ଯେଉଁ ମନ୍ତବ୍ୟ ଦେଇଥିଲେ ତାହା ପ୍ରଣିଧାନ ଯୋଗ୍ୟ (୯ମ ଭାଗ, ୭ । ୧୧ । ୧୮୭୪, ସଂଖ୍ୟା ୪୪ )

ସାପ୍ତାହିକ ସମ୍ବାଦ ।

ଚଳିତ ମାସ ଆରମ୍ଭଠାରୁ ଢେଙ୍କାନାଳରେ ଗୋଟିଏ ଡାକଘର ବସିଲା । ଏହି ଡାକଘର ପାଇଁ ଏକ ବର୍ଷରୁ ଅଧିକ ହେବ ମହାରାଜ ଡାକଘର ଅଧ୍ୟକ୍ଷଙ୍କୁ ଲେଖିଥିଲେ । ଏତେ ଦିନେ ତାହା ସଫଳ ହେଲା । ସୁଖର ବିଷୟ ଅଟଇ । ଆଉ ଗଡ଼ଜାତ ମାନଙ୍କୁ କେବେ ଡାକ ଯାତାୟତରେ ସୁବିଧା ହେବ ?

□ □ □

# ଓଡ଼ିଶାରେ ଶିକ୍ଷା ପ୍ରସାର

ପୂର୍ବ ଆଲୋଚନାରେ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାରେ ସମ୍ବାଦପତ୍ର ସମୂହର ଆବିର୍ଭାବ ଏବଂ ଓଡ଼ିଶାର ରାଜନୈତିକ, ସାମାଜିକ ଏବଂ ଭାଷା ସଂସ୍କୃତି କ୍ଷେତ୍ରରେ ଆଗ୍ରହାନ୍ୱିତ ସକ୍ରିୟ ଭୂମିକା ଗ୍ରହଣ ପ୍ରସଙ୍ଗ ସଂକ୍ଷେପରେ ଆଲୋଚିତ ହୋଇଛି । ଓଡ଼ିଆ ଭାଷାକୁ ତା'ର ବାଞ୍ଛିତ ସ୍ଥିତି ଏବଂ ସ୍ୱୀକୃତି ମିଳିବାରେ ବିଭିନ୍ନ ସମ୍ବାଦପତ୍ରର ବିସ୍ତୃତ ଆଲୋଚନା ସମର୍ଥନ, ବିରୋଧ, ଖଣ୍ଡନ, ମଣ୍ଡନ ସର୍ବୋପରି ସ୍ଥାନୀୟ ଭାଷାରକ୍ଷା ସପକ୍ଷରେ ସଂଗ୍ରାମ ପରିଚାଳନା ନିରବଚ୍ଛିନ୍ନ ସାଂସ୍କୃତିକ ଘଟଣା-ପ୍ରବାହର ଯଥାର୍ଥ ସ୍ପନ୍ଦନ ବୋଲି ଜାଣିବାକୁ ହେବ । ଜାତୀୟ କର୍ତ୍ତବ୍ୟ ସଚେତନ, ଦାୟିତ୍ୱଜ୍ଞାନ ସମ୍ବଳିତ ଯେ କୌଣସି ସମ୍ବାଦପତ୍ର ଏବଂ ସାହିତ୍ୟପତ୍ରର ମୁଖ୍ୟ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ହେଉଛି ଗଣଶିକ୍ଷାବିଧାନ, ଗଣଶିକ୍ଷା ପ୍ରସାର ଏବଂ ସାଧାରଣଙ୍କ ମଧ୍ୟରେ ଶିକ୍ଷାର ମାନ ଏବଂ ପରିମାଣ ବୃଦ୍ଧି କରିବା । ବିସ୍ମୟର କଥା ଯେ ଭାରତୀୟ ସମ୍ବାଦପତ୍ର ପ୍ରାରମ୍ଭରୁ ନିରକ୍ଷର ଜନସାଧାରଣଙ୍କୁ ଶିକ୍ଷିତ କରାଇବା ତା'ର କର୍ତ୍ତବ୍ୟ ବୋଲି ଉପଲବ୍ଧି କରିଥିଲା । ଅନ୍ତତଃ ବିଦେଶୀ କମ୍ପାନୀ ସରକାରର ସନ୍ଦେହାତୁର ନୀତି, କଠୋର ଦମନ, ଶୃଙ୍ଖଳା, କଟକଣା, ଅନୈଃଶ୍ୱାସୀ ଆଇନ କାନୁନର ଚାପରେ ସମ୍ବାଦପତ୍ରର ସମ୍ପାଦକଗଣ ସେମାନଙ୍କର ଅପୂର୍ବ ମୂକ ନିର୍ଭୀକ ଆଭିମୁଖ୍ୟର ଅନ୍ତରାଳରେ ଜନସାଧାରଣଙ୍କୁ ଶିକ୍ଷାଦାନ କରିବାର ଶିକ୍ଷକ ଛଦ୍ମବେଶ ଧାରଣ କରିଥିଲେ । ଏହି ପ୍ରସଙ୍ଗରେ ପାଶ୍ଚାତ୍ୟ ସମ୍ବାଦପତ୍ରର ଅବସ୍ଥା ଓ ବ୍ୟବସ୍ଥା ସ୍ୱତନ୍ତ୍ର ବୋଲି କୁହାଯାଇପାରେ । କିନ୍ତୁ ଭାରତବର୍ଷରେ ବହୁବିଳମ୍ବରେ ଆତ୍ମପ୍ରକାଶ କରିଥିବା ସମ୍ବାଦପତ୍ରସମୂହ କିପରି ଗେ ଟାଏ ଜାତୀୟ ପ୍ରଗତି, ଜାତୀୟ ଆବଶ୍ୟକତା କ୍ରମେ କ୍ରମେ ଅନୁଭବ କରିପାରିଥିଲେ, ଏହି ପ୍ରସଙ୍ଗରେ ବିଶିଷ୍ଟ ପାଶ୍ଚାତ୍ୟ ସମୀକ୍ଷକଙ୍କର ମନ୍ତବ୍ୟ ଉଦ୍ଧାରଯୋଗ୍ୟ—

"From the first it has been a characteristic of the Indian Press that it has felt it a duty to be an instructor in the fullest sense. The English press in India, as we have seen, was associated in its infancy with flippancy; dependent on the non-official business community, it made it its chief purpose to amuse them and to please them by annoying the government. That, we have shown, was part of the reason why Government's hand was so often against it. Instruction in any serious sense its readers neither expected

nor desired. In those early days Indian Society was not educated to English Journalism, while English Society in the few large centies where it was to be found was too occupied otherwise to have time or mind for serious writting. For that reason Journalism was little regarded and there was no public opinion obout it. When editors and governments fell out, as they often did, the general public looked on as at a spectacle arranged for its entertainment, whereas from the first the Indian Press, despite much weakness had larger views and ambitions. That it began with men like Marshman Representing the outlook of the Serampore Mission and especially Ram Mohan Ray, has been an important fact in its developments, it has in consequence regard itself as in the highest and fullest sense an educator of the country. for it has to be remembered that when these first Indian newspapers appeared there was little organised education of the modern kind in the land, few schools of any importance, no universities to stimulate higher studies and keep India in touch with what was being done in other countries. English literature, western institutions, European science were blessings about which India knew little and earned to know much. Therefore newspapers had to shoulder a responsibility peculiar to the conditions; if they were not always equal to it, they were nevertheless justified and stimulated in there efforts by lack in India of any other kind of instructor for the people at large."
( Impact of West on India )

ବୃହତ୍ତର ଦୃଷ୍ଟିକୋଣରୁ ବିଚାର କଲେ ଭାରତୀୟ ସମ୍ବାଦପତ୍ରର ବିଶିଷ୍ଟ ଲକ୍ଷ୍ୟ ମଧ୍ୟରେ ଜନଶିକ୍ଷା, ଗଣଶିକ୍ଷା ଏବଂ ପାଶ୍ଚାତ୍ୟ ପ୍ରଣାଳୀରେ ଶିକ୍ଷା ପ୍ରସାର ସଦୃଶ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅନ୍ତର୍ଗତ ଥିଲା । ଓଡ଼ିଶାରେ ଓଡ଼ିଆ ସମ୍ବାଦପତ୍ର ମଧ୍ୟ ଏତାଦୃଶ ନୂତନ ପରମ୍ପରା ଓ ପ୍ରଭାବରୁ ମୁକ୍ତ ନଥିଲା ।

ଯଦ୍ୟପି ଓଡ଼ିଶାରେ ଖ୍ରୀଷ୍ଟଧର୍ମ ବାଣୀ ପ୍ରଚାର ଉଦ୍ଦେଶ୍ୟରେ ମିଶନାରୀମାନେ ସମ୍ବାଦପତ୍ର ପ୍ରକାଶ କରିଥିଲେ ଏବଂ ୧୮୬୬ ଦୁର୍ଭିକ୍ଷ ସମୟର କ୍ଷୁଧିତ ଓଡ଼ିଶାର ପ୍ରତି-

ଶୋଧକାଣୀ ଶୁଣାଇବା ଉଦ୍ଦେଶ୍ୟରେ ଟ୍ରାମିସ୍ ଦାୟିତ୍ୱସଂପନ୍ନ ବ୍ୟକ୍ତିଗଣ ସମ୍ବାଦପତ୍ର ପ୍ରତିଷ୍ଠା କରିଥିଲେ, କ୍ରମଶଃ ଜନସାଧାରଣଙ୍କୁ ସାମାଜିକ ଶିକ୍ଷାଦାନ ହିଁ ସେମାନଙ୍କ ପରବର୍ତ୍ତୀ ଦାୟିତ୍ୱ ହୋଇଥିଲା । ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ଦିନଠାରୁ ରାଜ୍ୟର ପ୍ରଶାସନିକ, ଅର୍ଥନୈତିକ ଏବଂ ସାମାଜିକ କ୍ଷେତ୍ରରେ ସମ୍ୟକ୍ ସଂସ୍କାର କାର୍ଯ୍ୟ ଆରମ୍ଭ ହୋଇଥିଲା । ମିଶନାରୀମାନେ ସେମାନଙ୍କ ଉପାସ୍ୟ ଖ୍ରୀଷ୍ଟଙ୍କ ବାଣୀ ପ୍ରଚାର କରିବା ଅନ୍ତରାଳରେ ଦେଶର ଶିକ୍ଷା ପ୍ରଣାଳୀରେ ପାଶ୍ଚାତ୍ୟ ଢଙ୍ଗରେ ପରିବର୍ତ୍ତନ କରିବା କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା । ଏ ଦେଶରେ ନିୟମିତ ରୂପରେ ବିଦ୍ୟାଳୟ ସ୍ଥାପନ ଥିଲା ସେମାନଙ୍କର କୃତିତ୍ୱ ।

କମ୍ପାନୀ ସରକାର ରାଜ୍ୟଶାସନ କରିବା ପ୍ରଣାଳୀରେ ମଧ୍ୟ ନୂତନ ନୂତନ ନୀତି ପ୍ରବର୍ତ୍ତନ କଲେ । ସେମାନଙ୍କ ଅନୁସୃତ ଶିକ୍ଷାନୀତି ପର୍ଯ୍ୟାୟକ୍ରମିକ ହୋଇଥିଲା । ପ୍ରଥମ ପର୍ଯ୍ୟାୟ "Orientalizing period" ଅର୍ଥାତ୍ ଏହି ଯୁଗରେ ସେମାନେ ଆବଶ୍ୟକୀୟ ଶାନ୍ତି ଶୃଙ୍ଖଳା ଏବଂ ଅନୁକୂଳ ପରିବେଶ ସୃଷ୍ଟିକରି ଦେଶୀୟ ପୂର୍ବ ପରଂପରା ପ୍ରଚଳିତ ଶିକ୍ଷାର ଦୃଢ଼ୀକରଣ ଲାଗି ଆଗ୍ରହୀ ହୋଇଥିଲେ । ଇଂରେଜ ଅଧିକୃତ ଭାରତ-ବର୍ଷରେ ଏହା ଯଥାର୍ଥତଃ ଏକ ବାଞ୍ଛନୀୟ ପଦକ୍ଷେପ ବୋଲି ବିବେଚିତ ହେଲା । ତାହା ହେଉଛି—"For the revival and improvement of literature and the encouragement of the learned natures of India and for the introduction and promotion of knowledge of the sciences among the inhabitants of the British territories in India."

ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଶିକ୍ଷା ପ୍ରସାର ସେପରି ଉଲ୍ଲେଖଯୋଗ୍ୟ ଅଗ୍ରଗତି କରି ନ ଥିଲା । ଯେଉଁ ମୁଷ୍ଟିମେୟ ତଥାକଥିତ ପାଠଶାଳା ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ତାହା ରାଜ୍ୟର ଶିକ୍ଷଣ ନିମନ୍ତେ ଆଦୌ ପର୍ଯ୍ୟାପ୍ତ ନଥିଲା ।

"Bengal which included the present provinces of Bengal, Bihar, Orissa and also up to 1874, Assam, had been urged to encourage the indigenous schools, but English educational officers scorned them as primitive and inefficient. They had no regular school houses, but were held in private houses, in sheds, in the court yards of temples in Hindu villages and the precincts of mosques in Muslim villages under trees or in the open air. They were thus in many ways like the old Irish Hedge school, which was held in the cabin of the master but moved, when weather permi-

*tted to the shade of a neighbouring hedge.where the boys,* who left school at a age of thirteen, or fourteen enjoyed the fresh air and had less enjoyment in learning their lessons. The Indian school-master started his days work by going from house to house to collect his pupils and earned a meagre and precarious income from fees and free gifts. He taught the more advanced pupils himself, beginners were left to elder boys who acted as pupil-teachers. Often there were no books and boys were taught to write on the sand or on palm leaves with an iron stylus. But these little schools may be said to have delivered the goods as the boys learnt to read and to write, to count and to cipher, in many cases, Sir George Compbel said, with a rapidity and accuracy which would put to shame many aged by the Bengal Education Department which until 1872 refused to recognize anything that did not conform to its model and to its ideas of efficiency.

ଏତାଦୃଶ କରୁଣ ଶିକ୍ଷାଗତ ଅନଗ୍ରସରତା ସେହି ଯୁଗରେ ସମ୍ବାଦପତ୍ରର ଆବିର୍ଭାବ ପୂର୍ବ ଅଲେଖିତ ସରକାରୀ ସ୍ତରରେ ହୋଇଥିଲା—"ସରକାରଙ୍କ ପ୍ରତ୍ୟକ୍ଷ ସାହାଯ୍ୟ କିମ୍ବା ତାଙ୍କର ପ୍ରସ୍ତାବ ଓ ସହାନୁଭୂତି ସାହାଯ୍ୟରେ ବଙ୍ଗଦେଶର ଜିଲ୍ଲାମାନଙ୍କରେ ବ୍ୟାପକଭାବେ ଶିକ୍ଷା ପ୍ରସାର ଲାଭ କରୁଥିବାସ୍ଥଳେ ଶିକ୍ଷାକ୍ଷେତ୍ରରେ ଓଡ଼ିଶା ଯେ ଉପେକ୍ଷିତ ଓ ଅବହେଳିତ ହେଉଛି, ଏ ବିଷୟରେ ମୁଁ ବଙ୍ଗଳାର ଛୋଟଲାଟଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଓଡ଼ିଶା ପ୍ରଦେଶ ଦକ୍ଷିଣ-ବଙ୍ଗଳା ଇନ୍‌ସପେକ୍ଟରଙ୍କ ବିଭାଗର ଅନ୍ତର୍ଭୁକ୍ତ ହେଲେହେଁ ଏ ପର୍ଯ୍ୟନ୍ତ ସେ କିମ୍ବା ତାଙ୍କର କୌଣସି ଅଧିନସ୍ଥ କର୍ମଚାରୀ ଏଠାକୁ ପରିଦର୍ଶନ କରିବା ପାଇଁ ଆସି ନାହାନ୍ତି । କଲିକତାଠାରୁ ଏ ପ୍ରଦେଶର ଦୂରତା ଓ ଯାତାୟାତର ଅସୁବିଧା ବିବେଚନା କଲେ ଏଠାର ସ୍କୁଲ ଏକ ସ୍ୱତନ୍ତ୍ର ଇନ୍‌ସପେକ୍ଟରଙ୍କ ଅଧୀନରେ ଯଦି ନ ରହେ ତା' ହେଲେ ଓଡ଼ିଶାରେ ଶିକ୍ଷା ପ୍ରସାରରେ କୌଣସି ଉନ୍ନତି ଘଟିବ ବୋଲି ମୋର ବିଶ୍ୱାସ ହେଉନାହିଁ । ଏଠାରେ ଅଧିବାସୀଙ୍କ ଅବସ୍ଥା ବଙ୍ଗଦେଶ-ବାସୀଙ୍କ ଅବସ୍ଥାଠାରୁ ବହୁ ବିଷୟରେ ସଂପୂର୍ଣ୍ଣ ପୃଥକ୍ । ଏଠାରେ ଲୋକେ ମଧ୍ୟ ଏକ ସ୍ୱତନ୍ତ୍ର ଭାଷା ବ୍ୟବହାର କରନ୍ତି । ଏ ଉଭୟ କାରଣରୁ ଏକ ସ୍ୱତନ୍ତ୍ର ଇନ୍‌ସ୍‌ପେକ୍ଟରଙ୍କ ନିଯୁକ୍ତି ସର୍ବାଦୌ ଅନୁମୋଦନୀୟ । ଓଡ଼ିଶାର ଦକ୍ଷିଣାଞ୍ଚଳରେ ଅର୍ଥାତ-

ଗଞ୍ଜାମରେ କେତେକ ସ୍କୁଲ ପ୍ରତିଷ୍ଠିତ ହେବାକୁ ଯାଉଛି, ସେଠାର ଇନ୍‌ସ୍‌ପେକ୍ଟର ଲେଫ୍‌ଟନ୍ୟାଣ୍ଟ ମ୍ୟାକ୍‌ଡୋନାଲ୍‌ଡ୍ ସାହେବ ଅଲ୍‌ଡାମର ପାଠ୍ୟପୁସ୍ତକ ପ୍ରକାଶକର ସେଠା ପାଠଶାଳାର ପିଲମାନଙ୍କୁ ଦେବାପାଇଁ ପ୍ରସ୍ତାବ କରିଛନ୍ତି । ଯାହା ବଙ୍ଗଦେଶ ଓ ଗଞ୍ଜାମରେ ଘଟୁଛି ତାହା ଅନୁଧ୍ୟାନ କଲେ ଓଡ଼ିଶା ଏ କ୍ଷେତ୍ରରେ କାହିଁକି ଉପେକ୍ଷିତ ହେବ ତାହାର କାରଣ ମୁଁ ଅନୁଧ୍ୟାନ କରିବାକୁ ଅକ୍ଷମ । ବିହାର, ଆସାମ ଓ ଗଞ୍ଜାମ ପାଇଁ ଯଦି ଇନସ୍‌ପେକ୍ଟର ପଦ ସୃଷ୍ଟି ହୋଇପାରିଲା ତା' ହେଲେ ଓଡ଼ିଶା ଅବହେଳିତ ହେଉଛି କାହିଁକି ? ଏଥିପାଇଁ କେତେଗୁଡ଼ିଏ ସରକାରୀ ସ୍କୁଲ ହେବା ଉଚିତ । ବର୍ତ୍ତମାନର ପାଠଶାଳାମାନଙ୍କୁ ସାହାଯ୍ୟ କରିବା ପାଇଁ ଗୋଟିଏ ନର୍ମାଲ ସ୍କୁଲ ହେବା ଦରକାର । ଓଡ଼ିଆମାନେ ଅତି ନିର୍ବୋଧ ବୋଲି ସାଧାରଣରେ ସ୍ୱୀକୃତ; ଏକଥା ସତ୍ୟ କିମ୍ବା ମିଥ୍ୟା ହେଉ, ଏ ଦେଶରେ ବହୁସଂଖ୍ୟାରେ ପାଠଶାଳା ଅଛି । ଅତୀତବର୍ଷ ତଳେ ଅନୁସନ୍ଧାନରୁ ଜଣାଯାଇଛି ଯେ କେବଳ କଟକ ଓ ବାଲେଶ୍ୱର ଜିଲ୍ଲାରେ ଯଥାକ୍ରମେ ୧୦୭୪ ଓ ୮୩୯ଟି ପାଠଶାଳା ଅଛି । ଏ ସ୍କୁଲମାନଙ୍କରେ ଯଥାକ୍ରମେ ୧୫୫୪୭ ଓ ୮୨୨୪ ଛାତ୍ର ଅଧ୍ୟୟନ କରନ୍ତି । ଏ ପାଠଶାଳାମାନଙ୍କରେ ନିମ୍ନଶ୍ରେଣୀର ଶିକ୍ଷା ଦିଆଯାଉଥିଲେ ମଧ୍ୟ ଏମାନଙ୍କର ଅବସ୍ଥିତି କେବଳ ପ୍ରମାଣ କରି ଦେଉଛି ଯେ ଜଣେ କାର୍ଯ୍ୟଦକ୍ଷ ଓ ବୁଦ୍ଧିମାନ ଇନ୍‌ସ୍‌ପେକ୍ଟରଙ୍କ ସମସ୍ତ ବୁଦ୍ଧି ଓ ସମୟର ବିନିଯୋଗ ପାଇଁ ଏଠାରେ ପ୍ରଶସ୍ତ କ୍ଷେତ୍ର ଅଛି । ଏହି ଇନ୍‌ସ୍‌ପେକ୍ଟରଙ୍କ ଶିକ୍ଷା ଓ ଚରିତ୍ରବଳ ଉପରେ ଅନ୍ୟ ସମସ୍ତ ବିଷୟ ନିର୍ଭର କରେ । ଅନ୍ୟାନ୍ୟ ଗୁଣ ଅପେକ୍ଷା ଓଡ଼ିଆ ଭାଷା ଉପରେ ତାଙ୍କର ଯଥେଷ୍ଟ ଜ୍ଞାନ ଥିବା ଏକାନ୍ତ ପ୍ରୟୋଜନ ।" (୧)

ମାହାଙ୍ଗାରେ ଗୋଟିଏ ଇଂରେଜୀ ବର୍ଣ୍ଣାକୁଲାର ସ୍କୁଲ ସ୍ଥାପିତ ହୋଇଥିବା କଥା ଦୀପିକାରେ ପ୍ରକାଶିତ ହୋଇଥିଲା—

"ଆମ୍ଭ ନିବାସ ଭୂମି ମହାଗ୍ରାମ ଯାହାକି ମହାଙ୍ଗା ନାମରେ ସର୍ବତ୍ର ବିଖ୍ୟାତ ଅଛି ସେଠାରେ ଗୋଟିଏ ଇଙ୍ଗ୍ରାଜୀ ବର୍ଣ୍ଣାକୁଲାର ଇସ୍କୁଲ ଗତ ଦୁଇ ବର୍ଷରୁ ସ୍ଥାପନ ହୋଇଥିବାରୁ ଆପଣଙ୍କ ମଧ୍ୟ ଗୋଚରରେ ଥିବ ।" × × × ଶ୍ରୀ ଜଗମୋହନ ଲାଲ, ଇସ୍କୁଲ ସେକ୍ରେଟାରୀ କଟକ—୭-୮-୧୮୬୭ । (ଉତ୍କଳ ଦୀପିକା—୧ମ ଭାଗ—୧୧-୮-୧୮୬୭, ସଂଖ୍ୟା-୨)

ଓଡ଼ିଶାରେ ହାଇସ୍କୁଲ ଅଭାବ ଏବଂ ଏହି ଅଭାବ ଦୂର କରିବା ଲାଗି ସମ୍ବାଦପତ୍ରର ସଂପାଦକ କିପରି ସ୍ୱ ପତ୍ରିକା ସ୍ତମ୍ଭରେ ଅନୁକୂଳ ଜନମତସମ୍ବଳିତ ସମ୍ବାଦ ଆଦି ସହିତ ପ୍ରକାଶ କରିଥିଲେ, ତାହାର ଉଦାହରଣ ଅଭାବ ନାହିଁ ।

## ସାପ୍ତାହିକ ସମ୍ବାଦ

ଓଡ଼ିଶାରେ ଗୋଟିଏ କଲେଜ କିମ୍ବା ହାଇସ୍କୁଲ ସଂସ୍ଥାପନ ବିଷୟରେ ବାଲେଶ୍ୱରରୁ ଖଣ୍ଡିଏ ପତ୍ର ଆମ୍ଭେମାନେ ପାଇଅଛୁ । ଯେହେତୁ ଉକ୍ତ ବିଷୟରେ ଗବର୍ଣ୍ଣମେଣ୍ଟ ବିଦ୍ୟାଳୟ ସମୂହର ଡାଇରେକ୍ଟର ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କୁ ପ୍ରସ୍ତାବ ପଠାଇଅଛନ୍ତି ଓ ତାହାର ବିଚାର ହେଉଅଛି, ଏଥିରେ ଭରସା ହୁଅଇ ଯେ ଶୀଘ୍ର ଏ ଦେଶରେ ଗୋଟିଏ କଲେଜ ଅଥବା ହାଇସ୍କୁଲ ସ୍ଥାପନ ହେବ । (୨)

ପୁନଶ୍ଚ, ସରକାର ଯେତେବେଳେ ଓଡ଼ିଶାର ଜନସାଧାରଣଙ୍କ ଦାବୀର ଗୁରୁତ୍ୱ ଉପଲବ୍ଧି କରି ଓଡ଼ିଶା ପ୍ରଦେଶରେ ଗୋଟିଏ ହାଇସ୍କୁଲ ସ୍ଥାପନପାଇଁ ସରକାରୀ ମଞ୍ଜୁରୀ ଦେଲେ, ସେହି ସମ୍ବାଦ ରାଜ୍ୟରେ ଉତ୍ସାହ ଉଦ୍ଦୀପନା ସୃଷ୍ଟି କରିଥିଲା ଏବଂ ସମ୍ବାଦପତ୍ର ରାଜ୍ୟବାସୀଙ୍କର ଆବେଗ, ଉଚ୍ଛ୍ୱାସକୁ ଯେପରି ସମ୍ବାଦରେ ରୂପାୟିତ କରିଥିଲେ ତାହା ମଧ୍ୟ ପ୍ରଣିଧାନଯୋଗ୍ୟ ।

## ଓଡ଼ିଶାର ହାଇସ୍କୁଲ

"ଯାହାହେଉ କ୍ରମେ କ୍ରମେ ରାଜପୁରୁଷମାନେ ଓଡ଼ିଶାର ଉନ୍ନତି ସାଧନ ପକ୍ଷରେ ଯତ୍ନ କରୁଅଛନ୍ତି । ଏତେକାଳରେ ଅମ୍ଭେମାନେ ସାଧାରଣ ସାକ୍ଷାତରେ ବ୍ୟକ୍ତ କରିପାରିଲୁଁ ଯେ ଓଡ଼ିଶା ପ୍ରଦେଶରେ ଗବର୍ଣ୍ଣମେଣ୍ଟ ଗୋଟିଏ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିବାର ଅନୁମତି ଦେଇଅଛନ୍ତି । ଏ ସମ୍ବାଦ ଅତି ଆନନ୍ଦଜନକ ସନ୍ଦେହ ନାହିଁ । ଏ ଉଚ୍ଚ ବିଦ୍ୟାଳୟ କଟକ ହାଇସ୍କୁଲ ନାମରେ ଖ୍ୟାତ ହେବ ଓ କଟକ ନଗରରେ ଏହା ସ୍ଥାପନ ହେବ ଓ ଆସନ୍ତା ଜାନୁଆରୀ ମାସରୁ କର୍ମାରମ୍ଭ ହେବ । କର୍ମ ଚଳିବାନିମିତ୍ତ ଗବର୍ଣ୍ଣମେଣ୍ଟ ଉଲ୍ଲିଖିତ ମତେ ଶିକ୍ଷକଙ୍କର ବେତନ ଓ ଅନ୍ୟଖର୍ଚ୍ଚା ପାଇଁ ଟଙ୍କା ମଞ୍ଜୁର କରିଅଛନ୍ତି । ଯଥା-

| | | | |
|---|---|---|---|
| ପ୍ରଧାନ ଶିକ୍ଷକ | — | ମାସିକ | ଟ ୩୦୦ |
| ଦ୍ୱିତୀୟ ,, | — | ,, | ଟ ୨୦୦ |
| ତୃତୀୟ ,, | — | ,, | ଟ ୧୫୦ |
| ଚତୁର୍ଥ ,, | — | ,, | ଟ ୧୦୦ |
| ପଞ୍ଚମ ,, | — | ,, | ଟ ୭୫ |
| ଷଷ୍ଠ ,, | — | ,, | ଟ ୫୦ |
| ସପ୍ତମ ,, | — | ,, | ଟ ୩୦ |
| ଅଷ୍ଟମ ,, | — | ,, | ଟ ୨୫ |
| ପ୍ରଧାନ ପଣ୍ଡିତ | — | ,, | ଟ ୫୦ |
| ଦ୍ୱିତୀୟ ,, | — | ,, | ଟ ୩୦ |
| | | ବାଜେଖର୍ଚ୍ଚା—ମାସିକ | ଟ ୧୫୦ |

× × × ×

ସଂପ୍ରତି ଅମ୍ଭେମାନେ ଓଡ଼ିଶା ପ୍ରଦେଶର ଛାତ୍ରମାନଙ୍କୁ କହୁଅଛୁଁ ଯେ କଲିକତାକୁ ନଯାଇ ଉଚ୍ଚଶିକ୍ଷା ପାଇପାରିବେ ଏହି ଆଶାରେ ଉତ୍ସାହିତ ହୋଇ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଯତ୍ନକରନ୍ତୁ । ତାହାହେଲେ ଶୀଘ୍ର ହାଇସ୍କୁଲ ସ୍ଥାପନ ଫଳ ଲବ୍ଧ ହେବ ।" (୩) କଟକରେ ହାଇସ୍କୁଲ ପ୍ରତିଷ୍ଠା ଏବଂ ଛାତ୍ରବୃତ୍ତି ସଂପର୍କରେ ମଧ୍ୟ କେତୋଟି ସମ୍ବାଦ ପ୍ରକାଶ ପାଇଥିଲା—

"ଆମ୍ଭେମାନେ ଆନନ୍ଦର ସହିତ ଜଣାଉଅଛୁଁ ଯେ କଟକ ହାଇସ୍କୁଲରେ ଅବିଳମ୍ବେ ଶିକ୍ଷାପ୍ରଦାନ ହେବ । ପ୍ରଧାନ ଶିକ୍ଷକ ପଦରେ ଶ୍ରୀଯୁକ୍ତ ବାବୁ ଚଣ୍ଡୀଚରଣ ବାନୁର୍ଯ୍ୟା ନିଯୁକ୍ତ ହୋଇ ଆସୁଅଛନ୍ତି । ଏ ମହାଶୟ କଲିକତା ସହର ସ୍କୁଲର ଦ୍ୱିତୀୟ ଶିକ୍ଷକ ଥିବାର ଶୁଣାଯାଏ । ସଂସ୍କୃତ ପଢ଼ାଇବା ନିମିତ୍ତ ପ୍ରଧାନ ପଣ୍ଡିତର ମଧ୍ୟ କଲିକତାରୁ ଶୀଘ୍ର ଆସିବାର ସମ୍ଭାବନା ଅଛି । ହାଇସ୍କୁଲରେ ଯେ ବେତନରେ ଯେତେ କର୍ମଚାରୀମାନ ରହି-ବାର ଗବର୍ଣ୍ଣମେଣ୍ଟ ମଞ୍ଜୁର ହୋଇଅଛି, ସେ ସମସ୍ତ ଏକାବେଳକେ କାର୍ଯ୍ୟରେ ପରିଣତ ହେବାର ଦେଖାଯାଉ ନାହିଁ; କାରଣ ଡାଇରେକ୍ଟର ସାହେବ ଅବସର ମତେ କ୍ରମଶଃ କର୍ମଚାରୀ ନିଯୁକ୍ତ କରିବାର ଦେଖାଯାଏ ଏବଂ ପ୍ରଧାନ ଶିକ୍ଷକଙ୍କୁ ମାସିକ ଟ ୩୦୦ ସ୍ଥଳେ ଟ ୨୫୦ ରେ ନିଯୁକ୍ତ କରିଥିବାରୁ ଏ ବିଶ୍ୱାସ ଆହୁରି ଦୃଢ଼ତର ହେଉଅଛି ।

× × × ×

ପ୍ରବେଶିକା ପରୀକ୍ଷାରେ ଯେଉଁ ୭ଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ବୋଧହୁଏ ସମସ୍ତେ ଅଧ୍ୟୟନ କରିବେ । ଏମାନଙ୍କ ମଧ୍ୟରୁ କେବଳ ଏକଜଣ ଛଡ଼ା ସମସ୍ତେ ଦ୍ୱିତୀୟ ଶ୍ରେଣୀର ଛାତ୍ର ବୃତ୍ତି ପାଇଅଛନ୍ତି । ମାସକୁ ଟ ୧୦ ଲେଖାଁ ପାଇବେ । ଅତଏବ ଅଧ୍ୟୟନ ନ କରିବାର କୌଣସି କାରଣ ନାହିଁ । ଆମ୍ଭେମାନେ ଭରସା କରୁ ଏମାନେ ଯେମନ୍ତ ହାଇସ୍କୁଲ ଆରମ୍ଭ କରୁଅଛନ୍ତି, ତେମନ୍ତ ଯତ୍ନ ଓ ପରିଶ୍ରମ ସହକାରରେ ଏଥିର ମର୍ଯ୍ୟାଦା ରକ୍ଷା କରିବେ ।" (୪)

କଟକରେ ହାଇସ୍କୁଲ ସ୍ଥାପିତ ହେବାପରେ ଛାତ୍ରମାନେ ଆଗ୍ରହରେ ଆସି କପରି ଏଥିରେ ପଢ଼ିବାକୁ ଆରମ୍ଭ କରିଥିଲେ, ସେ ସମ୍ପର୍କରେ ଏକ ସମ୍ବାଦ ଦୃଷ୍ଟିପଥକୁ ଆସେ ।

"ଏ ବିଦ୍ୟାଳୟରେ ଶିକ୍ଷା ପ୍ରଦାନ କାର୍ଯ୍ୟ ଗତ ସୋମବାରଠାରୁ ଆରମ୍ଭ ହେଲା । ସଂପ୍ରତି କଟକରେ ଥିବା ପରୀକ୍ଷୋତ୍ତୀର୍ଣ୍ଣ ୪ ଜଣ ବାଳକ ଏଠାରେ ପାଠ କରୁଅଛନ୍ତି ଏବଂ ଅବିଳମ୍ବରେ ବାଲେଶ୍ୱରର ଦୁଇଜଣ ଛାତ୍ର ଆସିବାର କଥା ଅଛି ।

ଏ ସ୍ଥଳେ ଆମ୍ଭେମାନେ ଆନନ୍ଦର ସହିତ ଅବଗତ ହୋଇଅଛୁଁ ଯେ ବାଲେଶ୍ୱର ସ୍କୁଲର ଜଣେ ଛାତ୍ର ଯେ କି ଏଥିପୂର୍ବ ଏକ ବର୍ଷରେ ପ୍ରବେଶିକା ପରୀକ୍ଷା ଦେଇଥିଲେ ସଂପ୍ରତି ହାଇସ୍କୁଲରେ ଅଧ୍ୟୟନ କରିବା କାରଣ ଆସୁଅଛନ୍ତି । ଏହାଙ୍କ ନାମ ରାଧାନାଥ ରାୟ । ଅନ୍ୟାନ୍ୟ ବାଳକମାନେ ଏହାଙ୍କ ପ୍ରଦର୍ଶିତ ପ୍ରଶଂସନୀୟ ମାର୍ଗର ଅନୁବର୍ତ୍ତୀ ହେଲେ କେଡ଼େ ସୁଖର ବିଷୟ ହେବ କହି ନ ପାରୁଁ । (୫)

□ □ □

# ଓଡ଼ିଶାରେ ଉଚ୍ଚଶିକ୍ଷା ପାଇଁ ଯୋଜନା

(୧)

ଚଳିତ ଶତାବ୍ଦୀର ଅଷ୍ଟମ ଦଶକରେ ଓଡ଼ିଶାର ପ୍ରାନ୍ତପଲ୍ଲୀରେ କେଉଁଠି କେମିତି ଗୋଟିଏ ପ୍ରାଥମିକ କିମ୍ବା ମହାବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ହେଲେ ଉଦ୍ୟୋକ୍ତାମାନଙ୍କୁ କିପରି ଧନ୍ଦ ହେବାକୁ ପଡେ, ତାହା ଅଭିଜ୍ଞ ବ୍ୟକ୍ତିମାନେ ବର୍ଣ୍ଣନା କରିପାରିବେ । ଅର୍ଥ ସଂଗ୍ରହ, ଜନସହଯୋଗ, ପ୍ରଶାସନିକ ମଞ୍ଜୁରୀ ଶେଷରେ କୋଠାବାଡ଼ି ନିର୍ମାଣ—ଏପରି ବିବିଧ ସମସ୍ୟା ଉଦ୍ୟୋକ୍ତାମାନଙ୍କ ସମ୍ମୁଖରେ ମୁଣ୍ଡଟେକି ଉଠେ । ସର୍ବାପେକ୍ଷା ଜଟିଳ ସମସ୍ୟା ହେଉଛି, ଆବଶ୍ୟକ ସଂଖ୍ୟାରେ ଅଧ୍ୟୟନପ୍ରୟାସୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନକୁ ଆକୃଷ୍ଟ କରିବା । ସର୍ବଶେଷରେ ଉଚ୍ଚଶିକ୍ଷା ପ୍ରସାର ଲାଗି ସ୍ଥାନୀୟ ଅଧିବାସୀ ଏବଂ ଯୁବସମାଜରେ ପ୍ରେରଣା ଓ ସମୁଚିତ ଉତ୍ସାହ ସୃଷ୍ଟିକରିବା । ଆଧୁନିକ ବିଜ୍ଞାନ, ଶିଳ୍ପ ସଭ୍ୟତା-ସମୃଦ୍ଧ ଯୁଗରେ ଓଡ଼ିଶାର ଏହି ଦୟନୀୟ ଅବସ୍ଥା ସହିତ ଏକଶତ ବର୍ଷ ପୂର୍ବ ଓଡ଼ିଶାର ଚିତ୍ର ବଡ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ସ୍ଥାନରେ କେବଳ ତୁଳନୀୟ । କେବଳ ନୈରାଶ୍ୟ, ବ୍ୟର୍ଥତାର ପୃଷ୍ଠଭୂମିରେ ହିଁ ଏହାସବୁ ପ୍ରତିଦ୍ୱନ୍ଦ୍ୱିତା ଜନ୍ମିତ । ତେଣୁ ଏବକାଳରେ ଶିକ୍ଷାର ଦ୍ରୁତପ୍ରସାର ପରିପ୍ରେକ୍ଷୀରେ ଆମ୍ଭେମାନେ ବିଗତ ଶତାବ୍ଦୀର ଶିକ୍ଷାଗତ ଅଭାବ, ସାମାଜିକ ଅସ୍ଥିରତା, ଦୁର୍ବଳତାକୁ ଶୋଚନୀୟ ଭାବରେ ଭୁଲିଯାଉ ଥାଉ । ବିଶେଷତଃ ଶିକ୍ଷିତ ସମାଜ କ୍ଷେତ୍ରରେ ଅନ୍ଧକାର, ଅନଗ୍ରସରତା ଦୂର କରିବା ଯେଉଁସବୁ ବ୍ୟକ୍ତି, ବ୍ୟକ୍ତିତ୍ୱ, ଅନୁଷ୍ଠାନ ଏବଂ ଜନସାମାନ୍ୟ ବିବିଧ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ, ତାହା ଆଜି ଦେଶ ଏବଂ ଦେଶବାସୀଙ୍କ ସାଂସ୍କୃତିକ ଇତିହାସର ବସ୍ତୁ । ଏହିପରି ଇତିହାସର ଉଜ୍ଜ୍ୱଳ ପୃଷ୍ଠା ହେଉଛି, ପତ୍ରପତ୍ରିକାର ପ୍ରସ୍ତୁତ ଆଦର୍ଶବାଣୀ । ଗତ ଶତାବ୍ଦୀରେ ସାରା ଓଡ଼ିଶାରେ ଗୋଟିଏ ହାଇସ୍କୁଲ ପ୍ରତିଷ୍ଠା କରିବା କିପରି ତତ୍କାଳୀନ ବ୍ରିଟିଶ ପ୍ରଶାସକମାନଙ୍କ ନିକଟରେ ବହୁ ଆବେଦନ ଓ ନିବେଦନସାପେକ୍ଷ ଏବଂ ଜନ-ସାଧାରଣଙ୍କର ଶାନ୍ତିପୂର୍ଣ୍ଣ ଆନ୍ଦୋଳନସାପେକ୍ଷ ଥିଲା, ତାହା ଓଡ଼ିଆ ସମ୍ବାଦପତ୍ରରେ ହିଁ ପ୍ରମାଣିତ ହୋଇଥାଏ । ଓଡ଼ିଶାରେ ହାଇସ୍କୁଲ ପ୍ରତିଷ୍ଠା ସମ୍ପର୍କିତ ଏକ ସାଂସ୍କୃତିକ ଅଭୀପ୍ସା ତଥା ଶିକ୍ଷାପ୍ରତି ଅନ୍ତରର ପରିଚୟ । ଓଡ଼ିଶାର ହାଇସ୍କୁଲ ଓ ଯନ୍ତ୍ରାଳୟ ପ୍ରତିଷ୍ଠା ମୂଳରେ ସମ୍ବାଦପତ୍ର ଏବଂ ସମ୍ବାଦପତ୍ର ସହିତ ସଂଶ୍ଳିଷ୍ଟ ଉତ୍ସାହୀ ଦେଶପ୍ରାଣ ସଂପାଦକ-ମାନଙ୍କର ଅବଦାନ ହିଁ ଜନ୍ମିତ । ଓଡ଼ିଶାର ହାଇସ୍କୁଲ ପ୍ରତିଷ୍ଠା ଏବଂ ଯନ୍ତ୍ରାଳୟ ପ୍ରତିଷ୍ଠାକୁ ଲକ୍ଷ୍ୟକରି 'ଉତ୍କଳ ଦୀପିକା' (୧) ଯାହା ମନ୍ତବ୍ୟ ପ୍ରକାଶ କରିଥିଲେ, ସେଥିରୁ ସଂପୃକ୍ତ ସମ୍ବାଦପତ୍ରର ଜାଗ୍ରତ ଆଗ୍ରହ ସହଜରେ ଅନୁମେୟ ।

## "ଓଡ଼ିଶାର ହାଇସ୍କୁଲ ଓ ଯନ୍ତ୍ରାଳୟ ପ୍ରତିଷ୍ଠା"

"ବିଗତ ବର୍ଷ ଓଡ଼ିଶା ପ୍ରତି ଯେମନ୍ତ ମଙ୍ଗଳପ୍ରଦ ହୋଇଅଛି, ଏମନ୍ତ ପ୍ରାୟ ଅନ୍ୟ କୌଣସି ସ୍ଥାନରେ ହୋଇନାହିଁ । ଦୁର୍ଭିକ୍ଷ ସମୟରୁ ରାଜପୁରୁଷଙ୍କ ମନ ଏ ଦୁର୍ଭାଗ୍ୟ ଦେଶପ୍ରତି ଆକର୍ଷିତ ହେବାରୁ ବର୍ଷକୁ ବର୍ଷ ଯେ ଏହାର କେତେ ପ୍ରକାର ଉନ୍ନତି ହେଉଅଛି, କୁହାଯାଇ ନପାରେ । ସର୍ବପ୍ରକାର ଉନ୍ନତିଠାରୁ ବିଦ୍ୟାଶିକ୍ଷାର ଉନ୍ନତି ସାଧନ ଉତ୍କୃଷ୍ଟ ଅଟଇ । କାରଣ ବିଦ୍ୱାନ ବ୍ୟକ୍ତି ଭିନ୍ନ କେହି ସ୍ୱଦେଶର ଉନ୍ନତି ଚେଷ୍ଟା କରଇ ନାହିଁ ।

ଆମ୍ଭେମାନେ ଆହ୍ଲାଦର ସହିତ ସ୍ମରଣ କରୁ ଯେ ଏବର୍ଷ ଆରମ୍ଭରେ ଓଡ଼ିଶାରେ ହାଇସ୍କୁଲ ସ୍ଥାପନ ହୋଇ ଇଂରେଜୀ ଭାଷା ଶିକ୍ଷାପ୍ରତି ଯେତେ ସୁବିଧା ହେଲା ବର୍ଷ ଶେଷରେ ନର୍ମାଲ ସ୍କୁଲର ପ୍ରସ୍ତାବ ଗଭର୍ଣ୍ଣମେଣ୍ଟର ସମ୍ମତିପ୍ରାପ୍ତ ହେବାର, ଦେଶୀୟ ଭାଷା ଉନ୍ନତିର ଓ ସର୍ବସାଧାରଣର ଶିକ୍ଷା ମଧ୍ୟ ସେହିରୂପ ସୁବିଧା ହେବାରୁ ଆଶାହେଲା । ଏ ଉତ୍ତାରୁ ବାଲେଶ୍ୱରରେ ଗୋଟିଏ ଯନ୍ତ୍ରାଳୟ ଓ 'ବୋଧଦାୟିନୀ' ପତ୍ରିକାର ଜନ୍ମ ଏବଂ ସମ୍ବଲପୁରର ଇନ୍‌ସ୍‌ପେକ୍ଟରର ବାବୁ ବିଚ୍ଛନ୍ଦ ପଟ୍ଟନାୟକ ଓ ଅନ୍ୟାନ୍ୟ ଲୋକଙ୍କ ଉଦ୍ୟମରେ କେତେଗୁଡ଼ିଏ ଉତ୍କଳ ମୁଦ୍ରାଙ୍କନ ହେଲା ।

ହାଇସ୍କୁଲ ପ୍ରତିଷ୍ଠା ପରେ ଓଡ଼ିଶାର ଅଧ୍ୟୟନବ୍ରତୀ ଯୁବ ଛାତ୍ରମାନଙ୍କ ପାଇଁ ସୁବିଧା ସୁଯୋଗ ମିଳିଥିଲା, ଓଡ଼ିଶା ଛାତ୍ରମାନଙ୍କ ଉଚ୍ଚଶିକ୍ଷା ଉଦ୍ଦେଶ୍ୟରେ ଦୂର ସ୍ଥାନକୁ ଯିବା ସେତେବେଳେ ଆଦୌ ସୁବିଧାଜନକ ନଥିଲା । କାରଣ କଲିକତା କିମ୍ବା ହୁଗୁଳି ଯିବାକୁ ହେଲେ ସ୍ଥଳପଥ, ଜଳପଥରେ ଯିବାକୁ ହେଉଥିଲା ଏବଂ ରାସ୍ତାରେ ବହୁଦିନ ଅତି-ବାହିତ ହେଉଥିଲା । ଏଣୁ ଓଡ଼ିଶାର ହାଇସ୍କୁଲ ପ୍ରତିଷ୍ଠା ଓଡ଼ିଶାର ଅଧିବାସୀଙ୍କ ପକ୍ଷରେ ଏକ ଆଶୀର୍ବାଦ ଥିଲା ବୋଲି ଜାଣିବାକୁ ହେବ । ହାଇସ୍କୁଲ ପ୍ରତିଷ୍ଠା ପରେ ପରେ ସେହି ଅନୁଷ୍ଠାନରେ ବାର୍ଷିକ ପୁରସ୍କାର ଉତ୍ସବ କିପରି ମହାସମାରୋହରେ ପାଳିତ ହେଉଥିଲା, ତାହା 'ଉତ୍କଳ ଦୀପିକା'ର ନିମ୍ନଲିଖିତ ଦୁଇଗୋଟି ବିସ୍ତୃତ ସମ୍ବାଦରୁ ଜଣାଯାଏ ।

୧୮୭- ମସିହାରେ ଓଡ଼ିଶାରେ ହାଇସ୍କୁଲ ବୋଲି ଗୋଟିଏ, ଛାତ୍ରସଂଖ୍ୟା ମଧ୍ୟ ସେତେ ବେଶୀ ନୁହେଁ । ଅଥଚ ତାହାର ବାର୍ଷିକ ପୁରସ୍କାର ଉତ୍ସବର ବିବରଣୀ କିପରି ବିସ୍ତୃତ ଭାବରେ ସମ୍ବାଦପତ୍ର ପ୍ରକାଶ କରିଥିଲେ ତାହା ଅନୁଧ୍ୟାନଯୋଗ୍ୟ—

## କଟକ ହାଇସ୍କୁଲର ବାର୍ଷିକ ପାରିତୋଷିକ ଦାନ (୨)

"ଗତ ସୋମବାର ବେଳ ୫।୧୦ଟା ସମୟରେ କଟକ ହାଇସ୍କୁଲ ଗୃହରେ ଏ ସଭା ହୋଇଥିଲା । ଅନ୍ୟାନ୍ୟ ଲୋକମଧ୍ୟରେ ନଗରବାସୀ କେତୋଟି ବିଲାତି ମେମ୍ ଓ ପ୍ରଧାନ ପ୍ରଧାନ ଇଂରେଜମାନେ ଆଗମନ କରିଥିଲେ ଏବଂ ଦେଶୀୟ ଗଭର୍ଣ୍ଣମେଣ୍ଟଙ୍କ କର୍ମଚାରୀ ଓ ଜମିଦାର ମଧ୍ୟ ଅନେକ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ କମିଶନର ସାହେବ ସଭାପତି ସ୍ୱରୂପେ ସଭାର କାର୍ଯ୍ୟାରମ୍ଭ କରି ପ୍ରଥମେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବାଳକମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କଲେ ଏବଂ ତଦୁତ୍ତାରୁ ଇଂରେଜ ଓ ବଙ୍ଗଳା ଏ ଉଭୟ ବିଦ୍ୟାଳୟର ଯେ ସମସ୍ତ ବାଳକମାନେ ଉତ୍ତମ ରୂପେ ପରୀକ୍ଷା ଦେଇଥିଲେ ସେ

ସମସ୍ତଙ୍କର ପ୍ରାପ୍ୟ ପାରିତୋଷିକ ବିତରଣ କଲେ । ଏଥିରେ ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ଗତ ହେଲା । ଗଭର୍ଣ୍ଣମେଣ୍ଟଙ୍କ ଦତ୍ତ ପୁରସ୍କାର ବାଣ୍ଟିସାରି ସଭାପତି ମହାଶୟ ଆପଣା ହାତରୁ ୧୦୦ଟଙ୍କା ବାହାର କରି ଇଂରାଜୀ ସ୍କୁଲର ପ୍ରତ୍ୟେକ ଶ୍ରେଣୀର ଛାତ୍ର ସର୍ବୋତ୍କୃଷ୍ଟ ଉତ୍କଳ ବାଳକଙ୍କୁ ପ୍ରଦାନ କଲେ । ଉପସ୍ଥିତ ଦେଶୀୟ ସଭ୍ୟମାନଙ୍କ ମଧ୍ୟରୁ କେତେକ ଲୋକ ପ୍ରାୟ ଟ ୬୫ ଙ୍କା ଓ ଟ ୭୦ ଙ୍କା ସରକ ଉପଯୁକ୍ତ ବାଳକମାନଙ୍କୁ ପ୍ରଦାନ କରି ସଭାକୁ ସନ୍ତୁଷ୍ଟ କଲେ । ସଭାପତି ଏବଂ ଅନ୍ୟାନ୍ୟ ସଭ୍ୟମାନଙ୍କର ଏ ରୂପ ବଦାନ୍ୟତା ସଦାନୁଷ୍ଠାନ ଦେଖି ଛାତ୍ରମାନେ ବୋଧ ହୁଏ ମୌନାବଲମ୍ବନରେ ଅକୃତଜ୍ଞ-ତାର ଆଶଙ୍କା କରି ଇଂରାଜୀ ବିଦ୍ୟାଳୟର ଇଂରାଜୀ ଭାଷାରେ ଏବଂ ଏତଦ୍ଦେଶୀୟ ଏକଜଣ ଛାତ୍ର ଉତ୍କଳ ଭାଷାରେ ଏକ ଏକ ଖଣ୍ଡ ପତ୍ର ପାଠ କରି କୃତଜ୍ଞଚିତ୍ତରେ ସଭାପତିଙ୍କର ଶିକ୍ଷା ବିଷୟରେ ଯତ୍ନ ଓ ଉତ୍ସାହର ପ୍ରସଙ୍ଗ ବ୍ୟକ୍ତ କରି ତାହାଙ୍କୁ ଧନ୍ୟବାଦ ଦେଲେ ଓ ସଭାପତି ଅତି ଆନନ୍ଦ ସହକାରେ ଉକ୍ତ ଦୁଇପତ୍ର ଗ୍ରହଣ କରି ସେମାନଙ୍କର ସମ୍ମାନ କଲେ ଏବଂ ସେମାନଙ୍କୁ କେତେକ ହିତବାକ୍ୟ କହି ଆପଣା ସ୍ନେହର ପରିଚୟ ଦେଲେ ।

ଏ ସକଳ ବ୍ୟାପାର ଶେଷ ହେଲାରୁ ସେକ୍ରେଟରୀ ଶ୍ରୀ ବାବୁ ରଙ୍ଗଲାଲ ବନ୍ଦ୍ୟୋପା-ଧ୍ୟାୟଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଗତବର୍ଷର ବିଜ୍ଞାପନ ପାଠ ହେଲା । ସେଥିରୁ ଜଣାଗଲା ଯେ ଗତବର୍ଷ ସ୍କୁଲର କାର୍ଯ୍ୟ ସର୍ବାଂଶରେ ଉତ୍ତମ ଚାଲିଅଛି । ଛାତ୍ରଙ୍କ ସଂଖ୍ୟା ଓ ସ୍କୁଲର ଆୟ ଅଧିକ ହୋଇଅଛି । ଶିକ୍ଷକମାନେ କାର୍ଯ୍ୟ ସାଧନଦ୍ୱାରା ପ୍ରଶଂସା ପାଇ-ଅଛନ୍ତି ଏବଂ ହାଇସ୍କୁଲ ସ୍ଥାପନ ହେବାରେ ଏମାନଙ୍କର ବେତନ ବୃଦ୍ଧି ହୋଇଅଛି ।

ଅନନ୍ତର ସଭାପତି ମହାଶୟ ଗୋଟିଏ ସୁଦୀର୍ଘ ଓ ସଦ୍ବକ୍ତୃତା ପ୍ରଦାନ କଲେ । × × × । ଏକ ଏକ ବିଷୟରେ ତାଙ୍କର ମନୋଭାବ ଯେମନ୍ତ ବ୍ୟକ୍ତ କଲେ ସେଥିରେ ତାଙ୍କର ଗମ୍ଭୀର ବୁଦ୍ଧି ଓ ଅସ୍ମମାନଙ୍କର ହିତ ଚେଷ୍ଟାର ପରିଚୟ ପ୍ରାପ୍ତ ହୁଏ । ପାଠକମାନଙ୍କର ଜାଣିବା କାରଣ ବକ୍ତୃତାର ସାରାଂଶ ଏଠାରେ ବର୍ଣ୍ଣନା କରୁଅଛୁ ।

ପ୍ରଥମରେ ଗତବର୍ଷ ପରୀକ୍ଷାର ଫଳ ଉତ୍ତମ ବିବେଚନାରେ ଏବଂ ଏଠାରେ ହାଇସ୍କୁଲ ସ୍ଥାପନ ହେବାରେ ସନ୍ତୁଷ୍ଟ ପ୍ରକାଶ କଲେ ଏବଂ ପ୍ରବେଶିକା ପରୀକ୍ଷାରେ ଦୁଇଜଣ ଉତ୍ତୀର୍ଣ୍ଣ ହୋଇଥିବାରୁ ତନ୍ନିମିତ୍ତ ସ୍କୁଲର ପ୍ରଧାନ ଶିକ୍ଷକ ବାବୁ ପ୍ୟାରୀମୋହନ ବନ୍ଦ୍ୟୋପାଧ୍ୟାୟଙ୍କର ଯତ୍ନପରାୟଣତାର ପ୍ରଶଂସା କଲେ ଏବଂ ଉତ୍ତରୋତ୍ତର ବିଦ୍ୟାଳୟର ଉନ୍ନତି ଦେଖିବା ଲାଗି ନିତାନ୍ତ ବ୍ୟଗ୍ରତା ପ୍ରକାଶ କଲେ ଏବଂ ଏ ପକ୍ଷରେ ସଂପ୍ରତି ଯେଉଁ ଉପାୟମାନ କରିବାର ପ୍ରସ୍ତାବ ହୋଇଅଛି ଓ ଶୀଘ୍ର ହେବ ସେ ସମସ୍ତର ବିବରଣ ଓ ହିତାହିତ ଅତି ସୁନ୍ଦର ରୂପେ ବ୍ୟକ୍ତ କଲେ, ଯଥା—

(୧) ବର୍ତ୍ତମାନ ଛାତ୍ର ଓ ଶିକ୍ଷକଙ୍କ ସଂଖ୍ୟା ଦୃଷ୍ଟିରେ ସ୍କୁଲ ଗୃହକୁ ବଢ଼ାଇବାର ପ୍ରସ୍ତାବ ।

(୨) ଏ ପ୍ରଦେଶରେ ବିଦ୍ୟାଳୟସମୂହରେ ବଙ୍ଗଭାଷା ଶିକ୍ଷା ଦେବା ପ୍ରସଙ୍ଗରେ ସଭାପତି କହିଲେ ଯେ ତାହାଙ୍କ ବିବେଚନାରେ ବଙ୍ଗ ଭାଷାର କୌଣସି ପ୍ରୟୋଜନ ନାହିଁ । ଏହାକୁ ଏକାବେଳକେ ଉଠାଇ ଦେବାର କର୍ତ୍ତବ୍ୟ । ସମସ୍ତ ଲୋକଙ୍କୁ ସ୍ୱଦେଶୀୟ ଭାଷା ଶିଖିବାର ଉଚିତ ଏବଂ ଯାହାର କୌଣସି ବିଦେଶୀୟ ବିଦ୍ୟା ଅଭ୍ୟାସ କରିବାର ଆବଶ୍ୟକ ହେବ ସେ ଇଂରାଜୀ ସ୍କୁଲକୁ ଆସିବ । ବଙ୍ଗଳା ଭାଷା ଶିଖି ଏ ଦେଶୀୟ ଲୋକଙ୍କର କିଛି ଉପକାର ନାହିଁ । ଏତେଦିନ ବଙ୍ଗଳା ଭାଷା ଉଠାଇ ନ ଦେବାର ଏହି କାରଣ ବ୍ୟକ୍ତ ହୋଇ ଅଛି ଯେ ଉତ୍କଳ ଭାଷାରେ ଶିକ୍ଷୋପଯୋଗୀ ଅନେକ ଓ ଉତ୍ତମ ପୁସ୍ତକ ନାହିଁ । କିନ୍ତୁ ବର୍ତ୍ତମାନ ଯେତେ ପୁସ୍ତକ ଉତ୍କଳ ଭାଷାରେ ପ୍ରାପ୍ତ ହୁଅଇ ଏବଂ କଟକ ପ୍ରିଣ୍ଟିଂ କମ୍ପାନୀ ଯେତେ ପୁସ୍ତକ ମୁଦ୍ରିତ କରିଅଛନ୍ତି କିମ୍ବା ମୁଦ୍ରିତ କରିବେ ବୋଲି ପ୍ରସ୍ତୁତ କରୁଅଛନ୍ତି ଏଥିରୁ ବୋଧ ହୁଅଇ ଯେ ଅଭାବ ଅଧିକ କାଳ ରହିବ ନାହିଁ । ବିଶେଷରେ ବର୍ତ୍ତମାନ ଏ ଦେଶର ଲୋକ ଇଂରାଜୀ ଓ ବଙ୍ଗଳା ଭାଷାରେ ଶିକ୍ଷାଲାଭ କରିଥିବାରୁ ଅଳ୍ପକାଳରେ ପ୍ରଚୁର ପୁସ୍ତକ ପ୍ରଚାର କରିବାର ଆଶା ଦେଖାଯାଉଅଛି । ଏ ଅବସ୍ଥାରେ ବଙ୍ଗଭାଷା ରଖିବାର କୌଣସି କାରଣ ନାହିଁ ।

(୩) କଟକ ହାଇସ୍କୁଲରେ ଭୂମିମାପ ଓ ଜରିପ ଶିକ୍ଷା ଦେବାପାଇଁ ପ୍ରସ୍ତାବ ଗଭର୍ଣ୍ଣମେଣ୍ଟକୁ ଯାଇଅଛି ।

(୪) ଆଇନ ଶିକ୍ଷା ଦେବା ନିମିତ୍ତ ହାଇସ୍କୁଲରେ କୌଣସି ସୁଯୋଗ କରିଦେବା ପାଇଁ ଏକଖଣ୍ଡ ଆବେଦନପତ୍ର ସଭାପତିଙ୍କ ନିକଟକୁ ଆସିଥିବାରୁ ତାହା ଗ୍ରାହ୍ୟ କରି ସେ କହିଲେ ଯେ ଗଭର୍ଣ୍ଣମେଣ୍ଟକୁ ଉକ୍ତ ପ୍ରସ୍ତାବ ପଠାଯିବା ପାଇଁ ଏ ଦେଶର ସ୍କୁଲ କମିଟି ସ୍ଥିର କରିଅଛନ୍ତି । × × × ପ୍ରଜାମାନଙ୍କ ଅଜ୍ଞାନତା ନାଶ କରିବା ନିମିତ୍ତ ସେମାନଙ୍କୁ ବିଦ୍ୟା ଶିକ୍ଷା ଦେବାର ଏକ ସହଜ ଉପାୟର ପ୍ରସ୍ତାବ ହୋଇଅଛି ।

ଏ ଉପାୟର ନାମ ଗୁରୁଶିକ୍ଷା ପ୍ରଣାଳୀ ଅଟଇ । କଟକ ନଗରରେ ଏକ ବୃହତ୍ ବିଦ୍ୟାଳୟ ସ୍ଥାପନ କରି ସେଠାରେ ଅବଧାନ ଏବଂ ବିଦ୍ୟାଳୟର ଶିକ୍ଷକ କାର୍ଯ୍ୟାକାଂକ୍ଷୀ-ମାନଙ୍କୁ ଶିକ୍ଷା ଦିଆଯିବ । × × × ଏହିରୂପେ ଶିକ୍ଷା ସମ୍ବନ୍ଧୀୟ ପ୍ରଧାନ ପ୍ରଧାନ ବିଷୟର ଆଲୋଚନା କରି ସଭାପତି ବକ୍ତୃତା ଶେଷ କଲେ ଏବଂ ତଦୁତ୍ତରରୁ ଶ୍ରୀଯୁକ୍ତ ପାଦ୍ରୀ ବକଲି ସାହେବ ସ୍ୱାଭାବିକ ସଦ୍ ବକ୍ତୃତା ଦ୍ୱାରା ପାଦ୍ରୀମାନଙ୍କ ଦ୍ୱାରା ଏ ଦେଶର ଶିକ୍ଷାକାର୍ଯ୍ୟ ସେପର୍ଯ୍ୟନ୍ତ ଅଗ୍ରସର ହୋଇଅଛି ସେଥିରେ ପରିଚୟ ଦେଲେ । × × ×

ପାଦ୍ରୀ ବକଲି ସାହେବଙ୍କ ଉତ୍ତାରୁ ପାଦ୍ରୀ କେମ୍ବଲ ସାହେବ ଆପଣା ଅଧୀନରେ ଥିବା ବାଳିକା ବିଦ୍ୟାଳୟର ଯତ୍ସାମାନ୍ୟ ପରିଚୟ ଦେଇ ବିଦ୍ୟା ଶିକ୍ଷାଦାନ ବିଷୟରେ ଆପଣାର ଅନୁରାଗ ପ୍ରକାଶ କଲେ । × × ×

# କଟକ ହାଇସ୍କୁଲର ବାର୍ଷିକ ପାରିତୋଷିକଦାନ ସଭା (ଗ)

"ଗତ ବୁଧବାର ଏହି ଉପଲକ୍ଷରେ କଟକ ହାଇସ୍କୁଲ ଗୃହରେ ଏକ ବୃହତ ସଭା ରଚନା ହୋଇଥିଲା । ଏ ନଗରସ୍ଥ ଦେଶୀୟ ଓ ବିଦେଶୀୟ ସମସ୍ତ ଧନାଢ୍ୟ ଓ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କୁ ପୂର୍ବରୁ ନିମନ୍ତ୍ରଣ ହୋଇଥିଲା ଓ ଯଦ୍ୟପି କି ବହୁତ ଲୋକ ଅନୁପସ୍ଥିତ ଥିଲେ ତଥାପି ସଭାର କାର୍ଯ୍ୟ ଚଳିବାରେ ବ୍ୟାଘାତ ହୋଇନାହିଁ । ଅନୁପସ୍ଥିତ ଥିବା ମଧ୍ୟରେ ଇଂରେଜଙ୍କ ସଂଖ୍ୟା ଅଧିକ ଓ ତାହା ଦୁଃଖର ବିଷୟ ହୋଇଥିଲା, କାରଣ ସେମାନେ ଅସ୍ମଦେଶୀୟଙ୍କ ପ୍ରତି ଏ ସମସ୍ତ ବ୍ୟାପାରରେ ଦୃଷ୍ଟାନ୍ତର ସ୍ଥଳ ଅଟନ୍ତି । ତାହାଙ୍କୁ ଆଦର୍ଶ କରି ଆମ୍ଭେମାନେ ନାନା ହିତକର ବିଷୟରେ ଯୋଗ ଦେବାକୁ ଶିକ୍ଷା କରୁଅଛୁଁ । ଯାହାହେଉ ଇଂରେଜଙ୍କ ମଧ୍ୟରୁ ଶ୍ରୀଯୁକ୍ତ ରାବେନଶା ସାହେବ ସଭାପତି ଓ ଶ୍ରୀ ଆର୍ମଷ୍ଟ୍ରଂ ସାହେବ ସେକ୍ରେଟେରୀ ଶ୍ରୀ ମାର୍କହାମ୍ ସାହେବ କଲେକ୍ଟର ଓ ପାଦ୍ରୀ ବକ୍ଲି ସାହେବ ଓ କେମ୍ବଲ ସାହେବ ଏବଂ ଜଣେ ପଲଟନ ସାହେବ ଓ ବାରିକ ମାଷ୍ଟର ବଣ୍ଡସାହେବ ଉପସ୍ଥିତ ଥିଲେ ଏବଂ ଦେଶୀୟ ସଂପ୍ରଦାୟ ମଧ୍ୟରୁ ଢେଙ୍କାନାଳର ମହାରାଜ ଦୁଇଜଣ ପ୍ରଧାନ ପ୍ରଧାନ ଜମିଦାର ଓ ହାକିମ ଅମଲା ପ୍ରଭୃତି ଆଗମନ କରିଥିଲେ । ସଭାଗୃହ ଭଦ୍ରମଣ୍ଡଳୀରେ ପୂର୍ଣ୍ଣ ହୋଇଥିଲା ଓ ଯେବେ ସମସ୍ତ ଆମନ୍ତ୍ରିତ ବ୍ୟକ୍ତି ଆସିଥାନ୍ତେ ତେବେ ସ୍କୁଲର କାର୍ଯ୍ୟାଧ୍ୟକ୍ଷମାନେ ସ୍ଥାନ ଯୋଗାଇବାକୁ କଠିଣ [illegible]ତ କରନ୍ତେ ସନ୍ଦେହ ନାହିଁ ।

ସଭାପତି ମହାଶୟ ରୀତିମତ ସଭାର କାର୍ଯ୍ୟାରମ୍ଭ କରି ପ୍ରତ୍ୟେକ ବାଳକଙ୍କୁ ତାହାର ପ୍ରାପ୍ୟ ପୁରସ୍କାର ସ୍ୱହସ୍ତରେ ଅତ୍ୟାନନ୍ଦରେ ଦାନପୂର୍ବକ ଆସନରୁ ଗାତ୍ରୋତ୍ଥାନ କରି ନିମ୍ନଲିଖିତ ଅଭିପ୍ରାୟରେ ଆପଣା ଅଭିମତ ପ୍ରକାଶ କଲେ । ପାଠକମାନେ ଏହାକୁ ପାଠକଲେ ବିଦ୍ୟାଳୟର ସମସ୍ତ କଥାରୁ ଅବଗତ ହେବେ । ସଭାପତିଙ୍କ ବକ୍ତୃତାର ମର୍ମ ଏହି ଯେ ବର୍ଷାନ୍ତେ ପୁନର୍ବାର ଏରୂପ ସଭାର ସଭାପତି ହୋଇ ପୁରସ୍କାର ବଣ୍ଟନ କରିବାକୁ ସମର୍ଥ ହେବାରୁ ସେ ଅତିଶୟ ଆନନ୍ଦ ହେଲେ । ଛାତ୍ରମାନେ ବର୍ଷକୁ ବର୍ଷ ସମାଧିକ ପରିଶ୍ରମପୂର୍ବକ ବିଦ୍ୟାଭ୍ୟାସ କରିବାରୁ ତାହାଙ୍କର ଚିତ୍ତ ପ୍ରଫୁଲ୍ଲ ହୋଇଅଛି । ବିଶେଷରେ ଉତ୍କଳ ବାଳକମାନେ ଯେ ଏବର୍ଷ ପ୍ରାୟ ସମସ୍ତ ଶ୍ରେଣୀରେ ପୁରସ୍କାର ପାଇଅଛନ୍ତି ଏହା ଅତି ଆନନ୍ଦର ବିଷୟ । ଏମନ୍ତ କହିବାର କେହି ମନେ କରିବେ ଯେ ସେ ବଙ୍ଗ ବାଳକଙ୍କ ବିରୁଦ୍ଧରେ ଉତ୍କଳ ବାଳକଙ୍କୁ ରଖିବାକୁ ବାଞ୍ଛା କରନ୍ତି, ଏରୂପ କଦାଚ ନୁହଇ । ତାହାଙ୍କର ଭାବ ଏହି ଯେ ବଙ୍ଗ ବାଳକମାନେ ପୂର୍ବେ ସମସ୍ତେ ଅଗ୍ରସର ହୋଇ ଉତ୍କଳୀୟଙ୍କୁ ପଛରେ ପକାଇ ଦେଉଥିଲେ । ଏ ବର୍ଷ ଜଣାଗଲା ଯେ ଏବେ ଉତ୍କଳୀୟମାନେ ସମଯୋଗ୍ୟ ହୋଇ ଅଗ୍ରସର ହେବେ । ଗତବର୍ଷ ହାଇସ୍କୁଲ ସ୍ଥାପନ ହେଲା ଏବଂ ଜଣେ ଆଇନ ଉପଦେଷ୍ଟା ନିମିତ୍ତ ଯେ ପ୍ରସ୍ତାବ ହୋଇଥିଲା ତାହା ସଂପ୍ରତି ସିଦ୍ଧ ହୋଇଅଛି । ଏହା ବଡ ସୁଖର ବିଷୟ ଅଟଇ । ନବ୍ୟ ସଂପ୍ରଦାୟ ମଧ୍ୟରେ କେତେକ ଲୋକ ଆଇନ ଶିକ୍ଷା କରି ଉକିଲ ହେବାର ଅତିପ୍ରୟୋଜନୀୟ । ଯେହେତୁ ବର୍ତ୍ତମାନ

ଅଧିକାଂଶ ଉତ୍କଳବାସୀର ଅବସ୍ଥା ଶୋଚନୀୟ ଅଟଇ । ଆହୁରି ଗୋଟିଏ ଅଭାବ ମୋଚନ ପକ୍ଷରେ ଯତ୍ନ ହୋଇଅଛି ବୋଧ ହୁଅଇ ଅଚିରେ ତାହା ଫଳପ୍ରଦ ହେବ । ଜମିମାପ ବିଦ୍ୟାଶିକ୍ଷା କରିବା ଏଠାରେ କୌଣସି ଉପାୟ ନାହିଁ ଅଥଚ ଭୂମିମାପ କର୍ମ ଏଠାରେ ଅତି ପ୍ରୟୋଜନୀୟ । ବାରିକ,ମାନ୍ତ୍ରୀ ଓ ଅମିନ ଏବଂ ଅନ୍ୟାନ୍ୟ ସରକାରୀ କର୍ମରେ ଏରୂପ ବ୍ୟକ୍ତିର ପ୍ରୟୋଜନ ହୁଅଇ । ଏପରି ଜଳସେଚନ କାର୍ଯ୍ୟ ସମ୍ପର୍କରେ ବହୁତ ଜରିପ କର୍ମ ଜାଣିବା ବ୍ୟକ୍ତିର ଆବଶ୍ୟକ ହେବ । ଏ ସମସ୍ତ ବିବେଚନାରେ ଏହି ସ୍କୁଲରେ ମାପଶିକ୍ଷା ଦେବାପାଇଁ ଗୋଟିଏ ସ୍ୱତନ୍ତ୍ର ଶ୍ରେଣୀ ହେବାର ପ୍ରସ୍ତାବ ହୋଇଅଛି, ଭରସା ହୁଅଇ ଶୀଘ୍ର କାର୍ଯ୍ୟ ହେବ । ଆଉ ଏକ ଆନନ୍ଦର ବିଷୟ ଏହି ଯେ ଢେଙ୍କାନାଳର ମହାରାଜ ଅସାଧାରଣ ବଦାନ୍ୟତା ପ୍ରଦର୍ଶନପୂର୍ବକ ମାସିକ ୩୦ଟଙ୍କା ଛାତ୍ରବୃତ୍ତି ଦେବା-ଭଳି ଗଭର୍ଣ୍ଣମେଣ୍ଟ ପ୍ରମିଶରୀ ନୋଟ ଅର୍ଥାତ କୋମ୍ପାନୀ କାଗଜ କ୍ରୟ କରି କମିଟି ହସ୍ତରେ ସମର୍ପଣ କରିଅଛନ୍ତି । ଏ ଦାନ କେବଳ ଏକବର୍ଷ କି ଦୁଇବର୍ଷ କରିବା ନୁହେ ମାତ୍ର ଚିରସ୍ଥାୟୀ ଅଟଇ । ବର୍ତ୍ତମାନ ଦୁଇଜଣ ପ୍ରବେଶିକା ପରୀକ୍ଷା ଦେଇଥିବା ଛାତ୍ର ୧୦ଟଙ୍କା ଲେଖାଏଁ ୨୦ଟଙ୍କା ପାଉଛନ୍ତି ଏବଂ ବାକୀ ସ୍କୁଲରୁ ଦୁଇଜଣ ଛାତ୍ରଆସି ଏଠାରେ ପାଠ କରିବାପାଇଁ ତାହାଙ୍କୁ ୫ଟଙ୍କା ଲେଖାଏଁ ଦିଆଯାଉଅଛି । ଏଥିରେ ଭରସା ହୁଅଇ ଯେ ଗଡ଼ଜାତ ଲୋକ ବିଦ୍ୟାଲାଭ କରିବାକୁ ସକ୍ଷମ ହେବେ; କିନ୍ତୁ ଯେବେ ଗଡ଼ଜାତର ଅନ୍ୟାନ୍ୟ ରାଜା ଓ ଅଧିକାରୀମାନେ ଏ ପ୍ରକାର ମଙ୍ଗଳ କାର୍ଯ୍ୟରେ କିଞ୍ଚିତ୍ କିଞ୍ଚିତ୍ ଦାନ କରନ୍ତି ତେବେ ଅତିଶୀଘ୍ର ଯେ ଗଡ଼ଜାତର ଅବସ୍ଥା ଉନ୍ନତ ହେବ ଏଥିରେ ସନ୍ଦେହ ନ ଅଛି । ହାଇସ୍କୁଲ ଗୃହରେ ବର୍ତ୍ତମାନ ସ୍ଥାନ ନ ହେବାରେ ଏ ଘରକୁ ବଢ଼ାଇବାର ସ୍ଥିର ହୋଇ ସେଥିର ନକସା ଇତ୍ୟାଦି ପ୍ରସ୍ତୁତ ହୋଇଅଛି । ଏ ଉତ୍ତାରୁ ସଭାପତି କହିଲେ ଯେ ସେ ଏକବର୍ଷର ବିଦାୟ ଗ୍ରହଣ କରି ସ୍ୱଦେଶକୁ ଯାଉଅଛନ୍ତି । ସେଠାରେ ଆପଣା ବନ୍ଧୁ ବାନ୍ଧବ ଓ ପୁତ୍ରମାନଙ୍କୁ ଦର୍ଶନ କରି କିଛିକାଳ ସେମାନଙ୍କ ସଙ୍ଗେ ସୁଖଭୋଗ କରି ଫେରିଆସିବେ । ଏଠାରେ ରହି ଏ ଦେଶର ବାଳକଙ୍କ ଶିକ୍ଷାରେ ଯେମନ୍ତ ଯତ୍ନ କରୁ-ଥିଲେ ତଦପେକ୍ଷା ଆପଣା ବାଳକଙ୍କ ଶିକ୍ଷାର ତତ୍ତ୍ୱ କରିବା ଅଧିକ ମନେ କଲେ; କିନ୍ତୁ ସେ ଅନୁପସ୍ଥିତ ସମୟରେ ଉତ୍କଳକୁ ପାସୋରିବେ ନାହିଁ ଓ ଆଗାମୀ ବର୍ଷ ଏହି ବାର୍ଷିକ ସଭାରେ ବସିବାକୁ ଭରସା କରନ୍ତି । ପରିଶେଷରେ ଶିକ୍ଷକଙ୍କୁ ଧନ୍ୟବାଦ ଦେଇ ସେ କ୍ଷାନ୍ତ ହେଲେ ।

ସଭାପତିଙ୍କ ବକ୍ତୃତାର ମର୍ମ ଏହି ଓ ଏହା ଯେ ଉପସ୍ଥିତ ସଭ୍ୟଙ୍କ ମନୋଜ୍ଞ ହୋଇଅଛି ତାହା କହିବା ବାହୁଲ୍ୟ । ବାସ୍ତବରେ ଉତ୍କଳ ବିଦ୍ୟୋନ୍ନତି ପାଇଁ ଶ୍ରୀଯୁକ୍ତ ରେଭେନ୍ସା ସାହେବ ଯେରୂପ ଯତ୍ନ ଓ ପରିଶ୍ରମ କରିଅଛନ୍ତି ତହିଁର ତୁଳନା ନାହିଁ । ଆମ୍ଭେମାନେ ଯଥୋଚିତ ରୂପେ କୃତଜ୍ଞତା ପ୍ରକାଶ କରିବାକୁ ବଚନ ପାଉନାହୁଁ ।

ସଭାପତି ଆସନ ଗ୍ରହଣ କଲାରୁ ଶ୍ରୀଯୁକ୍ତ ପାଦ୍ରୀ ମିଲର ସାହେବ ଗାତ୍ରୋତ୍ଥାନ କରି ସ୍ୱାଭାବିକ ସଦ୍‌ବକ୍ତୃତାପୂର୍ବକ ଛାତ୍ରମାନଙ୍କୁ ଉପଦେଶ ଦେଲେ ଯେ ସେ ଲୋକ ପରିତ୍ୟାଗ ସଙ୍ଗେ ସଙ୍ଗେ ଯେମନ୍ତ ଜ୍ଞାନୋପାର୍ଜନ କରିବାକୁ ପରିତ୍ୟାଗ ନ କରନ୍ତୁ

ମନୁଷ୍ୟର ଜୀବନର ପ୍ରତ୍ୟେକ ବିଶ୍ୱାସ ଜ୍ଞାନ ଲାଭ କରାଯାଇଅଛି । ଏଥିରେ ହେଳା କରିବା କଦାଚ ବିଧେୟ ନୁହେଁ । ଯେତେ ଯେତେ ଜ୍ଞାନଲାଭ କରିବେ ସେ ତେତେ ଆପଣାକୁ ଉନ୍ନତ କରିବେ । ଏକଥା ସମସ୍ତଙ୍କୁ ସ୍ମରଣ ରଖିବାର ଉଚିତ । ତଦୁତ୍ତାରୁ ସଭା-ପତିଙ୍କ ବିଳାତଗମନର କଥା ଉଲ୍ଲେଖ କରି ଆପଣା ପ୍ରତିନିଧିଙ୍କୁ କୁଶଳକାୟ ଓ ବିଦ୍ୟା-ଲାଭରେ ଯତ୍ନବାନ ଦେଖି ଅଦ୍ଭୁତ ବେଗରେ ଏଠାକୁ ଫେରିଆସିବା କାରଣ ଆଶୀର୍ବାଦ କରି ଆସନ ଗ୍ରହଣ କଲେ ।

ଦେଶୀୟ ସଂପ୍ରଦାୟ ପକ୍ଷରେ ବାବୁ ସଚ୍ଚିଦାନନ୍ଦ ଦାସ ସଭାପତିଙ୍କ ବିଦ୍ୟା ବିଷୟରେ ଯତ୍ନ କାରଣ ତାହାଙ୍କୁ ଧନ୍ୟବାଦ ଦେଇ ଛୁଟି ଶେଷ ହେଲାରୁ ପୁନର୍ବାର ଏହି ନଗରକୁ ଫେରିଆସିବାକୁ ଅନୁରୋଧ କଲେ ଏବଂ କହିଲେ ସଭାପତିଙ୍କ ପ୍ରତ୍ୟାଗମନ ବିଷୟରେ ଅନ୍ୟତ୍ୟ ଲୋକଙ୍କର ବିଶ୍ୱାସ ହେଉନାହିଁ ।

ପାଦ୍ରୀ କେମ୍ବଲ ସାହେବ ଅଳ୍ପ କଥାରେ ଅତି ସୁନ୍ଦର ରୂପେ କହିଲେ ଯେ ସଭାପତି ମହାଶୟ ଉତ୍କଳ ଖଣ୍ଡର ଉନ୍ନତି ପକ୍ଷରେ ବିଶେଷ ଯତ୍ନ କରି ବିଶେଷ ଧନ୍ୟବାଦ ପାଇବାର ଉପଯୁକ୍ତ ହୋଇଅଛନ୍ତି ଓ ସେ କୁଶଳରେ ଏ ନଗରକୁ ଫେରି ଆସିବେ ଏହି ସମସ୍ତଙ୍କର ବାଞ୍ଛା ।

ଶ୍ରୀଯୁକ୍ତ କର୍ଣ୍ଣ ସାହେବ ଛାତ୍ରମାନଙ୍କ ହସ୍ତାକ୍ଷର ଲକ୍ଷ୍ୟକରି କହିଲେ ଯେ ସ୍କୁଲର ଅନେକ ବାଳକ ସମସ୍ତ ସମୟରେ ତାହାଙ୍କ ନିକଟକୁ କର୍ମର ପ୍ରାର୍ଥନା କରିବାକୁ ଯାନ୍ତି । ମାତ୍ର ଦୁଃଖର ବିଷୟ ଯେ ତାହାଙ୍କ ହସ୍ତାକ୍ଷର ସୁନ୍ଦର ଦେଖାଯାଇନାହିଁ । ଭଲ ଅକ୍ଷର ଲେଖି ନ ପାରିଲେ କେରାଣିଗିରିର ଚେଷ୍ଟା କରିବା ବୃଥା ଓ କେରାଣିଗିରି ଅଧିକାଂଶ ସ୍କୁଲ ଛାତ୍ରର ଜୀବନୋପାୟ ହୋଇଅଛି । ଶିକ୍ଷକମାନଙ୍କର ମଧ୍ୟ ଏଥିରେ ଅନେକ ତ୍ରୁଟି ହେଉଅଛି । ଏ ଅଂଶରେ ବିଶେଷ ଚେଷ୍ଟା ହେବାର ଉଚିତ । ସେ ଆହୁରି କହିଲେ ଯେ, ମାପଶିକ୍ଷା ଏଠାରେ ଦେବାର ଉପଯୁକ୍ତ ହେଉଅଛି । ତାହାହେଲେ ଯେଉଁମାନେ ଏହା ଶିକ୍ଷା କରିବେ ସେମାନେ ଅନାୟାସରେ ବାଣକ ମହାସ୍ତରେ ଭଲ କର୍ମ ପାଇବେ, ଏ କର୍ମର ଉପଯୁକ୍ତ ହେବା କାରଣ କ୍ଷେତ୍ରତତ୍ତ୍ୱ ଓ ବୀଜଗଣିତ ଓ ଅଙ୍କ-ବିଦ୍ୟାର ଅନ୍ୟାନ୍ୟ ଶାଖାର ସାଧାରଣ ଜ୍ଞାନ ପାଇବା ଲାଗି ବାଳକବୃନ୍ଦଙ୍କୁ ଉପଦେଶ ଦେଇ ବକ୍ତୃତା ଶେଷ କଲେ ।

ପରିଶେଷରେ ଆମ୍ଭମାନଙ୍କର ସୁଯୋଗ୍ୟ ଅଭିନ ଉପଦେଷ୍ଟା ବାବୁ ରାଜକୃଷ୍ଣ ମୁଖୋପାଧ୍ୟାୟ ବାଳକମାନଙ୍କୁ ସମ୍ବୋଧନ କରି କହିଲେ ଯେ ଭାରତବର୍ଷର ଉନ୍ନତିର ଉପାୟ ସେମାନଙ୍କ ହାତରେ ସଂସ୍ଥିତ ରହିଅଛି । ଏହାର ପୂର୍ବ ଗୌରବାନ୍ୱିତ କାଳ ଅତୀତ ହେଲାଣି, ଏହି ଆର୍ଯ୍ୟ ଜାତିର କନିଷ୍ଠ ଶାଖାମାତ୍ର । ଭାରତବର୍ଷୀୟମାନେ ଏହାର ଜ୍ୟେଷ୍ଠ ଶାଖା ଅଟନ୍ତି । ତେବେ ଅନ୍ୟତ୍ୟ ଲୋକମାନେ କର୍ତ୍ତବ୍ୟ ସାଧନରେ ତତ୍ପର ହେଲେ ତାହାଙ୍କର ଦୁର୍ଗତି ହେବ ନାହିଁ । ଅତଏବ ସମସ୍ତଙ୍କୁ ଜାଗରିତ ହୋଇ ଉନ୍ନତି ସାଧନ କରିବାକୁ ଉପଦେଶ ଦେଲେ ।

ଏହିରୂପେ ବକ୍ତୃତାମାନ ଶେଷ ହେଲାରୁ ଶ୍ରୀଯୁକ୍ତ ରେଭେନସା ସାହେବ ତାହାଙ୍କର ନିୟମିତ ପୁରସ୍କାର ନଗଦ ୫୧୦୦-୦୦ ପ୍ରଧାନ ଶିକ୍ଷକଙ୍କୁ ଅର୍ପଣ କରି ତାହାର ବଣ୍ଟନ ବିଷୟରେ କମିଟିକୁ ଭାର ଦେଲେ । ଶ୍ରୀବାବୁ ଜଗନ୍ମୋହନ ରାୟ ବକ୍ତୃତା ପାଠ କରିଥିବା ବାଳକଙ୍କୁ କେତେକ ପୁସ୍ତକ ପୁରସ୍କାର ଦେଲେ । ମାତ୍ର ଦୁଃଖର ବିଷୟ ଯେ ଆଉ କେହି ଦେଶୀୟ ବ୍ୟକ୍ତି କିଛି ଦେଲେ ନାହିଁ । ଗତବର୍ଷ ଏହାର ବୃଦ୍ଧି ହେବାର ଆମ୍ଭେମାନେ ଆଶା କରିଥିଲୁ । କିନ୍ତୁ ତହିଁର ବିପରୀତ ଫଳ ଦେଖି ବିସ୍ମୟ ହେଲୁଁ ।''

ଉପରୋକ୍ତ ଦୁଇଟି ମାତ୍ର ପୁରସ୍କାର ବିବରଣୀ । ଉକ୍ତ ବିବରଣୀରୁ ତଦାନୀନ୍ତନ ଶିକ୍ଷା ପ୍ରଶାସନିକମାନଙ୍କର ଓଡ଼ିଶା ପ୍ରତି; ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ପ୍ରତି ରଖିବା ଅନ୍ତରଙ୍ଗତାର ପରିଚୟ ମିଳିଥାଏ । ଯେଉଁପରି ଓଡ଼ିଶାରେ ନାରୀଶିକ୍ଷା ପ୍ରସାର ଉଦ୍ଦେଶ୍ୟରେ ୧୮୭୧ ମସିହାରେ ଯେଉଁ ଜନସାଧାରଣଙ୍କ ଦାବୀ ଉପସ୍ଥାପିତ ହୋଇଥିଲା ତାହା ମଧ୍ୟ ସେତେବେଳର ଏକମାତ୍ର ସମ୍ବାଦପତ୍ର ଦୀପିକାର ପୃଷ୍ଠପୋଷଣ ଲାଭ କରିଥିଲା । ଏହି ପ୍ରସଙ୍ଗରେ କଟକ ନଗରରେ ପ୍ରତିଷ୍ଠିତ ହିନ୍ଦୁ ବାଳିକା ବିଦ୍ୟାଳୟ ସଂପର୍କରେ ସଂପାଦକ ଶ୍ରୀ ଅବନୀଶ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କର ଖଣ୍ଡିଏ ପତ୍ର ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ—

## ହିନ୍ଦୁ ବାଳିକା ବିଦ୍ୟାଳୟ (୪)

''ହିନ୍ଦୁ ବାଳିକାମାନଙ୍କ ବିଦ୍ୟା ଶିକ୍ଷାର୍ଥେ ଏ ନଗରରେ ଗୋଟିଏ ବିଦ୍ୟାଳୟ ସ୍ଥାପିତ ହୋଇଅଛି । ସ୍ୱତନ୍ତ୍ର ବିଦ୍ୟାମନ୍ଦିର ନିର୍ମାଣ ନ ହେବା ପର୍ଯ୍ୟନ୍ତ ତାହାର କାର୍ଯ୍ୟ ବାଲୁବଜାରସ୍ଥ ଆମ୍ଭ ବସାରେ ହେଉଥିବ । ଶିକ୍ଷା କାର୍ଯ୍ୟ ସମୟ ଦିବା ୧୦ ଘଣ୍ଟା ଅବଧି ୩ଟା ପର୍ଯ୍ୟନ୍ତ ଅବଧାରିତ ହେଲା । ପଢିବା ପାଇଁ ବାଳିକାମାନଙ୍କୁ ବେତନ ଦେବାକୁ ପଡ଼ିବ ନାହିଁ । ଯେଉଁମାନେ ଲୋକାଭାବରେ ବାଳିକାମାନଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଅସମର୍ଥ ବିଦ୍ୟାଳୟର ସ୍ତ୍ରୀ ଭୃତ୍ୟ ଯାଇ ସେମାନଙ୍କୁ ଯଥାସମୟରେ ସଙ୍ଗରେ ଘେନି ଆସିବେ ଏବଂ ବିଦ୍ୟାଳୟ ବନ୍ଦ ହେଲେ ଘରେ ପହଞ୍ଚାଇଦେବେ । ନବବର୍ଷ ନଥିବ ବୟସ୍କା ଭଦ୍ର ବଂଶୋଦ୍ଭବା ବାଳିକା ବ୍ୟତୀତ ଅପର କୌଣସି ବାଳିକାକୁ ବିଦ୍ୟାଳୟରେ ଗ୍ରହଣ କରାଯିବ ନାହିଁ । ଏହି ବିଦ୍ୟାଳୟ ସଂକ୍ରାନ୍ତ ଅପର ନିୟମାବଳୀ ଅବଗତାକାଂକ୍ଷୀ ବ୍ୟକ୍ତିମାନେ ଆମ୍ଭ ନିକଟକୁ ଲେଖି ପଠାଇଲେ ଜାଣି ପାରିବେ । ଇତି ।

ତା ୨୦ ମାହେ ସେପ୍ଟେମ୍ବର ୧୮୭୧ ଶ୍ରୀ ଅବିନାଶ ଚନ୍ଦ୍ର ଚଟ୍ଟୋପାଧ୍ୟାୟ,

କଟକ ହିନ୍ଦୁ ବାଳିକା ବିଦ୍ୟାଳୟ ସଂପାଦକ ।''

ତଦାନୀନ୍ତନ ସୀମିତ ପରିସର ମଧ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା, ଶିକ୍ଷକ ସଂଖ୍ୟା, ପରୀକ୍ଷା କୃତିତ୍ୱର ପରିମାଣ ସବିଶେଷ ବିବରଣୀ ପାଇଁ ଦୀପିକା, ସମ୍ବାଦବାହିକା, ଉତ୍କଳ ଦର୍ପଣ ପ୍ରଭୃତି ପତ୍ରିକାର ପୃଷ୍ଠା ଅନୁସନ୍ଧେୟ ।

---

୧. ଜାନୁଆରୀ, ୯—୧୮୭୯ । ୨ ଉତ୍କଳଦୀପିକା-୩ୟ ଭାଗ-୧୮।୪।୧୮୭୮, ସଂଖ୍ୟା ୧୬

୩. ଉତ୍କଳ ସାହିତ୍ୟ—୪ର୍ଥ ଭାଗ—ତା ୨୨।୩।୧୮୭୯—ସଂଖ୍ୟା-୧୩ ।

୪, ଉତ୍କଳଦୀପିକା—ତା ୨୩ ସେପ୍ଟେମ୍ବର ସନ୍ ୧୮୭୧ ମସିହା ।

# ଓଡ଼ିଶାରେ ଉଚ୍ଚଶିକ୍ଷା ପାଇଁ ଯୋଜନା

( ୨ )

ଓଡ଼ିଶାରେ ସାଧାରଣ ଶିକ୍ଷା ପ୍ରଚାର କାର୍ଯ୍ୟ ଆରମ୍ଭ ହେବା ପରେ ପରେ କର୍ତ୍ତୃପକ୍ଷ କେତେକ ଅଭାବ ଓ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେହି ସୁବିଧା ଓ ଅଭାବ-ଗୁଡ଼ିକ ହେଉଛି ଓଡ଼ିଶାରେ ଉପଯୁକ୍ତ ପାଠ୍ୟପୁସ୍ତକର ଅଭାବ, ଉପଯୁକ୍ତ ଶିକ୍ଷକର ଅଭାବ, ସ୍ଥାନୀୟ ଅଧିବାସୀଙ୍କର ଧର୍ମଗତ ବିଶ୍ବାସରେ ନବପ୍ରବର୍ତ୍ତିତ ଶିକ୍ଷାପ୍ରତି ଉଦାସୀନତା । ସେଥିପାଇଁ ବିଂଶ ଶତାବ୍ଦୀର ଦ୍ୱିତୀୟ ପାଦରେ ପାଦ୍ରୀମାନେ ଓଡ଼ିଆ ଭାଷା ଶିକ୍ଷା କରି ଇଂରେଜୀରୁ ବାଇବେଲ ଅନୁବାଦ କଲେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ସେମାନଙ୍କର ପ୍ରତିଷ୍ଠିତ ବିଦ୍ୟାଳୟ ସ୍କୁଲର ଛାତ୍ରଛାତ୍ରୀଙ୍କପାଇଁ ପାଠ୍ୟପୁସ୍ତକ ପ୍ରସ୍ତୁତ କରିଥିଲେ । ସେହି ପାଠ୍ୟପୁସ୍ତକ ମଧ୍ୟରେ କେତେକ ଅନୁବାଦ ପୁସ୍ତକ ଓ କେତେକ ମୌଳିକ ପୁସ୍ତକ ଅନ୍ତର୍ଗତ ଥିଲା । ଶିକ୍ଷକତା ଏକ ମୌଳିକ ଯୋଗ୍ୟତା ଏବଂ ବିଶେଷ ତାଲିମସାପେକ୍ଷ ବୃତ୍ତି । ଏହା କ୍ରମେ କ୍ରମେ ଅନୁଭୂତ ହେଲା । ପ୍ରାଚୀନ ଯୁଗରୁ ପ୍ରଚଳିତ ଶିକ୍ଷା ଓ ଶିକ୍ଷଣ ପରମ୍ପରାରେ ନାମକ ଅବଧାନ ହିଁ ସାଧାରଣତଃ ତଥା ଓଡ଼ିଶାର ପରମ୍ପରା ଥିଲା ଶିକ୍ଷାଦାନର ମୂର୍ତ୍ତିମନ୍ତ ବିଗ୍ରହ । ଶିଶୁମାନଙ୍କୁ ବର୍ଣ୍ଣପରିଚୟ ଓ ସାଧାରଣ ସ୍ତରରେ ଗଣିତ, ମାନସାଙ୍କ, ସାହିତ୍ୟ ଓ ସମାଜବିଜ୍ଞାନ ଶିକ୍ଷାଦେବା ଏକ ଶିକ୍ଷା-ସମ୍ପର୍କିତ ଜାତୀୟ କର୍ତ୍ତବ୍ୟ ଓ ଧର୍ମାଗତ କର୍ତ୍ତବ୍ୟ । ଏହା ଯେକୌଣସି ବ୍ୟକ୍ତି ବିଶ୍ୱାସ କରିଥାନ୍ତି । କେବଳ ଓଡ଼ିଶାର ଶିକ୍ଷାଗତ ମାନଦଣ୍ଡ ରୂପ ସ୍ୱତନ୍ତ୍ର ଥିଲା । ୧୮୨୨ ମସିହାଠାରୁ ୧୮୬୬ ମସିହା ପର୍ଯ୍ୟନ୍ତ ବିଶେଷ ଭାବରେ ପାଦ୍ରୀମାନେ ଓଡ଼ିଶାରେ ଶିକ୍ଷାପ୍ରସାର ଦାୟିତ୍ୱ ଗ୍ରହଣ କରିଥିଲେ । ୧୮୬୬ ମସିହା ପରେ ଭାରତ ତଥା ଓଡ଼ିଶାର ଶିକ୍ଷାଦାନ ଓ ପ୍ରସାର କ୍ଷେତ୍ରରେ ଯେଉଁ ପରିବର୍ତ୍ତନ ହୋଇଥିଲା ସେଥିରେ ମଧ୍ୟ ପାଦ୍ରୀମାନେ ସମ୍ପୂର୍ଣ୍ଣଭାବେ ବିଚ୍ଛିନ୍ନମୁକ୍ତ ହୋଇ ନ ଥିଲେ । କାରଣ, ସେମାନେ ପ୍ରଥମର ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠାକରି ଛାତ୍ରମାନଙ୍କୁ କ୍ରମଶଃ ଆଧୁନିକ ଶିକ୍ଷା-ପଦ୍ଧତିଦ୍ୱାରା ଆକୃଷ୍ଟ କରିବାକୁ ଉଦ୍ୟମ କରୁଥିଲେ । ସେମାନଙ୍କର ବିଦ୍ୟା କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ କୌଣସି ଶିକ୍ଷକ ସେମାନଙ୍କୁ ସାହାଯ୍ୟ କରୁ ନଥିଲେ । ଅତଏବ ସେତେବେଳେ ଓଡ଼ିଶାରେ ତାଲିମପ୍ରାପ୍ତ ଶିକ୍ଷକର ପରିକଳ୍ପନା ସଂପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା; ମାତ୍ର ପୁରୀ ଜିଲ୍ଲାର ସରକାରୀ ପାଠଶାଳାମାନେ ୧୮୭୬ ମସିହାରେ, କଟକଠାରେ ୧୮୬୧ ମସିହାରେ ଏବଂ ବାଲେଶ୍ୱର ୧୮୩୬ ମସିହାରେ ଜିଲ୍ଲା ସ୍କୁଲର ଅଭିମୁଖ୍ୟ ଓ ଭିତ୍ତିଭୂମି ନେଇ ସ୍କୁଲମାନ ପ୍ରତିଷ୍ଠିତ ହେଲାପରେ ଏବଂ ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି ପାଇଲା । ଫଳରେ ଉପଯୁକ୍ତ ଶିକ୍ଷକ ତାଲିମ ପ୍ରଶ୍ନ କର୍ତ୍ତୃପକ୍ଷଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ପୁନଶ୍ଚ, ୧୮୪୬ ମସିହାରେ ଲର୍ଡ ଡ଼ଲହୌସୀଙ୍କ ଅମଳରେ ଓଡ଼ିଶାରେ ଜଣ୍ଡ୍ରୀ-ବୃତ୍ତିକ ସ୍କୁଲ ପ୍ରତିଷ୍ଠାର ଯୋଜନା ଆରମ୍ଭ ହୋଇଥିଲା ଓ ପରେ ପରେ ଖୋର୍ଦ୍ଧା,

ବାଙ୍କୀ ଓ ଅନୁଗୋଳ ପ୍ରଭୃତି ଅଞ୍ଚଳରେ ମଧ୍ୟ ଭର୍ଣ୍ଣାକୁଲର ସ୍କୁଲ ସବୁ ପ୍ରତିଷ୍ଠା ହେଲା । ସେଥିରୁ ଦେଖାଯାଇଥିଲା ୧୮୫୯ ମସିହା ସୁଦ୍ଧା ଓଡ଼ିଶାର ତିନୋଟି ଜିଲ୍ଲାରେ (ପୁରୀ, କଟକ, ବାଲେଶ୍ୱର) ମାତ୍ର ୧୧ ଗୋଟି ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟ କରୁଥିଲା ଏବଂ ନ'ଅଙ୍କ ଦୁର୍ଭିକ୍ଷବେଳକୁ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ୬୩ ଥିଲା । ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୦୪୩ ହୋଇଥିବାର ଜଣାଯାଏ । ନ'ଅଙ୍କ ଦୁର୍ଭିକ୍ଷ ସୁଦ୍ଧା ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ଏତାଦୃଶ ଅଗ୍ରଗତି ସତ୍ତ୍ୱେ ତାଲିମପ୍ରାପ୍ତ ଶିକ୍ଷକର ଆଦୌ ଅଭାବ ନ ଥିଲା । ସମ୍ଭବତଃ, ଏହି ପ୍ରାଥମିକ ଓ ମଧ୍ୟଭର୍ଣ୍ଣାକୁଲାର ବିଦ୍ୟାଳୟମାନଙ୍କର ପ୍ରୟୋଜନ ଦୃଷ୍ଟିରୁ ତାଲିମପ୍ରାପ୍ତ ଶିକ୍ଷକପାଇଁ ଅନୁସନ୍ଧାନ ଚାଲିଥିଲା । ୧୮୬୫ ମସିହାରେ ଶିକ୍ଷକମାନଙ୍କୁ ତାଲିମ ଦେବ ପାଇଁ କଲିକତା ସ୍କୁଲ ସୋସାଇଟିରୁ କିଛି ସରକାରୀ ଆର୍ଥିକ ସାହାଯ୍ୟ ମିଳିଥିଲା । ସେହି ସୋସାଇଟି କଲିକତାଠାରେ ଯେଉଁ ନର୍ମାଲ ସ୍କୁଲ ସ୍ଥାପନ କଲେ, ସେଥିରେ ସାରା ଭାରତରୁ ୨୦ ଜଣ ଶିକ୍ଷକଙ୍କୁ ତାଲିମ ଦେବାର ବ୍ୟବସ୍ଥା ଥିଲା; ମାତ୍ର ଦୁଃଖର କଥା ଓଡ଼ିଶାର କୌଣସି ଶିକ୍ଷକ ସେ ସୁଯୋଗ ପାଉନଥିଲେ । କାରଣ ନର୍ମାଲ ସ୍କୁଲରେ ଭର୍ତ୍ତି ହେବାପାଇଁ ଇଂରେଜୀ ଜ୍ଞାନର ଆବଶ୍ୟକତା ଥିଲା । ଓଡ଼ିଶାରେ ୧୮୪୧ ମସିହା ପର୍ଯ୍ୟନ୍ତ ଇଂରାଜୀ ଶିକ୍ଷା ଅଧ୍ୟାପନାର କ୍ଷେତ୍ର ପ୍ରସ୍ତୁତ ହୋଇ ନଥିଲା । ମିଶନାରୀମାନେ ମିଶନ ସ୍କୁଲରେ ଇଂରାଜୀ ଶିକ୍ଷା ଦେଉଥିଲେ । ମାତ୍ର ସେହି ଶିକ୍ଷାରେ ଧର୍ମୀୟ ଭୂମିକା ବିଶେଷ ଥିବାରୁ ସ୍ଥାନୀୟ ଅଧିବାସୀମାନେ ସେଥିପ୍ରତି ଆକୃଷ୍ଟ ହୋଇ ନଥିଲେ । ଏହି ଗୁରୁତାଲିମ ବିଦ୍ୟାଳୟ ସ୍ଥାପନ ମୂଳରେ ୧୮୫୪ ମସିହାର ଉଡ୍-ସାହେବଙ୍କ ରିପୋର୍ଟ ପ୍ରକାଶ ମଧ୍ୟ ଜଡ଼ିତ ।

ସରକାରୀ ଶିକ୍ଷକ ତାଲିମ ଅନୁଷ୍ଠାନ ଅବିଳମ୍ବେ ସ୍ଥାପନ କରନ୍ତୁ, ଏହାହିଁ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା । ପୁନଶ୍ଚ ୧୮୬୮ ମସିହାରେ ଓଡ଼ିଆ ସ୍କୁଲ ଇନ୍‌ସ୍ପେକ୍ଟର ଓଡ଼ିଶାରେ ନର୍ମାଲ ସ୍କୁଲ ସ୍ଥାପନ ପାଇଁ ସରକାରଙ୍କୁ ଅନୁରୋଧକରି ପତ୍ର ଲେଖିଥିଲେ । ସମ୍ଭବତଃ, ଏହି ସବୁ ସ୍ଥାନୀୟ ଉଦ୍ୟମ ଓ ଦାବୀ ଯୋଗୁଁ ୧୮୬୯ ମସିହାରେ କଟକଠାରେ କଟକ ନର୍ମାଲସ୍କୁଲ ସ୍ଥାପିତ ହେଲା ଏବଂ ଓଡ଼ିଶାରେ ଏହାହିଁ ହେଉଛି ଶିକ୍ଷକ ତାଲିମ ଅନୁଷ୍ଠାନର ଶୁଭାରମ୍ଭ । ପ୍ରାଥମିକ ବିଦ୍ୟାଳୟର ପଣ୍ଡିତମାନଙ୍କୁ ତାଲିମ ଦେବା କଟକ ନର୍ମାଲ ସ୍କୁଲର ଲକ୍ଷ୍ୟଥିଲା । ସେଥିରେ ତିନି ଶ୍ରେଣୀର ଛାତ୍ର ପ୍ରସ୍ତୁତ କରାଯାଉଥିଲା । ନିମ୍ନପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କୁ ସେମାନଙ୍କର ଦରମାରୁ ଅର୍ଦ୍ଧେକ ଦିଆଯାଇ, ତା' ସହିତ ଗୋଟିଏ ଟଙ୍କା ବୃତ୍ତି ଦିଆଯାଉଥିଲା । ଏବଂ ଆଉ କେତେକ ଶିକ୍ଷକଙ୍କୁ ଆଦୌ ଦରମା ଦିଆ ନଯାଇ ମାସିକ କେବଳ ତିନିଟଙ୍କା ବୃତ୍ତି ଦିଆଯାଉଥିଲା । ଏହି ଦୁଇ ଶ୍ରେଣୀର ଶିକ୍ଷକଙ୍କ ବ୍ୟତୀତ ଆଉ ଦଳେ ଶିକ୍ଷକଙ୍କୁ ତାଲିମପାଇଁ ମନୋନୀତ କରାଯାଉଥିଲା । ସେମାନେ ହେଲେ ଭର୍ଣ୍ଣାକୁଲର ପରୀକ୍ଷାରେ ବୃତ୍ତିପ୍ରାପ୍ତ ଛାତ୍ର । କଟକ ନର୍ମାଲ ସ୍କୁଲର କାର୍ଯ୍ୟକ୍ରମ, ପରୀକ୍ଷା ସଫଳତା ସେତେବେଳେ ଜନସାଧାରଣ ଓ ସ୍ଥାନୀୟ ସମ୍ବାଦପତ୍ରମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ସାରା ରାଜ୍ୟରେ ଯେତେ ଶିକ୍ଷକ ଥିଲେ, ସେମାନଙ୍କୁ ତାଲିମ ଦେବା ଏହି ନର୍ମାଲ ସ୍କୁଲର ଥିଲା ଏକମାତ୍ର

ଅଭିମୁଖ୍ୟ । ଏହି କଟକ ନର୍ମାଲ କ୍ଲାସକୁ ୧୮୬୯ ମସିହାରେ ଏକ ବିଧିବଦ୍ଧ ସ୍କୁଲରେ ପରିଣତ କରାଗଲା । କାରଣ ୧୮୬୯ ବେଳକୁ ଓଡ଼ିଶାରେ ପ୍ରାଥମିକ ଓ ଭର୍ଣ୍ଣାକୁଲାର ସ୍କୁଲ ସଂଖ୍ୟା ବୃଦ୍ଧି ପାଇଥିଲା ଓ ତାଲିମପ୍ରାପ୍ତ ଶିକ୍ଷକମାନଙ୍କର ପ୍ରୟୋଜନ ଅଧିକ ଥିଲା । କଟକ ନର୍ମାଲ ସ୍କୁଲର ପରିସ୍ଥିତିକୁ ଲକ୍ଷ୍ୟକରି ଉତ୍କଳ ଦୀପିକା ଯେଉଁ ସମ୍ବାଦ ପରିବେଷଣ କରିଥିଲେ, ତାହା ତତ୍କାଳୀନ ଶିକ୍ଷା ଓ ଶିକ୍ଷକମାନଙ୍କ ସମସ୍ୟା ନେଇ ସ୍ଥାନୀୟ ସମ୍ବାଦପତ୍ର ଆଗ୍ରହ ପ୍ରକାଶ କରିଥିଲେ, ତାହାର ନିଦର୍ଶନ ଉତ୍କଳ ଦୀପିକାର ମନ୍ତବ୍ୟ ଏଠାରେ ଉଦ୍ଧାର କରାଯାଇପାରେ ।

"ଓଡ଼ିଶା ପ୍ରଦେଶରେ ସ୍କୁଲ ସମୂହ ନିମନ୍ତେ ଉପଯୁକ୍ତ ଶିକ୍ଷକ ଯୋଗାଇବା ଅଭିପ୍ରାୟରେ କଟକ ନଗରରେ ଏକ ବୃହତ ନର୍ମାଲ ସ୍କୁଲ ସ୍ଥାପନ କରିବାର ପ୍ରସ୍ତାବ ହେବାରୁ ଗଭର୍ଣ୍ଣମେଣ୍ଟ ଅନୁମୋଦନ କରିଅଛନ୍ତି ଏବଂ ସେଥିରେ ବ୍ୟୟ ନିମିତ୍ତ ମାସିକ ୧୦୦୦ ଟଙ୍କା ଖର୍ଚ୍ଚ ହେବାକୁ ସ୍ୱୀକୃତ ହୋଇଅଛନ୍ତି । ଏ ବିଦ୍ୟାଳୟରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ୨୦ ଜଣ ଲେଖାଏଁ ୬୦ ଜଣ ପିଲା ଶିକ୍ଷକ କାର୍ଯ୍ୟରେ ଉପଯୁକ୍ତ ହେବାପାଇଁ ଅଧ୍ୟୟନ କରିବେ ।" (ଉସ୍ଯ ଭ୍ରତ, ୮ । ୨ । ୧୮୬୮, ସଂଖ୍ୟା ୬)

ପୁନଶ୍ଚ, ଏହା ହେଉଛି ୧୮୬୮ ମସିହା ଫେବୃୟାରୀ ମାସର ସମ୍ବାଦ । ସେହି ବର୍ଷ ଡିସେମ୍ବର ମାସରେ ଉତ୍କଳ ଦୀପିକା କଟକ ନର୍ମାଲ ସ୍କୁଲ ସମ୍ପର୍କରେ ଯେଉଁ ସମ୍ବାଦ ପରିବେଷଣ କରିଛନ୍ତି, ସେଥିରୁ ସମ୍ବାଦପତ୍ରର ସ୍ଥାନୀୟ ସମସ୍ୟାରେ ଆଗ୍ରହର ପରିଚୟ ମିଳେ ।

"ଆମ୍ଭେମାନେ ଅତି ଆନନ୍ଦର ସହିତ ପାଠକମାନଙ୍କୁ ଜଣାଉଅଛୁ ଯେ ଆମ୍ଭମାନଙ୍କର ଗଭର୍ଣ୍ଣମେଣ୍ଟ ଓଡ଼ିଶାରେ ଶିକ୍ଷୋନ୍ନତି ସାଧନ ପକ୍ଷରେ ଅତିଶୟ ଯତ୍ନବାନ ହୋଇଅଛନ୍ତି । ଏହା ଗତ ଦୁର୍ଭିକ୍ଷର ମହାଫଳ ସ୍ୱରୂପ ଅଟଇ, କାରଣ ସେ ଦୁର୍ଘଟନା ହୋଇନଥିଲେ ଓଡ଼ିଶା ପ୍ରତି ଗଭର୍ଣ୍ଣମେଣ୍ଟଙ୍କର ଏରୂପ ଶୁଭଦୃଷ୍ଟି ହୋଇନଥାନ୍ତା । ଗତ ବର୍ଷାରମ୍ଭରେ କଟକ ହାଇସ୍କୁଲ ସ୍ଥାପନ ହୋଇ ଏ ଦେଶରେ ଇଂରାଜୀ ଭାଷା ଶିକ୍ଷାର ଯେପରି ସୁଗମ ହୋଇଅଛି, ତାହା କାହାରିକୁ ଅଗୋଚର ନାହିଁ; କିନ୍ତୁ ଶେଷ ନ ହେଉଣୁ ଆମ୍ଭେମାନେ ଆଉ ଗୋଟିଏ ହିତକର କଥା ଶ୍ରବଣ କଲୁଁ, ଏହା ସାମାନ୍ୟ ଆହ୍ଲାଦର ବିଷୟ ନୁହଇ । ଆଗାମୀ ଜାନୁୟାରୀ ମାସରେ କଟକରେ ଗୋଟିଏ ନର୍ମାଲ ସ୍କୁଲ ସ୍ଥାପନ ହେବ ଓ ଆପାତତଃ ଏଥିରେ ପାଞ୍ଚଜଣ ଅଧ୍ୟାପକ ନିଯୁକ୍ତ ହେବାର ବିଜ୍ଞାପନ ଦିଆ ହୋଇଅଛି । ଯେଉଁମାନେ ଭବିଷ୍ୟତକୁ ଓଡ଼ିଶାରେ ଶିକ୍ଷକ ନିଯୁକ୍ତ ହେବାର ଅଭିଳାଷୀ ହେବେ, ସେମାନଙ୍କୁ ଏଠାରେ ଶିକ୍ଷା କରିବାକୁ ହେବ ଓ ଗୁରୁ ପାଠଶାଳା, ନିୟମ ଏଠାରେ ପ୍ରଚଳ ହେବ ବୋଲି ମଫସଲରେ ଯେଉଁ ଗୁରୁ କି ଅବଧାନ ହେବେ, ସେମାନେ ମଧ୍ୟ ଏଠାରେ ଶିକ୍ଷା ପାଇବେ । ସାଧାରଣ ବିଦ୍ୟାଶିକ୍ଷା ବୃଦ୍ଧି ଉପରେ ଏ ବିଦ୍ୟାଳୟ ଆତ୍ୟାବଶ୍ୟକ ଥିଲା ଓ ତାହା ସ୍ଥାପନ ହେବାରେ ଅଫତା ସମସ୍ତେ ଆନନ୍ଦିତ ଅଛନ୍ତି ସନ୍ଦେହ ନାହିଁ ।

ଇନ୍‌ସପେକ୍ଟର ସାହେବ ଏ ବିଦ୍ୟାଳୟ ସ୍ଥାପନ ନିମିତ୍ତ ସ୍ୱୟଂ କଟକରୁ ଆସି କିଛିକାଳ ଅବସ୍ଥାନ କରିବେ । ବୋଧହୁଅଇ ଶିକ୍ଷକ ନିଯୁକ୍ତ କାର୍ଯ୍ୟ ଏହିଠାରେ ସମାଧାନ ହେବ । ଆମ୍ଭେମାନେ ତାହାଙ୍କୁ ଏହି ଅନୁରୋଧ କରୁଅଛୁଁ ଯେ ଓଡ଼ିଶାର ହତଭାଗ୍ୟ ପଣ୍ଡିତଙ୍କର କଥା ଯେମନ୍ତ ସେ ବିସ୍ମୃତ ନହେବେ । ନର୍ମାଲ ସ୍କୁଲ ଭାଷା ଶିକ୍ଷା ନିମିତ୍ତ ସ୍ଥାପନ ହେଉଅଛି ଓ ଏଥିରେ ଅଯୋଗ୍ୟ ଲୋକଙ୍କୁ ଶିକ୍ଷକ ପଦରେ ନିଯୁକ୍ତ କରିବା ସର୍ବମତରେ ନିଷେଧ । ଏଠାରେ ଅନେକ ଲୋକ ଏପରି ଅଛନ୍ତି ଯେ ସେମାନେ ସଂସ୍କୃତ ଭାଷା ଉତ୍ତମ ରୂପେ ଜାଣନ୍ତି ଓ ଓଡ଼ିଆ ତାହାଙ୍କର ମାତୃଭାଷା ଥିବାରୁ ବଙ୍ଗ ଅଥବା ଅନ୍ୟ ବିଦେଶୀୟ ମାନଙ୍କଠାରୁ ସର୍ବ ପ୍ରକାରରେ ଉତ୍କୃଷ୍ଟ; ମାତ୍ର ସେମାନଙ୍କୁ ଏତାବତ୍‌କାଳ କେହି ପଚାରି ନାହାନ୍ତି ଓ ଆମ୍ଭମାନଙ୍କର ହିତସାଧକମାନେ ବଙ୍ଗଦେଶରୁ ପଣ୍ଡିତ ଆଣାଇ ଏମାନଙ୍କୁ ସମ୍ପୂର୍ଣ୍ଣରୂପେ ନୈରାଶ୍ୟ କରିଅଛନ୍ତି । ଇନ୍‌ସପେକ୍ଟର ସାହେବ ଯେବେ ଏଇଥର ଦୁର୍ଭାଗ୍ୟ ପଣ୍ଡିତଙ୍କ ପକ୍ଷରେ ବିଚାର କରିବେ, ତେବେ କେବଳ ଏମାନଙ୍କର ବହୁ ଆୟାସସାଧ୍ୟ ବିଦ୍ୟୋପାର୍ଜନ ସାର୍ଥକ ହେବ ଏମନ୍ତ ନୁହଇ, ଓଡ଼ିଶାର ଲୋକମାନେ ସାହେବ ମହୋଦୟଙ୍କ ନ୍ୟାୟର ଯଥେଷ୍ଟ ପ୍ରଶଂସା କରିବେ ।”

( ଉତ୍କଳ ଦୀପିକା—୧୨ । ୧୨ । ୧୮୬୮, ସଂଖ୍ୟା-୪୯ )

## ସମ୍ବଲପୁରରେ ଓଡ଼ିଆ ଭାଷା ବିସ୍ତାର

ମଧ୍ୟପ୍ରଦେଶର ଜିଲ୍ଲା ସମୂହ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଯେରୂପ ଦୃଷ୍ଟି ଅଛି ସେପରି ଆମ୍ଭମାନଙ୍କ ପ୍ରତି ସୁଦ୍ଧା ନାହିଁ । ସେ ପ୍ରଦେଶରେ ଅବଧି ଆଇନ ଜାରି ହୋଇନାହିଁ ଓ ଲୋକମାନେ ଅପେକ୍ଷାକୃତ ଅନେକ ଅସଭ୍ୟାବସ୍ଥାରେ ଅଛନ୍ତି ମାତ୍ର ଆମ୍ଭେମାନେ ବହୁକାଳର ପ୍ରଜା ହେଲେହେଁ ଆମ୍ଭମାନଙ୍କ ଉନ୍ନତି ସାଧନ ପଥରେ ତେତେ ଦୃଷ୍ଟି ହେଉନାହିଁ । ମଧ୍ୟପ୍ରଦେଶର ଗୋଟିଏ ଜିଲ୍ଲା ସମ୍ବଲପୁର ଆମ୍ଭମାନଙ୍କ ନିକଟବର୍ତ୍ତୀ ଅଟଇ । ସେଠା ସଙ୍ଗେ ଆମ୍ଭମାନଙ୍କର ବ୍ୟବସାୟ ଦ୍ୱାରା ସଂଯୋଗ ଥିବାରୁ ସେଠାର ଅବସ୍ଥାର ଅନେକ ପରିଚୟ ପାଉଅଛୁ ଓ କେତେବର୍ଷ ହେଲା ବିଦ୍ୟାଶିକ୍ଷାର ଯେରୂପ ସଦୁପାୟମାନ ସେଠାରେ ହୋଇଅଛି ତାହା ପ୍ରତିବର୍ଷ ବିସ୍ତର ଶିକ୍ଷକ ଏଠାରୁ ନିଯୁକ୍ତ ହୋଇ ଯିବାରୁ ଆମ୍ଭେମାନେ ଏକ ପ୍ରକାର ଜ୍ଞାତ ହେଉଅଛୁଁ । କିନ୍ତୁ ସଂପ୍ରତି ସମ୍ବଲପୁରର ବିଦ୍ୟାଳୟ ସମୂହର ବାର୍ଷିକ ରିପୋର୍ଟର ସାରାଂଶ ପତ୍ରାନ୍ତରେ ପାଠକରି ଅବଗତ ହେଲୁଁ ଯେ ଏଠାରେ ବିଦ୍ୟାଶିକ୍ଷା କାର୍ଯ୍ୟ ଅସାଧାରଣ ରୂପେ ଚଳୁଅଛି । ଗତ ଛଅ ବର୍ଷରେ ୨୪୯ ବିଦ୍ୟାଳୟ ସ୍ଥାପନ ହେଲା ଏବଂ ୧୩୨୭୭ ଛାତ୍ର ଅଧ୍ୟୟନ ନିମିତ୍ତ ନାମ ଲେଖାଇଲେ । ଲୋକମାନେ ଶିକ୍ଷା ନିମିତ୍ତ ଆଗ୍ରହ ଥିବାର ଜଣାଯାଏ କାରଣ ସମସ୍ତ ବାର୍ଷିକ ବ୍ୟୟ ଟ୧୯୬୦୦ଙ୍କା ମଧ୍ୟରୁ ଟ୭୭୬୦୦ଙ୍କା ସେମାନେ ଭେଦା କରି ଦେଉଅଛନ୍ତି । ବିଦ୍ୟାଳୟ ଗୃହମାନ ଉତ୍ତମ ରୂପେ ନିର୍ମାଣ ହୋଇଅଛି ଓ ସେସବୁ ପ୍ରାୟ ବାଳକ ବାଳିକାରେ ପରିପୂର୍ଣ୍ଣ । ସନ ୧୮୬୫ ମସିହାରେ ସ୍କୁଲର ସଂଖ୍ୟା ୧୪୧ ଓ ଛାତ୍ର ସଂଖ୍ୟା ୭୧୦୦ ଥିଲା । ଅତଏବ ଶେଷ ଚାରିବର୍ଷରେ ବିଦ୍ୟାଦାନ କାର୍ଯ୍ୟ ବିସ୍ତର

ବଢ଼ିବାର ପ୍ରମାଣ ହୁଅଇ । ଉକ୍ତ ଜିଲ୍ଲାର ଲୋକସଂଖ୍ୟା ଉପରେ ଗୁଣନ ହାରାହାରି କଲେ ପ୍ରତି ୬୧ ଜଣରେ ଏକଜଣ ବିଦ୍ୟାଭ୍ୟାସ କରୁଥିବାର ଉପଲବ୍ଧ ହୁଅଇ । ଭାରତର ଅନ୍ୟ କୌଣସି ସ୍ଥଳରେ ପ୍ରାୟ ଏ ରୂପ ଫଳ ଦେଖା ନ ଯାଏ । ଇନ୍ସପେକ୍ଟର ଜେନେରାଲ ଲେଖନ୍ତି ଯେ ସେ ଜିଲ୍ଲାର ଅନ୍ତର୍ଗତ ଗଡ଼ଜାତ ରାଜାମାନେ ଆପଣା ରାଜ୍ୟରେ ବିଦ୍ୟାଶିକ୍ଷା ଦେବା ନିମିତ୍ତ ଶିକ୍ଷକ ପ୍ରାର୍ଥନା କରୁ ଅଛନ୍ତି ଓ ଏ ଜଂଗଲି ଲୋକମାନେ ବିଦ୍ୟାପ୍ରତି ଏ ରୂପ ଭକ୍ତି ପ୍ରକାଶ କରିବାର ସମ୍ବଲପୁରର ଲୋକମାନେ ଅତ୍ୟନ୍ତ ବୁଦ୍ଧିମାନ ଥିବାର ପ୍ରମାଣ ହୁଅଇ । ଅସ୍ମଦ୍ଦେଶୀୟ ଗଡ଼ଜାତ ରାଜାମାନେ ଏଥିରୁ ଶିକ୍ଷା ଗ୍ରହଣ କରନ୍ତୁ । ଏଠାରେ ଢେଙ୍କାନାଳ ବ୍ୟତିରେକେ ଆଉ କୌଣସି ରାଜା ଗୋଟିଏ ବିଦ୍ୟାଳୟ ଆପଣା ରାଜ୍ୟରେ ସ୍ଥାପନ କରିବାର ଶୁଣାଯାଏ ନାହିଁ । ବୋଧ ହୁଅଇ ପ୍ରଜାଙ୍କ ବିଦ୍ୟାଲାଭର ଉପଯୁକ୍ତ ପାତ୍ର ଏମାନେ ଜ୍ଞାନ କରନ୍ତି ନାହିଁ ।

ମାତ୍ର ସମ୍ବଲପୁରରେ ଯେମନ୍ତ ବିଦ୍ୟାଳୟର ଉପାୟ ମାନ ହୋଇଅଛି ତଦନୁସାରେ ଫଳ ହେଉଅଛି କି ନାହିଁ ଆମ୍ଭମାନଙ୍କର ସଂଦେହ ହୁଅଇ । ବାଳକମାନେ ଶିକ୍ଷାଲାଭରେ କି ପର୍ଯ୍ୟନ୍ତ ବ୍ୟୁତ୍ପତ୍ତି ଅର୍ଜିଛନ୍ତି ତାହା ରିପୋର୍ଟରେ ପ୍ରକାଶ ନାହିଁ । ୨୦ ସହସ୍ର ଟଙ୍କାରେ ଯେ ସ୍ଥଳେ ୨୪୯ ବିଦ୍ୟାଳୟ ନିର୍ବାହ ହେଉଅଛି ସେ ସ୍ଥଳେ ସେ ବିଦ୍ୟାଳୟମାନ ଉତ୍କୃଷ୍ଟ ହୋଇଥିବ ସମ୍ଭବ ହେଉନାହିଁ । ସ୍କୁଲପ୍ରତି ହାରାହାରି ବାର୍ଷିକ ୫୦ ମାତ୍ର ପଡ଼ୁଅଛି । ଏ ସ୍ଥାନରେ ଗୋଟିଏ ଗୋଟିଏ ବୃତ୍ତିଶାଳୀରେ ପ୍ରାୟ ଏତେ ମୁଦ୍ରା କର୍ମରେ ବ୍ୟୟ ହୁଅଇ । ଏ ରୂପ ବିଦ୍ୟାଳୟରେ ଯେ ଶିକ୍ଷାକାର୍ଯ୍ୟ ଚଳୁଥିବ ଆଶାତୀତ ଅଟଇ । ଆମ୍ଭେମାନେ କେବେହେଁ ସମ୍ବଲପୁରରୁ ଖଣ୍ଡିଏ ପ୍ରେରିତ ପତ୍ର ପାଇନାହୁଁ । ଯେବେ ସେ ଅଂଚଳରେ ଉପଯୁକ୍ତ ଶିକ୍ଷକମାନେ ଥାନ୍ତେ ବୋଧହୁଅଇ ତାହାଙ୍କ ଠାରୁ କିଛି ରଚନା ଆସୁଥାନ୍ତା ଓ ଉତ୍କଳ ଭାଷାରେ କେହି କେହି କୌଣସି ପୁସ୍ତକ ପ୍ରକାଶ କରିଥାନ୍ତେ ମାତ୍ର ଏ ମାନ କିଛି ଦେଖାଯାଏ ନାହିଁ । ଏକା ବଲ୍ଲଦ ବାବୁ ଇନସପେକ୍ଟରଙ୍କର ପୁସ୍ତକ ଅନୁବାଦ କରିବାର କ୍ଷମତା ଥିବାର ଦେଖାଯାଏ ଅଥବା ସେ କାର୍ଯ୍ୟଦ୍ୱାରା ବାଧ୍ୟ ଅଛନ୍ତି ନତୁବା ଶିକ୍ଷା ଉନ୍ନତିର ପରିଚୟ ଆମ୍ଭେମାନେ ଅନ୍ୟ କୌଣସି ରୂପେ ପାଉନାହୁଁ । ଭରସା କରୁଁ ବିଦ୍ୟାଳୟର ଭାରପ୍ରାପ୍ତ କର୍ମଚାରୀ ମାନେ ଏ ବିଷୟରେ ଆମ୍ଭମାନଙ୍କର ଯେଉଁ ସନ୍ଦେହ ଅଛି ତାହା ଖଣ୍ଡନ କରାଇବେ ନତୁବା ଯେରୂପେ ପ୍ରକୃତ ତଥ୍ୟ ପ୍ରକାଶ ହୁଅଇ ସେଥିରେ ଚେଷ୍ଟା କରିବେ ।

( ଉତ୍କଳଦୀପିକା ୩୨ଭାଗ, ୧୨ । ୧୨ । ୧୮୭୮ ସଂଖ୍ୟା ୪୯ )

## ସମ୍ବଲପୁର ବିଦ୍ୟାଳୟ ମାନଙ୍କର ଅବସ୍ଥା

ଏବିଷୟରେ ଦୁଇମାସ ତଳେ ଆମ୍ଭେମାନେ ଯାହା ଲେଖିଥିଲୁଁ ସେଥିରେ ତତ୍ରତ୍ୟ ବିଦ୍ୟାଳୟ ସମୂହର ଇନ୍ସପେକ୍ଟର ପ୍ରତିବାଦ କରି ଖଣ୍ଡିଏ ପତ୍ର ପଠାଇ ଅଛନ୍ତି । ଅଦ୍ୟ ତାହା ପ୍ରକାଶକରି ପାଠକ ମାନଙ୍କୁ ଅନୁରୋଧ କରୁଅଛୁଁ ଯେ ତାହା ମନ-ଯୋଗ ପୂର୍ବକ ପାଠ କରିବେ ଓ ଆମ୍ଭମାନଙ୍କ ଲେଖାରେ ଯଦ୍ୟପି କିଛି ଭ୍ରାନ୍ତ ହୋଇଥିବ

ତାହା ଏବାଧକରୁ ଉତ୍ପନ୍ନ ହେବ । ଉତ୍କଳ ଭାଷାର ଉନ୍ନତି କାରଣ ସେଠାରେ ଅନେକ ସ୍କୁଲ ହୋଇଅଛି ସନ୍ଦେହ ନାହିଁ ଓ ତାହା ଆମ୍ଭେ ପୁନଃ ପୁନଃ ଲେଖିଅଛୁଁ । ମାତ୍ର ଆମ୍ଭେମାନେ ସେଠାରେ ବିଦ୍ୟାଶିକ୍ଷାର ଫଳ କିଛି ନ ଦେଖିବାରୁ ସନ୍ଦିହାନ ହୋଇଥିଲୁଁ । ସଂପ୍ରତି ପାଠ୍ୟ ପୁସ୍ତକର ଫର୍ଦ୍ଦ ଦେଖି ବୋଧ ହୁଅଇ ଯେ ଏ ପ୍ରଦେଶ ଠାରୁ ସେଠା ବାଳକଙ୍କୁ ଅଳ୍ପ ଶିକ୍ଷା ଦିଆବାକୁ ହେଉନାହିଁ । ପତ୍ର ପ୍ରେରକଙ୍କ ଲେଖିବା ଭଙ୍ଗୀରୁ ଜଣାଯାଏ ସମ୍ବଲପୁରରୁ ପ୍ରେରିତ ପତ୍ର ନ ଆସିବାର କାରଣ ସ୍ୱତନ୍ତ୍ର ଅଛଇ । ଆମ୍ଭମାନଙ୍କର ଶଙ୍କା ହେଉଅଛି ଯେ ଆଇନ ବହିର୍ଭୂତ ଦେଶଥିବାରୁ ସେଠାରେ ରାଜପୁରୁଷମାନେ କିଛି ସ୍ୱେଚ୍ଛାଧୀନ ବ୍ୟବହାର କରନ୍ତି ଓ ସେସବୁ ଜନ ସମାଜରେ ପ୍ରକାଶ ହେଲେ ପତ୍ର ପ୍ରେରକ ତାହାଙ୍କ କୋପଦୃଷ୍ଟିରେ ପଡ଼ିବେ ଏହି ଭୟରେ କେହି କିଛି ଲେଖନ୍ତି ନାହିଁ ।

( ଉତ୍କଳଦୀପିକା ୪ର୍ଥଭାଗ, ୭ । ୨ । ୧୮୬୯, ସଂଖ୍ୟା ୭ )

ନର୍ମାଲ୍ ସ୍କୁଲର ଶିକ୍ଷାଦାନ ପଦ୍ଧତି, ଛାତ୍ର ଗ୍ରହଣ ଏବଂ ଅନୁଷ୍ଠାନର ଗୁଣାତ୍ମକ ବିକାଶ ଲାଗି କ'ଣ କ'ଣ କରାଯାଇ ପାରିବ, ସେ ସମ୍ପର୍କରେ ଦୀପିକା ସମୟୋପଯୋଗୀ ସୂଚନା ଦେଉଥିବା ଜଣାଯାଏ । ଶିକ୍ଷା, ଶିକ୍ଷାଦାନ, ଶିକ୍ଷାପ୍ରଚାର ସର୍ବୋପରି ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ପତ୍ରିକା ବରାବର ଚେଷ୍ଟିତ ଥିଲେ । କଟକ ନର୍ମାଲ୍ ସ୍କୁଲର ନିଯୁକ୍ତି ପ୍ରସଙ୍ଗରେ ଦୀପିକା ଅସନ୍ତୋଷ ପ୍ରକାଶକରି ନଜର କେତେକ ସୂଚନା କର୍ତ୍ତୃପକ୍ଷଙ୍କ ଅବଗତ ନିମନ୍ତେ ପ୍ରକାଶ କରିଥିଲେ ।

"ଆମ୍ଭେମାନେ ଗତ ସପ୍ତାହରେ ନୂତନ ନର୍ମାଲ ସ୍କୁଲ ସ୍ଥାପନର ସମ୍ବାଦ ଦେଇଅଛୁଁ; ମାତ୍ର ସେ ସମୟରେ ଆମ୍ଭେମାନେ ଏ ସ୍କୁଲ ସମ୍ପର୍କୀୟ ସକଳ ଅବଗତ ହୋଇ ନଥିଲୁଁ । ଅତଏବ ଶିକ୍ଷକ ନିଯୁକ୍ତି ପକ୍ଷରେ ଯାହା ଲେଖିଥିଲୁ, ତାହାର କେତେକ ପରିବର୍ତ୍ତନ କରିବାର ବିବେଚନା ହେଉଅଛି ।

ନର୍ମାଲ ସ୍କୁଲ ଯେବେ କେବଳ ସଂସ୍କୃତ ଭାଷା ଶିକ୍ଷାନିମିତ୍ତ ସ୍ଥାପନ ହୋଇଥାନ୍ତା, ତେବେ ସେଥିରେ ଶିକ୍ଷକ ହେବାପାଇଁ ଏ ପ୍ରଦେଶରେ ବହୁତ ସୁଯୋଗ୍ୟ ପଣ୍ଡିତ ପ୍ରାପ୍ତ ହୁଅନ୍ତା, ମାତ୍ର କେବଳ ସଂସ୍କୃତ କି ଓଡ଼ିଆ ଭାଷା ଶିକ୍ଷାପାଇବାପାଇଁ ଏ ବିଦ୍ୟାଳୟ ହେଉନାହିଁ । ଉତ୍କଳ ଦେଶରେ ବିଦ୍ୟା ପ୍ରଚାର ନିମିତ୍ତ ଉପଯୁକ୍ତ ଶିକ୍ଷକ ପ୍ରସ୍ତୁତ କରିବା ଏ ବିଦ୍ୟାଳୟର ଉଦ୍ଦେଶ୍ୟ ଅଟଇ । ଅତଏବ, ଭାବୀ ଶିକ୍ଷକଙ୍କ ଶିକ୍ଷକତା କାର୍ଯ୍ୟପାଇଁ ବର୍ତ୍ତମାନ ସ୍ଥଳରେ ଲୋକର ପ୍ରୟୋଜନ ଅଛି ଓ ସେ ପ୍ରକାର ଲୋକ ଏଠାରେ ପ୍ରାପ୍ତ ହେବ ଏହା ଅନୁମାନ ହୁଅଇ ନାହିଁ । ଏ ସ୍ଥାନର ପଣ୍ଡିତମାନେ ସାହିତ୍ୟ ମାତ୍ରରେ ପରିଶ୍ରମ କରନ୍ତି, ଅଥବା ନ୍ୟାୟ ଶାସ୍ତ୍ରରେ ସମଧିକ ବ୍ୟୁତ୍ପତ୍ତି ଲାଭକରନ୍ତି ଓ ଲୋକଙ୍କ ସଙ୍ଗେ ଅନର୍ଥକ କଳହ କରନ୍ତି । ସଂସାରିକ ବ୍ୟାପାରରେ ଏହାଙ୍କର ବିଦ୍ୟା କାର୍ଯ୍ୟରେ ଲାଗଇନାହିଁ । କେବଳ ଧର୍ମ କର୍ମ କିମ୍ବା ପୂଜା, ହୋମ, ଯଜ୍ଞ କରିବା କାରଣ ଯେତିକି ବିଦ୍ୟାର ପ୍ରୟୋଜନ, ସେତିକି କାର୍ଯ୍ୟରେ ଲାଗଇ । ଅଙ୍କ, ଜ୍ୟୋତିଷ, ପଦାର୍ଥବିଦ୍ୟା

ଜ୍ୟୋ ବିଜ୍ଞାନ ଶାସ୍ତ୍ରରେ ତାହାର ପରିଶ୍ରମ ନାହିଁ ଏବଂ ଇଂରାଜୀମାନଙ୍କର ପ୍ରସାଦରୁ ସଂସ୍କୃତ ଭାରତ ବର୍ଷର ଅଙ୍କ, ବିଜ୍ଞାନ ଯେତେ ଦୂର ଉନ୍ନତ କରୁଅଛି, ତହିଁର ପରିଚୟ ସୁଦ୍ଧା ଏ ଦେଶୀୟ ପଣ୍ଡିତମାନେ ପାଇ ନାହାନ୍ତି। ଅତଏବ, ଏହାଙ୍କଦ୍ୱାରା ନର୍ମାଲ ସ୍କୁଲର ଶିକ୍ଷକତା କାର୍ଯ୍ୟ ଚଳିବା ବର୍ତ୍ତମାନ କଠିନ ଅଟଇ। ଏହି ସମସ୍ତ କାରଣରୁ ଆମ୍ଭମାନଙ୍କୁ ବୋଧହେଉଅଛି ଯେ ପ୍ରଧାନ ଶିକ୍ଷକଙ୍କୁ ବଙ୍ଗଦେଶରୁ ଅଣାଇବା ଅବଶ୍ୟକ ହୋଇଅଛି। ଏହାଙ୍କଠାରେ ଅଧ୍ୟୟନ କଲେ, ଏ ଦେଶୀୟ ପଣ୍ଡିତମାନେ ଯେ ଶୀଘ୍ର ଶିକ୍ଷା ଦେବା ରୀତି ଏବଂ ଅଙ୍କ ଓ ପଦାର୍ଥବିଦ୍ୟା ଶିକ୍ଷାକରି ଭବିଷ୍ୟତରେ କର୍ମ ଖାଲି ହେଲେ ସେଥିରେ ନିଯୁକ୍ତହୋଇ ଉତ୍ତମରୂପେ କାର୍ଯ୍ୟ ଚଳାଇବେ, ଏଥିରେ ଅଣୁମାତ୍ର ସନ୍ଦେହନାହିଁ। ଆମ୍ଭେମାନେ ଯେ ପୂର୍ବ ସପ୍ତାହରେ ସେମାନଙ୍କର ଆଶାବର୍ଦ୍ଧନ କରି ଏ ସପ୍ତାହରେ ତାହାର ମୂଳ ଛେଦନକଲୁଁ, ଏଥିରେ ବଡ ଦୁଃଖିତ ଅଛୁ; କିନ୍ତୁ ଦେଶର ପ୍ରକୃତ ହିତ-ବାଞ୍ଛା ଆମ୍ଭମାନଙ୍କର କର୍ତ୍ତବ୍ୟ ଅଟଇ। ଲୋକବିଶେଷରେ ହାନିଲାଭର ବିଚାର କରିବା ଆମ୍ଭମାନଙ୍କର କାର୍ଯ୍ୟ ନୁହଇ। ସୁତରାଂ ଦେଶପକ୍ଷରେ ଯାହା ମଙ୍ଗଳ ହେବ, ତାହା ଅବଶ୍ୟ କରିବୁଁ। ବାସ୍ତବରେ ବର୍ତ୍ତମାନର ଉତ୍କଳ ପଣ୍ଡିତଙ୍କଦ୍ୱାରା ନର୍ମାଲ ସ୍କୁଲ ଚଳି-ପାରେ, ତେବେ ନର୍ମାଲ ସ୍କୁଲ ସ୍ଥାପନର ପ୍ରୟୋଜନ କି ଅଛି? ପଣ୍ଡିତମାନେ ଯେବେ ଶିକ୍ଷାଦେବାକୁ ଉପଯୁକ୍ତ ଅଛନ୍ତି, ତେବେ ଆଉ କି ଶିକ୍ଷା କରିବେ? ଅତଏବ ଏହାଙ୍କ-ଠାରେ ଉପଯୁକ୍ତ ଲୋକ ଆସିବା କର୍ତ୍ତବ୍ୟ। କେବଳ ଆମ୍ଭେମାନେ ଏହି ପ୍ରାର୍ଥନା କଲୁଁ ଯେ କର୍ତ୍ତୃପକ୍ଷମାନେ ଜଳଦେବାକୁ ଅଙ୍ଗୀକାର କରି ମୃଗତୃଷ୍ଣାଦ୍ୱାରା ଅସ୍ମଦ୍ଦେଶୀୟଙ୍କୁ ପ୍ରତାରିତ ନ କରନ୍ତୁ।”

(ଓସ୍ତୁ ସ୍ୱର, ୧୯।୧୨।୮୬୯, ସଂଖ୍ୟା—୫୦)

ନର୍ମାଲ କ୍ଲାସ ନର୍ମାଲ ସ୍କୁଲରେ ଯେବେ ପରିଣତ ହେଲା, ସେତେବେଳେ ଏହା ଦୁଇଟି ପର୍ଯ୍ୟାୟରେ ବିଭକ୍ତ ହୋଇଥିଲା। ଗୋଟିଏ ଗୁରୁ ଓ ପଣ୍ଡିତ ଟ୍ରେନିଂ ବିଭାଗପାଇଁ ତିନିବର୍ଷ ପାଇଁ ଶିକ୍ଷାଦେବାର ବ୍ୟବସ୍ଥା ଥିଲା। ଗୁରୁ ଟ୍ରେନିଂ ବିଭାଗର ପାଠ୍ୟମଧ୍ୟରେ ଓଡ଼ିଆ, ବ୍ୟାକରଣ, ଭୂଗୋଳ, ଇତିହାସ, ଶ୍ରୁତଲିଖନ, ଗଣିତ, ପତ୍ରଲିଖନ ରଚନା, ଶିକ୍ଷାଦାନ ପଦ୍ଧତି, ଜ୍ୟାମିତି ଓ ପରିମିତି ଅନ୍ତର୍ଭୁକ୍ତ ଥିଲା ଓ ପଣ୍ଡିତ ଟ୍ରେନିଂ ବିଭାଗର ପାଠ୍ୟମଧ୍ୟରେ ଓଡ଼ିଆ ବ୍ୟାକରଣ, ସଂସ୍କୃତ, ବଙ୍ଗଳା, ଇତିହାସ, ଭୂଗୋଳ, ଗଣିତ, ଜ୍ୟାମିତି, ପ୍ରକୃତି ପାଠ, ପ୍ରକୃତି ଦର୍ଶନ, ଶିକ୍ଷାଦାନ ପଦ୍ଧତି, ପରିମିତି, ଶ୍ରୁତଲିଖନ ଓ ରଚନା ଶିକ୍ଷାଦେବାର ବ୍ୟବସ୍ଥା ଥିଲା। ସେହି ସମୟରେ କମ୍ପବେଲ ଯୋଜନା ଅନୁଯାୟୀ ବଙ୍ଗ ପ୍ରଦେଶରେ ତିନିପ୍ରକାର ତାଲିମ ଅନୁଷ୍ଠାନ ବସାଇବାର ସ୍ଥିର ହୋଇଥିଲା। ପ୍ରଥମ ଶ୍ରେଣୀର ସ୍କୁଲମାନଙ୍କର ମଧ୍ୟ ଭର୍ଣ୍ଣାକୁଲାର ସ୍କୁଲ ଉପଯୋଗୀ ଶିକ୍ଷକମାନଙ୍କୁ ତାଲିମ ଦେବା ଓ ଅନ୍ୟ ଦୁଇ ଶ୍ରେଣୀର ତାଲିମ ଅନୁଷ୍ଠାନ ନିମ୍ନଶ୍ରେଣୀର ବିଦ୍ୟାଳୟ ଶିକ୍ଷକମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା ହୋଇଥିଲା। ଏହି ଯୋଜନା ଫଳରେ କଟକ ନର୍ମାଲ ସ୍କୁଲ ଏକ ପ୍ରଥମ ଶ୍ରେଣୀର ସ୍କୁଲରେ ପରିଣତ ହେଲା। ଏହା ପରେ ପରେ ପୁରୀ

ଏବଂ ବାଲେଶ୍ୱରଠାରେ ତୃତୀୟ ଶ୍ରେଣୀର ତାଲିମ ଅନୁଷ୍ଠାନ ସ୍ଥାପିତ ହୋଇଥିଲା । ବାଲେଶ୍ୱରଠାରେ ନର୍ମାଲ ସ୍କୁଲ ସ୍ଥାପିତହେବା ସ୍ଥାନୀୟ ଅଧିବାସୀମାନଙ୍କର ଦାବୀ, ଶିକ୍ଷାକ୍ଷେତ୍ରରେ ତାଲିମପ୍ରାପ୍ତ ଶିକ୍ଷକର ଜରୁରୀ ପ୍ରୟୋଜନ କାରଣ ସ୍ୱରୂପ ବିଦ୍ୟମାନ । ତତ୍କାଳୀନ ଶିକ୍ଷାକ୍ଷେତ୍ରରେ ନିଯୁକ୍ତ କର୍ତ୍ତୃପକ୍ଷ ଓଡ଼ିଶାର ବିଭିନ୍ନ ଦାବୀ ପ୍ରତି ସହାନୁଭୂତିଶୀଳ ଥିଲେ । ସମ୍ଭବତଃ, ସେଥିପାଇଁ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷଠାରୁ ଆରମ୍ଭକରି ୧୮୭ ମସିହା ପର୍ଯ୍ୟନ୍ତ ଏହି ମାତ୍ର ଦଶବର୍ଷ ମଧ୍ୟରେ ଶିକ୍ଷା ଓ ସଂସ୍କୃତିକ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି ହୋଇଥିଲା । ବାଲେଶ୍ୱର ନର୍ମାଲ ସ୍କୁଲ ସମ୍ପର୍କରେ 'ଉତ୍କଳ ପୁତ୍ର' ଓ 'ସମ୍ବାଦ ବାହିକା'ର ଦୁଇଗୋଟି ସମ୍ବାଦ ଓ ଟିପ୍ପଣୀ ଏଠାରେ ଉଦ୍ଧାର କରାଗଲା ।

"ବାବୁ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ବାଲେଶ୍ୱର ଜିଲ୍ଲାର ନର୍ମାଲ ସ୍କୁଲର ପ୍ରଧାନ ଶିକ୍ଷକ ପଦରେ ମନୋନୀତ ହେବାରୁ ଆମ୍ଭେମାନେ ଗତଥର ଯେରୂପ ଆନନ୍ଦ ପ୍ରକାଶ କରିଥିଲୁଁ, ପଣ୍ଡିତ ପ୍ରଭାକର ଚୂଡ଼ାମଣି ପୁରୀଜିଲ୍ଲା ନର୍ମାଲ ସ୍କୁଲର ପ୍ରଧାନ ଶିକ୍ଷକତା ପଦରେ ଶ୍ରୀଯୁକ୍ତ କମିଶନର ସାହେବଙ୍କ ଦ୍ୱାରା ମନୋନୀତ ହେବାରୁ ତଦ୍ରୂପ ଆନନ୍ଦିତ ହୋଇଅଛୁ; କିନ୍ତୁ ସାନ ଲାଟ ସାହେବଙ୍କ ଡିଷ୍ଟ୍ରିକ୍ଟ କମିଶନର କ୍ଷମତା ବିଷୟରେ କିଛି କହିବାକୁ ମାନସ ରହିଲା । ଏତିକି ଦୁଃଖର ବିଷୟ ଯେ ସ୍ୱାର୍ଥପର ବଙ୍ଗାଳୀ ଭାଇମାନେ ଏ ଦୁହିଁଙ୍କର ବିପକ୍ଷରେ କିଛି କିଛି ମନ୍ଦ ଚେଷ୍ଟା କରୁଅଛନ୍ତି ବୋଲି ଜନରବ ହୋଇଅଛି, ତଥାପି ଏମନ୍ତ ଭରସା ହେଉଅଛି ଯେ ଆମ୍ଭମାନଙ୍କର ସ୍ୱାଧୀନ ବିଚାରକର୍ତ୍ତା ବୀମ୍ସ ମହୋଦୟ ନିକଟରେ ବଙ୍ଗାଳୀ ଭାଇଙ୍କର ସକଳ ଚେଷ୍ଟା ବିଫଳହେବ ଏବଂ ଉକ୍ତ ମହାପୁରୁଷଙ୍କର ଭଦ୍ରତା ମଧ୍ୟ ଧରା ପଡ଼ିବ । ପ୍ରବାଦ ଅଛି ଯେ 'ଧୋବାକୁ ମାଇପ ମିଳିଲା' ମାତ୍ର କମ୍ବଳ କଥା ଚନ୍ଦ୍ରାପଡ଼ିଲା ।' ଶେଷେ ଏହି କଥା ଘଟିବ । ବଙ୍ଗାଳୀମାନେ କେବଳ ଓଡ଼ିଆଙ୍କ ଅନ୍ନ ଧ୍ୱଂସ କରି ଲମ୍ବୋଦରଙ୍କ ଗଣ୍ଡି ଓ ଭୁଣ୍ଡି ବଢ଼ାଇବାକୁ ଏଠାକୁ ଆସିଛନ୍ତି । ଏତେଦିନ ଏଠାରେ ରହି ମୁଦ୍ଧା ଆପଣା ପ୍ରକୃତ ଛାଡ଼ୁନାହାନ୍ତି । କଥାରେ କହନ୍ତି—"କୁକୁର ଲାଙ୍ଗୁଡ଼ କରିଅ ବାଙ୍କ, ବାର ବରଷରେ ନୁହେଁ ସଳଖ ।" ଏମାନେ ଓଡ଼ିଆଙ୍କ ଉନ୍ନତିମାର୍ଗରେ ଗୋଟିଏ ଗୋଟିଏ କଣ୍ଟକ ସ୍ୱରୂପ ଏଠାରେ ଓଡ଼ିଆଙ୍କ ଉନ୍ନତି ଦେଖିଲେ, ସେହିଠାରେ ବାଧାଦେବାକୁ ଅଗ୍ରସର ହେଉଅଛନ୍ତି । ଯେଉଁ ବଙ୍ଗାଳୀଟି ନୂଆ ଏ ଦେଶକୁ ଆସିଲା, ତାହା କାନରେ ଗୁରୁମନ୍ତ୍ର ଫୁଙ୍କି ତା' ମନରେ ଓଡ଼ିଆଙ୍କ ପ୍ରତି ହିଂସାଭାବ ଜନ୍ମାଇ ଦେଇ ଆପଣା ଦଳଭୁକ୍ତ କରୁଅଛନ୍ତି । ଆପଣା ଆପଣା କର୍ମକୁ ତ ପୂର୍ବ ପୁରୁଷଙ୍କର ଜାଗିର ମନେ କରି କେତେସ୍ଥଳେ ଆପଣା ଇଚ୍ଛାନୁରୂପେ କାର୍ଯ୍ୟକରି ଯାଉଅଛନ୍ତି । ଓଡ଼ିଆଙ୍କୁ ଦେଖିଲେ ନାକଟେକ କଥା କହନ୍ତି । ଫଳରେ ଏହିମାନେ ଓଡ଼ିଆ ବଙ୍ଗାଳୀଙ୍କ ମଧ୍ୟରେ ପରମ୍ପର ବିବାଦର ମଞ୍ଜି ।"

(ଉତ୍କଳ ପୁତ୍ର—୧।୧୨ - ତା ୨।୧୦।୧୮୭୩)

"ଏହି ସ୍କୁଲ ୧୮୭୩ ମସିହା ଅକ୍ଟୋବର ମାସଠାରୁ ବାଲେଶ୍ୱରରେ ସ୍ଥାପିତ ହୋଇଅଛି, ମାତ୍ର ସ୍କୁଲ ନିମନ୍ତେ ସ୍ୱତନ୍ତ୍ର ଘର ନିର୍ମାଣ ହୋଇନଥିବାରୁ ଅଧ୍ୟାପନା

କାର୍ଯ୍ୟ ଇଂରାଜୀ 'ସ୍କୁଲର ଏକମାତ୍ର ନାମରେ ନିର୍ବାହିତ ହୋଇଆସୁଅଛି । ବାଲେଶ୍ୱର ନର୍ମାଲ ସ୍କୁଲ, ଉଚ୍ଚସ୍ଥ ଶ୍ରେଣୀର ନର୍ମାଲ ସ୍କୁଲ ଅଟେ, ଏଥିନିମନ୍ତେ ସରକାର ବାହାଦୁର ସେହି ସ୍କୁଲ ପାଇଁ ମାସିକ ଘରଭଡ଼ା କୋଡ଼ିଏ ଟଙ୍କା କମ୍ବା ଏକାବେଳେ ଗୃହନିର୍ମାଣ କରିବାପାଇଁ ପନ୍ଦର ବର୍ଷ ଭଡ଼ା ସ୍ୱରୂପ ଟ ୩୬୦୦ ମଞ୍ଜୁର କରିଅଛନ୍ତି । ଏଥିବୁ ଅସ୍ମମାନଙ୍କ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ନର୍ମନ ସାହେବ, ବାଇକ ମାଷ୍ଟର ସାହେବଙ୍କଠାରୁ ସ୍କୁଲ ଘରର ନକ୍ସା ଓ ତାହାର ଏଷ୍ଟିମେଟ୍ ଆଣାଇ ଗୃହ ନିର୍ମାଣ କରିବାର ସ୍ଥାନ ନିରୂପଣ କରିଅଛନ୍ତି । ପାଠକମାନଙ୍କର ମନରେ ଥାଇପାରେ, ଆମ୍ଭେମାନେ ପ୍ରାୟ ଛ'ମାସ ହେବ ଏ ବିଷୟ ସମ୍ବାଦବାହିକାରେ ପ୍ରକାଶ କରିଅଛୁଁ; କିନ୍ତୁ ଉଡ଼ରେଲର ସାହେବ ଉକ୍ତ ଟଙ୍କା ଖରଚ କରିବା ବିଷୟରେ ମଞ୍ଜୁରୀ ନ ଦେବାରୁ ଅଦ୍ୟାବଧି ସ୍କୁଲ ଗୃହ ନିର୍ମାଣ ହୋଇପାରୁନାହିଁ । ଶୁଣିଲୁ ମାଜିଷ୍ଟ୍ରେଟ ମହୋଦୟ ଏ ବିଷୟ ମନ୍ତ୍ରମାବର କମିଶନର ସାହେବଙ୍କୁ ଜଣାଇ ଅଛନ୍ତି; ମାତ୍ର ଅବଧି କୌଣସି ମୀମାଂସା ହୋଇନାହିଁ ଯେ ସ୍ଥଳେ ସରକାର ବାହାଦୁର ଟଙ୍କା ମଞ୍ଜୁର କରିଅଛନ୍ତି, ଡିରେକ୍ଟର ମହୋଦୟ ଯେ କି ନିମନ୍ତେ ସେହି ଟଙ୍କା ଖରଚ କରିବାର ମଞ୍ଜୁରୀ ଦେଉନାହାନ୍ତି, ତାହା କିଛି ବୁଝିପାରୁନାହିଁ । ଅମ୍ଭେମାନେ ଏଥିପାଇଁ ମାଜିଷ୍ଟ୍ରେଟ ସାହେବଙ୍କୁ ଦୋଷ ଦେଇନପାରୁ; କାରଣ ସେ ମହାଶୟଙ୍କ ଯତ୍ନରେ ତ୍ରୁଟି ନାହିଁ: କେବଳ ଉପରସ୍ଥ କର୍ମଚାରୀମାନଙ୍କ ଔଦାସ୍ୟ ହେତୁରୁ ଏପର୍ଯ୍ୟନ୍ତ ଗୃହ ନିର୍ମାଣ ହୋଇପାରୁନାହିଁ । ଯେ ସମସ୍ତ ବର୍ଷବାର ଥିଲା ତାହା ବହିଗଲାଣି । ଏବେ ଉପରସ୍ଥ କର୍ମଚାରୀମାନେ ଏ ବିଷୟରେ ସଚେତ ହୁଅନ୍ତୁ, ଏହି ଆମ୍ଭମାନଙ୍କର କାମନା ।" □□□

(ସମ୍ବାଦବାହିକା—୭ମ ଭାଗ—୧୯ଶ ସଂଖ୍ୟା ପୃ—୧୦୩ । ୧୭ଇ ଫିବ୍ରୁଅରୀ ମସୀହା । ୧୮୭୫)

# ଓଡ଼ିଶାରେ ଉଚ୍ଚଶିକ୍ଷାର ପ୍ରସାର

୧୮୮୨ ମସିହାବେଳକୁ ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ବିଶେଷତଃ ପାଠଶାଳାର ଶିକ୍ଷକମାନଙ୍କୁ ତାଲିମ ଦେବାରେ ବିଶେଷ ପରିବର୍ତ୍ତନ ଦେଖାଦେଇଥିଲା । ପୂର୍ବରୁ ବଙ୍ଗ ପ୍ରଦେଶରେ ସର୍କଲ ପ୍ରଥା ପ୍ରବର୍ତ୍ତିତ କରାଯାଇଥିଲା । ସେ ସର୍କଲ ପ୍ରଥା ଅନୁଯାୟୀ ମାସକୁ ପନ୍ଦର ଟଙ୍କା ଅନୁସାରେ କେତେଜଣ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇ ସେମାନଙ୍କ ତତ୍ତ୍ୱାବଧାନରେ କେତୋଟି ପାଠଶାଳା ଛାଡ଼ିଦିଆଯାଇଥିଲା । ସେମାନେ ପାଠଶାଳା-ପରିଦର୍ଶନ କରି ନିଯୁକ୍ତ ଶିକ୍ଷକମାନଙ୍କୁ ତାଲିମ ଦେଉଥିଲେ । ଏହି ପ୍ରଥା ପ୍ରଥମେ ଓଡ଼ିଶାର ସବୁଜିଲ୍ଲାରେ ପ୍ରବର୍ତ୍ତିତ ହୋଇଥିଲା । ସରକାରଙ୍କ ଆର୍ଥିକ ସାହାଯ୍ୟ ନେଇକରି ୧୮୭୪ ମସିହାରେ ସାତୋଟି ସ୍କୁଲ ସ୍ଥାପିତ ହେଲା ଏବଂ ଶିକ୍ଷକମାନଙ୍କ ତାଲିମପାଇଁ ପଣ୍ଡିତମାନେ ନିଯୁକ୍ତ ହେଉଥିଲେ, ମାତ୍ର ଏହିପ୍ରଥା ଆଶାନୁରୂପ ଫଳପ୍ରଦ ନ ହେବାରୁ ଓଡ଼ିଶାରେ ଅଧିକ ଦିନ ପ୍ରଚଳିତ ହୋଇପାରି ନଥିଲା । ଶିକ୍ଷାଦାନ ପଦ୍ଧତି ସମ୍ବନ୍ଧରେ ଓଡ଼ିଆରେ ଗୋଟିଏ ହେଲେ ପୁସ୍ତକ ନଥିଲା । ତାଲିମପ୍ରାପ୍ତ ଶିକ୍ଷକଙ୍କ ଦରମା ମାସକୁ ୧୨ ଟଙ୍କା ପର୍ଯ୍ୟନ୍ତ ଥିଲା ଏବଂ ତାଲିମ ପାଉଥିବା ଶିକ୍ଷକଙ୍କୁ ମାସକୁ ୫ ଟଙ୍କା ବୃତ୍ତି ଦିଆଯାଉଥିଲା । ୧୮୬୫ ମସିହାରେ ଗଞ୍ଜାମର କଲେକ୍ଟର ବ୍ରହ୍ମପୁର ଜିଲ୍ଲାସ୍କୁଲ ସହ ଏକ ନର୍ମାଲ ସ୍କୁଲ ଆରମ୍ଭ କରିଥିଲେ । ସରକାର ମାସିକ ଦରମା ପଚିଶ ଟଙ୍କା କରି ଛାତ୍ରବୃତ୍ତି ସ୍ୱରୂପ ଅର୍ଥମଞ୍ଜୁର କରୁଥିଲେ । ସରକାରୀ ବୃତ୍ତି ଅଧିକାରୀ ତାଲିମପ୍ରାପ୍ତ ଶିକ୍ଷକମାନଙ୍କୁ ସରକାରୀ ସ୍କୁଲରେ ପାଞ୍ଚବର୍ଷ ସ୍ୱକାର୍ଯ୍ୟ କରିବା ପାଇଁ ଚୁକ୍ତିବଦ୍ଧ ହେବାକୁ ପଡୁଥିଲା । ତାଲିମପ୍ରାପ୍ତ ଗୁରୁଟ୍ରେନିମାନଙ୍କୁ ସାହିତ୍ୟ, ଇଂରାଜୀ, ଅଙ୍କ, ଭୂଗୋଳ, ଭାରତ ଇତିହାସ, ଇଂଲଣ୍ଡ ଇତିହାସ, ଜ୍ୟାମିତି, ବୀଜଗଣିତ ଓ ଶିକ୍ଷାଦାନ ପଦ୍ଧତି ଅଧ୍ୟୟନ କରିବାକୁ ପଡୁଥିଲା । ବ୍ରହ୍ମପୁର ଜିଲ୍ଲାସ୍କୁଲ ସାମିଲ ନର୍ମାଲ ସ୍କୁଲ ବ୍ୟତୀତ, ରସେଲ-କୋଣ୍ଡାଠାରେ ସେହିବର୍ଷ ଆଉ ଏକ ଶିକ୍ଷକ ତାଲିମ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ପାହାଡ଼ିଆ ଅଞ୍ଚଳରେ ଟ୍ରେନିମାନଙ୍କୁ ମାସିକ ଦଶଟଙ୍କା ଓ ସମତଳ ଅଞ୍ଚଳର ଟ୍ରେନିଙ୍କୁ ମାସିକ ଚାରିଟଙ୍କା ହାରରେ ବୃତ୍ତି ଦେବାର ବ୍ୟବସ୍ଥା ଥିଲା । କ୍ରମେ କ୍ରମେ ଶିକ୍ଷକ ତାଲିମ ବ୍ୟବସ୍ଥା ସନ୍ତୋଷ ଜନକ ନୁହେଁ ବୋଲି କର୍ତ୍ତୃପକ୍ଷଙ୍କ ଧାରଣା ହୋଇଥିଲା । ଏହି ପ୍ରସଙ୍ଗରେ ୧୮୮୨ ମସିହାର ହଣ୍ଟର କମିଶନଙ୍କ ରିପୋର୍ଟ ସ୍ମରଣୀୟ ।

କମିଶନ ସୁପାରିଶ କରିଥିଲେ ଯେ ସରକାର ଯେ ଶିକ୍ଷକ ତାଲିମ ବ୍ୟବସ୍ଥା ତାହିଁରୁ ବର୍ଦ୍ଧନ କରିବା ଉଚିତ ଏବଂ ନର୍ମାଲ ସ୍କୁଲରେ ଗ୍ରାଜୁଏଟମାନଙ୍କୁ ତାଲିମ ଦିଆ-ଯାଇଥିବା ଫଳରେ ୧୮୮୩ ମସିହାରେ ସରକାର ଅନୁଗୋଳଠାରେ ଏକ ଟ୍ରେନିଂ

ଶ୍ରେଣୀର ନର୍ମାଲ ସ୍କୁଲ ଖୋଲିଥିଲେ । କ୍ରମେ କ୍ରମେ ମଧ୍ୟଇଂରାଜୀ ବିଦ୍ୟାଳୟଗୁଡ଼ିକରେ ଗୁରୁଟ୍ରେନିଂ ଶ୍ରେଣୀ ଆରମ୍ଭ କରିବାପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ । ୧୯୦୪ ମସିହାବେଳକୁ ଭାରତ ସରକାରଙ୍କର ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାର ପ୍ରତ୍ୟେକ ସବ୍‌ଡିଭିଜନରେ ଗୁରୁଟ୍ରେନିଂ ସ୍କୁଲ ଖୋଲିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସେହି ସମୟରେ ମାଇନର ପାସ୍ କରିଥିବା ଶିକ୍ଷକମାନଙ୍କୁ ବର୍ଷକପାଇଁ ଓ ଅପର ପ୍ରାଇମେରୀପାସ୍ କରିଥିବା ଶିକ୍ଷକମାନଙ୍କୁ ଦୁଇବର୍ଷ ଟ୍ରେନିଂ ଦେବାପାଇଁ ବ୍ୟବସ୍ଥା ହୋଇଥିଲା । କଟକ ନର୍ମାଲ ସ୍କୁଲରେ ମାଟ୍ରିକ, ଆଇ, ଏ, ଓ ବି ଏ. ପାସ୍ କରିଥିବା ଶିକ୍ଷକମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା ପରବର୍ତ୍ତୀ କାଳରେ ହେଲା, କିନ୍ତୁ ଦେଖାଯାଇଥିଲା ଉପଯୁକ୍ତ ସଂଖ୍ୟାରେ ଛାତ୍ର ମିଳୁ ନଥିଲେ । ୧୯୦୯ ମସିହା ବେଳକୁ କଟକ ଟ୍ରେନିଂ ସ୍କୁଲରେ ଶିକ୍ଷାଦାନ ସମୟ ଦୁଇବର୍ଷରୁ ତିନିବର୍ଷକୁ ବୃଦ୍ଧି କରାଗଲା । ସେତେବେଳେ ପାଠ୍ୟକ୍ରମର ଶିକ୍ଷାଦାନ ପଦ୍ଧତି ଓ ଇଂରେଜୀ ଶିକ୍ଷା ଅନ୍ତର୍ଗତ ଥିଲା । ଗୁରୁଛାତ୍ରମାନଙ୍କୁ ମାସିକ ଚାରିଟଙ୍କା ବୃତ୍ତି ଦିଆଯାଉଥିଲା । ଯେଉଁମାନେ ପଢ଼ୁଥିଲେ, ସେମାନେ ପରୀକ୍ଷାରେ ଓଡ଼ିଆରେ ଉତ୍ତର ଲେଖୁଥିଲେ ସେମାନଙ୍କୁ ପରୀକ୍ଷା କରାଯାଇ ସାର୍ଟିଫିକେଟ୍ ଦିଆଯାଉଥିଲା । ପରୀକ୍ଷଣ ଓ ସାର୍ଟିଫିକେଟ୍ ବିତରଣ ଦାୟିତ୍ୱ ଏକ କମିଟି ଉପରେ ନ୍ୟସ୍ତ କରାଯାଇଥିଲା । ହାଇସ୍କୁଲମାନଙ୍କରେ ଇଂରେଜୀ ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥା ଥିବାରୁ ଇନସପେକ୍ଟର ମହାଶୟ ପ୍ରତି ଛଅ ମାସରେ ଶିକ୍ଷକମାନଙ୍କୁ ପରୀକ୍ଷାକରି ସାର୍ଟିଫିକେଟ ଦେଉଥିଲେ । ଏସବୁ ସତ୍ତ୍ୱେ ୧୯୧୦ ମସିହାବେଳକୁ କଟକ ଟ୍ରେନିଂ ସ୍କୁଲପାଇଁ ଘର ନଥିଲା । ଅଭ୍ୟାସ ବିଦ୍ୟାଳୟ ପାଇଁ ଘର ନଥିଲା । ଚାରିଗୋଟି ଶ୍ରେଣୀପାଇଁ ଠିକ୍ ଛଅଗୋଟି କୋଠରୀ ଥିଲା । ପୁନଶ୍ଚ ଓଡ଼ିଶାରେ ଥିବା ଗୁରୁ ଟ୍ରେନିଂ ସ୍କୁଲର ଅବସ୍ଥା ତଦ୍ରୂପ ଥିଲା । ୧୯୧୦ରୁ ୧୯୨୦ମସିହା ମଧ୍ୟରେ ଶିକ୍ଷକ ତାଲିମ ସ୍କୁଲର ଅବସ୍ଥାରେ କିଛିଏ ପରିବର୍ତ୍ତନ ଆସିଥିଲା । ପାଠ୍ୟକ୍ରମର ସଂସ୍କାର, ଛାତ୍ର ଛାତ୍ରୀଙ୍କପାଇଁ ଉଦ୍ଦିଷ୍ଟ ବୃତ୍ତିର ପରିମାଣ ବୃଦ୍ଧି, ପ୍ରାଇମେରୀ ଏବଂ ମାଧ୍ୟମିକ ସ୍କୁଲ ଶିକ୍ଷକ ମାନଙ୍କ ପାଇଁ ତାଲିମ ବ୍ୟବସ୍ଥା, ଶିକ୍ଷୟିତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା, ଗୁରୁଟ୍ରେନିଂ ସ୍କୁଲରେ ମାଇନର ପାସ୍ କରିଥିବା ବ୍ୟକ୍ତିଙ୍କପାଇଁ ଶିକ୍ଷା ବ୍ୟବସ୍ଥା ବିଭିନ୍ନ ସମୟରେ ଉଲ୍ଲେଖଯୋଗ୍ୟ ପଦକ୍ଷେପ । ଶିକ୍ଷକ ତାଲିମ ବିଦ୍ୟାଳୟ ଶିକ୍ଷକ ତାଲିମ ସମ୍ବନ୍ଧୀୟ ଯେତେ ଆନ୍ଦୋଳନ ଓ ସୁପାରିଶ ସମ୍ଭବ ହୋଇଥିଲା, ତାହା ସବୁ ପତ୍ରିକା ମାଧ୍ୟମରେ ଜନସାଧାରଣଙ୍କର ପ୍ରବଳ ଦାବୀଯୋଗୁଁ । ସେତେବେଳର ପତ୍ର ପତ୍ରିକା ଯେ କୌଣସି ଜାତୀୟ ସମସ୍ୟା ସମାଧାନ ପାଇଁ ସଂକଳ୍ପବଦ୍ଧ ହୋଇ ଉଦ୍ୟମ କରୁଥିଲେ ।

୧୯ ୩ ମସିହାରୁ ମାଟ୍ରିକ ପାଶ କରିଥିବା ଶିକ୍ଷକମାନଙ୍କ ପାଇଁ କଟକ ଟ୍ରେନିଂ ସ୍କୁଲରେ ଟ୍ରେନିଂ ବ୍ୟବସ୍ଥା ହୋଇଥିଲା । ଏହା ସହିତ ଆଇ. ଏ. ଫେଲ ଓ ମାଟ୍ରିକ୍ ପାଶ୍ ଛାତ୍ରଙ୍କୁ ମଧ୍ୟ ନିଆଯାଇଥିଲା । ଏହି ଟ୍ରେନିଂସ୍କୁଲ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ନାମରେ ଅଭିହିତ ହୋଇଥିଲା । ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁରଠାରେ ଏକ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ଆରମ୍ଭ ହୋଇଥିଲା । ଏହା ୧୯୧୫ ମସିହାର କଥା । ଉଚ୍ଚ ଶିକ୍ଷିତ

ଯୁବକମାନଙ୍କୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ଶିକ୍ଷକ ରୂପେ ନିଯୁକ୍ତ କରିବାକୁ ହେଲେ ସେମାନଙ୍କୁ ଟ୍ରେନିଂ ଦେବା ଦରକାର । ସମ୍ଭବତଃ ଏହା ଅନୁଭବକରି ତତ୍କାଳୀନ ଓଡ଼ିଶା ସରକାର ୧୯୨୩ ମସିହାରେ କଟକଠାରେ ଏକ ଟ୍ରେନିଂ କଲେଜ ପ୍ରତିଷ୍ଠା କଲେ । ଏହି ଟ୍ରେନିଂ କଲେଜରେ ଡିପ୍ଲୋମା ପାଠ୍ୟକ୍ରମ ପ୍ରବର୍ତ୍ତିତ ହୋଇଥିଲା । କ୍ରମେ କ୍ରମେ ଓଡ଼ିଶାରେ ଶିକ୍ଷକ ତାଲିମ ବ୍ୟବସ୍ଥା ବୃଦ୍ଧି ପାଇଥିଲା । ଏସବୁ ସତ୍ତ୍ୱେ ୧୯୩୦ ମସିହାବେଳକୁ ଓଡ଼ିଶାରେ ପ୍ରାୟ ଶତକଡ଼ା ସ୍କୁଲଣରୁ ଅଧିକ ତାଲିମପ୍ରାପ୍ତ ହୋଇପାରି ନ ଥିଲେ । ଏହି ପ୍ରସଙ୍ଗରେ କଟକ ଟ୍ରେନିଂସ୍କୁଲର ଅଧ୍ୟକ୍ଷ ଦ୍ୱାରକାନାଥ ଚକ୍ରବର୍ତ୍ତୀ (୧୮୩୫-୧୯୧୪)ଙ୍କ ନାମ ସ୍ମରଣୀୟ । ୧୮୩୫ ମସିହାରେ ଦ୍ୱାରକାନାଥଙ୍କ ଜନ୍ମ । ତାଙ୍କର ପିତା ତାରାଚାନ୍ଦ ଚକ୍ରବର୍ତ୍ତୀ କାନପୁରଠାରେ ସୈନ୍ୟ ବିଭାଗରେ ଅକାଉଣ୍ଟାଣ୍ଟ ରୂପେ ଅବସ୍ଥାପିତ ହୋଇଥିଲେ । ଦ୍ୱାରକାନାଥ କଲେଜରେ ପ୍ରଥମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ । ୧୮୬୯ ମସିହାରେ ପୁରୀଜିଲା ସ୍କୁଲରେ ସହକାରୀ ପ୍ରଧାନ ଶିକ୍ଷକ ରୂପେ ଯୋଗଦାନ କରିଥିଲେ । ଏହିଠାରେ ସେ ଓଡ଼ିଆଭାଷା ଶିକ୍ଷା ଆରମ୍ଭ କରିଥିଲେ । ଉଭୟେ ଉତ୍କଳ ଗୌରବ ମଧୁସୂଦନ ଓ ଭକ୍ତକବି ମଧୁସୂଦନ ତାଙ୍କର ଛାତ୍ର ଥିବାର ଜଣାଯାଏ । ପୁରୀଜିଲା ସ୍କୁଲରେ ସେ ଅନୁଗୋଳକୁ ଡେପୁଟି ଇନ୍ସପେକ୍ଟର ଭାବେ ବଦଳି ହୋଇଥିଲେ । ଏହାପରେ ବିଭିନ୍ନ ସ୍ଥାନରେ କାମକରି ୧୮୬୯ ମସିହାରେ କଟକରେ ପ୍ରତିଷ୍ଠିତ ଗୁରୁଟ୍ରେନିଂ ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ଭାବରେ ନିଯୁକ୍ତ ହୋଇଥିଲେ । କଟକ ନର୍ମାଲ ସ୍କୁଲ ବା କଟକ ଟ୍ରେନିଂ ସ୍କୁଲର ସର୍ବବିଧ ବିକାଶ ନିମନ୍ତେ ଦ୍ୱାରକାନାଥ ଚକ୍ରବର୍ତ୍ତୀ ହିଁ ଦାୟୀ ହୋଇଥିଲେ । ଏହି ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଭାବରେ ସେ ୧୯୦୩ ମସିହା ପର୍ଯ୍ୟନ୍ତ କାର୍ଯ୍ୟକରିଥିଲେ । ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ଉତ୍କଳ ଦୀପିକାର ପ୍ରକାଶନ ମୂଳରେ ତାଙ୍କର ଅକ୍ଲାନ୍ତ ପରିଶ୍ରମ ନିହିତ ଥିଲା । ଯଥାର୍ଥତଃ ଦ୍ୱାରକାନାଥ ଚକ୍ରବର୍ତ୍ତୀ ଓଡ଼ିଶାରେ ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ବହୁବିଧ ଯୋଜନା କାର୍ଯ୍ୟକାରୀ କରାଇଥିଲେ । ଉତ୍କଳ ଦୀପିକାର ପ୍ରାଚୀନ ପୃଷ୍ଠା ଅନୁଧ୍ୟାନ କଲେ ଓଡ଼ିଶାର ଶିକ୍ଷା ଓ ସଂସ୍କୃତି ସହିତ ସଂପୃକ୍ତ ବହୁ ତଥ୍ୟପୂର୍ଣ୍ଣ ବିବରଣୀ ପ୍ରାପ୍ତ ହୋଇଥାଏ ।

ଓଡ଼ିଶାରେ ପୁଣି କଲେଜ ୧୮୭୬ ମସିହା ବେଳେ, ଏହା ଯେପରି ଏକ କପୋଳକଳ୍ପିତ ବୁଢ଼ୀ ଅସୁରୁଣୀର କାହାଣୀ ସଦୃଶ; କିନ୍ତୁ ଜନସାଧାରଣଙ୍କର ଆଗ୍ରହ ଓ ଉତ୍କଣ୍ଠା ପ୍ରତିଫଳିତ କରାଇ ଉତ୍କଳଦୀପିକା କଲେଜ ଆନ୍ଦୋଳନର ଯେପରି ସୂତ୍ର ଦେଇଥିଲା, କଟକ ହାଇସ୍କୁଲ ଗତ ପରୀକ୍ଷାରେ ଯେ ଫଳପ୍ରାପ୍ତ ହୋଇଅଛି ତାହା ଦେଖି ମନ ଯେମନ୍ତ ଆନନ୍ଦିତ ହେଉଅଛି । ଫାଷ୍ଟ ଆର୍ଟସ ପରୀକ୍ଷାରେ ଆଠଜଣ ଛାତ୍ର ଉପସ୍ଥିତ ହୋଇଥିଲେ । ତହିଁ ମଧ୍ୟରୁ ୭ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ । ଏଥିରୁ ଛାତ୍ରଙ୍କ ତୀକ୍ଷ୍ଣ ବୁଦ୍ଧିର ପରିଚୟ ପ୍ରାପ୍ତ ହେଉଅଛି; କିନ୍ତୁ ଏହାର ପରିମାଣ କି ? + × × କେବେ ଦୁଇଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏପରି ବୋଲିବାର ହେତୁ ନଥିଲା,

କିନ୍ତୁ ଏତେଗୁଡ଼ିଏ ଲୋକ ଏତେଦୂର ଯାଏ ପରିଶ୍ରମକରି ଯେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବେ ବଡ଼ ସନ୍ତାପର ବିଷୟ । ତଃପରେ କଲେଜ ସ୍ଥାପନ ଏ ସନ୍ତାପରୁ ଉଦ୍ଧାର ହେବାର ଏକମାତ୍ର ଉପାୟ; କିନ୍ତୁ ବର୍ତ୍ତମାନ ଉଚ୍ଚଶିକ୍ଷା ପ୍ରତି ଗଭର୍ଣ୍ଣମେଣ୍ଟଙ୍କ କଠିନ ବ୍ୟବହାର ଦେଖି ମନରେ ପ୍ରତ୍ୟୟ ହେଉନାହିଁ ଯେ ଓଡ଼ିଶାରେ ଆଉ ଶିକ୍ଷାର ଉନ୍ନତି ହେବ । ତେବେ ଆମ୍ଭମାନଙ୍କର ଗୋଟିଏ ଆଶା ଏହି ଅଛି ଯେ ଓଡ଼ିଶା ବଙ୍ଗ ଦେଶର ଗୋଟିଏ ସୁବା ( ବା ) ଅଟଇ, ବଙ୍ଗଳା ଓ ବେହାର ଅନ୍ୟ ଦୁଇ ସୁବା ( ବା ) । ଏଥିରେ ବଙ୍ଗଳାରେ ବହୁତ କଲେଜ ଅଛି; କିନ୍ତୁ ଓଡ଼ିଶା କି ଦୋଷ କରିଅଛି ଯେ ଗୋଟିଏ ସୁଦ୍ଧା କଲେଜ ପାଇବ ନାହିଁ । ବାସ୍ତବରେ ଏହାର ଗୋଟିଏ କଲେଜ ପ୍ରତି ଦାବି ହୋଇଅଛି । ଏଥିକୁ ଗଭର୍ଣ୍ଣମେଣ୍ଟ କୃଷ୍ଣନଗର କଲେଜ ଉଠାଇଦେଇ ଯେଉଁ ଲାଭ କରିଛନ୍ତି, ତାହାର ଚୌଠିଏ ଅଂଶ ଓଡ଼ିଶାକୁ ଦେଲେ କାର୍ଯ୍ୟ ଚଳିପାରେ । ମହାମାନ୍ୟ ଗଭର୍ଣ୍ଣର ଜେନେରାଲ ସାହେବ ଚିରଦୁଃଖିନୀ ଓଡ଼ିଶାର ଦୁର୍ଦ୍ଦଶା ସ୍ୱଚକ୍ଷୁରେ ଦର୍ଶନ କରିବାକୁ ଶୁଭାଗମନ କରୁଛନ୍ତି । ଏ ରୂପ ସଂଯୋଗକୁ ରାଜଯୋଟକ ବୋଲାଯାଇପାରେ । ଯେବେ ଗୋଟିଏ କଲେଜ ସ୍ଥାପନର ବ୍ୟବସ୍ଥା ନ ହେବ ତେବେ ଏତେ ଯୋଗଟା କି ବ୍ୟର୍ଥ ଯିବ ? × × × ଶରୀର ପୋଷଣ କମିଲେ ଆମ୍ଭେମାନେ ବଡ଼ କାତର ନୋହୁ । ଯଥେଷ୍ଟ ଧାନ ଫଳିବାରୁ ପ୍ରାଣ ଧାରଣ କରିବାକୁ ସମର୍ଥ ହେଉଅଛୁ ଓ ଯାହା ଅବା କଦା କଦା ଦୁର୍ଭିକ୍ଷର ଭୟ ଥିଲା ତାହା ନିବାରଣ ପକ୍ଷରେ ଗଭର୍ଣ୍ଣମେଣ୍ଟ ନାଲ ଖୋଳି ଆପଣା କର୍ତ୍ତବ୍ୟ ସାଧନ କରିଅଛନ୍ତି । ଏଥର ମାନସିକ ଦୁର୍ଭିକ୍ଷ ବଳବତ୍ତରରୂପେ ପଡ଼ିଲା । ଏଥିରୁ ଉଦ୍ଧାର କାରଣ କିଛି ଉପାୟ ହୋଇନାହିଁ । ଅତଏବ ସର୍ବାଗ୍ରେ ଗଭର୍ଣ୍ଣର ଜେନେରାଲଙ୍କ ଆସିବା ଅପେକ୍ଷାରେ ଏହି କାର୍ଯ୍ୟଟି ରହିଅଛି । □□□

# ଓଡ଼ିଶାରେ କଲେଜ ପ୍ରତିଷ୍ଠାର ବିବରଣୀ
## (୨)

### ରେଭେନ୍‌ସା କଲେଜ ପ୍ରତିଷ୍ଠାର ବିବରଣୀ—

୧୮୭୫ ମସିହା ପ୍ରାରମ୍ଭରେ ବଙ୍ଗଳାର ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ରିଚାର୍ଡ଼ ଟେମ୍ପଲ୍ ଓଡ଼ିଶା ପରିଦର୍ଶନରେ ଆସିଥିଲେ । ସ୍ଥାନୀୟ ନାଗରିକମାନଙ୍କ ପକ୍ଷରୁ ତାଙ୍କୁ ଏକ ମିଳିତ ଆବେଦନ ପତ୍ର ପ୍ରଦତ୍ତ ହୋଇଥିଲା । ନିବେଦନ ପତ୍ରରେ ସ୍ୱାକ୍ଷରକାରୀମାନେ କଟକ ହାଇସ୍କୁଲକୁ ଗୋଟିଏ କଲେଜରେ ପରିଣତ କରିବାପାଇଁ ଅନୁରୋଧ ଜଣାଇଥିଲେ । ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ହାଇସ୍କୁଲଟିକୁ ଡିଗ୍ରୀ କଲେଜ ସ୍ତରକୁ ଉନ୍ନୀତ କରିବାକୁ ସ୍ୱୀକୃତ ହୋଇଥିଲେ; ମାତ୍ର ତାଙ୍କର ସ୍ୱୀକୃତି କେତେକ ଅର୍ଥନୈତିକ ବିଷୟସାପେକ୍ଷ ଥିଲା । ସେ ମୁକ୍ତ କହିଥିଲେ ଯେ କଲେଜର ଛାତ୍ରସଂଖ୍ୟା ଯେହେତୁ ଅଧିକ ହେବାର ସମ୍ଭାବନା ନ ଥିଲା ସରକାର ସେଥିଯୋଗୁଁ ପୁନଃପୌନିକ ବ୍ୟୟ ବହନ କରିବାପାଇଁ ପ୍ରସ୍ତୁତ ନ ଥିଲେ । ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ତାଙ୍କର ରିପୋର୍ଟରେ (୨୭ । ୪ । ୧୮୭୫) ଜନସାଧାରଣଙ୍କଠାରୁ ୩୦ ହଜାର ଟଙ୍କା ଚାନ୍ଦା ସ୍ୱରୂପ ପ୍ରସ୍ତାବ କରିଥିଲେ । କମିସନର ରେଭେନ୍‌ସା ସାହେବ ଏହି ପ୍ରସ୍ତାବ ବାବଦରେ ପଦକ୍ଷେପ ନେବାର ଆଦୌ ହେଳା କରିନଥିଲେ । ଓଡ଼ିଶାରେ କଲେଜ ପ୍ରତିଷ୍ଠା ପାଇଁ ରେଭେନ୍‌ସାଙ୍କ ପ୍ରାଣରେ ଯେଉଁ ବ୍ୟାକୁଳତାର ବନ୍ୟା ପ୍ରବାହିତ ହୋଇଥିଲା, ସେଥିରୁ ତାଙ୍କ ବ୍ୟକ୍ତିତ୍ୱର ପରିଚୟ ମିଳିଥାଏ । ରେଭେନ୍‌ସା ସାହେବ ଯେଉଁ ଚିଠି ଲେଖିଥିଲେ ତାହାର କିୟଦଂଶ ଏଠାରେ ଉଲ୍ଲେଖ କରାଗଲା :—

"As matters now stand, I am in a position to guarantee that a sum of Rupees thirty thousand will be forthcoming and claim the fulfilment of the Government promise to assign Rs. 500 per month for five years" ପୁନଶ୍ଚ ସେ ଉଲ୍ଲେଖ କରିଥିଲେ ଯେ ଦ୍ୱିତୀୟ ବର୍ଷ ଶ୍ରେଣୀରେ ୧୧ଜଣ ଛାତ୍ର ଅଧ୍ୟୟନ କରୁଥିଲେ ଏବଂ ସେଥିରୁ ୭ଜଣ ତୃତୀୟବର୍ଷ ଶ୍ରେଣୀରେ ନାମ ଲେଖାଇବା ସୁନିଶ୍ଚିତ । ରେଭେନ୍‌ସା ସାହେବ ତାଙ୍କ ଉପସଂହାରରେ ସୂଚନା ଦେଇଥିଲେ ଯେ କଟକରେ କଲେଜ ପ୍ରତିଷ୍ଠା ମୋର ବ୍ୟକ୍ତିଗତ ସ୍ୱପ୍ନ ଏବଂ ଓଡ଼ିଶାରେ ଉଚ୍ଚଶିକ୍ଷା ସମ୍ପ୍ରସାରଣ ଦୃଷ୍ଟିରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ବଙ୍ଗ ସରକାରଙ୍କ ଶିକ୍ଷା ବିଭାଗ କଲିକତାରେ ଅବସ୍ଥିତ ଥିବାରୁ ସ୍ଥାନୀୟ ସମସ୍ୟା ପ୍ରତି ବିମୁଖ ନ ହେଲେ ମଧ୍ୟ ତତ୍ପର ନୁହନ୍ତି ଏବଂ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ପ୍ରୟୋଗ କରିବାରେ ଅସମର୍ଥ । ସରକାର ଯେବେ ୫ ଶହ ଟଙ୍କା ବ୍ୟବସ୍ଥା କରି ତାଙ୍କ ହସ୍ତରେ କଲେଜ ପ୍ରତିଷ୍ଠା ଭାର ନ୍ୟସ୍ତକରନ୍ତି,' ତା'ହେଲେ

ସେ D. P. I.ଙ୍କ ସହିତ ପରାମର୍ଶ କ୍ରମେ ସରକାରଙ୍କୁ ନିର୍ଦ୍ଦିଷ୍ଟ ଯୋଜନା ଦେଇପାରିବେ । ରେଭେନ୍ସା ସାହେବ ଏହା ହିଁ ତାଙ୍କ ଉପସଂହାରରେ ଉଲ୍ଲେଖ କରିଥିଲେ ।

"The establishment of a college in Cuttack is an objəct of personal interest to myself and also of greatest importance to the spread of higher education in Orissa. The Bengal education department, located in Calcutta, is incapable of affording immediate supervision and is alien if not antagonistic, to local peculiarities. If therefore government will assign Rs 500 per month and place the organisation of the new college in my hands I have prepared in communication with the D. P. I., to submit a definite scheme for approval."

ରେଭେନ୍ସା ଏତିକରେ ସନ୍ତୁଷ୍ଟ ନ ହୋଇ ପ୍ରସ୍ତାବିତ କଲେଜର ଅଧ୍ୟକ୍ଷ ପଦପାଇଁ ସାମୁଏଲ ଅଗର (Samuel Ager)ଙ୍କ ନାମ ମଧ୍ୟ ସରକାରଙ୍କୁ ସୁପାରିସ୍ କରିଥିଲେ ଏବଂ ତତ୍ସଙ୍ଗେ ଅର୍ଥ ମଞ୍ଜୁରି (Grant in aid) ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ସରକାରଙ୍କର ସେକ୍ରେଟାରି ଉତ୍ତରରେ ଯାହା ଜଣାଇଥିଲେ, ସେଥିରେ ମାସିକ ୫ ଶହ ଟଙ୍କା ନିର୍ଦ୍ଦିଷ୍ଟ ଅର୍ଥ ସାହାଯ୍ୟର କୌଣସି ସୂଚନା ନ ଥିଲା । ସେଥିରେ ସୂଚିତ ଥିଲା ଯେ ଜନସାଧାରଣ, ଯେବେ ଅର୍ଦ୍ଧାଂଶ ଦେବେ ତା' ହେଲେ ବଡ଼ଲାଟ୍ ହାଇସ୍କୁଲକୁ କଲେଜରେ ପରିଣତ କରିବା ପାଇଁ ଚେଷ୍ଟା କରିବେ । ପୁନଶ୍ଚ କମିଶନରଙ୍କୁ ଜଣାଇ ଦିଆଯାଇଥିଲା ଯେ ତାଙ୍କର ପ୍ରସ୍ତାବିତ grant-in-aid କଲେଜ ବଡ଼ଲାଟ୍ଙ୍କ ଦ୍ୱାରା ମଞ୍ଜୁରି ହୋଇ ନ ଥିଲା । ବଡ଼ଲାଟ୍ଙ୍କ ଧାରଣା ଯେ ସରକାରୀ ହାଇସ୍କୁଲ ଉପରେ grant-in-aid କଲେଜ ଲଦିଦେବା ଆଦୌ ଠିକ୍ ହେବ ନାହିଁ । ରେଭେନ୍ସା ପ୍ରସ୍ତାବିତ କଲେଜର ଅଧ୍ୟକ୍ଷ ପଦ ପୂରଣ ସମ୍ପର୍କରେ ଆହୁରି ଲେଖିଥିଲେ ଯେ ବଙ୍ଗଳାର କୌଣସି ବ୍ୟକ୍ତିଙ୍କୁ କଲେଜର ଅଧ୍ୟକ୍ଷ ପଦରେ ନିଯୁକ୍ତ କରିବା ଏକାନ୍ତଭାବେ ଅନ୍ୟାୟ ହେବ । "The appointment of any native of Bengal as Principal of the Orissa College would be exceedingly unde:irable and I earnestly hope that such a course may not thought of" ସେତେବେଳେ H. Woodrow ଶିକ୍ଷାବିଭାଗର D. P. I. ଥିଲେ । ସେ ମଧ୍ୟ ବଙ୍ଗ ସରକାରଙ୍କ ସେକ୍ରେଟାରିଙ୍କୁ ରେଭେନ୍ସାଙ୍କ ପ୍ରସ୍ତାବ ସପକ୍ଷରେ ସୁପାରିସ କରି ଲେଖିଥିଲେ । ତାଙ୍କ ପତ୍ରରେ ଉଲ୍ଲେଖ ଥିଲା ଯେ କଲେଜ ଯେହେତୁ ରେଭେନ୍ସା ସାହେବଙ୍କ ଅକ୍ଳାନ୍ତ ଉଦ୍ୟମରେ ସମ୍ଭବ ହେବାକୁ ଯାଉଛି, ସେତେବେଳେ ଉଦ୍ୟୋକ୍ତାଙ୍କ ସୁପାରିସ୍ ଅନୁଯାୟୀ ଅଧ୍ୟକ୍ଷ ଓ ଅଧ୍ୟାପକ ନିଯୁକ୍ତ ହେବା ବାଞ୍ଛନୀୟ ।

"As the college is due to Mr. Ravenshaw's indefatigable efforts, I would recommend that the nomination of Mr. Ager for the post of the principal be accepted on a salary of Rs. 350 a month, to be increased to Rs. 400 at the end of two years, if the college is successful. An assistant professor on Rs. 250 and a science teacher on Rs. 200 will be immediately necessary." (D P. I. to the Secretary letter No. 5866, 7. 12. 1875.)

ପୁନଶ୍ଚ D P. I. ସରକାରଙ୍କ ସେକ୍ରେଟାରୀଙ୍କୁ ଜଣାଇଥିଲେ (D.P.I. to the Secretary, Covt. of Bengal, 8 January 1876—Letter No 31) ଯେ କମିସନର ବିନା ବିଳମ୍ବରେ କଲେଜ ପ୍ରତିଷ୍ଠା କରିବାକୁ ଇଚ୍ଛୁକ ଥିଲେ; ମାତ୍ର ୪ ଜଣ 1st Arts ପରୀକ୍ଷା ପାଶ୍ କରିଥିଲେ ମଧ୍ୟ ଦୁଃଖ କରିବାର କିଛି ନାହିଁ । କାରଣ କଲିକତା କଲେଜରେ ସେତିକ ସଂଖ୍ୟକ ଛାତ୍ର ହିଁ ପାଶ୍ କରିଥିଲେ । ସେହି ଚିଠିର କିୟଦଂଶ ଏଠାରେ ଉଦ୍ଧାର କରାଗଲା—"The Commi·sioner wishes to start at once the college. The success this year is slight. Four only passed the first Arts, but this is the very number that had passed in Dr Duffs great Calcutta College." ସରକାରୀ ସ୍ତରରେ ଓଡ଼ିଶାରେ ଗୋଟିଏ କଲେଜ ପ୍ରତିଷ୍ଠା ପାଇଁ ଏପରି ପତ୍ରାଳାପ ଚାଲିଥିବା ସମୟରେ ଓଡ଼ିଶାର ଜନସାଧାରଣଙ୍କ ପକ୍ଷରୁ କଲେକ୍ଟରଙ୍କର ସୂଚନା ଅନୁସାରୀ ସମ୍ଭୂଳ ପରିମାଣରେ ଜନସାଧାରଣଙ୍କ ପକ୍ଷରୁ ଚାନ୍ଦା ସଂଗ୍ରହ କରିବା ପାଇଁ ମଧ୍ୟ ଆଦୌ ପଛେଇ ନଥିଲେ । ଏହି କାର୍ଯ୍ୟରେ ସାଧାରଣତଃ ପତ୍ରପତ୍ରିକାମାନଙ୍କର ଉତ୍ସାହ ଓ ଉଦ୍ୟମ ଉଲ୍ଲେଖଯୋଗ୍ୟ । ଓଡ଼ିଶାରେ କଲେଜ ପ୍ରତିଷ୍ଠା ହେବାପାଇଁ କେଉଁ ଭଦ୍ରବ୍ୟକ୍ତି କେତେ ଚାନ୍ଦା ଦେଇଥିଲେ ତାହାର ଏକ ବିବରଣୀ ପ୍ରଦତ୍ତ ହେଲା । ଏହି ବିବରଣୀରେ ବାଲେଶ୍ୱର ଜିଲ୍ଲାରୁ ସଂଗୃହୀତ ଅର୍ଥର ସୂଚନା ମିଳିଥାଏ ।

## କଟକ କଲେଜ ନିମନ୍ତେ ଚାନ୍ଦା ସଂଗ୍ରହ

କଟକରେ କଲେଜ ସ୍ଥାପନ କରିବା ବିଷୟରେ ଆମ୍ଭମାନଙ୍କ କମିସନର ମହୋଦୟ ଯେପରି ଯତ୍ନ କରୁଅଛନ୍ତି ତାହା ପାଠକମାନଙ୍କଠାରେ ଅବିଦିତ ନୁହେଁ । ସରକାର ବାହାଦୂର ପାଞ୍ଚ ବର୍ଷ ନିମନ୍ତେ ଯେଉଁ ୩୦ ହଜାର ଟଙ୍କା ସାହାଯ୍ୟ ଚାହିଁଥିଲେ, ତାହା ପ୍ରାୟ ସ୍ୱୀକୃତ ହୋଇଅଛି । ଆମ୍ଭେମାନେ ଅନୁମାନ କରୁ, ଆମ୍ଭମାନଙ୍କ କଲେକ୍ଟର ସାହେବ ବାଲେଶ୍ୱରରୁ ଯେଉଁ ପରିମାଣରେ ଚାନ୍ଦା ସଂଗ୍ରହ କରାଇଅଛନ୍ତି ସେହି ପରିମାଣରେ କଟକ ଜିଲ୍ଲାରୁ ହେବେ

ଭେଦା ଉଠେ, ତେବେ ବିଦେଶୀୟ ଭେଦାକୁ ଯେତେ ଟଙ୍କା ବଳପଡ଼େ । ବାଲେଶ୍ୱର ଜିଲ୍ଲାରୁ ସବୁ ସୁଦ୍ଧା ୫୨୨୫ ଟଙ୍କା ଭେଦା ଉଠିଅଛି । ଏହି ଟଙ୍କା ମଧ୍ୟରୁ ଯେଉଁ ଜମିଦାର ଯେତେ ସ୍ୱାକ୍ଷର କରିଅଛନ୍ତି ଏବଂ ସ୍ୱାକ୍ଷରିତ ଟଙ୍କା ମଧ୍ୟରୁ ଯେଉଁ ମହାଶୟ ଯେତେ ନଗଦ ଦେଇଅଛନ୍ତି କଲେକ୍ଟର ମହୋଦୟଙ୍କ ଆଜ୍ଞାନୁସାରେ ସେମାନଙ୍କ ନାମ ଓ ସେମାନଙ୍କ ଭେଦା ଟଙ୍କାର ଅବିକଳ ତାଲିକା ତଳେ ପ୍ରକାଶ କଲୁ ; ଯଥା—

| ନାମ ଜମିଦାର | ଅଙ୍ଗୀକୃତ ଟଙ୍କା |
|---|---|
| ୧ । ବାବୁ ଶ୍ୟାମାନନ୍ଦ ଦେ ରାୟବାହାଦୁର | ଟ ୧୦୦୦ |
| ୨ । ,, ବୃନ୍ଦାବନଚନ୍ଦ୍ର ମଣ୍ଡଳ | ଟ ୫୦୦୦ |
| ୩ । ,, ରାଧାରମଣ ଦାସ | ଟ ୪୦୦ |
| ୪ । ,, ମଦନମୋହନ ଦାସ | ଟ ୪୦୦ |
| ୫ । ,, ପୁରୁଷୋତ୍ତମ ଦାସ | ଟ ୧୫୦ |
| ୬ । ,, ଲକ୍ଷ୍ମୀନାରାୟଣ କର | ଟ ୫୦ |
| ୭ । ,, ନିତାଇଚରଣ ଦାସ | ଟ ୨୫ |
| ୮ । ,, ମଥୁରମୋହନ ପାତ୍ରୀ ଓ ବିଷ୍ଣୁମୋହନ ପାତ୍ରୀ | ଟ ୩୦୦ |
| ୯ । ,, କଶୋରୀ ନାରାୟଣ ପ୍ରହରାଜ | ଟ ୧୨୫ |
| ୧୦ । ,, ଗୋପୀବଲ୍ଲଭ ରାୟ ମହାଶୟ | ଟ ୬୦ |
| ୧୧ । ,, ଶିବନାରାୟଣ ପ୍ରହରାଜ | ଟ ୧୫ |
| ୧୨ । ,, କୃଷ୍ଣମୋହନ ବସୁ | ଟ ୫୦ |
| ୧୩ । ,, ରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଦେବବାହାଦୁର ଜଲେ ମୟୂରଭଞ୍ଜ | ଟ ୫୦୦ |
| ୧୪ । ,, ଗୋବିନ୍ଦବଲ୍ଲଭ ରାୟ | ଟ ୫୦ |
| ୧୫ । ,, ବଳଭଦ୍ର ପ୍ରସାଦ ଦାସ ରାଜକୁମାର ବୈରାଗଞ୍ଜନ ଭୂୟାଁ । ମହାପାତ୍ର ଜଲେ ମଙ୍ଗଳପୁର | ଟ ୧୦୦ |
| ୧୬ । ,, ସୁନ୍ଦର ନାରାୟଣ ଚୌଧୁରୀ | ଟ ୨ |
| ୧୭ । ,, ନିମାଇଁ ଚରଣ ବସୁ ଓ ରାଧାମୋହନ ବସୁ | ଟ ୫୦୦ |
| ୧୮ । ,, ଲାଲ ଯଦୁନାଥ ରାୟ | ଟ ୫୦ |
| ୧୯ । ,, ଦ୍ୱାରକାନାଥ ଦେ | ଟ ୨୫ |
| ୨୦ । ,, ମୁନ୍‌ସି ଅବ୍‌ଦୁଲ ଗନି | ଟ ୬୦ |
| ୨୧ । ,, ରାଜା ରାମଚନ୍ଦ୍ର ସିଂହ ଓ ବାବୁ ମାନସିଂହ | ଟ ୭୦ |
| ୨୨ । ,, ଶ୍ରୀ ବୈଦ୍ୟନାଥ ଦାସ ମହାରଥୀ ଭୂୟାଁ ଜଲେ ପାଟଣା | ଟ ୫୦ |
| ୨୩ । ମଉଲଭି ମୂଲଣା ମହମଦ ମନହର ଅଲହକ | ଟ ୪୦ |

| | ନାମ ଜମିଦାର | | ଅଙ୍ଗୀକୃତ ଟଙ୍କା | |
|---|---|---|---|---|
| ୨୪ । | ବାବୁ ରାଜେ କୃଷ୍ଣଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ କଲ୍ଲି ନୀଳଗିରି | | ଟ | ୧୦୦ |
| ୨୫ । | ,, ବୃନ୍ଦାବନ ବହ୍ଲାଶ୍ଚ ଦେ | | ଟ | ୧୦ |
| ୨୬ । | ,, ନବକୁମାର ଚୌଧୁରୀ ଓ କମଳକାମିନୀ ଦେବୀ | | ଟ | ୧୫୦ |
| ୨୭ । | ,, କୈଳାସଚନ୍ଦ୍ର ରାୟ ମହାଶୟ | | ଟ | ୧୦୦ |
| ୨୮ । | ,, ଶ୍ରୀମାନ୍ ଚନ୍ଦ୍ର ମୁଖୋପାଧ୍ୟାୟ | | ଟ | ୪୦ |
| ୨୯ । | ,, ଭୂୟାଁ ଗୋଲାମ ମୁସ୍ତାଫା ଖାଁ | | ଟ | ୧୦ |
| ୩୦ । | ,, ଶ୍ରୀଚନ୍ଦନ ଭୂୟାଁ ଓ ଦ୍ୱାରକାନାଥ ରାୟ | | ଟ | ୧୦୦ |
| ୩୧ । | ,, ଚୌଧୁରୀ ହରିହର ପ୍ରସାଦ ଦାସ ପ୍ରହରାଜ | | ଟ | ୨୦ |
| | ବିଦ୍ୟାଧର ଭୂୟାଁ ମହାପାତ୍ର ମୁଁ: କୋଡ଼ାଲ | | ଟ | ୬୦ |
| ୩୨ । | ,, ସହଦେବ ମହାପାତ୍ର ମୁ: ଯାଜପୁର | | | |
| | | | | ଟ୫୨୨୫ |

ଏଥିମଧ୍ୟରୁ ମୟୂରଭଞ୍ଜ ମହାରାଜା, ମଟୋଲ୍ଡି ମୂଲ୍‌ନା ମହମ୍ମଦ ସୁଜନ୍ଦର ଅଲହକ୍, ଶ୍ରୀମାନ ଚନ୍ଦ୍ର ମୁଖୋପାଧ୍ୟାୟ ଓ ଚୌଧୁରୀ ହରିହରପ୍ରସାଦ ଦାସ, ପ୍ରହରାଜ ବିଦ୍ୟାଧର ମହାପାତ୍ର ମହାଶୟମାନେ ଆପଣା ଆପଣା ଅଙ୍ଗୀକୃତ ଭେଦା ଦେଇଅଛନ୍ତି । ବାବୁ କୈଳାସଚନ୍ଦ୍ର ରାୟ ମହାଶୟ ଆପଣାର ଦେୟ ଟଙ୍କା ମଧ୍ୟରୁ ଟ ୪୦ ଙ୍କା ଦେଇଅଛନ୍ତି । ବାକି ଟ ୬୦ ଙ୍କା ମଧ୍ୟରୁ ସନ ୧୮୭୬ ସାଲ ଡିସେମ୍ବରରେ ଟ ୩୦ ଙ୍କା, ୭୭ ଡିସେମ୍ବରରେ ଟ ୨୦ ଙ୍କା ଓ ୭୮ ଡିସେମ୍ବରରେ ଟ୨୦ଙ୍କା ଆଦାୟ କରିବେ । ବାବୁ ସହଦେବ ମହାପାତ୍ର ମାସକୁ ଏଙ୍କାଏ ଲେଖାଏଁ ଦେଇ ପାଞ୍ଚ ବର୍ଷରେ ଟ ୬୦ ଙ୍କା ପରିଶୋଧ କରିବେ ।

ଉପରୋଧ ସ୍ୱାକ୍ଷରିତ ଟଙ୍କା ମଧ୍ୟରୁ ଉପରୋକ୍ତ ମତେ ଟ ୬୩୦ ଙ୍କା, ଆଦାୟ ହୋଇଅଛି, ବାକି ଟଙ୍କା ଯେତେ ଶୀଘ୍ର ଅଦାୟ ହୁଏ ସେତେ ଭଲ । ଶୁଭ କାର୍ଯ୍ୟରେ ବିଳମ୍ବ କରିବା ଉଚିତ୍ ନୁହେଁ ।

# ଓଡ଼ିଶାରେ କଲେଜ ପ୍ରତିଷ୍ଠାର ବିବରଣୀ
## ( ୨ )

ଓଡ଼ିଶାରେ ରେଭେନ୍‌ସା କଲେଜ ପ୍ରତିଷ୍ଠା ମୂଳରେ ଉଭୟ ସରକାରୀ ଏବଂ ବେସରକାରୀ ଉଦ୍ୟମର ବିସ୍ତୃତ ବିବରଣୀ ତଦାନୀନ୍ତନ ପତ୍ରପତ୍ରିକାସମୂହ ନିଷ୍ଠାର ସହିତ ପ୍ରକାଶ କରୁଥିଲେ । ସେତେବେଳେ କଟକ ହାଇସ୍କୁଲରେ ଟ ୯୮୪ ଙ୍କା ବ୍ୟୟ ହେଉଥିଲା ଏବଂ ସେଥି ମଧ୍ୟରୁ ଗଭର୍ଣ୍ଣମେଣ୍ଟ ଟ ୭୫୦ ଙ୍କା ସାହାଯ୍ୟ ଦେଉଥିଲେ । 'ଉତ୍କଳଦୀପିକା' (୪-୧-୧୮୭୩) ଯୁକ୍ତି କରିଥିଲେ ଯେ ଟ ୨୪୦୦୦ରେ ପ୍ରସ୍ତାବିତ କଲେଜର ବ୍ୟୟ ନିର୍ବାହ ହୋଇ ପାରିବ । ସେତେବେଳେ ଢାକା ଓ ପାଟନା କଲେଜମାନଙ୍କରେ ଟ୩୦୦୦୦ରୁ ଟ୩୫୦୦୦ ବ୍ୟୟ ହେଉଥିଲା । ସେପରି ସ୍ଥଳେ ପ୍ରସ୍ତାବିତ ଖର୍ଚ୍ଚ ଅଧିକ ବୋଲି ବିଚାର କରାଯାଇଥିଲା ।। ଅଧିକା ଟ ୧୨୦୦୦ ଙ୍କାରୁ କମିସନର ସାହେବ ଟ ୬୦୦୦ଙ୍କା ସ୍ଥାନୀୟ ଚାନ୍ଦା ସୂତ୍ରରେ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ସୂଚନା ଦେଇଥିଲେ ଯେ ଯେବେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସ୍ଥାନୀୟ ଚାନ୍ଦାର ପ୍ରତିଶ୍ରୁତି କମିସନର ଦିଅନ୍ତି, ତେବେ ଅବଶିଷ୍ଟ ଟ ୬୦୦୦ ଗଭର୍ଣ୍ଣମେଣ୍ଟ ଦେଇ ପରୀକ୍ଷା ସ୍ୱରୂପ କଲେଜ ପ୍ରତିଷ୍ଠା କରିବେ । କଲେଜ ଖର୍ଚ୍ଚ ମାସିକ ଟ୧୦୦୦ଙ୍କା ହାରରେ ଅଟକଳ କରାଯାଇଥିଲା ଯଥା :—

୧ ଜଣ ଅଧ୍ୟକ୍ଷ ମାସକୁ ଟ୪୫୦ ଙ୍କା

୧ ଜଣ ଅଧ୍ୟାପକ ମାସକୁ ଟ୨୫୦ ଙ୍କା

୧ ଜଣ ରସାୟନ ଶିକ୍ଷକ ମାସକୁ ଟ୨୦୦ ଙ୍କା

ବାକି ଖର୍ଚ୍ଚ ମାସକୁ ଟ୧୦୦ଙ୍କା

ମାନ୍ୟବର ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ସ୍ଥାନୀୟ ଚାନ୍ଦା ସମ୍ଭବ ହେବ କି ନାହିଁ ତାହା ଜାଣିବା ଉଦ୍ଦେଶ୍ୟରେ କମିସନର ସାହେବଙ୍କ ନିକଟକୁ ଏକ ପତ୍ର ଲେଖିଥିଲେ । ସେହି ପତ୍ରରେ ମଧ୍ୟ ଉଲ୍ଲେଖ କରାଯାଇଥିଲା ଯେ କଲେଜରେ ପଢ଼ିବା ଭଳି ବହୁ ସଂଖ୍ୟାରେ ଛାତ୍ର ନଥିଲେ । ଗଭର୍ଣ୍ଣରଙ୍କ ଏହି ସୂଚନାରେ ଓଡ଼ିଆ ପତ୍ରପତ୍ରିକାର ସମ୍ପାଦକମାନେ ଯୁକ୍ତି ପ୍ରଦର୍ଶନ କରିଥିଲେ ଯେ ଓଡ଼ିଶା ପ୍ରେସିଡେନ୍‌ସିଠାରୁ ବହୁ ଦୂରରେ ଅବସ୍ଥିତ । ଫଳରେ ଓଡ଼ିଶାବାସୀ ବହୁତ ଅସୁବିଧା ଭୋଗ କରୁଥିଲେ । ଛାତ୍ରମାନେ କଲିକତାକୁ ନଗଲେ ଉପାଧି ପାଇବା ଆଶା ନଥିଲା । ଅଥଚ ବଙ୍ଗଳା ଓ ବିହାରର ଛାତ୍ରମାନଙ୍କୁ ଏପରି ଅସୁବିଧା ଭୋଗ-କରିବାକୁ ପଡ଼େ ନାହିଁ । ତେଣୁ କଟକରେ ଯେବେ କଲେଜ ସ୍ଥାପିତ ହୁଏ ତାହାହେଲେ ସେହି ଉଦ୍ୟମରେ ସମସ୍ତେ ସାହାଯ୍ୟ କରିବା ଉଚିତ୍ । 'ଉତ୍କଳଦୀପିକା'ର ସମ୍ପାଦକ ଭେଦା

ସଂଗ୍ରହ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ତାଙ୍କର ଆଶା ନଥିଲା ଯେ ମାସିକ ୨୫୦୦ ଟଙ୍କା ଭେଦା ଆଦାୟ ହୋଇପାରିବ । ତେବେ କମିସନର ସାହେବ ବିଶେଷ ଉତ୍ସାହ ପ୍ରକାଶ କରୁଥିବାରୁ ଭେଦା ସଂଗ୍ରହ କାର୍ଯ୍ୟ ନିଶ୍ଚୟ ସଫଳ ହେବ । 'ଉତ୍କଳଦୀପିକା' ପତ୍ରିକା ସହିତ 'ଉତ୍କଳ ମଧୁପ' କଣ୍ଠ ମିଳାଇ ଯୁକ୍ତି କରିଥିଲା ଯେ ଓଡ଼ିଶା ଏକ ଗରିବ ରାଜ୍ୟ ଏବଂ ଗରିବ ରାଜ୍ୟର କଲେଜର ସମସ୍ତ ଖର୍ଚ୍ଚ ଗଭର୍ଣ୍ଣମେଣ୍ଟ ଦେବା ଉଚିତ୍ । ଓଡ଼ିଶାରେ କଲେଜ ପ୍ରତିଷ୍ଠା ହେବାର ଉଦ୍ୟମ ଶୁଣି 'ଉତ୍କଳଦୀପିକା' ସେତେବେଳେ ଯାହା ଉଲ୍ଲେଖ କରିଥିଲା ତାହା ଏଠାରେ ପ୍ରଣିଧାନର ଯୋଗ୍ୟ ।

"ଓଡ଼ିଶାରେ କଲେଜ ହେବାର ଉଦ୍ୟମ ଶୁଣି ଓ ତାହା ଆମ୍ଭମାନଙ୍କ କମିସନର ସାହେବଙ୍କ ବିଶେଷ ଯତ୍ନ ଓ ପରିଶ୍ରମର ଫଳ ସ୍ୱରୂପ ଜାଣି ଅନେକ ସମ୍ବାଦପତ୍ରରେ ସାହେବଙ୍କର ସୁଖ୍ୟାତି ବାହାରିଅଛି । ବାସ୍ତବରେ ଶ୍ରୀଯୁକ୍ତ ରେଭେନ୍‌ସା ସାହେବ ଏ ପ୍ରଦେଶରେ ଶିକ୍ଷାର ଉନ୍ନତି ଦିଗରେ ସର୍ବଦା ମନୋଯୋଗୀ ଅଟନ୍ତି । ଅନ୍ୟାନ୍ୟ ବିଷୟରେ ଯାହାହେଉ ଶିକ୍ଷା ବିଷୟରେ ତାହାଙ୍କ ପରି ଆଉ କାହାରିଙ୍କୁ ଦୃଢ଼ରୂପେ ଉତ୍ସାହିତ ହେବାର ଦେଖାଯାଇ ନାହିଁ । × × × ନର୍ମାଲ ସ୍କୁଲର ବାର୍ଷିକ ସଭାରେ ସେ ଓଡ଼ିଶା କଲେଜ ସମ୍ପର୍କରେ କହିଲେ ଯେ ଲୋକମାନେ ଯେମନ୍ତ ଆଗ୍ରହ ସହକାରେ ଭେଦା ଦେବାକୁ ସ୍ୱୀକୃତ ହେଉଅଛନ୍ତି, ତହିଁରେ ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ହୋଇଅଛି ଯେ ଅଳ୍ପକାଳ ମଧ୍ୟରେ ଆବଶ୍ୟକୀୟ ଟଙ୍କା ହସ୍ତଗତ ହେବ ଓ ବର୍ଷ ପୂର୍ଣ୍ଣ ନ ହେଉଣୁ ହୁଏତ ଏଠାରେ କଲେଜ ସ୍ଥାପନ ହେବ । ଏ ସମ୍ବାଦଟି ଅତି ଶୁଭଙ୍କର ଅଟଇ ଏବଂ ଶ୍ରୀଯୁକ୍ତ ରେଭେନ୍‌ସା ସାହେବଙ୍କ ଉଦ୍ୟମରୁ ଯେ ତା' ଘଟିଅଛି, ଏଥିରେ ସନ୍ଦେହ ନାହିଁ ।"

୧୮୬୫ ମସିହାରେ H. J. Reynold ଭାରତ ସରକାରଙ୍କ ନିକଟକୁ ପ୍ରସ୍ତାବ ଦେଇଥିଲେ ଯେ ମାସିକ ୨୫୦ ଟଙ୍କା ସୀମା ଭିତରେ ଅଧ୍ୟକ୍ଷ ପଦ ସୃଷ୍ଟି କରାଯାଉ । ଲେଫ୍‌ଟେନାଣ୍ଟ ଗଭର୍ଣ୍ଣରଙ୍କ ଇଚ୍ଛା ଯେ ସ୍ଥାନୀୟ ଚାନ୍ଦା ସୂତ୍ରରେ ଅତିରିକ୍ତ ବ୍ୟୟର ଅର୍ଦ୍ଧେକ ସଂଗ୍ରହ କରାଯିବା ଉଚିତ୍ । ୧୮୬୭ ମସିହା ଜାନୁଆରୀରେ କଲେଜ ପ୍ରତିଷ୍ଠିତ ହୋଇଥିଲା । ପ୍ରଥମ ଏବଂ ଦ୍ୱିତୀୟ ବାର୍ଷିକ ଶ୍ରେଣୀରେ ଇଂରେଜୀ, ଗଣିତ, କେମେଷ୍ଟ୍ରି, ଇତିହାସ ଏବଂ ଲଜିକ୍ ପଢ଼ାଯିବାର ବ୍ୟବସ୍ଥା ହୋଇଥିଲା । ତୃତୀୟ ବର୍ଷ ଶ୍ରେଣୀରେ ଇଂରେଜୀ, ଗଣିତ, କେମେଷ୍ଟ୍ରି ଏବଂ ପଦାର୍ଥ ବିଜ୍ଞାନ ପଢ଼ାଯିବାର ବ୍ୟବସ୍ଥା ହୋଇଥିଲା । ୧୮୬୭ ମସିହା ଫେବୃଆରୀ ୨୫ ତାରିଖରେ ରେଭେନ୍‌ସା ସାହେବ ସରକାରଙ୍କୁ ବଟାନି ଏବଂ କେମିକେଲ ଯନ୍ତ୍ରପାତି କ୍ରୟ କରିବା ଉଦ୍ଦେଶ୍ୟରେ ୩୦୦୦ ଟଙ୍କା ମଞ୍ଜୁର କରିବା ପାଇଁ ଲେଖିଥିଲେ । ଟଙ୍କା ମଧ୍ୟ ମଞ୍ଜୁର ହୋଇଥିଲା । ବଙ୍ଗଳା ଗଭର୍ଣ୍ଣମେଣ୍ଟ କଟକ କମିସନରଙ୍କ ପ୍ରସ୍ତାବରେ ସମ୍ମତ ହୋଇଥିଲେ । ରେଭେନ୍‌ସା ସାହେବଙ୍କ ଉଦ୍ୟମରେ କଲେଜ ସ୍ଥାପିତ ହୋଇଥିବାରୁ ତାଙ୍କର ପ୍ରସ୍ତାବ ଅନୁଯାୟୀ ଫେବୃଆରୀ ୨୩ ତାରିଖ ୧୮୬୮ ମସିହାରୁ ସାମୁଏଲ ଅଣର କଲେଜର ଅଧ୍ୟକ୍ଷ ଭାବରେ ନିଯୁକ୍ତ ହୋଇଥିଲେ ।

ମାତ୍ର ତାଙ୍କର ମନୋନୟନ ବଡ଼ ଦୁର୍ଭାଗ୍ୟଜନକ ବୋଲି ପ୍ରମାଣିତ ହୋଇଥିଲା । କାରଣ ସାମୁଏଲ୍ ଅଗର ଅଧ୍ୟକ୍ଷଭାବରେ କ୍ଷମତା ପ୍ରଦର୍ଶନ କରିନଥିଲେ । କଟକ କଲେଜର ଛାତ୍ରମାନେ ତାଙ୍କ ବିରୁଦ୍ଧରେ D. P. I ଙ୍କ ନିକଟରେ ଅଭିଯୋଗ କରିଥିଲେ । ସେମାନଙ୍କର ଅଭିଯୋଗର କାରଣ ଥିଲା ଯେ କଲେଜରେ ଭଲ ପଢ଼ାପଢ଼ି ହେଉନଥିଲା । ଛାତ୍ରମାନଙ୍କର ଏହି ଅଭିଯୋଗ "ଉତ୍କଳ ଦୀପିକା" ପତ୍ରିକା ସେତେବେଳେ ପ୍ରକାଶ କରିଥିଲେ । ଏଥିଲାଗି "ଉତ୍କଳ ଦୀପିକା" ୧୮୭୮ ମସିହା ଜୁଲାଇ ୨୭ ତାରିଖ ସଂଖ୍ୟା ଦ୍ରଷ୍ଟବ୍ୟ । ୧୮୭୮ ମସିହାରେ ୫ ଜଣ ଛାତ୍ର, ୧୮୭୯ ମସିହାରେ ୪ ଜଣ ଛାତ୍ର ପରୀକ୍ଷା ଦେବାପାଇଁ ମନୋନୀତ ହୋଇଥିଲେ । ସେମାନେ ବି. ଏ. ପରୀକ୍ଷା ଦେବାଲାଗି କଲିକତା ଯାତ୍ରା କରିଥିବାର ଜଣାଯାଏ । ମାତ୍ର ସେମାନେ ସମସ୍ତେ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ । ଏଠାରେ "ସମ୍ବାଦବାହିକା" ପତ୍ରିକାର ରିପୋର୍ଟ ଉଦ୍ଧାର କରାଗଲା ।

"ଗତ ବର୍ଷରେ କଲେଜ କ୍ଲାସରୁ ଏଫ୍. ଏ. ପରୀକ୍ଷାରେ ଯୋଡ଼ିଏ ମାତ୍ର ଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେ । ଏ ବର୍ଷ ଯୋଡ଼ିଏ ମାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । ତାହା ପାଠକମାନଙ୍କଠାରେ ଅପ୍ରକାଶିତ ନାହିଁ । ବି. ଏ. କ୍ଲାସରୁ ଯେଉଁ ୫ ଜଣ ପରୀକ୍ଷାର୍ଥୀ ହୋଇଥିଲେ, ସେମାନେ ସମସ୍ତେ ହାରି ଯାଇଛନ୍ତି । ଦୀପିକାରୁ ଅବଗତ ହେଲୁଁ ଯେ ପରୀକ୍ଷାର୍ଥୀମାନେ ତାଙ୍କ ପରୀକ୍ଷାରେ ଯେଉଁ ନମ୍ବର ପାଇଥିଲେ, ସେଥିରୁ ସର୍ବୋଚ୍ଚ ନମ୍ବର ୧୨ରୁ ଅଧିକ ନ ଥିଲା । ପାଠକେ ଏଥିରୁ ବିଚାର କରିବେ ଯେ, ଅନ୍ୟାନ୍ୟ ଶାଖାମାନଙ୍କରେ ପରୀକ୍ଷାର୍ଥୀମାନେ କିପରି ନମ୍ବର ପାଇଥିବେ । ଏଥିନିମନ୍ତେ ଆମ୍ଭେମାନେ ପରୀକ୍ଷାର୍ଥୀମାନଙ୍କୁ କୌଣସିରୂପେ ଦୋଷ ଦେବୁ ନାହିଁ, ବରଂ ସେମାନଙ୍କୁ ପ୍ରଶଂସା ଦେଉଅଛୁଁ; କାରଣ ସେମାନେ ସଂସାର ସୁଖରେ ଜଳାଞ୍ଜଳି ଦେଇ ଦୁଇ ବର୍ଷକାଳ କଷ୍ଟ ସହି କଲେଜରେ ପଢ଼ିବା ଜନ୍ମ ବିତାଇ ରହିଲେ; କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କୁ ସୁଦ୍ଧା ଦୋଷ ଦେଇ ନ ପାରୁ; କାରଣ "ଯେତେ ଚୂନା ତେତେ ପିଠା, ଏହା ସାଧାରଣଙ୍କ ଛାଟ" । ଅଧ୍ୟକ୍ଷ ଓ ଅଧ୍ୟାପକମାନେ ଯେବେ ଅନ୍ୟାନ୍ୟ କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ପରି ପୂରା ବେତନ ପାଉଥାନ୍ତେ, ତେବେ କଲେଜର ଫଳ ମନ୍ଦ ହେଲା ବୋଲି ଦୋଷ ଦିଅନ୍ତୁ; ତେବେ ଏ ଦୋଷ କାହାର ? ସହଜ ବିବେଚନାରେ ଜଣାଯାଉଅଛି ଯେ, ଏ ଦୋଷ ଶିଷ୍ୟ ଓ ଶିକ୍ଷକଙ୍କର ନୋହେ, ସରକାର ବାହାଦୁରଙ୍କର । ସରକାର ବାହାଦୁର ଆମ୍ଭମାନଙ୍କୁ ନାଆଁକୁ ଗୋଟିଏ କଲେଜ ଦେଇ ଆମ୍ଭମାନଙ୍କ ମନରେ ଦୁଃଖ ଦେଉଅଛନ୍ତି । ଏଭଳି କଲେଜ ଦେବା ଅପେକ୍ଷା କଲେଜ ନ ଦେବା ଉଚିତ ଥିଲା । ଆମ୍ଭେମାନେ ପ୍ରଥମେ କଲେଜ ପାଇ ଯେତେ ଆନନ୍ଦିତ ହୋଇଥିଲୁଁ, ବର୍ତ୍ତମାନ କଲେଜର ଫଳ ଦେଖି ସେହି ପରିମାଣରେ ଦୁଃଖିତ ହେଲୁ ।"

(ସମ୍ବାଦବାହିକା-ଭଗ ୧୧/୭ ସଂଖ୍ୟା ତା ୬।୨।୧୮୭୮ ପୃଷ୍ଠା- ୨୧୩)

# ଓଡ଼ିଶାରେ କଲେଜ ପ୍ରତିଷ୍ଠାର ବିବରଣୀ (୩)

ଓଡ଼ିଶାରେ ଉଚ୍ଚଶିକ୍ଷା ପ୍ରସାର ଉଦ୍ଦେଶ୍ୟରେ କଲେଜ ପ୍ରତିଷ୍ଠା ମୂଳରେ ସମ୍ବାଦପତ୍ର ସମୂହର ପ୍ରେରଣା ପ୍ରତ୍ୟକ୍ଷଭାବରେ ନିହିତ । କଟକର 'ଉତ୍କଳ ଦୀପିକା', ବାଲେଶ୍ୱରର 'ସମ୍ବାଦବାହିକା' ପ୍ରଥମାବସ୍ଥାରେ ଏହି ଉଦ୍ୟମରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ସମ୍ବାଦପତ୍ରର ସମ୍ପାଦନା ପ୍ରଥମାବସ୍ଥାରେ କଲେଜର ଅନୁତ୍ସାହଜନକ ପରୀକ୍ଷା ଫଳହେତୁଁ ବିଶେଷ ଚିନ୍ତିତ ହୋଇଥିଲେ । ପ୍ରଥମ ବର୍ଷ ପ୍ରତିଷ୍ଠା ପ୍ରଥମେ ଯେତେବେଳେ କଲେଜରୁ ଗୋଟିଏ ହେଲେ ଛାତ୍ର ପରୀକ୍ଷାରେ କୃତକାର୍ଯ୍ୟ ହୋଇ ନଥିଲେ, ସେତେବେଳେ "ଉତ୍କଳଦୀପିକା" କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କର ଶିକ୍ଷାଦାନ ପଦ୍ଧତିରେ ଅସନ୍ତୋଷ ପ୍ରକାଶ କରି ଲେଖାମାନ ପ୍ରକାଶ କରିଥିଲେ । ଓଡ଼ିଶାର ଏକମାତ୍ର କଲେଜର ଫଳାଫଳ ନୈରାଶ୍ୟଜନକ ହେବାରୁ ସମ୍ବାଦପତ୍ର ନିଜର ଜାତୀୟ କର୍ତ୍ତବ୍ୟ ସମ୍ପାଦନାରେ ଉଭୟ ପ୍ରଶାସନିକ କର୍ମଚାରୀ ଓ କର୍ତ୍ତୃପକ୍ଷଙ୍କୁ ଅବହେଳାରେ ଅଭିଯୁକ୍ତ କରିଥିଲେ ।

କଟକ କଲେଜର ପ୍ରଥମ ଉତ୍ତୀର୍ଣ୍ଣ ଛାତ୍ରଙ୍କୁ ସ୍ୱାଗତ ଜଣାଇବାକୁ ଯାଇ "ଉତ୍କଳ ଦୀପିକା" ସେତେବେଳେ ଯେଉଁ ଉଚ୍ଛ୍ୱସିତ ସମ୍ବାଦ ପରିବେଷଣ କରିଥିଲେ, ତାହା ଏଠାରେ ଉଲ୍ଲେଖଯୋଗ୍ୟ : —"ଅତ୍ୟନ୍ତ ଆନନ୍ଦ ହୋଇ ପ୍ରକାଶ କରୁଅଛୁଁ ଯେ ଏ ବର୍ଷ ଆମ୍ଭମାନଙ୍କ ରେଭେନସା କଲେଜରୁ ବ. ଏ. ପରୀକ୍ଷାରେ ଶ୍ରୀ ଦୁର୍ଗାଚରଣ ସାହୁ ନାମକ ଗୋଟିଏ ଛାତ୍ର ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏ ବର୍ଷ ସେହି କଲେଜରୁ ଯୋଡ଼ିଏ ଛାତ୍ର ପରୀକ୍ଷାର୍ଥୀ ହୋଇଥିଲେ । ସେଥିମଧ୍ୟରୁ ଜଣେ କୃତକାର୍ଯ୍ୟ ହେଲେ । ଉକ୍ତ କଲେଜରୁ ୧୮୭୭ ଓ ୧୮୭୮ ଦୁଇ ବର୍ଷରେ କେତେଗୁଡ଼ିଏ ଛାତ୍ର ପରୀକ୍ଷାର୍ଥୀ ହୋଇଥିଲେ; ଅତ୍ୟନ୍ତ ଦୁଃଖର ବିଷୟ ଯେ, ଉକ୍ତ ଦୁଇ ବର୍ଷରେ କେହି ଜଣେ ଉତ୍ତୀର୍ଣ୍ଣ ହୋଇ-ନଥିଲେ । ଏ ବର୍ଷରେ ଜଣେ ଓଡ଼ିଆ ପ୍ରଥମ ଉଦ୍ୟମରେ ଉତ୍ତୀର୍ଣ୍ଣ ହେବାରୁ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଏବଂ କଲେଜର ସ୍ଥାୟିତ୍ୱ ବିଷୟରେ ସମ୍ପୂର୍ଣ୍ଣ ଆଶା କରୁଅଛୁଁ ।

ଦୁର୍ଗାଚରଣ ଗୋଟିଏ ବୁଦ୍ଧିମାନ ଓ ପରିଶ୍ରମୀ ଛାତ୍ର । ସେ ସାଢ଼େ [illegible] ବର୍ଷରେ ଭର୍ଣ୍ଣାକୁଲାର ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତିସହ ଏଠା ଇଂରାଜୀ ସ୍କୁଲରେ ପଢ଼ୁଥିଲେ । ପଞ୍ଚମ ବର୍ଷରେ ୧୮୭୫ ମସିହାରେ ଇଂରାଜୀ ପ୍ରବେଶିକା ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ । ତଦାନନ୍ତର ଦୁଇ ବର୍ଷରେ ଏଫ୍. ଏ. ପରୀକ୍ଷାରେ ୨ୟ ଶ୍ରେଣୀରେ ଓ ତତ୍ପରେ ଦୁଇ ବର୍ଷରେ ବ. ଏ. ([illegible]) ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ।

ଫଳକଥା ଏହି, ସେ ପ୍ରଥ ପରୀକ୍ଷାରେ ପ୍ରଥମ ଉଦ୍ୟମରେ ଏପର୍ଯ୍ୟନ୍ତ କୃତକାର୍ଯ୍ୟ ହୋଇ ଆସିଲେ ଅଥଚ ଉଚ୍ଚଶିକ୍ଷା ନିମନ୍ତେ ତାଙ୍କୁ ଗୋଟିଏ ପଇସା ବେତନ ଦେବାକୁ ହୋଇ ନାହିଁ ଏବଂ ସେ ସବୁ ପରୀକ୍ଷାରେ ବୃତ୍ତି ପାଇଛନ୍ତି । ଦୁର୍ଗାଚରଣ ଯେବେ ପାରନ୍ତି, ବର୍ଷକ ମଧ୍ୟରେ ଏମ୍. ଏ. ପରୀକ୍ଷା ଦେଇ 'ଅନର' ସାର୍ଟିଫିକେଟ ହାସଲ କରନ୍ତୁ, ତାହାହେଲେ ସୁଖର ସୀମା ରହିବ ନାହିଁ ।

ଉପସଂହାର ସ୍ଥଳେ ଏହା ମଧ୍ୟ ପ୍ରକାଶ କରୁଛୁ ଯେ, ଏବର୍ଷ ଉକ୍ତ କଲେଜର ପ୍ରିନ୍‌ସିପାଲ ଶ୍ରୀଯୁକ୍ତ ଏକର ସାହେବ ଓ ଅନ୍ୟାନ୍ୟ ପ୍ରଫେସର ମହାଶୟମାନେ ସାଧ୍ୟାତୀତ ପରିଶ୍ରମ କରୁଛନ୍ତି, ଏଣୁ ଆମ୍ଭେମାନେ ସେମାନଙ୍କୁ ଧନ୍ୟବାଦ ଦେଉଅଛୁଁ । ଏ ସ୍ଥଳେ ଏହା ମଧ୍ୟ କହୁଅଛୁ ଯେ, ଏବର୍ଷ ଓଡ଼ିଶାର ସମସ୍ତ ପରୀକ୍ଷାର ଫଳ ସୁନ୍ଦର ହୋଇଥିଲା, ବି. ଏ. ପରୀକ୍ଷାରେ ନୂତନ ଫଳ ମିଳିବାରୁ ଏବର୍ଷର ଆଶା ପୂର୍ଣ୍ଣହେଲା ।

ଏହି ପ୍ରସଙ୍ଗରେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୧୮୭୮ ମସିହାରେ ପାଞ୍ଚ ଜଣ ଛାତ୍ର ଏବଂ ୧୮୭୯ ମସିହାରେ ୫ ଜଣ ଛାତ୍ର କଲିକତା କେନ୍ଦ୍ରରେ ବି. ଏ. ପରୀକ୍ଷା ଦେବାପାଇଁ କଲେଜରେ ମନୋନୀତ ହୋଇଥିଲେ । ମାତ୍ର ସମସ୍ତେ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ । ତେଣୁ କଲେଜରୁ ପ୍ରଥମ ଉତ୍ତୀର୍ଣ୍ଣ ଗ୍ରାଜୁଏଟ୍ ଦୁର୍ଗାଚରଣ ସାହୁଙ୍କର ପରୀକ୍ଷାରେ ସଫଳତାର ଘଟଣା ମହାଆଡ଼ମ୍ବରରେ ପାଳନ କରାଯାଇଥିଲା । ସେଦିନ କଲେଜର ଅଧ୍ୟକ୍ଷ ଦିନକ ପାଇଁ କଲେଜ ବନ୍ଦ କରିଦେଇଥିଲେ ।

ଦୁର୍ଗାଚରଣ ଓଡ଼ିଶାର ୩ୟ ଗ୍ରାଜୁଏଟ୍ । ପ୍ରଥମ ଗ୍ରାଜୁଏଟ୍ ହେଉଛନ୍ତି ମଧୁସୂଦନ ଦାସ । ସେ କଲିକତାର ଏଲ. ଏମ୍. ଏସ୍. ଅନୁଷ୍ଠାନରୁ ୧୮୭୦ ମସିହାରେ ବି. ଏ. ପାସ କରିଥିଲେ ଏବଂ ୨ୟ ଗ୍ରାଜୁଏଟ୍ ଚତୁର୍ଭୁଜ ପଟ୍ଟନାୟକ ୧୮୭୭ ମସିହାରେ କଲିକତାର ପ୍ରେସିଡେନ୍‌ସି କଲେଜରୁ ବି. ଏ. ପାସ୍ କରିଥିଲେ । ସେ ଚତୁର୍ଭୁଜ ପଟ୍ଟନାୟକ ଫାଷ୍ଟ ଆର୍ଟ କାସ୍ କଟକ କଲେଜରୁ ପାସ କରିଥିଲେ । ପ୍ରଥମ ଦୁଇବର୍ଷ କଲେଜରୁ ଯେତେବେଳେ କୌଣସି ଛାତ୍ର କୃତକାର୍ଯ୍ୟ ହୋଇପାରି ନଥିଲେ, ସେତେବେଳେ କଲେଜର ଛାତ୍ରବୃନ୍ଦ ଡି. ପି. ଆଇ. ଙ୍କ ନିକଟରେ କଲେଜର ଅଧ୍ୟାପନାମାନ ବା ସ୍ତର ବୃଦ୍ଧି କରିବାପାଇଁ ଆପତ୍ତି ଦର୍ଶାଇଥିଲେ । ଏହା 'ଉତ୍କଳ ଦୀପିକା'ରେ ସେତେବେଳେ ସ୍ଥାନ ପାଇଥିଲା । ୧୮୭୮ ମସିହା ଜୁଲାଇ ୧୭ ତାରିଖ ଦୀପିକାରେ ଜଣେ ସମ୍ବାଦଦାତା କଲେଜର ଅଧ୍ୟକ୍ଷ ମିଷ୍ଟର ଏକର ସାହେବଙ୍କୁ ତାଙ୍କର ଅସାମର୍ଥ୍ୟ ପାଇଁ ଅବସର ନେବା ଉଚିତ ବୋଲି ପରାମର୍ଶ ଦେଇଥିଲେ । ୧୮୮୧ ମସିହାରେ କଲେଜରୁ ଏକମାତ୍ର ଜାନକୀବଲ୍ଲଭ ଘୋଷ ୩ୟ ଶ୍ରେଣୀରେ ବି. ଏ. ପାସ କରିଥିଲେ । ୧୮୮୨ ମସିହାରେ ଜାନକୀବଲ୍ଲଭ ବୋଷ ମଧ୍ୟ ୨ୟ ଶ୍ରେଣୀରେ ବି. ଏ. ପାସ କରିଥିଲେ । ୧୮୮୨ ମସିହା ପରେ କଲେଜର ପରୀକ୍ଷା ଫଳରେ ଉନ୍ନତି ପରିଲକ୍ଷିତ ହୁଏ । ୧୮୮୩ ମସିହାରେ କଟକ

କଟକରୁ ୩ ଜଣ ଓଡ଼ିଆ ଛାତ୍ର ଏବଂ ଦୁଇଜଣ ବଙ୍ଗାଳୀ ଛାତ୍ର ବି. ଏ. ପରୀକ୍ଷାରେ କୃତକାର୍ଯ୍ୟ ହେବାର ଜଣାଯାଏ । ସେହି ୩ ଜଣ ଓଡ଼ିଆ ପରୀକ୍ଷାର୍ଥୀ ବ୍ରହ୍ମାନନ୍ଦ ଦାସ, ଗୋପାଳବଲ୍ଲଭ ଦାସ, ଗୋକୁଳାନନ୍ଦ ଚୌଧୁରୀ ।

୧୮୭୮ ମସିହା ଡିସେମ୍ବର ମାସରେ ସରକାର କଟକ କଲେଜ ପାଇଁ ସ୍ଥାୟୀ ଗୃହ ନିର୍ମାଣର ପରିକଳ୍ପନା କରିଥିଲେ । ୧୮୮୦ ମସିହାରେ କଲେଜରେ ଆଇନ ଶ୍ରେଣୀ ପ୍ରତିଷ୍ଠିତ ବା ଆରମ୍ଭ ହୋଇଥିଲା । ଏହି ସମ୍ବାଦ 'ଉତ୍କଳ ଦୀପିକା'ରେ (ତା ୨୧ । ୧୧ । ୧୮୮୦) ୧୮୮୧ ମସିହାରେ କଲେଜ ସ୍ଥାୟୀ ବୋଲି ଘୋଷଣା କରାଯାଇଥିଲା । ଏହି ସମ୍ବାଦ ଉତ୍କଳ ଦୀପିକା ଆନନ୍ଦର ସହିତ ଘୋଷଣା କରିଥିଲେ (ତା ୨୧-୧୧-୧୮୮୧) । କ୍ରମେ କଲେଜର ଛାତ୍ରସଂଖ୍ୟା ବୃଦ୍ଧି ପାଇଥିଲା ଏବଂ ଛାତ୍ରମାନଙ୍କର ସୁବିଧା ପାଇଁ ଛାତ୍ରାବାସ ନିର୍ମାଣର ପରିକଳ୍ପନା କରାଗଲା । ଉତ୍କଳ ଦୀପିକା (ତା ୨୭-୭-୧୮୮୩)ରୁ ଜଣାଯାଏ କେନ୍ଦୁଝର ମହାରାଜା କଲେଜର ଛାତ୍ରାବାସ ନିର୍ମାଣ ଉଦ୍ଦେଶ୍ୟରେ ପାଞ୍ଚ ହଜାର ଟଙ୍କା ଦାନ କରିଥିଲେ ।

ଦେଶର ଉଚ୍ଚଶିକ୍ଷା ପ୍ରତି ସାଧାରଣ ଲୋକଙ୍କର ଆଗ୍ରହ କିପରି ନିର୍ଦ୍ଦିଷ୍ଟ ରୂପରେଖ ନେଇପାରୁ ନ ଥିଲା ତାହା 'ସମ୍ବାଦବାହିକା' (୧୧ ଭାଗ, ୨୫ ସଂଖ୍ୟା, ତା ୨୦-୬-୧୮୭୮)ର ପରବେଷିତ ମନ୍ତବ୍ୟରୁ ସହଜରେ ଜଣାଯାଏ ।

ଶିକ୍ଷା ବିଭାଗରେ ପ୍ରବେଶ କରିବାକୁ ଲୋକମାନଙ୍କର ଅନିଚ୍ଛା କାହିଁକି ? ଶିକ୍ଷା-ବିଭାଗର ଉଚ୍ଚ କର୍ମଚାରୀ କି ଯେଉଁମାନେ ଶ୍ରେଣୀଭୁକ୍ତ, ସେମାନଙ୍କ କଥା ଆମ୍ଭେମାନେ କହୁନାହୁଁ, ଯେଉଁ ପଦ ଶ୍ରେଣୀଭୁକ୍ତ ନୁହେଁ ସେହି ପଦର କର୍ମଚାରୀମାନଙ୍କ କଥା ବୋଲିବା ଆମ୍ଭମାନଙ୍କର ଉଦ୍ଦେଶ୍ୟ । ପୂର୍ବେ ଆମ୍ଭେମାନେ ଅନେକ ଥର ବୋଲିଅଛୁ ଯେ ଶିକ୍ଷା ବିଭାଗଟି ସରକାର ବାହାଦୁରଙ୍କର ମୂତଫର୍କା ବିଭାଗ ଅଟଇ । ଏଣୁ ଯେଉଁମାନେ ଏହି ବିଭାଗରେ ପ୍ରବେଶ କରନ୍ତି, ସେମାନଙ୍କର ପ୍ରାୟ ଉନ୍ନତି ହୁଏ ନାହିଁ । ଏଥିର ପ୍ରଚୁର ପ୍ରମାଣ ଦେଖାଯାଉଅଛି । ପୂର୍ବେ ଏହି ବିଭାଗର କର୍ମଚାରୀମାନଙ୍କର ଜନସମାଜରେ ଯେଉଁ ଆଦର ଥିଲା, ଏବେ ସେହି ଆଦର ପାଏ ନାହିଁ । ଶିକ୍ଷକତା ପଦଟି ବାସ୍ତବରେ ଆଦରସୂଚକ, କିନ୍ତୁ ସମୟର ଗତିକୁ ତାହା ହେୟସୂଚକ ହୋଇ ପଡ଼ିଅଛି ।

ଏଣୁ ଶିକ୍ଷିତ ଲୋକେ କଚେରୀରେ କୋଡ଼ିଏ ଟଙ୍କାର ଗୋଟିଏ ପଦ ପାଇଲେ ଶିକ୍ଷା ବିଭାଗର ପଚାଶ ଟଙ୍କାର ପଦକୁ ଗୋଡ଼ରେ ଠେଲି ଦିଅନ୍ତି । କଚେରୀରେ ଗୋଟିଏ କର୍ମ ଖାଲି ହେଲାକ୍ଷଣି ୩୦।୪୦ ଜଣ ସେଥିନିମନ୍ତେ ପ୍ରାର୍ଥୀ ହେଉଅଛନ୍ତି; ଶିକ୍ଷକତା ପଦ ନିମନ୍ତେ ଲୋକ ପାଇବା ବିଷୟରେ ଘୋଷଣା ଦେଲେ ମଧ୍ୟ ସହଜରେ କେହି ପ୍ରାର୍ଥୀ ହେଉ ନାହାନ୍ତି । ଏଥିର ହେତୁ କଣ ? ହେତୁ ଏହି ଅନ୍ୟ ବିଭାଗରେ ଉନ୍ନତି ଅଛି, ଶିକ୍ଷା ବିଭାଗରେ ଉନ୍ନତି ହେଉ ନାହିଁ ।

ଏଠା ଦେଓ୍ୱାନୀ ଅଦାଲତରେ ୨୦ ଟଙ୍କା ବେତନର ଗୋଟିଏ କାମ ଖାଲିହେଲା, ସେଥିନିମନ୍ତେ ବାଲେଶ୍ୱର ଓ କଟକରୁ ପ୍ରାୟ ୫୦ ଜଣ ଉମେଦୱାର ଦରଖାସ୍ତ କଲେ । ବାଲେଶ୍ୱର ଇଂରେଜୀ ସ୍କୁଲରେ ୨୫ଟଙ୍କା ବେତନର ଗୋଟିଏ ଶିକ୍ଷକତା କାମ ଖାଲିହେଲା (ବର୍ତ୍ତମାନ ମଧ୍ୟ ଖାଲିଅଛି) । ସମ୍ବାଦ ପତ୍ରିକାରେ ଘୋଷଣା ଦିଆଯାଇ ମାତ୍ର ଜଣେ ଉମେଦୱାର ଛଡ଼ା ଆଉ କେହି ପ୍ରାର୍ଥୀ ହେଲେ ନାହିଁ । ପୁଣି ସେହି ଜଣକ ପ୍ରାର୍ଥୀ ହୋଇଥିଲା ସେ କଚେରୀରେ କୋଡ଼ିଏ ଟଙ୍କା ବେତନର ଗୋଟିଏ ଚାକିରୀ ପାଇଲାକ୍ଷଣି ପୂର୍ବ ପ୍ରାର୍ଥିତ ୨୫ ଟଙ୍କିଆ ପଦକୁ ତୁଚ୍ଛ ମଣିଲା । ପାଠକେ ! ଏଥିର ହେତୁ କିସ ? ହେତୁ ଉପରେ ବୋଲିଅଛୁଁ ।

ଯେଉଁମାନେ ଶିକ୍ଷା ବିଭାଗରେ କର୍ମ କରିବାକୁ ଅନିଚ୍ଛୁକ ଓ ଅନ୍ୟ ବିଭାଗରେ କର୍ମ କରିବାକୁ ଆଗ୍ରହ ପ୍ରକାଶ କରନ୍ତି, ସେମାନଙ୍କୁ ଆମ୍ଭେମାନେ ଦୋଷଦେଇ ନ ପାରୁଁ । ପାଠକେ ! ଆଖି ଫେରାଇ ଦେଖ, ଯେଉଁଭଳି ବିଦ୍ୟାବୁଦ୍ଧି ସମ୍ପନ୍ନ ଲୋକ ଶିକ୍ଷା ବିଭାଗରେ ଥାଇ, ଦିନ ଦିନ ଯକ୍ଷ୍ମା ବା କାଶ ରୋଗରେ ଆକ୍ରାନ୍ତ ହୋଇ ମାସକୁ ୫୦ ଟଙ୍କା ବେତନ ପାଉଛି, ସେହିପରି ବିଦ୍ୟାବୁଦ୍ଧି ସମ୍ପନ୍ନ ଆଉ ଜଣେ ଲୋକ ଅନ୍ୟ ବିଭାଗରେ ଥାଇ ଦେହକୁ ହୃଷ୍ଟପୁଷ୍ଟ କରି ମାସକୁ ୩ଗୁଣ ବେତନ ପାଉଛି, ଏମନ୍ତ ସ୍ଥଳେ ଅଧିକ ପରିଶ୍ରମ କରି ଅଳ୍ପ ବେତନ ପାଇବାକୁ କିଏ ମନ ବଳାଇବ ? ଯଦି ବୋଲ ଶିକ୍ଷା ବିଭାଗରେ ଗୋଟିଏ ମାନସିକ ସୁଖ ଅଛି, ଅନ୍ୟ ବିଭାଗରେ ପ୍ରାପ୍ତ ତାହା ନାହିଁ । ଆମ୍ଭେମାନେ ମଧ୍ୟ ଏହି କଥାରେ ପୋଷକତା କରିପାରୁଁ; କିନ୍ତୁ ସମସ୍ତ ପଢ଼ିଲେ ସେ ମାନସିକ ସୁଖ ନା ଭୋଗ୍ୟ ହେବାକୁ ନା ବଢ଼େଇବାକୁ ? ହଁ, ପ୍ରଥମେ ଅନେକ ଶିକ୍ଷା ବିଭାଗରେ ପଶି ଦେଶର ଉନ୍ନତି ସାଧନ କରିବାକୁ ମନ ବଳାନ୍ତି; କିନ୍ତୁ ଯେତେବେଳେ ବୟସ ପରିଣତ ହୋଇଆସେ, ପୁଅ ଝିଅ ଦୁକ୍ଷତ ପରିବାରଙ୍କ ଚିନ୍ତା ଅଧିକ ଲାଗେ ଏବଂ ଅନ୍ୟ ବିଭାଗସ୍ଥ ସମବୟସ୍କ କର୍ମଚାରୀମାନଙ୍କ ବେତନ ବୃଦ୍ଧି କଥା ଯେତେବେଳେ ମନରେ ପଡ଼େ, ସେତେବେଳେ ଅନୁତାପ ଓ ଆତ୍ମଗ୍ଳାନିର ସୀମା ରହେ ନାହିଁ, ଏବଂ ଯେଉଁମାନେ ଶିକ୍ଷା ବିଭାଗରେ ନ ପଶି ଅନ୍ୟ ବିଭାଗରେ ପଶିଥାନ୍ତି, ସେତେବେଳେ ସେମାନଙ୍କର ପ୍ରଶଂସା କରାଯାଏ ।

ଶିକ୍ଷା ବିଭାଗର କର୍ମଚାରୀ ଶିକ୍ଷକମାନେ ଚିନ୍ତାଶୀଳ, ପରିଶ୍ରମ ସାଧନାରେ ରତ ଏହା ସରକାର ବାହାଦୁର ଉତ୍ତମ ରୂପେ ବୁଝିପାରୁ ଅଛନ୍ତି; ତଥାପି ଏମାନଙ୍କ ଦୁଃଖର ଉପଯୁକ୍ତ ପ୍ରତିକାର ହେଉନାହିଁ । ସରକାର ବାହାଦୁରଙ୍କର ଏହି ବିଭାଗସ୍ଥ କର୍ମଚାରୀଙ୍କ ପ୍ରତି ସୁଦୃଷ୍ଟି ନ ପଡ଼ିବାରୁ ଶିକ୍ଷା ବିଭାଗକୁ ମୁତଫର୍କା ବିଭାଗ ବୋଲି ଅବଶ୍ୟ ବୋଲି-ଯାଇପାରେ । ଶିକ୍ଷିତ ଲୋକେ ସରକାର ବାହାଦୁରଙ୍କର ଏହି ବିଭାଗକୁ ମୁତଫର୍କା ମନେକରି ଏଥିରେ ପ୍ରବେଶ କରିବା ନିମନ୍ତେ ମନ ଦିଅନ୍ତି ନାହିଁ । □□□

# ଓଡ଼ିଶାରେ ଶିକ୍ଷା ପ୍ରସାରର
# ଆନୁଷଙ୍ଗିକ ଦିଗ

ଓଡ଼ିଶାର ଉଚ୍ଚଶିକ୍ଷା ପ୍ରସାର ଉପରେ ସମ୍ବାଦପତ୍ର ସାଧାରଣ ଜନମତକୁ ବରାବର ପ୍ରକାଶିତ କରିଛି । କେତେବେଳେ କଲେଜର ଅଧ୍ୟାପକ ଅଭାବ, କେତେବେଳେ ଶିକ୍ଷାଦାନରେ ଅନିଶ୍ଚିତତା, କେତେବେଳେ ଶିକ୍ଷାନୁଷ୍ଠାନରେ ଛାତ୍ରସଂଖ୍ୟା ବୃଦ୍ଧି, ଏପରି ବିଭିନ୍ନ ସମସ୍ୟା ଜନସାଧାରଣଙ୍କୁ ଯେପରି ଚିନ୍ତିତ କରୁଥିଲା, ତାହା ସମ୍ବାଦପତ୍ର ପୃଷ୍ଠାରେ ବରାବର ପ୍ରତିଫଳିତ ହେଉଥିଲା । କେବଳ କଲେଜ ଶିକ୍ଷା ନୁହେଁ, ଓଡ଼ିଶାରେ ବୈଷୟିକ ଶିକ୍ଷା, ବୈଜ୍ଞାନିକ ଶିକ୍ଷା ପ୍ରଭୃତି ପାଇଁ ମଧ୍ୟ ସମ୍ବାଦପତ୍ର ପୃଷ୍ଠାସମୂହ ବ୍ୟସ୍ତ ହୋଇଥିଲା ।

୧୯୧୦ ମସିହାରେ ଓଡ଼ିଶାରେ ମୁକ୍ତିୟାରି ପରୀକ୍ଷା ସମ୍ପର୍କରେ କିପରି ଜନସାଧାରଣଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇଥିଲା, ତାହା "ଉତ୍କଳ ଦର୍ପଣ" ନିମ୍ନ ଉଦ୍ଧୃତ ସମ୍ବାଦରୁ ପ୍ରମାଣିତ ହୁଏ ।

## ସାପ୍ତାହିକ ସମ୍ବାଦ

ଏଥର ମୁକ୍ତାର ପରୀକ୍ଷା ଦେବାପାଇଁ ଓଡ଼ିଶାରୁ ଯେଉଁ ୬ ଜଣ ଯାଇଥିଲେ ସେମାନଙ୍କ ମଧ୍ୟରୁ ନିମ୍ନଲିଖିତ ୩ ଜଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି, ଯଥା :

ଜାନକୀନାଥ ଦାସ—ବାଲେଶ୍ବର
ଗଦାଧର ଘୋଷ—ବାଲେଶ୍ବର
ସପ୍ତେଶ୍ବର ପାଣିଗ୍ରାହୀ – ପିପିଲି

ଓଡ଼ିଶା ବିଭାଗର ଅଃ-କମିଶନର ଶ୍ରୀଯୁକ୍ତ ଏ. ସ୍ମିଥ୍ ସାହେବ ତାଙ୍କ ପାଦରେ ସ୍ଥାୟୀ ରୂପେ ନିଯୁକ୍ତ ହେଲେ । (୦)

ଉପରୋକ୍ତ ସମ୍ବାଦରେ ପିପିଲିରୁ ମୁକ୍ତ୍ୟାର ପାସ କରିଥିବା ସପ୍ତେଶ୍ବର ପାଣିଗ୍ରାହୀ ହେଉଛନ୍ତି ଓଡ଼ିଶାର ସାମ୍ପ୍ରତିକ ଯୁଗର ସାହିତ୍ୟିକ ସ୍ରଷ୍ଟା, କୃତବିଦ୍ୟ ଔପନ୍ୟାସିକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ପିତା । ଶ୍ରୀଯୁକ୍ତ ସପ୍ତେଶ୍ବର ପାଣିଗ୍ରାହୀ ୧୯୧୦ ମସିହାରେ ମୁକ୍ତ୍ୟାର ପାସ କରିଥିଲେ ବୋଲି "ଉତ୍କଳ ଦୀପିକା" ଆନନ୍ଦର ସହିତ ସମ୍ବାଦ ପରିବେଷଣ କରିଥିଲେ ।

ଠିକ୍ ସେହିପରି ୧୮୮୯ ମସିହାରେ ପୁରୀଜିଲ୍ଲା ଚଣାହାଟ ସ୍କୁଲରୁ ଜଣେ ବାଳିକା ଭର୍ଣ୍ଣାକୁଲର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାର ସମ୍ବାଦ ଦୀପିକା ପରିବେଷଣ କରିଥିଲେ । ସେହି ସମୟରେ ଓଡ଼ିଶାରେ ନାରୀଶିକ୍ଷାର ପ୍ରସାର ପାଇଁ ଏହି ସମ୍ବାଦ ଉତ୍ସାହ ସୃଷ୍ଟି କରିଥିବ ବୋଲି ଆଶା କରାଯାଏ । ସମ୍ବାଦଟି ଯେଉଁଭଳି ଭାବରେ କାଗଜରେ ପ୍ରକାଶିତ ହୋଇଥିଲା ତାହା ଏଠାରେ ପାଠକମାନଙ୍କର ଅବଗତି ନିମନ୍ତେ ଉଦ୍ଧାର କରାଗଲା ।

"ଶ୍ରୀଯୁକ୍ତ ଦୀପକ ସମ୍ପାଦକ ମହାଶୟ, ସମୀପେଷୁ

ମହାଶୟ,

ଏ ବର୍ଷ ଏହି ଚଣାହାଟ ସ୍କୁଲରୁ ଶ୍ରୀମତୀ ନିଶାମଣି ଦେଈ ନାମ୍ନୀ ଜଣେ ବାଳିକା ଭର୍ଣ୍ଣାକ୍ୟୁଲର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପୁରୀ ଜିଲ୍ଲାରେ ତୃତୀୟ ସ୍ଥାନ ପାଇଅଛି । ଏପରି ସ୍ଥଳେ ବାଳିକାଟି ଅନ୍ୟ ସ୍କୁଲରେ ପଠନ କଲେ ଅବଶ୍ୟ ବୃତ୍ତି ପାଇବାର ସମ୍ଭାବନା; ମାତ୍ର ଆମ୍ଭମାନଙ୍କ କୌଳିକ ପ୍ରଥା ଏହି ଯେ ବାଳିକାମାନଙ୍କୁ ୧୦।୧୧ ବର୍ଷ ହେଲେ ସେମାନେ ଅନ୍ତଃପୁରରୁ ଦାଣ୍ଡକୁ ବହିର୍ଗତ ହେବା କଠିଣ । ଏଣୁ ସେ ବାଳିକା ବୃତ୍ତି ପାଇବା ଆଗରୁ ବଞ୍ଚିତା ହୋଇଅଛି । ଆମ୍ଭ ବିବେଚନାରେ ବାଳିକା ଯେତେବେଳେ ପୁରୀ ଜିଲ୍ଲାରେ ସର୍ବପ୍ରଥମେ ଉତ୍ତୀର୍ଣ୍ଣ ଲାଭ କରିଅଛି ସେତେବେଳେ ସ୍ଥାନୀୟ ବୋର୍ଡ଼ (ଅନ୍ୟାନ୍ୟ ବାଳିକା ଉତ୍ସାହ ବୃଦ୍ଧି ସକାଶେ) ଏ ବାଳିକାକୁ କିଛି ପୁରସ୍କାର ପ୍ରଦାନ କଲେ ଭଲ ହୁଅନ୍ତା ।

ଜଣେ ପ୍ରାର୍ଥୀ — ଚଣାହାଟ (୨)"

ଛାତ୍ରାବାସ ପ୍ରତ୍ୟେକ ସମୟରେ ଶିକ୍ଷାନୁଷ୍ଠାନମାନଙ୍କର ବିଶେଷତଃ ଉଚ୍ଚଶିକ୍ଷାନୁଷ୍ଠାନ ଏବଂ ଲୋକପ୍ରିୟ ବିଦ୍ୟାଳୟମାନଙ୍କର ଏକ ପ୍ରଧାନ ସମସ୍ୟା । ରେଭେନ୍ସା କଲେଜ ଯେତେବେଳେ ପ୍ରଥମେ ଆରମ୍ଭ ହୋଇଥିଲା, ସେହି ସମୟରୁ ଛାତ୍ରାବାସ ସମସ୍ୟା ଜନସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ଏବଂ ସମ୍ବାଦପତ୍ର ଛାତ୍ର ଅଭିଭାବକମାନଙ୍କ ଏତାଦୃଶ ଦାବୀକୁ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପିତ କରିଥିଲେ । ରେଭେନ୍ସା କଲେଜର ଛାତ୍ରାବାସର ଯୋଜନା ସମ୍ପର୍କରେ ଯେଉଁ ସମ୍ବାଦ ସେତେବେଳେ ପ୍ରକାଶ ପାଇଥିଲା ସେଥିରୁ ସମସ୍ୟାର ଗୁରୁତ୍ୱ ଓ ତୀବ୍ରତା ସହଜରେ ଅବଧାରଣ କରିହୁଏ । ଆଜି ଯେଉଁ ରେଭେନ୍ସା ମହାବିଦ୍ୟାଳୟରେ ହଜାର ହଜାର ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ କରୁଥିଲା ବେଳେ ତାହାର ଛାତ୍ରାବାସ ସମସ୍ୟା ବରାବର ଲାଗିରହିଛି । ଯେତେ ଛାତ୍ରାବାସ ସଂଖ୍ୟା ବୃଦ୍ଧି ପାଉଛି ପରିବର୍ଦ୍ଧିତ ଛାତ୍ରସଂଖ୍ୟା ତୁଳନାରେ ତାହା ତୁଳାଉ ନାହିଁ । ରେଭେନ୍ସା କଲେଜର ପ୍ରଥମ ପର୍ଯ୍ୟାୟରେ ଛାତ୍ରାବାସ ସମସ୍ୟା ସମ୍ବନ୍ଧରେ ଓଡ଼ିଆ ନବସମ୍ବାଦ ପତ୍ରିକାରେ ପ୍ରକାଶିତ ଏକ ଦୀର୍ଘ ସମ୍ବାଦ ଏଠାରେ ଉଦ୍ଧାର କରାଗଲା ।

ଏହି ସମ୍ବାଦରୁ ଯେଉଁ ସମସ୍ତରେ ଛାତ୍ରାବାସରେ ରହୁଥିବା ଛାତ୍ରଙ୍କ ସଂଖ୍ୟା, ଛାତ୍ରାବାସରେ ଖାଦ୍ୟଦ୍ରବ୍ୟର ବ୍ୟବସ୍ଥା, ମାସିକ ଖର୍ଚ୍ଚର ଅଟକଳ, ସରକାରୀ ସାହାଯ୍ୟ ପ୍ରଭୃତି ଶୀର୍ଷକର କେତେକ ତଥ୍ୟ ପ୍ରକଟିତ ହୋଇଅଛି । ତାହା ଅନୁଧ୍ୟାନ କଲେ ଓଡ଼ିଶାରେ କଲେଜମାନଙ୍କର ଛାତ୍ରାବାସର ଏକ ତୁଳନାତ୍ମକ ଚିତ୍ର ସହଜରେ ସ୍ପଷ୍ଟ ହୋଇପାରିବ ।

## ଛାତ୍ରାବାସ ସଭାର ବିବରଣ

କଟକ ରେଭେନ୍‌ସା କଲେଜରେ ପାଠ କରୁଥିବା ଛାତ୍ରମାନଙ୍କର ବାସସ୍ଥାନ ସଙ୍କାଶ ତତ୍‌ସଂଲଗ୍ନ ଥିବା ଛାତ୍ରାବାସକୁ ବୃଦ୍ଧି କରିବାର ଆବଶ୍ୟକତା ଓ ତନ୍ନିମନ୍ତେ ଅର୍ଥ ସଂଗ୍ରହ କରିବା ବିଷୟମାନ ଆଲୋଚନା କରିବା ପାଇଁ ବିଜ୍ଞାପନଦ୍ୱାରା ଗୋଟିଏ ସାଧାରଣ ସଭା ଆହୂତ ହୋଇଥିଲା ଓ ତଦନୁସାରେ ଏହି ମାସ ୩ ତାରିଖ ସନ୍ଧ୍ୟା ପଞ୍ଚାଙ୍ଗଣ୍ଟା ସମୟରେ ଅତ୍ରସ୍ଥ କଲେଜ ଗୃହରେ ସଭାର ଅଧିବେଶନ ହୋଇଥିଲା । ଆମ୍ଭମାନଙ୍କ ଶ୍ରଦ୍ଧାସ୍ପଦ କମିଶନର ଶ୍ରୀଯୁକ୍ତ ଆର. ସି ଦତ୍ତ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ ଓ ଜିଲ୍ଲା ଜଜ୍ ପାରଜିଟର ସାହେବ ଓ କଲେଜର ପ୍ରିନ୍‌ସିପାଲ୍ ସାହେବ ସଭାରେ ଉପସ୍ଥିତ ହୋଇଥିଲେ । ଏ ନଗରବାସୀ ରାଜା, ଜମିଦାର, ଉକିଲ ପ୍ରଭୃତି ମାନ୍ୟଗଣ୍ୟ ଲୋକମାନେ ସଭାରେ ଉପସ୍ଥିତ ହୋଇଥିଲେ ।

ସଭାପତି ଦତ୍ତ ସାହେବ ସଭାର କାର୍ଯ୍ୟ ଆରମ୍ଭ କରି ପ୍ରସ୍ତାବିତ ଛାତ୍ରାବାସ ବିସ୍ତାରର ଆବଶ୍ୟକତା ବିଶଦ ରୂପେ ବୁଝାଇ ଦେଇଥିଲେ । ସେ କହିଥିଲେ ଯେ ମଫସଲରୁ ବିଦ୍ୟାଭ୍ୟାସ କରିବା ପାଇଁ ଏ ନଗରକୁ ଆସି ବାଳକମାନେ ସୁବିଧା ରୂପେ ବସା ନ ପାଇବା ଦ୍ୱାରା ଓ ସ୍ୱହସ୍ତେ ପାକ ଆଦି କାର୍ଯ୍ୟ କରିବାଦ୍ୱାରା ଯେ କେତେ କଷ୍ଟ ପାଆନ୍ତି ତାହା ବର୍ଣ୍ଣନା କରିବା ବାହୁଲ୍ୟ ମାତ୍ର ଓ କୋମଳମତି ବାଳକମାନେ, ମଫସଲରୁ ଆସି ହଠାତ୍ ଏପରି ପ୍ରଲୋଭନପୂର୍ଣ୍ଣ ବଡ଼ ସହରରେ ଅଭିଭାବକଶୂନ୍ୟ ବା ବେମୁରବି ହୋଇ ବାସ କଲେ ସେମାନଙ୍କ ଚରିତ୍ରରେ ଯେ କେତେଦୂର ଦୋଷ ଘଟିପାରେ ତାହା ସମସ୍ତେ ଅନୁଭବ କରିପାରିବେ । ବର୍ତ୍ତମାନ ଯେଉଁ ଛାତ୍ରାବାସ ଅଛି ତହିଁରେ କେବଳ ୨୭ ଜଣ ଛାତ୍ରଙ୍କ ନିମନ୍ତେ ସ୍ଥାନ ଅଛି । ଏହି ଗୃହସଂଲଗ୍ନ ଦୁଇ ପାର୍ଶ୍ୱରେ ଦୁଇଗୋଟି ଗୃହ ଓ ତହିଁର କିଛି ଦୂରରେ ନୂତନ ଗୋଟିଏ ଗୃହ ନିର୍ମାଣ କରି ଆବାସ ସ୍ଥାନ ବୃଦ୍ଧି କରିବାର ପ୍ରସ୍ତାବ ହୋଇଅଛି । ମୋଟରେ ୧୦୦ ଜଣ ଛାତ୍ର ପ୍ରାୟ ସହରର ମଧ୍ୟରେ ବସାଘର କରିଥାନ୍ତି । ପ୍ରସ୍ତାବିତ ଗୃହ ନିର୍ମାଣ ହେଲେ ଏଥିମଧ୍ୟରୁ ସର୍ବମୋଟ ୭୫ ଜଣ ଏହି ଛାତ୍ରାବାସରେ ରହିପାରିବେ । ଛାତ୍ରମାନେ ନିଜେ ଆହାରୀୟ ଦ୍ରବ୍ୟ ଆୟୋଜନ ଅଥବା ସ୍ୱହସ୍ତେ ପାକ କରିବାରେ ସେମାନଙ୍କର ବିଶେଷ ସମୟ ନଷ୍ଟ ଓ ଶାରୀରିକ କଷ୍ଟ ହୁଏ, ତହିଁରୁ ଅବ୍ୟାହତି ପାଇବେ । ସେମାନଙ୍କଠାରୁ ସାମାନ୍ୟ କିଛି

ଖର୍ଚ୍ଚ ଯଥା ମାସିକ ୦ ଟଙ୍କା ନେଇ ସେମାନଙ୍କର ଆହାରାଦିର ବନ୍ଦୋବସ୍ତ କଲେ ତେ ସେମାନଙ୍କର ବିଶେଷ ଉପକାର ହେବା ସମ୍ଭାବନା । ଏହି ସବୁ କାର୍ଯ୍ୟ ନିର୍ବାହ କରିବା ଓ ବିଶେଷରେ ଛାତ୍ରମାନଙ୍କର ଅନ୍ତର ବ୍ୟବହାର ପ୍ରତି ଦୃଷ୍ଟି ରଖିବାପାଇଁ ଜଣେ ସୁପରିଣ୍ଟେଣ୍ଡେଣ୍ଟ ମାସିକ ବେତନରେ ନିଯୁକ୍ତ ହେବାର ଆବଶ୍ୟକ । ଏହିସବୁ କାର୍ଯ୍ୟ ବିଶେଷତଃ ଗୃହନିର୍ମାଣରେ ବହୁଳ ଅର୍ଥ ବ୍ୟୟ ହେବା ସମ୍ଭବ; କିନ୍ତୁ ମାନନୀୟ କମିସନର ସାହେବ କହିଲେ ଯେ ସେ ଆଶା କରନ୍ତି ଯେ ଏପରି ସାଧାରଣ ହିତକର ମହତ୍ ଅନୁଷ୍ଠାନରେ ଦେଶର ପ୍ରତ୍ୟେକ ମାନ୍ୟଗଣ୍ୟ ଲୋକ ସାଗ୍ରହେ ଧନ ଦାନ କରି ସ୍ୱ ସ୍ୱ ବଦାନ୍ୟତାର ପରିଚୟ ଦେବେ । ସୁପରିଣ୍ଟେଣ୍ଡେଣ୍ଟଙ୍କ ବେତନ ଓ ଅନ୍ୟାନ୍ୟ ଖରଚପାଇଁ କିଛି ମାସିକ ଚନ୍ଦା ମଧ୍ୟ ସଂଗ୍ରହ କରିଯିବା ଆବଶ୍ୟକ ଏବଂ ଖରଚ ସକାଶେ ଗଭର୍ଣ୍ଣମେଣ୍ଟଙ୍କଠାରୁ କିଛି ସାହାଯ୍ୟ ମିଳିପାରେ । ଅଧିକ ମଧ୍ୟ ଏହି ସ୍କୁଲରେ ନାବାଳକ ରାଜାମାନଙ୍କ ସକାଶେ କୋର୍ଟ ଅଫ ଓ୍ୱାର୍ଡ଼ସଙ୍କଠାରୁ ଯଥୋଚିତ ସାହାଯ୍ୟ ପାଇବାର ଆଶା କରାଯାଏ; କିନ୍ତୁ ତହିଁର ପରିମାଣ କେତେ ହେବ ବର୍ତ୍ତମାନ ସ୍ଥିର କରି କୁହାଯାଇ ନପାରେ ।

ଏଥିଉତ୍ତାରୁ କଲେଜର ପ୍ରିନ୍‌ସିପାଲ ଏନ୍. ଏଲ୍. ହଲ୍‌ଓ୍ୱାର୍ଡ଼ ସାହେବ କହିଲେ କି ସେ ମୋଫସଲରୁ ଯେତେ ବାଳକ ବିଦ୍ୟାଭ୍ୟାସ ପାଇଁ ସହରକୁ ଆସନ୍ତି ଓ ଯେଉଁମାନଙ୍କର କି କେହି ଅଭିଭାବକ ସହରରେ ବାସ କରନ୍ତି ନାହିଁ ସେ ସମସ୍ତଙ୍କୁ ଆଶ୍ରୟ ଦେବା ତାଙ୍କ ଉଦ୍ଦେଶ୍ୟ, ଅଥବା ତଦଭାବେ କେମ୍ବ୍ରିଜ ଓ ଅକ୍‌ସଫୋର୍ଡ଼ ଇଉନିଭରସିଟିମାନଙ୍କରେ ଯେପରି ଲାଇସେନ୍‌ସ ପ୍ରାପ୍ତ ବସାଘରମାନ ଅଛି, ସେହିପରି ବସାଘର ବ୍ୟବସ୍ଥା କରାଇ ବାଳକମାନଙ୍କୁ ଯଥାସାଧ୍ୟ ଆକଟରେ ରଖିବା ତାଙ୍କର ଇଚ୍ଛା । କିନ୍ତୁ ଶେଷୋକ୍ତ ଉପାୟ ଏଠାରେ କାର୍ଯ୍ୟରେ ପରିଣତ କରି ଦୁରୁହ; ଏ ହେତୁ ସେ ବର୍ତ୍ତମାନ ଥିବା ଛାତ୍ରାବାସର ଆୟତନ ବୃଦ୍ଧି କରିବାରେ ଉଦ୍‌ଯୋଗୀ ହୋଇ ଅଛନ୍ତି ।

ତହିଁ ଉତ୍ତାରୁ ଆମ୍ଭମାନଙ୍କର ମାନନୀୟ ଡ଼ିଷ୍ଟ୍ରିକ୍ଟ ଜଜ୍ ପାରକାଟର ସାହେବ ଗାତ୍ରୋତ୍ଥାନ କରି ପୂର୍ବ କାଳରେ ବିଦ୍ୟାର୍ଥୀମାନେ ସ୍ୱ ସ୍ୱ ଶିକ୍ଷାଗୁରୁଙ୍କ ଗୃହରେ ରହି ପାଠାଭ୍ୟାସ କରିବା ପ୍ରଥା ଓ ବର୍ତ୍ତମାନ କାଳର ପରିବର୍ତ୍ତନାନୁସାରେ ଆମ୍ଭମାନଙ୍କ ପୂର୍ବ ପ୍ରଥା ପରିବର୍ତ୍ତନ କରିବାର ଆବଶ୍ୟକତା ଆଦି ବିଷୟରେ ଗୋଟିଏ ସାରଗର୍ଭ ବକ୍ତୃତା କରିଥିଲେ । ତହୁଁ ଆମ୍ଭମାନଙ୍କ କଲେଜର ଗ୍ରାଉସ ସାହେବ କହିଲେ ଯେ ସେ ମଫସଲରେ କୌଣସି ଭଦ୍ରଲୋକଠାରୁ । ଛାତ୍ରାବାସରେ ଉଚିତ ପର୍ଯ୍ୟବେକ୍ଷଣର ଅଭାବ ଥିବା କଥାଟି ଏଥିପୂର୍ବେ ଶୁଣିଥିଲେ ଓ ତାଙ୍କ ପ୍ରସ୍ତାବମତେ ଓ ସର୍ବସମ୍ମତିକ୍ରମେ ନିମ୍ନଲିଖିତ ସଭ୍ୟମାନେ ଚନ୍ଦା ସଂଗ୍ରହ କରିବା ପାଇଁ କମିଟି ଗଠିତ ହେଲ ଯଥା—

ମି; ଏନ୍. ଏଲ୍. ହଲ୍‌ଓ୍ୱାର୍ଡ଼, ପ୍ରିନ୍‌ସିପାଲ୍

ବାବୁ ମଧୁସୂଦନ ଦାସ, ଉକିଲ
,, ହରବଲ୍ଲଭ ବୋଷ, ଉକିଲ
,, ଘଟକେଶ୍ୱର ଚନ୍ଦ୍ର, ଉକିଲ
,, ବ୍ରଜକିଶୋର ଦାସ, ଡି. କଲେକ୍ଟର
,, ମନମୋହନ ଚକ୍ରବର୍ତ୍ତୀ, ସବ୍‌ଡିଭିଜନାଲ ଅଫିସର, ଯାଜପୁର,
,, ଗୋପାଳବଲ୍ଲଭ ଦାସ—ପରସନାଲ୍ ଆସିଷ୍ଟାଣ୍ଟ
,, ସୁଦାମଚନ୍ଦ୍ର ନାୟକ—ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ
,, ଯୋଗେନ୍ଦ୍ର ନାରାୟଣ ମିତ୍ର—ଆସିଷ୍ଟାଣ୍ଟ ସେଟେଲମେଣ୍ଟ ଅଫିସର
ମି; ଇ. ଏଫ୍. ଗ୍ଲାଡ୍ସ୍, କଲେକ୍ଟର ।

ତହିଁ ଉତ୍ତାରୁ ସଭାପତି ମହାଶୟଙ୍କ ଅନୁରୋଧକ୍ରମେ ବାବୁ ହରବଲ୍ଲଭ ବୋଷ ଓ ମଧୁସୂଦନ ଦାସ ସଭାରେ ବକ୍ତୃତା ପ୍ରଦାନ କରିଥିଲେ । ତହୁଁ ବୃତ୍ତି ଅନୁଷ୍ଠିତ ହେବାରେ ସଭାସ୍ଥଳରେ ୪୮୨ ଟଙ୍କା ଏକକାଳୀନ ବୃତ୍ତି ଓ ୧୫ ଟଙ୍କା ମାସିକ ବୃତ୍ତି ସ୍ୱାକ୍ଷରିତ ହେଲା । ଉତ୍କଳ ଦର୍ପଣର ମାନ୍ୟବର ବୈଦ୍ୟନାଥ ପଣ୍ଡିତ ମହୋଦୟ ୩୦୦୦ ଟଙ୍କା ଓ ବାବୁ ହରବଲ୍ଲଭ ବୋଷ ୧୦୦୦ ଟଙ୍କା ବୃତ୍ତି ସ୍ୱାକ୍ଷର କରିବାଦ୍ୱାରା ଦାତାବର୍ଗର ଦୃଷ୍ଟାନ୍ତସ୍ଥଳ ହୋଇଥିଲେ । ସଭାପତି ଧନ୍ୟବାଦ ଦିଆ ହୋଇ ସଭା ଭଙ୍ଗ ହେଲା । (୩)

| | |
|---|---|
| ବ୍ରଜକିଶୋର ଦାସ | ଇ. ଏଫ୍. ଗ୍ଲାଡ୍ସ୍ |
| ସମ୍ପାଦକ | ସଭାପତି |
| ୪ । ୨ । ୯୬ | ୫ । ୨ । ୯୬ |

□□□

(୧) ତା ୨୮ ମାର୍ଚ୍ଚ ସନ ୧୮୮୦ ମସିହା—ଉତ୍କଳ ଦର୍ପଣ
(୨) ଦୀପିକା—ଭାଗ ୨୭ ସଂଖ୍ୟା, ଜନ୍ ୧୫, ସନ ୧୮୮୯
(୩) ଓଡ଼ିଆ ଓ ନବସମ୍ବାଦ—ଭାଗ ୧୦।୧୭ ସଂଖ୍ୟା ୨୭ । ୨ । ୧୮୯୬

# ଅତୀତରେ ସମ୍ବାଦପତ୍ର ପୃଷ୍ଠାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ପାଇଁ ପ୍ରସ୍ତାବ

## ସମ୍ବଲପୁରକୁ ଓଡ଼ିଶାକୁ ଆନୟନ ପ୍ରସ୍ତାବ

ଡେଲି ନ୍ୟୁସ୍‌ରୁ ଅବଗତ ହେଲୁଁ ଯେ ସନ ୧୮୬୯ ମସିହା ଠାରୁ ଗବର୍ଣ୍ଣମେଣ୍ଟଙ୍କ ବିଚାରାଧୀନରେ ଏମନ୍ତ ଗୋଟିଏ ପ୍ରସ୍ତାବ ଅଛି ଯେ ସିନ୍ଧୁ ପ୍ରଦେଶକୁ ପଞ୍ଜାବ ମଧ୍ୟପ୍ରଦେଶାନ୍ତର୍ଗତ ମରହଟ୍ଟା ଭାଷା ପ୍ରଚଳିତ ରାଜ୍ୟମାନଙ୍କୁ ବମ୍ବେଇ, ସାଗର ଓ ନରମଦା ଦେଶକୁ ଉତ୍ତର ପଶ୍ଚିମ ଓ ସମ୍ବଲପୁରକୁ ବଙ୍ଗପ୍ରଦେଶଭୁକ୍ତ କରିବାକୁ ହେବ । ଅବଧି ଏ ବିଷୟରେ କିଛି ନିଷ୍ପତ୍ତି ହୋଇନାହିଁ । ବର୍ତ୍ତମାନ ଏ ରୂପ ପ୍ରକାଶ ହୋଇଅଛି ଯେ ମହାମାନ୍ୟ ଗବର୍ଣ୍ଣର ଜେନେରାଲଙ୍କ ବମ୍ବେଇ ଯିବାର ଗୋଟିଏ ଉଦ୍ଦେଶ୍ୟ ଏହି ଯେ ଉପର ଲିଖିତ ବିଷୟକୁ ନିଶ୍ଚୟ ରୂପେ ସ୍ଥିର କରିବେ । ଆମ୍ଭେମାନେ ଭରସା କରୁଁ ଯେ ପ୍ରସ୍ତାବଟି ଗ୍ରାହ୍ୟ ହେଲେ ବଡ଼ ଭଲ ହେବ । (ଉତ୍କଳଦୀପିକା, ୭ମଭାଗ, ୨୦ । ୧୦ । ୧୮୭ – ସଂଖ୍ୟା ୬୨)

× × × ×

## ସମ୍ବଲପୁର କଟକର ଅଧୀନ ହେବାର ପ୍ରସ୍ତାବ ।

ସଂପ୍ରତି ଭାରତ ବର୍ଷର ଅନେକ ସମ୍ବାଦପତ୍ରରେ ଏହି ସମ୍ବାଦ ପ୍ରଚାର ହୋଇଅଛି ଯେ ଲର୍ଡ ନର୍ଥବ୍ରୁକ ସାହେବ ଏଥର ମଧ୍ୟପ୍ରଦେଶର ପୃଥକ ଶାସନ କାର୍ଯ୍ୟ ଉଠାଇଦେଇ ତହିଁର କେତେକ ଅଂଶ ବମ୍ବାଇ, କେତେକ ଅଂଶ ବଙ୍ଗଳା, କେତେକ ଉତ୍ତର ପଶ୍ଚିମ ବିଭାଗ ସଙ୍ଗେ ଯୋଗ କରିବେ । କେବଳ ପାୟୋନିୟାର ପତ୍ରିକା ଏହାକୁ ବିଶ୍ୱାସ କରୁନାହାନ୍ତି । ଯେତେବେଳେ ଯାଏ କୌଣସି ଗବର୍ଣ୍ଣମେଣ୍ଟ ଆଜ୍ଞା ପ୍ରକାଶିତ ହୋଇନାହିଁ ସେ ପର୍ଯ୍ୟନ୍ତ ଆମ୍ଭେମାନେ କିଛି ନିଶ୍ଚୟ କରି କହି ନ ପାରୁଁ; ମାତ୍ର ପ୍ରସ୍ତାବଟି ଯେ ଉତ୍ତମ ଅଟଇ ଏଥିରେ କୌଣସି ସନ୍ଦେହ ନାହିଁ ଓ ମଧ୍ୟପ୍ରଦେଶ ବିଭାଗକୁ ଉଠାଇଦେଲେ ଗବର୍ଣ୍ଣମେଣ୍ଟଙ୍କର ଅନେକ ପ୍ରକାରରେ ବ୍ୟୟଲାଘବ ଏବଂ ଶାସନ କାର୍ଯ୍ୟର ସୁଯୋଗ ହେବ ।

ଆମ୍ଭେମାନେ ଭରସା କରୁଁ ଯେ ମହାମାନ୍ୟ ଗବର୍ଣ୍ଣର ଜେନେରାଲ ସାହେବ ଏ ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବାକୁ ଅଧିକ ବିଳମ୍ବ କରିବେ ନାହିଁ ଓ ଯଦ୍ୟପି ତାହା ହେବ ତେବେ ନିଶ୍ଚୟ ଅନୁମାନ ହୁଅଇ ଯେ ସମ୍ବଲପୁର ଜିଲ୍ଲା ଓଡ଼ିଶା କମିଶନରଙ୍କ ଅଧୀନରେ ଆସିବ । କାରଣ ଓଡ଼ିଶା ସହିତ ସମ୍ବଲପୁରର ଯେତେ ପ୍ରକାର ସଂଯୋଗ ଅଛି ବଙ୍ଗଳାର ଅନ୍ୟ କୌଣସି ଜିଲ୍ଲା ସହିତ ସେପରି ନାହିଁ । ମାତ୍ର ଆମ୍ଭେମାନେ ପରମ୍ପରା ଶୁଣି ଦୁଃଖିତ ହେଲୁଁ ଯେ ସମ୍ବଲପୁର ନିବାସୀ କେତେକ ବ୍ୟକ୍ତି ଏଥିରେ ଅସମ୍ମତ ହୋଇ ଗବର୍ଣ୍ଣମେଣ୍ଟଙ୍କୁ ଏମନ୍ତ ଆବେଦନ ପଠାଇବାକୁ ଉଦ୍ୟମ କରୁଅଛନ୍ତି କି ଯେମନ୍ତ ସମ୍ବଲପୁର କଟକ ଅଧୀନ ନ ହୋଇ ଛୋଟନାଗପୁର ଅଧୀନ ହେବ । ଏ ରୂପ ପ୍ରାର୍ଥନା କରିବାର

ତାତ୍ପର୍ଯ୍ୟ କି ଆମ୍ଭେମାନେ ସ୍ଥିର କରି ପାରୁନାହୁଁ । କିନ୍ତୁ ଆମ୍ଭମାନଙ୍କୁ ଜଣାଯାଏ ଯେ କେତେଗୁଡ଼ିଏ ସ୍ୱାର୍ଥପର ବ୍ୟକ୍ତି ଆପଣା ଆପଣା ଲାଭ ଧ୍ୱଂସ ଆଶଙ୍କାରେ ଏ ରୂପ ଆନ୍ଦୋଳନ କରୁଥିବେ । ନୋହିଲେ ସମ୍ବଲପୁର ଓଡ଼ିଶାକୁ ନ ଲୋଡ଼ି ଛୋଟନାଗପୁରର ଅଧୀନ ହେବାକୁ ଚେଷ୍ଟା କରିବ ଏକଥା କେଉଁ ବୁଦ୍ଧିମାନ ଲୋକ ଯୁକ୍ତିଯୁକ୍ତ ଜ୍ଞାନ କରିବ ?

ଯଦ୍ୟପି କି କୌଣସି କାରଣରୁ ସମ୍ବଲପୁର ଏତେକାଳ ମଧ୍ୟପ୍ରଦେଶର ଅନ୍ତର୍ଗତ ହୋଇଅଛି ତଥାଚ ସମ୍ବଲପୁରକୁ ବାସ୍ତବରେ ଓଡ଼ିଶାର ଅଂଶବୋଲି ଜ୍ଞାନ କରିବାକୁ ହେବ । ଏ ଦୁଇ ରାଜ୍ୟର ଭାଷା ଏକ ଓ ସରକାରୀ କାର୍ଯ୍ୟାଳୟମାନଙ୍କର ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ ଚଳଇ । ଓଡ଼ିଶା ସଙ୍ଗେ ସମ୍ବଲପୁର ଯୋଗ ହେଲେ ସରକାରୀ କାର୍ଯ୍ୟର କୌଣସି ବ୍ୟାଘାତ ହେବନାହିଁ, ଛୋଟନାଗପୁରର ଭାଷା ପୃଥକ୍ ସୁତରାଂ ସମ୍ବଲପୁରୀ ମାମଲତକାରଙ୍କର ସେଠାରେ ବିସ୍ତାର କ୍ଲେଶ ଓ କ୍ଷତି ହେବାର ସମ୍ଭାବନା । ପ୍ରଚଳିତ ଭାଷା ବିବେଚନାରେ ରାଜ୍ୟ ବିଭାଗ କରିବା ସମ୍ବନ୍ଧରେ ଉଚିତ ଅଟଇ ଓ ଏ ଯୁକ୍ତି ଅନୁସାରେ ସମ୍ବଲପୁରକୁ କଦାଚ ଓଡ଼ିଶାରୁ ବିଚ୍ଛିନ୍ନ କରିବାର ନୁହଇ ।

ଦ୍ୱିତୀୟରେ ଦେଖାଯାଏ ଯେ ବାଣିଜ୍ୟ ବିଷୟରେ କଟକ ଓ ସମ୍ବଲପୁର ମଧ୍ୟରେ ପ୍ରଗାଢ଼ ସମ୍ବନ୍ଧ ରହିଅଛି । ସମ୍ବଲପୁର ଦ୍ରବ୍ୟ ସବୁ ପ୍ରାୟ ନଦୀ ବାଟେ କଟକକୁ ଆସଇ ଓ ବିଦେଶୀୟ ଦ୍ରବ୍ୟ ଯାବତ୍ ସେଠାରେ ବ୍ୟବହାର ହୁଅଇ ସେସବୁ ପ୍ରାୟ କଟକରୁ ଅଥବା କଟକ ବାଟେ ଯାଏ । ସର୍ବଦା ନୌକା ଯାତାୟତ ହେଉଥିବାରୁ ଯିବା ଆସିବାର କୌଣସି କ୍ଲେଶ ନାହିଁ । ବରଂ ଜଳ ସ୍ଥଳ ଉଭୟ ବାଟ ସର୍ବଦା ଜାରି ଅଛି ଏବଂ ବାଣିଜ୍ୟ ହେତୁରୁ ଉଭୟ ଖଣ୍ଡର ଲୋକ ପରସ୍ପରର ନିତାନ୍ତର ଉତ୍ତମ ରୂପେ ପରିଚିତ । ବର୍ତ୍ତମାନ କଟକରେ ଶତଶତ ସମ୍ବଲପୁରୀ ଲୋକ ଦେଖାଯାଉ ଅଛନ୍ତି ଓ ଏଠାରେ କି ରମ ନିର୍ବାହ ହେବାକୁ ହୁଅଇ ତାହା ଜାଣୁଅଛନ୍ତି । କେବଳ ଶାସନ ପ୍ରଣାଳୀ ଭିନ୍ନ ଥିବାରୁ ବାଣିଜ୍ୟାଦିରେ କେତେକ ପ୍ରକାରର ଅସୁବିଧା ଘଟୁଅଛି । ଯେବେ ଏ ଦୁଇରାଜ୍ୟ ଏକ ଶାସନ କର୍ତ୍ତାର ଆଜ୍ଞାଧୀନରେ ଆସିବେ ତେବେ ସର୍ବତୋଭାବେ ମଙ୍ଗଳ ହେବ । ଛୋଟନାଗପୁର ଅଧୀନରେ ହେଲେ ଏସବୁ ଆପତ୍ତି ଖଣ୍ଡନ ହେବନାହିଁ ଓ ମଧ୍ୟ ଅନ୍ୟ କି ଉପକାର ହେବ ଦେଖାଯାଉନାହିଁ । ଅତଏବ ସମ୍ବଲପୁରକୁ ଓଡ଼ିଶା ସହିତ ଯୋଗ କରିବା ବିଷୟରେ ଆଜ୍ଞା ପ୍ରବୃତ୍ତ ହେଉ ।

(ଉତ୍କଳ ଦୀପିକା, ୭ମଭାଗ, ୧୬ । ୧୧ । ୧୮୭୦ ସଂଖ୍ୟା ୪୫)

× × × ×

ଲୋକ ସଂଖ୍ୟା ରିପୋର୍ଟରେ ଶ୍ରୀଯୁକ୍ତ ବେବରଲି ସାହେବ ଓଡ଼ିଆଙ୍କୁ ଏହିରୂପେ ବର୍ଣ୍ଣନା କରିଅଛନ୍ତି ଯଥା :—

“ଭାଷା ଓ ଜନ୍ମ ବିଷୟରେ ବଙ୍ଗାଳିଙ୍କ ସହିତ ଯୋଗ ଥିଲେ ହେଁ ଓଡ଼ିଆମାନେ ଅଲଗା ରହିବାକୁ ବିଶେଷ ପ୍ରକାରର ରୀତି ଓ ଗଠନ ଲାଭକରି ଅଛନ୍ତି । ଓଡ଼ିଆମାନେ

ବଙ୍ଗାଳିଙ୍କଠାରୁ ଅଧିକ ଭକ୍ତିମାନ୍ । ପୂର୍ବ ନିୟମର ପକ୍ଷପାତୀ ହେବାର ଏମାନଙ୍କଠାରେ ଉତ୍ସାହର ଅଭାବ ଦେଖାଯାଏ । ପୂର୍ବ ପୁରୁଷଙ୍କ ରୀତିକୁ ଆଚରି ସୁଖରେ ରହନ୍ତି ଏବଂ ବର୍ତ୍ତମାନ କାଳର ଉନ୍ନତିକି ଅଶ୍ରଦ୍ଧା କରନ୍ତି'' ଏଥିକୁ ଷ୍ଟେଲ ନିମ୍ନସ ବୋଲନ୍ତି ଯେ ଏସବୁ ନିଃସନ୍ଦେହ ରୂପେ ସତ୍ୟ ତଥାଚ ପୃଥିବୀ ମଧ୍ୟରେ ଓଡ଼ିଆମାନେ ଅଧିକ ପରିଶ୍ରମୀ ଓ ପରିମିତାହାରୀ ଅଟନ୍ତି ଓ ଯେ ସ୍ଥଳେ ଏସବୁ ଗୁଣ ତାହାଙ୍କ ଭାରତବର୍ଷର ଲୋକ-ମାନଙ୍କ ମଧ୍ୟରେ ଅତିଶୟ କୁସଂସ୍କାର ବଦ୍ଧିଷ୍ଟ ଏବଂ ପୁରୋହିତ ବେଶ କଜଅଛି ସେ ସ୍ଥଳେ ତାହାଙ୍କର ସେପରି ହେବାର କାରଣ ପରମ୍ପରା ନିୟମପ୍ରିୟ ଅଥବା ଅଳସ୍ୟା ରହିବା ଅବସ୍ଥା ଛଡ଼ା ଅନ୍ୟକିଛି ହୋଇପାରେ । ଗଞ୍ଜାମର ଉଚ୍ଚବଂଶର ଓଡ଼ିଆମାନେ ଏହିପ୍ରକାର ଲୋକ ହୋଇଥିଲେ ହେଁ କୌଣସି ରୂପେ ସେମାନଙ୍କୁ ସମୁଦ୍ର ତଟରୁ ଭିନ୍ନ ଜାତି ବୋଲିଯାଇ ନ ପାରେ । ମାନ୍ଦ୍ରାଜର ପୁଲିସ ଏକଥାର ପ୍ରମାଣ କରିଅଛି ଏବଂ ଏକଥା ଜାଣିବାର ଆବଶ୍ୟକ ଯେ ଶୁଦ୍ଧ ଓଡ଼ିଆ ଭାଷା ଓଡ଼ିଶାର ଗଡ଼ଜାତରେ କଥିତ ହୁଅଇ ଓ ସେଠା ଲୋକଙ୍କ ପରି ଭାରତବର୍ଷର କୌଣସି ଲୋକ ଅଧିକ ସାହସୀ ନୁହନ୍ତି ଓ କଦାଚିତ୍ କେହି ଅଧିକ ବଳବାନ୍ ନ ଥିବେ ।

ବେବରଲି ସାହେବଙ୍କ ବର୍ଣ୍ଣନା କେତେଦୂର ସତ୍ୟ ପାଠକମାନେ ବିଚାର କରନ୍ତୁ । (ଉତ୍କଳଦୀପିକା ୮ମଭାଗ, ୨୯ । ୩ । ୧୮୭୩ ସଂଖ୍ୟା ୧୩)

× × × ×

## କେହି ଶୁଣିବେ କି ?

ଆଜିକାଲି ଯେଉଁମାନଙ୍କୁ ଓଡ଼ିଶା ଉନ୍ନତିକି ଓଡ଼ିଶାର ବିଦ୍ୟାଶିକ୍ଷା କି ଓଡ଼ିଆ ଭାଷାର ଶ୍ରୀବୃଦ୍ଧି ସାଧନ ପ୍ରଭୃତି କେତେକ ବିଷୟମାନଙ୍କର ଆଲୋଚନା ବା କଥାବାର୍ତ୍ତା କରିବାର ମଧ୍ୟେ ୨ ଦେଖାଯାଏ ସେମାନେ ଆଉ କଥାମଧ୍ୟରେ ଏହି କଥାଟିକି ମୂଳକରି କହନ୍ତି, ଯେ ଓଡ଼ିଶା, ସମ୍ବଲପୁର, ଗଞ୍ଜାମ ଏ ତିନି ଦେଶ ଏକତ୍ରିଭୂତ ନ ହେବାଯାଏ ଉତ୍କଳ ଦେଶ ପ୍ରକୃତ ଉନ୍ନତି ସୋପାନକୁ ଉତ୍ଥିତ ହୋଇପାରିବ ନାହିଁ । ମଧ୍ୟ ଏ କଥାଟି ସେମାନଙ୍କର ଭିନ୍ନ କି ସାମାନ୍ୟ କଥା ନୁହେଁ । ଏଥିରେ ଓଜନ ଓ ଗୁରୁତ୍ୱ ଅଛି । ଯେତେବେଳେ ତିନି ଦେଶୀୟ ଲୋକ ଏକ ଉତ୍କଳ ଅକ୍ଷରରେ ଯାବତୀୟ କଥାର ଲିଖନ ପଠନ କରୁଅଛନ୍ତି ଓ ଯେଉଁମାନେ କି ଏ ପ୍ରକାର ରୀତି ନୀତି ଦ୍ୱାରା ସମାଜରେ ଚଳାଚଳ ହେଉ ଅଛନ୍ତି ସେମାନଙ୍କୁ ଯେ ତିନି ସ୍ଥାନରେ ତିନି ଗବର୍ଣ୍ଣମେଣ୍ଟର ତିନପ୍ରକାର ରଖିବା କେତେ ଦୂର ଅବିଧେୟ ତାହା ଜନସାଧାରଣ ବିବେଚନା କରନ୍ତୁ ।

× × ×

ଥରକୁ ଥର ସମ୍ବଲପୁର ଗଞ୍ଜାମ ଓଡ଼ିଶା ସଙ୍ଗେ ମିଶିବାର ପ୍ରସ୍ତାବ ଉଠୁଅଛି ମାତ୍ର ସେ କଥା ନା ଦେଶୀୟ ଲୋକେ ଶୁଣୁ ଅଛନ୍ତି ନା ଗବର୍ଣ୍ଣମେଣ୍ଟ ଶୁଣୁ ଅଛନ୍ତି ? ଏଥର କେହି ଶୁଣିବେ କି ? (ଉତ୍କଳ ଦୀପିକା ସ୍ୱଗ ୧୯ । ୮ । ୧୮୭୪ ସଂଖ୍ୟା୧୯)

□□□

# ସମ୍ବାଦପତ୍ରରେ ପ୍ରାଚୀନ ଓ ଆଧୁନିକର ସଂଘର୍ଷ

କାଳଚକ୍ରର ଆବର୍ତ୍ତନରେ ଯୁଗଧର୍ମ ପରିବର୍ତ୍ତିତ ହେଉଥାଏ । ଯୁଗଧର୍ମ ପରିବର୍ତ୍ତିତ ହେବା ସଙ୍ଗେ ସଙ୍ଗେ ସାମଗ୍ରିକ ଭାବରେ ଜୀବନର ମୂଲ୍ୟବୋଧ ମଧ୍ୟ ବଦଳିଯାଏ । ସାହିତ୍ୟ ସୃଷ୍ଟି ମାଧ୍ୟମରେ ଏହି ମୂଲ୍ୟବୋଧର ପଦଧ୍ୱନି କ୍ରମେ କ୍ରମେ ସଞ୍ଚାରିତ ହୁଏ । କାରଣ ପତ୍ରପତ୍ରିକା ପୃଷ୍ଠାରେ ପ୍ରକାଶିତ ସାହିତ୍ୟିକ ଯୁଗ ଓ ସମାଜର ମାନସକୁ ପ୍ରତିଫଳିତ କରୁଥାଏ । ଅନେକ ସମୟରେ ଦେଖାଯାଇଛି ପୁରାତନ ଓ ନୂତନ ମୂଲ୍ୟବୋଧ ପୃଷ୍ଠଭୂମିରେ ସାହିତ୍ୟ ରକ୍ଷଣଶୀଳ, ପୁରାତନ ଏବଂ ଆଧୁନିକ ବୋଲି ଚିହ୍ନିତ ହୋଇଥାଏ । ଓଡ଼ିଆ ସାହିତ୍ୟରେ ଆଧୁନିକ ନବଯୁଗର ପ୍ରାକ୍‌କାଳରେ ଏହିପରି ପୁରାତନ ଓ ନୂତନ ମୂଲ୍ୟବୋଧର ସଂଘର୍ଷର ବୌଦ୍ଧିକରୂପ ତତ୍କାଳୀନ କାବ୍ୟକାରମାନଙ୍କୁ କେନ୍ଦ୍ର କରି ଗଢ଼ି ଉଠିଲା । କବିବର ରାଧାନାଥ ଓଡ଼ିଆ କାବ୍ୟରେ ଆଧୁନିକତାର ପ୍ରବର୍ତ୍ତକ ରୂପେ ଯେତେବେଳେ ପାଠକମାନଙ୍କ ନିକଟରେ କ୍ରମେ ପରିଚିତ ହେଲେ ଏହି ମୂଲ୍ୟବୋଧର ସଂଘର୍ଷ ସେତେବେଳେ ସୂତ୍ରପାତ ହୋଇଥିଲା । ପାଠକମାନେ ମଧ୍ୟ ଦୁଇ ଭାଗରେ ବିଭକ୍ତ ହୋଇଥିଲେ । ଦଳେ ରାଧାନାଥଙ୍କ କାବ୍ୟ-କବିତାର ପ୍ରଶଂସକ ଥିଲେ ଏବଂ ଆଉ ଦଳେ ରାଧାନାଥଙ୍କର ଘୋର ବିରୋଧୀ ଥିଲେ । ସେମାନଙ୍କର ସମର୍ଥନ ଓ ବିରୋଧ ଲିଖିତ ଭାବରେ ସାହିତ୍ୟରେ ବୌଦ୍ଧିକ ମୂଲ୍ୟବୋଧକୁ ଆଶ୍ରୟକରି ଗଢ଼ିଉଠିଥିଲା ଏହିପରି ଏକ ମସୀଯୁଦ୍ଧର ଉଦାହରଣ ହେଉଛି-'ଇନ୍ଦ୍ରଧନୁ' ଓ 'ବିଜୁଳି' ପତ୍ରିକାର ପରସ୍ପର ବିରୋଧୀ ଅଭିମୁଖ୍ୟ । ଏହି ମସୀଯୁଦ୍ଧ ଆରମ୍ଭ ହୋଇଥିଲା ରାଧାନାଥଙ୍କ ନୂତନ ଶୈଳୀରେ ଲିଖିତ କାବ୍ୟ-କବିତାକୁ କେନ୍ଦ୍ର କରି । ୧୮୮୯ ମସିହା ବେଳକୁ ରାଧାନାଥଙ୍କର କାବ୍ୟ କେଦାରଗୌରୀ (୧୮୮୬), ଚନ୍ଦ୍ରଭାଗା (୧୮୮୬) ନନ୍ଦିକେଶ୍ୱରୀ (୧୮୮୭), ଉଷା (୧୮୮୮) ପ୍ରକାଶିତ ହୋଇ ପାଠକଦୃଷ୍ଟିକୁ ଆସିସାରିଥିଲା । କାବ୍ୟାମୋଦୀ ପାଠକମାନେ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ଆଲୋଚନା କଲାବେଳେ ରାଧାନାଥଙ୍କ କାବ୍ୟ-କବିତା ସେମାନଙ୍କ ଦୃଷ୍ଟିରୁ ବାଦ୍ ପଡ଼ୁ ନ ଥିଲା । ସାହିତ୍ୟର ସମାଲୋଚନା କରିବା ସମୟରେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ତୁଳନାତ୍ମକ ବିଚାର ସ୍ୱତଃ ଆସିଯାଉଥିଲା । ଯେଉଁମାନେ ପ୍ରାଚୀନ କାବ୍ୟାମୋଦୀ ଥିଲେ ସେମାନେ ରାଧାନାଥଙ୍କର ପ୍ରଶଂସକ ମାନଙ୍କୁ କାବ୍ୟକାର ଉପେନ୍ଦ୍ର ଭଞ୍ଜଙ୍କର ସାହିତ୍ୟିକ ମର୍ଯ୍ୟାଦା ପ୍ରତି ସଚେତ କରାଇଦେଉଥିଲେ । କେତେ କେମିତି ପାଠକମାନେ ରାଧାନାଥଙ୍କ ସାହିତ୍ୟର ଆଲୋଚନା କରୁଥିଲେ । ସାହିତ୍ୟର ତୁଳନାତ୍ମକ ବିଶ୍ଳେଷଣ କରିବା ପଦ୍ଧତିରେ ମଧ୍ୟଯୁଗୀୟ ଓଡ଼ିଆ କବି ମାନଙ୍କ ନାମ ପ୍ରତି-

ଧ୍ୱନିତ ହେଉଥିଲା । ସେହି ସମୟରେ ଏକ ପତ୍ରିକାରେ 'ଉତ୍କଳ ସାହିତ୍ୟ' ନାମକ ଏକ ପ୍ରବନ୍ଧ ପ୍ରକାଶିତ ହୋଇଥିଲା । ପତ୍ରିକାର ଫେବୃଆରୀ ମାସ ସଂଖ୍ୟାରେ (୨୦-୨-୮୯) ଏହି ପ୍ରବନ୍ଧଟି ପ୍ରକାଶିତ ହୋଇଥିଲା । ଏହି ପ୍ରବନ୍ଧରେ ନୂତନ କବି ରାଧାନାଥଙ୍କର ପ୍ରଭୂତ ପ୍ରଶଂସା କରାଯାଇଥିଲା । ରାଧାନାଥଙ୍କ ପ୍ରଶଂସା କରିବା ଅର୍ଥ ଆଧୁନିକ ସାହିତ୍ୟର ଜୟଗାନ କରିବା ଏବଂ ଆଧୁନିକ ସାହିତ୍ୟର ଜୟଗାନ କରିବା ଅର୍ଥ ପ୍ରାଚୀନ ଓଡ଼ିଆ କାବ୍ୟର ଉପେକ୍ଷା କରିବା । ପ୍ରାଚୀନ କାବ୍ୟ-କବିତାର ଉପେକ୍ଷା କରିବା ଅର୍ଥ ରକ୍ଷଣଶୀଳତା ଓ ପରମ୍ପରାର ବିରୋଧ କରିବା । ଏହାହିଁ ସେତେବେଳେ ସାହିତ୍ୟିକମାନଙ୍କର ଦୃଷ୍ଟିକୋଣ ଓ ଅଭିମୁଖ୍ୟ ଥିଲା । ଶେଷରେ ଏହିସବୁ ପରସ୍ପରବିରୋଧୀ ଓ ସାହିତ୍ୟିକ ଆଦର୍ଶର ପରିଣତି ହେଲା ପ୍ରାଚୀନ କବି ଉପେନ୍ଦ୍ର ଭଞ୍ଜ ଏବଂ ଆଧୁନିକ କବି ରାଧାନାଥଙ୍କ ଲିଖିତ ସୃଷ୍ଟିର ବ୍ୟାପକ ଆଲୋଚନା ଓ ସମାଲୋଚନା । ପ୍ରାଚୀନ ସାହିତ୍ୟ ପ୍ରତି ନବଶିକ୍ଷିତ ଯୁବସମାଜର ଯେପରି ବିତୃଷ୍ଣାଭାବ ଏବଂ ଆଧୁନିକ ଶୈଳୀସଂପନ୍ନ ସାହିତ୍ୟ ପ୍ରତି ଗଭୀର ଆସକ୍ତି ଏହାହିଁ କ୍ରମବର୍ଦ୍ଧିଷ୍ଣୁ, ଏହି ମସୀଯୁଦ୍ଧର ଥିଲା ଉଦ୍ଦେଶ୍ୟ । ୧୮୯୩-୯୪ ମସିହାର 'ଇନ୍ଦ୍ରଧନୁ' ଓ 'ବିଜୁଳି' ପତ୍ରିକାର ବିବାଦ ଓଡ଼ିଆ ସାହିତ୍ୟରେ ପ୍ରାଚୀନ ମୂଲ୍ୟବୋଧ ଓ ନୂତନ ମୂଲ୍ୟବୋଧର ଯଥାକ୍ରମେ ସମର୍ଥକ ଓ ସମାଲୋଚକ ବୋଲି ଜଣାଯାଏ । ପ୍ରାଚୀନ ଓ ନବୀନ କବିତାର ସଂଘର୍ଷ 'ଇନ୍ଦ୍ରଧନୁ' ଓ 'ବିଜୁଳି' ପତ୍ରିକାର ଥିଲା ପ୍ରତିପାଦିତ ଲକ୍ଷ୍ୟ । ଶେଷରେ ଏହି ସଂଘର୍ଷ ଉଗ୍ରରୂପ ଧାରଣ କରିଥିଲା ଏବଂ ଓଡ଼ିଆ ପତ୍ରପତ୍ରିକା ଓଡ଼ିଆ ସାହିତ୍ୟରେ ନୂତନ ମୂଲ୍ୟବୋଧ ପାଇଁ ଯେ ଆପ୍ରାଣ ଉଦ୍ୟମ ଚଳାଇଥିଲେ ତାହା ସାଫଲ୍ୟମଣ୍ଡିତ ହୋଇଥିଲା । ପ୍ରାଚୀନ ଓ ଆଧୁନିକ ସାହିତ୍ୟ ସଂଘର୍ଷର ଭିତ୍ତି ପତ୍ରପତ୍ରିକା ହିଁ ଆରମ୍ଭ କରିଥିଲେ ଏବଂ ସେ ସଂଘର୍ଷର ଏକପ୍ରକାର ସମାଧାନ ମଧ୍ୟ ସେ ପତ୍ରପତ୍ରିକା ମାଧ୍ୟମରେ ହୋଇଥିଲା । ୧୮୯୩ ମସିହା ଅଗଷ୍ଟ ୧୬ ତାରିଖରେ 'ଇନ୍ଦ୍ରଧନୁ' ପତ୍ରିକା କଟକରୁ ପ୍ରକାଶିତ ହୋଇଥିଲା ଏବଂ ଭଞ୍ଜକବିଙ୍କ ପକ୍ଷ ସମର୍ଥନ କରିଥିଲା (ଉତ୍କଳ ଦୀପିକା ୧୯ ଅ', ୧୮୯୩, ୨୮/୩୩ ସଂଖ୍ୟା) । ଇନ୍ଦ୍ରଧନୁ ପତ୍ରିକା ଭଞ୍ଜଙ୍କ ପକ୍ଷ ସମର୍ଥନ କରି ଲେଖାଲେଖି କରିବାର କାରଣ ହେଲା ଭଞ୍ଜଙ୍କୁ ଏକମାତ୍ର କବିକୁଳ-ଚନ୍ଦ୍ର-ତିଳକ ବୋଲି ପ୍ରତିପାଦନ କରିବା । 'ଇନ୍ଦ୍ରଧନୁ' ତାର ପ୍ରଥମ ସଂଖ୍ୟାର ମୁଖବନ୍ଧରେ ଘୋଷଣା କରିଥିଲା ଯେ ଉତ୍କଳ ସାହିତ୍ୟରେ ଯେଉଁ ଘୋର ବାଦ-ପ୍ରତିବାଦ ଚାଲିଛି, ସେହି ବିବାଦରୁ ଓଡ଼ିଆ ଜାତିର ଗୌରବ ରକ୍ଷାକରିବା ପାଇଁ ଇନ୍ଦ୍ରଦେବ କୃପାକରି ତାହାକୁ କଟକକୁ ପ୍ରେରଣ କରିଥିଲେ । (ଉତ୍କଳଦୀପିକା ୨୮/୩୩ ତା ୧୯-୮-'୮୯୩) । 'ଇନ୍ଦ୍ରଧନୁ' ପତ୍ରିକା ପକ୍ଷରୁ ଯେଉଁ ରଥୀ ମହାରଥୀମାନେ ଏହି ମସୀଯୁଦ୍ଧରେ ଅବତୀର୍ଣ୍ଣ ହୋଇଥିଲେ ସେମାନଙ୍କ ମଧ୍ୟରେ 'ଉତ୍କଳ ଦୀପିକା'ର ସମ୍ପାଦକ ଗୌରୀଶଙ୍କର ରାୟ, କାଞ୍ଚିକାବେରୀ ଓ ବିବାସିନୀର ଲେଖକ ରାମଶଙ୍କର ରାୟ, ଗୋପାଳବଲ୍ଲଭ ଦାସ, ବନମାଳୀ ସିଂହଙ୍କ ନାମ ଉଲ୍ଲେଖଯୋଗ୍ୟ । 'ଇନ୍ଦ୍ରଧନୁ' ପତ୍ରିକା ସେତେବେଳର ପାଶ୍ଚାତ୍ୟ ଶିକ୍ଷାସମ୍ପନ୍ନ ଏବଂ ପାଶ୍ଚାତ୍ୟ ସାହିତ୍ୟ

ପ୍ରଭାବିତ ଲେଖକମାନଙ୍କୁ କିପରି ବ୍ୟଙ୍ଗବିଦ୍ରୂପ କରାଯାଉଥିଲା ତାହାର ଏକ ଉଦାହରଣ 'ଉତ୍କଳଦୀପିକା' ରୁ ମିଳେ ।

"ଧନ୍ୟ ଉତ୍କଳ ଭୂମି ଧନ୍ୟ ତୋ ମହିମା !
ଧନ୍ୟ ଧନ୍ୟ ଆଧୁନିକ କବି ଗରିମା,
ପାଶ୍ଚାତ୍ୟ ବୃତୃଷ୍ଣ ତାଙ୍କ କିଏ ସେ କହିବ,
ନିଜ ଘରେ ଥାଉ ପର କହୁଣି ଖାଇବ ?"

(ଉତ୍କଳ ଦୀପିକା ୨୭/୨୨, ୨୮-୫-୧୮୯୨)

ଏଥିରୁ ସହଜରେ ଜଣାପଡ଼େ 'ଇନ୍ଦ୍ରଧନୁ' ପତ୍ରିକା ପ୍ରକାଶନ ପୂର୍ବରୁ ମଧ୍ୟ ଓଡ଼ିଆ ସାହିତ୍ୟରେ ପତ୍ରପତ୍ରିକା ମାଧ୍ୟମରେ ଏହି ମସୀଯୁଦ୍ଧ ଆରମ୍ଭ ହୋଇଯାଇଥିଲା । ୧୮୯୧ ମସିହାରେ ମୟୂରଭଞ୍ଜର ମହାରାଜା ରାମଚନ୍ଦ୍ର ଭଞ୍ଜଦେବଙ୍କ ପୃଷ୍ଠପୋଷକତାରେ 'ଉତ୍କଳ-ପ୍ରଭା' ନାମକ ପତ୍ରିକା ଆତ୍ମପ୍ରକାଶ କରେ । 'ଉତ୍କଳପ୍ରଭା' ସାହିତ୍ୟରେ ନୂତନ ମୂଲ୍ୟ-ବୋଧର ପକ୍ଷପାତୀ ଥିଲା । ସେହି ପତ୍ରିକାରେ ବିଜୟ ଚନ୍ଦ୍ର ମଜୁମଦାର 'ସାହିତ୍ୟଚର୍ଚ୍ଚା' ନାମରେ ଏକ ପ୍ରବନ୍ଧ ପ୍ରକାଶ କରିଥିଲେ । ସେହି ପ୍ରବନ୍ଧରେ ଉପେନ୍ଦ୍ର ଭଞ୍ଜଙ୍କ ବିରୋଧରେ କେତେକ ମତ ପ୍ରକାଶ ପାଇଥିଲା । ତାହା ହେଉଛି, "ରୁଚି ଓ ପ୍ରବୃତ୍ତି ଅନୁସାରେ ଅନେକ ସମୟରେ ଅନେକ ଅନାକାଙ୍କ୍ଷୀ ଗ୍ରନ୍ଥ ସମାଜରେ ଖ୍ୟାତିପ୍ରାପ୍ତ ହୋଇଅଛି । ଦୃଷ୍ଟାନ୍ତ ଛଳରେ ଖ୍ୟାତନାମା କବି ଉପେନ୍ଦ୍ର ଭଞ୍ଜଙ୍କ ନାମ ଉଲ୍ଲିଖିତ ହୋଇପାରେ ।" (ଉତ୍କଳପ୍ରଭା ୧/୭ ପୃ. ୧୭)

ବିଜୟ ଚନ୍ଦ୍ର ମଜୁମଦାରଙ୍କର ଏହି ମତକୁ ସୁହାଇଲାଭଳି ଲାଲ ରାମନାରାୟଣ ରାୟ ସେହି 'ଉତ୍କଳପ୍ରଭା'ରେ ଉପେନ୍ଦ୍ର ଭଞ୍ଜ ଶିରୋନାମାରେ ପ୍ରବନ୍ଧ ପ୍ରକାଶ କରିଥିଲେ । ଏହି ପ୍ରବନ୍ଧର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଉତ୍କଳ ଦୀପିକା ନିନ୍ଦା କରିଥିଲେ, ଅଥଚ 'ଦେବ-ଗଡ଼' ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ପତ୍ରିକା ଏହାକୁ ସମର୍ଥନ ଜଣାଇଥିଲେ । ହିତବାଦୀ ଓ ଗୋଲକଧନ୍ଦା ପ୍ରଭୃତି ଛଦ୍ମ ନାମରେ ଭଞ୍ଜପକ୍ଷ ସମର୍ଥନ କରି ଉତ୍କଳ ଦୀପିକା କେତେକ ଲେଖା ପ୍ରକାଶ କରାଇଥିଲେ । ଉତ୍କଳ ଦୀପିକା ଭଞ୍ଜଙ୍କୁ ସମର୍ଥନ କରି ଯେଉଁସବୁ ଲେଖା ଲେଖୁଥିଲା ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା : "ଭଞ୍ଜକବିଙ୍କ କବିତା-ରେ ଯେ ଦୋଷ ନାହିଁ, ତାହା କେହି କହିପାରିବେ ନାହିଁ । ଅଥଚ ତାଙ୍କର ସମୁଦାୟ କବିତାର ସମାଲୋଚନା କରିବା ଆମର ଉଦ୍ଦେଶ୍ୟ ନୁହେଁ । ତେବେ ନବମ ସଂଖ୍ୟା 'ପ୍ରଭା'ରେ ଉଦ୍ଧୃତ କାବ୍ୟମାନ ଆମର ଆଲୋଚ୍ୟ । କାରଣ ଉତ୍କଳ ସାହିତ୍ୟ ଉଦ୍ୟାନରେ ଆମ୍ଭେ ସଦାବିହାରୀ ଭ୍ରମର ବା ପାରିଜାତପୋକ ନୋହୁଁ । ତେବେ ପଦେଅଧେ ଯାହା ଦେଖିଛୁ ବା ଶୁଣିଛୁ ତାହାହିଁ କହୁଛି । ରାମନାରାୟଣ ଲାଲ ଉପେନ୍ଦ୍ର ଭଞ୍ଜଙ୍କୁ ନିନ୍ଦା ବା

ପ୍ରଶଂସା କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ନିଜ ସନ୍ଦେହଭଞ୍ଜନ ହିଁ ମୁଖ୍ୟ ଉଦ୍ଦେଶ୍ୟ ।" ଉତ୍କଳ ଦୀପିକା ଓଡ଼ିଆ ସାହିତ୍ୟରେ ପ୍ରାଚୀନ ଓ ନୂତନର ସଂଘର୍ଷର ସୂତ୍ରଧର ବୋଲି କୁହାଯାଇପାରେ । ୧୮୭୭ ମସିହାର ଏକ ଘଟଣା, ତାହା ହେଉଛି ବାଲେଶ୍ୱରରୁ ପ୍ରକାଶିତ 'ଉତ୍କଳ ଦର୍ପଣ' ପତ୍ରିକା ମକଦ୍ଦମାରେ ଗୁହାଙ୍କ ଜମାନବନ୍ଦୀରେ ପ୍ରାଚୀନ ସାହିତ୍ୟ ପ୍ରତି ଆକ୍ଷେପ କରାଯାଇଥିଲା । ସେହି ଆକ୍ଷେପ ପ୍ରାଚୀନ ଓ ଆଧୁନିକ ସାହିତ୍ୟ ସଂଘର୍ଷର ସୂତ୍ରପାତ କରିଥିଲା । ଶେଷରେ ଉତ୍କଳ ସଭା (୧୮୭୭ ଜୁଲାଇରେ ସ୍ଥାପିତ)ର ଏକ ଷାଣ୍ମାସିକ ଅଧିବେଶନରେ ଏହି ସଂଘର୍ଷ ନିର୍ଦ୍ଦିଷ୍ଟ ରୂପରେଖ ଗ୍ରହଣ କରିଥିଲା । ଉତ୍କଳସଭାର ସେ ଅଧିବେଶନରେ ବିଶିଷ୍ଟ ବକ୍ତା ପ୍ୟାରୀମୋହନ ଆଚାର୍ଯ୍ୟ ପ୍ରାଚୀନ ଓଡ଼ିଆ କାବ୍ୟକୁ ଏକରକମ ନାପସନ୍ଦ କରିଥିଲେ । ପ୍ୟାରୀମୋହନ ଆଚାର୍ଯ୍ୟଙ୍କର ବକ୍ତବ୍ୟକୁ ଉତ୍କଳ ଦୀପିକା ସେତେବେଳେ ପ୍ରକାଶ କରିଥିଲା : "ଓଡ଼ିଆ ଭାଷାରେ ପ୍ରାଚୀନ କାଳରେ ଏମନ୍ତ କିଛି ସମ୍ପତ୍ତି ନାହିଁ ଯାହାକି ଭାଷାର ଉନ୍ନତି ସକାଶେ କାର୍ଯ୍ୟରେ ଆସିବ ଓ ବର୍ତ୍ତମାନ କାଳରେ ଏତେ ପ୍ରତିବନ୍ଧକ ଦେଖାଯାଏ ଯେ ସେ ସମସ୍ତ ଅତିକ୍ରମ କରି ସଭ୍ୟ ରୁଚି ଅନୁସାରେ ଭାଷା ସଂଗଠିତ ହେବା କଠିନ ।" (ଉତ୍କଳ ଦୀପିକା ୧୩/୧୪, ୨୬-୧-୧୮୭୮) । ପ୍ୟାରୀମୋହନଙ୍କର ଏତାଦୃଶ ମନ୍ତବ୍ୟକୁ ଚତୁର୍ଭୁଜ ପଟ୍ଟନାୟକ ଖଣ୍ଡନ କରିଥିବାର ଜଣାଯାଏ । ସେ କହିଥିଲେ, "ଓଡ଼ିଆ କାବ୍ୟ ସେପରି ନିନ୍ଦନୀୟ ନୁହେଁ ଯେପରି ପ୍ୟାରୀମୋହନ ଆଚାର୍ଯ୍ୟ ନିନ୍ଦାକଲେ ।" (ଉତ୍କଳଦୀପିକା ୧୩/୧୪ । ୨୨– –୧୮୭୮ । କ୍ରମେ ପ୍ରାଚୀନ ଓ ନବୀନ ସାହିତ୍ୟର ସଂଘର୍ଷ ନିୟମିତ ରୂପ ଗ୍ରହଣ କରିଥିଲା । ଏହି ସଂଘର୍ଷ ସମ୍ବନ୍ଧୀୟ ଅନେକ ବ୍ୟଙ୍ଗଧର୍ମୀ ରଚନା ସେତେବେଳେ ଦୀପିକା ପତ୍ରିକାରେ ପ୍ରକାଶିତ ହୋଇଥିଲା ।

"ଉତ୍କଳଯଜ୍ଞରେ ଯାଇ ହୋଇଲୁ ପ୍ରବେଶ,
ଯଜ୍ଞ ଦରଶନେ ଲଭି ଆନନ୍ଦ ବିଶେଷ ।

ଲାବଣ୍ୟବତୀର ଅର୍ଥ ହେବାର ଶୁଣିଲୁ,
କବିତା ଦୁର୍ଦ୍ଦଶା ଦେଖି ବିମୋହିତ ହେଲୁ ।

ଧନ୍ୟ ଯେ ଉପେନ୍ଦ୍ର ଭଞ୍ଜ କବି-ଚୂଡ଼ାମଣି
କବିତାରେ ଝଙ୍କି ଛନ୍ତି ଚନ୍ଦ୍ର ସୂର୍ଯ୍ୟ ଆଣି ।"

(ଉତ୍କଳ ଦୀପିକା ୧୩/୧୪, ୬-୨-୧୮୭୮)

ପ୍ରାଚୀନପନ୍ଥୀ ଅଲୋଚକମାନଙ୍କର ଏତାଦୃଶ ବ୍ୟଙ୍ଗାତ୍ମକ ରଚନା ଓ ମନ୍ତବ୍ୟ ଆଧୁନିକପନ୍ଥୀମାନଙ୍କ ପକ୍ଷରେ ଅସହ୍ୟ ହୋଇଥିଲା । ସେଥିପାଇଁ ଦେବଗଡ଼ରୁ ପ୍ରକାଶିତ ସମ୍ବଲପୁର ହିତୈଷିଣୀ (୫ ୯, ତା ୨୮-୧୮୯୩)ରେ ନିମ୍ନଲିଖିତ ପଦ୍ୟ ପ୍ରକାଶିତ ହୁଏ ।

"ନହୁଅ ନହୁଅ ଦୁଃଖୀ ହେ କବିଭୂଷଣ,
ଗୁଣି, ଓଡ଼ିଶା ଗୋଲକ ଯୁବରାଜ ତଥା,
ସେପରି ଲୋକ ସ୍ୱଭାବେ ହୁଅନ୍ତି ମୁଖର
ଆଜ ସୁଦ୍ଧା ଏକଥା କି ରହିଛି ଅଜଣା ?
ପରିହରି ଅଲପଣା ଭଲା ଯବାସନା
ସଦସ୍ୟେ ଲେଖନୀ ଧରି ଦର୍ପୀ ଦର୍ପ ହରି
ଅନ୍ୟଥା କଳଙ୍କ ତବ ନ ପାରିବୁ ମୁଞ୍ଚି
ଉତ୍କଳୀୟ ଖ୍ୟାତି ତବ ନ ଯିବ ରାଜ୍ୟରୁ
ଗୋଲକ କୁଳଚନ୍ଦ୍ରମା ଗୋଲକଧନ୍ଦଅ
ପିତୃଗଣେ ପିଣ୍ଡଦାନ କରିଦିଅ ତ୍ୱରା
XX ହେ ଗୋଲକ ! ଅଭାବ କାହିଁର ?
ଦେଇଛନ୍ତି ସବୁ ଦ୍ରବ୍ୟ କେଳିଗୁରୁ କବିଚନ୍ଦ୍ର ଉପେନ୍ଦ୍ର ବୀର ।"

ଉତ୍କଳସଭାର ପ୍ରାଥମିକ ବାଦାନୁବାଦ କ୍ରମେ କ୍ରମେ ଶିକ୍ଷା ବିଭାଗକୁ ସମ୍ପ୍ରସାରିତ ହୋଇଥିଲା । ରାଧାନାଥ ରାୟ ଏବଂ ମଧୁସୂଦନ ରାଓ ସେତେବେଳେ ଶିକ୍ଷାବିଭାଗରେ କାର୍ଯ୍ୟ କରୁଥିଲେ । ସେମାନେ ଶିକ୍ଷା ଓ ସାହିତ୍ୟ ମାଧ୍ୟମରେ ଲୋକରୁଚି, ଲୋକ ଆଦର୍ଶ ଓ ଲୋକଙ୍କର ଦୃଷ୍ଟିକୋଣ ବଦଳାଇବାପାଇଁ ଉଦ୍ୟମ କରିଥିଲେ । ସେମାନଙ୍କର ଉଦ୍ୟମ ପ୍ରଥମ ସୋପାନ ହୋଇଥିଲା ତତ୍କାଳୀନ ପ୍ରଚଳିତ ଓଡ଼ିଆ ପାଠ୍ୟ ପୁସ୍ତକର ସଂସ୍କାର ଓ ପରିବର୍ତ୍ତନ । କ୍ରମେ କ୍ରମେ ନୂତନ ଶୈଳୀରେ ଲିଖିତ କାବ୍ୟ-କବିତାକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିଥିଲେ । ହୁଏତ ଏହା ପଛରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ରାଧାନାଥଙ୍କ ଗୌରବକୁ ପ୍ରତିଷ୍ଠା କରିବା ଲକ୍ଷ୍ୟ ହୋଇଥିଲା; କିନ୍ତୁ ଏହି ସମସ୍ତ କାର୍ଯ୍ୟକ୍ରମ ଓ ଗୋ.ପ୍ରି-ବିବାଦ ଶେଷରେ ପ୍ରାଚୀନ ଓ ନବୀନ ସାହିତ୍ୟର ସମ୍ମୁଖୀନ ସଂଘର୍ଷରେ ପରିଣତ ହେଲା । ରାଧାନାଥ ରାୟ ସାହିତ୍ୟକ୍ଷେତ୍ରରେ ନିଜର ପ୍ରଭାବ ଜାହିର କରିବାପାଇଁ ବ୍ୟାକୁଳ ଥିଲେ । ସେଥିପାଇଁ 'ଇନ୍ଦ୍ରଧନୁ' ପତ୍ରିକାରେ ପ୍ରାଚୀନ ଓଡ଼ିଆ କାବ୍ୟ-କବିତାର ପ୍ରଶଂସା ଓ ପ୍ରଶସ୍ତି ପ୍ରକାଶିତ ହେବାରୁ ସେ ସମ୍ଭବତଃ ସ୍ଥିର ହୋଇପାରି ନଥିଲେ । 'ଇନ୍ଦ୍ରଧନୁ' ପତ୍ରିକାର ବିରୋଧ କରି ସମ୍ବଲପୁରର ଦେବଗଡ଼ରୁ ୧୮୯୩ ମସିହା ସେପ୍ଟେମ୍ବର ମାସରେ 'ବିଜୁଳି' ପତ୍ରିକାର ଆବିର୍ଭାବ ହେଲା । 'ବିଜୁଳି' ପତ୍ରିକାର ଉଦ୍ଦେଶ୍ୟ ଏହିପରି ଭାବରେ ପ୍ରକାଶିତ ହୋଇଥିଲା, "ଉଦ୍ଦେଶ୍ୟ ଗୋଲକଧନ୍ଦାଙ୍କ ଯୁକ୍ତି ଖଣ୍ଡନ ଏବଂ ବୈଦେଶୀକ ବିଳାସର ଦୋଷ ଉଦ୍ଘାଟନ କରିବା । ଯେତେ କାଳ ଇନ୍ଦ୍ରଧନୁ ବାହାରିବ, ସେତେକାଳ ଏହା ବାହାରୁଥିବ ।" (ଉତ୍କଳ ଦୀପିକା ୨୮/୩୭ ତା ୧୬ । ୯ । ୧୮୯୩, ପୃଷ୍ଠା ୨୯୦) ଇନ୍ଦ୍ରଧନୁ ସେହି ଗୋଲକଧନ୍ଦାଙ୍କ ମୁଦିରେ ଭଞ୍ଜ-ସାହିତ୍ୟର ପ୍ରଶସ୍ତିଗାନ କରୁଥିଲା ଏବଂ 'ବିଜୁଳି' ପତ୍ରିକା ଭଞ୍ଜ ସାହିତ୍ୟ ପ୍ରତି ବ୍ୟଙ୍ଗ ବିଦ୍ରୂପ କରୁଥିଲା ଏବଂ ଆଧୁନିକ କାବ୍ୟ-

କବିତା ବିଶେଷତଃ ରାଧାନାଥଙ୍କ ପ୍ରବର୍ତ୍ତିତ କାବ୍ୟ କବିତାର ଆଦର କରୁଥିଲା। ବିଜୁଳି ପତ୍ରିକାର ପକ୍ଷ ସମର୍ଥନ କରି ସମ୍ବଲପୁର ହିତୈଷିଣୀ (୫,୧୩ ତା ୩୦ ୮-୧୮୯୩) ଲେଖିଥିଲା : "ଧନ୍ୟ ଲୋ ମା ଉତ୍କଳଭୂମି ! ତୋ ଗର୍ଭରେ ଏହିପରି କେତେ ଗୋଟି ସୁପୁତ୍ର ଜନ୍ମଗ୍ରହଣ କରିଛନ୍ତି ? ×× ଧନ୍ୟ ହେ ଗୋଳକଧନ୍ଦା ! ନୋହିଲେ କି ୧ ମେ୍ତି ପୀରତିସ୍ୱା ଅ.ଦରସିଆ ଦଳର ଅଧିନାୟକ !!!

ବରି ବରଗୁଣ୍ଡା ଲାଜ ନାହିଁ
ଉପରପଡାଙ୍କୁ ଲାଜ ନାହିଁ ।"
(ସମ୍ବଲପୁର ହିତୈଷିଣୀ—୫/୧୩, ତା ୩୦-୮-୧୮୯୩ ପୃଷ୍ଠା ୫୬)

ଏଠାରେ ପ୍ରାଚୀନ ଭଞ୍ଜ ସାହିତ୍ୟାମୋଦୀଙ୍କୁ ଉପରପଡାର ଲୋକ ବୋଲି କୁହାଯାଇଛି। 'ବିଜୁଳି' ପତ୍ରିକା ବାମଣ୍ଡାର ରଜା -ବାସୁଦେବ ସୁଡ଼ଳ ଦେବଙ୍କର ପୃଷ୍ଠପୋଷକତା ଲାଭ କରିଥିଲା । ଏବଂ ଦାଶରଥି ରାଉତ ଥିଲେ ତାର ସମ୍ପାଦକ। ରାଧାନାଥଙ୍କର ପ୍ରଚ୍ଛନ୍ନ ପ୍ରେରଣା ଏହି ପତ୍ରିକାର ପୃଷ୍ଠଭୂମିରେ କାର୍ଯ୍ୟ କରୁଥିଲା। ସେଥିରେ ବିଶ୍ୱନାଥ କର ମଧ୍ୟ ଆଧୁନିକ ସାହିତ୍ୟର ପକ୍ଷ ସମର୍ଥନ କରି ଭଞ୍ଜ ସାହିତ୍ୟର ଅସାରତାସୂଚକ ପ୍ରବନ୍ଧ ରଚନା କରିଥିଲେ। 'ସାହିତ୍ୟଚର୍ଚ୍ଚା' (ସମ୍ବଲପୁର ହିତୈଷିଣୀ ୬/୮), 'ଉପେନ୍ଦ୍ର ଭଞ୍ଜ' (ସମ୍ବଲପୁର ହିତୈଷିଣୀ ୫/୧୫) । ଓଡ଼ିଆ ସାହିତ୍ୟରେ ପୁରାତନ ମୂଲ୍ୟବୋଧର ପୃଷ୍ଠଭୂମିରେ ନୂତନ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା ଏହି ପତ୍ରିକାଦ୍ୱୟର ଲକ୍ଷ୍ୟ ଥିଲା; ଅଥଚ ସେମାନଙ୍କର ସଂଘର୍ଷ ପ୍ରଥମରୁ ବ୍ୟକ୍ତିକୈନ୍ଦ୍ରିକ ଥିଲା। ରାଧାନାଥ ତେତେବେଳେ ଶିକ୍ଷା ବିଭାଗର ଉଚ୍ଚପଦବୀରେ ଅଧିଷ୍ଠିତ ଥିଲେ । ତେଣୁ ଓଡ଼ିଆ ସାହିତ୍ୟରେ ତାଙ୍କର ଆଦର୍ଶ ଓ ମତବାଦ ଗୃହୀତ ହେବାରେ ତାଙ୍କର ଉଚ୍ଚପଦବୀ ତାଙ୍କ ପକ୍ଷରେ ସହାୟକ ହୋଇଥିଲା। କାରଣ ରାଧାନାଥ ସେତେବେଳେ ଥିଲେ ଓଡ଼ିଆ ଶିକ୍ଷା ବିଭାଗର ଇନ୍‌ସପେକ୍ଟର । ପତ୍ରପତ୍ରିକାର ଏହି ମସୀଯୁଦ୍ଧ ସେତେବେଳେ ଛାତ୍ରମହଲରେ ମଧ୍ୟ ବେଶ୍ ପ୍ରଭାବ ସୃଷ୍ଟି କରିଥିଲା । ଏହି ପ୍ରସଙ୍ଗରେ ଗୋପବନ୍ଧୁ ଦାସଙ୍କର ଛାତ୍ରଜୀବନର କେତେକ ଘଟଣା ଏଠାରେ ଉଲ୍ଲେଖଯୋଗ୍ୟ । ଇନ୍ଦ୍ରଧନୁ, ବିଜୁଳିର ପ୍ରତ୍ୟକ୍ଷ ସଂଘର୍ଷ ସମୟରେ ଗୋପବନ୍ଧୁ ପୁରୀ ଜିଲ୍ଲା ସ୍କୁଲର ଛାତ୍ର ଥିଲେ । ଛାତ୍ରାବସ୍ଥାରୁ ସେ ଓଡ଼ିଆ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ । ଇନ୍ଦ୍ରଧନୁ ପତ୍ରିକା ତାଙ୍କୁ ଆକୃଷ୍ଟ କରିଥିଲା। ସମ୍ଭବତଃ ଇନ୍ଦ୍ରଧନୁ ପତ୍ରିକାର ଲକ୍ଷ୍ୟ ଓ ଅଭିମୁଖ୍ୟ ସହିତ ଛାତ୍ର ଗୋପବନ୍ଧୁଙ୍କ ଲକ୍ଷ୍ୟ ଓ ଆଦର୍ଶ ମିଳିଯାଉଥିଲା। ସେ ତେଣୁ ଇନ୍ଦ୍ରଧନୁର ଗୋଟିଏ ସଂଖ୍ୟାରେ ଗୋଟିଏ କବିତା ପକାଶ କରିଥିଲେ। ସେହି କବିତାର ସାରାଂଶ ହେଲା—

"ଧଡ଼ିଆ ପଣ୍ଡିତଂ ମନ୍ୟ
ବାନ୍ଧରି ସାନ୍ଧରେ ଶଗାଳ କେଶରୀ
ପରି ହେଉଥାନ୍ତି ଗଣ୍ୟ ।"

ଏହି କବିତାରେ ରାଧାନାଥଙ୍କୁ ବ୍ୟଙ୍ଗ କରାହୋଇଥିଲା । ରାଧାନାଥ ଏହି ସବୁ ଖବର ପାଇବା ପରେ ସମ୍ଭବତଃ ତାଙ୍କୁ ସମାଲୋଚନା କରିଥିବା ଲେଖକଙ୍କୁ ଶାସ୍ତି ଦେବା ଉଦ୍ଦେଶ୍ୟରେ ପୁରୀ ଜିଲ୍ଲା ସ୍କୁଲ ପରିଦର୍ଶନ କରିଥିଲେ । ରାଧାନାଥ ଶିକ୍ଷା ବିଭାଗରେ ଇନ୍‌ସପେକ୍ଟର, ଆଉ ଗୋପବନ୍ଧୁ ଥିଲେ ଜିଲ୍ଲା ସ୍କୁଲର ଜଣେ ଛାତ୍ର । ରାଧାନାଥଙ୍କର କ୍ରୋଧ ଯେ ଜଣେ ଛାତ୍ର ତାଙ୍କର ପ୍ରତିଭାକୁ ଓ ଆଧୁନିକ ସାହିତ୍ୟକୁ ଏପରି ବ୍ୟଙ୍ଗ ବିଦ୍ରୂପ କରିପାରେ । ସେ ତେଣୁ ମନେ ମନେ ଉପାୟ ପାଞ୍ଚୁଥିଲେ କିପରି ଏହି ଛାତ୍ର-ଲେଖକଙ୍କୁ ଶାସ୍ତି ଦେଇ ପାରିବେ । ଯେଉଁଦିନ ରାଧାନାଥ ପୁରୀ ଜିଲ୍ଲାସ୍କୁଲ ପରିଦର୍ଶନ କରିଥିଲେ, ସେଦିନ ସେ ଖୁବ୍ ଗୋପନୀୟ ଭାବରେ ଇନ୍ଦ୍ରଧନୁ-ବିଜୁଳି ପ୍ରସଙ୍ଗ ଉତ୍ଥାପନ କରିଥିଲେ, ତାହା ପୁଣି ଜଣେ ତୋଷାମଦକାରୀ ଶିକ୍ଷକଙ୍କୁ । ସେ କେତେକ ପ୍ରଶ୍ନ ପଚାରିଲେ । ଏହି ପ୍ରସଙ୍ଗରେ ଉତ୍କଳ ଦୀପିକାରେ ପ୍ରକାଶିତ ବିବରଣୀ ସମ୍ପୂର୍ଣ୍ଣ ଭାବରେ ପ୍ରକୃତ ଘଟଣା ଉଦ୍‌ଘାଟନ କରିଥାଏ ।

"ବାବୁ ମହୋଦୟ ଏଠାରେ ପ୍ରବିଷ୍ଟ ହୋଇ ଜନୈକ ତୋଷାମଦକାରୀ ଶିକ୍ଷକଙ୍କୁ ଇନ୍ଦ୍ରଧନୁ ବିଜୁଳିର ଚର୍ଚ୍ଚା କେଉଁ କେଉଁମାନେ କରନ୍ତି, ଏ ସମ୍ବନ୍ଧରେ କେତେକ ପ୍ରଶ୍ନ କରିଥିଲେ । ତତ୍ପରେ କୌଣସି ଲୋକ ବେନାମୀ ଚିଠିଦ୍ୱାରା ଜଣାଇଦେଲା ଯେ ଗୋପବନ୍ଧୁ ଦାସ ଛାତ୍ର ଆପଣଙ୍କ ବିରୁଦ୍ଧରେ ଇନ୍ଦ୍ରଧନୁରେ ପ୍ରବନ୍ଧ ଲେଖିଅଛି ଓ ସ୍କୁଲର ସେକେଣ୍ଡ ମାଷ୍ଟର ତାହା ସଂଶୋଧନ କରି ଦେଇଅଛନ୍ତି । ଇନ୍‌ସପେକ୍ଟର ମହୋଦୟ ଉକ୍ତ ପତ୍ର ପ୍ରାପ୍ତ ହୋଇ ସ୍କୁଲ ପରିଦର୍ଶନ ସମୟରେ ହେଡ୍‌ମାଷ୍ଟରଙ୍କ ସହିତ ଉକ୍ତ ବିଷୟ ଅନୁସନ୍ଧାନରେ ପ୍ରବୃତ୍ତ ହେଲେ । ନାମୋଲ୍ଲିଖିତ ବାଳକ ପଢୁଥିବା ଶ୍ରେଣୀରେ ଉପସ୍ଥିତ ହୋଇ ପରୀକ୍ଷା କରୁଥିବା ସମୟରେ ମଧ୍ୟେ ମଧ୍ୟେ ପ୍ରଶ୍ନ କରୁଥିଲେ କିଏ କିଏ ଏ ଶ୍ରେଣୀରେ ରଚନା କରିପାରନ୍ତି ? ଇନ୍ଦ୍ରଧନୁ କିଏ କିଏ ପଢ଼ କି ନା ? ଏବଂ ଇନ୍ଦ୍ରଧନୁରେ କିଏ ପ୍ରବନ୍ଧ ଲେଖ କି ନା ? ଇତ୍ୟାଦି ପଚାରି ପଚାରି ଶେଷରେ ଗୋପବନ୍ଧୁଙ୍କୁ ଇନ୍ଦ୍ରଧନୁରେ ପ୍ରବନ୍ଧ ଲେଖିଥିବାର ପଚାରିବାରୁ ସେ ଲେଖି ନ ଥିବାର କହିଲା; ତତ୍ପରେ କେତେକ ମାଷ୍ଟର ଓ ଶ୍ରେଣୀସ୍ଥ ବାଳକମାନଙ୍କୁ ପଚାରିସିବାରେ ସେମାନେ ଜାଣି ନଥିବାର ବ୍ୟକ୍ତ କଲେ । ତତ୍ପର ଦିବସ ହେଡ୍‌ମାଷ୍ଟର ଉକ୍ତ ଗୋପବନ୍ଧୁର ଅନୁପସ୍ଥିତି କାଳରେ କେତେକ ବାଳକମାନଙ୍କଠାରୁ ସାକ୍ଷ୍ୟ ସାବୁତ ନେଇଥିଲେ । ତତ୍ପର ଦିନ ସ୍କୁଲରେ ନୋଟିସ ଦେଇ ଜଣାଇଦେଲେ ଯେ ଗୋପବନ୍ଧୁ ଇନ୍ଦ୍ରଧନୁକୁ ପ୍ରବନ୍ଧ ଲେଖି ମନା କରିଥିବାରୁ ମିଥ୍ୟା କହିବା ଦୋଷରେ ୭ ଦିନ ବୃତ୍ତି ଜରିମାନା କରାଗଲା ଓ ଗତବର୍ଷ ପରୀକ୍ଷାର ପାରଦର୍ଶିତା ଅନୁସାରେ ଯେଉଁ ପ୍ରାଇଜ୍ ପାଇଥାନ୍ତା; ତାହା କର୍ତ୍ତନ କରାଗଲା ।"

(ଉତ୍କଳ ଦୀପିକା—୨୯/୭ ତା ୧୦-୨-୧୮୯୪ ପୃ-୪୬)

ସେତେବେଳେ ରାଧାନାଥ ଗୋପବନ୍ଧୁଙ୍କ ପ୍ରସଙ୍ଗରେ ମତ ଦେଇଥିବାର

ଜଣାଯାଏ—"ଶୁଣିଛି ଶିକ୍ଷା ବିଭାଗର ଅଧିନାୟକ ରୂପେ ରାଧାନାଥ ବାବୁ ମତ ଦେଇଥିଲେ, ଯେ ମୋ ବିରୁଦ୍ଧରେ ଲେଖିଲା କି ଆଉ କା ବିରୁଦ୍ଧରେ ଲେଖିଲା ପଢ଼ି ନାହିଁ, କିନ୍ତୁ ଯେ ଆଜିଠୁ ଏପରି ଲେଖିପାରେ ସେ ଭବିଷ୍ୟତରେ ହେବ କ'ଣ ? ତାକୁ ଆଉ ବେଶୀ ଶିକ୍ଷା ଦେଲେ ସେ ସମାଜର କି ଅନିଷ୍ଟ ନ' କରିପାରେ ?" (ନୀଳକଣ୍ଠ ଗ୍ରନ୍ଥାବଳୀ—ଆତ୍ମଜୀବନୀ, ପୃଷ୍ଠା ୧୭)

ଇନ୍ଦ୍ରଧନୁ-ବିଜୁଳି ପତ୍ରିକାର ସଂଘର୍ଷ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନିଶ୍ଚିତ ଭାବରେ ସହାୟକ ହୋଇଥିଲା । କୁତ୍ସାରଟନା, ପରନିନ୍ଦା ଏବଂ ଏକଦେଶଦର୍ଶିତା ଅବଶ୍ୟ ସର୍ବଦା ପରିତ୍ୟଜ୍ୟ । ବିଶେଷତଃ ସାହିତ୍ୟ କ୍ଷେତ୍ରରେ ଏହି ଆଦର୍ଶ ଅନୁସୃତ ହେବା ଉଚିତ । ଏକ ଦିଗରେ ପ୍ରାଚୀନ କବି ଉପେନ୍ଦ୍ର ଭଞ୍ଜ, ଅନ୍ୟ ଦିଗରେ ଆଧୁନିକ କାବ୍ୟଧାରାର ନିର୍ମାତା ରାଧାନାଥଙ୍କର ଯଥାକ୍ରମେ ନିନ୍ଦା ଓ ପ୍ରଶଂସା ନ ହୋଇ ଇନ୍ଦ୍ରଧନୁ ଓ ବିଜୁଳି ପତ୍ରିକାର ଦ୍ୱନ୍ଦ୍ୱ ଆଧୁନିକ ସାହିତ୍ୟର ରୂପ ଓ ପ୍ରବୃତ୍ତି, ଲକ୍ଷଣ ଓ ଯୋଗ୍ୟତା ପ୍ରବର୍ତ୍ତିତ କରିବାରେ ପରୋକ୍ଷ ଭାବରେ ସହାୟକ ହୋଇଥିଲା । ଏହି ମନୀଷୀଙ୍କର ପରିଣତି ସ୍ୱରୂପ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଜାତୀୟତାବାଦୀ କବି ଗୋପବନ୍ଧୁ, ଗଦ୍ୟକାର ଗୋପାଳ ପ୍ରହରାଜ, ନାଟ୍ୟକାର କାମପାଳ ମିଶ୍ର, ଅଭିରାମ ଭଞ୍ଜ, 'ମୁକୁର' ସଂପାଦକ ବ୍ରଜସୁନ୍ଦର ଦାସ ପ୍ରଭୃତିଙ୍କ ଆବିର୍ଭାବ ଦେଖିବାକୁ ମିଳେ । ବିଂଶ ଶତାବ୍ଦୀର ପ୍ରାକ୍କାଳରେ ଓଡ଼ିଆ ସାହିତ୍ୟରେ ଯେଉଁ ସାମାଜିକ ଜାତୀୟତା ଓ ରାଜନୈତିକ ଜାତୀୟତା ପ୍ରତିଫଳିତ ହେଲା ତାହା ଇନ୍ଦ୍ରଧନୁ-ବିଜୁଳି ସଂଘର୍ଷ ରୂପ ବିବାଦର ପରବର୍ତ୍ତୀ ପ୍ରାବୃଟ ଧାରା । □□□

# ‘ଉତ୍କଳଦୀପିକା’ ପୃଷ୍ଠାରେ ସତୁରି ବର୍ଷ ତଳର ଓଡ଼ିଶା

ସମ୍ବାଦପତ୍ର ଯେକୌଣସି ଭାଷାଭାଷୀ ରାଜ୍ୟର ଚଳନ୍ତି ସାଂସ୍କୃତିକ ବାର୍ତ୍ତାବହ ଏବଂ ସଂପୃକ୍ତ ସମୟର ଲିପିବଦ୍ଧ ଇତିହାସ । ଦେଶର ରାଜନୈତିକ, ସାଂସ୍କୃତିକ ଇତିହାସ ସଂଗଠିତ କରି ଲେଖିବାରେ ସମ୍ବାଦପତ୍ରରେ ପ୍ରକାଶିତ ଧାରାବାହିକ ବିବରଣୀ ବିଶେଷ ସହାୟକ ହୋଇଥାଏ । ଏତଦ୍‌ବ୍ୟତୀତ ତଦାନୀନ୍ତନ ଯୁଗର ଆଭାସ ଏବଂ ଆଲେଖ୍ୟ ପାଇଁ ସମ୍ବାଦପତ୍ରର ଲେଖାବଳୀ ସମ୍ଭବତଃ ସର୍ବାପେକ୍ଷା ଅଧିକ ନିର୍ଭରଶୀଳ ଉପାଦାନ ବୋଲି ବିବେଚିତ ହୋଇଥାଏ । ନିର୍ଦ୍ଦିଷ୍ଟ ସମୟର ଏବଂ ଯୁଗର ପ୍ରାଣସ୍ପନ୍ଦନ ଠିକ୍‌ଭାବରେ କେବଳ ସମ୍ବାଦପତ୍ର ହିଁ ପ୍ରତିଫଳିତ କରାଇଥାଏ । ବିଗତ ଶତାବ୍ଦୀରେ ଓଡ଼ିଆ ଭାଷାରେ ଏକାଧିକ ପତ୍ରପତ୍ରିକା ଓଡ଼ିଶାରେ ପ୍ରକାଶିତ ହୋଇପାରିଥିଲା । ସେଥିମଧ୍ୟରୁ ଅନେକ ସଂବାଦପତ୍ର ବର୍ଷବର୍ଷ ଧରି ଓଡ଼ିଶାର ଜନସେବା କରିବା ସଙ୍ଗେ ସଙ୍ଗେ ଦୃଢ଼ ଜନମତ ସୃଷ୍ଟି କରିଥିଲା ଏବଂ ଓଡ଼ିଶାରେ ଶିକ୍ଷାଗତ ଅନଗ୍ରସରତା, ଅର୍ଥନୈତିକ ଦୁରବସ୍ଥା, ବନ୍ୟା, ଦୁର୍ଭିକ୍ଷ, ପ୍ରାକୃତିକ ବାତ୍ୟାଦି ପ୍ରଭୃତି ଜାତୀୟ ସମସ୍ୟା ଉପରେ ଆଲୋକପାତ କରି ସେସବୁର ସମାଧାନ ପାଇଁ କର୍ତ୍ତୃପକ୍ଷଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଓଡ଼ିଶାରେ ଦୁର୍ଭିକ୍ଷବିରୋଧୀ ଆନ୍ଦୋଳନ, କ୍ଷୁଦ୍ର ଶିଳ୍ପ ସଂପ୍ରସାରଣ ସମ୍ବନ୍ଧୀୟ ଜାତୀୟ ଉଦ୍ୟମ, ଓଡ଼ିଶାରେ ଶିକ୍ଷାପ୍ରଶାସନିକ ବ୍ୟବସ୍ଥା, ଓଡ଼ିଶାରେ ପରିବହନ ବ୍ୟବସ୍ଥାର ଦ୍ରୁତ ପ୍ରସାର ପ୍ରଭୃତି ନାନାବିଧ ଜାତୀୟ ସମସ୍ୟା ସେହି ଯୁଗରେ କିପରି ସମ୍ବାଦପତ୍ର ଏବଂ ସମ୍ପାଦକମାନଙ୍କର ଆଶୁ ଦୃଷ୍ଟି ଆକର୍ଷଣ କରୁଥିଲା, ତାହା ପ୍ରାଚୀନ ସମ୍ବାଦପତ୍ର ପୃଷ୍ଠା ଲେଉଟାଇଲେ ଜଣାଯାଏ । ଏହିପରି ଏକ ପ୍ରାଚୀନ ସମ୍ବାଦପତ୍ର ହେଉଛି ‘ଉତ୍କଳଦୀପିକା’ ଏବଂ ସତୁରି ବର୍ଷ ତଳର ଉତ୍କଳ ଦୀପିକାରେ ୧୯୦୮ ମସିହାର ସମସ୍ୟାବହୁଳ ଓଡ଼ିଶା କିପରି ପ୍ରତିଫଳିତ ହୋଇଥିଲା, ତାହା ନିମ୍ନରେ ଉଦ୍ଧୃତ ସମ୍ବାଦବିଚିତ୍ରାସମୂହରୁ ପ୍ରମାଣିତ ହୁଏ । ସତୁରି ବର୍ଷ ତଳର ଓଡ଼ିଶାର ସାମଗ୍ରିକ ଚିତ୍ର ଏହି ସମ୍ବାଦ ଓ ଟିପ୍ପଣୀମାନଙ୍କରୁ ଉପଲବ୍ଧ ହୋଇଥାଏ । ପ୍ରଥମେ ଶିକ୍ଷାସମ୍ବନ୍ଧୀୟ ସମ୍ବାଦବିଚିତ୍ରା ଏଠାରେ ପ୍ରକାଶ କରାଗଲା ।

### ଦେବଗଡ଼ରେ ଶିକ୍ଷା ପ୍ରସାର

“ଦେବଗଡ଼ ରାଜକୁମାର ସ୍କୁଲରେ ଭର୍ଣ୍ଣାକ୍ୟୁଲର ଶ୍ରେଣୀ ପର୍ଯ୍ୟନ୍ତ ପଢ଼ାହେଉଥିବାର ଦେଖି ବାମଣ୍ଡାର ରାଜା ମହୋଦୟ ଗୋଟିଏ ଉଚ୍ଚଶିକ୍ଷା ଶ୍ରେଣୀ ଖୋଲିବାର

ମନୋସ୍ଥ କରିଥିଲେ । 'ସମ୍ବଲପୁର ହିତୈଷିଣୀ'ରୁ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଯେଉଁ ସଂକଳ୍ପ ଅନୁସାରେ ଏହି ମାସ ଆରମ୍ଭରୁ ଉଚ୍ଚଶ୍ରେଣୀ ପ୍ରତିଷ୍ଠିତ ହୋଇଅଛି ଏବଂ ରାଜା ମହୋଦୟ ତାହାର ନାମ ପ୍ରାଜ୍ଞଶ୍ରେଣୀ ରଖିଅଛନ୍ତି । ଦୁଇଜଣ ଉଚ୍ଚ ଶିକ୍ଷିତ ବ୍ୟକ୍ତି ଶିକ୍ଷକ ନିଯୁକ୍ତ ହୋଇ ଅଛନ୍ତି । ଛାତ୍ରମାନେ ବୃତ୍ତି ପାଇ ଦୁଇ ବର୍ଷ ଏ ଶ୍ରେଣୀରେ ଶିକ୍ଷା କରିବେ । ପାଠ୍ୟପୁସ୍ତକର ତାଲିକା ମଧ୍ୟରେ ବୈଦେହୀଶ ବିଳାସ, ଚନ୍ଦ୍ରିକା, ପଦାର୍ଥ ବିଜ୍ଞାନ ପ୍ରଭୃତିର ନାମ ଦେଖି ସୁଖୀ ହେଲୁଁ । ଆଶା କରୁଁ, କ୍ରମେ ଆଉ କେତେଖଣ୍ଡ ପ୍ରାଚୀନ ଉତ୍କଳ ସାହିତ୍ୟ ଏବଂ ଉଚ୍ଚ ଗଣିତ ବିଜ୍ଞାନ ପୁସ୍ତକ ସ୍ଥାନ ପାଇବ ।''

(ଉତ୍କଳ ଦୀପିକା—ତା ୨୪ । ୧୦ । ୧୯୦୮)

## ରେଭେନ୍‌ସା ବାଳିକା ହିନ୍ଦୁ ବିଦ୍ୟାଳୟ

''ଏ ନଗର ରେଭେନ୍‌ସା ହିନ୍ଦୁ ବାଳିକା ବିଦ୍ୟାଳୟର କାର୍ଯ୍ୟ ନିର୍ବାହକ କମିଟି ପୁନର୍ଗଠିତ ହୋଇଅଛି ଏବଂ କମିଟିର ସମ୍ପାଦକ ବାବୁ ଉମେଶଚନ୍ଦ୍ର ବୋଷ ବୃଦ୍ଧାବସ୍ଥା ହେତୁ ଅବସର ନେବାରୁ କୁମାରୀ ଶୈଳବାଳା ଦାସ ସମ୍ପାଦକ ନିଯୁକ୍ତ ହୋଇଛନ୍ତି । କେତେବର୍ଷ ହେଲା ଏହି ବିଦ୍ୟାଳୟର ଅବସ୍ଥା ଅବନତି ଦିଗକୁ ଗଲାଥିଲା; ମାତ୍ର ତହିଁପାଇଁ ଉମେଶ ବାବୁ ଦାୟୀ ନୁହନ୍ତି । ସେ ବହୁ କଷ୍ଟରେ ସ୍କୁଲକୁ ରକ୍ଷା କରି ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଅଳ୍ପକାଳ ହେଲା ଭଡ଼ା ଗାଡ଼ିରେ ଯାତାୟତର ବନ୍ଦୋବସ୍ତ ହେବାରେ ଛାତ୍ରୀସଂଖ୍ୟା ବୃଦ୍ଧି ହୋଇଅଛି ଏବଂ ସମସ୍ତ ଶିକ୍ଷକ ସ୍ତ୍ରୀ ହେଲେ ଆହୁରି ସୁଫଳ ହେବାର ଆଶା ଅଛି । କୁମାରୀ ଦାସ ମହୋଦୟା ସମ୍ପାଦକର ଭାର ଗ୍ରହଣ କରିବା ଅଧିକ ଆଶାର ସ୍ଥଳ ଅଟେ । ସେ ନିଜ ବ୍ୟୟରେ ପ୍ରାୟ ଦୁଇବର୍ଷ ବିଲାତରେ ରହି ସ୍ତ୍ରୀଶିକ୍ଷା ଉତ୍ତମ ପ୍ରଣାଳୀ ଶିକ୍ଷାକରି ଆସିଛନ୍ତି । ତାହାଙ୍କର ପରିଚାଳନାରେ ସ୍କୁଲର ଅନେକ ମଙ୍ଗଳ ହେବ ଓ ଅଭିଭାବକମାନେ ଆପଣା ଆପଣା ଛାତ୍ରୀଙ୍କୁ ଏ ବିଦ୍ୟାଳୟକୁ ପଠାଇବାକୁ ଅଧିକତର ଶ୍ରେୟ ମନେ କରିବେ ସନ୍ଦେହ ନାହିଁ ।'' (୨୮ । ୧ । ୧୯୦୮ ଉତ୍କଳ ଦୀପିକା)

## ଓଡ଼ିଶାରେ ଆଇନ ଶିକ୍ଷା ବନ୍ଦ

''ଏ ନଗରେ ରେଭେନ୍‌ସା କଲେଜର ଆଇନ ଶ୍ରେଣୀ ଓଡ଼ିଶାରେ ଏକମାତ୍ର ଆଇନ ଶିକ୍ଷାର ସ୍ଥାନ ଥିଲା । ସମ୍ପ୍ରତି ଗବର୍ଣ୍ଣମେଣ୍ଟଙ୍କ ଆଦେଶରେ ଉଠିଯାଉଅଛି । କେବଳ ଯେଉଁମାନେ ଏ ବର୍ଷ ଆଇନ ପରୀକ୍ଷା ଦେବେ ସେମାନଙ୍କ ସକାଶେ ଅଳ୍ପକାଳ ନିମନ୍ତେ ରହିଅଛି । ଗବର୍ଣ୍ଣମେଣ୍ଟଙ୍କର କଳ୍ପନା ଏହିଯେ ସମସ୍ତ ବଙ୍ଗଳା ସକାଶେ କଲିକତାରେ ଗୋଟିଏ ଆଇନ କଲେଜ ସ୍ଥାପନ ହେବ ଓ ବଙ୍ଗଳାର ଅନ୍ୟ ସମସ୍ତ ସରକାରୀ ଆଇନ କଲେଜ ଉଠିଯିବ। ବିଶ୍ୱବିଦ୍ୟାଳୟର ନୂତନ ଆଇନ ଅନୁସାରେ ଏହା ହୋଇଅଛି । ବଙ୍ଗଳା ମଧ୍ୟରେ ଏକା କଲିକତା ସହରରେ ୬।୭ଟା ବେସରକାରୀ କଲେଜରେ ଆଇନ

ଶିକ୍ଷା ଦିଆଯାଉ ଅଛି ଏବଂ ଅନ୍ୟାନ୍ୟ କେତେକ ଜିଲ୍ଲାରେ ସରକାରୀ ଆଇନ ଶିକ୍ଷାର ଯେ ଶ୍ରେଣୀମାନ ଅଛି ସେ ସବୁ ଉଠିଗଲେ ମଧ୍ୟ ଧନୀ ବଙ୍ଗଦେଶ ପ୍ରତି ତେତେ ବାଧିବ ନାହିଁ ଓ ଇଚ୍ଛାକଲେ ସ୍ଥାନୀୟ ଧନାଢ୍ୟ ସାଧାରଣ ହିତୈଷୀ ବ୍ୟକ୍ତିମାନେ ଏକ ଯୋଗରେ ଆଇନ ଶିକ୍ଷାର ବ୍ୟବସ୍ଥା କରି ପାରିବେ । ଅପେକ୍ଷାକୃତ ଦରିଦ୍ର ଏବଂ ପଶ୍ଚାତ୍ପଦ ଓଡ଼ିଶାର ସରକାରୀ ସାହାଯ୍ୟ ବିନା ସ୍ଥାନୀୟ ଆଇନ ଶ୍ରେଣୀ ରଖିବା ଅଥବା ବେସରକାରୀ ବନ୍ଦୋବସ୍ତ କରିବାର କ୍ଷମତା ନାହିଁ । ସୁତରାଂ, ଏଠା କଲେଜର ଆଇନ ଶ୍ରେଣୀ ଉଠିଗଲେ ଏ ଦେଶୀୟମାନଙ୍କର ଆଇନ ଶିକ୍ଷାର ପଥ ବନ୍ଦ ହେବା ସୁନିଶ୍ଚୟ । ଏ ବିଷୟରେ ଗତ ସଂଖ୍ୟାର ନୀଳାଚଳ ସମାଚାର ଇଂରାଜୀ ସ୍ତମ୍ଭରେ ଯାହା ଲେଖାଅଛି ତାହା ଆମ୍ଭେମାନେ ସମ୍ପୂର୍ଣ୍ଣରୂପେ ସମର୍ଥନ କରୁଅଛୁଁ ଏବଂ ଆଶାକରୁଁ ଗବର୍ଣ୍ଣମେଣ୍ଟ ତାହା ଉଦ୍ୟଚରିରେ ଗ୍ରହଣ କରିବେ । ଆମ୍ଭେମାନେ ଜାଣୁ ଯେ ଏଠା ଆଇନ ଶ୍ରେଣୀଯେତେ ବର୍ଷ ରହିଅଛି ଭଲ ଫଳ ଦେଖାଇ ପାରିନାହିଁ । ଏଥିପାଇଁ ଆମ୍ଭେମାନେ ବଳେ ଶିକ୍ଷାର ସୁବନ୍ଦୋବସ୍ତ କରିବା କାରଣ ଅନୁରୋଧ କରିଅଛୁଁ । ମାତ୍ର' ଫଳ ଭଲ ନ ହେଲେ ସାମାନ୍ୟ ଯାହା ହୋଇଅଛି ତହିଁରେ ଅନେକ ଗରିବ ଉତ୍କଳୀୟମାନଙ୍କର ଉପକାର ହୋଇଅଛି ଏବଂ ଉଠିଗଲେ ସର୍ବନାଶ ହେବ ଏଥିରେ ଦ୍ୱିମତ ନାହିଁ । ମାସକୁ ଟ ୪୦, ୫୦ ଙ୍କା ଖରଚ କରି ଦୁଇବର୍ଷ କଲିକତାରେ ପଢିବାକୁ କେତେ ଓଡ଼ିଆ ପୁଅ ସମର୍ଥ ? ବିଶେଷତଃ ସ୍ମରଣ ରଖିବା ଉଚିତ ଯେ ଏପର୍ଯ୍ୟନ୍ତ ଗରିବ ବିନା ସଙ୍ଗତିପନ୍ନ ଲୋକଙ୍କର ଶିକ୍ଷାପ୍ରତି ସମୁଚିତ ଆଗ୍ରହ ଦେଖାଯାଏନାହିଁ । ଯେବେ ବୋଲ ଯେ ବଡ଼ଲୋକଙ୍କ ପିଲାଙ୍କୁ ଉଚ୍ଚଶିକ୍ଷା ଦେବା ସରକାରଙ୍କର ଅଭିପ୍ରାୟ ତେବେ ଆମ୍ଭେମାନେ କହୁଁ ଯେ ବଡ଼ଲୋକ କରିଦେବାର ଉପାୟ ଏକା ସରକାର ହାତରେ । ଏଠାରେ କଲେଜ ଓ ତହିଁ ସଙ୍ଗେ ଆଇନ ଶ୍ରେଣୀ ହେବାରୁ ଅଳ୍ପ ଓଡ଼ିଆ ଡେପୁଟି ପ୍ରଭୃତି ଚାକିରି ବା ଓକିଲ ବ୍ୟବସାୟ କରିବାକୁ ସମର୍ଥ ହୋଇ ଅଛନ୍ତି । ଏମାନଙ୍କ ମଧ୍ୟରେ ଓକିଲ ଅଧିକ ଓ ମୁନ୍ସିଫ ହେବାକୁ ଆହୁରି କେତେବର୍ଷ ଦରକାର । ଏ ସମୟରେ ଓକିଲ ହେବାର ବାଟ ବନ୍ଦ୍ ହେଲେ ଅଳ୍ପକାଳରେ ପୂର୍ବର ଦୁରବସ୍ଥା ଲେଉଟି ଆସିବ । ଓଡ଼ିଶାର ବିଶେଷ ଅବସ୍ଥା ଗବର୍ଣ୍ଣମେଣ୍ଟର ଅଗୋଚର ନୁହେଁ । ମାତ୍ର ଆମ୍ଭମାନଙ୍କର ଦୁର୍ଭାଗ୍ୟ ଯେ ସମସ୍ତ ବଙ୍ଗ ଦେଶ ସକାଶେ କୌଣସି ବ୍ୟବସ୍ଥା କରିବାବେଳେ ଗବର୍ଣ୍ଣମେଣ୍ଟ ସୁବିଚାର କଲେ ସ୍ପଷ୍ଟ ଦେଖି ପାରିବେ ଯେ ବଙ୍ଗଦେଶ ପ୍ରତି ତାହା ପ୍ରଚଳନର ସମୟ ହୋଇଥିଲେହେଁ ଓଡ଼ିଶା ପ୍ରତି ଉପସ୍ଥିତ ହୋଇନାହିଁ ଏବଂ ଅନ୍ତତଃ ଆହୁରି ଅନେକ କାଳ ଓଡ଼ିଶାର ପ୍ରଚଳିତ ବ୍ୟବସ୍ଥା ସ୍ଥିର ରଖିବା ଓ ତହିଁର ଉନ୍ନତି କରିବା ଆବଶ୍ୟକ । ଉତ୍କଳ ସଭା ଏ ବିଷୟରେ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରିବାର ବିଚାର କରିଅଛନ୍ତି । ଆମ୍ଭେମାନେ ଆଶାକରୁଁ ଶୀଘ୍ର ତାହା ପଠାଇବେ ଓ ଗବର୍ଣ୍ଣମେଣ୍ଟ ତହିଁର ସୁବିଚାର କରିବେ ନଚେତ୍ ଦୁର୍ବଳ ପ୍ରଜାପ୍ରତି କର୍ତ୍ତବ୍ୟ କାର୍ଯ୍ୟରେ ତ୍ରୁଟି ହେବ ।

(ଉତ୍କଳ ଦୀପିକା—ତା ୧୮।୧।୧୯୦୮)

## ଓଡ଼ିଆ ଛାତ୍ରବୃତ୍ତି ଫଣ୍ଡ - (ଖଣ୍ଡିଏ ପତ୍ର)

ମହାଶୟ,

ଗତବର୍ଷ ବ୍ରହ୍ମପୁରଠାରେ ହୋଇଥିବା ଉତ୍କଳ ସମ୍ମିଳନୀ ସଭାମଣ୍ଡପରେ ଯେଉଁମାନେ 'ଗଞ୍ଜାମ ଓଡ଼ିଆ ଛାତ୍ରବୃତ୍ତି ଫଣ୍ଡ' ନିମନ୍ତେ ଚାନ୍ଦା ପ୍ରଦାନ କରିବାକୁ ଅଙ୍ଗୀକାର କରିଥିଲେ ସେମାନଙ୍କ ମଧ୍ୟରୁ ଅନେକ ପ୍ରତିଶ୍ରୁତ ଚାନ୍ଦାଦାତା ଏପର୍ଯ୍ୟନ୍ତ ସ୍ୱ ସ୍ୱ ଅଙ୍ଗୀକୃତ ଚାନ୍ଦା ପ୍ରଦାନ କରି ନାହାନ୍ତି । ଏକ ବର୍ଷ ଅତୀତ ହୋଇଗଲାଣି, କିନ୍ତୁ ସେମାନଙ୍କ ନିକଟକୁ ପୁନଃ ପୁନଃ ଲେଖିଲେ ମଧ୍ୟ ସେମାନେ ନିଜ ନିଜ ପ୍ରତିଶ୍ରୁତ ଚାନ୍ଦା ପ୍ରଦାନ କରୁନାହାନ୍ତି କିମ୍ବା ଦେବେ ନାହିଁ ବୋଲି ମଧ୍ୟ ଲେଖୁନାହାନ୍ତି । ଅତଏବ ଉକ୍ତ ଅଙ୍ଗୀକୃତ ଚାନ୍ଦାଦାତାମାନଙ୍କୁ ଅନୁରୋଧ ଏହି ଯେ ଯେଉଁମାନେ କୌଣସି ବିଶେଷ କାରଣବଶତଃ ଚାନ୍ଦା ପ୍ରଦାନ କରିପାରିନାହାନ୍ତି ସେମାନେ ଅନୁଗ୍ରହପୂର୍ବକ ସ୍ୱ ସ୍ୱ ଅଙ୍ଗୀକୃତ ଚାନ୍ଦା ଏକ ସପ୍ତାହ ମଧ୍ୟରେ ପଠାଇ ଅର୍ଥବିହୀନ ଛାତ୍ରମାନଙ୍କର ମହୋପକାର କରିବାହେବେ କିମ୍ବା ଯେଉଁମାନେ ଅଙ୍ଗୀକାର କରି ବର୍ତ୍ତମାନ ଦେବାକୁ ଅନିଚ୍ଛୁକ, ସେମାନେ ଏକସପ୍ତାହ ମଧ୍ୟରେ ଏହି ଫଣ୍ଡର ସମ୍ପାଦକଙ୍କୁ ଜ୍ଞାପନ କରାଇଲେ ସେମାନଙ୍କର ନାମ ଲିଷ୍ଟରୁ କର୍ତ୍ତନ କରାଯିବ, ନଚେତ୍ ଅଙ୍ଗୀକୃତ ଚାନ୍ଦାଦାତା ମାନଙ୍କ ନାମରେ ଖଣ୍ଡିଏ ଖଣ୍ଡିଏ କାର୍ଡ ଭାଲ୍ୟୁପେବୁଲ୍ ପୋଷ୍ଟ ଯୋଗେ ପଠାଯିବ । ଭରସା କରୁଁ, ଆମ୍ଭମାନଙ୍କର ସହୃଦୟ ଚାନ୍ଦାଦାତାମାନେ ଉକ୍ତ ଭାଲ୍ୟୁପେବୁଲ ଗ୍ରହଣ କରିବାରେ ବିଫଳ-ମନୋରଥ ହୋଇ କ୍ଷତିଗ୍ରସ୍ତ କରାଇବାକୁ ଚେଷ୍ଟା କରିବେ ନାହିଁ ।

ଶ୍ରୀ ପଦ୍ମନାଭ ମିଶ୍ର, ସମ୍ପାଦକ
ଗଞ୍ଜାମ ଓଡ଼ିଆ ଛାତ୍ରବୃତ୍ତି ଫଣ୍ଡ, ଆସ୍କା
(ଉତ୍କଳ ଦୀପିକା ୧୮ । ୧ । ୧·୦୮)

## ସ୍କୁଲ ପ୍ରତିଷ୍ଠା ପାଇଁ ଦାବୀପତ୍ର

ମହାଶୟ !

ଆମ୍ଭମାନଙ୍କର ଏ ଖରଂଣ ମୌଜାରେ ସ୍କୁଲ ନ ଥିବାରୁ ପିଲାମାନଙ୍କର ଶିକ୍ଷା ବିଷୟରେ ବଡ଼ ଅସୁବିଧା ଥିଲା । ମହାଶୟ ଗବର୍ଣ୍ଣମେଣ୍ଟ ଅନୁଗ୍ରହ କରି କେତେ ଟଙ୍କା ଶିଖରମୂଳ ନିବାସୀ ବାବୁ ଜଗବନ୍ଧୁ ମହାନ୍ତିଙ୍କ ମାର୍ଫତେ ଦେବାରୁ ଉକ୍ତ ମହାଶୟ ଟ ୧୩ ଙ୍କା ଚାନ୍ଦା ଆଦାୟ କରି ଓ ନିଜେ କିଛି ବ୍ୟୟ କରି ଗୋଟିଏ ସ୍କୁଲଘର ତିଆର କରାଇ ଅପର ପ୍ରାଇମେରି ସ୍କୁଲ ସ୍ଥାପନ କରାଇଅଛନ୍ତି ଏବଂ ପ୍ରତିଷ୍ଠା ଦିନ କଟକ ଜିଲାର କେତେକ ସ୍କୁଲ ଡେପୁଟୀସ୍ ଏବଂ ରେଲ'ୱେ କର୍ମଚାରୀଙ୍କୁ ନିମନ୍ତ୍ରଣ କରିଥିଲେ ।

ସ୍କୁଲ ଡେଃ ଇଃ ଙ୍କ ଦ୍ୱାରା ଉକ୍ତ ସ୍କୁଲ ଉନ୍ମୁକ୍ତ ହୋଇ ସନ ୧୯୦୮ ଜାନୁୟାରୀ ତା ୧ ରଖ ଠାରୁ ଜ୍ୟେଷ୍ଠ ଶ୍ରେଣୀ ପଢ଼ିବାର ଆରମ୍ଭ ହୋଇଅଛି ଏବଂ ଛାତ୍ର ସଂଖ୍ୟା ଶୀଘ୍ର ବଢ଼ିବାର ସମ୍ଭବ । ସମ୍ପାଦକ ବାବୁ ଜଗବନ୍ଧୁ ମହାନ୍ତି ଓ ସ୍କୁଲ ବିଭାଗୀୟ କର୍ମଚାରୀଙ୍କର ସୁଦୃଷ୍ଟି ରହିଲେ ସ୍କୁଲଟି ଅଚିରେ ଉନ୍ନତ ଲାଭ କରିବ ।

୨।୧।୧୯୦୮, କଟକ — ଶ୍ରୀ ମାଗୁଣି ବେହେରା, ଶିଖରଚଣ୍ଡି

(୧୮।୧।୧୯୦୮

## ରେଭେନ୍‌ସା ବାଳିକା ବିଦ୍ୟାଳୟ ସମ୍ବନ୍ଧରେ ଏକ ବିଜ୍ଞାପନ

"ଏଠାରେ ରେଭେନ୍‌ସା ବାଳିକା ବିଦ୍ୟାଳୟରେ ଏଣିକି ମାଇନର ଓ ଭର୍ଣ୍ଣା-କ୍ୟୁଲର ଛାତ୍ରବୃତ୍ତି ପର୍ଯ୍ୟନ୍ତ ଶିକ୍ଷା ଦିଆଯିବାର ବ୍ୟବସ୍ଥା କରାଯାଉଅଛି । ଏ ସ୍କୁଲରେ ୮ ବରଷ ବୟସ୍କ ବାଳକମାନେ ମଧ୍ୟ ପଢ଼ି ପାରିବେ । ଯେଉଁ ଅଭିଭାବକମାନେ ଆପଣା ବାଳକ ବାଳିକାମାନଙ୍କୁ ପ୍ରଥମରୁ ଇଂରାଜୀ ପଢ଼ାଇବାକୁ ଇଚ୍ଛା କରିବେ ସେମାନଙ୍କୁ ସେହି ପ୍ରଣାଳୀରେ ଶିକ୍ଷା ଦିଆଯିବ । ଓଡ଼ିଆ, ବଙ୍ଗଳା, କିଣ୍ଡରଗାର୍ଟେନ ସିଲାଇ, ରନ୍ଧନ ଓ ନାନାଦି ଆବଶ୍ୟକୀୟ ବିଷୟମାନ ଶିକ୍ଷା ଦିଆଯିବ । ପ୍ରତିଦିନ ବାଳକବାଳିକାମାନଙ୍କୁ ସ୍କୁଲକୁ ଆଣିବା ପାଇଁ ଘୋଡ଼ାଗାଡ଼ିର ବନ୍ଦୋବସ୍ତ କରାଯିବ । ଶ୍ରୀମତୀ ଶୈଳବାଳା ଦାସ ଶିକ୍ଷାପ୍ରଣାଳୀ ଶିଖିବା ନିମନ୍ତେ ବିଲାତ ଯାଇଥିଲେ । ସେ ବିଲାତରୁ ଫେରିଆସି ଏ ସ୍କୁଲର ସେକ୍ରେଟେରୀ ଭାର ଗ୍ରହଣ କରିଅଛନ୍ତି ଓ ଏ ସ୍କୁଲ ତାଙ୍କ ନିଜର ତତ୍ତ୍ୱାବଧାନରେ ରହିବ ଓ ସେ ସମୁଦାୟ ବିଷୟ ନିଜେ ଦେଖିବେ । ସ୍କୁଲରେ ସ୍ତ୍ରୀମାନେ ପଢ଼ାଇବେ ଓ ସ୍କୁଲ ସମୟରେ ବାହାରର କେହି ପୁରୁଷ ସ୍କୁଲ ଦେଖିବାକୁ ଯିବେ ନାହିଁ । ଆଗାମୀ ଫେବ୍ରୁୟାରୀ ମାସଠାରୁ ନୂଆ ଶ୍ରେଣୀର ପଢ଼ା ଆରମ୍ଭହେବ । ଫେବ୍ରୁୟାରୀ ମାସପରେ ନୂଆ ପିଲା ସ୍କୁଲରେ ନିଆଯିବେ ନାହିଁ । କଲିକତାରୁ ଓ ଅନ୍ୟ ସ୍ଥାନରୁ ଯୋଗ୍ୟ ଶିକ୍ଷୟିତ୍ରୀମାନେ ବାଳକବାଳିକାମାନଙ୍କୁ ପଢ଼ାଇବା ପାଇଁ ଆସୁଅଛନ୍ତି । ସ୍କୁଲରେ କିପରି ଶିକ୍ଷା ଦିଆଯିବ, ତାହାର ବିବରଣ ପରେ ପ୍ରକାଶିତ ହେବ । ଯେଉଁମାନେ ଆପଣା ପିଲାଙ୍କୁ ଏ ସ୍କୁଲରେ ପଢ଼ାଇବେ ସେମାନେ ଶୀଘ୍ର ଏଥିପ୍ରତି ମନଯୋଗ କରନ୍ତୁ । ସ୍କୁଲ ସମ୍ବନ୍ଧରେ ଆଉ କିଛି ଜାଣିବାକୁ ହେଲେ ନିମ୍ନ ସ୍ୱାକ୍ଷରକାରୀଙ୍କଠାରୁ ବୁଝି ପାରିବେ ।

କଟକ — ଗୋପାଳ ଚନ୍ଦ୍ର ପ୍ରହରାଜ
ନର୍ମାଲ ସ୍କୁଲ ରୋଡ — ଅନ୍ୟତମ ସମ୍ପାଦକ ରେଭେନ୍‌ସା ବାଳିକା ବିଦ୍ୟାଳୟ କଟକ
୨୨-୧-୧୯୦୮ — ( ୨୫-୧-୧୯୦୮ ଉତ୍କଳ ଦୀପିକା )

## କଟକ ଇଞ୍ଜିନିୟରିଂ ସ୍କୁଲ ସ୍ଥାପନ

"ଆମ୍ଭମାନଙ୍କର ଜଣେ ସମ୍ବାଦଦାତା ବିଶ୍ୱସ୍ତସୂତ୍ରେ ଅବଗତ ହୋଇଅଛନ୍ତି ଯେ ଏ ନଗରର ଯୋବ୍ରା ସରକାରୀ କଳଘର ନିକଟରେ କଟକ ଇଞ୍ଜିନିୟରିଂ ସ୍କୁଲର ସ୍ଥାନ ନିର୍ଦ୍ଧିଷ୍ଟ ହୋଇ ଘରର ନକ୍‌ସା ଓ ଇଷ୍ଟିମେଟ୍ ଗଭର୍ଣ୍ଣମେଣ୍ଟଙ୍କ ମଞ୍ଜୁରୀ ଓ ଟଙ୍କା ବରାଦ ସକାଶେ ପଠା ଯାଇଅଛି ଓ ମାଲ ମସଲା ପ୍ରସ୍ତୁତର ବନ୍ଦୋବସ୍ତ ହୋଇଅଛି । ମଞ୍ଜୁରୀ ଆସିବା ମାତ୍ରେ କାର୍ଯ୍ୟାରମ୍ଭ ହେବ । ଏହି ସ୍କୁଲରେ ପଢ଼ି ପାଶ କରିବା ବ୍ୟକ୍ତିମାନେ ମାସକୁ ୫୦ରୁ ୬୦ ପର୍ଯ୍ୟନ୍ତ ସବ୍‌ଓଭରସିୟରର କାର୍ଯ୍ୟ ପାଇପାରିବେ । ବଡ଼ ଚାକିରି ସକାଶେ ରୁଡ଼କି ଅଥବା ଶିବପୁର ଇଞ୍ଜିନିୟରିଂ କଲେଜରେ ଅଧିକ ଶିକ୍ଷାର ଆବଶ୍ୟକ ଓ ତହିଁ-ପାଇଁ ବୃତ୍ତି ସ୍ଥାପନ ହେବା ବାଞ୍ଛନୀୟ । ଉତ୍କଳ ସମ୍ମିଳନୀକୁ ଏ ବିଷୟ ଚିନ୍ତା କରିବା କାରଣ ସମ୍ବାଦଦାତା ଅନୁରୋଧ କରିଛନ୍ତି ।" ( ଉତ୍କଳ ଦୀପିକା ୨୬-୧-୧୯୦୮ )

## ରେଭେନ୍‌ସା ବାଳିକା ବିଦ୍ୟାଳୟ

"କଟକଠାରେ ବହୁଦିନରୁ ରେଭେନ୍‌ସା ବାଳିକା ବିଦ୍ୟାଳୟ ସ୍ଥାପିତ ହୋଇଥିବାର ସମସ୍ତଙ୍କୁ ଜଣାଅଛି । ପୂର୍ବେ ଏଠାରେ ବାଳିକାମାନେ ଭର୍ଣ୍ଣାକ୍ୟୁଲର ଛାତ୍ରବୃତ୍ତି ପର୍ଯ୍ୟନ୍ତ ପଢି ପାରୁଥିଲେ ଓ କେତେ ଗୋଟିଏ ବାଳିକା ଏ ସ୍କୁଲରେ ପାଶ୍ କରିଥିଲେ । କେତେକ ବର୍ଷ ହେଲା ସ୍କୁଲ ବିଭାଗର କର୍ତ୍ତୃପକ୍ଷମାନେ ସ୍କୁଲଟିକୁ ଅପର ପ୍ରାଇମେରି କରି ଦେଇଅଛନ୍ତି । ଗତବର୍ଷ ମାର୍ଚ୍ଚ ମାସରେ ଶିକ୍ଷା ବିଭାଗର ଡାଇରେକ୍ଟର ସାହେବ ଏ ସ୍କୁଲକୁ ଦେଖିବାକୁ ଆସି ଏହାକୁ ମାଇନର ସ୍କୁଲ କରିବାର ପ୍ରସ୍ତାବ ଆରମ୍ଭ କରି ଦେଇ ଯାଇଥିଲେ ।

ଶ୍ରଦ୍ଧେୟ ଶ୍ରୀଯୁକ୍ତ ମଧୁସୂଦନ ଦାସ ଶିଶୁ ଶିକ୍ଷା ପ୍ରଣାଳୀ ଶିଖିବାପାଇଁ ନିଜ ବ୍ୟୟରେ ତାଙ୍କ କନ୍ୟା ଶ୍ରୀମତୀ ଶୈଳବାଳାଙ୍କୁ ବିଲାତ ପଠାଇଥିବା କଥା ସମସ୍ତେ ଅବଗତ ଅଛନ୍ତି । ସେ ବିଲାତରୁ ଫେରିଆସି ଏଠାରେ ଗୋଟିଏ ଆଦର୍ଶ ବାଳିକା ବିଦ୍ୟାଳୟ ସ୍ଥାପନ କରିବା ପାଇଁ କଳ୍ପନା କରିଥିଲେ ଓ ଏ ବିଷୟରେ ସରକାରୀ ସାହାଯ୍ୟ ମିଳିବାର ଆଶା ମଧ୍ୟ ଥିଲା । ବାଳିକାମାନଙ୍କୁ ନେବା ଆଣିବା ପାଇଁ ଗାଡ଼ିର ବନ୍ଦୋବସ୍ତ କରି ଓ ପୁରୁଷ ଶିକ୍ଷକଙ୍କ ଦ୍ୱାରା ବାଳିକାମାନଙ୍କୁ ନ ପଢାଇ ସ୍ତ୍ରୀ ଶିକ୍ଷୟିତ୍ରୀ ନିଯୁକ୍ତ କରି ଓ ସେ ବିଦ୍ୟାଳୟରେ ପଢିବା ସମୟରେ ବାଳିକାମାନଙ୍କ ସହିତ କୌଣସି ପୁରୁଷଙ୍କର କିଛି ସମ୍ବନ୍ଧ ରହିବ ନାହିଁ । ଏପରି ବନ୍ଦୋବସ୍ତ କରି ଗୋଟିଏ ସ୍କୁଲ ସ୍ଥାପନ କରିବା ଶ୍ରୀମତୀ ଶୈଳବାଳାଙ୍କର ସଂକଳ୍ପ ଥିଲା । ବାଳିକାମାନଙ୍କ ପାଇଁ ଉପଯୁକ୍ତ ଶିକ୍ଷୟିତ୍ରୀ ପ୍ରସ୍ତୁତ କରିବା ମଧ୍ୟ ତାଙ୍କର ଇଚ୍ଛା ଥିଲା ଓ ବାଳିକାମାନଙ୍କୁ ସଙ୍ଗୀତ, ରନ୍ଧନ, ସିଲେଇ ଇତ୍ୟାଦି ଅନେକ ଆବଶ୍ୟକୀୟ ବିଷୟ ଶିକ୍ଷା ଦେଇ ବାଳିକାମାନଙ୍କୁ ଭବିଷ୍ୟତ ଗୃହ କର୍ମରେ ପ୍ରସ୍ତୁତ କରିବା ତାଙ୍କର ଉଦ୍ଦେଶ୍ୟ । ସେ ଏଥିମଧ୍ୟରେ ଅନେକ ସ୍ଥାନୀୟ ଭଦ୍ର ଗୃହସ୍ଥଙ୍କ ଘରେ ଘରେ ବୁଲି ତାଙ୍କର ଉଦ୍ଦେଶ୍ୟ ପିତାମାତାମାନଙ୍କୁ ଉତ୍ତମ ରୂପେ ବୁଝାଇବାରୁ ଅନେକ ଲୋକ ତାଙ୍କ ସ୍କୁଲକୁ ଆପଣା ଆପଣାର ବାଳିକାମାନଙ୍କୁ ପଠାଇବେ ବୋଲି ସ୍ଥିର ବଚନ ଦେଇଥିବାର ଆମ୍ଭେମାନେ ଅବଗତ ହୋଇଅଛୁଁ ଓ କେତେକ ବୟଃପ୍ରାପ୍ତା ହିନ୍ଦୁ କନ୍ୟାଙ୍କୁ ତାଙ୍କ ସ୍କୁଲରେ ପଢ଼ାଇବା ପାଇଁ ଅଭିଭାବକମାନେ ସ୍ୱୀକାର କରିଅଛନ୍ତି । ଏସବୁ ଆଶାର ସମ୍ବାଦ ଶୁଣି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ ଓ ଶୈଳବାଳାଙ୍କ ପ୍ରସ୍ତାବ ପ୍ରତି ଅନେକଗୁଡ଼ିଏ ସ୍ଥାନୀୟ ହିନ୍ଦୁ ରମଣୀ ସମ୍ପୂର୍ଣ୍ଣ ସହାନୁଭୂତି ପ୍ରକାଶ କରିଥିବା ଓଡ଼ିଶା ପ୍ରତି ଗୌରବର ବିଷୟ ବୋଲିବାକୁ ହେବ ।

ପୂର୍ବେ ଡାଇରେକ୍ଟର ସାହେବ ରେଭେନସା ସ୍କୁଲକୁ ମାଇନର ସ୍କୁଲ କରିବାପାଇଁ ଯେଉଁ ପ୍ରସ୍ତାବ ଆରମ୍ଭ କରିଥିଲେ ସେ ପ୍ରସ୍ତାବ ବର୍ତ୍ତମାନ ବିବେଚନାଧୀନ ଅଛି । ଏଥିଯୋଗୁଁ ଓଡ଼ିଶାର ଇନ୍‌ସପେକ୍ଟର କମିଟିର ମେମ୍ବରମାନଙ୍କୁ ପ୍ରଶ୍ନ କରିଥିଲେ ଯେ ପ୍ରସ୍ତାବିତ ମାଇନର ସ୍କୁଲରେ ପଢ଼ିବା ଖଣ ବାଳିକା ମିଳିବେ, କମିଟି ଯଦି ଏ ବିଷୟରେ ଦୃଢ଼ ଜବାବ ଦିଅନ୍ତି ତାହାହେଲେ ରେଭେନ୍‌ସା ବାଳିକା ବିଦ୍ୟାଳୟଟି ମାଇନର ହେବ ଓ ସରକାର ମାସିକ ଟ ୧୫୫ ଙ୍କା ସାହାଯ୍ୟ କରିବେ ।

ସମସ୍ତ ବିଷୟ ଆଲୋଚନା କରି କମିଟିର ମେମ୍ବରମାନେ ଶ୍ରୀଯୁକ୍ତ ବାବୁ ଉମେଶଚନ୍ଦ୍ର ବାସୁ ସମ୍ପାଦକଙ୍କ ପ୍ରସ୍ତାବ ମତେ ସ୍ଥିର କଲେ ଯେ ଏକଜେକ୍ୟୁଟିଭ କମିଟୀ ନୂତନ ସମ୍ପାଦସ୍ତ୍ରୀ ବା ପ୍ରେସିଡେଣ୍ଟେସ୍ କରାଯିବ ଏବଂ ନିର୍ବାଚିତ ଏକଜେକ୍ୟୁଟିଭ ମେମ୍ବର ଦ୍ୱାରା ଗୋଟିଏ କାର୍ଯ୍ୟକାରୀ ସମିତି ଗଠିତ ହୋଇ ଏହି ରେଭେନ୍ସା ବାଳିକା ସ୍କୁଲର ଉନ୍ନତିକଳ୍ପେ ଯତ୍ନ କରାଯିବ । ଶ୍ରୀମତୀ ଶୈଳବାଳା ଏ ପ୍ରସ୍ତାବରେ ସମ୍ମତ ହୋଇ ଆପଣାର କଳ୍ପିତ ସ୍କୁଲର ସକଳ ଆପାତତଃ ପରିତ୍ୟାଗପୂର୍ବକ ରେଭେନ୍ସା ବାଳିକା ସ୍କୁଲର ଉନ୍ନତି ପାଇଁ ପ୍ରାଣପଣେ ଚେଷ୍ଟା କରୁଅଛନ୍ତି । ତାଙ୍କୁ ସାହାଯ୍ୟ କରିବା ପାଇଁ କମିଟିର ଅନ୍ୟତମ ମେମ୍ବର ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ସହକାରୀ ସମ୍ପାଦକ ପଦରେ ନିର୍ବାଚିତ ହୋଇଅଛନ୍ତି—ଆଶା କରାଯାଏ ଯେ ଆଗାମୀ ମାସଠାରୁ ନୂତନ ଧରଣରେ ସ୍କୁଲର କାର୍ଯ୍ୟ ଆରମ୍ଭ ହେବ । ଏଥିରେ ଅଳ୍ପ ବୟସ୍କ ବାଳକମାନେ ପଢ଼ି ପାରିବେ । ଯେ ଯେଉଁ ଭାଷାରେ ଶିକ୍ଷା କରିବାକୁ ଇଚ୍ଛା କରିବେ ତାଙ୍କୁ ସେହି ଭାଷାରେ ଶିକ୍ଷା ଦିଆଯିବ । ଫେବୃୟାରୀ ମାସ ଶେଷ ପର୍ଯ୍ୟନ୍ତ ସ୍କୁଲରେ ଛାତ୍ର ଓ ଛାତ୍ରୀ ନିଆଯିବ । ପିଲାମାନେ ବିଦ୍ୟାଳୟକୁ ଯିବା କାରଣ ଗାଡ଼ିର ବନ୍ଦୋବସ୍ତ କରାଯିବ । ସ୍ତ୍ରୀଶିକ୍ଷୟିତ୍ରୀମାନେ ପିଲାଙ୍କୁ ପଢ଼ାଇବେ ଓ ବାହାର ପୁରୁଷ ଲୋକଙ୍କ ସଙ୍ଗେ ଛାତ୍ରୀମାନଙ୍କର ସ୍କୁଲ ସମୟରେ କୌଣସି ସଂସ୍ରବ ରହିବ ନାହିଁ । ଯେଉଁ ଅଭିଭାବକମାନେ ଆପଣା ବାଳିକାମାନଙ୍କୁ ଉଚ୍ଚଶିକ୍ଷା ଦେବାକୁ ଇଚ୍ଛା କରିବେ ସେମାନଙ୍କ ନିମନ୍ତେ ଆବଶ୍ୟକ ମତେ ଉପଯୁକ୍ତ ଶିକ୍ଷାର ବନ୍ଦୋବସ୍ତ କରାଯିବ ।

ଅନେକ ରାଜପୁରୁଷଙ୍କଠାରୁ ଶୁଣାଯାଏ ଯେ ଓଡ଼ିଆମାନେ ସ୍କୁଲକୁ ବାଳିକାମାନଙ୍କୁ ପଠାଇବାକୁ ନିତାନ୍ତ ଅନିଚ୍ଛୁକ; କିନ୍ତୁ ଆମ୍ଭମାନଙ୍କ ଧାରଣା ସେ ଉପଯୁକ୍ତ ରୂପେ ସ୍ଥାପିତ ସ୍କୁଲ ଅଭାବରୁ ଅଭିଭାବକମାନେ ଆପଣା ବାଳିକାମାନଙ୍କୁ ପଢ଼ିବା ପାଇଁ ବାହାରକୁ ଛାଡ଼ି ଦେବାକୁ ନାରାଜ ହୁଅନ୍ତି । ଶ୍ରୀମତୀ ଶୈଳବାଳାଙ୍କର ଏହି ସାଧୁ ଉଦ୍ୟମ କାର୍ଯ୍ୟରେ ପରିଣତ ହେଲେ ଅନେକ ଉତ୍କଳୀୟ କନ୍ୟା ଉପଯୁକ୍ତ ରୂପେ ଶିକ୍ଷିତା ହେବେ ଓ ରାଜପୁରୁଷମାନଙ୍କ ମନରୁ ଗୋଟିଏ ଭ୍ରାନ୍ତ ଧାରଣା ଦୂର ହେବ । ଈଶ୍ୱର ଶ୍ରୀମତୀ ଶୈଳବାଳାଙ୍କ ମନୋରଥ ପୂର୍ଣ୍ଣ କରନ୍ତୁ ଓ ମଧୁବାବୁ ଏତେ ଅର୍ଥ ବ୍ୟୟ କରି ତାଙ୍କୁ ଯେଉଁ ଉଦ୍ଦେଶ୍ୟ ସାଧନ କରିବା ପାଇଁ ବିଲାତ ପଠାଇଥିଲେ ସେ ଉଦ୍ଦେଶ୍ୟ ସଫଳ ହେବା ଦେଖି ମିଷ୍ଟର ଦାସ ବୃଦ୍ଧ ବୟସରେ ଶାନ୍ତି ଲାଭ କରନ୍ତୁ, ଏହାହିଁ ଈଶ୍ୱରଙ୍କ ନିକଟରେ ସର୍ବାନ୍ତଃକରଣରେ ପ୍ରାର୍ଥନା କରୁଅଛୁଁ ଓ ଶୈଳବାଳାଙ୍କ ସଙ୍ଗେ ପୂର୍ଣ୍ଣ ହୃଦୟରେ ଯୋଗଦେବା ନିମନ୍ତେ ଆମ୍ଭେମାନେ ସ୍ଥାନୀୟ ବ୍ୟକ୍ତିମାନଙ୍କୁ ସାଦର ଆହ୍ୱାନ କରୁଅଛୁଁ । ଏଥି ମଧ୍ୟରେ ସମ୍ବାଦ ପାଇଅଛୁଁ ଯେ 'ଶିକ୍ଷା ବିଭାଗର ଡାଇରେକ୍ଟର ସାହେବ ମହୋଦୟ ଏ ପ୍ରସ୍ତାବ ପ୍ରତି ଆନ୍ତରିକ ସହାନୁଭୂତି ପ୍ରକାଶ କରିଅଛନ୍ତି ଓ ଆଗାମୀ ମାସଠାରୁ ଏହି ବିଦ୍ୟାଳୟ ନିମନ୍ତେ ସରକାରୀ ସାହାଯ୍ୟ ମିଳିବାର ଆଶା କରାଯାଉଅଛି । ସ୍ଥାନାନ୍ତରରେ ପ୍ରକାଶିତ ବାବୁ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ବିଜ୍ଞାପନ ପ୍ରତି ଆମ୍ଭେମାନେ ସ୍ଥାନୀୟ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁଁ ।

( ୨୫-୧-୧୯୦୮ ଉତ୍କଳ ଦୀପିକା)

## ମୁସଲମାନ ଶିକ୍ଷା ସମିତି

"ଗତ ଡିସେମ୍ବର ମାସ ତା ୯ ରିଖରେ ବାଲେଶ୍ୱର ଜିଲ୍ଲା ଧାମନଗରଠାରେ ମୁସଲମାନ ଶିକ୍ଷା ସମିତିର ଯେଉଁ ଅଧିବେଶନ ହୋଇଥିଲା ତହିଁର ସଂକ୍ଷେପ ବିବରଣ ଏଣୁ ପୂର୍ବେ ପ୍ରକାଶ କରିଅଛୁଁ । ସେ ବିଷୟରେ ଅଧିକ କିଛି କହୁବା । କାରଣ ସମ୍ପାଦକ ଅନୁରୋଧ କରି ଲେଖି ଅଛନ୍ତି କି ଦେବଭାଷା ଆରବୀ, ସାହିତ୍ୟିକ ଭାଷା ପାରସୀ, ମାତୃଭାଷା ଉର୍ଦ୍ଦୁ, ଦେଶୀୟ ଭାଷା ଓଡ଼ିଆ ଏବଂ ରାଜଭାଷା ଇଂରାଜୀ ଏହି ପାଞ୍ଚ ଭାଷାରେ ଶିକ୍ଷିତ ହେଲେ ମୁସଲମାନମାନଙ୍କର ଧର୍ମ, ସମାଜ ଓ ବିଷୟ ସମ୍ବନ୍ଧୀୟ କାର୍ଯ୍ୟ ଚଳି ନ ପାରେ । ବର୍ତ୍ତମାନ ଓଡ଼ିଶାରେ ଯେ ସମସ୍ତ ମକ୍ତବ ଓ ମଦ୍ରାସା ମୁସଲମାନ ବାଳକ-ବାଳିକାଙ୍କ ଶିକ୍ଷା ନିମନ୍ତେ ବିଦ୍ୟମାନ ଅଛି ଶିକ୍ଷିତ ମୁନସି ଓ ଆଖୁନ୍ଜୀ ଅଭାବରେ ସେ ସମସ୍ତର କାର୍ଯ୍ୟ ସୁଶୃଙ୍ଖଳାରେ ଚାଲିପାରୁ ନାହିଁ ଓ ଅଳ୍ପ ଶିକ୍ଷାରେ ପିଲମାନଙ୍କର ଦୀର୍ଘକାଳ ନଷ୍ଟ ହେଉଅଛି । ଅତଏବ ସମିତି ଧାମନଗରଠାରେ ଓଡ଼ିଆ ଗୁରୁ ଟ୍ରେନିଂ ସ୍କୁଲ ଆଦର୍ଶରେ ଗୋଟିଏ ମୁସଲମାନ ଗୁରୁଟ୍ରେନିଂ ସ୍କୁଲ ବା ଶିକ୍ଷକ ପ୍ରସ୍ତୁତ କରିବା ସ୍କୁଲ ସ୍ଥାପନ କରି ଅଛନ୍ତି । ଗବର୍ଣ୍ଣମେଣ୍ଟ ଓଡ଼ିଆ ଗୁରୁଟ୍ରେନିଂ ସ୍କୁଲ ସମୂହକୁ ଯେପରି ସାହାଯ୍ୟ ଦେଉଅଛନ୍ତି ସେହି ମାନରେ ଏବଂ ସମଧିକ ପରିମାଣରେ ବ୍ୟୟ ଭାର ବହନ ନକଲେ ଏହି ଟ୍ରେନିଂ ସ୍କୁଲ ସ୍ଥାୟୀ ହେବା କଠିନ । କାରଣ ମୁସଲମାନ ସମ୍ପ୍ରଦାୟରେ ସଂଗତିପନ୍ନ ବ୍ୟକ୍ତିର ସଂଖ୍ୟା ଅତ୍ୟନ୍ତ ଊଣା; ଅତଏବ ମୁସଲମାନ ଶିକ୍ଷା ସମିତି ଗବର୍ଣ୍ଣମେଣ୍ଟ ନିକଟରେ ଯଥୋଚିତ ସାହାଯ୍ୟ ଓ ସହାନୁଭୂତି ପ୍ରାର୍ଥନା କରନ୍ତି । ସମିତିର ପ୍ରାର୍ଥନା ଯୁକ୍ତିସଙ୍ଗତ ଅଟେ ଏବଂ ଆମ୍ଭେମାନେ ତହିଁର ସୁବିଧାର ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କୁ ବିଶେଷ ଅନୁରୋଧ କରୁଅଛୁଁ । ସ୍ଥାନାଭାବରୁ କାର୍ଯ୍ୟାବଳୀ ପ୍ରକାଶ କରି ପାରିଲୁଁ ନାହିଁ ।" ( ଉତ୍କଳ ଦୀପିକା ୧୫-୧-୧୯୦୮ )

## ନୀଳଗିରିରେ ଇଂରାଜୀ ହାଇସ୍କୁଲ ସ୍ଥାପନ

ନୀଳଗିରି ଜିଲ୍ଲାରେ ଅଳ୍ପକାଳ ହେଲା ଗୋଟିଏ ଇଂରାଜୀ ହାଇସ୍କୁଲ ସ୍ଥାପିତ ହୋଇଅଛି । ଓଡ଼ିୟା ଓ ନବସମ୍ବାଦ ଶୁଣିଅଛନ୍ତି ଯେ ଗଡ଼ଜାତର ପୋଲିଟିକଲ ଏଜେଣ୍ଟ ନୀଳଗିରି ପରି ସ୍ଥାନରେ ଗୋଟିଏ ଉଚ୍ଚଇଂରାଜୀ ସ୍କୁଲ ହେବା ଉଚିତ ନୁହେଁ—ଏହି ହେତୁରୁ ଦର୍ଶାଇ ସେହି ସ୍କୁଲକୁ ବିଶ୍ୱବିଦ୍ୟାଳୟର ଅନ୍ତର୍ଗତ କରିବାକୁ ନାରାଜ କରି ଅଛନ୍ତି ଏବଂ ସହଯୋଗୀ ସ୍କୁଲ ସ୍ଥାପନ ସମୟରୁ ତାହା ଆବଶ୍ୟକ ଥିବାର କହୁଥିବାରୁ ବର୍ତ୍ତମାନ ପୋଲିଟିକଲ ଏଜେଣ୍ଟଙ୍କ ମତ ସମର୍ଥନ କରି ଅଛନ୍ତି । ସହଯୋଗୀଙ୍କର ଯୁକ୍ତି ଏହି କି ଉଚ୍ଚବିଦ୍ୟାଳୟରେ ରାଜ୍ୟର ଯେଉଁ ଅର୍ଥ ବ୍ୟୟ ହେଉଅଛି ତାହା ନିମ୍ନ ଶିକ୍ଷାରେ ବ୍ୟୟ ହେଲେ ସାଧାରଣ ଲୋକଙ୍କର ଅଥବା ବଢ଼େଇ ଅଥବା ପଥୁରିଆ କର୍ମ ଶିକ୍ଷାର ଶିଳ୍ପ ବିଦ୍ୟାଳୟ ହେଲେ ଅଧିକ ଉପକାର ହେବ । ପୁଣି ସେ ସ୍କୁଲଦ୍ୱାରା ଜିଲ୍ଲାର ଅନ୍ୟ ଓ ପୁରାତନ ସ୍କୁଲର ବାଧା ଘଟିବା ବିନା କାହାରି ଉପକାର ନାହିଁ । ଆମ୍ଭେମାନେ ସହଯୋଗୀଙ୍କର ତଥା ପୋଲିଟିକଲ ଏଜେଣ୍ଟଙ୍କ ମତ ସମୀଚୀନ ବୋଲିବାର ହେତୁ ଦେଖୁ-

ନାହିଁ । ଆଳଗିଗରେ ସ୍କୁଲ ଅବଶ୍ୟକ କି ନା ସେଠା ନିବାସୀ ତହିଁର ବିଚାରକ । ବିଶେଷତଃ ଅନାବଶ୍ୟକ ହେଲେ ଛାତ୍ରାଭାବରୁ ସ୍କୁଲଟି ଆପେ ଉଠିଯାନ୍ତା ! ମାତ୍ର ତହିଁରେ ଯଥେଷ୍ଟ ଛାତ୍ର ପଢ଼ୁଥିଲେ ଅନ୍ୟ ସ୍କୁଲର ବାଧା ହେବା ଆଶଙ୍କାରେ ତାହାର ଉନ୍ନତି କରି ନ ଦେବା ବଳପୂର୍ବକ ଉଠାଇଦେବା ତୁଲ୍ୟ ଅଟେ ଏବଂ ତାହା କେତେବେଳେ ଅନୁମୋଦନୀୟ ନୁହେ । ସରକାରୀ ସାହାଯ୍ୟ ଦେବା ପ୍ରସଙ୍ଗରେ ପରସ୍ପର ସନ୍ନିହିତ ହାଇସ୍କୁଲ ଗୋଟିକର ଦାବୀ ଅଗ୍ରଗଣ୍ୟ କରିବା କଥା ସ୍ୱତନ୍ତ୍ର । ମାତ୍ର ଯେଉଁସ୍ଥଳେ ଜଣେ ରାଜା ବା ଜମିଦାର ଆପଣା ଏଲାକାର ଲୋକଙ୍କ ଉପକାର ନିମନ୍ତେ ଉଚ୍ଚବିଦ୍ୟାଳୟ ସ୍ଥାପନ କରି ତହିଁର ଖର୍ଚ୍ଚ ବହନ କରିବେ ସେଠାରେ ଉତ୍ସାହ ନ ଦେଇ ବାଧାଦେବା ନ୍ୟାୟସଙ୍ଗତ କି ? ଦେଶରେ ବିଶେଷତଃ ଗଡ଼ଜାତରେ ଉଚ୍ଚଶିକ୍ଷା ଦାନର ପ୍ରୟୋଜନ ଯଥେଷ୍ଟ ରହିଅଛି ଏବଂ ଉଚ୍ଚଶିକ୍ଷା ପ୍ରତି ଲୋକଙ୍କର ଆଦର ଅଧିକ । ତହିଁରେ ବାଧାଦେବା ଅନ୍ୟାୟ ଅଟେ । ଆମ୍ଭେମାନେ ଜାଣୁ ଯେ କେହି କେହି ସଂକୀର୍ଣ୍ଣମନା ରାଜପୁରୁଷ ବା ଅନ୍ୟଲୋକ ଇଂରାଜୀ ପଢ଼ିଲେ ଲୋକଙ୍କର ଆଖି ଫିଟିଯିବା ଭୟରେ ଉଚ୍ଚଶିକ୍ଷାର ପକ୍ଷପାତୀ ନୁହନ୍ତି; ମାତ୍ର ଏହା ବିଚକ୍ଷଣ ହିତୈଷି ବ୍ୟକ୍ତିଙ୍କର ମତ ନୁହେଁ । ଭରସାକରୁଁ ସହଯୋଗୀ ତାହାଙ୍କର ମତର ସପକ୍ଷରେ ଅନ୍ୟ କିଛି ପ୍ରବଳ କାରଣ ଦେଖାଇବେ ।

( ଉତ୍କଳ ଦୀପିକା ୧୫-୨-୧୯୦୮ )

## ରଣପୁର ପ୍ରାଥମିକ ଶିକ୍ଷାର ବ୍ୟବସ୍ଥା ( ଖଣ୍ଡିଏ ପତ୍ର )

ମହାଶୟ !

ସମ୍ପ୍ରତି ପ୍ରାଥମିକ ଶିକ୍ଷାପ୍ରତି ମାନନୀୟ ଗଭର୍ଣ୍ଣମେଣ୍ଟଙ୍କର କିପରି ଶୁଭଦୃଷ୍ଟି ପଡ଼ିଅଛି ତାହା ଠିକେ ମାତ୍ର ଅନୁଭବନୀୟ । ଓଡ଼ିଶା ଗଡ଼ଜାତମାନଙ୍କର ଶିକ୍ଷାର ଅବସ୍ଥା ପୂର୍ବେ ଯେପରି ଥିଲା, ବର୍ତ୍ତମାନ ତାହା ବହୁ ପରିମାଣରେ ପରିବର୍ତ୍ତିତ ହୋଇଯାଇଅଛି; କିନ୍ତୁ ରଣପୁର ଜିଲ୍ଲାର ପ୍ରାଇମେରୀ ଶିକ୍ଷା ଅନ୍ୟାନ୍ୟ ଗଡ଼ଜାତମାନଙ୍କରୁ ବହିର୍ଭୂତ । କାରଣ ପ୍ରାଇମେରୀ ଇଲାକା ଶିକ୍ଷକମାନେ ତାଙ୍କର ଉପଯୁକ୍ତ ବେତନ ନିୟମିତ ରୂପେ ପ୍ରାପ୍ତ ନହେବାରୁ ଶିକ୍ଷାକାର୍ଯ୍ୟରେ ବ୍ୟାଘାତ ଜନ୍ମାଉ ଅଛନ୍ତି । ଏ ଜିଲ୍ଲାରେ ଉ: ପା: ସ୍କୁଲ ହେଃ ପଣ୍ଡିତମାନେ ଟ ୬ଙ୍କା ଓ ସେଃ ପଣ୍ଡିତମାନେ ଟ ୩ ଙ୍କା ବେତନ ପାଆନ୍ତି । ସ୍କୁଲର ସକଳ ପ୍ରକାର ମାସିକ ବ୍ୟୟ ଟ ୧୦ । ଅଣା ।ଏଥି ମଧ୍ୟରୁ ୧/୨ ଅଂଶ ଷ୍ଟେଟରୁ ଓ ବାକି ୧/୨ ଅଂଶ ଛାତ୍ରାରୁ ଆଦାୟ ହୁଏ । ଏହା ମଧ୍ୟ ମା ୩/୪ ସରେ ମିଳିବା କଠିନ । ଏପରି ସ୍ଥଳରେ ଶିକ୍ଷକମାନେ ସ୍ୱଳ୍ପ ବେତନଭୋଗୀ ହୋଇ କାର୍ଯ୍ୟକରିବା କେତେଦୂର କଷ୍ଟକର ତାହା ପାଠକମାନେ ଅନୁଭବ କରିପାରିବେ । ଅନ୍ୟାନ୍ୟ ଜିଲ୍ଲାରେ ହେଃ ପଣ୍ଡିତମାନେ ଟ ୧୦ ଙ୍କା ଓ ସେଃ ପଣ୍ଡିତମାନେ ଟ୬ଙ୍କା ପାଉଅଛନ୍ତି; କିନ୍ତୁ ଏ ଜିଲ୍ଲାର ଶିକ୍ଷକମାନଙ୍କ ଭାଗ୍ୟରେ ତାହା ପଡ଼ିନାହିଁ । ବର୍ତ୍ତମାନ ମହାର୍ଘକାଳ ଆସି ଉପସ୍ଥିତ । ସ୍ଥାନୀୟ କର୍ତ୍ତୃପକ୍ଷମାନେ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି । ଆଶାକରୁଁ

ଗଡ଼ଜାତ ମାହାଲର ମାନ୍ୟବର ଶ୍ରୀଯୁକ୍ତ ପଲିଟିକାଲ ଏଜେଣ୍ଟ ମହୋଦୟ ଅତ ଜାଷ୍ଟାର ଉଚ୍ଚ ପ୍ରାଇମେରୀ ଶିକ୍ଷକମାନଙ୍କ ବେତନ ବୃଦ୍ଧି ସକାଶେ ଟିକିଏ ମାତ୍ର ଶୁଭଦୃଷ୍ଟି ନିକ୍ଷେପକଲେ ଏହି ଦୁରବସ୍ଥା ବହୁ ପରିମାଣରେ ଦୂରୀଭୂତ ହୋଇପାରିବ ।

ରଣପୁର — ଆପଣଙ୍କର

ତା ୧୪ । ୨ । ୧୯୦ — ଶ୍ରୀ କୁଳମଣି ଶତପଥୀ

( ଉତ୍କଳ ଦୀପିକା, ୨୦ । ୨ । ୧୯୦୮ )

## ବାଲେଶ୍ୱର ଶିଳ୍ପ ବିଦ୍ୟାଳୟ

ଏହି ବିଦ୍ୟାଳୟର ନୂତନ ଘର ପ୍ରତିଷ୍ଠା ସମ୍ବାଦ ପାଠକମାନଙ୍କୁ ଜଣାଇଅଛୁଁ । ସେ ସମୟରେ ଯେଉଁ ବିବରଣୀ ପଠିତ ହେଲା, 'ବାଲେଶ୍ୱର ସମ୍ବାଦବାହିକା'ରେ ତାହା ପାଠକଗଣ ଅବଗତ ହେଲେ ଯେ ବାଲେଶ୍ୱରର ଖ୍ରୀଷ୍ଟଧର୍ମ ପ୍ରଚାରକମାନଙ୍କ ଯତ୍ନରେ ସନ ୧୮୯୪ ସାଲ ପୂର୍ବରୁ ଏହା ସ୍ଥାପିତ ହୋଇ କେତେକାଳ ବନ୍ଦ ଥିଲା । ପୁଣି ସନ ୧୯୦୫ ସାଲରୁ ଏହାକୁ ଜାଗ୍ରତ କରିବାର ଚେଷ୍ଟା ହୋଇ ଗୋଟିଏ ସାମାନ୍ୟ ଘରରେ କାର୍ଯ୍ୟ ଚାଲୁଥିଲା । ଗୋଟିଏ ଉପଯୁକ୍ତ ଘର ଏବଂ ଯନ୍ତ୍ରାଦି ବିନା ଅସୁବିଧା ଘଟୁଥିଲା । ଆମେରିକାର ଜଣେ ମହିଳା ଟ ୧୫୦୦ ଙ୍କା ଦାନ କରିବାର ଇଚ୍ଛାପ୍ରକାଶ କରନ୍ତେ, ତହିଁରେ ଉତ୍ସାହ ହୋଇ ପାଦ୍ରୀ ସମାଜ ସ୍ଥାନୀୟ ଓ ପ୍ରଧାନବ୍ୟକ୍ତି ଓ ସେ ସମୟର କଲେକ୍ଟର ଶ୍ରୀଯୁକ୍ତ ଅଗଷ୍ଟି ମହାଶୟଙ୍କୁ ଜଣାଇବାରେ ବାଲେଶ୍ୱର ଜିଲ୍ଲାବୋର୍ଡ ଘର ନିମନ୍ତେ ୧୦୦୦ ଟଙ୍କା, ଆସବାବ ନିମନ୍ତେ ୧୦୦୦ ଟଙ୍କା ଏବଂ ମାସିକ ୧୦୦ ଟଙ୍କା କାର୍ଯ୍ୟ ନିର୍ବାହ ସକାଶେ ଦେବା ମଞ୍ଜୁର କଲେ । ଏହି ଟଙ୍କାରେ ଘର ନିର୍ମାଣ ଆରମ୍ଭ ହେଲା ଏବଂ ତହିଁରେ ୪୦୦ ଟଙ୍କା ଯାହା ଅଧିକା ବ୍ୟୟ ଘଟିଅଛି ତାହା ସେହି ଆମେରିକାବାସିନୀ ବନ୍ଧୁ ଦେବାକୁ ସମ୍ମତ ହୋଇଅଛନ୍ତି । ବର୍ତ୍ତମାନ ଏଠାରେ ବଢ଼େଇ ବା କାଠ କାମ, ବେତବୁଣା, ଯୋତା ତିଆରି ଓ ପୁସ୍ତକ ବନ୍ଧାଇ ଏହି ଚାରି ବିଷୟରେ ଶିକ୍ଷା ଦିଆଯାଉଅଛି । ୧୭ ଜଣ ପିଲା ଓ ଯୁବା କାର୍ଯ୍ୟ ଶିଖୁଅଛନ୍ତି । ପୁସ୍ତକ ବନ୍ଧାଇର ବଡ଼ ଦରକାର ନାହିଁ ବୋଲି କେବଳ ୨ ଜଣଙ୍କୁ ସେ ଶିକ୍ଷା ଦିଆଯାଏ । ୮ ଜଣ ଯୋତା ତିଆରି କାର୍ଯ୍ୟ କରନ୍ତି । ଏ କାର୍ଯ୍ୟରେ ଦରକାର ଅଛି । ମାତ୍ର ଖ୍ରୀଷ୍ଟିୟାନ ପିଲା ଛଡ଼ା ଆଉ କେହି ଶିଖିବାକୁ ଆସ୍ଥା କରନ୍ତିନାହିଁ । ବେତକାମ ୫ ଜଣ ଶିଖୁଅଛନ୍ତି । ଅନେକ ଲୋକଙ୍କୁ ଶିକ୍ଷା ଦେବାର ସ୍ଥାନ ଅଛି; ମାତ୍ର ହିନ୍ଦୁ ଓ ମୁସଲମାନ ପିଲା ଅଧ ଦର୍ଜନରୁ ଅଧିକ ଏପର୍ଯ୍ୟନ୍ତ ଆସି ନାହାନ୍ତି । ବର୍ତ୍ତମାନର ସ୍ୱଦେଶୀ ଆନ୍ଦୋଳନ ସମୟରେ ଏପରି ବିଦ୍ୟାଳୟରେ ଅନେକ ଛାତ୍ର ହେବା ଉଚିତ ଏବଂ ଯେଉଁମାନେ ଏଠାରେ ଶିକ୍ଷା କରିବେ ଆପଣା ଆପଣା ବ୍ୟବସାୟ ଚଳାଇ ପେଟ ପାଳିପାରିବେ । ଆଶା ହୁଅଇ ସ୍ଥାନୀୟ ଭଦ୍ରଲୋକମାନେ ଏ ବିଷୟରେ ସାହାଯ୍ୟ କରି ବିଦ୍ୟାଳୟର ଉପକାର ବଢ଼ାଇବେ । ବିଦ୍ୟାଳୟଟି ପ୍ରଥମେ ଖ୍ରୀଷ୍ଟିୟାନ ପିଲାଙ୍କୁ କୌଣସି ବ୍ୟବସାୟ ଶିକ୍ଷାଦେଇ ସଂସାର ପଥର ପଥିକ କରିବା କାରଣ ହୋଇଥିଲା ସତ୍ୟ, ମାତ୍ର ଯେ ସ୍ଥଳେ ତାହା ସର୍ବ-ସାଧାରଣଙ୍କ ନିମନ୍ତେ ଖୋଲିଅଛି ଓ ଜିଲା ବୋର୍ଡରୁ ସାହାଯ୍ୟ ପାଉଅଛି, ସେ ସ୍ଥଳେ

ହିନ୍ଦୁ ଓ ମୁସଲମାନ ସମସ୍ତଙ୍କର ଏଠାରେ ଶିକ୍ଷା କରିବାର ଉଚିତ । ଯେବେ ସେମାନଙ୍କର ଶିକ୍ଷା ବିଷୟରେ କିଛି ଅସୁବିଧା ଥାଏ ତାହା ଜଣାଗଲେ ବିଦ୍ୟାଳୟର କର୍ତ୍ତାମାନେ ଅବଶ୍ୟ ତହିଁର ପ୍ରତିକାର କରିବେ । ଶିଳ୍ପ ବିଦ୍ୟାଳୟ ସକାଶେ ତାଙ୍କ ଏଡ଼ବଡ଼ ସ୍ଥଳେ ଗୋଟିଏ ବିଦ୍ୟାଳୟକୁ ଯଥେଷ୍ଟ ଛାତ୍ର ନ ମିଳିବା ଲଜ୍ଜାକଥା ନୁହେଁ କି ?

( ଉତ୍କଳ ଦୀପିକା, ୧୧ । ୪ । ୧୯୦୮ )

## ଏକ ଛାତ୍ର-ସଭାର ବିବରଣୀ

ମହାଶୟ !

ବସ୍ତାଗ୍ରାମର ଛାତ୍ରମଣ୍ଡଳୀ ତା ୨୯-୩-୦୮ ରିଖରେ 'ଶିକ୍ଷାବର୍ଦ୍ଧନୀ' ନାମକ ସଭା ସଂସ୍ଥାପନ କରିଅଛନ୍ତି । ସେଥିରେ ଛାତ୍ରମାନେ ଭିନ୍ନ ଭିନ୍ନ ବିଷୟରେ ବକ୍ତୃତା ଦିଅନ୍ତି, ବକ୍ତୃତାର ସାରମର୍ମ ଦୁଇଜଣ ଛାତ୍ର ଲେଖିରଖନ୍ତି । ଛାତ୍ରମାନଙ୍କର ଯଥେଚ୍ଛା ଦାନରୁ ସମ୍ବାଦପତ୍ରମାନ ଓ ଉପାଦେୟ ଗ୍ରନ୍ଥମାନ ଆଣିତ ହୋଇ ସଭା ଲାଇବ୍ରେରୀରେ ରଖାଯିବ ।

### ସଭାର ଉଦ୍ଦେଶ୍ୟ

( ୧ ) ନିଜର ପରିଶ୍ରମଦ୍ୱାରା ଆପଣାର ସମସ୍ତ ଅଭାବର ପୂରଣ ଓ କୃଷିଦ୍ୱାରା ନିଜର ସଂସାରର ସମସ୍ତ ଆବଶ୍ୟକୀୟ ପଦାର୍ଥମାନ ସଂଗ୍ରହ କରିବ ।

(୨) ୩୦ ବର୍ଷ ବୟସ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ଧାରଣକରି କୌଣସି ବିଦ୍ୟାର ଅଭ୍ୟାସ ଗୁରୁଙ୍କଠାରେ କରିବା । ବରକନ୍ୟାର ବୟସର ଅନ୍ତର ୫ ବର୍ଷ ହେବାକୁ ସମସ୍ତେ ସଚେଷ୍ଟ ହେବା ।

(୩) ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଏହି ତିନି ଦ୍ୱିଜ ଜାତି ମଧ୍ୟରେ ସତ୍ୟ, ତ୍ରେତା ଓ ଦ୍ୱାପରରେ ଯେପରି ବିବାହ, ଆଦାନପ୍ରଦାନ ଓ ଭୋଜନାଦି ଚଳୁଥିଲା, ସେହିପରି ଆଜିକାଲି ଚଳାଇବାକୁ ମୁହୂର୍ତ୍ତେ ମୁହୂର୍ତ୍ତେ ଚେଷ୍ଟାକରିବେ ଓ ଶୂଦ୍ର ପୂର୍ବବତ୍ ସେବାକାରୀ ଥିବେ ।

(୪) ବୈଷ୍ଣବ ମଧ୍ୟ ଚଣ୍ଡୀମୁଣ୍ଡୀମାନଙ୍କୁ ସଚ୍ଚିଦାନନ୍ଦ ଜ୍ଞାନରେ ମାନ୍ୟକରି ସେମାନଙ୍କର ଶୈବ ବିଷ୍ଣୁଙ୍କର ଇତ୍ୟାଦି ଇତ୍ୟାଦି ସମସ୍ତ ସମ୍ପ୍ରଦାୟୀମାନେ ଆର୍ଯ୍ୟଙ୍କର ସମସ୍ତ ଦେବାଦେବୀଙ୍କୁ, ସଚ୍ଚିଦାନନ୍ଦ ମାନି ସେମାନଙ୍କର ପ୍ରସାଦକୁ ଗ୍ରହଣକରି ପରସ୍ପର ଭେଦବୁଦ୍ଧି ତ୍ୟାଗକରିବେ ।

ବସ୍ତା — ଶିକ୍ଷାବର୍ଦ୍ଧନୀ ସଭା

୧୭ । ୪ । ୦୮ — ମେମ୍ବରଗଣ

(ଉତ୍କଳ ଦୀପିକା, ୮ । ୪ ।୧୯୦୮)

## ଶିକ୍ଷାଗତ ଯୋଗ୍ୟତା

"ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଗଭର୍ଣ୍ଣମେଣ୍ଟଙ୍କର ସନ ୧୯୦୪ ସାଲର ସର୍କୁଲାର ଅନୁସାରେ ନିୟମ ହୋଇଅଛି କି ଯେଉଁମାନେ ଇଂରାଜୀ ଏବଂ ଓଡ଼ିଆ

ଶିକ୍ଷକତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ, ସେମାନେ ଶିକ୍ଷକପଦରେ ନିଯୁକ୍ତ ଓ କ୍ରମେ ଉନ୍ନତ ପ୍ରାପ୍ତ ହେବେ । ଗତ ବହୁବର୍ଷରେ ଓଡ଼ିଶାରେ ଯେଉଁମାନେ ଏହି ନିୟମରେ ଯୋଗ୍ୟତା ଲାଭ କରିଅଛନ୍ତି, ସେମାନଙ୍କର ସଂଖ୍ୟା ଅଧିକ ନୁହେଁ ଅଥଚ ସେମାନେ ପୁନଃ ପୁନଃ ଆବେଦନ କରି ଉପଯୁକ୍ତ କାର୍ଯ୍ୟ ପାଉନାହାନ୍ତି । ଏଥିରେ ଶିକ୍ଷକତା ପରୀକ୍ଷା ପ୍ରତି ଲୋକଙ୍କର ଉତ୍ସାହ ଊଣା ଏବଂ ସାଧାରଣ ଶିକ୍ଷାର ବ୍ୟାଘାତ ହେଉଅଛି । ଓଡ଼ିଶା ଶିକ୍ଷା-ବିଭାଗର କର୍ତ୍ତାଙ୍କର ଏ ବିଷୟରେ ଦୃଷ୍ଟି ରଖିବା କାରଣ ପତ୍ରପ୍ରେରକ ଅନୁରୋଧ କରିଅଛନ୍ତି । ଆମ୍ଭେମାନେ ଆଶାକରୁଁ ବିଭାଗୀୟ କର୍ତ୍ତା ଏଥିର ଅନୁସନ୍ଧାନ କରି ଉଚିତ ପ୍ରତିକାର କରିବେ ।

(ଉତ୍କଳ ଦୀପିକା ୧୦ । ୪ । ୧୯୦୮)

## ଶିକ୍ଷକ ଚାକିରି ବିଜ୍ଞାପନ

Notice

ADVERTISEMENT

Wanted a graduate 2nd Master at Rs. 50 per mansem, and an English and Arabic knowing Persian Teacher at Rs. 25 per mansem for the Kendrapara H. School. Preference will be given to the Uria knowing candidates None need apply who will not stick to the post for at least 2 years.

(ଉତ୍କଳ ଦୀପିକା ୧୨।୧୨।୧୯୦୮)

Notice

Wanted two Inspecting Pandits on a salary of Rs. 10-15 each per month besides a consolidated allowance at Rs. 2-4. None need apply who has not passed the final Vernacular Mastership examination and has no experience in teaching Candidates should state their age and Past services and submit their applications with testimonials on or before the 10 th November 1908.

Cuttack District Boards' Office
17 10. 08

G. Chaudhary
Vice-Chairman

(ଉତ୍କଳ ଦୀପିକା ୨୪ । ୧୦ । ୧୯୦୮)

## WANTED

An experienced F. A. Assistant teacher for Jaipur H.E. School on Rs. 25 a month. Apply at once to the Secretary.

7-12-08

( ଉତ୍କଳ ଦୀପିକା, ୧୨ । ୧୨ । ୧୯୦୮ )

## ରେଭେନ୍‌ସା ବାଳିକା ବିଦ୍ୟାଳୟକୁ ସାହାଯ୍ୟ ଦାନ

ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁ ଯେ ଏ ନଗରର ରେଭେନ୍‌ସା ବାଳିକା ବିଦ୍ୟାଳୟକୁ ଗତ ଜୁଲାଇ ମାସରୁ ମାସିକ ଟ ୪୫୦ ଙ୍କା ସାହାଯ୍ୟ ଦାନ କରିବାକୁ ବଙ୍ଗ ଶିକ୍ଷା ବିଭାଗର ଡାଇରେକ୍ଟର ମହାଶୟ ମଞ୍ଜୁର କରିଅଛନ୍ତି । ପୂର୍ବେ ଏ ବିଦ୍ୟାଳୟ ମାସକୁ ୫୦ ଟଙ୍କା ଲେଖାଏଁ ସାହାଯ୍ୟ ପାଉଥିଲା ଏବଂ ଅଃ ପ୍ରାଇମେରୀ ପର୍ଯ୍ୟନ୍ତ ଶିକ୍ଷା ଦିଆଯାଉଥିଲା । ସଂପ୍ରତି ପ୍ରବେଶିକା ପରୀକ୍ଷା ପର୍ଯ୍ୟନ୍ତ ଶିକ୍ଷାଦାନର ବନ୍ଦୋବସ୍ତ ହୋଇଅଛି ଓ ଛାତ୍ରୀ ସଂଖ୍ୟା ଅନେକ ବଢ଼ିଅଛି ।

( ଉତ୍କଳ ଦୀପିକା, ୧୨ । ୧୨ । ୧୯୦୮ )

## NOTICE

Wanted a School Master on Rs. 25 a month with an annual increment of Rs 2 Preference will be given to Matriculates or failed F. A. S. whose Vernacular is Oriya. Applications stating age, caste, past services and with copies of testimonials will be received by the undersigned up to the 31st December, 1908 The selected candidate must execute a bond to stick up to post for three years.

Rajah or Sarangi
Ganjam Dt,
14 12-08

( ଉତ୍କଳ ଦୀପିକା, ୧୨ । ୧ । ୧୯୦

## WANTED

A competent Surveyor experienced in irrigation works for this State on a pay of Rs 25 per mensem None need apply who has not passed the survey examination from

Cuttack Survey School and has no knowledge of English. Applicants should apply stating age and send medical certificate before 30th instant.

Superintendent's Office<br>
Nayagarh<br>
19. 10. 08

G. S. Mohanty<br>
Superintendent

ଆଲୋଚ୍ୟ ସମ୍ବତ୍ସରରେ ଓଡ଼ିଶାରେ ଶିକ୍ଷା ସମ୍ବନ୍ଧୀୟ ସମ୍ବାଦ-ବିଚାର ସହିତ ସେହି ସମ୍ବତ୍ସରରେ ଓଡ଼ିଶାରେ ଭାଷା ଓ ସାହିତ୍ୟ ବିଷୟକ ଯେଉଁ ବିବିଧ ସମ୍ବାଦ ଉତ୍କଳ ଦୀପିକା ପୃଷ୍ଠା ମଣ୍ଡନ କରିଥିଲା, ତାହା ଏଠାରେ ଉଲ୍ଲେଖ କରାଯାଉଛି ।

## ଖରସୁଆଁରେ ଓଡ଼ିଆ ଓ ପରିଦର୍ଶକଙ୍କର ମନ୍ତବ୍ୟ

"ଏ ବିଷୟରେ ଆମ୍ଭେମାନେ ଆନନ୍ଦ ସହିତ ନିମ୍ନଲିଖିତ ପତ୍ର ଏଠାରେ ପ୍ରକାଶ କରୁଅଛୁଁ । ଖରସୁଆଁ ଓଡ଼ିଆ ରାଜ୍ୟ ହେଲେହେଁ ଏତେଦିନ ମାତୃଭାଷାରୁ ବଞ୍ଚିତ ହୋଇଥିଲା । ଏବେ କର୍ତ୍ତୃପକ୍ଷଙ୍କର ଦୃଷ୍ଟି ପଡ଼ିଲା ଭାଗ୍ୟର ବିଷୟ ଅଟେ । ଆଶାକରୁଁ ସେ ଅଞ୍ଚଳର ଅନ୍ୟାନ୍ୟ ଭୂମ୍ୟଧିକାରୀମାନେ ନିଜ ନିଜ ବ୍ୟୟରେ ମାତୃଭାଷାର ଏହିପରି ଟେକ ରଖିବାକୁ ଯତ୍ନବାନ ହେବେ ।

"ମହାତ୍ମା ଶ୍ରୀଯୁକ୍ତ ବାବୁ ମଧୁସୂଦନ ଦାସ ସି. ଆଇ. ଇ. ଙ୍କ କର୍ତ୍ତୃକ ପ୍ରେରିତ ହୋଇ ବାଲେଶ୍ୱରର ଶ୍ରୀଯୁକ୍ତ ବାବୁ ଭୋଳାନାଥ ସାମନ୍ତରାୟ ଉତ୍କଳ ଜନନୀର ଉଦ୍ଧାର ନିମିତ୍ତ ବିଗତ ନବେମ୍ବର ମାସରେ ଅତ୍ର ଶୁଭାଗମନ କରିଥିଲେ । ଏ ଦେଶ-ବାସୀ ତାହାଙ୍କ ମଦ୍ଧ୍ୟାର ଚେଷ୍ଟାରେ ମୁଗ୍ଧ ହୋଇ ସ୍ୱଦେଶୋଦ୍ଧାର ହେବାର ଆଶାରେ ଅତି ଆହ୍ଲାଦ ସହକାରେ ତାହାଙ୍କୁ ଯଥୋଚିତ ସମ୍ମାନକରି ଆମ୍ଭେମାନେ ସମୁଦାୟ ଓଡ଼ିଆ ଥିବାର ଓ ଅଦାଲତ ଓ ସ୍କୁଲ ସର୍ବରୂପ ବ୍ୟବହାରରେ ଉତ୍କଳ ଭାଷା ପ୍ରଚଳନରେ ଅଭିମତ ତାହାଙ୍କଠାରେ ଜ୍ଞାପନ କରି ଏକ ଅଭିମତ ପତ୍ର ସ୍ୱାକ୍ଷର କରିଦେଇଅଛୁଁ ।

ଉତ୍କଳର ସମୁଦାୟ ଭାବୁକମାନେ ଏ ସିଂହଭୂମିର ପ୍ରକୃତ ପରିଚୟ ନ ପାଇଥିବା ହେତୁ ଉତ୍କଳ ଭ୍ରାତାମାନେ ଆମ୍ଭମାନଙ୍କ ଉଦ୍ଧାର ନିମିତ୍ତ ତାଦୃକ୍ ଚେଷ୍ଟା କରିବାର ସୁବିଧା ପାଉନଥିବେ । ଅତଏବ ମୁଁ ଆବଶ୍ୟକ ବିବେଚନା କରି ଆପଣଙ୍କ ଦ୍ୱାରା ଉତ୍କଳର ଅଗ୍ରଣୀ ଭାବୁକମାନଙ୍କ ଗୋଚର ନିମିତ୍ତ ଏହା ସଂକ୍ଷେପରେ ନିବେଦନ କରୁଅଛି କି ବର୍ତ୍ତମାନ ସିଂହଭୂମିର ଶ୍ରୀଯୁକ୍ତ ଡିପେଟି କମିଶନର ସାହେବ ଓ ଛୋଟନାଗପୁର ସ୍କୁଲ ବିଭାଗର ଇନ୍‌ସପେକ୍ଟର ସାହେବ ଏ ଖରସୁଆଁ ପୋଲିଟିକଲ ଷ୍ଟେଟ୍ ଇନ୍‌ସ୍‌ପେକସନ୍ କରି ଏ ପ୍ରଦେଶରେ ଯେ ଓଡ଼ିଆ ପ୍ରଚଳନ ହେବାର ଆବଶ୍ୟକତା ଲେଖି ଯାଇଛନ୍ତି ତାହାର ମୁଁ ଏକ ନକଲ ଏତତ୍ସହ ଆପଣଙ୍କଠାକୁ ପ୍ରେରଣକଲି । ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନ ଦେଇ ଉତ୍କଳର ନେତୃ ମହୋଦୟଗଣଙ୍କ ସାହାଯ୍ୟ

କରିବା ହେବେ । X X X ସ୍କୁଲମାନଙ୍କରେ ହିନ୍ଦୀ ଓ ବଙ୍ଗଳା ଓ ଅଦାଲତରେ ହିନ୍ଦୀ ଓ ମାତୃଭାଷାରେ ଓଡ଼ିଆ ବ୍ୟବହୃତ ହେଉଥିବା ହେତୁ ଏ ପ୍ରଦେଶରେ ଭାଷା ବ୍ୟବହାରରେ ବହୁ ଅସୁବିଧା ଓ ଗୋଳଯୋଗ ହୋଇଅଛି କି ଯଦ୍ଦ୍ୱାରା ଏ ପ୍ରଦେଶ ଉନ୍ନତି ନ ଲଭି କ୍ରମଶଃ ଅଧଃ ପତନାବସ୍ଥାରେ ରହିଅଛି । ଅତଏବ ଆମ୍ଭେମାନେ ଉତ୍କଳର ସମସ୍ତ ଭାବୁକମାନଙ୍କୁ କରଯୋଡ଼େ ପ୍ରାର୍ଥନା କରୁଅଛୁଁ କି ଦୟାଶୀଳ ଭାବୁକମାନେ ଅନୁଗ୍ରହ କରି ସମୁଚିତ ଉପାୟ ଅବଲମ୍ବନ କରନ୍ତୁ ଏ ସ୍ୱଦେଶ ଉତ୍କଳର ଉନ୍ନତି କରି କୀର୍ତ୍ତି ଓ ଧର୍ମ ଉପାର୍ଜନ କରନ୍ତୁ ।"

( ଉତ୍କଳ ଦୀପିକା, ୧୧ । ୧ । ୧୯୦୮ )

## କଚେରୀରେ ଓଡ଼ିଆ ଭାଷା

ଦେୱାନି ଅଦାଲତରେ ସାକ୍ଷୀଙ୍କର ଜବାନବନ୍ଦୀ ମିସଲରେ ଥିବା ମୋକଦ୍ଦମାର ଅବିକଳ ଓଡ଼ିଆରେ ଲେଖିହେଉଥିଲା ଏବଂ ମୁନସଫୀର ହାକିମମାନେ ଇଂରାଜୀରେ ଟିପ ନେଉଥିଲେ । ସମ୍ପ୍ରତି ହାଇକୋର୍ଟର ଆଦେଶମତେ ଓଡ଼ିଆ ଜବାନବନ୍ଦୀ ଲେଖା ଉଠିଯିବା ହେତୁ ଓଡ଼ିଶାରେ ମକଦ୍ଦମାର ବ୍ୟାଘାତ ଘଟିଅଛି ବୋଲି ଜଣାଇ ସମାଜ ଏ ଆଦେଶ ପ୍ରତ୍ୟାହାର କରିବା କାରଣ ପ୍ରାର୍ଥନା କରିଅଛନ୍ତି । ଓଡ଼ିଶାର ମୁନସଫ ପ୍ରଭୃତି ସମସ୍ତ ହାକିମ ବଙ୍ଗ ଦେଶୀୟ ଓ ଅଧିକାଂଶ ଉତ୍କଳ ବହିଃସ୍ଥ । ସେମାନେ ଓଡ଼ିଆ ଭଲରୂପେ ବୁଝିପାରନ୍ତି ନାହିଁ । ପୁଣି ମୋକଦ୍ଦମାରେ ଓଡ଼ିଆଙ୍କର କଥାର ଏକ ମର୍ମ ଗ୍ରହଣ କରିବା ଅନେକ ସମୟରେ ଭ୍ରମ ଘଟେ । ଏଥିପାଇଁ ଅନ୍ତତଃ ଓଡ଼ିଶାରେ ସ୍ୱଦେଶୀୟ ଭାଷାରେ ମୋକଦ୍ଦମାର ଲେଖା ହେଉଥିବା ଜୋବାନବନ୍ଦୀ ଉଠାଇ ଦେବା ନ୍ୟାୟ ବିଚାରର ପ୍ରତି ଅହିତକର ଅଟେ । ଆମ୍ଭେମାନେ ସହଯୋଗୀଙ୍କ ପ୍ରାର୍ଥନା ଏକାନ୍ତ ସମର୍ଥନ କରୁଅଛୁଁ ।

( ଉତ୍କଳ ଦୀପିକା : ୧୫-୭-୧୯୦୮ )

## 'କଟକ ବିଜୟ' ନାଟକ ଅଭିନୟ ସମ୍ବନ୍ଧରେ ଖଣ୍ଡିଏ ପତ୍ର

ମହାଶୟ !

ସରସ୍ୱତୀ ପୂଜା ଉପଲକ୍ଷରେ, ଏଠା ନର୍ମାଲ୍ ସ୍କୁଲର ଛାତ୍ରବୃନ୍ଦଙ୍କର ନିମନ୍ତ୍ରଣମତେ ଆମ୍ଭେମାନେ ଗତକାଲି ପ୍ରିୟବନ୍ଧୁ ଶ୍ରୀ ଭକ୍ତ ଶ୍ରୀ ଚରଣ ପଟ୍ଟନାୟକ କୃତ 'କଟକ ବିଜୟ' ନାମକ ନୂତନ ଓଡ଼ିଆ ନାଟକର ଅଭିନୟ ଦେଖିବାକୁ ଯାଇଥିଲୁଁ । ଦର୍ଶକମଣ୍ଡଳୀରେ ସଭାମଣ୍ଡପ ପୂର୍ଣ୍ଣ ହୋଇଥିଲା । ସଭାକାର୍ଯ୍ୟକାରୀ ଛାତ୍ରବୃନ୍ଦ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଯଥାସ୍ଥାନରେ ବସାଇ ସଭାରେ ଶାନ୍ତି ଏବଂ ଶୃଙ୍ଖଳା ସ୍ଥାପନର ଚେଷ୍ଟା କରୁଥିଲେହେଁ କେତେକ ତ୍ରୁଟି ପରିଲକ୍ଷିତ ହେଲା । କେତେକ ପଦସ୍ଥ ଭଦ୍ରଲୋକ ଆସନାଭାବରୁ ଉଦ୍‌ବ୍ୟସ୍ତ ହୋଇଥିଲେ । ଦର୍ଶକ ସଂଖ୍ୟାର ଅଯଥା ବୃଦ୍ଧି ଏହାର ଗୋଟିଏ କାରଣ ହୋଇପାରେ । ତଥାପି ଏହା ପ୍ରକାଶ କରିବାର ଅଭିପ୍ରାୟ ଏହି ଯେ ଛାତ୍ରମାନେ ଭବିଷ୍ୟତ ଉତ୍ସବରେ ଏଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବେ ।

ଗଲାବେଳେ ଅନୁମାନ ହେଉଥିଲା ଯେ ଏକେତ ନାଟକଟି ଉତ୍କଳରେ ନୂତନ ଏବଂ ନୂତନ ସ୍ୱରେ ଲିଖିତ । ପୁଣି ଯୁବକବୃନ୍ଦ ସେଥିରେ ବ୍ୟବସାୟୀ ନୁହନ୍ତି, ଅତଏବ ଭଲ ହେବ ନାହିଁ; କିନ୍ତୁ ଫେରିଲାବେଳକୁ ଯେଉଁ ଧାରଣା ହୋଇଥିଲା ତାହା ସମ୍ପୂର୍ଣ୍ଣ ବିପରୀତ । କେବଳ ଉତ୍କଳୀୟ ଯୁବକମାନଙ୍କଦ୍ୱାରା ଏହି ନାଟକର ଆମୂଳାନ୍ତ ଅଭିନୟ କର୍ମ ସମ୍ପାଦିତ ହୋଇଥିଲା । ସେମାନେ ବାହାରର ଲୋକଙ୍କଠାରୁ ସେପରି କିଛି ସାହାଯ୍ୟ ପାଇନାହାନ୍ତି, ବରଂ ତାହାଙ୍କଦ୍ୱାରା ପ୍ରତାରିତ ହୋଇ ମଧ୍ୟେ ୨ ହତାଶ ହୋଇଥିଲେହେଁ ଅଧିକତର ଉତ୍ସାହ ଏବଂ ଯତ୍ନ ସହକାରେ କାର୍ଯ୍ୟାରମ୍ଭ କରିଥିଲେ । ଶୁଣିଲୁଁ ସେମାନଙ୍କର ଏହି ନାଟକାଭିନୟ ପ୍ରସ୍ତାବକାଳରୁ ଅଭିନୟର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନାନା ବିଘ୍ନ ଆସି ଉପସ୍ଥିତ ହୋଇଥିଲା; କିନ୍ତୁ ସେମାନଙ୍କର ସେହି ସାରସ୍ୱତ ନିଷ୍ଠା ବଳବତୀ ହେବାରୁ ସେମାନେ ସମସ୍ତ ବାଧାବିଘ୍ନ ଅତିକ୍ରମକରି ଉତ୍ତମସ୍ଥାନ ଅଧିକାର କରିଥିଲେ । ଆମ୍ଭେମାନେ ଅଭିନୟ ସଙ୍ଗେ ସଙ୍ଗେ ପୁସ୍ତକ ମିଳାଇ ଦେଖିଲୁଁ ଯେ କେବଳ ପ୍ରମାଦବଶତଃ ଚିଲିକା ବକ୍ଷରେ ନୌକାରୋହୀ ସୈନ୍ୟମାନଙ୍କ ଦୃଶ୍ୟଟି ଛାଡ଼ି ସମଗ୍ର ଅଂଶ ଅପରିହାର୍ଯ୍ୟ ରଖି ଅତି ପରିପାଟୀରେ ଅଭିନୟ କରିଥିଲେ । ଦୃଶ୍ୟମଧ୍ୟରେ ଶ୍ୱେତ ପଙ୍କଜବାସିନୀ ବୀଣାପାଣିଙ୍କର ସର୍ବପ୍ରଥମ ଦୃଶ୍ୟଟି ସର୍ବାପେକ୍ଷା ମନୋରମ ଏବଂ ଉଦ୍ଦେଶ୍ୟୋପଯୋଗୀ ହୋଇଥିଲା । ଚଣ୍ଡି ମନ୍ଦିରର ସେବକଗଣ, ସୁନେଇ ମା' ଓ ବୃଦ୍ଧ ଯଶୋବନ୍ତର ରୂପଗୁଣାଦି ନିସର୍ଗ ସୁନ୍ଦର ହୋଇଥିଲା । ବାଲଜୀ, ଉପାସ୍ତ ଦୂତ ଓ ପଦ୍ମାବତୀର ଅଭିନୟରେ ଅଭିନେତାମାନେ ପ୍ରଶଂସନୀୟ ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ତନ୍ମଧ୍ୟରେ ପଦ୍ମାବତୀ ବେଶଧାରୀଙ୍କର ଅଭିନୟ ସର୍ବୋତ୍କୃଷ୍ଟ ଏବଂ ସାରବାନ୍ ଥିଲା । ଉକ୍ତ ଅଭିନେତା ଯୁବକଟି ଅତି ଦୁର୍ବଳ ହୋଇଥିଲେହେଁ ତାହାଙ୍କର ସର୍ବାପେକ୍ଷା ଅଧିକ ଅଭିନୟ ଏବଂ ଅବସ୍ଥା ବିଶେଷରେ ଅବସ୍ଥୋଚିତ ସଂଗୀତାଦିର ଦର୍ଶକମଣ୍ଡଳୀ ମୁଗ୍ଧ ହୋଇଥିଲେ; ଏହା ବଡ଼ ଆନନ୍ଦ ଓ ପ୍ରଶଂସାର କଥା । ବଡ଼ଲାଟଙ୍କ ମନ୍ତ୍ରଣାଗୃହରେ ସଭାସଦ୍‌ବର୍ଗଙ୍କ ପ୍ରସ୍ତାବାଦି ଇଂରାଜୀରେ ହୋଇଥିବାରୁ ତାହା ବିକୃତ ହୋଇ ନଥିଲା ବରଂ ଅଧିକ ମାନିଲା । ବେଶଭୂଷାଦି ମଧ୍ୟ ମନ୍ଦ କିମ୍ବା ଅସଙ୍ଗତ ହୋଇ ନ ଥିଲା । ନାନା ପ୍ରତିବନ୍ଧକରେ ପ୍ରତିହତ ହୋଇ ସୁଦ୍ଧା ଯେଉଁ ଯୁବକମାନେ ରଙ୍ଗର ଉତ୍କର୍ଷ ସାଧନରେ ଏତେଦୂର ଅଗ୍ରସର ହୋଇଥିଲେ, ସେମାନେ ଅବଶ୍ୟ ଆମ୍ଭମାନଙ୍କର ଧନ୍ୟବାଦାର୍ହ ଏବଂ ସେମାନଙ୍କର ଉତ୍ସାହ ଓ ଧୈର୍ଯ୍ୟ ପ୍ରଶଂସନୀୟ । ପରିଶେଷରେ ଯୁବକମାନଙ୍କୁ ଏହି ଅନୁରୋଧ ଯେ ସେମାନେ ଯେପରି ଏ ପ୍ରକାରେ ଉନ୍ନତି କରିବାକୁ ଯାଇ ନିଜକୁ ମୁଖ୍ୟ ବିଦ୍ୟୋନ୍ନତିରୁ ବିରତ ନ ହୁଅନ୍ତୁ ।

ଜଣେ ଦର୍ଶକ

( ଉତ୍କଳ ଦୀପିକା : ତା ୧୫ । ୨ । ୧୯୦୮ )

# ଉତ୍କଳ ଆସୋସିଏସନ ସମ୍ପାଦକଙ୍କ ପତ୍ର

ମହାଶୟ !

ଏଠାରେ Central Young Utkal Association ନାମରେ ଗୋଟିଏ ସଭା ଅଛି । କଲେଜର ଛାତ୍ରମାନେ ତହିଁରେ ସାଧାରଣତଃ ଯୋଗ ଦିଅନ୍ତି । ଛାତ୍ରମାନଙ୍କ ଦ୍ୱାରା ପରିଚାଳିତ ବିଗତ ଜଳପ୍ଲାବନ ଓ ବର୍ତ୍ତମାନ ଦୁର୍ଭିକ୍ଷର ସାହାଯ୍ୟ ଏବଂ ଟାଉନ-ହଲରେ ସ୍ୱର୍ଗୀୟ ଶ୍ରୀଯୁକ୍ତ ଅଭିରାମ ଭଞ୍ଜଙ୍କ ସ୍ମୃତିରକ୍ଷା ପ୍ରଭୃତି ଘଟଣାରୁ ଏହି ସଭା ସାଧାରଣଙ୍କ ନିକଟରେ ନ୍ୟୂନାଧିକ ପରିମାଣରେ ପରିଚିତ ।

ଦେଶର ସାମାଜିକ ଓ ଶିକ୍ଷା-ସମ୍ବନ୍ଧୀୟ ଉନ୍ନତିକଳ୍ପେ ଏହି ସଭା ପ୍ରତିଷ୍ଠିତ ହୋଇଅଛି ଏବଂ ବର୍ତ୍ତମାନ ଅତି ସଂକୀର୍ଣ୍ଣ କ୍ଷେତ୍ରରେ ଏହାର କ୍ରିୟାକଳାପ ସୀମାବଦ୍ଧ ହେଲେହେଁ ଉତ୍କଳର ବିଭିନ୍ନ ସ୍ଥାନମାନଙ୍କରେ ଶାଖା ସମିତି ସ୍ଥାପନ କରିବାଦ୍ୱାରା ସମସ୍ତ ଉତ୍କଳର ଛାତ୍ରମାନଙ୍କୁ ଏକ ଜୀବନ ସୂତ୍ରରେ ଆବଦ୍ଧ ରଖିବା ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ।

ବିଗତ ତା ୫ ରିଖ ଗୁରୁବାର ଦିନ ସଭାର ସହକାରୀ ସଭାପତି ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ, ବି. ଏ. ମହୋଦୟଙ୍କ ଘରଠାରେ ଉକ୍ତ ସଭାର ଗୋଟିଏ ବନ୍ଧୁ-ସମ୍ମିଳନୀ ହୋଇଥିଲା । ସେଥିରେ କଟକ କଲେଜର ଏଣ୍ଟ୍ରାନସ ପରୀକ୍ଷାର୍ଥୀ ଏବଂ ସ୍ଥାନୀୟ ସ୍କୁଲସମୂହର ଦୁର୍ଭିକ୍ଷ ସାହାଯ୍ୟ ସ୍ୱେଚ୍ଛାସେବକ ସମେତ ପ୍ରାୟ ବିଂଶତି ଛାତ୍ର ମୁଖ୍ୟଭାବରେ ନିମନ୍ତ୍ରିତ ହୋଇଥିଲେ । ପ୍ରାୟ ସମସ୍ତେ ଉପସ୍ଥିତ ଥିଲେ । ଓଡ଼ିଆ ଓ ବଙ୍ଗଳାରେ ଜାତୀୟ ସଙ୍ଗୀତ ଏବଂ ଜାତୀୟ ଭାବୋଦ୍ଦୀପକ ଇଂରାଜୀ, ଓଡ଼ିଆ ଓ ବଙ୍ଗଳାରେ ଯଥାକ୍ରମେ ଛଅଗୋଟି ପଦ୍ୟାଂଶର ଆବୃତ୍ତି ହୋଇଥିଲା । ତତ୍ପରେ ସଭ୍ୟପକ୍ଷରୁ ଦୁଇଜଣ କଲେଜ ଛାତ୍ର ସେମାନଙ୍କର ଉପସ୍ଥିତିଜନିତ ସଭାର କୃତଜ୍ଞତା ଜଣାଇ ସାଧାରଣ ଉତ୍କଳୀୟ ଛାତ୍ରମାନଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ କିଛି କିଛି କହିଥିଲେ । ପରିଶେଷରେ ଶ୍ରୀଯୁକ୍ତ ବିଶ୍ୱନାଥ କର ଓ ସଭାର ସ୍ଥାୟୀ ସଭାପତି ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ ବି. ଏଲ୍. ଓଜସ୍ୱିନୀ ଭାଷାରେ ଯଥାକ୍ରମେ ଓଡ଼ିଆ ଓ ଇଂରାଜୀରେ ଦୁଇଟି ଦୀର୍ଘ ସାରଗର୍ଭ ବକ୍ତୃତା ପ୍ରଦାନ କରିଥିଲେ । ବିଶ୍ୱନାଥ ବାବୁ କେବଳ ସାଧାରଣ ଭାବରେ ସମାଜରେ ଛାତ୍ରର ସ୍ଥାନ ଓ ସମାଜ ଗଠନରେ ଛାତ୍ରର କର୍ତ୍ତବ୍ୟ ପ୍ରଭୃତି ବଡ଼ ପାଣ୍ଡିତ୍ୟ ଉଦ୍‌ବୋଧନୀ ଭାଷାରେ ବିବୃତ କରିଥିଲେ; କିନ୍ତୁ ଗୋପବନ୍ଧୁ ବାବୁ ସଭା ସଙ୍ଗେ ସର୍ବୋତଭାବେ ଆଦ୍ୟରୁ ସଂପୃକ୍ତ ଥିବାରୁ କେବଳ ଯେ ସଭାର ଉଦ୍ଦେଶ୍ୟ ଏବଂ ସଭା ସଙ୍ଗେ ଆମନ୍ତ୍ରିତ ବନ୍ଧୁମାନଙ୍କର ଘନିଷ୍ଠ ସମ୍ପର୍କ ସ୍ପଷ୍ଟଭାବରେ ବୁଝାଇ ଦେଇଥିଲେ ତାହା ନୁହେଁ, ଉପସ୍ଥିତ ଦୁର୍ଭିକ୍ଷରେ ସମସ୍ତ ଛାତ୍ର-ସମ୍ପ୍ରଦାୟର ଆନ୍ତରିକତା ଓ ସହାନୁଭୂତିଦ୍ୱାରା ଦେଶର, ଜାତିର ଓ ସମାଜର କି ମହୋପକାର ସମ୍ଭବ ହୋଇପାରେ ତାହା ବିଶଦ, ମର୍ମସ୍ପର୍ଶୀ ଭାଷାରେ କହି ଶ୍ରୋତୃବର୍ଗଙ୍କ ପ୍ରାଣରେ କି ଏକ ଦିବ୍ୟଶକ୍ତିର ସଂଚାର କରାଇଥିଲେ । ବକ୍ତୃତାର ଠିକ୍ ପରେ

ଅନେକ ଗ୍ରାମ ଦୁର୍ଭିକ୍ଷ ସମୟରେ ସେଥିଙ୍କୁ ସାହାଯ୍ୟ କରିବାପାଇଁ ସ୍ୱେଚ୍ଛାକ୍ରମେ ପ୍ରବୃତ୍ତ ହୋଇ ନିଜର ନାମଧାମାଦି ଲେଖାଇ ଦେଇଥିଲେ।

ପରିଶେଷରେ ଜାତୀୟ ସଙ୍ଗୀତ ଓ ଧନ୍ୟବାଦାନ୍ତେ ଜଳଯୋଗ ପରେ ପ୍ରାୟ ଘ ୧୦ ଟିକା ସମୟରେ ସଭା ଭାଙ୍ଗି ଗଲା।

ବଶମ୍ବଦ
ଗୋଲକଚନ୍ଦ୍ର ଦାସ, ସେକ୍ରେଟେରୀ
( ଉତ୍କଳଦୀପିକା . ତା ୧୪। ୩। ୧୯୦୮ )

## ମାଲିମୋକଦ୍ଦମା

—ଗୋବିନ୍ଦ ରଥଙ୍କ ମାମଲା—

ବାଙ୍କିର ପ୍ରସିଦ୍ଧ ପଣ୍ଡିତ ଗୋବିନ୍ଦ ରଥଙ୍କ ନାମରେ ସେଠା ଭାରପ୍ରାପ୍ତ ଡେପୋଟୀ କଲେକ୍ଟର ବାବୁ ବାଳମୁକୁନ୍ଦ କାନନଗୋଇ ମିଥ୍ୟା ଅପବାଦ ରଚନା କରିଥିବା ମର୍ମରେ, ଦଣ୍ଡବିଧି ଆଇନର ଧ ୫୦୦ ନଂ ମତେ ଯେଉଁ ମୋକଦ୍ଦମା କରିଥିଲେ ତହିଁରେ ବାଲେଶ୍ୱରର ଡେପୋଟୀ ମେଜେଷ୍ଟ୍ରେଟ ଏ କେ ରାୟ ସାହେବଙ୍କ ବିଚାରରେ ମୁକ୍ତ ପାଇଥିବା ବିଷୟ ପାଠକମାନଙ୍କୁ ଜଣାଇଅଛୁଁ। ବର୍ତ୍ତମାନ ସେହି ମୋକଦ୍ଦମାର ରାୟ ଆମ୍ଭମାନଙ୍କ ହସ୍ତଗତ ହୋଇଅଛି। ରାୟଟି ଅତ୍ୟନ୍ତ ଦୀର୍ଘ ଥିବାରୁ ଆମ୍ଭେମାନେ ତହିଁକି ସ୍ଥାନ ଯୋଗାଇବାକୁ ଏକାନ୍ତ ଅକ୍ଷମ। ସେ ରାୟ ପଢିଲେ ବିଚାରପତି ଯେ ନିତାନ୍ତ ନିରପେକ୍ଷଭାବରେ ବିଚାର କରିଅଛନ୍ତି ଏଥିରେ ସନ୍ଦେହ ରହିବ ନାହିଁ। ରଥଙ୍କ ଘର ବାଙ୍କିରେ ଥିବା ଓ ସେଠାରେ ତାଙ୍କର ଜମିବାଡ଼ି ଥିବା ଓ ଭାଇ ରହୁଥିବା ସ୍ଥଳେ ବାଙ୍କିର ଲୋକମାନଙ୍କ ସଙ୍ଗେ ତାଙ୍କର ସମ୍ପର୍କ ଥିବା ଏବଂ ବାଳମୁକୁନ୍ଦବାବୁ ସେଠାରେ ସଙ୍ଗୋବ ହାକିମ ଓ ବନ୍ଦୋବସ୍ତ କର୍ମଚାରୀଥିବାରୁ ଅନେକେ ତାଙ୍କର ବିରୋଧୀ ହେବାର ସମ୍ଭାବନା ଥିବାର ରାୟରେ ହାକିମ ପ୍ରଥମେ ବିଚାରପତି ଲେଖିଅଛନ୍ତି ଯେ ଗବର୍ଣ୍ଣମେଣ୍ଟରେ ରଥେ ଯେଉଁ ଆବେଦନପତ୍ର ଦେଇଥିଲେ ତହିଁରେ ଉଲ୍ଲେଖ ଥିବା ଅଭିଯୋଗମାନଙ୍କ ମଧ୍ୟରୁ ଉତ୍କୋଚ ଦେବାର ଅଭିଯୋଗ ଆଦୌ ପ୍ରମାଣିତ ହୋଇନାହିଁ ଏବଂ ହୁଣ୍ଡୀ ମହାପାତ୍ର ଓ ମାଧବ ସ୍ୱାଇଁଙ୍କ ସମ୍ବନ୍ଧୀୟ ଉତ୍କୋଚ ଘଟନା ସନ୍ତୋଷଜନକ ରୂପେ ପ୍ରମାଣିତ ହୋଇନାହିଁ। ସ୍ଥାନୀୟ ତଦନ୍ତ କରିବାକୁ ଯାଇ ପକ୍ଷମାନଙ୍କଠାରୁ ରସଦ ଖର୍ଚ୍ଚ ଆଦାୟ କରିନେବା ମର୍ମରେ ବାଳମୁକୁନ୍ଦ ବାବୁଙ୍କ ନାମରେ ଯେଉଁ ଅଭିଯୋଗ ଆନୀତ ହୋଇଥିଲା ତାହା ପ୍ରମାଣ କରିପାରି ନଥିବାର ଆସାମୀ ପକ୍ଷରୁ ସ୍ୱୀକୃତ ହୋଇଅଛି। ମୂଲିଆମାନଙ୍କୁ ମଜୁରି ନଦେଇ ଆପଣା କାମ ବେଠିରେ କରାଇ ନେଇଥିବା ମର୍ମରେ ଯେ ଅଭିଯୋଗ ଆଗତ ହୋଇଅଛି ତହିଁର ପ୍ରମାଣ ଆଗତ ହୋଇଥିଲେ ସୁଦ୍ଧା ନଥିଲା ପରି, ମାତ୍ର ପ୍ରଜାମାନଙ୍କଠାରୁ ଗୁଡ଼ କମ୍ବା ଖାଦ୍ୟଦ୍ରବ୍ୟାଦି ବାଳମୁକୁନ୍ଦବାବୁ ନେବାର ପ୍ରମାଣ ହୋଇଅଛି, ଅଥଚ ତହିଁର ମୂଲ୍ୟ ଦେଇଥିବାର ପ୍ରମାଣ ହୋଇନାହିଁ।

କେତେକ ସ୍ଥଳରେ ବନ୍ଦୋବସ୍ତ କାଗଜରେ ଅନ୍ୟ ଲୋକର ନାମ ଲେଖିଥିବାରୁ ସେଥି ସମ୍ବନ୍ଧରେ ଦେବାନୀ ମୋକଦ୍ଦମା ହୋଇ ତାହା ସଂଶୋଧିତ ହେଲା ଏବଂ ଉକ୍ତ ପ୍ରଶ୍ନ ସମ୍ବନ୍ଧରେ ତାହା ହିଂସାମୂଳକ ହୋଇଥିବାର ଜଣାଯାଏ । ବାଳମୁକୁନ୍ଦ ବାବୁଙ୍କ ନାମରେ ମଦନମୋହନ ପଟ୍ଟନାୟକ ଓ ରାମ ପଟ୍ଟନାୟକ ପ୍ରଭୃତି କେତେକ ଅତ୍ୟାଚାର କରିଥିବାର ମଧ୍ୟ ପ୍ରମାଣିତ ହୋଇଅଛି । ସେ ଯାହାହେଉ ଆସାମୀ ଅସରଳ ଭାବରେ କିଛି କରୁଛି ଆବେଦନ କରିଥିବାର ଦେଖାଯାଉ ନାହିଁ, ଯେଉଁମାନେ ଉକ୍ତୋଚ ଦେବା ଇତ୍ୟାଦି ବିଷୟ ଉପରେ ଆଗରେ କହିଥିଲେ ଉପେ ସେମାନଙ୍କର କଥା ଲେଖି ଦସ୍ତଖତ କରି ନେଇଥିଲେ । ଏଥିଁ ଅଧିକ କିଛି କରିବାର ପ୍ରୟୋଜନ ନାହିଁ । ବାଳମୁକୁନ୍ଦବାବୁଙ୍କ ସଙ୍ଗେ କଳହ ଥିବା ଇତ୍ୟାଦି ହେତୁରୁ ସେ ଇର୍ଷାନ୍ବିତ ହୋଇ ଅଥବା ପଇସା ଉପାର୍ଜନ କରିବା ଆଶାରେ ଏପରି କରିଥିବାର ଯାହା ମୃତେଇ ପକ୍ଷରୁ କଥିତ ହୋଇଅଛି, ତାହା ମଧ୍ୟ ପ୍ରମାଣିତ ହୋଇ ନାହିଁ, ବରଂ ଆପଣା ରାଜ୍ୟର ଲୋକଙ୍କ ହିତ କାମନାରେ ଉପେ ଏ କାର୍ଯ୍ୟ କରିଥିବାର ସ୍ପଷ୍ଟ ଦେଖାଯାଉଅଛି । ଜଣେ ଧନସ୍ଥ ସରକାରୀ କର୍ମଚାରୀ ନାମରେ ଗୁରୁତର ଅଭିଯୋଗର ବିଷୟ ଅବଗତ ହୋଇ ତତ୍ସମ୍ବନ୍ଧରେ ବିଶେଷ ତଦନ୍ତ କରିବାହିଁ ଉପେଙ୍କର ଅଭିପ୍ରାୟ ଥିଲା ଏବଂ ସର୍ବସାଧାରଣଙ୍କ ହିତକାମନା ଓ ନ୍ୟାୟ ବିଚାରର ଅନୁରୋଧରେ ତାହା ହୋଇଥିଲା । ଏ ସମ୍ବନ୍ଧରେ କିଛି ସନ୍ଦେହ ଥିଲେ ତହିଁର ଫଳ ଆସାମୀ ପାଇବାର ଉପଯୁକ୍ତ । କୌଣସି ସମ୍ବାଦପତ୍ରର ସମ୍ପାଦକ କିମ୍ବା ଆସାମୀଠାରୁ ଉଚ୍ଚପଦସ୍ଥ କୌଣସି ବ୍ୟକ୍ତି ଜଣେ ଡେପୋଟି କଲେକ୍ଟର ବିରୁଦ୍ଧରେ ଏଭଳି ଗୁରୁତର ଅଭି-ଯୋଗର କଥା ଅବଗତ ହେଲେ ଏସ ଆଉ କି କରନ୍ତେ । ବିଚାରପତି ଲେଖିଅଛନ୍ତି-

"The exercise of due care and caution in making himself sure of his facts is to a large extent fulfilled in the present case...the accused is shown to have made enquiries at Banki and Cuttack from various persons that he came in to contact with regard to the truth of falsity of these allegations. Not only did accused enquire from persons who made the allegations he.took care to have these statements in respect there of set down in writing I do not exactly see in what other mannor or what other steps he could take from his place and position in Cuttack in order to be sure of his facts."

ଅର୍ଥାତ୍ ଉପେ ଯେତେଦୂର ସମ୍ଭବ ଯତ୍ନ ଏବଂ ସତର୍କତା ସହିତ କାର୍ଯ୍ୟ କରି-ଥିଲେ । କଟକର ଉପରେ ସେ କାର୍ଯ୍ୟ କରିନାହାନ୍ତି ଏବଂ ଯଥୋଚିତ ଭାବରେ ଲୋକେ ଆସି ତାଙ୍କ ନିକଟରେ ଗୁହାରି କରିଥିଲେ ଏବଂ ଅନେକ ଲୋକ ଯେତେବେଳେ ଆପଣାର

ଗୁହାରି ଲେଖି ଦାଖଲ କରିଦେଲେ ସେମାନେ ବରଖାସ୍ତି ସରକାର ହେଲେ ସୁଦ୍ଧା ଏଥେ ତାହା ବିଶ୍ୱାସ କରି ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରିବାରେ ଦୋଷ ଦେଖାଯାଉ-ନାହିଁ । ବାଲମୁକୁନ୍ଦବାବୁଙ୍କ ବିରୁଦ୍ଧରେ ବରଖାସ୍ତି ସରକାରମାନେ ଷଡ଼ଯନ୍ତ୍ର କରିଥିବା ଓ ଗୋବିନ୍ଦ ରଥ ତାହାକୁ ଉତ୍ତେଜିତ କରିଥିବା ବିଷୟ ଯାହା ମୁଦେଇ ପକ୍ଷରୁ ବ୍ୟକ୍ତ ହୋଇଅଛି, ତହିଁର ପ୍ରମାଣ ଅକିଞ୍ଚିତ୍କର ଅଟେ । ବରଂ ମୁଦେଇ ପକ୍ଷର ସାକ୍ଷୀ ଦଇତାରି ଗ୍ରେଟରାସ୍ତ ସାକ୍ଷ୍ୟରୁ ବାଲମୁକୁନ୍ଦ ବାବୁଙ୍କ ଅଧୀନସ୍ଥ ଅମଲାଙ୍କ ମଧ୍ୟରେ ବାବୁ ମହୋଦୟ ସରବରାକାରମାନଙ୍କୁ ନିଯୁକ୍ତ କରିବାରେ ଉତ୍କୋଚ ଗ୍ରହଣ କରିଥିବା ବିଷୟ ବିଶ୍ୱାସ ହୋଇଥିବାର ନିଃସନ୍ଦେହ ରୂପେ ପ୍ରକାଶ ପାଉଅଛି ଏବଂ ଏଥେ କଟକଠାରେ ତାହା ଶୁଣି ତହିଁର ସତ୍ୟାସତ୍ୟ ଅନୁସନ୍ଧାନ କରିବା ଷଡ଼ଯନ୍ତ୍ରରେ ଯୋଗ ଦେବାର ବୋଲି ନଗିବ । କଲେକ୍ଟର ସାହେବ ସରବରାକାରମାନଙ୍କୁ ନିଯୁକ୍ତ କରିଥିଲେ ସୁଦ୍ଧା ବାଲମୁକୁନ୍ଦବାବୁଙ୍କର ତହିଁରେ କୌଣସି ସମ୍ପର୍କ ନଥିବାର ବୋଲିଯାଇ ନପାରେ । ସେ ମୌଖିକ ବା ଅନ୍ୟରୂପେ ସୁପାରିସ କରିଥିଲେ ଏବଂ କେବଳ ଗୋଟିଏ ସରବରାକାରି ସମ୍ବନ୍ଧରେ ତାଙ୍କର ସୁପାରିସ ଅଗ୍ରାହ୍ୟ ହୋଇଥିଲା । ସରବରାକାରମାନଙ୍କଠାରୁ ସେ ନିଯୁକ୍ତିର ଅନେକ ମାସ ପୂର୍ବରୁ ଦରଖାସ୍ତ ଗ୍ରହଣ କରିଥିଲେ, ସେମାନଙ୍କ ସହିତ ସାଧା-ରଣ ଭୋଜିରେ ଯୋଗ ଦେଇଥିଲେ, ସେମାନଙ୍କୁ ମୁକରର କରିବାର ଭରସା ଦେଇ ପଛକୁ ନାସ୍ତି କଲେ । ତାଙ୍କ ନିକଟରେ ହୋଇଥିବା ମୋକଦ୍ଦମା ବା ପୁଲିସ ତଦନ୍ତର ତାଙ୍କ ଇଲାକାଧୀନ ପକ୍ଷମାନଙ୍କଠାରୁ ତହିଁର ପୂର୍ବ ବା ପରବର୍ତ୍ତୀ ସମୟରେ ଲୁଗା, ଗୁଡ଼, ଧାନ ଇତ୍ୟାଦି କିଣିଥିଲେ, ବାଙ୍କି ଠାରୁ ତାଙ୍କ ଘରକୁ ବାଉଁଶ ଇତ୍ୟାଦି ପଠାଇଥିଲେ; ମାତ୍ର ତହିଁର ମୂଲ୍ୟ ଦେଇଥିବାର ହିସାବ ଦେଖାଇ ନାହାନ୍ତି । ଅକିଞ୍ଚିତ୍କର ଲୋକଙ୍କୁ ଭଲ ଭଲ ସରକାରୀ କାର୍ଯ୍ୟ ଦେଇଅଛନ୍ତି ବା ତାଙ୍କଦ୍ୱାରା କରାଇ ନେଇଅଛନ୍ତି । ସରବରାକାରମାନଙ୍କୁ ମୁକରର କରିବା ପୂର୍ବରୁ ତାଙ୍କ କାମରେ ଉତ୍କୋଚ ନେବାର କଥା ଉଠିଅଛି ଏବଂ ତାଙ୍କ ମୁକରର କଲାପରେ ବରଖାସ୍ତି ସରବରାକାର ଓ ତାଙ୍କ ବନ୍ଧୁ-ମାନଙ୍କ ଦ୍ୱାରା ଏହା ଘୋଷିତ ହେବାରୁ ତହିଁରେ ବିଶ୍ୱାସ ଜନ୍ମିଅଛି । ଏଥିର ପ୍ରମାଣ ଅଛି । ହାକିମ ଲେଖି ଅଛନ୍ତି—

"The evidence on the record shows ( 1 ) That Balmukunda began to entertain applications for the appointment of Sarbarakars months before the appointment was made. ( 2 ) Thar he assembled the Sarbarakars at a public dinner as soon as the settlement was completed and that he himself attended the dinner. ( 3) That he gave hopes of appointments to some them which were broken. ( 4 ) That

he purchased cloths, molasses, padd , oil, cattle and other things from persons over whom he is in authority and at times shortly before or shortly after such persons were litigants before him and had police inquiries pending against them. (5) That he sold cattle to Balmukunda one such person. (6) That he sent bamboo and other things to his house at Narilo in Cuttack from the Banki estate (7) That he has furnished no account of the payment he alleges to have made to such persons. (8) That certain persons who were men of no consequence before his time has been advanced by him to respectable and paying official positions and he allowes such persons to work for him in his public dealings in matters that do not concern their official position. (9) That allegation of bribery and corruption have been made against him before the date of the appointment of Sarbarakars and (10 That after their appointment such allegations have been fostered and spread by the discharged Sarbarakars and their friends and relatives and have been very widely believed in" ଅସାମୀ ପ୍ରଗତିକ ଶ୍ରେଣୀର ପଣ୍ଡିତ ଏବଂ ବହୁଦର୍ଶୀ ଯଥାର୍ଥ କହୁଅଛନ୍ତି ଯେ—"If under these circumstances accused believed the statements of the Sarbarakars as set down by them in writing and set them forth in a memorial petition to the head of the province accused conduct was, I should think, privileged even though in setting the allegations it is found that there is no legal evidence to support them".

ଅର୍ଥାତ୍ ଆଇନ ସଂଗତ ପ୍ରମାଣ ଥିବାର ଦେଖା ନ ଗଲେ ସୁଦ୍ଧା ଏମନ୍ତ ଅବସ୍ଥାରେ ଆସାମୀଙ୍କ ନିକଟରେ ସରବରାକାରମାନେ ଲେଖିଦେବାରୁ ସେ ତାହା ବିଶ୍ୱାସ କରି ପ୍ରାଦେଶିକ ଶାସନକର୍ତ୍ତାଙ୍କ ନିକଟ ଆବେଦନ ପତ୍ରରେ ଲେଖିଦେବା ଅଧିକାର ଅନ୍ତର୍ଗତ ଅଟେ । ସୁତରାଂ ଗୋବିନ୍ଦ ରଥ ମୁକ୍ତି ପାଇଲେ । ଗବର୍ଣ୍ଣମେଣ୍ଟ ଅଗତ୍ୟା ନିରପେକ୍ଷ ହାକିମଙ୍କ ଦ୍ୱାରା ତଦନ୍ତ କରିବାର ଆଦେଶ ଦେଇ ତାହା ସମ୍ପାଦନ କରାଇ ନେଇଥିଲେ ଏତେ ଗୋଳଯୋଗ ଓ ଦେଶ ହିତୈଷିଣୀରେ ପ୍ରଣୋଦିତ ହୋଇ ଜଣେ ପଣ୍ଡିତ ଏତେ ଶାରୀରିକ ଓ ଆର୍ଥିକ କଷ୍ଟରେ ପଡ଼ି ନ ଥାନ୍ତେ । ସରକାର ଓ ସରକାରୀ କର୍ମଚାରୀମାନେ ନିରପେକ୍ଷଭାବ ଅବଲମ୍ବନ କରିଥିବା ସ୍ଥଳେ ସେ ପଣ୍ଡିତଙ୍କୁ ନିହାତି ଅଗ୍ନିମସ୍ତ ମୋକଦ୍ଦମାର ପରୀକ୍ଷାର

ଉତ୍ତୀର୍ଣ୍ଣ ହେବା ହେତୁ ତାଙ୍କର ସାହସ, ଧୈର୍ଯ୍ୟ ଓ ସହିଷ୍ଣୁତାର ଆମ୍ଭେମାନେ ଶତବାର ପ୍ରଶଂସା କରୁଅଛୁଁ ଏବଂ ଯେଉଁ ନିରପେକ୍ଷ ବିଚାରକର୍ତ୍ତାଙ୍କ ଯୋଗେ ଏହା ସଂଘଟିତ ହେଲା ସେ ଆମ୍ଭମାନଙ୍କର ଓ ସର୍ବସାଧାରଣଙ୍କର ଆନ୍ତରିକ ଧନ୍ୟବାଦର ପାତ୍ର ଅଟନ୍ତି । ଅଧୀନସ୍ଥ କର୍ମଚାରୀଙ୍କ ମର୍ଯ୍ୟାଦା ରକ୍ଷା କରିବା ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ଏବଂ ସେହି କର୍ତ୍ତବ୍ୟ ଅନୁରୋଧରେ ଅବଶେଷରେ ଗବର୍ଣ୍ଣମେଣ୍ଟ ବାଲମୁକୁନ୍ଦବାବୁଙ୍କୁ ରଥଙ୍କ ନାମରେ ମାମଲା କରିବାକୁ ଅନୁମତି ଦେଇଥିଲେ । ବିଚାରର ଫଳଦୃଷ୍ଟେ ଗବର୍ଣ୍ଣମେଣ୍ଟ କି କରିବେ ତାହା ଦେଖାଯିବ । ରଥଙ୍କ ମୁକ୍ତିରେ ସର୍ବସାଧାରଣ ଯେ ସନ୍ତୋଷ ଲାଭ କରି ଅଛନ୍ତି ବୋଲିବା ବାହୁଲ୍ୟ । (ଉତ୍କଳ ଦୀପିକା ୧୮।୪।୧୯୦୮)

## ଉତ୍କଳ ସମ୍ମିଳନୀର ବିବରଣୀ

ଉତ୍କଳ ସମ୍ମିଳନୀରେ ୫ମ ବାର୍ଷିକ ଅଧିବେଶନ ଗତ ତା ୧୮ ରିଖ ଶନିବାର ଦିବା ଘ ୧୨ ଟା ସମୟରେ ଏହି ଅଧିବେଶନ ପୁରୀ ଜଗନ୍ନାଥ ବଲ୍ଲଭ ବଗିଚାରେ ଆରମ୍ଭ ହୋଇଥିଲା । ସେଠାରେ ସୁପ୍ରଶସ୍ତ ଶ୍ରୀମଣ୍ଡପ ନିର୍ମିତ ହୋଇ ନାନା ରଙ୍ଗର ବସ୍ତ୍ରରେ ଆଚ୍ଛାଦିତ ଓ ପତ୍ର ପୁଷ୍ପ ମାଳାଦିରେ ବିମଣ୍ଡିତ ହୋଇଥିଲା । ସ୍ଥାନେ ସ୍ଥାନେ ଜାତୀୟ ଭାବୋଦ୍ଦୀପକ ବିବିଧ କାଗଜରେ ସୁଶୋଭିତ ପ୍ରବଚନ ପଙ୍କ୍ତାବଳୀମାନ ଟଙ୍ଗା ହୋଇଥିଲା । ପ୍ରବେଶ ଦ୍ୱାର ସୁଚର୍ଚ୍ଚିତ ଏବଂ ତାହାର ଉଭୟ ପାର୍ଶ୍ୱରେ ସିଂହମୂର୍ତ୍ତି ସ୍ଥାପିତ ହୋଇଥିଲେ । ସଭାପତି ଓ ସଭ୍ୟମାନଙ୍କର ଆସନ ସଜ୍ଜା ଯଥାରୀତିରେ ହୋଇଥିଲା । ସଭାମଣ୍ଡପ ନିର୍ମାଣ ଓ ମଣ୍ଡନ କୌଶଳ ଅତି ରମଣୀୟ ହୋଇଥିଲା । ସୁରଙ୍ଗୀ, କନକାର ରାଜା, ପାରିକୁଦର ରାଜା, ଓ ରାଜକୁମାର ଜମିଦାର, ମହାଜନ, ଉକିଲ, ମହନ୍ତ, ସେବକ, ମୁକ୍ତାର, ଶିକ୍ଷକ, ଛାତ୍ର ଏବଂ ଦର୍ଶକ ସମେତ ପ୍ରାୟ ୬।୭ ହଜାର ଲୋକ ଉପସ୍ଥିତ ହୋଇଥିଲେ । ପ୍ରଥମ ଦିନ ୨ଜଣ ଇଉରୋପୀୟ ପାଦ୍ରି ଓ ୨ୟ ଦିବସ ପୁରୀ ଜିଲ୍ଲାର ମାଜିଷ୍ଟ୍ରେଟ ଓ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବମାନେ ସଭାରେ ଉପସ୍ଥିତ ହୋଇଥିଲେ । ୪୦ ହଜାର ଲୋକଙ୍କ ସକାଶେ ଆସନ ପ୍ରସ୍ତୁତ ଥିଲା । ଅବଶିଷ୍ଟ ଇତସ୍ତତଃ ଛିଡ଼ା ହୋଇ ରହିଥିଲେ । ସ୍କୁଲଟିର ସଭାଗୃହ ଓ ଚତୁଃପାର୍ଶ୍ୱ ପରିପୂର୍ଣ୍ଣ ହୋଇଥିଲା । ଗଞ୍ଜାମରୁ ପ୍ରାୟ ୧୦୦ ଜଣ, କଟକରୁ ୧୨୦ ଜଣ, ବାଲେଶ୍ୱରରୁ ପ୍ରାୟ ୫ ଜଣ ପ୍ରତିନିଧି ଉପସ୍ଥିତ ହୋଇଥିଲେ । ଅବଶିଷ୍ଟ ପୁରୀର ଲୋକ ଥିଲେ । ସମ୍ବଲପୁରରୁ କେହି ପ୍ରତିନିଧି ଆସି ନଥିଲେ ।

ପ୍ରଥମେ ହାରମୋନିୟମ, ବାଦ୍ୟ ସହିତ ଜାତୀୟ ଉତ୍କଳ ଓ ସଂସ୍କୃତ ସଙ୍ଗୀତ ପାଠ ହେଲା ପରେ ଅଭ୍ୟର୍ଥନା କମିଟିର ସଭାପତି ପାରିକୁଦର ମାନନୀୟ ରାଜା ମହୋଦୟ ପ୍ରତିନିଧିମାନଙ୍କୁ ସାଦର ସମ୍ଭାଷଣ ପୂର୍ବକ ଯାନୀବହୁଲ ପୁରୀ ପରି ସ୍ଥାନରେ ଅଭ୍ୟର୍ଥନା କମେଟି ସଭ୍ୟମାନଙ୍କର ଅନିବାର୍ଯ୍ୟ କାରଣ ଜନିତ ତ୍ରୁଟି ମାର୍ଜନା କରିବାର ପ୍ରାର୍ଥନା କଲେ ।

ଶ୍ରୀଯୁକ୍ତ ପୀତବାସ ପଟ୍ଟନାୟକଙ୍କ ପ୍ରସ୍ତାବ ଓ ଶ୍ରୀଯୁକ୍ତ ଜଗବନ୍ଧୁ ସିଂହଙ୍କର ଅନୁମୋଦନକ୍ରମେ ମାନନୀୟ ସୁରଙ୍ଗୀ ରାଜା ମହୋଦୟ ସଭାପତିର ଆସନ ଗ୍ରହଣ କଲେ ।

ଉତ୍କଳ ସମ୍ମିଳନୀର ସହକାରୀ ସମ୍ପାଦକ ଶ୍ରୀଯୁକ୍ତ ପୀତବାସ ପଟ୍ଟନାୟକ ଗତ ବର୍ଷର କାର୍ଯ୍ୟାବଳୀ ଓ ଆୟବ୍ୟୟାଦି ସମ୍ବଳିତ ବାର୍ଷିକ ବିବରଣୀ ପାଠ କରି ଭିନ୍ନ ଭିନ୍ନ ସ୍ଥାନୀୟ ଯେଉଁ ପ୍ରତିନିଧିମାନେ ଉପସ୍ଥିତ ହୋଇନପାରି ଟେଲିଗ୍ରାମ୍ ଓ ପତ୍ରଦ୍ୱାରା ସହାନୁଭୂତି ଜଣାଇଥିଲେ, ସେମାନଙ୍କର ନାମ ପ୍ରକାଶ କରିଥିଲେ ।

ମାନନୀୟ ସୁରଙ୍ଗୀ ରାଜା ମହୋଦୟ ସଭାପତି ଆସନରେ ଉପବିଷ୍ଟ ହୋଇ କହିଲେ ଯେ, "ମୁଁ ଏହି ସଭାର ସଭାପତିର ଅଯୋଗ୍ୟ । ଭ୍ରାତୃବୃନ୍ଦ ! ଆପଣମାନେ ମୋତେ ଏହି ଗୁରୁ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରେ ନିଯୁକ୍ତ କରି ମୋଠାରୁ ବିଶେଷ ବକ୍ତୃତାର ଆଶା କରିଥିବେ; ମାତ୍ର ଆପଣମାନେ ବହୁମୂଲ୍ୟ ସମୟ ବ୍ୟୟ କରି ଦୋଷାଂଶ ବର୍ଜନ କରି ଗୁଣ ମାତ୍ର ଗ୍ରହଣ କରିବେ । ଏ ସଭାରେ ରାଜନୈତିକ କୌଣସି କଥାର ଆଲୋଚନା ହେବ ନାହିଁ । ପରେ ଖଣ୍ଡିଆଳର ରାଜା, ବାବୁ ଅଭିରାମ ଭଞ୍ଜ ଓ ରାଧାନାଥ ରାୟ ବାହାଦୁରଙ୍କ ବିୟୋଗରେ ଶୋକ ପ୍ରକାଶ କରି କହିଲେ କି ଶିକ୍ଷା ଦୁଇପ୍ରକାର— ଆଧ୍ୟାତ୍ମିକ ଓ ବୈଷୟିକ । ଜ୍ଞାନବିଜ୍ଞାନ, ସାହିତ୍ୟ, କୃଷି ଇତ୍ୟାଦି ଦ୍ୱାରା ସାଂସାରିକ କାର୍ଯ୍ୟ ଚଳାଇବା ବୈଷୟିକ ଶିକ୍ଷା । ଆମ୍ଭର ଏହି ଉତ୍କଳରେ ନିମ୍ନ ଶିକ୍ଷାର ପ୍ରସାର ବୃଦ୍ଧି ଆବଶ୍ୟକ । ଭାଷାର ଉନ୍ନତି ଜାତୀୟ ଉନ୍ନତିର ମୂଳ । ଭାଷାର ବିଶୁଦ୍ଧତା ରକ୍ଷା, ବ୍ୟାକରଣ ଜ୍ଞାନ ସଙ୍ଗେ ଭାଷାର ଦୁର୍ବଳତାର ପରିପୂରଣ ଭାଷା ମିଶ୍ରଣ ପରିତ୍ୟାଜ୍ୟ । ମୁଦ୍ରାଯନ୍ତ୍ରର ବହୁଳ ପ୍ରଚାର ଦ୍ୱାରା ଲୁପ୍ତ ପ୍ରାୟ ତାଳପତ୍ରାଦି ଗ୍ରନ୍ଥର ପ୍ରକାଶ, ସଂସ୍କୃତ ଶିକ୍ଷା ଅର୍ଥାତ୍ ଗ୍ରାମେ ୨ ଟୋଲ ସ୍ଥାପନ ଏବଂ ଭାରତବର୍ଷର ବିଭିନ୍ନ ପ୍ରଦେଶ ଓ ଆମେରିକା ଜାପାନ ପ୍ରଭୃତି ବିଦେଶକୁ ଛାତ୍ର ପ୍ରେରଣର ସୁବ୍ୟବସ୍ଥା କର୍ତ୍ତବ୍ୟ । ମହାତ୍ମାମାନଙ୍କର ଜୀବନୀ ସାଧାରଣର ଆଦର୍ଶ, ସୁତରାଂ ପ୍ରାଚୀନ ଋଷି ଓ ମହାତ୍ମାମାନଙ୍କର ଜୀବନୀ ସଂଗ୍ରହ ପ୍ରତି ମନଯୋଗୀ ହେବା ଉଚିତ । ପୂର୍ବେ ଭାରତର ପ୍ରାଚୀନା ମହିଳାମାନେ ଶିକ୍ଷିତା ଥିଲେ । ବାଳିକା ଶିକ୍ଷା ବିଷୟରେ ନିଜେ ନିଜେ ଚେଷ୍ଟା କରନ୍ତୁ । ଧର୍ମପୁସ୍ତକ ପାଠ, ସୁଗୃହିଣୀ ହେବାର ଉପାୟ ଶିକ୍ଷା ଏମାନଙ୍କ ପକ୍ଷେ ଆବଶ୍ୟକ । ଆଦର୍ଶ ବିଦ୍ୟାଳୟରେ ଅଧ୍ୟାପିକା ପ୍ରସ୍ତୁତ ହେଲେ ବାଳିକାମାନଙ୍କର ଶିକ୍ଷାର ପଥ ଉନ୍ମୁକ୍ତ ହେବ । ରେବା ରାୟଙ୍କର କଟକରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ଏବଂ କୁମାରୀ ଶୈଳବାଳାଙ୍କର ରେଭେନ୍ସା ବାଳିକା ବିଦ୍ୟାଳୟର ସମ୍ପାଦିକା ଭାର ଗ୍ରହଣହେତୁ ସେମାନେ ଧନ୍ୟବାଦାର୍ହ । ଭୂମିର ଉତ୍ପାଦିକା ଶକ୍ତି କ୍ରମଶଃ କମି ଯାଉଅଛି । କୃଷି ଯନ୍ତ୍ରାଦିର ଅଭାବ ଅନଭିଜ୍ଞ କୃଷକ ତାହାର ମୂଳ କାରଣ । କୃଷିର ଉନ୍ନତି ସର୍ବଦା ବାଞ୍ଛନୀୟ । ଏହା ଅର୍ଥାଗମର ପ୍ରଧାନ କାରଣ । ବିଦେଶୀୟ ବାଣିଜ୍ୟରେ ଆମ୍ଭ ଦେଶର ବାଣିଜ୍ୟର ହୀନଦଶା ହେଉଅଛି । ସମ୍ମିଳିତ ଶକ୍ତି ଓ ଅର୍ଥଦ୍ୱାରା ବାଣିଜ୍ୟର ଶ୍ରୀବୃଦ୍ଧି ହୁଏ । ଅନେକେ

ଏକତ୍ରିତ ହୋଇ କାରବାର କଲେ ବିଶେଷ ସୁବିଧା ହୁଏ । ଉତ୍କଳ କ୍ୟାନେଲର ଉନ୍ନତି ସର୍ବାଂଶେ ଫଳପ୍ରଦ ହେବ ଏହା ବାଣିଜ୍ୟର ପ୍ରଧାନ ସହାୟ । ପୁରୀ ଜଗନ୍ନାଥ, ଭୁବନେଶ୍ୱର ଓ କୋଣାର୍କର ମନ୍ଦିର ଏବଂ କାଠଯୋଡ଼ିର ପଥର ବନ୍ଧ ଏଥିର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ଏ ପର୍ଯ୍ୟନ୍ତ ଓଡ଼ିଶାରୁ ନାନାବିଧ କାରିଗରି ଲୁପ୍ତ ହୋଇ ନାହାନ୍ତି । ବସ୍ତ୍ର ବୟନ ଯନ୍ତ୍ରାଦିର ବହୁଳ ପ୍ରଚାର ଦରକାର । ଦେଶଜାତ ଦ୍ରବ୍ୟମାନଙ୍କର ଏକତ୍ର ସମାବେଶର ନାମ "ପ୍ରଦର୍ଶନୀ" କଲିକତା ପ୍ରଭୃତି ଅଞ୍ଚଳକୁ ଓଡ଼ିଶାରୁ ନାନା ଶିଳ୍ପ ଦ୍ରବ୍ୟମାନ ପ୍ରେରିତ ହୋଇଥାଏ । ଧନୀ ଓ ରାଜାମାନେ ମନୋଯୋଗୀ ହେଲେ ବିଶେଷ ଉନ୍ନତ ପ୍ରକାରର ଶିଳ୍ପ ଦ୍ରବ୍ୟମାନ ବାହାରି ପାରିବ । ଆଳସ୍ୟ ଓ ଜାତି ଯିବାର ଭୟ ହେତୁ ଏଥିରେ ବାଧା ଘଟୁଅଛି । ଏହି ପ୍ରଥା ରହିତ ହେବା ବିଷୟରେ ସଚେଷ୍ଟ ହେବା ଉଚିତ । ବାଣିଜ୍ୟୋପଯୋଗୀ ଦ୍ରବ୍ୟ ବନଜାତମାନଙ୍କରେ ଅନେକ ଉତ୍ପନ୍ନ ହୁଏ । ଏହାର ଉନ୍ନତି ପ୍ରତି ଦେଶୀୟ ନରପତିମାନେ ଉଦ୍‌ଯୋଗୀ ହୁଅନ୍ତୁ । ଭୂତତ୍ତ୍ୱଶିକ୍ଷାର୍ଥ ଦେଶୀୟ ଯୁବକମାନଙ୍କୁ ବିଦେଶ ପଠାଇ ଶିକ୍ଷିତ କରାଇ ଆଣି କାର୍ଯ୍ୟରେ ନିଯୁକ୍ତ କରିବା ବିଷୟରେ ସଚେଷ୍ଟ ହେବା ବିଧେୟ । ଜଙ୍ଗଲ କାଟାଇ କୃଷିର ଉନ୍ନତି କରାଯାଇପାରେ । ମାତ୍ର ଗୋଟିଏ ବଡ଼ ଜଙ୍ଗଲ ଦୁଇଦିନରେ ନଷ୍ଟ କରାଯାଇପାରେ; କିନ୍ତୁ ସେପରି ଗୋଟିଏ ଜଙ୍ଗଲ ଦୀର୍ଘ କାଳରେ ପ୍ରସ୍ତୁତ ହୋଇଥାଏ । ସୁତରାଂ ଜଙ୍ଗଲରକ୍ଷା ଆବଶ୍ୟକ । ଧନ ଏକାନ୍ତ ମୂଳ ଓ ଅର୍ଥଚିନ୍ତା ଏକାନ୍ତ ପ୍ରୟୋଜନ । ବୁଦ୍ଧିଦ୍ୱାରା ପ୍ରସ୍ତାବିତ ବିଷୟ ଯଥାସାଧ୍ୟ କାର୍ଯ୍ୟରେ ପରିଣତ କରିବ ଓ ଉତ୍କଳ ବ୍ୟାଙ୍କ ସ୍ଥାପନ ଦ୍ୱାରା ଦେଶ ଓ ରାଜା ଉଭୟଙ୍କର ଲାଭ । ମାଟିରେ ପୋତି ପକାଇବାଠାରୁ କାର୍ଯ୍ୟରେ ଲଗାଇବା ଭଲ । ଏଥି ସକାଶେ ନିତାନ୍ତ ବ୍ୟଗ୍ର ହେଲେ ଚଳିବ ନାହିଁ । ଧୈର୍ଯ୍ୟ ଓ ସାହସ ଅବଲମ୍ବନ କରି ଅଳ୍ପେ ଆଳ୍ପେ କାର୍ଯ୍ୟ କଲେ ଚେଷ୍ଟା ସଫଳ ହେବ । ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କର ଅଭାବ ପୂରଣ ହୋଇ ନପାରେ । ପୁରୀରେ ଗୋଟିଏ ମାନମନ୍ଦିର ପ୍ରତିଷ୍ଠା ଆବଶ୍ୟକ । ପ୍ରଜାମାନେ ବାର୍ଷିକ ଉଦ୍‌ବୃତ୍ତ ଶସ୍ୟ ସମସ୍ତ ବିକ୍ରି କରି ଦେଇଥାନ୍ତି । ତାହା ନକରି କିୟଦଂଶ ସଞ୍ଚୟ କରି ରଖିଲେ ଅସମୟରେ ଉପକାରରେ ଆସିବ । ସାଧାରଣ ଶିକ୍ଷା ସଙ୍ଗେ ନୈତିକ ଶିକ୍ଷା ଦରକାର । ଉପଦେଶଗର୍ଭକ ଗ୍ରନ୍ଥ ପାଠ ଏବଂ ସ୍କୁଲ ଛାଡ଼ିବା ପରେ ଛାତ୍ରମାନଙ୍କର ସମ୍ବାଦପତ୍ର ପାଠ ବିଶେଷତଃ ଚରିତ୍ର ସଂଶୋଧନ ଆବଶ୍ୟକ । ଇଂରେଜୀ ଶିକ୍ଷା ଦ୍ୱାରା ଚରିତ୍ରଦୋଷ ହୁଏ ନାହିଁ । ପୂର୍ବେ ଲୋକେ ଗୋ ରକ୍ଷା ଓ ଚିକିତ୍ସାରେ ଉଦାସୀନ ନଥିଲେ । ଆଜିକାଲି ଆମ୍ଭ ଦେଶରେ କ୍ରମଶଃ ଗୋଜାତିର ଦୁର୍ଦ୍ଦଶା ହେଉଅଛି । ଗୋ ଚାରଣ ଭୂମି, ଚିକିତ୍ସା ଓ ଉପଯୁକ୍ତ ବୃକ୍ଷାଦିର ଅଭାବ ହୋଇଅଛି । ପୁରୀ, କଟକ ଛଡ଼ା ଏ ବିଷୟରେ କେହି ତତ୍ପର ନଥିବା ଜଣାଯାଏ । ଗୋଜାତିର ଉନ୍ନତି ସକାଶେ ଗୋରକ୍ଷିଣୀ ସଭା କଲେ ପ୍ରଯତ୍ନ କରିବା ଉଚିତ । ଅନେକେ କହନ୍ତି ଆୟୁର୍ବେଦ ଚିକିତ୍ସାରେ ଅସ୍ତ୍ର ଚିକିତ୍ସା ନାହିଁ । କିନ୍ତୁ ସେମାନେ ଦେଖିବେ ସୁଶ୍ରୁତ ପ୍ରଭୃତି ଚିକିତ୍ସା ଶାସ୍ତ୍ରରେ ଯାହାର ବିଶେଷ ଉଲ୍ଲେଖ ଅଛି ଦେଶ ମଧ୍ୟରେ ଗୋଟିଏ ଆୟୁର୍ବେଦୀୟ ବିଦ୍ୟାଳୟ ପ୍ରତିଷ୍ଠିତ ହେବା ବିଶେଷ ଆବଶ୍ୟକ । ଲକ୍ଷ୍ମୀଭଣ୍ଡାର ଉତ୍କଳ

ଆଜି ମରୁଭୂମି ଏବଂ ଅନେକ ଦୁର୍ଭିକ୍ଷ କଷ୍ଟ ଭୋଗ କରୁଅଛନ୍ତି । ଗବର୍ଣ୍ଣମେଣ୍ଟ ଅନ୍ନଦାନ କରି ଧନ୍ୟବାଦାର୍ହ ହୋଇଅଛନ୍ତି । ଉକ୍ତ ପରିବାରର ରକ୍ଷା ଆମ୍ଭମାନଙ୍କର ଏକାନ୍ତ କର୍ତ୍ତବ୍ୟ । କଲିକତାରେ ଏକଲକ୍ଷ ଟଙ୍କା ଚାନ୍ଦା ହୋଇଅଛି । ଉତ୍କଳରେ ଆମ୍ଭମାନଙ୍କର ଏ ମାର୍ଗ ଅବଲମ୍ବନୀୟ । ସହସ୍ର ୨ ଟଙ୍କା ବ୍ୟୟରେ ସମ୍ମିଳନୀର ଉପକାରିତା କଣ ! ଏକ ସଞ୍ଜୀବନୀମନ୍ତ୍ର—ଭ୍ରାତୃତ୍ୱ ସ୍ଥାପନ ଓ ଏକତା ସମ୍ମିଳନୀ । ଏଥିରେ ବିଧାତାର କିଛି ଗୂଢ଼ ଅଭିପ୍ରାୟ ଅଛି । ପରସ୍ପର ମନୋମାଳିନ୍ୟ ଦୂର, ଏକତା ସ୍ଥାପନ, ଦୁର୍ଗତି ନାଶର ଉପାୟ । ସମ୍ମିଳନୀର ପଞ୍ଚମ ବର୍ଷ ବିଦ୍ୟାରମ୍ଭ ସମସ୍ତ ହୋଇଅଛି । ଧୂଳିଖେଳ ସମସ୍ତ ଶେଷ ହେଲା । ଜିଲ୍ଲା ଓ ଗ୍ରାମମାନଙ୍କରେ ସଭା ସ୍ଥାପନ ଦୈନିକ ଅର୍ଥ ସଂଗ୍ରହ ଏବଂ ମୁଷ୍ଟିଭିକ୍ଷା ପର୍ଯ୍ୟନ୍ତ କର୍ତ୍ତବ୍ୟ ।

ସଭାପତି ମହାଶୟଙ୍କ ବକ୍ତୃତା ପରେ ୧ମ ଦିନ ଗୋ ୩ଟି ଏବଂ ୨ୟ ଦିନ ୧୨ଗୋଟି ପ୍ରସ୍ତାବ ଆଗତ ଏବଂ ପରିଗୃହୀତ ହୋଇଥିଲା । ମଧୁବାବୁ ୨।୩ ଗୋଟି ପ୍ରସ୍ତାବର ସମର୍ଥନ ଓ ଅନୁକ୍ରମେ ଦିନ ଦିନେ ହୃଦୟସ୍ପର୍ଶୀ ବକ୍ତୃତା କରିଥିଲେ । ତନ୍ମଧ୍ୟରୁ କେବଳ ଦୁର୍ଭିକ୍ଷ ସମ୍ବନ୍ଧରେ ଯାହା କହିଥିଲେ ତାହାର ସାର ମାତ୍ର ଏଠାରେ ଉଲ୍ଲେଖ କଲୁଁ ।

"ଭାଇମାନେ ! ଦେଶରେ ଦୁର୍ଭିକ୍ଷ ହୋଇଅଛି । ତୁମ୍ଭର ଭାଇମାନେ କଙ୍କାଳସାର, ଗୃହବାସ ଶକ୍ତି ନାହିଁ । ଚକ୍ଷୁ ମୁଦ୍ରିତ କରି କଳ୍ପନାପଟରେ ଧ୍ୟାନ କର । ତୁମ୍ଭର ଆତ୍ମୀୟ କୌଣସି ବ୍ୟକ୍ତିର ମୁଖ ଦେଖିଥିବ । ଏମାନେ ଉତ୍କଳ ସନ୍ତାନ, ତୁମ୍ଭର ଭାଇ ନୁହନ୍ତି । ତାହାଙ୍କୁ ଆହାର ଦେବ ନାହିଁ ? ଯଦି କେହି କହେ ରାଜା ଜମିଦାର ଅଛନ୍ତି ସେମାନେ ସାହାଯ୍ୟ କରିବେ । ଆମ୍ଭେ କି ଦେବୁଁ ? ତୁମ୍ଭର ଏକ ପଇସାର ଯେ ମୂଲ୍ୟ ରାଜାମାନଙ୍କର ଲକ୍ଷ ଲକ୍ଷ ତାହାର ସମ ନୁହେଁ । ବିଦୁର ଖୁଦ ରୋଟି ଦେଇଥିଲା । ତୁମ୍ଭ ପଇସଟି ତଦ୍ରୂପ ତୁଲ୍ୟ ଈଶ୍ୱରଙ୍କ ନିକଟରେ ଗ୍ରାହ୍ୟ । ଯଦି କେହି ଦିନକେ ଖଣ୍ଡିଏ ଲେଖାଏଁ ପାନ ବା ପିକା କମାଇଦେବ ଦିନରେ ଅବଶ୍ୟ ଏକ ପଇସା ହେବ ତାହା ଦାନ କର ।" ମଧୁବାବୁଙ୍କ କହିବା ଅନୁସାରେ ଅନେକ ଦଣ୍ଡାୟମାନ ହୋଇ ପ୍ରତିଜ୍ଞା କଲେ ଯେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛି ମୋହର ଭାଇମାନେ ଦୁର୍ଭିକ୍ଷ କ୍ଳେଶ ପାଉଅଛନ୍ତି । ସେମାନଙ୍କ ସକାଶେ ମୁଁ ଗୋଟିଏ ଟଙ୍କା ଦେବି । ଦେଇ ନପାରିଲେ ୧ଟଙ୍କା ମାଗି ଆଣି ଦେବି । ଏହାକହି ମଧୁବାବୁ ଚାଦର ପକାଇ ଭିକ୍ଷା ପ୍ରାର୍ଥନା କରିବାରୁ ଅନେକ ଟଙ୍କା ପ୍ରଦାନ କରିଥିଲେ । ସଭାପତି ସୁରଙ୍ଗିର ରାଜା ମହୋଦୟ ଟ ୫୦ଟଙ୍କା ଦେବାକୁ ପ୍ରତିଶ୍ରୁତ ହେଲେ । ପରିଶେଷରେ ଭଲଣ୍ଟିଅର ଓ ସଭାପତିଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା ।

ପ୍ରଥମ ଦିନ ରାତିରେ ସଭାମଣ୍ଡପରେ ଉତ୍କଳ ସାହିତ୍ୟର ଏକ ଅଧିବେଶନ ହୋଇ ରାୟ ରାଧାନାଥ ରାୟ ବାହାଦୁରଙ୍କ ମୃତ୍ୟୁଜନିତ ଶୋକ ପ୍ରକାଶ ଓ ସ୍ମୃତିରକ୍ଷାର୍ଥେ ସ୍ଥାନୀୟ ରାଧାକାନ୍ତ ମଠରେ "ରାଧାନାଥ ବିଦ୍ୟାଳୟ" ନାମକ ଗୋଟିଏ ସଂସ୍କୃତ

ପାଠଶାଳା ସ୍ଥାପନ ହେବା ସ୍ଥିର ହେଲା ଏବଂ ପରଦିନଠାରୁ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେଲା । ଦ୍ୱିତୀୟ ଦିନ ପ୍ରୋକ୍ତ ସ୍ଥାନରେ ଗୋରକ୍ଷିଣୀ ସଭାର ଏକ ଅଧିବେଶନ ଓ ବ୍ରାହ୍ମଣ ସମିତିର ଏକ ଅଧିବେଶନ ସମିତିର ଗୃହାବାସରେ ହୋଇଥିଲା । ଶେଷୋକ୍ତ ସମିତିର ସଭାପତିର ଆସନ ସୁରଙ୍ଗୀର ରାଜା ମହୋଦୟ ଗ୍ରହଣ କରିଥିଲେ ଏବଂ ସମିତିକୁ ଏକଶତ ଟଙ୍କା ସାହାଯ୍ୟ ପ୍ରଦାନ କରିଥିଲେ । ଗୋରକ୍ଷିଣୀ ସଭାକୁ ସୁରଙ୍ଗୀର ରାଜା ୬୦ ଟଙ୍କା, ତାହାରପୁର ରଜା ଟ ୧୦୦ ଙ୍କା, ପାଏକପଡା ରାଣୀ ଟ୧୦ ଙ୍କା, ଶ୍ରୀଯୁକ୍ତ ଏନ୍. ସି ମଜୁମଦାର ଟ ୧୦ ଙ୍କା ଓ ଅନ୍ୟ କେତେକ ବ୍ୟକ୍ତି କିଛି ଦାନ କରିଥିବାର ଅବଗତ ହେଲୁଁ ।

ଜଗନ୍ନାଥ ଥିଏଟରର ମାନେଜର ଶ୍ରୀଯୁକ୍ତ ଗଗନଚନ୍ଦ୍ର ଦାସଗୁପ୍ତାଙ୍କ ଯତ୍ନରେ ଦ୍ୱିତୀୟ ଦିନ ତା ୧୯ରିଖ ରାତ୍ରିରେ ସିଂହଦ୍ୱାରସ୍ଥ ବାଡ଼ାମଠରେ କାହ୍ନକାବେରୀ ନାଟକର ଅଭିନୟ ହୋଇଥିଲା ।

ଅଭ୍ୟର୍ଥନା କମିଟୀ ବିଶେଷତଃ ଶ୍ରୀଯୁକ୍ତ ରାଜକିଶୋର ଦାସ ମେନେଜରଙ୍କ ଉଦ୍‌ଯୋଗରେ ଶେଷଦିନ ରାତ୍ରରେ ଭିନ୍ନ ଭିନ୍ନ ସ୍ଥାନୀୟ ପ୍ରତିନିଧିମାନେ ଏକତ୍ରେ ମିଳିତ ହୋଇ ମିଷ୍ଟାନ୍ନ ମହାପ୍ରସାଦ ସେବା କରି "ମଧୁରେଣ ସମାପୟେତ୍" କରିଥିଲେ ।

ଆଗାମୀ ୬ଷ୍ଠ ବାର୍ଷିକ ସମ୍ମିଳନୀର ନିମନ୍ତ୍ରଣ ଅନ୍ୟ ସ୍ଥାନରୁ ଆସିନଥିବାରୁ କଟକରେ ହେବା ସ୍ଥିର ହୋଇଅଛି । (ଉତ୍କଳ ଦୀପିକା, ୨୫ । ୪ । ୧୯୦୮)

## ଓଡ଼ିଆ ଭାଷା ପ୍ରଚଳନ

ଉତ୍କଳବାସୀରେ ଆନନ୍ଦ ସମ୍ବାଦ ପାଠ କଲୁଁକ ସୁରଙ୍ଗୀର ରାଜା ଆଦେଶ ଦେଇ ଅଛନ୍ତି ଯେ ତାହାଙ୍କର ସିରସ୍ତାର ସକଳ ବିଭାଗରେ ଓଡ଼ିଆ ଓ ଇଂରାଜୀ ଭାଷାମାନ ପ୍ରଚଳିତ ହେବ ଏବଂ ଅତ୍ୟାବଶ୍ୟକ ଭିନ୍ନ ତେଲଗୁ ବ୍ୟବହାର ହେବନାହିଁ । ଏ ଆଦେଶ ସଂପୂର୍ଣ୍ଣ ଯୁକ୍ତିସଙ୍ଗତ ଅଟେ । ଆଶାକରୁଁ ଗଞ୍ଜାମ ଜିଲ୍ଲାର ସମସ୍ତ ରାଜା ଏହିପରି ଆଦେଶ ପ୍ରଚାର କରି ମାତୃଭାଷାର ଓ ପ୍ରଜାବର୍ଗର ଉନ୍ନତି ସାଧନ କରିବେ । ରାଜାମାନେ ଆପଣା ଆପଣା ସିରସ୍ତାର କାଗଜପତ୍ରରେ ଯେବେ ନିଜର ଭାଷା ନ ଚଳାଇବେ ତେବେ ଜନସାଧାରଣଙ୍କର ତହିଁପ୍ରତି ଆଦର ହେବ ନାହିଁ ।

( ଉତ୍କଳ ଦୀପିକା, । । ୮ । ୧୯୦। )

## ଉତ୍କଳ ଯୁବକ ସମିତି ନିୟମାବଳୀ

ଏଠାରେ ଉତ୍କଳ ଯୁବକ ସମିତି ଖଣ୍ଡିଏ ନିୟମାବଳୀ ମୁଦ୍ରିତ ଓ ପ୍ରଚାର କରିଅଛନ୍ତି ଏବଂ ତହିଁର ଖଣ୍ଡିଏ ପ୍ରତିଲିପି ଆମ୍ଭେମାନେ ପାଇ କୃତଜ୍ଞ ହେଲୁଁ । ନିୟମାବଳୀରୁ ପ୍ରକାଶ ଯେ ଉତ୍କଳର ଏବଂ ଅନ୍ୟାନ୍ୟ ପ୍ରଦେଶର ଶିକ୍ଷିତ ଯୁବକମାନେ ସମିତିର ସଭ୍ୟ ହେବେ । ସଭ୍ୟମାନେ ଅତି ନ୍ୟୂନରେ ଏକ ଅଣା ପ୍ରବେଶିକା ଏବଂ ଏକଅଣା ମାସିକ

ଭେଦା ଦେବେ । ସ୍ଥାନେ ସ୍ଥାନେ ଶାଖା ସମିତିମାନ ଗଠିତ ହେବ ଏବଂ ଶାଖା ସମିତି-ମାନ କେନ୍ଦ୍ର ସମିତିକୁ ସେମାନଙ୍କର କାର୍ଯ୍ୟାବଳୀ ଜଣାଇବେ ଏବଂ ଅନୁରୋଧ ରକ୍ଷା କରିବେ । (ଉତ୍କଳ ଦୀପିକା, ୨୭ । ୯ । ୧୯୦୮)

## ଓଡ଼ିଆ ଭାଷାରେ ଉପନ୍ୟାସ ପ୍ରକାଶନ

—ବିଜ୍ଞାପନ—

ମାନନୀୟ ବଙ୍ଗଳାର ଲେପ୍ଟେନଲଟ୍ ଶ୍ରୀଯୁକ୍ତ ଶ୍ରୀସର ଏଣ୍ଡ୍ରୁ ଫ୍ରେଜର ସାହେବ ମହୋଦୟଙ୍କ ନାମରେ ଅନୁମତି ଅନୁସାରେ ଉତ୍ସର୍ଗିତ ।

ଭୀମା ଭୂୟାଁ ।

ଓଡ଼ିଆ ଉପନ୍ୟାସ

ଉତ୍କଳ ସାହିତ୍ୟ କ୍ଷେତ୍ରର ନେତା ଶ୍ରୀଯୁକ୍ତ ରାୟ ମଧୁସୂଦନ ରାଓ ବାହାଦୂରଙ୍କ ମତରେ ଏପର୍ଯ୍ୟନ୍ତ ଲିଖିତ ଓଡ଼ିଆ ଉପନ୍ୟାସ ମାନଙ୍କ ମଧ୍ୟରେ ସର୍ବୋତ୍କୃଷ୍ଟ ମୂଲ୍ୟ ପାଞ୍ଚ ଅଣା କଟକ ପ୍ରିଣ୍ଟିଂ କମ୍ପାନୀଙ୍କଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଗୋପାଳ ବଲ୍ଲଭ ଦାସ

ମୋଜାଫରପୁର

ତା ୮ । ୧୧ । ୧୯୦୮

(ଉତ୍କଳ ଦୀପିକା, ୫ । ୧୨ । ୧୯୦୮)

ଅନନ୍ତ ପ୍ରକୃତିର ସୁକୋମଳ ଅଙ୍କରେ ଯେଉଁ ଉତ୍କଳ ଭୂମି ଲାଳିତପାଳିତ, ତାହା ପୁଣି ପ୍ରକୃତିର କରାଳ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଜନିତ ବିପର୍ଯ୍ୟୟ ପୀଡ଼ିତ ହୋଇ ଧ୍ୱସ୍ତବିଧ୍ୱସ୍ତ ହୋଇଯାଏ । ପୂର୍ବରେ ଦିଗନ୍ତବିସ୍ତୃତ ଉଚ୍ଛ୍ୱଳ ତରଙ୍ଗମୟୀ ସମୁଦ୍ର, ପଶ୍ଚିମରେ ଆକାଶସ୍ପର୍ଶୀ ତୁଙ୍ଗ ପର୍ବତମାଳା ବେଷ୍ଟିତ ଏହି ଭୂଖଣ୍ଡ କେତେବେଳେ ବନ୍ୟାପ୍ଲାବିତ, ପୁଣି କେତେବେଳେ ଅନାବୃଷ୍ଟିଜନିତ ଦୁର୍ଭିକ୍ଷକବଳିତ, ସେ ସବୁର ଚିତ୍ର ସମ୍ବାଦପତ୍ର ପୃଷ୍ଠାରେ ପ୍ରଦତ୍ତ ହୋଇଥିଲା । ତାଦୃଶ ସମ୍ବାଦ ମଧ୍ୟରେ ବନ୍ୟା, ଦୁର୍ଭିକ୍ଷ, ମରୁଡ଼ି ଦ୍ୱାରା କ୍ଷୟକ୍ଷତିର ବିବରଣୀ ସହିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଦୁର୍ବଳ ଜନସାଧାରଣଙ୍କର ସେବା ସାହାଯ୍ୟ ପାଇଁ ଯେଉଁ ବ୍ୟାପକ ସଂଗଠନ କରାଯାଉଥିଲା, ତାହାର ମଧ୍ୟ ସୂଚନା ପ୍ରାଚୀନ ସମ୍ବାଦପତ୍ର ପୃଷ୍ଠାରୁ ମିଳିଥାଏ ।

## ଖଣ୍ଡପଡ଼ାରେ ଦୁର୍ଭିକ୍ଷ

ଖଣ୍ଡପଡ଼ା ଇଲାକାରେ ପଞ୍ଚୁଗ୍ରାମଂଶାରେ ଦୁର୍ଭିକ୍ଷ ଦେଖା ହୋଇଥିବା ଓ କେତେ ପ୍ରଜା ଜୀବନ ରକ୍ଷା ନିମନ୍ତେ ବୌଦ ସୋନପୁରକୁ ପଳାଇଯାଉଥିବାର ଗତ ଉତ୍କଳ-ବାସୀରେ ଯାହା ଲେଖାଅଛି ତଦ୍ବିଷୟରେ ଖଣ୍ଡପଡ଼ାର ରାଜା ଓ ଗଡ଼ଜାତ ମାହାଲର ସୁପ୍ରିଣ୍ଟେଣ୍ଡେଣ୍ଟ ଓ ପୋଲିଟିକାଲ ଏଜେଣ୍ଟ ସାହେବମାନଙ୍କର ବିଶେଷ ଦୃଷ୍ଟି ପ୍ରାର୍ଥନା କରୁଅଛୁ । ବର୍ତ୍ତମାନ ଯେ କଷ୍ଟକର ସମୟ ଉପସ୍ଥିତ ହୋଇଅଛି ତହିଁରେ କୌଣସିଠାରେ ଦୁର୍ଭିକ୍ଷ

ହେବାର ଶୁଣିଲେ ଉତ୍ତମରୂପେ ତଦନ୍ତ ଓ ପ୍ରତିକାରର ଚେଷ୍ଟା କରା ହେଲା କହିବାର ନୁହେଁ । ରାଜା ସ୍ୱୟଂ ପ୍ରଜାରକ୍ଷାର ଉପାୟ କରନ୍ତୁ ଓ ପ୍ରକୃତ ଅବସ୍ଥା ଗବର୍ଣ୍ଣମେଣ୍ଟଙ୍କୁ ଜଣାନ୍ତୁ ଯେ ଯାହା ତାହାଙ୍କୁ କର୍ଲାଇବ ସରକାରରୁ ତହିଁର ସାହାଯ୍ୟ ପାଇବେ ।

(୧୮ । ୧ । ୧୯୦୮)

## ତରୌଲ ଥାନାରେ ମରୁଡ଼ିଜନିତ ଦୁରବସ୍ଥା : ଖଣ୍ଡିଏ ପତ୍ର

ମହାଶୟ,

ତରୌଲ ଥାନା ଅନ୍ତର୍ଗତ ଆବର୍ଣ୍ଣିକ ପ୍ରଗନାର ଧାନ୍ୟ ମରୁଡ଼ିଦ୍ୱାରା ସମୂଳରେ ନଷ୍ଟ ହୋଇଅଛି । ତେଣୁକରି ଗରିବ କୃଷକ ଓ କଣିଷିଆ ଏବଂ ମୂଲିଆମାନେ ସ୍ୱ ସ୍ୱ ଜିନଷମାନ ବନ୍ଧକ ଦେଇ ଧାନ୍ୟ ଇତ୍ୟାଦି ମହାର୍ଘ୍ୟ ଦରରେ ଖରିଦକରି ଓଳିଏ ଖାଇ ଅନ୍ୟ ଓଳି ଉପବାସ ରହି ଜୀବନଯାତ୍ରା ନିର୍ବାହ କରୁଅଛନ୍ତି । ଅଧିକାଂଶ ଲୋକମାନେ ସ୍ୱ ସ୍ୱ ଜିନଷପତ୍ର ବନ୍ଧକ କରିବାରେ ଅନନ୍ୟୋପାୟ ହୋଇ ସ୍ତ୍ରୀ ବାଳକ ଛାଡ଼ି କଲିକତା ପଳାଉଅଛନ୍ତି । ଏ ପ୍ରଗନାକୁ କୁଜଙ୍ଗର ଧାନ୍ୟ କେତେକାଂଶ ସାହାଯ୍ୟ କରେ । ସମ୍ପ୍ରତି କୁଜଙ୍ଗର ମହାରାଜା ସେ ସ୍ଥାନର ଧାନ୍ୟ ଅନ୍ୟ ସ୍ଥାନକୁ ଛାଡ଼ୁ ନଥିବାରୁ ଗରିବ ଲୋକମାନେ ଅନ୍ୟ କୌଣସି ସ୍ଥାନରୁ ଖରିଦ କରିବାକୁ ନ ପାଇବାରୁ କିଂକର୍ତ୍ତବ୍ୟବିମୂଢ଼ ହୋଇ ବସିଅଛନ୍ତି । ଦୟାଶୀଳ ଗବର୍ଣ୍ଣମେଣ୍ଟ ଏ ପ୍ରଗନାର ଗରିବ ଲୋକମାନଙ୍କୁ ସାହାଯ୍ୟ ଓ ଗୋଟିଏ ଗୋଦାମର ସୁବନ୍ଦୋବସ୍ତ କରି ନ୍ୟାଯ୍ୟ ଦରରେ ବିକ୍ରି କରିବା ଏବଂ ଅପେଲ କିସ୍ତି ଭୂରାଜସ୍ୱ ବନ୍ଦ ଓ ଟିକସ ବନ୍ଦ ହେବାର ଅନୁକୂଳ ଦୃଷ୍ଟିପଥାରୂଢ଼ ହେଲେ ଗରିବ ଓ କଣିଷିଆଙ୍କର ଅଶେଷ ମଙ୍ଗଳ ସାଧିତ ହେବ ।

୧୪ । ୧ । ୧୯୦୮ — ବଶମ୍ବଦ

ଦେଉଳୀ — ଶ୍ରୀ କୁଳମଣି ମହାନ୍ତି

( ଉତ୍କଳ ଦୀପିକା : ୧୮ । ୧ । ୧୯୦୮ )

## ଗୋପବନ୍ଧୁ ଦାସଙ୍କର ଏକ ନିବେଦନ

—ଓଡ଼ିଶାର ଦୁର୍ଭିକ୍ଷ—

ନିବେଦନ

କେତେକ ଦିନ ତଳେ ଆମ୍ଭର ଏହି ଉତ୍କଳର ଦୁର୍ଭିକ୍ଷ କଥା ସମ୍ବାଦପତ୍ରମାନଙ୍କରେ ତଥା ସରକାର ଅଫିସରେ ଖୁବ୍ ଶୁଣା ଯାଉଥିଲା । ମାତ୍ର ବର୍ତ୍ତମାନ କେହି ସେ ବିଷୟରେ ଆନ୍ଦୋଳନ କରିବାର ଦେଖାଯାଉନାହିଁ । ସମ୍ବାଦପତ୍ରମାନେ ମଧ୍ୟ ପ୍ରାୟଶଃ ସେ ବିଷୟରେ ନୀରବ କହିଲେ ଚଳେ । ଏଥିରୁ ବୋଧହୁଏ କେହି ମନେ କରିଥିବେ ଯେ ଦୁର୍ଭିକ୍ଷ ଆଉ ପୂର୍ବପରି ଭୀଷଣ ନୁହେଁ । କିନ୍ତୁ ସେମାନେ ଭ୍ରାନ୍ତ । ପ୍ରକୃତ ଘଟନା ଠିକ୍ ତାର ବିପରୀତ । ଦିନକୁଦିନ ଏହା ଯେ କେବଳ ବେଶି ବେଶି ଭୟଙ୍କର ହେଉଅଛି ତାହା ନୁହେଁ, ଦିନେ ଯାହା—

ବର୍ଷି ଯୋଗୁଁ ଭଦ୍ରକ, କେନ୍ଦ୍ରାପଡ଼ା ଓ ଯାଜପୁରରେ ଥିଲା ଆଜ ତାହା ସମସ୍ତ ଓଡ଼ିଶାରେ ବ୍ୟାପ୍ତ ହେବାକୁ ବସିଅଛି । ପୁରୀ ଜିଲ୍ଲାର ଅନେକ ସ୍ଥାନରେ ଦୁର୍ଭିକ୍ଷ ଭୟାବହ ଆକାର ଧାରଣ କରିଅଛି । ମାଲୁଦ, ପାରିକୁଦ, କାକଟପୁର ପ୍ରଭୃତି ଅଞ୍ଚଳରେ ଘଟନା ଅତୀବ ଶୋଚନୀୟ । କ୍ୱଚିତ ସ୍ଥାନେ ସ୍ଥାନେ ସରକାରୀ ସାହାଯ୍ୟ ମିଳୁଅଛି ସତ୍ୟ, କିନ୍ତୁ ଅବସ୍ଥା ଦୃଷ୍ଟିରେ ତାହା ଅତି ଅଳ୍ପ ଓ ଅକିଞ୍ଚିତ୍କର ।

ସାଧାରଣ ଜାଣନ୍ତି କଟକର ଛାତ୍ରମାନେ ପ୍ରଥମରୁ ଦୁର୍ଭିକ୍ଷପୀଡ଼ିତ ଲୋକମାନଙ୍କୁ ଯଥାଶକ୍ତି ସାହାଯ୍ୟ ଦେବାରେ ଲାଗିଅଛନ୍ତି । ଗତ ମାସରେ ସେମାନଙ୍କ ମଧ୍ୟରୁ ତିନୋଟି ଦଳ କେତେକ ଅଞ୍ଚଳକୁ ସାହାଯ୍ୟ ବାଣ୍ଟିବାକୁ ଯାଇଥିଲେ । ସେମାନେ ଦେଖି ଆସି ଲେଖିଥିବା ରିପୋର୍ଟରୁ କେତୋଟି କଥା ଏଠାରେ ଉଲ୍ଲେଖ କରାଗଲା ।

ଯାଜପୁର ଦଳ ଲେଖି ଅଛନ୍ତି "ଆହାରପୁରଠାରେ ଆମ୍ଭେମାନେ ଦେଖିଲୁଁ ଲୋକେ କେବଳ ଅସ୍ଥିଚର୍ମ ଅବସ୍ଥାରେ ଅଛନ୍ତି । କେତେକ ଏକାବେଳକେ ଦୁଇ ତିନି ଦିନ ହେଲା କିଛି ଖାଇବାକୁ ପାଇନାହାନ୍ତି । ଅନେକ ବସ୍ତ୍ରାଭାବରୁ ପ୍ରାୟ ଉଲଙ୍ଗ ଅବସ୍ଥାରେ ଅଛନ୍ତି କହିଲେ ଚଳେ । ବିସ୍ମୟର କଥା ପିଲାମାନେ ବାପ-ମାଆଙ୍କଠାରୁ ଅଧିକ ଶୁଷ୍କ ଓ କ୍ଷୀଣକାୟ ଦେଖାଯାଉଅଛନ୍ତି । ସେମାନଙ୍କର ପେଟ ବାହାରି ପଡ଼ିଅଛି । ପଚାରି ବୁଝିଲୁଁ କିଛି ନ ମିଳିବାରୁ କେବଳ ବରକୋଳି ଖାଇ ପିଇ ପେଟ ସେପରି ବାହାରି ପଡ଼ିଅଛି । ସେ ଗ୍ରାମରେ ୧୦୦ ଲୋକର ବସ୍ତି । ବୁଝିଲୁ ଅଳ୍ପାଧିକ ପରିମାଣରେ ଦୁର୍ଦ୍ଦଶା ସମସ୍ତଙ୍କର ସମାନ । କିନ୍ତୁ ଏତେଲୋକ ମଧ୍ୟରୁ କେବଳ ୩୮ ଜଣ ସରକାରୀ ସାହାଯ୍ୟ ପାଉଅଛନ୍ତି ।"

ପୁଣି ରିପୋର୍ଟର ଅନ୍ୟ ସ୍ଥଳରେ ଲେଖାଅଛି "ମହାସଡ଼ା ପ୍ରାୟ ୪୦୦ ଘର ବସତି । ସମସ୍ତେ ଦୁର୍ଭିକ୍ଷରେ ମରୁଛନ୍ତି । କିନ୍ତୁ ସରକାରୀ ସାହାଯ୍ୟ ପାଉଥିବା ଲୋକଙ୍କ ସଂଖ୍ୟା ପ୍ରାୟ ୩୦ରୁ ବେଶି ନୁହେଁ । ଏମାନେ ମଧ୍ୟ ପ୍ରାୟ ସମସ୍ତେ ଶ୍ରେଷ୍ଠ ଜାତିର । କାରଣ ବ୍ରାହ୍ମଣ କରଣ ପ୍ରଭୃତି ଉଚ୍ଚ ଜାତିମାନେ ଜାତିଯିବା ଭୟରେ 'ସରକାରୀ ଛତ୍ର' ନେବାକୁ ନାରାଜ । ଏଠାରେ କେତେଗୁଡ଼ିଏ ଲୋକ ଅନାହାରରେ ମରିବାର ଶୁଣିଲୁଁ, ଅନୁସନ୍ଧାନ କରି ଦେଖିଲୁଁ ସେଥିରେ ବିଶ୍ୱାସ କରିବାର ସଂପୂର୍ଣ୍ଣ କାରଣ ଅଛି ।"

"ରାଉତରା ଗ୍ରାମ ଏବଂ ତାର ଆଖପାଖ—ଏଠାରେ ଅତି କଙ୍କାଳମୟ ଲୋକଙ୍କୁ ଦେଖିଲେ ପ୍ରାଣ କାନ୍ଦିଉଠୁଅଛି । ବର୍ଷିରେ ପ୍ରାୟ ୭ ମାସ ତଳେ ଘର ଭାଜି ଯାଇଥିଲା, ଆଜଯାଏ ତୋଳା ହୋଇନାହିଁ । କ୍ଷେତ ବାଲି ସବୁ ନଈବର୍ଷି ବାଲିରେ ଏପରି ପୋତି ହୋଇ ଯାଇଅଛି ଯେ ବାଲି ସମ୍ପୂର୍ଣ୍ଣରୂପେ ନ ଉଠାଇଲେ ଆସନ୍ତା ବର୍ଷ ଫସଲର ମଧ୍ୟ ଆଶା ନାହିଁ । ଏଠାରେ ମଧ୍ୟ ସମସ୍ତଙ୍କର ଏକ ଦୁରବସ୍ଥା । କାହାକୁ ସାହାଯ୍ୟ ଦେବୁ ? କାହାକୁ ନଦେବୁ ? କିଛି ସ୍ଥିର କରି ପାରିଲୁ ନାହିଁ । ଆମ୍ଭେମାନେ ଯେତେଗୁଡ଼ିଏ ଗ୍ରାମ

ଦେଖି ଦେଖି ଯାଇଥିଲୁଁ ସେ ସବୁରି ଲୋକମାନେ କେବଳ ବରି, ରବି ଓ ବାଇଗଣ ଖାଇ ବଞ୍ଚିଅଛନ୍ତି । ତାହା ପୁଣି ଅତି ସାମାନ୍ୟ ମିଳୁଅଛି । ଲୋକଙ୍କର ଅବସ୍ଥା ଦିନରୁ ଦିନତର ହେଉଅଛି । ଖରାଦିନ ଆସିଲେ ସେମାନଙ୍କର ଅବସ୍ଥା କି ହେବ ଭାବିଲେ ରୋମହର୍ଷଣ ହୁଏ ।"

ଅନ୍ୟତ୍ର ରିପୋର୍ଟରେ—"ଆମ୍ଭେମାନେ ରାଣ ପୋଖରୀ, ରସଲପୁର ପ୍ରଭୃତି ଗ୍ରାମମାନ ଦେଖିଲୁଁ । ଏଠାରେ ପ୍ରାୟ ପାଣ, କଣ୍ଡରା, ଗୋଖା ପ୍ରଭୃତି ଶ୍ରେଣୀ ଜାତିମାନେ ବିଶିଷ୍ଟ ଭାବରେ ଦୁର୍ଭିକ୍ଷପୀଡ଼ିତ ଦେଖାଗଲେ । ସେମାନଙ୍କ ମଧ୍ୟରୁ କେତେକ ଘରଦ୍ୱାର, ପୁତ୍ର ପରିବାର ଛାଡ଼ି କେଉଁଆଡ଼େ ଚାଲିଗଲେଣି କେହି ଜାଣନ୍ତି ନାହିଁ । ଆମ୍ଭେମାନେ ସ୍ୱଚକ୍ଷୁରେ ଦେଖିଲୁଁ ଲୋକେ କେବଳ ବରକୋଳି ଖାଇ ପ୍ରାଣଧାରଣ କରୁଅଛନ୍ତି । ଏଠାରେ ସରକାରୀ ସାହାଯ୍ୟ ଦିଆହେଉଛି । କିନ୍ତୁ ତାହା ଅତି ଅଳ୍ପ ଏବଂ କେବଳ ଯେଉଁମାନେ ନଖାଇ ବରାବର ମରିବାକୁ ବସିଅଛନ୍ତି ସେହିମାନଙ୍କ ଭାଗ୍ୟରେ ହିଁ ଘଟୁଅଛି । ଆଲି ଥାନା ପାଖେ ଦୁର୍ଭିକ୍ଷ ସାହାଯ୍ୟ ପାଇଁ ମଜୁରି ମିଳିବା ଭଳି ସରକାରୀ କାମ (Relief Work) ଖୋଲା ହୋଇଅଛି । କିନ୍ତୁ ମାଟି ବଡ଼ କଠିନ ହେବାରୁ ଲୋକେ ଖୋଳି ପାରୁନାହାନ୍ତି । ସେ ଯାହାହେଉ, ସେହିପରି କାମ ବେଶି ପରିମାଣରେ ବିଭିନ୍ନ ସ୍ଥାନରେ ଖୋଲାହେଲେ ଅନ୍ତତଃ କାମ କରିପାରିବା ଲୋକେ ବଞ୍ଚିଯାନ୍ତେ ।"

ପୁଣି ଅନ୍ୟ ସ୍ଥାନରେ ଲେଖାଅଛି—"ଲୋକେ ସାଧାରଣତଃ କେବଳ ମଣ୍ଡିଆ ଚୁଣ୍ଡାକନା ପିନ୍ଧିଅଛନ୍ତି । ଏମନ୍ତ କି କେତେ ସ୍ତ୍ରୀଲୋକ ଲୁଗା ନଥିବାରୁ ଖାଇବା ବିନା ମରୁଥିଲେ ହେଁ ଲଜ୍ଜାରେ ଆମ୍ଭ ପାଖକୁ ମାଗିବାକୁ ଆସି ପାରିନଥିଲେ । ଗୋଟିଏ ମୁସଲମାନ ସ୍ତ୍ରୀଲୋକ ଗୋଟିଏ ପିଲା କାଖେଇ ଆମ୍ଭମାନଙ୍କ ପାଖକୁ ଆସି ଖଣ୍ଡିଏ ଲୁଗା ଗାଗୁ ମାଗୁ କହିଥିଲା "ବାବୁ ଏ ପିଲାଟିର ପେଟ ଫୁଲିଗଲାଣି, ଏ ଆଉ ଦିନେ କି ଦୁଇଦିନରେ ମରିଯିବ । ଏହାକୁ କବରକୁ ନେବାକୁ ଖଣ୍ଡେ ଲୁଗା ଦରକାର; କିନ୍ତୁ ଘରେ ଟିକିଏ କନା ନାହିଁ । ଇତ୍ୟାଦି ।' । ଦୃଶ୍ୟ ଦେଖି ହୃଦୟ ଫାଟିଗଲା । ଆମ୍ଭେ ତାକୁ ଖଣ୍ଡିଏ ଲୁଗା ଦେଲୁଁ । ଯାଉଥିବାବେଳେ ତାହା ଆଖିରୁ ଲୁହ ଗଡ଼ିପଡ଼ିଲା । ଆମ୍ଭେମାନେ ମଧ୍ୟ ସମ୍ଭାଳି ନପାରି କାନ୍ଦି ପକାଇଲୁଁ । ଏହିଠାରେ ଶୁଣିଲୁଁ ଆଲି ଥାନାର ଗୋଟିଏ ଚୌକିଦାର ନିଜର ପୋଷାକ ଓ ଦୁଇଟି ପିଲା ବିକି ଦେଇ କେଉଁଆଡ଼େ ପଳାଇଛି କେହି ଜାଣନ୍ତି ନାହିଁ ।"

ଏସବୁ ଗଲା ଫେରିଆସିଥିବା ଛାତ୍ରଙ୍କ କଥା । ବର୍ତ୍ତମାନ ଯାଜପୁର ସବ୍‌ଡିଭିଜନରେ ସାହାଯ୍ୟ ବାଣ୍ଟୁଥିବା ଏକ ଦଳ ଛାତ୍ର ଲେଖୁଅଛନ୍ତି—

"ନୂଆଗାଁ, ଅରି, ପ୍ରୀତିପୁର, ମାଟିଆକାନ, ଦାମୋଦରପୁର, ପାସୋଳା, କୁଶବଦା ଓ ସୁନାପାଳ ପ୍ରଭୃତି ଗ୍ରାମମାନ ଦେଖିଲୁଁ । ଦୁର୍ଭିକ୍ଷପୀଡ଼ିତ ଲୋକଙ୍କ ସଂଖ୍ୟା ୯୮୭, ତନ୍ମଧ୍ୟରୁ ୬୯୦ ବର୍ତ୍ତମାନ ସୁଦ୍ଧା କାମ କରିବାକୁ ସମର୍ଥ । ୨୦୨ ଖାଇବାକୁ ନ ପାଇବାରୁ ପ୍ରାୟ ମରିଯିବା ଭଳି ହେଲେଣି ଏବଂ ଖୁବ୍ ସମ୍ଭବ ଏହି ୫।୭ ଦିନ ମଧ୍ୟରେ ମରିଯିବେ

ଏବଂ ୪୨୪ ଜଣ ପିଲା, ବୁଢ଼ା ଓ ଅକର୍ମଣ୍ୟ—ସେମାନେ କୌଣସି କାର୍ଯ୍ୟ କରିପାରିବେ ନାହିଁ । ଅତି ଗୁରୁତର ଅବସ୍ଥାପନ୍ନ ଲୋକଙ୍କୁ ସରକାରୀ ସାହାଯ୍ୟ ଦେବାର କଥା; କିନ୍ତୁ ତାହା ସୁଦ୍ଧା ସବୁ ସ୍ଥାନରେ ମିଳୁ ନାହିଁ, କିମ୍ବା ମିଳିବା ସ୍ଥଳରେ ସବଂଦା ସମସ୍ତଙ୍କରେ ମିଳୁନାହିଁ । ପାଣ, କଣ୍ଡରା ପ୍ରଭୃତି ଶ୍ରେଷ୍ଠ ଜାତି ମଧ୍ୟରୁ ଯେଉଁମାନେ ବର୍ତ୍ତମାନ ସୁଦ୍ଧା କାମ କରିବାକୁ ସମର୍ଥ ସେମାନେ କୌଣସି କାମ ପାଉନାହାନ୍ତି ଏବଂ ଦାତବ୍ୟ ମାଗିଲେ କାମ କରିବାକୁ ସମର୍ଥ ଥିବା ହେତୁ ସରକାରୀ ହାକିମଙ୍କ ଦ୍ୱାରା ବିତାଡ଼ିତ ହେଉଅଛନ୍ତି ।

ଉଲ୍ଲିଖିତ ଗ୍ରାମମାନଙ୍କ ସୀମା ମଧ୍ୟରେ ଦୁଇଟି ପୋଖରୀ ଅଛି । ସେ ଯୋଡ଼ିକ ପ୍ରାୟ ଶୁଖି ଆସିଲାଣି । ଅନ୍ନାଭାବ ସଙ୍ଗେ ମନୁଷ୍ୟ ଓ ପଶୁମାନଙ୍କର ଜଳାଭାବ । ଏଥିରେ କିଛିଦିନ ପରେ ଅବସ୍ଥା ଯେ କି ହେବ ତାହା ଚିନ୍ତା କରାଯାଇ ନପାରେ । ଆମ୍ଭେମାନେ ଏହିଠାରେ ପୋଖରୀ ଖୋଳାଇବା ପାଇଁ ପ୍ରସ୍ତାବ କରୁଅଛୁ । ତାହାହେଲେ ଯେଉଁମାନେ କାମ କରିବାକୁ ସମର୍ଥ ସେମାନେ ହେଲେ ମାସେ ଦୁଇ ମାସ ମଜୁରି ପାଇ ବଞ୍ଚିବେ । ଆମ୍ଭେମାନେ ଶୁଣିଲୁଁ କେତେକ ହିନ୍ଦୁ ଓ ମୁସଲମାନ ମଧ୍ୟମ ଶ୍ରେଣୀର ଲୋକେ ମଧ୍ୟ ମିଳିଲେ କାମ କରିବାକୁ ଇଚ୍ଛୁକ ଅଛନ୍ତି ।"

ଏହି ଶେଷ ଛାତ୍ରଦଳଙ୍କ ନିକଟକୁ ତାଙ୍କ ପ୍ରସ୍ତାବମତେ ଗୋଟିଏ ପୋଖରୀ ଖୋଳାଇବା ଆରମ୍ଭ କରିବା ନିମନ୍ତେ ତାର ଖବର ପଠାଯାଇଅଛି । ଏହି ରିପୋର୍ଟ ଓ ପତ୍ରର ଉଦ୍ଧୃତାଂଶରୁ ସମସ୍ତ ସ୍ପଷ୍ଟ ବୁଝାଯାଉଅଛି । ବୋଲିବା ବାହୁଲ୍ୟ ସହକାରୀ ସାହାଯ୍ୟ ସଙ୍ଗେ ସାଧାରଣ ସାହାଯ୍ୟ ଅତୀବ ପ୍ରୟୋଜନ । ସରକାରୀ ସାହାଯ୍ୟ ଅତି ସାମାନ୍ୟ ମାତ୍ର । ଦୁର୍ଭିକ୍ଷ ସାହାଯ୍ୟ ଆଇନ (Relief Code) ଅନୁସାରେ ଅତି ଗୁରୁତର ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କୁ ମାତ୍ର ସାହାଯ୍ୟ ଦେବାର ବିଧି । ତେଣୁ ଅନ୍ୟମାନେ ବାଧ୍ୟ ହୋଇ ସେହି ମୃତକଳ୍ପ ଅବସ୍ଥାକୁ ଆସିବାଯାଏ ସରକାର ତାହାର କଥା ବୁଝିବାର ଆଶା କରିବା ବୃଥା । ଏହାଛଡ଼ା ଉଚ୍ଚ ଜାତିର ବିଧବା ଓ ମଧ୍ୟମ ଶ୍ରେଣୀର ଭଦ୍ରଲୋକ ପ୍ରଭୃତି ନିଜର ଜାତିକୁ ଜୀବନର ସର୍ବସ୍ୱ ବୋଲି ଜାଣନ୍ତି । ଏଣୁ ସେମାନେ ସରକାରୀ ସାହାଯ୍ୟ ନେବେ ନାହିଁ । ଅତଏବ, ସେମାନଙ୍କ ପାଇଁ ଅନ୍ୟ ଦିଗରୁ ସାହାଯ୍ୟ ଆବଶ୍ୟକ ।

କେତେକ ମାସ ପୂର୍ବେ ଦୁର୍ଭିକ୍ଷର ଆରମ୍ଭ ସମୟରେ କଟକର ଛାତ୍ରମାନେ ସାଧାରଣଙ୍କ ନିକଟକୁ ନିବେଦନ ପତ୍ର ପଠାଇଥିଲେ ଏବଂ ତହିଁର ଫଳସ୍ୱରୂପ ସେମାନେ ଦୁର୍ଭିକ୍ଷ ସାହାଯ୍ୟ ପାଇଁ ଭାରତବର୍ଷ, ବ୍ରହ୍ମଦେଶ ଓ ବେଲୁଚିସ୍ଥାନ ପ୍ରଭୃତି ଦେଶର ନାନା ସ୍ଥାନରୁ ପ୍ରାୟ ୧୫୦୦ ପର୍ଯ୍ୟନ୍ତ ଟଙ୍କା ପାଇଥିଲେ । କିନ୍ତୁ ଏପରି ଭୀଷଣ ଅବସ୍ଥାରେ ୧୫୦୦ ଟଙ୍କା ଶଙ୍ଖେ ପଣି ମାତ୍ର । ତେଣୁ ନିମ୍ନ ସ୍ୱାକ୍ଷରକାରୀ କଟକର ଛାତ୍ର ସାହାଯ୍ୟ ଦାନ ସଙ୍ଘ (The Students Relief Committee) ପକ୍ଷରୁ ପୁନରପି ନିବେଦନ ଓ ପ୍ରାର୍ଥନା କରୁଅଛୁ ଏବଂ ଆଶାକରେ ଯେ ଅବସ୍ଥା ଭୀଷଣରୁ ଭୀଷଣତର ହେଉଅଛି ଦେଖି ସାଧାରଣ ଲୋକେ ସରଳ ଭାବରେ ଯଥାଶକ୍ତି ସାହାଯ୍ୟ କରି ଅକ୍ଷୟପୁଣ୍ୟ ଅର୍ଜନ କରିବେ ।

ବର୍ତ୍ତମାନ ବିଶ୍ୱବିଦ୍ୟାଳୟର ପରୀକ୍ଷା ଶେଷ ହେବା ସଙ୍ଗେ ଆମ୍ଭେମାନେ ଦୁର୍ଭିକ୍ଷ-ପୀଡ଼ିତ ଲୋକମାନଙ୍କ ମଧ୍ୟରେ କାର୍ଯ୍ୟ କରିବାକୁ ଅନେକ ସ୍ୱେଚ୍ଛାସେବକ ଛାତ୍ର Volunteer) ପାଇବୁଁ । କେବଳ ଏତିକି ନୁହେଁ ଅନ୍ୟାନ୍ୟ ସ୍କୁଲମାନଙ୍କରୁ ଅନେକ ଛାତ୍ର ଗ୍ରୀଷ୍ମଛୁଟିରେ ଆସି କାମ କରିବାକୁ ଅନୁମତି ମାଗି ଲେଖିଅଛନ୍ତି । କିନ୍ତୁ କେବେ ଅର୍ଥାଭାବରୁ ଛାତ୍ରମାନଙ୍କର ଯୌବନସୁଲଭ ଉତ୍ସାହପୂର୍ଣ୍ଣ ଦେଶହିତୈଷିଣୀ ଓ ନିଃସ୍ୱାର୍ଥ କର୍ମ-ପିପାସା କାର୍ଯ୍ୟରେ ପରିଣତ ନହୁଏ ତେବେ ତାହାଠାରୁ ବଳି ପରିତାପର ବିଷୟ ଆଉ କଅଣ ଅଛି ? ନାନା ସ୍ଥାନରେ ବହୁଳ ଭାବରେ ନିୟମିତ ସାହାଯ୍ୟ ଦେବା ବର୍ତ୍ତମାନ ଅତି ଆବଶ୍ୟକୀୟ ହୋଇ ପଡ଼ିଅଛି । ବର୍ତ୍ତମାନ ଦୁର୍ଭିକ୍ଷପୀଡ଼ିତ ସ୍ଥାନମାନଙ୍କର ଶୋଚନୀୟ ଅବସ୍ଥା ଦେଖିଲେ ପ୍ରାଣ ଭୟରେ କମ୍ପି ଉଠେ । କିନ୍ତୁ ପୁଣି ଦେଖି ଦିନକୁ ଦିନ ଅବସ୍ଥା ଭୀଷଣରୁ ଭୀଷଣତର ହେଉଅଛି । କଠୋର ଗ୍ରୀଷ୍ମ କାଳର ପ୍ରଚଣ୍ଡ ସୌରରଶ୍ମିରେ ସେ ସ୍ଥାନମାନଙ୍କ ବିଭୀଷିକାମୟ ହେବ ତାହା ସହଜରେ ଅନୁମେୟ । ଅତଏବ ପରାତ୍ପର ଭଗବାନଙ୍କ ନାମରେ, ଦୁର୍ଭିକ୍ଷ-ପ୍ରପୀଡ଼ିତ, କ୍ଷୁଧା ନିଷ୍ପେଷିତମାନଙ୍କ କାତର ନାମରେ, ଆମ୍ଭେମାନେ ସମସ୍ତେ ମିଳି ଦେଶର ବିଭୁପ୍ରଦତ୍ତ ସମ୍ପଦର ଅଧିକାରୀ ଧନୀ ସନ୍ତାନ ଏବଂ ବଦାନ୍ୟ ସାଧାରଣଙ୍କ ନିକଟରେ ଯଥାଶକ୍ତି ସାହାଯ୍ୟ ନିମନ୍ତେ ନିବେଦନ କରୁଅଛୁଁ । ଦାତବ୍ୟ ଅର୍ଥ ସବୁ ପ୍ରିନ୍‌ସପାଲ, ରେଭେନସା କଲେଜ, କଟକ ( Principal Ravenshaw College )ଙ୍କ ନାମରେ ପ୍ରେରଣ କଲେ କୃତଜ୍ଞତାର ସହିତ ଗ୍ରହଣ କରାଯିବ । ଏ ବିଷୟକ ପତ୍ରାଦି ନିମ୍ନସ୍ୱାକ୍ଷରକାରୀଙ୍କ ନିକଟକୁ ପଠାଇବାକୁ ହେବ ।

ଶ୍ରୀ ଗୋପବନ୍ଧୁ ଦାସ, ବି. ଏଲ୍.

କଟକ
୨-୪-୧୯୦୮

ସେକ୍ରେଟାରୀ, ଷ୍ଟୁଡ଼େଣ୍ଟସ୍ ରିଲିଫ୍ କମିଟୀ, କଟକ
ଠିକଣା—ଓକିଲ, ଜଜ୍‌କୋର୍ଟ ନର୍ମାଲ ସ୍କୁଲ ଗଳି

( ଉତ୍କଳ ଦୀପିକା, ୧୧ । ୪ । ୧୯୦୮ )

## ଓଡ଼ିଶା ଦୁର୍ଭିକ୍ଷ ସମ୍ପର୍କରେ ଗୋପବନ୍ଧୁ ଦାସଙ୍କର ପତ୍ର

ନିବେଦନ

ମହାଶୟ,

ଗ୍ରୀଷ୍ମର ବୃଦ୍ଧି ସଙ୍ଗେ ଦୁର୍ଭିକ୍ଷ ଯେପରି ଭୀଷଣ ହେବାର ଆଶଙ୍କା ହୋଇଥିଲା, ବର୍ତ୍ତମାନ ତାହିଁ ବଳି ଭୀଷଣାକାର ଧାରଣ କରିଅଛି । ଅନ୍ନ ନ ମିଳିଲେ ମଧ୍ୟ ଅନେକ ସମୟରେ ମଣିଏ ଭଲ ପାଣି ପିଇ ଲୋକେ ମୁହୂର୍ତ୍ତକ ପାଇଁ ଶାନ୍ତି ଲାଭ କରିପାରେ କିନ୍ତୁ ଦୁର୍ଭିକ୍ଷ ଅଞ୍ଚଳରେ ପାଣି ସୁଦ୍ଧା ମିଳିବାକୁ ନାହିଁ । ଏହି ପରି ଲୋକଙ୍କର ଜୀବନଧାରଣ କ୍ରମେ କ୍ରମେ ଅସହ୍ୟ ହୋଇ ପଡ଼ୁଅଛି । ଓଲାଉଠା ଓ ଅନ୍ୟାନ୍ୟ ରୋଗ ସ୍ଥାନେ ୨ ପ୍ରଭାବ ବିସ୍ତାର କରୁଅଛି । ଏପରି କି ସମସ୍ତ ଜଳବାୟୁ ସେହି ୨ ରୋଗମାନଙ୍କର ବିଷରେ ପରିପୂର୍ଣ୍ଣ

ରହିଅଛି କହିଲେ ଚଳେ। ଆହା ଲୋକେ କି ଦୁଃଖ ଦୁରବସ୍ଥାରେ ପଡ଼ିଅଛନ୍ତି, ମୁଣ୍ଡ ଗୁଞ୍ଜିବାକୁ ଛପର ନାହିଁ। ଖାଇବାକୁ ଦାନା ନାହିଁ, ପିନ୍ଧିବାକୁ କନା ନାହିଁ—ଏଥି ଉପରେ ପୁଣି ଜଳ କଷ୍ଟ, ଟିକିଏ ନିର୍ମଳ ବାୟୁ ସୁଦ୍ଧା ମିଳୁନାହିଁ।

ନିମ୍ନରେ ଆମ୍ଭମାନଙ୍କର ଦୁର୍ଭିକ୍ଷ ସାହାଯ୍ୟ କେନ୍ଦ୍ରମାନଙ୍କ ମଧ୍ୟରୁ ବୁଲିଇଟିରୁ ଫେରି ଆସିଥିବା ସ୍ୱେଚ୍ଛାସେବକମାନଙ୍କ ବିବରଣୀ ପାଠକମାନଙ୍କ ଅବଗତି ପାଇଁ ପ୍ରଦତ୍ତ ହେଲା।

ଯାଜପୁର ଅଞ୍ଚଳରୁ ଫେରିଆସିଥିବା ଦଳ ଲେଖନ୍ତି—"ଆମ୍ଭେମାନେ ୧୬ଟି ଗ୍ରାମ ବୁଲି ବୁଲି ଅନୁସନ୍ଧାନ କରି ଦେଖିଲୁଁ ଅବସ୍ଥା ଭେଦରେ ଲୋକମାନଙ୍କୁ ପ୍ରାୟ ୩ ଗୋଟି ଭାଗରେ ବିଭକ୍ତ କରାଯାଇପାରେ, ଯଥା—

୧। କେତେକ ଅବସ୍ଥା ଦୃଷ୍ଟିରେ ଦାତବ୍ୟ ସାହାଯ୍ୟରେ ଯୋଗ୍ୟ ହେଲେ ହେଁ ତାକୁ ନେବାକୁ ଅନିଚ୍ଛୁକ। ଯଥା :—ବ୍ରାହ୍ମଣ, କରଣ, କାୟସ୍ଥ, ମୁସଲମାନ ଓ ଖଣ୍ଡାୟତମାନେ।

୨। କେତେକ ଦାତବ୍ୟ ସାହାଯ୍ୟ ନେବାକୁ ଇଚ୍ଛା କଲେ ହେଁ କୌଣସିଠାରୁ କିଛି ପାଉ ନାହାନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ବାସସ୍ଥାନ ଏବଂ ଏମାନଙ୍କ କଥା ମଧ୍ୟ କେହି ପଚାରିବାକୁ ନାହାନ୍ତି।

୩। କେତେକ ଦାତବ୍ୟ ସାହାଯ୍ୟ ପାଉଛନ୍ତି କିନ୍ତୁ ଏମାନଙ୍କ ସଂଖ୍ୟା ଅନ୍ୟ ଦୁଇ ଶ୍ରେଣୀର ଲୋକଙ୍କଠାରୁ ଢେର କମ୍ ଏବଂ ସାଧାରଣଙ୍କ ସାହାଯ୍ୟ ବିନା କେବଳ ସରକାର ଯାହା ଦିଅନ୍ତି ତାହା ସେମାନଙ୍କ ଅଭାବକୁ ଗୃହି କିଛି ନୁହେଁ।

ସ୍ଥାନାନ୍ତରରେ ବିବରଣୀରୁ ପ୍ରକାଶ "କେତେକ ଚନ୍ଦ୍ରାସ୍ଥାନ ଦୁର୍ଭିକ୍ଷ ସାହାଯ୍ୟ କର୍ମଚାରୀ ଟେଷ୍ଟ ୱାର୍କ (Test Work)ରେ ଲୋକ ନହେବାର ଦେଖି ପ୍ରକାଶ କରନ୍ତି ଯେ ଦୁର୍ଭିକ୍ଷ ଖୁବ୍ କମିଯାଇଅଛି ଏବଂ ଆଉ ଦାତବ୍ୟ ସାହାଯ୍ୟ ଦେବାର ଆବଶ୍ୟକ ନାହିଁ। କିନ୍ତୁ ଟେଷ୍ଟ ୱାର୍କକୁ ଲୋକେ ନଆସିବାର କାରଣମାନଙ୍କ ମଧ୍ୟରୁ ତଳଲିଖିତ କେତୋଟି ପ୍ରଧାନ ;

୧। କେତେକ ପରିଶ୍ରମ ଦ୍ୱାରା ନିଜ ନିଜ ପରିବାରର ଭରଣପୋଷଣ ଚଳାଇବାକୁ ସମର୍ଥ। କିନ୍ତୁ ସେଭଳି ଲୋକେ ଅଧିକାଂଶ ଘର ଛାଡ଼ି ଅଧିକ ମଜୁରି ପାଇବା ଆଶାରେ କଲିକତା ପ୍ରଭୃତି ସ୍ଥାନକୁ ପଳାଇ ଯାଇଅଛନ୍ତି।

୨। କେତେକ ପରିବାରରେ ପିଲା ଓ ବୁଢ଼ାବୁଢ଼ୀଙ୍କ ସଂଖ୍ୟା ଖୁବ୍ ଅଧିକ। ଏଣୁ ସେହି ସେହି ପରିବାରର ସବଳ ଓ ସମର୍ଥ ଲୋକମାନେ ଘରେ ସମସ୍ତଙ୍କୁ ନିରାଶ୍ରୟ ଅବସ୍ଥାରେ ଛାଡ଼ି ଦୂରବର୍ତ୍ତୀ ସ୍ଥାନରେ ଟେଷ୍ଟ ୱାର୍କରେ କାମ କରିବାକୁ ଯାଇପାରୁନାହାନ୍ତି।

୩। ଟେଷ୍ଟ ୱାର୍କ ହେଉଥିବା ସ୍ଥାନରେ ମୂଲିଆମାନେ ରହିବାର କୌଣସି ବନ୍ଦୋବସ୍ତ ନାହିଁ। ତେଣୁ କେହି ଇଚ୍ଛା କଲେ ହେଁ ଦୂରରୁ ପରିବାର ସଙ୍ଗରେ ନେଇ ଆସି ପାରୁ ନାହାନ୍ତି।

୪ । ଟେଷ୍ଟ ୱାର୍କ କୌଣସି ଏକ ସ୍ଥାନରେ ବହୁଦିନ ଧରି ହେଉ ନାହିଁ । ଏଣୁ ଲୋକେ କାମ କରି ନିଜ ପରିବାର ସକାଶେ କିଛି ସଞ୍ଚୟ କରିବାକୁ ସମର୍ଥ ହେଉ ନାହାନ୍ତି ।

୫ । ଏବେ କାମ କରିବା ଭଳି ଲୋକଙ୍କ ସଂଖ୍ୟା ବେଶି ନୁହେଁ । ତହିଁ ମଧ୍ୟରେ ପୁଣି କଠିନ ପରିଶ୍ରମ କରି ନ ପାରିବା ଲୋକଙ୍କ ସଂଖ୍ୟା ଖୁବ୍ ଅଧିକ ।

୬ । ଉଚ୍ଚ ଜାତିର ଲୋକେ ମର୍ଯ୍ୟାଦା ଭୟରେ ନୀଚ ଜାତିର ଲୋକଙ୍କ ସଙ୍ଗେ କାର୍ଯ୍ୟ କରିବାକୁ ନାରାଜ ।

୭ । ଦେହ ଆବୃତ୍ତ ରଖିବାକୁ ବସ୍ତ୍ର ନ ଥିବାରୁ ଅନେକ ନୀଚଜାତିର ସ୍ତ୍ରୀଲୋକ ସମର୍ଥ ହେଲେହେଁ ଲଜ୍ଜାବଶତଃ କାମ କରିବାକୁ ଆସୁ ନାହାନ୍ତି ।

୮ । Test Work ଠିକ୍ଏ ଅସମୟ ବିଳମ୍ବରେ ଆରବ୍ଧ ହୋଇଥିଲା । ଅର୍ଥାତ୍, କାମ ଆରମ୍ଭ ହେବା ପୂର୍ବରୁ ଲୋକେ ଖାଦ୍ୟାଭାବରୁ ଦୁର୍ବଳ ଓ ଅସମର୍ଥ ହୋଇଥିଲେ ।

୯ । Test Warkରେ ମୂଲର ପରିମାଣ ଅତି ଅଳ୍ପ । ଏଥିରେ ସରକାରୀ କର୍ମଚାରୀଙ୍କର ଦୋଷ କ'ଣ ? ସେମାନେ ଦୁର୍ଭିକ୍ଷ ଆଇନ (Famine Code)ର ନିୟମ ଦ୍ୱାରା ବନ୍ଧା ।

ଏହିସବୁ ଏବଂ ଏଭଳି ଅନ୍ୟାନ୍ୟ କାରଣ ଯୋଗୁ Test Work ନଚଳିବା ସ୍ୱାଭାବିକ; କିନ୍ତୁ ମଫସଲର ଗ୍ରାମମାନଙ୍କର ଦୂରବସ୍ଥା ଦୃଷ୍ଟିରେ ପ୍ରତ୍ୟେକ ଗ୍ରାମର ଜଳ, ରାସ୍ତା, ବନ୍ଧ ପ୍ରଭୃତିର ବିଶେଷ ଅଭାବ ଥିବା ପ୍ରତ୍ୟେକ ଗ୍ରାମରେ Test Work ଖୋଲାଯାଇପାରେ । ତାହା ହେଲେ ଘର ପାଖରେ କାମ ପାଇ ଲୋକେ ନିଶ୍ଚୟ ବେଶୀ ସଂଖ୍ୟାରେ କାମରେ ଲାଗନ୍ତେ । ଆମ୍ଭ କମେଟୀ ଯାଜପୁର ସବ୍‌ଡିଭିଜନସ୍ଥ ୧୬ ନମ୍ବର ଇଉନିୟନର ନୂଆଁଗାଁରେ ଗୋଟିଏ ପୁରୁଣା ପୋଖରୀ ଖୋଲାଉଥିବା ଏଥି ପୂର୍ବେ ରିପୋର୍ଟରେ ପ୍ରକାଶ କରିଥିଲୁଁ । ସେଥିପାଇଁ ଟ୩୦୦ଙ୍କା ଏଷ୍ଟିମେଟ ହୋଇଥିଲା । କାର୍ଯ୍ୟ ମାସକରୁ ଅଧିକ ଲାଗିଥିଲା । ଏବଂ ହାରାହାରି ଦୈନିକ ପ୍ରାୟ ନିକଟବର୍ତ୍ତୀ ସ୍ଥାନର ୮୦ ଜଣ ଲୋକ କାମ କରିଥିଲେ । ଦିନକପାଇଁ ସୁଦ୍ଧା ଆମ୍ଭେମାନେ ମୂଲିଆର ଅଭାବବୋଧ କରିନାହୁଁ ।

ପ୍ରକୃତରେ ଦୁର୍ଗତି ଗୋଟିଏ ହୋଇ ଆସେ ନାହିଁ । ସେହି ଅଭିଶପ୍ତ ଦୁର୍ଭିକ୍ଷ ଭୂଭାଗର ନିରାଶ୍ରୟ ଲୋକମାନଙ୍କ ଉପରେ ବିପଦ ଉପରେ ବିପଦ ପଡ଼ୁଅଛି । ମାର୍ଚ୍ଚମାସ ୧୬ ଓ ୧୭ ତାରିଖରେ ଯେଉଁ ଝଡ଼ ଓ ଶିଳା ବୃଷ୍ଟି ହୋଇଥିଲା, ସ୍ୱେଚ୍ଛାସେବକମାନେ କହନ୍ତି ସେହି ଶିଳା ବୃଷ୍ଟି ଏକପ୍ରକାର ଦୁର୍ଭିକ୍ଷପୀଡ଼ିତ ଲୋକଙ୍କର ଜୀବନରେ ଶେଷ ଆଶା ନିର୍ବାପନ କରିଦେଲା, ସେମାନେ କହନ୍ତି—

(୧) "ଏହି ଝଡ଼ ଶିଳାପାତ ଗଛମୂଳେ ଓ ମ୍ଳାନ କୁଟୀରରେ ଆଶ୍ରୟ ନେଇଥିବା ଲୋକଙ୍କୁ ଅତ୍ୟନ୍ତ କଷ୍ଟକର ହୋଇଥିଲା ଏହାର ଫଳରେ ସେମାନେ ଜ୍ୱରାଦି ଆକ୍ରାନ୍ତ ହୋଇଅଛନ୍ତି ।"

(୨) "ଡାଲୁଅ, ଧୂଆଁପତ୍ର, ମୁଗ, ଆମ୍ବ ଏବଂ ଅନ୍ୟାନ୍ୟ ଫସଲର ଆଶା ଏକାବେଳକେ ନଷ୍ଟ ହୋଇଛି ।"

ପାଠକେ ! ଏଥିରୁ ଅବସ୍ଥା ଅନେକ ପରିମାଣରେ ଅନୁମାନ କରନେବେ ।

କେନ୍ଦ୍ରାପଡ଼ାରୁ ଫେରିଥିବା ସ୍ୱେଚ୍ଛାସେବକ ଦଳ ଲେଖନ୍ତି—

"ଆମ୍ଭେମାନେ କେନ୍ଦ୍ରାପଡ଼ା ସବ୍‌ଡିଭିଜନର ଆଳଠାରେ ଆମ୍ଭ ଛାତ୍ରମାନଙ୍କ ପକ୍ଷରୁ ପୂର୍ବରୁ ଦିଆଯାଉଥିବା ଦୁର୍ଭିକ୍ଷ ସାହାଯ୍ୟ ଚଳାଇବା ନିମନ୍ତେ ମାର୍ଚ୍ଚ ମାସ ୨୨ ତାରିଖରେ ସେଠାରେ ପହଞ୍ଚିଲୁ । ସେଠାର ଦୁରବସ୍ଥା ଭୟାବହ, ଅନେକ ଲୋକ ଗତ କେତେଦିନ ହେଲା ପୂର୍ଣ୍ଣ ଅନାହାରରେ ଥିବାର ଦେଖିଲୁଁ । ଅନେକ କଞ୍ଚା ଟଙ୍କୁଣିକୋଳି, ବାଇଗଣ, କଞ୍ଚା ଆମ୍ବ ଓ ମୁଠିଏ ଶାଗ (ସେମାନଙ୍କର ବର୍ତ୍ତମାନ ମୁଠିଶାଗ ପ୍ରଧାନ ଖାଦ୍ୟ) ଖାଇ ପ୍ରାଣ ଧାରଣ କରୁଥିବାର ଦେଖାଗଲା । ଆମ୍ଭେମାନେ ପ୍ରାୟ ଗୋଳିଶଟି ଗ୍ରାମ ବୁଲିଲୁଁ ଏବଂ ଦାନର ଉପଯୁକ୍ତ ଲୋକ ବୁଝି ଆମ୍ଭର ଆର୍ଥିକ ଶକ୍ତି ଅନୁସାରେ ଟିକେଟ ବାଣ୍ଟିଲୁଁ ।

ଭଲ ଦିନରେ ଯାହାକୁ ଦେଖିଲେ କିଛି ନ ଦେଇ ଛାଡ଼ିଦେବାକୁ ଇଚ୍ଛା ହୁଏ ନାହିଁ, ଏପରି ଅସ୍ଥି କଙ୍କାଳମୟ ଲୋକଙ୍କୁ ମଧ୍ୟ ଅର୍ଥାଭାବରୁ ବାଧ୍ୟ ହୋଇ ଫେରାଇ ଦେବାକୁ ପଡ଼ିଥିଲା । ଲୋକେ ଯତ୍‌କିଞ୍ଚିତ୍ ଖାଦ୍ୟ କିଣିବା ପାଇଁ ନିଜ ନିଜର ସର୍ବସ୍ୱ ବିକ୍ରୀ କରିଅଛନ୍ତି । ଅନେକ ଏକାବେଳକେ ଗୃହହୀନ ଓ ବସ୍ତ୍ରଶୂନ୍ୟ ହୋଇଅଛନ୍ତି । ଶୁଣିଲୁଁ କେତେକ ଲୋକ ସ୍ତ୍ରୀପୁତ୍ରାଦି ଛାଡ଼ି କେଉଁଠାକୁ ପଳାଇଅଛନ୍ତି କେହି ଜାଣନ୍ତି ନାହିଁ । ସରକାର ପ୍ରାୟ ଘରର ସବଳ ଦେଖାଯାଉଥିବା ବୟୋଧିକ ଲୋକମାନଙ୍କୁ Test Warkକୁ ଯିବାକୁ କହି ପିଲା ଓ ବୁଢ଼ାମାନଙ୍କୁ କିଛି କିଛି ଦାତବ୍ୟ ଦେଉଅଛନ୍ତି; କିନ୍ତୁ ଯାହାଙ୍କୁ ଦାତବ୍ୟ ଦିଆଯାଉଅଛି ସେମାନଙ୍କ ଭାଇଭଉଣୀ ଏମନ୍ତକି—ବାପା, ମା ଅନେକ ସମୟରେ ତାଙ୍କଠାରୁ ସବୁ ଛଡ଼ାଇ ଖାଇ ଯାଉଅଛନ୍ତି ।

"ଲୋକେ ଜୀବନ ରକ୍ଷା କରିଅଛନ୍ତି" ଏ କଥାଟା ଆମ୍ଭେମାନେ ଅନେକ ସମୟରେ ଶୁଣୁଁ; କିନ୍ତୁ ତାର ଅର୍ଥ ବୁଝି ନଥିଲୁଁ । ବର୍ତ୍ତମାନ ସରକାର ବାହାଦୂର ବହୁ ଉଦାହରଣ ଦ୍ୱାରା ତାହା ଆମ୍ଭମାନଙ୍କୁ ବୁଝାଇ ଦେଇଅଛନ୍ତି । ସହସ୍ର ସହସ୍ର ଅଧପାଏ ଚାଉଳ ଓ ଅଧପାଏ ମାଣ୍ଡିଆ ଖାଇ ଜୀବନ ଧାରଣ କରିବାର ଦେଖାଯାଏ । ×××

ପୁଣି ରିପୋର୍ଟରେ ଲେଖାଅଛି "ବର୍ତ୍ତମାନ" ଆମ୍ଭର ସରକାର ଅର୍ଥାତ୍ ସରକାରୀ କର୍ମଚାରୀମାନେ କହନ୍ତି, "ଆଳସ୍ୟର ପ୍ରଶ୍ରୟ ଦେବା ଅନୁଚିତ । କୌଣସି ଲୋକକୁ ଅଳସୁଆ ହେବାରେ ଉତ୍ସାହ ବା ସାହାଯ୍ୟ ଦେବା ପାପ ଅଟେ ।" ତାହା ଠିକ୍ । ଦୟାଳୁ ସରକାର କିମ୍ବା ସାଧାରଣ ଠାରୁ ଠକି ଅର୍ଥ ନେବେ ଏପରି ଲୋକ, ଅଛନ୍ତି ସତ୍ୟ କିନ୍ତୁ ପ୍ରକୃତ କର୍ମକ୍ଷମ ନୁହନ୍ତି; ଏଣୁ ସାହାଯ୍ୟ ଦାନର ଯୋଗ୍ୟ ଏପରି ଲୋକଙ୍କ ସଂଖ୍ୟା କମ୍ ନୁହେଁ । ଏକଥା ମଧ୍ୟ ସତ୍ୟ ଯେ ଦୁର୍ଭିକ୍ଷ ସମ୍ବନ୍ଧୀୟ ଆଇନ୍‌ରେ (Famine Code) ପ୍ରତ୍ୟେକ

ପ୍ରକୃତ ଦୁର୍ଭିକ୍ଷପୀଡ଼ିତ ଲୋକଙ୍କୁ ସାହାଯ୍ୟ ଦେବାର କଥା ଥିଲେ ହେଁ କାର୍ଯ୍ୟରେ ଲୋକେ ଅନାହାରରେ ବା ତଦନୁରୂପ କାରଣରୁ ଭୂରି ଭୂରି ମରିବାର ଦେଖାଯାଉଅଛି । ଯେଉଁସବୁ ମୃତ୍ୟୁ ଓଲଉଠା, ରକ୍ତହଗା, ଅଜୀର୍ଣ୍ଣ ଓ ଜ୍ୱର ହେତୁକ ବୋଲି ଲେଖାଯାଉଅଛି ସେ ସବୁ ପ୍ରକୃତରେ ଅନାହାର ଓ ଦୂଷିତ ଜଳପାନର ଫଳ ଅଟେ । ଯେ ମରୁଅଛନ୍ତି, ସେ ତ ଗଲେ, ଯେଉଁମାନେ ବଞ୍ଚି ରହିବେ ସେମାନେ ବହୁଦିନ ଯାଏ କେହି କେହି ଚିରଜୀବନ ବଳହୀନ ଓ ଅସମର୍ଥ ହୋଇ ରହିବେ ।

ଅମ୍ଭେମାନେ ପ୍ରତ୍ୟେକ ଲୋକଙ୍କୁ ଦୈନିକ ଏକପା ଚାଉଳ ଓ ଏକପା ମାଣ୍ଡିଆ ଦେଇଥିଲୁଁ । ଏହା ସରକାର ଦାନର ଦୁଇଗୁଣ । ଆମ୍ଭେମାନେ ଏହି ହିସାବରେ ୩୫୦ ଜଣଙ୍କୁ ଦେଉଥିଲୁ ଏବଂ ଆମ୍ଭର ମାସିକ ଖର୍ଚ୍ଚ ଟ ୫୦୦ଙ୍କା ପଡ଼ୁଥିଲା ।

ସରକାର ପଦ୍ମନାଭପୁରଠାରେ ଗୋଟିଏ ସାଧାରଣ ପାକଶାଳା ( Public kitchen) ବସାଇ ଅଛନ୍ତି । ଲୋକେ ପ୍ରଥମେ ଜାତିଯିବା ଭୟରେ ସେଠାକୁ ଖାଇବାକୁ ଆସୁ ନ ଥିଲେ । ବହୁ କଷ୍ଟରେ ସେମାନଙ୍କୁ ପ୍ରବର୍ତ୍ତାଇବାକୁ ପଡ଼ିଥିଲା । ତେଣୁ ଏବେ ଲୋକେ ଆସୁଅଛନ୍ତି; କିନ୍ତୁ ଦୁଃଖର ବିଷୟ ପାକଶାଳାଟି ଗୋଟିଏ ଅଳ୍ପ ବେତନଭୋଗୀ ଅସତ୍‌ଜୀବୀ କର୍ମଚାରୀଙ୍କ ହାତରେ ପଡ଼ିଅଛି । ବର୍ତ୍ତମାନ ସେଠାରେ ଖାଉଥିବା ଲୋକଙ୍କୁ ବଡ଼ ହୀନ ଭାବରେ ଦିଆଯାଉଅଛି । ଅମ୍ଭେମାନେ ଦୁଇଥର ସେହି ପାକଶାଳା ଦେଖିବାକୁ ଯାଇଥିଲୁଁ । ଦ୍ୱିତୀୟଥର ଆମ୍ଭ ଯିବା କଥା କେହି ଜାଣି ନଥିଲେ; କିନ୍ତୁ ଦେଖିଲୁ ସେଥର ଗରିବ ଦୁର୍ଭିକ୍ଷ ଲୋକଙ୍କୁ ଯାହା ଦିଆଯାଉଥିଲା ତାହା ଅତି କଦର୍ଯ୍ୟ ଓ ତାହାର ପରିମାଣ ପ୍ରଥମ ଥର ଦେଖିଥିବା ପରିମାଣର ଅଧରୁ ଊଣା । ସରକାର ବାହାଦୂର ଅତିଶୀଘ୍ର ଜଣେ ଉଚ୍ଚବେତନଭୋଗୀ ସତ୍ କର୍ମଚାରୀ ହାତରେ ପାକଶାଳା ନରଖିଲେ ଏତେ ଚେଷ୍ଟାର କିଛି ଫଳ ହେବ ନାହିଁ । ତେବେ ଅବସ୍ଥା ତ ବର୍ତ୍ତମାନ ବୁଝାଗଲା । ଏତେ ବେଳେ ସରକାର କାହିଁକି ଦାତବ୍ୟ ସାହାଯ୍ୟରେ ବଦ୍ଧମୁଷ୍ଟି ହେବେ ? ଲୋକେ ପ୍ରକୃତରେ ଅନାହାରରେ ମରୁଅଛନ୍ତି । ସେମାନେ ନିଜ ନିଜର ଆଳସ୍ୟରୁ ଏପରି ଅବସ୍ଥାରେ ପଡ଼ିଥିବା ସତ୍ୟ ହୋଇପାରେ, ତଥାପି ଏପରି ବିପଦ ବେଳେ "ବସ୍ତୁପାଳମ୍ଭ ପଣ୍ଡିତ" ନ ହୋଇ ଲୋକଙ୍କୁ ଆପଦରୁ ଉଦ୍ଧାର କରିବା ସର୍ବଦା ବିଧେୟ ।

ଯେତେବେଳେ ଅମ୍ଭେମାନେ ଦେଖୁଅଛୁ "ମୋଟର କାର", ବାଇନାଚ ପ୍ରଭୃତିରେ ସରକାରର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଅଛି; କିନ୍ତୁ ଲୋକେ ପ୍ରକୃତରେ ଅନାହାରରେ ମଲାବେଳେ ଦାତବ୍ୟ ସାହାଯ୍ୟ ପାଇ ରାଜଭଣ୍ଡାର ଉପରେ ଅର୍ଥାଭାବ, ସେତେବେଳେ ଆମ୍ଭେମାନେ ସରକାରଙ୍କର ଅପତ୍ୟ ସ୍ନେହୋପମ ପ୍ରଜାବାତ୍ସଲ୍ୟର ଅର୍ଥ ବୁଝିବାକୁ ଅକ୍ଷମ । ଏହା ଦେଖି ଅମ୍ଭମାନଙ୍କର ଗୋଟିଏ ଇଂରେଜୀ କଥା ମନେପଡ଼େ Nero fiddled when Rome was buring (ରୋମ ନଗର ନିଆଁ ଲଗାଇ ଦେଇ ସେଠାରେ ରାଜା

'ନେଇଁ ଏ ଦୃଶ୍ୟ ଦେଖି ଗୀତ ଗାଉଥିଲା ।) ପ୍ରକୃତରେ ଓଡ଼ିଶାର ଦୁର୍ଭିକ୍ଷପୀଡ଼ିତ ଜାଗାସବୁ ଜଳୁଅଛି । ଗ୍ରୀଷ୍ମ, କ୍ଷୁଧା ଓ ତୃଷ୍ଣାରେ ଶତ ଶତ ଲୋକ ଯେପରି ଝାଉଁଳି ହୋଇ ଯାଉଅଛନ୍ତି ।

ଅତଏବ ହେ ଦେଶବାସୀବର୍ଗ ! ଯଦି ତୁମ୍ଭେ ତୁମ୍ଭର ପଡ଼ୋଶୀ ଭାଇ ଭଗ୍ନୀଙ୍କ ସୁଖ ଚାହଁ, ସ୍ନେହ କର, ତେବେ ଏହାହିଁ ପରୀକ୍ଷା ସମୟ । ଏତିକିବେଳେ ଏହି ଶତ ଶତ ଦୁର୍ଭିକ୍ଷଦଗ୍ଧ ଲୋକଙ୍କ ପାଇଁ ନିଜ ନିଜର 'କୃପାସୁଧା ଟିକିଏ ଢାଳେ' ହେଲେ ଢାଳିଦିଅ । ସେମାନଙ୍କୁ ତୁମ୍ଭର ସେହି ଭାଇମାନଙ୍କୁ—ଏହି ପ୍ରଚଣ୍ଡ ଜ୍ୱାଳା ଯନ୍ତ୍ରଣାରୁ ଉଦ୍ଧାର କର ।

। ଇତି ।

କଟକ
ତା ୧୩ । ୫ । ୧୯୦୮

ଶ୍ରୀ ଗୋପବନ୍ଧୁ ଦାସ
ଛାତ୍ରମାନଙ୍କ ଦୁର୍ଭିକ୍ଷ ସାହାଯ୍ୟ କମିଟିର ସମ୍ପାଦକ
( ଠିକଣା—ଓକିଲ, ଜଜ୍‌କୋର୍ଟ, କଟକ )
( ଉତ୍କଳ ଦୀପିକା ୧୬ । ୫ । ୧୯୦୮ )

## ଦୁର୍ଭିକ୍ଷ ସାହାଯ୍ୟ

"ସଞ୍ଜୀବନୀରେ ପ୍ରକାଶଯେ ଭାରତୀୟ ଦୁର୍ଭିକ୍ଷ ନିବାରଣ ଫଣ୍ଡର ବଙ୍ଗୀୟ ଶାଖାରେ ଟ ୧୦୩୮୩ ଙ୍କା ସଂଗୃହୀତ ହୋଇଥିଲା । ତହିଁ ମଧ୍ୟରୁ ବାଲେଶ୍ୱର ପୁରୀକୁ ଏକ ହଜାର ଲେଖାଏଁ ଓ କଟକକୁ ଦେଢ଼ହଜାର ଟଙ୍କା ଦିଆଯିବାର ପ୍ରସ୍ତାବ ହୋଇଅଛି । ବୋଧହୁଏ, ଶୀଘ୍ର ଟଙ୍କା ଆସିବ । ନାନା ଦିଗରୁ ସାହାଯ୍ୟ ହେଉଅଛି । ମାତ୍ର ଗରିବଙ୍କର ଦଶା ମେଣ୍ଟୁନାହିଁ ।" (ଉତ୍କଳ ଦୀପିକା, ତା ୧ । ୮ । ୧୯୦୮)

## ଉତ୍କଳ ସମାଜ

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଗତ ଆଷାଢ଼ ୨୯ ଦିନ ରବିବାର କଲିକତା ଖିଦିରପୁର ଥାନା ବଜାରରେ 'ଉତ୍କଳ ସମାଜ"ର ଏକ ଅଧିବେଶନ ହୋଇଥିଲା । ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଓଡ଼ିଶା ଦୁର୍ଭିକ୍ଷ ସାହାଯ୍ୟ ବିଷୟ ଆଲୋଚନା ହେବାରେ ଉପସ୍ଥିତ ସଭ୍ୟମାନେ ୧୦୩ ଟଙ୍କା ୫ ଅଣା ୯ ପାହୁଲା ଦାନ କରିଥିଲେ । ସେ ଟଙ୍କା କେମର କମ୍ପାନିର ମ୍ୟାନେଜର ଶ୍ରୀ ପଦ୍ମଲୋଚନ ମହାନ୍ତି, ଶ୍ରୀଯୁକ୍ତ ମଧୁସୂଦନ ଦାସ, ସି. ଆଇ. ଇ.ଙ୍କ ଦ୍ୱାରା ପଠାଇ ଅଛନ୍ତି । (ଉତ୍କଳ ଦୀପିକା, ୮ । ୮ । ୧୯୦୮)

## ଦୁର୍ଭିକ୍ଷ ସାହାଯ୍ୟ

ଆମ୍ଭେମାନେ ଆନନ୍ଦ ସହିତ ଅବଗତ ହେଲୁ ଯେ ଏ ନଗର ଓଡ଼ିଆ ବଜାର ନିବାସୀ ସଉଦାଗର ସୟଦ ମୋକଦ୍ଦମ ଅଲି ସାହେବ ଏ ଦୁର୍ଭିକ୍ଷ ସମୟରେ ୮ଘର ମୁସଲମାନ ଅନାଥା ବିଧବାମାନଙ୍କୁ ଜଣପ୍ରତି ୩ଟଙ୍କା ଲେଖାଏଁ ମାସିକ ସାହାଯ୍ୟ ଦେଇ ସେମାନଙ୍କର ପ୍ରାଣରକ୍ଷା କରିଅଛନ୍ତି । ସୟଦ ମହାଶୟ ନିଜେ ବୁଲି ଏକ ଜଣ ଭଦ୍ରଲୋକ ସଙ୍ଗେ ସାହିମାନ ବୁଲି ଯାହାଙ୍କୁ ନିତାନ୍ତ ଯୋଗ୍ୟ ବୁଝୁଅଛନ୍ତି ସେହିମାନଙ୍କର ନାମ ଲେଖି ଦାନ କରୁଅଛନ୍ତି । ଏଠାରେ ବକ୍‌ସି ବଜାରରେ ଏକ ସ୍ଥାନରେ ପ୍ରତିଦିନ ଅନ୍ନ-

ଦାନର ବ୍ୟବସ୍ଥା କରିଅଛନ୍ତି ଯେ ମୁସଲମାନ ସ୍ତ୍ରୀ ଓ ପିଲାମାନେ ସନ୍ଧ୍ୟା ସମୟରେ ଅନ୍ନ ଓ ବ୍ୟଞ୍ଜନ ନେଇଆସି ଯେ ଯାହା ଘରେ ଖାଉଅଛନ୍ତି । ସୟଦ ସାହେବଙ୍କର ଦାନର ମହତ୍ତ୍ୱ ଏହିକି ସେ ଗୋପନରେ କାର୍ଯ୍ୟ କରୁଅଛନ୍ତି । ଏ ମହାଶୟ ଜଣେ ପ୍ରକୃତ ଦାତା ଓ ସ୍ୱଜାତିର ହିତକାରୀ । (ଉତ୍କଳ ଦୀପିକା, ୮ । ୮ । ୧୯୦୮)

ଓଡ଼ିଶାର ଲବଣ ବ୍ୟବସାୟ ସାରା ଭାରତବର୍ଷର ଦୃଷ୍ଟି ଆକର୍ଷଣ କରିଥିଲା । ଆଜକୁ ସତୁରି ବର୍ଷ ତଳେ ଓଡ଼ିଶାରେ ଲବଣ ବ୍ୟବସାୟ, ଚୌକିଦାରୀ ବ୍ୟବସ୍ଥାର ବିବରଣୀ ଏଠାରେ ଉଦ୍ଧାର କରାଗଲା 'ଉତ୍କଳ ଷ୍ଟାନେଷ୍ଟ' ସେହି ସମୟରେ ସମଗ୍ର ଭାରତବର୍ଷରେ ଚହଳ ପକାଇଥିଲା । ତାହାର ବିବରଣୀ ମଧ୍ୟ ପ୍ରଣିଧାନଯୋଗ୍ୟ ।

## ଓଡ଼ିଶାରେ ଲବଣ ବ୍ୟବସାୟ

'ବାଲେଶ୍ୱର ପଙ୍ଗାଲୁଣ' ନାମରେ ଗୋଟିଏ ପ୍ରବନ୍ଧ ଗତ ଆଶ୍ୱିନ ମାସର 'ମୁକୁର'ରେ ପ୍ରକାଶିତ ହୋଇଅଛି । ପ୍ରବନ୍ଧ ଲେଖକ ବାଲେଶ୍ୱରର ଲବଣ ବ୍ୟବସାୟର ଉନ୍ନତି ଓ ଲୋପର ଇତିହାସ ବର୍ଣ୍ଣନାକରି ଦେଖାଇଅଛନ୍ତି ଯେ ଲବଣ ପ୍ରସ୍ତୁତରେ ଉପକୂଳବାସୀ ପ୍ରଜାମାନେ ଯେମନ୍ତ ପୋଷି ହେଉଥିଲେ କଲିକତାକୁ ଲୁଣ ଚାଲାନ କରି ମହାଜନମାନେ ତେମନ୍ତ ଲାଭବାନ ହେଉଥିଲେ ଓ ଜାହାଜ ତିଆରିରେ ବଢ଼େଇ, କମାର ଇତ୍ୟାଦି ଶିଳ୍ପୀମାନେ ସୁଖରେ ଦିନପାତ କରୁଥିଲେ । ସରକାର ଲୁଣ ମାରିବା ଉଠାଇ ଦେଲେ, ବାଲେଶ୍ୱରର ଶ୍ରୀ ଉଠିଗଲା । ସ୍ଥାନୀୟ ମହାଜନମାନେ ଦୁରବସ୍ଥାକୁ ଲଭିଲେ ଏବଂ ବୁଢ଼ାବଳଙ୍ଗ ନଦୀର ଜାହାଜ ସବୁ ଉଠିଗଲା । ଏବେ ଦୁର୍ବଳ ବନ୍ଦୀ ପ୍ରଜାମାନେ ଦିବେଳେ ଖାଇ ବେଳେ ଉପାସ ରହୁଅଛନ୍ତି ଏବଂ ବିଦେଶୀ ମହାଜନ ବାଣିଜ୍ୟ କ୍ଷେତ୍ରକୁ ମାଡ଼ିବସି ଅଛନ୍ତି । ଏହି ପ୍ରବନ୍ଧର ମନ୍ତବ୍ୟରେ ସମ୍ପାଦକ ଯଥାର୍ଥ କହୁଅଛନ୍ତି, ଲୁଣ ପ୍ରସ୍ତୁତ କରିବା ସରକାର ଉଠାଇଦେବାରେ ବାଲେଶ୍ୱର ପରି ସମସ୍ତ ଅଲୁଣ ଓଡ଼ିଶାର ଦୁରବସ୍ଥା ଘଟିଅଛି । "ସମୁଦ୍ର ଜଳ ଲକ୍ଷ ଲକ୍ଷ ଦରିଦ୍ର ଓଡ଼ିଆଙ୍କର ଉଦର (ଏକବେଳ ପାଇଁ ହେଲେହେଁ କଷ୍ଟ ନାହିଁ) ପୂର୍ଣ୍ଣ କରିବ । ପ୍ରକୃତିଦତ୍ତ ଜଳରୁ କାହିଁକି ଉତ୍କଳବାସୀମାନେ ବଞ୍ଚିତ ହେବେ ?" ବାସ୍ତବରେ ଏ ପ୍ରଶ୍ନର ସଦୁତ୍ତର ନାହିଁ; ମାତ୍ର ବଡ଼ ଦୁଃଖର ବିଷୟ ଯେ ସରକାର ପ୍ରଜାଙ୍କର ରକ୍ଷାରକ୍ଷଣ ଏବଂ ଅବସ୍ଥା ସଂଶୋଧନ ସକାଶେ ସର୍ବଦା ନାନାପ୍ରକାର ଚେଷ୍ଟା କରୁଥିଲେହେଁ ଉତ୍କଳବାସୀ ପ୍ରଜାବର୍ଗଙ୍କର ଜୀବିକା ନିର୍ବାହର ପ୍ରଧାନ ବାଟ ବନ୍ଦକରି କି ଅନିଷ୍ଟ କରିଅଛନ୍ତି, ତାହା ଦେଖୁନାହାନ୍ତି । ପାରିକୁଦର ରଜା ଏକା ଲୁଣ ପୋକ୍ତାନ ବନ୍ଦହେବା ହେତୁ ରାଜ୍ୟ ସମ୍ଭାଳି ନପାରି ସରକାରଙ୍କ ହାତରେ ବୁଢ଼ାବୁଢ଼ୀର ଭାର ସମର୍ପଣ କଲେ । ସରକାର ନିଜହାତରେ ଭାର ନେଇ ସୁଦ୍ଧା ଅଦ୍ୟାବଧି ପ୍ରକୃତ ଉପାୟ ଗ୍ରହଣ ଅନ୍ୟଆଡ଼େ ଧନ୍ଦି ହେଉଅଛନ୍ତି । ଲୁଣ ପୋକ୍ତାନ ଥିଲେ ଆଜି ସେଠାରେ ଦୁର୍ଭିକ୍ଷ ସାହାଯ୍ୟ ଦେବାର ଆବଶ୍ୟକ ହୋଇନଥାନ୍ତା । ଯେ କୌଣସି କାରଣରୁ ସରକାର ଏ ବିଷୟରେ ଉଦାସୀନ ହେଲେହେଁ ଆମ୍ଭମାନଙ୍କର ନୀରବ ରହିବା ଉଚିତ ନୁହେ । ଅତଏବ ସହଯୋଗୀଙ୍କ ସହିତ ଆମ୍ଭେ-

ମାନେ ଓଡ଼ିଶାର ନେତା ଓ ସଭା ସମିତିକୁ ଲୁଣ ପୋକ୍ତାନର ସୁବିଧା ପ୍ରଦାନ ନିମନ୍ତେ ପୁନଃ ପୁନଃ ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇବା କାରଣ ଅନୁରୋଧ କରୁଅଛୁ । ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନର କାର୍ଯ୍ୟାବଳୀ ମଧ୍ୟରେ ଏହା ଗୋଟିଏ ପ୍ରଧାନ ପ୍ରସ୍ତାବ ହେବା ଉଚିତ । ଭରସାକରୁଁ ଏଥିପ୍ରତି ସମସ୍ତ ଉତ୍କଳବାସୀଙ୍କର ମନ ଆକୃଷ୍ଟ ହେବ ।

( ଉତ୍କଳ ଦୀପିକା, ୧ । ୨ । ୧୯୦୮ )

## ଉତ୍କଳ ଟାନେରୀ ବା ଚମ କାରଖାନା

ଅନେକ ଲୋକ ଜାଣନ୍ତି ଯେ ସୁପରିଚିତ ଶ୍ରୀଯୁକ୍ତ ମଧୁସୂଦନ ସି. ଆଇ: ଇ, ଏ, ନଗର ସ୍ୱହଳସ୍ୱାଗଞ୍ଜରେ ପ୍ରାୟ ୨୫ ବର୍ଷ ହେଲା 'ଉତ୍କଳ ଟାନେରୀ' ନାମରେ ଗୋଟିଏ ଚମଡ଼ା କାରଖାନା ଫିଟାଇ ଅଛନ୍ତି ଓ ସେଠାରେ ପ୍ରସ୍ତୁତ ହୋଇଥିବା ଚମର ନମୁନା ଉତ୍କଳ ସମ୍ମିଳନୀର ବାଲେଶ୍ୱର ଓ ଗଞ୍ଜାମ ଅଧିବେଶନରେ ଉପସ୍ଥିତ ଥିବା ଲୋକମାନେ ଦେଖି ଆନନ୍ଦ ଓ ଆଶ୍ଚର୍ଯ୍ୟ ହୋଇଥାନ୍ତି । ଦାସ ମହାଶୟ ଏହି କାରଖାନାକୁ ସଫଳ କରିବା କାରଣ ଅନେକ ପରିଶ୍ରମ, ସମୟ ଓ ଅର୍ଥ ବ୍ୟୟ କରିଅଛନ୍ତି । ଏହି କାରଖାନାର ଚମର ନମୁନା କଲିକତାର ବ୍ୟବସାୟୀମାନେ ଦେଖି ପ୍ରଶଂସା କରିଅଛନ୍ତି ଏବଂ ଅଧିକ ପରିମାଣରେ ଯୋଗାଇଲେ ଖରିଦ କରିବାକୁ ପ୍ରସ୍ତୁତ ଅଛନ୍ତି । ବଙ୍ଗ ଗଭର୍ଣ୍ଣମେଣ୍ଟ ମଧ୍ୟ ନମୁନା ଦେଖି ପୁଲିଶ ବିଭାଗର ଯୋତା କମରବନ୍ଧ ଇତ୍ୟାଦି ଖରିଦ କରିବାର ଆଗ୍ରହ ପ୍ରକାଶ କରିଅଛନ୍ତି । ମାତ୍ର ବିସ୍ତାର ପରିମାଣରେ କାର୍ଯ୍ୟ କରିବା ଦକାଶେ ଅନେକ ମୂଳଧନ ଦରକାର । ପ୍ରତିଦିନ ଅନ୍ତତଃ ୫୦।୬୦ ଗୋଟା ଚମ ଯୋଗାଇ ନପାରିଲେ କାରଖାନା ଲାଭଜନକ ରୂପେ ଚାଲି ପାରିବ ନାହିଁ ଏବଂ ଭିନ୍ନ ଭିନ୍ନ ମସଲା ଓ ପ୍ରକ୍ରିୟା ଯୋଗେ ଖଣ୍ଡେ ଚମ କାର୍ଯ୍ୟୋପଯୋଗୀ ହେବା ନିମନ୍ତେ ୩ ମାସ ଦରକାର । ଅତଏବ ତିନିମାସର ଚମଡ଼ା ସର୍ବଦା କାରଖାନାରେ ପଡ଼ିରହିବ ଓ ସେଥିରେ ପ୍ରାୟ ୫୨୦୦୦୦ ପଡ଼ି ରହିବ । ଏପରି କର୍ମଚାରୀଙ୍କର ବେତନ, ମସଲାର ମୂଲ୍ୟ ଓ କ୍ରମାଗତ ଚମ ଆମଦାନି କାରଖାନାର ଅନେକ ବ୍ୟୟ ଅଛି । ସର୍ବସୁଦ୍ଧା ୨ ଲକ୍ଷ ବା ଅନ୍ତତଃ ୧୯. ଲକ୍ଷ ଟଙ୍କା ମୂଳଧନ ନହେଲେ ଏ କାରଖାନା ଚାଲିନପାରେ । ଦାସ ମହାଶୟ ଏକାକୀ ଏତେ ଟଙ୍କା ଯୋଗାଇ ପାରିବା ଓ ଉତ୍କଳରେ ଏତେ ମୂଳଧନର ଆଶା ନ ଦେଖି କଲିକତାର କେତେ କେତେ ବନ୍ଧୁଙ୍କ ନିକଟରେ ପ୍ରକାଶ କରିବାରୁ ସେମାନେ ଗୋଟିଏ ଟାନେରୀ ସ୍ଥାପନ ନିମନ୍ତେ କମ୍ପାନୀ କରିଅଛନ୍ତି ଏବଂ ଏ ନଗରର ଟାନେରୀକୁ କିଣିନେଇ ତହିଁର ଅନ୍ତର୍ଗତ କରିବାର ପ୍ରସ୍ତାବ କରିଅଛନ୍ତି । ଜଣେ ଓଡ଼ିଶାବାସୀ ଦ୍ୱାରା ଓଡ଼ିଶାରେ ସଫଳହେବା କାରଖାନାଟି ଫଳ ଯଯବ କରିବା ବେଳେ ଉପଯୁକ୍ତ ଯତ୍ନ ଅଭାବରେ ଅନ୍ୟ ସ୍ଥାନର ଲୋକଙ୍କ ହାତକୁ ବାହାରିଯିବା ବଡ଼ ନିନ୍ଦା, ଖେଦ ଓ ଲଜ୍ଜାର ବିଷୟ ହେବ । ଏହା ଜାଣି କନିକା ଓ ନୀଳଗିରିର ରାଜାଙ୍କ ସହିତ ବାବୁ ଗୋବିନ୍ଦଚନ୍ଦ୍ର, ପୃଷ୍ଟି ପ୍ରଭୃତି ଏ ନଗରବାସୀ ୧୨ ଜଣ ଉତ୍ସାହୀ ଭଦ୍ରଲୋକ ମିଶି ଖଣ୍ଡିଏ ନିବେଦନପତ୍ର ପ୍ରସ୍ତୁତ କରିଅଛନ୍ତି ଓ ତହିଁରେ ସମସ୍ତ କଥା ବିସ୍ତାରିତ ରୂପେ ଲେଖିଅଛନ୍ତି । ସେଥିରେ ସାରକଥା ଏହିକି ଏହି କମ୍ପାନୀର ମୂଳଧନ ୨ ଲକ୍ଷ ଟଙ୍କା ଓ ଛୋଟ ବଡ଼ ସମସ୍ତେ ଅଂଶ ହୋଇ ପାରିବେ ।

ଏଥିପାଇଁ ପ୍ରତି ଅଂଶର ମୂଲ୍ୟ ୫୦ଟଙ୍କା ଧାର୍ଯ୍ୟ ହୋଇ ମୂଳଧନ ୨୦୦୦୦ ଅଂଶରେ ବିଭକ୍ତ ହୋଇଅଛି । ଅଂଶର ସମସ୍ତ ଟଙ୍କା ଏକାଥରକେ ନୁହେଁ ମାତ୍ର କ୍ରମେ କ୍ରମେ ୬ମାସରେ କିସ୍ତିବନ୍ଦି ମତେ ଦେବାକୁ ହେବ । ଆପାତତଃ ୧୫୦୦୦ ଅଂଶର ଖରିଦ-ଦାରଙ୍କ ଠାରୁ ଜବାବ ପାଇଲେ ଆବେଦନକାରୀମାନେ ଏଥିରେ ପ୍ରବୃତ୍ତହୋଇ ଅନୁଷ୍ଠାନ ପଶ୍ଚାଦ ପ୍ରସ୍ତୁତ କରିବେ । ଏଥିପାଇଁ ସେମାନେ ନିବେଦନପତ୍ର ସଙ୍ଗେ ଖଣ୍ଡିଏ ଖଣ୍ଡିଏ ଫାରମ ପ୍ରସ୍ତୁତ କରିଅଛନ୍ତି କି ଯେଉଁମାନେ ଅଂଶ ମାଗିନେବାକୁ ଇଚ୍ଛା କରିବେ ସେମାନେ ତହିଁରେ ନାମ, ଧାମ ଓ ଅଂଶର ସଂଖ୍ୟା ଲେଖି "ବାବୁ ଗୋପାଳଚନ୍ଦ୍ର ପ୍ରହରାଜ, ଓକିଲ, କଟକ" ଏହି ଠିକଣାରେ ଶୀଘ୍ର ଅର୍ଥାତ୍ ୧୫ ଦିନ ମଧ୍ୟରେ ପଠାଇ ଦେବେ । ବୋଲିବା ବାହୁଲ୍ୟ ଯେ ଆଶାନୁରୂପ ଅଂଶୀ ନପାଇଲେ ଉଦ୍ୟମକାରୀମାନେ ନିରସ୍ତ ରହିବେ ଏବଂ ଉତ୍କଳ ଗୋଟିଏ ଲାଭଜନକ ବ୍ୟବସାୟରୁ ବଂଚିତ ହେବ ଓ ମୁହଁର ଗ୍ରାସ ଅନ୍ୟଲୋକ କାଢ଼ିନେବେ । ବର୍ତ୍ତମାନ କାରଖାନାଙ୍କର କାର୍ଯ୍ୟ ଚାଲୁଥିବାର କଳ ସରଞ୍ଜାମ ଉପକରଣ ଯାହାକିଛି ଅଛି ଭଲଲୋକ ବସି ତହିଁର ଯେ ମୂଲ୍ୟ ଧାର୍ଯ୍ୟ କରିବେ ସେହି ମୂଲ୍ୟରେ ଦାସ ମହାଶୟ ସେ ସମସ୍ତ କମ୍ପାନୀଙ୍କୁ ଦେବେ ଓ ନଗଦ ଟଙ୍କା ନନେଇ ସେତିକି ଟଙ୍କାର ଅଂଶୀ ହେବେ । ଏହା ସାମାନ୍ୟ ସୁବିଧା ନୁହେଁ ଏବଂ ଏଥିରୁ ପାଠକମାନେ ବୁଝିବେ ଯେ ଏହି କାରଖାନା ସହିତ ସେ ସମ୍ପର୍କ ଛାଡ଼ୁନାହାନ୍ତି କିମ୍ବା ଯେ କ୍ଷତି ସେ ସହି ଅଛନ୍ତି ତହିଁରେ ଭାଗୀ ଅନ୍ୟଙ୍କୁ କରୁନାହାନ୍ତି । ଆମ୍ଭେମାନେ ଏକାନ୍ତ ଆଶାକରୁଁ କି ଉତ୍କଳବାସୀମାନେ ଏହି ନିବେଦନର ଉତ୍ତର ଅବିଲମ୍ବେ ପ୍ରଦାନକରି ଆପଣା ଆପଣାର ସ୍ୱାର୍ଥ ଏବଂ ଦେଶର ସମ୍ମାନ ରକ୍ଷା କରିବେ । ଯେବେ ଏତେ ଉଦ୍‌ଯୋଗ ଉତ୍ତାରୁ ଗ୍ରାହକ ଅଭାବରେ ଏ କଳ୍ପନା ବ୍ୟର୍ଥ ହେବ, ତେବେ ଜଣାଯିବ ଯେ ଆମ୍ଭମାନଙ୍କର କେବଳ ଚିତ୍କାର ସାର, କାର୍ଯ୍ୟବେଳେ କିଛି ନାହିଁ । ଗଡ଼ଜାତ ଓ ମୁଗଲ-ବନ୍ଦୀ ମିଶି ସମସ୍ତ ଉତ୍କଳର ରାଜାଠାରୁ ପ୍ରଜା ପର୍ଯ୍ୟନ୍ତ ଯେବେ ଏକ ଯୋଗରେ ଗୋଟାଏ କମ୍ପାନୀ ସ୍ଥାପନ କରି ନପାରିବେ ତେବେ ସାମାନ୍ୟ କଳଙ୍କ ହେବନାହିଁ ।

( ଉତ୍କଳ ଦୀପିକା, ୨୯ । ୨ । ୧୯୦୮ )

## ଓଡ଼ିଶାରେ ଚୌକିଦାରୀ ଟିକସ

ଯେଉଁ ଲୋକମାନେ ଦେଶର ରାଜନୈତିକ ଆନ୍ଦୋଳନର ବିନ୍ଦୁ ବିସର୍ଗ ନବୁଝି ଶାଗଭାତ ଖାଇ ନିଜ ନିଜ ସୁଖଦୁଃଖରେ ପଡ଼ିଅଛନ୍ତି ସେମାନଙ୍କ ହୃଦୟରେ ଯେବେ କେହି ରାଜାଙ୍କ ପ୍ରତି ଅଭକ୍ତି ଜନ୍ମାଇବାର ଉପାୟ ଖୋଜି ବୁଲୁଥା'ନ୍ତି ତାହାହେଲେ ସେ 'ଚୂନ ଟିକସ' ବସାଇବା ଅପେକ୍ଷା ଭଲ ଉପାୟ ଖୋଜି ପାଇବେ ବୋଲି ବୋଧ ହେଉ-ନାହିଁ । ଆଜି ଚାରିଆଡ଼େ ଅନ୍ନ ବିନା ହାହାକାର । ଲୋକେ ଖାଇବାକୁ ନପାଇ ଗାଈ, ଗୋରୁ, କଂସାବାସନ, ଏପରିକି ସ୍ତ୍ରୀମାନେ ହାତରୁ ଖଡ଼ୁ ପର୍ଯ୍ୟନ୍ତ ବିକୁଅଛନ୍ତି । କେତ କହୁ କାହାର ପ୍ରାଣ ବାହାରି ଯାଉଛି କିଏ ଅବା ପେଟକଷ୍ଟ ସହି ନପାରି ଆତ୍ମଘାତୀ ହେଉଅଛି । ଏପରି ସମୟରେ ଦ୍ୱାରେ ଦ୍ୱାରେ ନାଗରବାଜ 'ଚୂନ ଟିକସ' ଅସୁଲ

ଲାଗିଛୁ । କାରଣ ଟିକସ ଅସୁଲ ହେଲେ ଚୌକିଦାର ଦରମା ପାଇବ । ଦରମା ପାଇଲେ ରାତିରେ ପହରା ଦେବ । ପହରା ଦେଲେ ଲୋକେ ଚୋର ଖଣ୍ଟଙ୍କ ହାତରୁ ରକ୍ଷା ପାଇବେ । ଏଣୁ ଦେଶ ଯାଉଥାଉ ପଛକେ ଟିକସଟା ଅସୁଲ ହେବା ଉଚିତ । ମାତ୍ର ଚୌକିଦାର କଣ କରିବ ? କେତେଗୁଡ଼ାଏ ଚୌକିଦାର ଅଛନ୍ତି ଯାହାଙ୍କର କୁଟୁମ୍ବ ଆଜିକାଲି ସମୟର ୪ ଟଙ୍କା ଦରମାକୁ ବଳେଇ ପଡୁଛି, ସୁତରାଂ ହାତଗୁଡ଼ିକ 'ଦରେସ' ତଳେ ତାଙ୍କ ବୁଲୁଅଛନ୍ତି । ଏଥିରେ କାହା ବାଡ଼ିରୁ ଯେବେ କଦଳୀ କାନ୍ଦିଏ, ଆମ୍ବ ଗୋଟାଏ, କଖାରୁଟାଏ ଚୋରିଯାଏ ତହିଁରେ ଆଶ୍ଚର୍ଯ୍ୟ କଣ ? × × × ଏହିସବୁ କାରଣରୁ ନିତାନ୍ତ ପକ୍ଷରେ ଯେବେ ଏହି ଦୁର୍ଭିକ୍ଷ ସମୟରେ କେହି ସେମାନଙ୍କ ବାକିର କରଦେଇ ଟିକସ ଅସୁଲ ବନ୍ଦ କରିଦିଅନ୍ତି, ତାହାହେଲେ ଲୋକେ ଦୁଇହାତ ଟେକି ଆଶୀର୍ବାଦ କରନ୍ତେ ସରକାର ବାହାଦୂରଙ୍କୁ ଧନ୍ୟ ଧନ୍ୟ କରନ୍ତେ ହୁଏତ ରାଜଲପା ଜାଣିଥିଲେ କହନ୍ତେ "There is much kindness in the Jew" ଚୌକିଦାରକୁ ସାଧାରଣ ଲୋକେ କପଟ ଭାବରେ ଦେଖନ୍ତି ତାହାର ଗୋଟିଏ ନିଦର୍ଶନ ତଳେ ଦେଲୁ ।

ଗୋଟିଏ ଗାଁରେ ପୁରୁଣା ଚୌକିଦାର ମରିଯିବାରୁ ତାହା ଜାଗାରେ ଆଉ ଜଣେ ନିହବାର ଥାଏ । ଗାଁ ଲୋକମାନଙ୍କ ମଧ୍ୟରେ ସେଥି ପାଇଁ ବିବାଦ ହେବାରୁ ଜଣେ କେହି ଜାଲଭେଦ କାଳିକଜିଆ ଛିଣ୍ଡି ଦେବାକୁ ସେମାନଙ୍କୁ ଡକାଇ ଆଣିଥିଲା । ଯେଉଁମାନେ ଆସିଥିଲେ ସେମାନଙ୍କ ମଧ୍ୟରେ ୭୦ ବର୍ଷିୟ ଜଣେ ବୁଢ଼ା ଥିଲା । ତାକୁ କେହି ପଚାରିଲା—"କି ବୁଢ଼ା, କୁଆଡ଼େ ଆସିଚ ?" ସେ ଉତ୍ତର ଦେଲା "ଘର ଦୁଆରରୁ ଯେ କବାଟ କାଢ଼ିବ ତାହାର ପାଇଁ କଜିଆ କରି ଏଠିକି ଆସିଚୁଁ ।"

ଅନ୍ତର ଯେଉଁ ଶାସନକର୍ତ୍ତାମାନେ ସିମିଲା ଦାର୍ଜିଲିଙ୍ଗରେ ବସି ସୁଦୂରବର୍ତ୍ତୀ ପଲ୍ଲୀଗ୍ରାମର ସମ୍ବାଦ ଜାଣିବା ପ୍ରକାଶ ଗ୍ରାମ୍ୟ ଚୌକିଦାରକୁ ପୋଷଣ କରୁଅଛନ୍ତି ଏବଂ ତଦ୍ଦ୍ୱାରା ଶାନ୍ତିପ୍ରଧାନ ବ୍ରିଟିଶ ରାଜ୍ୟରେ ଆମ୍ଭମାନଙ୍କୁ ଶାନ୍ତିର ଚରମ ସୀମାରେ ନେଇ ଥୋଇଦେଲେ ବୋଲି ନିଜକୁ କୃତକୃତ୍ୟ ମନେ କରୁଅଛନ୍ତି ସେମାନଙ୍କୁ ସେହି ଅଶିକ୍ଷିତ ବୃଦ୍ଧ ଲୋକଟିର ଉତ୍ତରକୁ ଉପହାର ଦେଉଅଛୁ । (ଉତ୍କଳ ଦୀପିକା ୧୧।୪।୧୯୦୮)

□□□

# ଓଡ଼ିଶାରେ ରେଲୱେ ନିର୍ମାଣପାଇଁ ପ୍ରସ୍ତାବ

ଆଧୁନିକ ସମାଜ ବୈଜ୍ଞାନିକ ଏବଂ ବୈଷୟିକ ଅଗ୍ରଗତି ଉପରେ ନିର୍ଭର କରିଅଛି । ବୈଜ୍ଞାନିକ ଅଗ୍ରଗତିର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ସମ୍ପୃକ୍ତ ଯାନବାହନର ପ୍ରଚଳନ ଏବଂ ଯାତାୟାତର ସୁଗମତା । ଏହା ନିଶ୍ଚିତଭାବରେ ସ୍ୱୀକାର୍ଯ୍ୟ ଯେ ରେଲୱେ ଦେଶ ଦେଶ ମଧ୍ୟରେ ଆଧୁନିକ ଶିଳ୍ପ, ବାଣିଜ୍ୟ ବ୍ୟବସାୟ ତଥା ସାଂସ୍କୃତିକ ସଂପ୍ରସାରଣର ଏକ ପ୍ରଧାନ ଉପାଦାନ । ବିଗତ ଶତାବ୍ଦୀର ଶେଷପାଦରେ ବିଳମ୍ବରେ ଓଡ଼ିଶାରେ ରେଲରାସ୍ତା ନିର୍ମାଣ ପାଇଁ ଇଂରେଜ ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ; କିନ୍ତୁ ସରକାରଙ୍କର ଏହି ନିଷ୍ପତ୍ତି ମୂଳରେ ଓଡ଼ିଶାର ଜନସାଧାରଣଙ୍କ ପକ୍ଷରୁ ରେଲୱେ ନିର୍ମାଣ ପାଇଁ ଅନେକ ଆବେଦନ ପତ୍ର ଆନ୍ଦୋଳନହିଁ ନିହିତଥିଲା । ଓଡ଼ିଶାରେ ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷର ବିଭିନ୍ନ କାରଣ ମଧ୍ୟରେ ଓଡ଼ିଶାର ଗମନାଗମନ ପଥର ଅଭାବ ଅନ୍ୟତମ କାରଣ ବୋଲି କୁହାଯାଇଥିଲା । ସମଗ୍ର ଓଡ଼ିଶା ପ୍ରଦେଶ ଭୌଗୋଳିକ ଦୃଷ୍ଟିରେ ଭାରତର ଅନ୍ୟାନ୍ୟ ଅଞ୍ଚଳରୁ ବିଚ୍ଛିନ୍ନ ହୋଇ ରହିଥିଲା । ଓଡ଼ିଶା ଏବଂ କଲିକତା ମଧ୍ୟରେ ଏକମାତ୍ର ପଥ ବହୁ ନଦୀଦ୍ୱାରା ବିଭକ୍ତ ହୋଇ ଥିଲା । ସେହି ରାସ୍ତା ପୁଣି ସେତେ ସୁଗମ ନଥିଲା । ତେଣୁ କୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବାହାରୁ ଓଡ଼ିଶାକୁ ତୁରନ୍ତ ସାହାଯ୍ୟ ପ୍ରେରଣକରିବା ସହଜ ନଥିଲା । ଦୁର୍ଭିକ୍ଷ କମିସନଙ୍କର ମନ୍ତବ୍ୟ ଏଠାରେ ଉଲ୍ଲେଖଯୋଗ୍ୟ ।

"At this day the European officer who cannot obtain a special steamer must find his way into the Orissa, slowly and tediously. as ancient officers may have travelled in the days of Asoka and the very post takes several days between Calcutta and Cuttack" ସାର୍ ଜର୍ଜ କ୍ୟାମ୍ପବେଲଙ୍କ (Sir George Campbell ) ଅଧ୍ୟକ୍ଷତାରେ ଗଠିତ ଦୁର୍ଭିକ୍ଷ କମିସନ ଦୁର୍ଭିକ୍ଷ ନିରାକରଣ ଉଦ୍ଦେଶ୍ୟରେ ଯେଉଁ ସବୁ ପ୍ରସ୍ତାବ ଦେଇଥିଲେ, ସେଥି ମଧ୍ୟରେ ଓଡ଼ିଶାରେ ରେଲରାସ୍ତା ନିର୍ମାଣ ପ୍ରସ୍ତାବ ସୂଚିତ ହୋଇଥିଲା ।

( Dwelt much on the necessity of efficient means of communication as the best means of prevention. )

ତଥାପି ସେହି ଯୁଗରେ ଓଡ଼ିଶାରେ ସମ୍ବାଦପତ୍ର ମାଧ୍ୟମରେ ଓଡ଼ିଶାର ଜନ-ସାଧାରଣଙ୍କ ପକ୍ଷରୁ ରେଲରାସ୍ତା ନିର୍ମାଣ ଉଦ୍ଦେଶ୍ୟରେ ଆନ୍ଦୋଳନ ଆରମ୍ଭ ହୋଇଥିବାର

ଜଣାଯାଏ । ଏହି ପ୍ରସଙ୍ଗରେ ଜନସାଧାରଣଙ୍କ ଅଭାବ ଅଭିଯୋଗର ସୂଚନା ନିମ୍ନରେ ଉଦ୍ଧୃତ ସମ୍ବାଦ ସମୂହରୁ ଅନୁମାନ କରାଯାଇପାରେ । ୧୮୯୮ ମସିହାରେ ଓଡ଼ିଶାରେ ରେଲ୍‌ଲାଇନ ନିର୍ମିତ ହେବାପରେ ବଙ୍ଗଳାର ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ସାର୍ ଚାର୍ଲସ ଇଲିଏଟ୍ ( Sir Charles Elliott ) ତଦାନୀନ୍ତନ ଓଡ଼ିଶାର ଜନନାୟକ ମଧୁସୂଦନ ଦାସଙ୍କୁ ଏକପତ୍ର ଲେଖି ଜଣାଇଥିଲେ । ବହୁଦିନଧରି ଓଡ଼ିଶା ପଛରେ ପଡ଼ିରହିଛି । ଯାହା ସହିତ କାହାର ସଂପର୍କ ନାହିଁ ଏବଂ ଯାହା ସଂପର୍କରେ ଖୁବ୍ କମ୍ ବାହାରକୁ ଜଣାଯାଏ । ମୋର ଆଶା ଓଡ଼ିଶାରେ ଇଷ୍ଟକୋଷ୍ଟ ରେଲ୍‌ୱେ ନିର୍ମାଣ ପରେ ଏହା ବହିର୍ଜଗତ ସହିତ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ ହୋଇପାରିବ ।"

("'Orissa has long been a back water into which no fresh stream entered of which too little was known and I would hope that the opening of the East Coast Railway will do much ta bring it more into contact with the world.)"

ଓଡ଼ିଶାରେ ରେଲ ବାଟ ଶୀଘ୍ର ନିର୍ମାଣ ନିମିତ୍ତ ଗଭର୍ଣ୍ଣମେଣ୍ଟଙ୍କୁ ପୁନର୍ବାର ଆବେଦନ କରିବା ନିମିତ୍ତ ଆଗାମୀ କାଲି ସନ୍ଧ୍ୟା ୭ ଘଣ୍ଟା ସମୟରେ ଉତ୍କଳ ସଭାର ଗୋଟିଏ ଅଧିବେଶନ ହେବ । ପୁନର୍ବାର ଆବେଦନ କରିବାର ପ୍ରୟୋଜନ ଏହିକି ଯେ ଓଡ଼ିଶା ଅର୍ଥାତ୍ ପୁରୀ କଟକ ବନାରସ ରେଲ ବାଟର ଜରିପ କାର୍ଯ୍ୟ ଅନେକ ଦିନରୁ ଶେଷ ହୋଇଅଛି । କେବଳ କାର୍ଯ୍ୟାରମ୍ଭ ହେବାର ବିଳମ୍ବ । ଏଥିରୁ ଅନ୍ୟାନ୍ୟ ରେଲ୍-ପ୍ରତି ଗଭର୍ଣ୍ଣମେଣ୍ଟଙ୍କର ଶୁଭଦୃଷ୍ଟି ପଡ଼ୁଥିବା ସ୍ଥଳେ ଏଥି ଆବଶ୍ୟକୀୟ ରେଲ୍ କେବଳ ପଛକୁ ପଡ଼ିଯାଉଅଛି । ଆମ୍ଭମାନଙ୍କ ଅଭାବ ପୁନଃ ପୁନଃ ନ ଜଣାଇଲେ କର୍ତ୍ତୃପକ୍ଷଙ୍କ ନିଦ୍ରାଭଙ୍ଗ ହେବନାହିଁ । ଅତଏବ ଆଶାକରୁକି ଓଡ଼ିଶାର ସକଳ ସଭାସମିତି ଏ ବିଷୟରେ ତତ୍ପର ହେବେ ।

( ଉତ୍କଳ ଦୀପିକା, ୨୩ । ୧୨, ତା ୨୪ । ୩ ।୧୮୮୮ ପୃଷ୍ଠା ୮୯ )

ଗତ ରବିବାର ଏଠା ଉତ୍କଳ-ସଭାର ଯେଉଁ ଅଧିବେଶନ ହୋଇଥିଲା, ତହିଁରେ ସହକାରୀ ସଭାପତି ବାବୁ ମଧୁସୂଦନ ଦାସ ପ୍ରକାଶକଲେ କି ପୁରୀ କଟକ ବନାରସ ରେଲବାଟ ହୋର୍ ମିଲର କମ୍ପାନୀ ନିର୍ମାଣକରିବା ଓ ଚଳାଇବାର ଭାର ନେଇଅଛନ୍ତି । ବଙ୍ଗଳା ନାଗପୁର ରେଲ୍‌ବାଟ ମଧ୍ୟ ଏହି କମ୍ପାନୀ କରୁଅଛନ୍ତି । ସେ କାର୍ଯ୍ୟ ଶେଷ କରି ଉଠାରୁ ଏ ରେଲ ବାଟରେ ହାତଦେବା ଉକ୍ତ କମ୍ପାନୀର ଇଚ୍ଛା । ଏପରି ହେଲେ ଓଡ଼ିଶା ରେଲବାଟ ବହୁତ ଦିନ ପଛକୁ ପଡ଼ିଯିବ, କିନ୍ତୁ ଏ ବାଟ ଅତିଶୀଘ୍ର ନ କଲେ ଗଭର୍ଣ୍ଣମେଣ୍ଟ ଏହାଙ୍କୁ ନଦେଇ ଅନ୍ୟ କମ୍ପାନୀଙ୍କୁ ଦେବାର ଇଚ୍ଛା ପ୍ରକାଶ କଲେ ଅଗତ୍ୟା ସେମାନେ ଶୀଘ୍ର କାର୍ଯ୍ୟାରମ୍ଭ କରିବେ । ବଙ୍ଗଳା ନାଗପୁର ରେଲ ଆଗେ ହେଲେ ଓଡ଼ିଶା ରେଲବାଟ ନିର୍ମାଣ କରିବାର ଅଧିକ ସୁବିଧା ହେବ । ଏ ବିଷୟର ଯୁକ୍ତିସିଦ୍ଧ ନୁହଇ ବରଂ ଜାହାଜବାଟେ ରେଲର ଉପକରଣମାନ ଫଲସାଦ୍ୱାରେ ପହଞ୍ଚାଇ ଆଣି ସେହିଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଅଧିକ ସୁବିଧାର କଥା ଏବଂ କଟକରୁ ପୁରୀକୁ ଯିବାର

ଯେ ସ୍ଥଳେ ଯାତ୍ରୀଙ୍କର ଅନ୍ୟ ଉପାୟ ନାହିଁ, ସେ ସ୍ଥଳେ ଏ ରେଲ ହେବା ଯାଙ୍ଗେ ଯାଙ୍ଗେ କମ୍ପାନୀର ଆୟ ହେବ ଏବଂ କଟକରୁ ସମୁଦ୍ର ଓ ଜଳବାଟେ ରେଳର ଉପକରଣମାନ ଅଣାଇବାର ସମ୍ପୂର୍ଣ୍ଣ ସୁବିଧା ଅଛି । ସୁତରାଂ ରେଲବାଟ ନିର୍ମାଣ ପକ୍ଷରେ କିଛି ଅସୁବିଧା ନାହିଁ । ଏହାକୁ ବିବେଚନାରେ ରେଲବାଟ ଶୀଘ୍ର ନିର୍ମାଣ କାରଣ ଗଭର୍ଣ୍ଣମେଣ୍ଟକୁ ଆବେଦନ କରିବା ସକାଶେ ସଭା ଧାର୍ଯ୍ୟ କରି ଅଛନ୍ତି ।

( ଉତ୍କଳ ଦୀପିକା, ୨୩ । ୧୩, ତା ୩୧ । ୩ । ୧୮୮୮ ପୃଷ୍ଠା ୯୮ )

ପୁନଶ୍ଚ ସେହି ଉତ୍କଳଦୀପିକାରେ ( ୨୩ । ୩୧; ୪ । ୮ । ୧୮୮୮ ପୃ ୨୪୩ ) ଓଡ଼ିଶାରେ ରେଲମାର୍ଗ ନିର୍ମାଣ ସମ୍ପର୍କରେ ଦେଶାନ୍ତର ସରକାରଙ୍କ ସହିତ ଜନସାଧାରଣଙ୍କ ପକ୍ଷରୁ ବରାବର ପତ୍ରାଳାପ ଚାଲିଥିଲା । ତାହାର କେତେକାଂଶ ଏଠାରେ ଉଦ୍ଧାର କରାଗଲା ।

“ଓଡ଼ିଶା ରେଲବାଟ, ବନାରସ ପୁରୀ ରେଲବାଟ ଅଥବା ତହିଁର ଯେଉଁ ଅଂଶ କଟକ ପୁରୀ ମଧ୍ୟରେ ଅଛି, ସେହି ଅଂଶ ଶୀଘ୍ର ନିର୍ମାଣହେବା ବିଷୟରେ ଉତ୍କଳ ସଭା ଗଭର୍ଣ୍ଣମେଣ୍ଟକୁ ଯେଉଁ ଆବେଦନ ପତ୍ର ପଠାଇଥିଲେ ତହିଁରୁ ତଲଲିଖିତ ଉତ୍ତର ଇଣ୍ଡିଆ ଗଭର୍ଣ୍ଣମେଣ୍ଟରୁ ଆସିଥିବାରୁ ସର୍ବସାଧାରଣଙ୍କ ଜାଣିବା ସକାଶେ ଏଥିରେ ପ୍ରକାଶିତ ହେଲା । ଯଥା—

No. 668 R. O.
Government of India
Public Works Department
Railways Construction

To

Babu M. S. Das
Vice President, Orissa Association, Cuttack.
Simla, the 29th June 1888.

Sir,

I am directed to acknowledge the receipt of the memorial, dated the 14th May 1888, addressed to his honour the Lieutenant Governor of Bengal by the Orissa Association, praying for the reasons, there in set forth, that speedy measures may be adopted for the construction of the Banaras Pooree Railways and asking that, if the whole project cannot be undertaking atonce, that the portion of it which lies between Cuttack and Pooree may be taken in hand.

2. In reply I am to say that the Government of India fully recognises the importance of Railway Communications in Orissa and will be glad to entertain favourably any scheme for its development which may be put forward by enterprise.

M. C. Brackenbury
Major R. E.
Under Secretary

ଏହାର ମର୍ମ ଏହିକି ଓଡ଼ିଶାରେ ରେଲବାଟ ଫିଟିବାର ପ୍ରୟୋଜନୀୟତା ଭାରତୀୟ ଗଭର୍ଣ୍ଣମେଣ୍ଟ ସମ୍ପୂର୍ଣ୍ଣରୂପେ ସ୍ୱୀକାର କରୁଅଛନ୍ତି ଏବଂ କେହି ବ୍ୟବସାୟୀ ଏଥିର କୌଣସି ଉପାୟ ସ୍ଥିରକରି ଜଣାଇଲେ ଗଭର୍ଣ୍ଣମେଣ୍ଟ ଆନନ୍ଦ ସହିତ ତାର ସୁବନ୍ଦ କରିବ ।

ଉପରଲିଖିତ ଉତ୍ତରରୁ ସ୍ପଷ୍ଟ ଦେଖାଯାଉଛି ଗଭର୍ଣ୍ଣମେଣ୍ଟ ଓଡ଼ିଶା ବାଟ ନିର୍ମାଣ କରିବେନାହିଁ ଏବଂ ଆମ୍ଭେମାନେ ଯାହା ଶୁଣିଥିଲୁଁ କି କୌଣସି କୋମ୍ପାନୀ ବ୍ୟକ୍ତି ବା ବ୍ୟବସାୟୀ ଏ ବାଟ ନିର୍ମାଣ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି, ତାହାହିଁ ବା ଠିକ୍ ନୁହଇ । ଓଡ଼ିଶା ରେଲବାଟ ନିର୍ମାଣ ଓ ଚଳାଇବା ସକାଶେ ଅଦ୍ୟାପି କେହି ବାହାରି ନାହିଁ ଏବଂ ଶୀଘ୍ର ବାହାରିବାର ଆଶା ମଧ୍ୟ ଦେଖାଯାଉନାହିଁ । ଓଡ଼ିଶା ନିତାନ୍ତ ଗରିବ ପ୍ରଦେଶ ଏବଂ ଏଠାଲୋକେ ଅଦ୍ୟାପି ସାମାନ୍ୟ ବ୍ୟବସାୟ କରିବାକୁ ସାହସୀ ହୋଇନାହାନ୍ତି । ପୁଣି ବନାରସ ରେଲବାଟ ପରି ଗୋଟିଏ ପ୍ରକାଣ୍ଡ ବ୍ୟବସାୟ କି ସମ୍ଭବ ଏକାଂଶ ପୁରୀଠାରୁ ସମ୍ବଲପୁର ପର୍ଯ୍ୟନ୍ତ ନିର୍ମାଣ କରିବାକୁ ଅନେକ କୋଟି ଟଙ୍କା ଲାଗିବ ଓଡ଼ିଶାବାସୀଙ୍କ ସମସ୍ତ ଭଣ୍ଡାର ଏକତ୍ର କଲେ ସୁଦ୍ଧା ହେବନାହିଁ ଓ ଏ ପ୍ରଦେଶର ଧନୀମାନେ ମିଶି ବ୍ୟବସାୟ କରିବାକୁ ଇଚ୍ଛାକଲେ କେବଳ ପୁରୀଠାରୁ କଟକ ପର୍ଯ୍ୟନ୍ତ ଯେଉଁ ଅଧକୋଟି ଟଙ୍କା ପ୍ରୟୋଜନ ତାହା ଯୋଗାଇ ପାରିବେ କି ନା ସନ୍ଦେହ । ଏପରି ଅବସ୍ଥାରେ ସ୍ଥାନୀୟ ଚେଷ୍ଟାଦ୍ୱାରା କିଛି ହେବାର ନୁହଇ । ପୁଣି ଏଠାରେ ବାଣିଜ୍ୟ ବ୍ୟବସାୟ ଏତେ ପ୍ରଶସ୍ତ ନୁହଇ ଯେ ଅନ୍ୟସ୍ଥାନର ଲୋକଙ୍କର ଏ ସ୍ଥାନ ପ୍ରତି ଦୃଷ୍ଟି ପଡ଼ିବ । ଫଳତଃ ଯେବେ ଏଠାରେ ସରକାର ରେଲବାଟ ନକରିବେ ଓ ଉପର ବ୍ୟବସାୟୀଙ୍କଦ୍ୱାରା ତାହା ହେବାର ବିଶେଷ ଆଶା ନାହିଁ, ତେବେ କେମନ୍ତ ବୋଲାଯିବ ଯେ ଆମ୍ଭେମାନେ ଶୀଘ୍ର ଏ ପ୍ରଦେଶରେ ରେଲବାଟ ଦେଖିବା ? ବର୍ତ୍ତମାନ ଓଡ଼ିଶାର ଯେ କିଛି ଉନ୍ନତି ତାହା ଗତ ଦୁର୍ଭିକ୍ଷର ମଙ୍ଗଳ ଫଳ ଅଟଇ । ଯେବେ କାଳ କହୋଇ ସେହି ଟଙ୍କାରେ ରେଲ ହୋଇଥାନ୍ତା, ତେବେ ଆମ୍ଭମାନଙ୍କର ଆଶା ପୂର୍ଣ୍ଣ ହୋଇଥାନ୍ତା । ଦୁର୍ଭିକ୍ଷର କଥା ମନେ ପଡ଼ିଲେ ହୃଦୟରୁ ରକ୍ତ ଶୁଖିଯାଏ । ସେପରି ବିପଦ

ବାଣିଜ୍ୟାପ୍ତ ନହେଲେ ସୁଦ୍ଧା ଆମ୍ଭେମାନେ ମନେକରୁଅଛୁ ଯେ ଆଉଥରେ ବିପଦରେ ନ ପଡ଼ିଲେ ଏଠାରେ ରେଳବାଟ ଫିଟିବାର ସମ୍ଭାବନା ନାହିଁ ।"

ରେଳପଥ ନିର୍ମାଣ ପାଇଁ ପ୍ରବଳ ଦାବି ହେବା ଫଳରେ ସରକାର କ୍ରମେ କ୍ରମେ ଜନସାଧାରଣଙ୍କ ଆବଶ୍ୟକତା ଦୃଷ୍ଟିରୁ ଏଥିପ୍ରତି ଧ୍ୟାନ ଦେଇଥିଲେ । ରେଲରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ସେହି ଯୋଜନାର ଅଗ୍ରଗତିର କିଛିତ ସୂଚନା ପରେ ସମ୍ବାଦପତ୍ରରେ ପ୍ରକାଶିତ ହେବାର ଜଣାଯାଏ ।

"ରେଳଯାତ୍ରା ଦକ୍ଷିଣରୁ ଉତ୍ତରମୁଖେ ସମୁଦ୍ରକୂଳେ ଆସି ଖୋରଧାର ସନ୍ନିକଟସ୍ଥ ପ୍ରଧାନ ରେଲ ଷ୍ଟେସନ 'ଜଟନି' ମୁକାମରେ ଅଦ୍ୟ ପ୍ରବିଷ୍ଟ ହେଲା । ପଥିକମାନଙ୍କ ଗମନାଗମନ ନିମନ୍ତେ ଅଦ୍ୟ ଇସ୍ତାହାର ବାହାରିଲା ଏବଂ ଜଟନିଠାରୁ ପୁରୀକୁ ରେଲ ଯିବା ନିମନ୍ତେ ରେଲ ପଥର କର୍ମ ଅଧାଅଧି ହୋଇ ଗଲାଣି, ବୋଧହୁଏ ଆଗାମୀ ରଥଯାତ୍ରାକୁ ରେଲ ଲାଗିଯିବ ।" (୧)

× × ×

"ରେଲ ପଥର ମାଟିକାର୍ଯ୍ୟ ଆରମ୍ଭ ହୋଇଅଛି । କୌଣସି କୌଣସି ସ୍ଥାନରେ ନଦୀ ଉପରର ସେତୁ ନିର୍ମାଣର ମଧ୍ୟ ଉଦ୍ୟୋଗ ଲାଗିଅଛି । ବେଙ୍ଗଲ ନାଗପୁର ରେଲଓ୍ୱେ ଯେଉଁ ଶାଖା ସିଧା ମେଦିନୀପୁର ଓ କଟକ ଦେଇ କଲିକତାକୁ ଯିବ, ସେହି ବାଟର କାର୍ଯ୍ୟ ଲାଗି ପଡ଼ିଅଛି । ଆଗାମୀ ବର୍ଷାଠାରୁ ଅନ୍ତେ ରେଲ ବସିବ । ରୁପନାରାୟଣ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଅଛି । ଦୁଇବର୍ଷ ମଧ୍ୟରେ ଏହି ପଥରେ ରେଳଗାଡ଼ି ଚଳାଚଳ କରିବ ଏପରି ଭାବରେ କାର୍ଯ୍ୟାରମ୍ଭ ହେଉଅଛି ।" (୨)

(୧) ଉଡ଼ିଆ ଓ ନବସମ୍ବାଦ ପୃଷ୍ଠା ୨୪ ଭାଗ—୧ ସଂଖ୍ୟା ତା ୨୨-୧-୧୮୯୬

(୨) ଉଡ଼ିଆ ଓ ନବସମ୍ବାଦ—ଦଶମଭାଗ—୧୬ ସଂଖ୍ୟା ତା ୪-୩-୧୮୯୬

# "ସମ୍ବଲପୁର ହିତୈଷିଣୀ" ପୃଷ୍ଠାରେ ଓଡ଼ିଶାର ଚିତ୍ର

ପତ୍ର ପତ୍ରିକା ଆଧୁନିକ ବିଜ୍ଞାନ ତଥା ମୁଦ୍ରଣ ଶିଳ୍ପର ଅବଦାନ ଏବଂ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଏକ ଶକ୍ତିଶାଳୀ ବୌଦ୍ଧିକ ମାଧ୍ୟମରୂପେ ସ୍ୱୀକୃତ । ଭାରତବର୍ଷର ମଧ୍ୟ-ଯୁଗୀୟ ଚିନ୍ତା ଓ ସାଂସ୍କୃତିକ ଧାରାରେ ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଯେଉଁ କ୍ରାନ୍ତିକାରୀ ରୂପାନ୍ତର ଓ ବୈପ୍ଳବିକ ପରିବର୍ତ୍ତନ ସଂଘଟିତ ହେଲା, ତାହାର ପ୍ରଧାନ ଆମୁଖ ଥିଲା ସ୍ଥାନୀୟ ଭାଷାର ସମ୍ବାଦପତ୍ର । ଓଡ଼ିଶାରେ ସମ୍ବାଦପତ୍ର ଆବିର୍ଭାବ ଓ ପ୍ରସାର ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ସଦୃଶ ଲୋମହର୍ଷଣକାରୀ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ସମ୍ଭବ ହୋଇଥିଲା । କଟକରୁ କର୍ମବୀର ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ ପ୍ରକାଶିତ 'ଉତ୍କଳ ଦୀପିକା' ହିଁ ପ୍ରଥମ ସମ୍ବାଦପତ୍ର । ସେତେବେଳେ ଓଡ଼ିଶାରେ ମୁଦ୍ରାଯନ୍ତ୍ରର ପ୍ରଚଳନ ହୋଇ ନ ଥିବାରୁ ସମ୍ବାଦପତ୍ର ପ୍ରକାଶନ ଅତୀବ କଷ୍ଟକର କାର୍ଯ୍ୟରୂପେ ବିବେଚିତ ହେଉଥିଲା । ୧୮୬୬ ମସିହା ଅଗଷ୍ଟ ମାସ ହିଁ ଉତ୍କଳ ଦୀପିକାର ଜନ୍ମମାସ । ଖ୍ରୀଷ୍ଟୀୟ ୧୮୬୬ ଅବ୍ଦରେ ପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରାଳୟ କଟକରେ ପ୍ରତିଷ୍ଠିତ ହୁଏ ଓ ସେହି ଯନ୍ତ୍ରାଳୟରୁ 'ଉତ୍କଳ ଦୀପିକା' ପ୍ରକାଶିତ ହୁଏ । ପ୍ରଥମେ ତାହାର ଆକାର ଥିଲା ୪ ପୃଷ୍ଠା ମାତ୍ର ଏବଂ ୧୮୭୩ ମସିହାରେ ତାହାର କଳେବର ଆଠ ପୃଷ୍ଠାକୁ ବର୍ଦ୍ଧିତ ହୋଇଥିଲା । ୧୯୧୧ ମସିହାରେ ଏହାର କଳେବର ଅଧିକ ପରିବର୍ଦ୍ଧିତ ଓ ପରିବର୍ତ୍ତିତ ହୋଇଥିଲା । 'ଦୀପିକା' ବହୁବର୍ଷ ଧରି ଓଡ଼ିଶାର ଜାତୀୟ ସମ୍ବାଦପତ୍ର ରୂପେ ଜନ-ସାଧାରଣଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲା । 'ଉତ୍କଳ ଦୀପିକା'ର ପଦାଙ୍କ ଅନୁସରଣ କରି କ୍ରମେ କ୍ରମେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ବହୁ ସମ୍ବାଦପତ୍ର ଆତ୍ମପ୍ରକାଶ କରିଥିବାର ଜଣାଯାଏ । ଏପରି ପତ୍ରିକା ମଧ୍ୟରେ ଫକୀରମୋହନ ସେନାପତି ଓ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକଙ୍କ ଉଦ୍ୟମରେ ବାଲେଶ୍ୱରରୁ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦବାହିକା' ୧୮୬୮ ମସିହା ଜୁଲାଇ ମାସରେ ଆତ୍ମପ୍ରକାଶ କରିଥିଲା । 'ସମ୍ବାଦବାହିକା'ର ପ୍ରେରଣାରେ କଟକରୁ 'ଉତ୍କଳ ହିତୈଷିଣୀ' ସେହି ବର୍ଷ ପ୍ରକାଶିତ ହୁଏ ।

ପୁନଶ୍ଚ ୧୮୭୩ ମସିହାରେ ଜମିଦାର ବୈକୁଣ୍ଠନାଥ ଦେବଙ୍କ ପୃଷ୍ଠପୋଷକତାରେ ବାଲେଶ୍ୱରରୁ 'ଉତ୍କଳ ଦର୍ପଣ' ପତ୍ରିକା ଆତ୍ମପ୍ରକାଶ କରେ । ଏହାପରେ କ୍ରମାନ୍ୱୟରେ ଉତ୍କଳପୁତ୍ର (ସମ୍ପାଦକ—ଶ୍ୟାମମୋହନ ଆଚାର୍ଯ୍ୟ କଟକ), 'ସ୍ୱଦେଶୀ' (କଟକ ପ୍ରିଣ୍ଟିଂ କମ୍ପାନୀ), 'ଉତ୍କଳ ମଧୁପ' (୧୮୭୮ ମସିହା, କଟକ ପ୍ରିଣ୍ଟିଂ କମ୍ପାନୀ, ପୃଷ୍ଠପୋଷକତା — ରାମଶଙ୍କର ରାୟ ) ପ୍ରଭୃତି ପତ୍ରିକାର- ଆବିର୍ଭାବ ଓଡ଼ିଶାର ସମ୍ବାଦପତ୍ର ଇତିହାସରେ

ଏକ ଏକ ଉଲ୍ଲେଖଯୋଗ୍ୟ ଘଟଣା ।'ଉତ୍କଳ ଦର୍ପଣ' ଯଥାର୍ଥରେ ଓଡ଼ିଶାର ସାହିତ୍ୟ ଭାଷା ତଥା ସଂସ୍କୃତିର ପ୍ରତିନିଧି ସ୍ଥାନୀୟ ମୁଖପତ୍ର ଥିଲା । 'ଉତ୍କଳ ଦର୍ପଣ' ପତ୍ରିକାର ଆବିର୍ଭାବ ଘୋଷଣା କରି ବୈକୁଣ୍ଠ ନାଥ ଦେ ଯେଉଁ ବିଜ୍ଞାପନ ପ୍ରଚାର କରିଥିଲେ, ତାହା ସମ-ସାମୟିକ ସମ୍ବାଦପତ୍ରର ପରିଚୟ ପ୍ରଦାନ କରିଥାଏ । "ଆମ୍ଭେମାନେ 'ଉତ୍କଳ ଦର୍ପଣ' ନାମକ ଖଣ୍ଡେ ମାସିକ ସନ୍ଦର୍ଭ ପ୍ରକାଶ କରିବାକୁ ମନସ୍ଥ କରିଅଛୁଁ । ଉତ୍କଳ ସାହିତ୍ୟର ଉନ୍ନତି ସାଧନ, ଉତ୍କଳୀୟ ସାମାଜିକ ରୀତି ସଂଶୋଧନ ଏହି ପତ୍ରିକାର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଏଣୁକରି ସେଥିରେ ଶିକ୍ଷା, ବିଜ୍ଞାନ, ସାହିତ୍ୟ, ସଙ୍ଗୀତ, ରାଜନୀତି, ସାମାଜିକ ଓ ନୀତି ସମ୍ବନ୍ଧୀୟ ପ୍ରସ୍ତାବମାନ ପ୍ରକାଶିତ ହେବ ।" ନିମ୍ନଲିଖିତ ମହାଶୟଗଣ 'ଉତ୍କଳ ଦର୍ପଣ'ରେ ନିୟମିତ ରୂପେ ପ୍ରସ୍ତାବ ଲେଖିବାକୁ ପ୍ରତିଶ୍ରୁତ ହୋଇଅଛନ୍ତି ।....ସର୍ବଶ୍ରୀ ପଣ୍ଡିତ କାର୍ତ୍ତିକଚନ୍ଦ୍ର ଚକ୍ରବର୍ତ୍ତୀ, ଗୋବିନ୍ଦ ମିଶ୍ର, କୃଷ୍ଣନାଥ ଶତପଥୀ ଓ ସର୍ବଶ୍ରୀ ବାବୁ ମଧୁସୂଦନ ରାଓ, ରାଧାନାଥ ବର୍ଦ୍ଧନ, ରାଧାନାଥ ରାୟ, ରସିକ ବୃନ୍ଦ ଦେ, ଜୟକୃଷ୍ଣ ଚୌଧୁରୀ, ଦାମୋଦର ପ୍ରସାଦ ଦାସ, ଭୋଳାନାଥ ଦାସ, ହରି ପ୍ରସାଦ ଦାସ, ଶ୍ରୀହରି ପ୍ରସାଦ ଦାସ ।" ଏହି 'ବିଜ୍ଞାପନ'ର ଶେଷରେ ଅଛି, ସାମୟିକ ସମ୍ବାଦ ପ୍ରକାଶ କରିବା ଏ ପତ୍ରିକାର ଉଦ୍ଦେଶ୍ୟ ନୁହଇ । ଯେହେତୁ କି ସେହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଉତ୍କଳରେ ଦୁଇଖଣ୍ଡ ପତ୍ରିକା ବିଦ୍ୟମାନ ଅଛି । ତଥାପି ସାଧାରଣ ଲୋକଙ୍କ ଆଗ୍ରହ ନିମନ୍ତେ ପ୍ରତିମାସରେ କିଛି କିଛି ଦିଆଯିବ । ପତ୍ରିକାର ଆକାର ଅଠପେଜି ଫର୍ମାରେ ୪ ପୃଷ୍ଠା ହେବ । ଏହାର ମୂଲ୍ୟ ଡାକ ମାସୁଲ ସହିତ ବାର୍ଷିକ ଟ ୨ ଙ୍କା ଓ ଷାଣ୍ମାସିକ ଦେଢ଼-ଟଙ୍କା । ଆମ୍ଭେମାନେ ଅନ୍ୟୁନ ୧୦୦ ଜଣ ସ୍ୱାକ୍ଷରକାରୀ ପାଇଲେ ପତ୍ରିକା ଶୀଘ୍ର ବାହାର କରିବୁ ।' 'ଉତ୍କଳ ଦର୍ପଣ' ଆଗାମୀ ସନ ୧୮୭୩ ସାଲ ଜାନୁୟାରୀ ପହିଲାରେ ବାହାରିବ ।'

"ପତ୍ରିକା ସମ୍ବନ୍ଧରେ ଯାବତୀୟ ସମ୍ବାଦ ଓ ମୂଲ୍ୟ ପତ୍ରିକାର ସମ୍ପାଦକ ଶ୍ରୀଯୁକ୍ତ ବାବୁ ଜୟକୃଷ୍ଣ ଚୌଧୁରୀଙ୍କ ନିକଟକୁ ପଠାଇବାକୁ ହେବ ।" (୧) ଉତ୍କଳ ଦର୍ପଣ ବସ୍ତୁତଃ ଓଡ଼ିଆ ଭାଷାର ପ୍ରଥମ ମାସିକ ସାହିତ୍ୟ-ପତ୍ରର ସମ୍ମାନ ଦାବୀ କରିଥାଏ । ସେହି ପତ୍ରିକାର ପ୍ରଥମ ସଂଖ୍ୟା ପ୍ରସଙ୍ଗରେ 'ଉତ୍କଳ ଦୀପିକା'ର ମନ୍ତବ୍ୟ ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ । 'ଉତ୍କଳ ଦର୍ପଣରେ ବ୍ୟବହୃତ ଭାଷା ତ୍ରୁଟିପୂର୍ଣ୍ଣ ଏବଂ ଜନସାଧାରଣଙ୍କ ଅନୁପଯୋଗୀ ହୋଇଥିବାରୁ 'ଦୀପିକା'ର ମନ୍ତବ୍ୟ କ୍ଷୋଭପୂର୍ଣ୍ଣ ହୋଇଥିଲା । 'ଆମ୍ଭେମାନେ 'ଦର୍ପଣ' ଲେଖକମାନଙ୍କୁ ଅନୁରୋଧ କରୁଅଛୁଁ ଯେ କର୍କଶ, କଠିନ, ବଙ୍ଗ ମିଶ୍ରିତ ଉତ୍କଳ ଭାଷା ଲେଖିବା ପରିତ୍ୟାଗ କରି ସରଳ, ସୁମିଷ୍ଟ, ଶୁଦ୍ଧ ଓଡ଼ିଆ ଲେଖିବାର ଚେଷ୍ଟା କରନ୍ତୁ ଓ ବିଷୟର ଭାଲ ନିୟମ ପ୍ରତି ବିଶେଷ ଦୃଷ୍ଟି ରଖନ୍ତୁ ।" (୨)

---

(୧) ଉତ୍କଳ ଦୀପିକା ତା ୧୯ । ୧୧ । ୧୮୭୨ ମସିହା ।

(୨) ଉତ୍କଳ ଦୀପିକା । ୧୮ । ୧ । ୧୮୭୩ ।

ଉତ୍କଳ ଦର୍ପଣର ସହଯୋଗୀ ଓ ଉତ୍ତରାଧିକାରୀ ଭାବରେ ବହୁ ପତ୍ରପତ୍ରିକା ୧୮୭୫ ମସିହାରୁ ୧୮୯୦ ମସିହା ମଧ୍ୟରେ ପରିଦୃଷ୍ଟ ହୋଇଥାଏ ।(କ) କିନ୍ତୁ ସମ୍ବଲପୁର ଅଞ୍ଚଳରେ ଏହି ସମୟରେ କୌଣସି ପତ୍ରପତ୍ରିକା ବିଧିବଦ୍ଧ ଭାବରେ ଅନ୍ତତଃ ୧୮୮୯ ମସିହା ପୂର୍ବରୁ ପ୍ରକାଶିତ ହୋଇଥିବାର ପ୍ରମାଣ ମିଳନାହିଁ । ଏହି ପ୍ରସଙ୍ଗରେ ଊନବିଂଶ ଶତାବ୍ଦୀର ଶେଷପାଦରେ ସମ୍ବଲପୁର ଅଞ୍ଚଳର ଐତିହାସିକ ସ୍ଥିତି ଅନୁଧ୍ୟାନଯୋଗ୍ୟ । ସମ୍ବଲପୁର ଜିଲ୍ଲା ୧୮୬୧ ମସିହାରୁ ଶାସନ ନିମିତ୍ତ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ ହୋଇଥିଲା । ପ୍ରତ୍ୟେକ ମୁହୂର୍ତ୍ତରେ ଓଡ଼ିଆ ଭାଷାର ବିଲୋପ ପାଇଁ ଚେଷ୍ଟା କରାଯାଉଥିଲା । ଓଡ଼ିଶାରେ ଓଡ଼ିଆ ଭାଷା ଆନ୍ଦୋଳନ କେବଳ ସମ୍ବଲପୁର ଅଞ୍ଚଳରେ ସୀମାବଦ୍ଧ ନ ଥିଲା । ତଦାନୀନ୍ତନ ସମ୍ବଲପୁରର ଚିତ୍ର ଓ ସମ୍ବଲପୁରରେ ଓଡ଼ିଆ ଭାଷା ବିରୋଧୀ ପଦକ୍ଷେପର ପରିଚୟ କେତେକ ସ୍ଥାନୀୟ ଲେଖକମାନଙ୍କ ରଚନାରୁ ମିଳିଥାଏ । "ସମ୍ବଲପୁର ଘୋର ଅରଣ୍ୟ ସମାକୀର୍ଣ୍ଣ ପାର୍ବତ୍ୟ ଦେଶରେ ଅବସ୍ଥିତ ଥିବାରୁ ସମ୍ବଲପୁରରେ ଶିକ୍ଷିତ ବ୍ୟକ୍ତିର ଅଭାବ ଥିଲା । ସୁତରାଂ ରାଜକାର୍ଯ୍ୟାଳୟରେ ମରହଟ୍ଟା ଓ ହିନ୍ଦୁସ୍ଥାନୀମାନେ ଆଧିପତ୍ୟ ଲାଭ କରିଥିଲେ; କିନ୍ତୁ ଏମାନଙ୍କ ଭାଷା ସହିତ ଓଡ଼ିଆ ଭାଷାର ସୌସାଦୃଶ୍ୟ ନ ଥିବାରୁ ଏମାନେ ଓଡ଼ିଆ ଭାଷା ଶିକ୍ଷା କରିବାକୁ ସମର୍ଥ ହୋଇ ନ ଥିଲେ । ସୁତରାଂ ରାଜକାର୍ଯ୍ୟ ପରିଚାଳନା କରିବାରେ ଏମାନେ ଏକାନ୍ତ ଅସମର୍ଥ ହେଉଥିଲେ । ଓଡ଼ିଆ ଭାଷା ଏମାନଙ୍କର ପ୍ରଧାନ ଅନ୍ତରାୟ ହେଉଥିଲା । ଏମାନେ ମନେକଲେ ଯେ ଓଡ଼ିଆ ଭାଷା ପରିବର୍ତ୍ତରେ ଅଦାଲତରେ ହିନ୍ଦୀ ଭାଷା ପ୍ରଚଳନ କରାଯାଇଲେ ସମ୍ବଲପୁରର କାର୍ଯ୍ୟାଳୟମାନଙ୍କରେ ଏମାନଙ୍କର ଆଧିପତ୍ୟ ଅକ୍ଷୁର୍ଣ୍ଣ ରହିବ । ତେଣୁ ଏମାନେ ସରକାରୀ ରିପୋର୍ଟମାନଙ୍କରେ ଆପଣା ଆପଣା ସ୍ୱାର୍ଥମତେ ଲିପିବଦ୍ଧ କରି ଆନ୍ଦୋଳନର ସୂତ୍ରପାତ କଲେ । ପରିଶେଷରେ ଉକ୍ତ ସମ୍ବାଦ ମଧ୍ୟପ୍ରଦେଶର ଶାସନକର୍ତ୍ତା ଉଡବର୍ଣ୍ଣ ସାହେବ ମହୋଦୟଙ୍କ କର୍ଣ୍ଣଗୋଚର ହେଲା । ଶାସନକର୍ତ୍ତା ବିଧିମତେ ଗୋଟିଏ ଅର୍ଡରଦ୍ୱାରା ସକଳ କଚେରୀର କର୍ତ୍ତୃପକ୍ଷଙ୍କର ମତ ଜିଜ୍ଞାସୁ ହେଲେ । ଏହା ବିରୁଦ୍ଧରେ ଯୁକ୍ତି ଦେଖାଇବା ସକାଶେ ସମ୍ବଲପୁରବାସୀଙ୍କୁ ଅନୁମତି ପ୍ରଦାନ କରାଗଲାନାହିଁ । ସମ୍ବଲପୁରର ସୁସନ୍ତାନ ଶ୍ରୀ ଧରଣୀଧର ମିଶ୍ର ସ୍ୱୀୟ କୌଶଳ ଅସ୍ତ୍ରାଗାରରୁ ବାଛି ବାଛି ସୁତୀକ୍ଷ୍ଣ ଶାୟକମାନ ପ୍ରେରଣ କରିବାକୁ ଲାଗିଲେ; କିନ୍ତୁ ବୈଦେଶିକମାନଙ୍କର ସ୍ୱାର୍ଥାବରଣ ତହିଁରେ ଛିନ୍ନ ହେଲନାହିଁ । ପ୍ରକୃତ ସତ୍ୟ ବୈଦେଶିକ ସ୍ୱାର୍ଥାବରଣରେ ଶତ ଶତ ହସ୍ତ ମଧ୍ୟରେ ଲୁକ୍କା-

(କ) ଶିକ୍ଷକ, ଧର୍ମବୋଧିନୀ, ସ୍ୱଦେଶୀ, ଉତ୍କଳମଧୁପ, ଓଡ଼ିଆ ଗେଜେଟ, ମୟୂରଭଞ୍ଜ, ଜୋହ୍ନନଗର, ପୁରୁଷୋତ୍ତମ ପତ୍ରିକା, ପୁରୁଷୋତ୍ତମ ଦୀପିକା, ପ୍ରଜାବନ୍ଧୁ, ସେବକ, ସଂସ୍କାରକ, ଧୂମକେତୁ, ଭାରତୀ ପ୍ରଦୀପ, ଶିକ୍ଷାବନ୍ଧୁ, ନବସମ୍ବାଦ, ଓଡ଼ିଆ, ନବ ସମ୍ବାଦ ଓଡ଼ିଆ, ସାମ୍ୟବାଦ, ବ୍ୟବସାୟୀ, ଓଡ଼ିଆ ଷ୍ଟୁଡେଣ୍ଟସ୍, ଓଡ଼ିଆ ପାଟ୍ରିଅଟ, ଆଶା, ସମାଲୋଚନା, ଦୀପକ ଇତ୍ୟାଦି ।

ସ୍ଥିତ ରହିଲା । ସମ୍ବଲପୁରର ତଦାନୀନ୍ତନ ଡେପୁଟି କମିସନର ଚେପ୍‌ମେନ୍ ସାହେବ ଏବଂ ବଙ୍ଗୀୟ କର୍ତ୍ତୃପକ୍ଷମାନେ ଭାଷା ପରିବର୍ତ୍ତନର ସପକ୍ଷରେ ମତଦେଲେ । ସମ୍ବଲପୁରର ଅଦାଲତରେ ହିନ୍ଦୀ ଭାଷା ସଗୌରବେ ଆଧିପତ୍ୟ ବିସ୍ତାର କରିବାକୁ ଲାଗିଲା । (୪) କେତେକ ବିଦେଶୀ କର୍ମଚାରୀଙ୍କ ପକ୍ଷପାତ ବିଚାର ଏବଂ ଉଦାସୀନତା ଯୋଗୁଁ ଓଡ଼ିଆଭାଷା ପରିବର୍ତ୍ତେ ହିନ୍ଦୀଭାଷା ଶିକ୍ଷା ଲିଖନକୁ ସରକାରୀ ହୁକୁମନାମା ବଳରେ ଏକ ରକମ ଉତ୍ସାହିତ କରାଯାଉଥିଲା । ଅଦାଲତରେ ହିନ୍ଦୀଭାଷାରେ କାଗଜପତ୍ର ପ୍ରଚଳିତ ଥିବାରୁ ସ୍ଥାନୀୟ ଅଧିବାସୀ ଅକଥନୀୟ ଦୁର୍ଦ୍ଦଶା ଓ ଦୁର୍ଯୋଗର ସମ୍ମୁଖୀନ ହେଉଥିଲେ । ଜଣେ ଫ୍ରେଜର ସାହେବ ଲୋକମାନଙ୍କର ଦୁର୍ଦ୍ଦଶା ଉପଲବ୍‌ଧି କରି ସେତେବେଳେ ଯେଉଁ ରିପୋର୍ଟ ପ୍ରସ୍ତୁତ କରିଥିଲେ, ତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଫ୍ରେଜର ସାହେବଙ୍କର ବର୍ଣ୍ଣନା ଅନୁଯାୟୀ ଲୋକଙ୍କୁ ପ୍ରାୟ ପଚାଶ ମାଇଲ ଦୂରରୁ ଅଦାଲତକୁ ସମନ କରାଯାଉଥିଲା ଏବଂ ସମନ ହିନ୍ଦୀ ଭାଷାରେ ଲେଖା ଯାଉଥିବାରୁ ଲୋକେ ତାହାକୁ ବୁଝିବାପାଇଁ ଅକ୍ଷମ ହେଉଥିଲେ । କେହି ଯେବେ ସମନ ଅନୁଯାୟୀ ଅଦାଲତରେ ଉପସ୍ଥିତ ହୋଇ ନ ଥିଲେ ତା' ହେଲେ ସେମାନଙ୍କୁ ଗୁରୁତର ପରିଣତି ଭୋଗ କରିବାକୁ ପଡୁଥିଲା । ପ୍ରଜାମାନଙ୍କର ଏହି ଭାଷାଗତ ଅସୁବିଧା ଓ ଅକ୍ଷମତା ଯେପରି ଏକ ଉତ୍କଟ ଜାତୀୟ ସମସ୍ୟାରେ ପରିଣତ ହେଲା । ବିଶେଷତଃ ୧୮୯୫ ମସିହାରେ ସମ୍ବଲପୁରରେ ହିନ୍ଦୀଭାଷାକୁ ସରକାରୀ ଭାଷାରୂପେ ପ୍ରଚଳନ କରିବା ମର୍ମରେ ଓଡ଼ିଆ ଭାଷା ଓ ସଂସ୍କୃତି ମୂଳରେ କୁଠାରାଘାତ କରିବାର ଆଶଙ୍କା ଥିଲା । ଏପରି ଅବସ୍ଥାରେ ଓଡ଼ିଆ ଭାଷାରେ ସମ୍ବଲପୁର ଅଞ୍ଚଳରେ ସମ୍ବାଦପତ୍ର ପ୍ରକାଶନ ସେହି ସମୟରେ ଏକ ଅପରିକଳ୍ପିତ ଦୁଃସାହସିକ ସ୍ୱପ୍ନ ବୋଲି କୁହାଯାଇପାରେ । ସମ୍ବଲପୁର ଓ ଗଡ଼ଜାତ ଅଞ୍ଚଳର ତଦାନୀନ୍ତନ ରାଜନୈତିକ ଓ ସାଂସ୍କୃତିକ ସ୍ଥିତି ଅନୁଧ୍ୟାନ କଲେ ଏତାଦୃଶ ନୈରାଶ୍ୟ ଅବସ୍ଥାର ଚିତ୍ର ସହଜରେ ଉପଲବ୍‌ଧ ହୁଏ । ଆମ୍ଭମାନଙ୍କର ଜଣେ ଗଡ଼ଜାତବାସୀ ବନ୍ଧୁ ଗଡଜାତ ସମ୍ବନ୍ଧରେ ଲେଖିଛନ୍ତି ଯେ—

"ଗଡଜାତର ଅବସ୍ଥା ଅତି ଶୋଚନୀୟ । ଗଡ଼ଜାତ ସବୁ ବିଷୟରେ ଅନୁନ୍ନତ ହୋଇ ରହିଅଛି । ଉନ୍ନତି ଓ ସଭ୍ୟତାର ମୁଖ୍ୟ ସୋପାନ ସ୍ୱରୂପ ସ୍କୁଲ ସୁଦ୍ଧା ଖାସମାହାଲ ଓ ଗଡ଼ଜାତ ଓ କନ୍ଧମାଳ, ପୁଣି ଢେଙ୍କାନାଳ, କେନ୍ଦୁଝର ଓ ଆଠଗଡ଼ ଛଡ଼ା ଅନ୍ୟ କୌଣସିଠାରେ ସ୍ଥାପିତ ହେବାର ଦେଖାଯାଏନାହିଁ । ତେବେ ଅଳ୍ପଦିନ ହେଲା ଦଶପଲ୍ଲା ରାଜା ଗୋଟିଏ ପାଠଶାଳା ବସାଇ ଅଛନ୍ତି ଓ ସେ ମଧ୍ୟ ସ୍ୱୟଂ ଉତ୍ସାହିତ ହୋଇ ଖଣ୍ଡିଏ ବର୍ଣ୍ଣବୋଧକ ଘେନ ପଢା ଆରମ୍ଭ କରିଅଛନ୍ତି । ଏହା ଅତି ପ୍ରଶଂସନୀୟ । ନୟାଗଡ଼ରେ

(୪) ଶିମିଳାଯାତ୍ରା—ଶ୍ରୀପତି ମିଶ୍ର ।

ଗୋଟିଏ ସ୍କୁଲ ଅତି ଅଳ୍ପଦିନ ପ୍ରକାଶେ ଥିଲା; କିନ୍ତୁ ବର୍ତ୍ତମାନ ଉଠିଯାଇ ତତ୍ପରିବର୍ତ୍ତିରେ ରଣପୁର ରାଜ୍ୟପରି ସେଠାରେ ୫ ଜଣ ୭ ଜଣ ପଢ଼ିବା ଭଳି ଗୋଟିଏ କ୍ଷୁଦ୍ର ସ୍କୁଲ ବସିଅଛି । ନୟାଗଡ଼ ରାଜା ଇଂରାଜୀ ପଢ଼ି ସୁଶିକ୍ଷିତ ହୋଇ ଶେଷକୁ ଏହା କରିଅଛନ୍ତି । ଏହାଠାରୁ ଆଉ ଅଧିକ ଦୁଃଖର କଥା ଆଉ କ'ଣ ହୋଇପାରେ । ଏଠାରେ ମୋହର ଆଉ ବକ୍ତବ୍ୟ ଅଛି । ଗଡ଼ଜାତର ରାଜାମାନେ ଦୋଳ, ଗୁଣ୍ଡିଚାଯାତ୍ରା, ଚନ୍ଦନ ଓ ରାମନବମୀରେ ଶୀତଳ ଷଷ୍ଠୀ ଓ ଚମ୍ପକଦ୍ୱାଦଶୀ ବାଣରେ, ଆଖଡ଼ା ପିଲ ଓ ଅନ୍ୟାନ୍ୟ ବାଜେ କଥାପ୍ରତିରେ ଯେତେ ଟଙ୍କା ଝଁଣଝଁଣ କରି ଗଣୁଛନ୍ତି, ତହିଁର ଅଷ୍ଟମାଂଶରୁ ଏକ ଅଂଶ ଯେବେ ପାଠଶାଳା ସଂସ୍ଥାପନରେ ଦେଶର ହିତରେ ବ୍ୟୟ କରନ୍ତେ, ତେବେ କି ସୁଖର କଥା ହୁଅନ୍ତା ! ଏସବୁ କେବଳ ନାମରେ ରାଜା, କାମରେ ରାଜା ନୁହନ୍ତି । ଢେଙ୍କାନାଳ ମହାରାଜା ଏମାନଙ୍କର ଯଥାର୍ଥ ଅନୁକରଣୀୟ ଅଟନ୍ତି; କିନ୍ତୁ ଏ କଥା ନିଶ୍ଚୟ, କମିଶନର ସାହେବ ଯଦି ବାଟ ବତେଇ ପାଠ ନ ଧରାଇବେ, ସ୍ୱ ମନରୁ କାହିଁ ଏମାନେ କିଛି କରିବେ ନାହିଁ । ଖଟ ଧରି ପଡ଼ିଥିବେ ।

ଆଉ ଦୁଇ ଏକ ରାଜାଙ୍କର ବ୍ୟବହାର କଥା ଶୁଣିବ । ରଣପୁର ରାଜା ତ ରାଜାଙ୍କ ମଧ୍ୟରେ ଗଣ୍ୟ, ତାଙ୍କର ରାତି ଦିନ ଓ ଧନ ରାତି । ରାଜକାର୍ଯ୍ୟ ବୁଝିବା ବିଷୟରେ ଲୁଚି ହୋଇ ବସିବା ମାତ୍ର ସାର । ବର୍ଷକ ମଧ୍ୟରେ ଦୁଇତିନିଥର ଦାଣ୍ଡକୁ ବାହାରିବାର କଷ୍ଟ । କେବଳ ଗମ୍ଭୀର ହୋଇ ପରି ଘରେ ବସିଅଛନ୍ତି । ଆହୁରି ପଦେ ଶୁଣ ଦେଖିଅଛୁଁ, ବଡ଼-ଲୋକମାନେ ହାତୀ, ଘୋଡ଼ା, ପାଲିଙ୍କି ଚଢ଼ି ବୁଲନ୍ତି, କିନ୍ତୁ ବଡ଼ମ୍ବା ରାଜାଙ୍କଠାରେ ଗୋଟିଏ ଆଶ୍ଚର୍ଯ୍ୟ କଥା ଦେଖିଲୁ, ତାଙ୍କର ଶଗଡ଼ ଚଢ଼ି, ସ୍ୱୟଂ ଭୁଁ ଭୁଁ କରି ବଳଦ ଅଡ଼ାଇବାରେ ବଡ଼ ଆମୋଦ ଓ ବଡ଼ ପ୍ରେମ । ବୋଧହୁଏ ଚଷାମାନଙ୍କର ସନ୍ତୋଷ ଜନ୍ମାଇବା ସକାଶେ ଘଗ ରାଜା ଏପରି କରୁଅଛନ୍ତି । ଆଉ କିଛିଦିନ ଉତ୍ତାରୁ ହୁଏତ କେଳାଙ୍କ ସୁଖ ଜନ୍ମାଇବା ସକାଶେ ରାଜା ଗଧ ଉପରେ ଚଢ଼ି ବୁଲିପାରନ୍ତି ।

ଖଣ୍ଡପଡ଼ାର ରାଜନୀତି ବଡ଼ ବିଶୃଙ୍ଖଳ ଅବସ୍ଥାରେ ରହିଅଛି । ଏହାର ଓ ଅନ୍ୟାନ୍ୟ ଗଡ଼ଜାତ କଥା ବାରାନ୍ତରେ ବିସ୍ତୃତରୂପେ ଲେଖି ପଠାଇବି । ଆମ୍ଭମାନଙ୍କର ଏଠାରେ କମିଶନର ସାହେବଙ୍କ ପ୍ରତି ଏତିକି ମାତ୍ର ନିବେଦନ ଯେ ଗଡ଼ଜାତ ପ୍ରତି କିଛି ବିଶେଷ ଦୃଷ୍ଟିପାତ କରନ୍ତୁ । * ଏତାଦୃଶ ନୈରାଶ୍ୟ ଅନ୍ଧକାର ଓ ରାଜନୈତିକ ତଥା ସାଂସ୍କୃତିକ ଅସ୍ଥିରତା ମଧ୍ୟରେ ପ୍ରଭାତକାଳୀନ ପୂର୍ବାକାଶର ଅରୁଣ ସଦୃଶ ସମ୍ବଲପୁର ଅଞ୍ଚଳରେ ସମ୍ବାଦପତ୍ରର ପ୍ରକାଶନ ଦେଶବାସୀଙ୍କମନରେ ଅଶେଷ ଆଶା ସଞ୍ଚାର କରିଥିବ । ବରଂ ସମ୍ବାଦପତ୍ର ପ୍ରକାଶନ ତତ୍କାଳୀନ ପରିପ୍ରେକ୍ଷୀରେ ଏକ ଐତିହାସିକ ପଦକ୍ଷେପ ବୋଲି ପାଠକ ସମାଜରେ ସ୍ୱୀକୃତ ହୋଇଥିବ ।

---

* 'ଉତ୍କଳପୁତ୍ର'—ଭାଗ ୧, ସଂଖ୍ୟା ୭ ତା ୧।୬।୧୮୭୩—ପୃଷ୍ଠା ୨୨-୨୩ ।

'ସମ୍ବଲପୁର ହିତୈଷିଣୀ' ସମ୍ବଲପୁର ଅଞ୍ଚଳର ସର୍ବପ୍ରଥମ ବିଧିବଦ୍ଧ ନିୟମିତ ସମ୍ବାଦପତ୍ର । ଏହା ଯେତେବେଳେ 'ପ୍ରକାଶିତ ହୁଏ, ସେତେବେଳେ 'ଉତ୍କଳଦୀପିକା' ତାଙ୍କର କନିଷ୍ଠ ସହଯୋଗୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

"ସମ୍ବଲପୁର ହିତୈଷିଣୀ ନାମକେ ଓଡ଼ିଶାରେ ଆଉ ଖଣ୍ଡିଏ ସାପ୍ତାହିକ ପତ୍ରିକା ପ୍ରକାଶିତ ହେବାର ଆରମ୍ଭ ହୋଇଛି ଏବଂ ଆମ୍ଭେମାନେ ତହିଁର ପ୍ରଥମ ସଂଖ୍ୟା ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ପତ୍ରିକାରେ ଛାପାକାର ଏବଂ ପ୍ରେସର ନାମ ଲେଖା ନାହିଁ; କିନ୍ତୁ ସ୍ଥାନ ବାମଣ୍ଡା ହେଉଥିବାରୁ ସେଠା ରାଜାଙ୍କ 'ଜଗନ୍ନାଥ ବଲ୍ଲଭ' ପ୍ରେସରୁ ବାହାରିବାର ଜଣାଯାଉଅଛି । ଏଥିର କଲେବର ଏକଖଣ୍ଡ ଡ଼ିମାଇ କାଗଜ ଏବଂ ବାର୍ଷିକ ଅଗ୍ରିମ ମୂଲ୍ୟ ଡାକ ମାସୁଲ ସହିତ ୧ଟଙ୍କା । ସୁତରାଂ ଓଡ଼ିଶାର ଅନ୍ୟାନ୍ୟ ସମ୍ବାଦପତ୍ର ତୁଳନାରେ ସୁଲଭ ଅଟଇ ।

ଏହାଦ୍ୱାରା ମଧ୍ୟପ୍ରଦେଶାନ୍ତର୍ଗତ ଉତ୍କଳ ଖଣ୍ଡର ଗୋଟିଏ ଅଭାବ ପୂର୍ଣ୍ଣ ହେବାର ଆଶା ହେଉଅଛି । ଯେବେ ଏଠା ଲୋକେ ଏହାକୁ ରଖି ପାରିବେ, ତେବେ ବଡ଼ ଆନନ୍ଦର ବିଷୟ ହେବ । ଆମ୍ଭେମାନେ ଏହାର ଦୀର୍ଘ ଜୀବନ କାମନା କରୁ ।"*'ଦୀପିକା' ର ବିବରଣ ଅନୁଯାୟୀ 'ସମ୍ବଲପୁର ହିତୈଷିଣୀ' ପଶ୍ଚିମ ଓଡ଼ିଶାର ସର୍ବପ୍ରଥମ ସମ୍ବାଦପତ୍ର । ଏହା ବାମଣ୍ଡାରେ ପ୍ରତିଷ୍ଠିତ । 'ଜଗନ୍ନାଥ ବଲ୍ଲଭ' ପ୍ରେସରୁ ସାହିତ୍ୟାମୋଦୀ ମହାରାଜା ସୁବଳଦେବଙ୍କ ପୃଷ୍ଠପୋଷକତାରେ ଏବଂ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ପ୍ରକାଶିତ ହୁଏ । ସୁଶାସିତ ତଦାନୀନ୍ତନ ବାମଣ୍ଡା ରାଜ୍ୟ ସାହିତ୍ୟ ଓ ସଂସ୍କୃତି ଚର୍ଚ୍ଚାର ଏକ ପ୍ରଧାନ କେନ୍ଦ୍ରସ୍ଥଳୀରୂପେ ସମଗ୍ର ଓଡ଼ିଶାର ଦୃଷ୍ଟି ଆକର୍ଷଣ କରିଥିଲା । ହିତୈଷିଣୀ ରାଜନୀତି, ସଂସ୍କୃତି ଓ ଓଡ଼ିଶାର ସାହିତ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆନ୍ଦୋଳନ ସୃଷ୍ଟି କରିଥିଲା । ଗଙ୍ଗାଧର ମେହେରଙ୍କ ଠାରୁ ଆରମ୍ଭକରି ବିଶ୍ୱନାଥ କରଙ୍କ ପର୍ଯ୍ୟନ୍ତ ବହୁ କବି ସମାଲୋଚକ ଓ ପଣ୍ଡିତଙ୍କ ରଚନା 'ହିତୈଷିଣୀ'ର ପୃଷ୍ଠା ମଣ୍ଡନ କରୁଥିଲା । 'ହିତୈଷିଣୀ'ର ପ୍ରଥମବର୍ଷ ପ୍ରଥମସଂଖ୍ୟା ଯେତେବେଳେ ପାଠକମାନଙ୍କ ନିକଟରେ ପହଞ୍ଚେ, ସେତେବେଳେ ସମସ୍ତେ ଉଦ୍‌ବୁଦ୍ଧ ହୋଇଯାଇଥିଲେ । ପତ୍ରିକାର ଛାପା, ବିଷୟବସ୍ତୁ, ସାଜସଜା ଉନ୍ନତ ଧରଣର । ପତ୍ରିକାର ମୂଲ୍ୟ, ଗ୍ରାହକ ସଂଖ୍ୟା, ସଂପାଦକୀୟ, ଆଭିମୁଖ୍ୟ ତଥା ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକା ମଧ୍ୟରେ ତାର ସ୍ଥାନ ସମ୍ପର୍କରେ ବିଶେଷ ଗବେଷଣା କରାଯାଇ ପାରିଲେ ଊନବିଂଶ ଶତାବ୍ଦୀର ଶେଷପାଦର ସମ୍ବଲପୁର ଅଞ୍ଚଳର ଅନେକ ଅଜ୍ଞାତ ତଥ୍ୟ ଓ ଇତିହାସ ସଂଗୃହୀତ ହୋଇପାରନ୍ତା ।

'ହିତୈଷିଣୀ'ରେ ପ୍ରକାଶିତ ସାହିତ୍ୟିକ ରଚନା ସମୂହର ସମ୍ୟକ୍ ଅବଧାରଣା ପାଇଁ ହିତୈଷିଣୀର ପ୍ରଥମ ଭାଗ ଷଷ୍ଠସଂଖ୍ୟାର କେତେକ ଅଂଶ ଏଠାରେ ଉଦ୍ଧାର କରାଗଲା ।

---

* 'ଉତ୍କଳଦୀପିକା' ତା ୧୯ରିଖ ମାହେ ଜୁନ ସନ ୧୮୮୯ ମସିହା ।

# କଳି ଭାଗବତ

ଏକ ଜନ୍ମକେ ଧର୍ମ ରାଜା | ନାରଦଙ୍କେ ଭଜେ ସନ୍ଧ୍ୟା ପୂଜା ||
ବୋଇଲେ ଶୁଣ ମହାମୁନି | କଳିର ଚରିତ ବାଣୀ ||
କହିବା ହେଉ ମୋ ଆଗର | ଶୁଣି ସନ୍ଦେହ ଯାଉ ଦୂର ||

ନାରଦ ଉବାଚ

ନାରଦ କହନ୍ତି ରାଜନ | ଏହିବା ଚରିତ୍ର କାରଣ ||
ପୂର୍ବରେ ବୃଷସେନ ରାଜା | କଂସ ଭକ୍ତ ବହୁ ପ୍ରଜା || (୫)
କଳିର ଚରିତ ବାଣୀ | ତାଙ୍କୁ ପୁଚ୍ଛିଲେ ନୃପମଣି ||

ବୃଷସେନ ରାଜା ଉବାଚ

କେ କେଉଁ ସ୍ୱଭାବେ ଚଳିବେ | ବ୍ରାହ୍ମଣେ କି କାର୍ଯ୍ୟ କରିବେ ||
କିସ ବା କ୍ଷତ୍ରିୟ ଧର୍ମ | ବୈଶ୍ୟ କରିବେ କିବା କର୍ମ ||
ଶୂଦ୍ରେ ବା କି କରିବେ ପୁଣି | କହ ବୃଦ୍ଧ ବିପ୍ରମଣି ||

ବୃଦ୍ଧ ବିପ୍ର ଉବାଚ

ତା ଶୁଣି ବୃଦ୍ଧ ବିପ୍ରବର | ବୋଲନ୍ତି ଶୁଣ ନୃପବର (୧୦)
ବ୍ରାହ୍ମଣେ ହେବେ ଧର୍ମହୀନ | କରିବେ ନୀଚ ବୁଦ୍ଧିମାନ ||
ବୁଦ୍ଧିରେ ହେବେ ଗଜପତି | ବିଦ୍ୟାରେ ସର୍ବ ବିବର୍ଜିତ ||
କରିବେ ନାନା ହୀନ କାର୍ଯ୍ୟ | ବୈଶ୍ୟର ଯଥାଏ ବାଣିଜ୍ୟ ||
ବ୍ୟାଘ୍ରଙ୍କ ପରି ମାଂସ ଆଶୀ | ଚଷାଙ୍କ ପ୍ରାୟେ ହେବେ କୃଷି ||
ଅଦା ସାରୁର ବୋଝ ବହି | ବୁଲିବେ ଦ୍ୱାର ଦ୍ୱାର ହୋଇ (୧୫)
କଳମ ଧରି ଝିଅ ବିକି | ଟଙ୍କା ଆଣିବେ ହାଙ୍କି ହାଙ୍କି ||
ଚହିରେ ପ୍ରଶସ୍ତି କରିବେ | କନ୍ୟାର ଦକ୍ଷିଣା ବୋଲିବେ ||
ଥୋକେ ବ୍ରାହ୍ମଣ ଲେଖା ନେଇ | ଭିକ୍ଷା କରିବେ ଯାଇ ଯାଇ ||
ପାପ ପୁଣ୍ୟକୁ ଏହାଙ୍କର | ଭୟ ନଥାଏ ନୃପବର ||
ତନ୍ତୀ, ତାମ୍ବୁଲୀ, ଶୁଣ୍ଢୀ, ଡାଙ୍ଗ | ତୁଳା ଭଣାକୁ ଆଦି କରି (୨୦)
ଭୋଜନ ଖାଇବେ ତାଙ୍କଠାରୁ | ଅରୁଚି ଘୃଣଣ ମନରୁ ||
ଦକ୍ଷିଣ ହସ୍ତେ ଚଳୁ କରି | ବାମରେ ଆମିଷ ଉଠାଇ ||
ଖାଇବେ ପ୍ରସାଦେ ମିଶାଇ | କହିବେ ଏଥି ଦୋଷ ନାହିଁ ||
ଶୁଖୁଆ କିଣିଯିବେ ଧାଇଁ | କହିବେ ପିଲାଙ୍କର ପାଇଁ ||
ଥୋକେ ହୋଇବେ ମହାଧନୀ | କୁବେର ମମତାକୁ ମଣି (୨୫)
ଦେବାକୁ ସୋମ ମନ୍ତ୍ରପାଠ | ନେବାରେ ପତିତ ନୃପଥ ||
ଥୋବାଏ ଇଂରେଜି ପଢ଼ିଣ | ସ୍କନ୍ଧକୁ ପଇତା କାଢ଼ିଣ ||

ହୋଇବେ ବ୍ରାହ୍ମଧର୍ମୀ ସେହୁ । ଖ୍ରୀଷ୍ଟାନ ହୋଇବେ ବା କେହୁ ॥
କେ ଅବା ନାସ୍ତିକ ମତରେ । ଚଳିବେ ଆନନ୍ଦ ମନରେ ॥
ଅଭକ୍ଷ ଭକ୍ଷଣ କରିବେ । ଲୁଚର ସ୍ୱାଦୁ ଦେଖୁଥିବେ (୩୦)
ବାରୁଣୀ ତରୁଣୀରେ ଚିତ୍ତ । ସର୍ବଦା ହୋଇଥିବ ରତ ॥
ଥୋକେ ବ୍ରାହ୍ମଣ ତୀର୍ଥ ସ୍ଥାନେ । ରହିବେ ଆନନ୍ଦିତ ମନେ ॥
ଠକ ପଣରେ ତାଙ୍କଠାରୁ । ବଳିବ କିଏ ଏ ସଂସାରୁ ॥
ମଡ଼ିକୁ ଗୃଧ୍ରିଣୀ ଯେସନ । ଯାତ୍ରୀ କରିବେ ଆକ୍ରମଣ ॥
ମାର୍ଜାର ଯଥା ମତ୍ସ୍ୟ ପାଇ । ମନରେ ଆନନ୍ଦ ହୁଅଇ ॥
ତୀର୍ଥସ୍ଥାନର ପଣ୍ଡାଗଣ । ଯାତ୍ରୀଙ୍କି ପାଇଣ ତେସନ ॥
ଗଞ୍ଜାଇ, ଭାଙ୍ଗ, ଅହିଫେନ । ସର୍ବଦା କରିବେ ଭକ୍ଷଣ ॥
ଏକ ଜଣକୁ ନିମନ୍ତ୍ରଣ । କଲେ ଆସିବେ ବହୁଜନ ॥
କର୍ତ୍ତାର ସର୍ବନାଶ କରି । ଶାପ ଦେଇଣ ଯିବେ ଫେରି ॥
ଥୋକେ ହୋଇବେ ବ୍ରହ୍ମଭ୍ରଷ୍ଟ । ରାତ୍ରରେ ଯିବେ ବେଶ୍ୟାପୁଷ୍ଟ (୪୦)
ହରିନାମର ସ୍ୱାଦୁ ଦେବେ । ଜ୍ଞାନ ଘେନିବେ ଠାବେ ଠାବେ ॥
ପୂଜାସ୍ଥ ବିପ୍ରଙ୍କର ବାଣୀ । କିସ କହିବା ନୃପମଣି (୪୨)
ଶୂଦ୍ରଙ୍କ ସେବା ସେ କରିବେ । ଦେବତା ଭୋଗ ଲୁଣ୍ଠଇଲେ ॥
ନାନାଦି କୁକର୍ମ କରିବେ । ନାମେ ବ୍ରାହ୍ମଣ ବୋଲାଇବେ ॥
କହିଚି ଭାଗବତ ବାଣୀ । ଶୁଣି ଦୁଃଖିତ ନୃପମଣି ୪୫)

### ବୃଷସେନ ଉବାଚ

କହିଲେ ଶୁଣ ହେ ବିପ୍ରବର । କଳିରେ ନାହିଁ ସେ ନିସ୍ତାର ॥
ନଷ୍ଟପ୍ରାୟ ପ୍ରଳୟ ସମସ୍ତ । ଆସି ହୋଇବ ମହାଶସ୍ତ ॥
ସେଥିରୁ କପରି ନିସ୍ତାର । ପାଇବେ କହ ବିପ୍ରବର ॥

### ବୃଦ୍ଧ ବିପ୍ର ଉବାଚ

ଶ୍ମଶାନ ନାମେ ତୀର୍ଥ ସ୍ଥାନ । ସେଠାକୁ କଲେକ ଗମନ ॥
ସେ ତୀର୍ଥେ ନିସ୍ତାର ପାଇବେ । ଅନନ୍ତ ନିଦ୍ରାକୁ ଭଜିବେ । (୫୦)

### ବୃଷସେନ ଉବାଚ

ତା ଶୁଣି ବୃଷସେନ ରାଜା । ଆନନ୍ଦେ ବିପ୍ରେ କଲେ ପୂଜା ॥
ବହୁତ ଧନ ବସ୍ତ୍ର ଦେଲେ ଅତ୍ୟନ୍ତ ବିନୟୀ ହୋଇଲେ ॥
ବୋଇଲେ ଆହେ ବିପ୍ରମଣି । ଶୁଣିଲି ଭାଗବତ ବାଣୀ ॥
କ୍ଷୋଭ ହୋଇଲା ମୋର ମନ । ବିଦାୟ ହେଉନ୍ତୁ ଆପଣ (୫୪)

ଇତି ଶ୍ରୀମତ୍ କଳିଭାଗବତେ ମହାପୁରାଣେ ବୃଦ୍ଧସେନ ରାଜା ବୃଦ୍ଧ ବିପ୍ର ବ୍ରାହ୍ମଣ ଜାତି ଧର୍ମ ବର୍ଣ୍ଣନେ ପ୍ରଥମ-ଅଧ୍ୟାୟ ସମାପ୍ତ ।*।୧

ପୁଣି ଅନ୍ୟ ଗୋଟିକରେ—

## କଳି ଭାଗବତ

ସଭା ମଧ୍ୟରେ ବୃଦ୍ଧସେନ । ପ୍ରବେଶ ହେଲେ ସେ ବହନ ॥
ହରକ ପଠାଇଣ ଦେଲେ । ବିପ୍ରଙ୍କୁ ଡ଼କାଇ ଆଣିଲେ ॥

ବୃଦ୍ଧସେନ ଉବାଚ

କହନ୍ତୁ ବୃଦ୍ଧ ବିପ୍ରବର । କହିବା ଏଥିର ଉତ୍ତର ॥
ତାମ୍ବୂଲ ଯେବରେ ଧରିଲେ । ଅଧର୍ମୀ ହୁଅଁ ସେ ଆସିଲେ ॥
ଜ ଅବା ଘୋଡା ମାଣ୍ଡଇଣ । ପାଣି ପିଇଲେ ଦଣ୍ଡଧାରୀ ॥
ଏଥିରେ କିଛି ଦୋଷ ନାହିଁ । କଳିର ଧର୍ମ ଅଟେ ଏହି ॥
ପଳଙ୍କ କରିବେ ଭୋଜନ । ଅଙ୍ଗା କୁରୁତା ଲଗାଇଣ ॥
ଡ଼ାକ୍ତରଙ୍କ ଔଷଧରେ । ପାରା କପୋତ ମୟୂରରେ ॥
ଶୁଖିଲା ମାଛ ମାଉଁସରେ । ଦୋଷ ନଥିବ ଏ କଳିରେ ॥
ବସ୍ତ୍ର ପିନ୍ଧିଣ ଏଣେ ତେଣେ । ଭୁଲିଣ ଥିବେ ଅନୁକ୍ଷଣେ ॥
ସେ ବସ୍ତ୍ର ପିନ୍ଧିଣ ଅହାର । କରିବେ ଶୁଣ ନୃପବର ॥
ତୋଫ, ମାଳଗମ, ଗାଜର । ଏହାକୁ କରିବେ ଆହାର ॥
ଲୁଚିଆ ଦୁଗ୍ଧ ମିଷ୍ଟ ଅନ୍ନ । ଭୁଞ୍ଜିଲେ ଦୋଷ ନାହିଁ ପୁଣ ॥
ଜାତ ବାସନରେ ଭୋଜନ । କରିବେ ଶୁଣ ନୃପଗଣ ॥
ଇଂରାଜୀ ପୋଷାକ ପିନ୍ଧିବେ । ଏଥିରେ ଦୋଷ ନ ଧରିବେ ॥
ଅଳ୍ପ ଶଙ୍କାକୁ ଦାନ ଦେବେ । ବ୍ରାହ୍ମଣ ଦେଖିକଲ ମାରିବେ ॥
ଜାହାଜ ରେଳରେ ଭୋଜନ । କରୁଣ ଥିବେ ମିଷ୍ଟ ଅନ୍ନ ॥
ମାଦକ ମଧ୍ୟରେ ଗୁଡ଼ାଖୁ । ଘୋଡାଇ ଶୋଷିବେ ଏହାକୁ (୧୮)

ଇତି ଶ୍ରୀ କଳି ଭାଗବତ । ଦ୍ୱିତୀୟ ଅଧ୍ୟାୟ ସମାପତ ।

ଇତି ଶ୍ରୀମଦ୍ କଳିଭାଗବତେ ମହାପୁରାଣେ ବୃଦ୍ଧସେନ ରାଜା, ବୃଦ୍ଧ ବିପ୍ର ସମ୍ବାଦେ କଳି ବ୍ୟବହାରେ ନାମ ଦ୍ୱିତୀୟୋଽଧ୍ୟାୟଃ । * ୨ । □ □

---

* '୧ — ସମ୍ବଲପୁର ହିତୈଷିଣୀ' ୧ମ ଭାଗ ୭ମ ସଂଖ୍ୟା ୨୪-୨-୧୮୮୯ ତାରିଖ।
* '୨ — ସମ୍ବଲପୁର ହିତୈଷିଣୀ' ୧ମ ଭାଗ ୯ମ ସଂଖ୍ୟା ୧୪-୮-୧୮୮୯ ତାରିଖ ଭାଗଶ୍ଚ ।

କଟକରୁ ପ୍ରକାଶିତ 'ଉତ୍କଳ ଦୀପିକା' ଏବଂ ବାଲେଶ୍ୱରରୁ ପ୍ରକାଶିତ 'ସମ୍ବାଦ ବାହିକା' କୁ ଛାଡିଦେଲେ ସମସ୍ତ ଓଡ଼ିଶାର ଯାବତୀୟ ଜାତୀୟ ସମସ୍ୟାର ଉପସ୍ଥାପନ ଏବଂ ସମାଧାନ ଦାୟିତ୍ୱ 'ସମ୍ବଲପୁର ହିତୈଷୀଣୀ' ହିଁ ଗ୍ରହଣ କରିଥିଲା । ସେହି 'ହିତୈଷିଣୀ' ରେ ପ୍ରକାଶିତ ବିଭିନ୍ନ ସମ୍ବାଦର ଅନୁଧ୍ୟାନ କଲେ ସେହି ପତ୍ରିକାର ଜାତୀୟ ପରମ୍ପରା ଏବଂ ଅଭିମୁଖ୍ୟ ସମ୍ପର୍କରେ ବେଶ୍ ଧାରଣା ହୋଇଥାଏ ।

# ସମ୍ବଲପୁର ହିତୈଷିଣୀ

୪ର୍ଥ ଭାଗ—୩୨ ସଂଖ୍ୟା—ଡିସେମ୍ବର ୧୧ ତାରିଖ ୧୮୯୩

## ସମ୍ବଲପୁର ଶିକ୍ଷା ବିଭାଗ

ସମ୍ବଲପୁର ଶିକ୍ଷା ବିଭାଗ ସମ୍ବନ୍ଧେ ଆମ୍ଭେମାନେ ଅନେକବାର ଲେଖନୀ ଚାଳନା କରିଅଛୁଁ, ଅନେକବାର ବନ୍ଧୁଭାବରେ ଶିକ୍ଷାବିଭାଗର ଅନେକ ଅଭାବ ଦେଖାଇଦେଇଅଛୁଁ । ମାତ୍ର ବଡ଼ ଦୁଃଖର ବିଷୟ ସେ ତହିଁ ପ୍ରତି ବିଭାଗୀୟ କର୍ମଚାରୀ ବା କର୍ତ୍ତୃପକ୍ଷ କେହି କିଛି ଦୃକ୍‌ପାତ କଲେନାହିଁ । × × × ସରକାର ବାହାଦୁର ସମ୍ବଲପୁର ବିଭାଗରେ ଦେଶୀୟ ଭାଷାର ଶିକ୍ଷା ବିସ୍ତାର କାର୍ଯ୍ୟରେ ବିସ୍ତର ଅର୍ଥବ୍ୟୟ କରି ଅଛନ୍ତି, ଗଭର୍ଣ୍ଣମେଣ୍ଟ ଅବଶ୍ୟ ଏକଥା ଜାଣନ୍ତି ଯେ ଉକ୍ତ ଟଙ୍କା ସବୁ ହିତୋଦ୍ଦେଶ୍ୟରେ ପ୍ରଜା ସାଧାରଣଙ୍କର ଜ୍ଞାନବୃଦ୍ଧି ଏବଂ ଜାତୀୟ ଭାଷାର ଉନ୍ନତି କଳ୍ପେ ବ୍ୟୟ କରିଅଛନ୍ତି, କିନ୍ତୁ ସେ ଏକଥା ଜାଣନ୍ତି ନାହିଁ ଯେ ତାଙ୍କର ଏହି ଜଳସ୍ରୋତ ଅର୍ଥବ୍ୟୟ ଉପରେ ଘୃତାହୁତି ଭୁଲ ହେଉଅଛି । × × × ସମ୍ବଲପୁର ଶିକ୍ଷା ବିଭାଗରେ ପ୍ରଚଳିତ ଥିବା ପାଠ୍ୟପୁସ୍ତକଗୁଡ଼ିକ ମଧ୍ୟରୁ ପ୍ରାୟ ସମସ୍ତ ଅଶୁଦ୍ଧ । ଭାଷା ଖାଣ୍ଟି ଓଡ଼ିଆ ନୁହେଁ । କେତେକ ପୁସ୍ତକ ଇଂରେଜୀ ପୁସ୍ତକର ଅଲ୍ପଜ୍ଞ ବ୍ୟକ୍ତିଙ୍କଦ୍ୱାରା କଦର୍ଯ୍ୟ ଭାବରେ ଅନୁବାଦ ହୋଇଥିବାରୁ ସେ ସବୁ ପ୍ରାଞ୍ଜଳ ଏବଂ ବିବିଧ ଦୋଷାଶ୍ରିତ, ପୁଣି ଏପରି କେତେକ ପୁସ୍ତକ ପାଠ୍ୟରୂପେ ପ୍ରଚଳିତ ଅଛି, ଯାହାକି ଶିକ୍ଷକମାନଙ୍କ ପକ୍ଷେ ସହଜ ବୋଧ ନୁହଇ । ଏପରି ଅଶୁଦ୍ଧ, ଅପ୍ରାଞ୍ଜଳ ଓ ଦୁର୍ବୋଧ ଇଂରେଜୀ ଧରଣର ଓଡ଼ିଆ ପାଠ୍ୟପୁସ୍ତକ ପଠନରେ ବାଳକମାନେ ଓଡ଼ିଆ ଭାଷାରେ ପାରଦର୍ଶିତା ଲାଭକରିବା ଆଶା କି ଆକାଶ କୁସୁମବତ୍ ଅଳୀକ ନୁହଇ ? × × × ପାଠ୍ୟପୁସ୍ତକ ଇତ୍ୟାଦି ଦୂଷିତହେବାରୁ ବିଭାଗୀୟ କର୍ତ୍ତୃପକ୍ଷମାନେ ଦାୟୀ ଅଟନ୍ତି । ସେମାନେ ଯଦ୍ୟପି ପାଠ୍ୟ ନିର୍ବାଚନ ଭାର ଉପଯୁକ୍ତ ବ୍ୟକ୍ତିଙ୍କ ଉପରେ ଅର୍ପଣ କରୁଥାନ୍ତେ, ତେବେ ଇଦୃଶ୍ୟ ଅପାଠ୍ୟ ପୁସ୍ତକ ଆଜି ସୁପାଠ୍ୟରୂପେ ଚଳି ଛାତ୍ରମାନଙ୍କ ପ୍ରକୃତୋନ୍ନତିର ଅନ୍ତରାୟ ସାଧିତ ହେଉ ନ ଥାନ୍ତା ।

କେବଳ ପାଠ୍ୟ ପୁସ୍ତକ ଅଶୁଦ୍ଧ ହେଲେ ମଧ୍ୟ ଶିକ୍ଷାଦାନ ଏବଂ ତତ୍ତ୍ୱାବଧାରଣ କାର୍ଯ୍ୟ ଉପଯୁକ୍ତ ଉତ୍କଳ ଭାଷାବିଜ୍ଞ ବ୍ୟକ୍ତିମାନଙ୍କର ହସ୍ତରେ ଥିଲେ କେତେକ ପରିମାଣରେ ସୁଫଳର ଆଶା କରାଯାଇ ପାରନ୍ତା; ମାତ୍ର ଯେପରି ପାଠ୍ୟପୁସ୍ତକ ସେହିପରି ଶିକ୍ଷକ

ତତ୍ତ୍ୱାବଧାରକ ଏପରି ହସ୍ତ ସ୍ପର୍ଶରେ କି କଦାପି ଶୁଭଫଳର ଆଶା କରାଯାଇପାରେ ? × × × ଏ ଦେଶରେ ଉତ୍କଳ ଭାଷାର ଯଥା ସମ୍ଭବ ଉନ୍ନତି କରିବା ଏବଂ ଉପଯୁକ୍ତ ଶିକ୍ଷକ ପ୍ରସ୍ତୁତକରିବା ଉଦ୍ଦେଶ୍ୟରେ ସମ୍ବଲପୁର କେନ୍ଦ୍ରରେ ଗୋଟିଏ ନର୍ମାଲ ବିଦ୍ୟାଳୟ ପ୍ରତିଷ୍ଠା କରିବା ଏକାନ୍ତ ଉଚିତ। × × × ଶୁଣି ଖୁସି ହେଲୁଁ ଯେ ସମ୍ବଲପୁର ମିଡିଲ ହାଇସ୍କୁଲର ଉତ୍କଳଭାଷା ପାରଦର୍ଶୀ, ଉନ୍ନତମନା ହେଡ଼ମାଷ୍ଟର ବାବୁ ବିଜୟଚନ୍ଦ୍ର ମଜୁମଦାର ବି. ଏ. ପ୍ରଚଳିତ ପାଠ୍ୟପୁସ୍ତକର ଅବିଶୁଦ୍ଧତା ସମ୍ବନ୍ଧେ ବିଭାଗୀୟ ଇନ୍ସ-ପେକ୍ଟର ଜେନେରାଲ ସାହେବ ମହୋଦୟଙ୍କ ନିକଟକୁ ଏକ ରିପୋର୍ଟରେ ସମ୍ବଲପୁର ବାସୀମାନଙ୍କ ପ୍ରକୃତ ହିତୈଷୀର କାର୍ଯ୍ୟ କରିଅଛନ୍ତି। × × × ସମ୍ବଲପୁର ହାଇ-ସ୍କୁଲର ଶିକ୍ଷକ ପଦରେ ମରହଟ୍ଟା ବଦଳରେ ଜଣେ ଉତ୍କଳଭାଷା ପାରଦର୍ଶୀ ବଙ୍ଗାଳୀ ଶିକ୍ଷକ ନିଯୁକ୍ତ ହେବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ସୁଖୀ ହୋଇଅଛୁଁ। ବର୍ତ୍ତମାନ ହାଇସ୍କୁଲ ସମ୍ବନ୍ଧେ ବକ୍ତବ୍ୟ ଏତିକି ଯେ କ୍ରମରେ ଉକ୍ତ ବିଦ୍ୟାଳୟକୁ ଉତ୍କଳୀ ଶିକ୍ଷକରେ ପୂର୍ଣ୍ଣରଖିବା ଉଚିତ ଏବଂ ଓଡ଼ିଆ ଓ ସଂସ୍କୃତ ଭାଷା ପଢ଼ାଇବା ସକାଶେ ଜଣେ ଉପଯୁକ୍ତ ଶିକ୍ଷକ ସତ୍ୱର ନିଯୁକ୍ତ ହେବା ବାଞ୍ଛନୀୟ।

**ବିବିଧ ସମାଚାର**—( ବାର୍ଗଡ଼ ସମ୍ବାଦ ) ଗତମାସ ୨୮ ତାରିଖରେ ଏହି କେନ୍ଦ୍ରରେ ଭର୍ଣ୍ଣାକ୍ୟୁଲର ଅପର ପ୍ରାଇମେରୀ ପରୀକ୍ଷାର୍ଥୀ ଛାତ୍ରସଂଖ୍ୟା କ୍ରମରେ ୧ ଓ ୧୭ଜଣ ଏରୂପ ମୋଟରେ ୨୭ ଜଣ ହୋଇଥିଲେ। ଚର୍ଚ୍ଚିକା ଓ ସୁବର୍ଣ୍ଣପୁର ସ୍କୁଲରୁ କ୍ରମଶଃ ୩ଜଣ ଓ ୨ ଜଣ ଛାତ୍ର ପରୀକ୍ଷା ଦେଇଅଛନ୍ତି।

## ୧୮ ତାରିଖ ଡିସେମ୍ବର ବୁଧବାର ୧୮୯୩

ବରଗଡ଼ ସମ୍ବାଦ—

ବୁଢ଼ା ସମ୍ବରର ହାବାଲ ଜମିଦାର ଅନିତ୍ୟ ସ୍କୁଲ ପରିଦର୍ଶନକର ସ୍କୁଲର ବୈଜ୍ଞାନିକ ଉପକରଣର ଅଭାବ ମୋଚନାର୍ଥ ୧୦୦ ଟଙ୍କା ଦାନଦେଇ ବିଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି।

## ୮। ୨। ୧୮୯୩ ତାରିଖ ବୁଧବାର

ବିଦ୍ୟାବିଭାଗୀୟ ବଡ଼କର୍ତ୍ତାଙ୍କ କାର୍ଯ୍ୟ ବିବରଣ—

ମଧ୍ୟ ପ୍ରଦେଶୀୟ ବିଦ୍ୟା-ବିଭାଗର ପ୍ରଧାନତମ କର୍ତ୍ତା ଇନ୍ସପେକ୍ଟର ଜେନେରାଲ ମାନ୍ୟବର ଆଲେକ୍‌ଜାଣ୍ଡର ମନରେ ସାହେବ, ପୂର୍ବାଞ୍ଚଳୀୟ ବିଦ୍ୟାବିଭାଗର ଇନ୍ସ୍-ପେକ୍ଟର ଶ୍ରୀଯୁକ୍ତ ଏ. ପି. ମିକଲ ସାହେବଙ୍କ ସହିତ ବିଦ୍ୟାଳୟ ପରିଦର୍ଶନ କାର୍ଯ୍ୟରେ ଅନେକ ଦିନରୁ ବହିର୍ଗତ ହୋଇଅଛନ୍ତି। ଉକ୍ତ ମହୋଦୟ ଗତମାସ ୧୬ ତାରିଖଦିନ ସମ୍ବଲପୁରରେ ପଦାର୍ପଣ କରି ୧୭ ତାରିଖଦିନ ତତ୍ରତ୍ୟ ମିଡିଲ୍ ହାଇସ୍କୁଲ ପରିଦର୍ଶନ କଲେ। ବିଦ୍ୟାଳୟର ଡ୍ରଇଁ ( ଚିତ୍ର ) ଶିକ୍ଷା ବିଷୟରେ ସାହେବ ପ୍ରଶଂସିତ ଅନେକ ପ୍ରଶଂସା ବାଦକଲେ। ୧୮ ତାରିଖଦିନ ମାନ୍ୟବର ମନରେ ସାହେବ ସ୍କୁଲର ବାର୍ଷିକ

ପାରିତୋଷିକ ସ୍ୱରୂପରେ ଛାତ୍ର ମାନଙ୍କୁ ପ୍ରଦାନକରି ଛାତ୍ରମାନଙ୍କର ଉତ୍ସାହ ବର୍ଦ୍ଧନ କଲେ ଏବଂ ହେଡ଼ମାଷ୍ଟର ବାବୁ ବିଜୟଚନ୍ଦ୍ର ମଜୁମଦାର ମହାଶୟଙ୍କ ଲିଖିତ ବାର୍ଷିକ ରିପୋର୍ଟ ଶ୍ରବଣକରି ଶିକ୍ଷାପ୍ରଣାଳୀର ସୁଖ୍ୟାତି କରିଥିଲେ ଏବଂ ରିପୋର୍ଟରେ ଯେଉଁ ସବୁ ଅଭାବର ଉଲ୍ଲେଖ କରାଯାଇଥିଲା ତହିଁ ସମ୍ବନ୍ଧେ ଅନେକ ଆଶା ବାକ୍ୟ ପ୍ରଦାନ କରିଥିଲେ । ବିଜୟ ବାବୁଙ୍କ ପଠିତ ରିପୋର୍ଟରେ ଲେଖାଥିଲା ଯେ ସମ୍ବଲପୁର ଛାତ୍ରାବାସର ପାଠଶାଳା ଓ ପ୍ରାଚୀର ନିର୍ମାଣ ନିମନ୍ତେ ମହାମାନ୍ୟ ଚିଫ୍‌କମିଶନର ଯେତେ ଅର୍ଥର ଆବଶ୍ୟକ ଅନୁଭବ କରିଅଛନ୍ତି ଅନ୍ତତଃ ପକ୍ଷରେ ସରକାର ବାହାଦୁର ତହିଁର ଅର୍ଦ୍ଧାଂଶ ବ୍ୟୟର ବହନ ନକଲେ ଉକ୍ତ ପ୍ରସ୍ତାବ କଦାପି କାର୍ଯ୍ୟରେ ପରିଣତ ହୋଇନପାରେ ।

## ବିବିଧ ସମାଚାର—ସମ୍ବଲପୁର ସମ୍ବାଦ

ସମ୍ବଲପୁର ହାଇସ୍କୁଲର ୯ ଜଣ ଛାତ୍ର ଏଣ୍ଟ୍ରାନ୍‌ସ ପରୀକ୍ଷା ଦେବାକୁ କଲିକତା ଯାଇଅଛନ୍ତି ।

### ତା ୨୨-୨-୧୮୯୩

## ଏ ଦେଶର ପାସ୍ ପରୀକ୍ଷା ଓ ଦେଶବାସୀଙ୍କ କର୍ତ୍ତବ୍ୟ—

× × × ବର୍ତ୍ତମାନ ସମ୍ବଲପୁର ହାଇସ୍କୁଲର ହେଡ଼ମାଷ୍ଟର ବାବୁ ବିଜୟଚନ୍ଦ୍ର ମଜୁମ୍‌ଦାର ମହାଶୟଙ୍କ ଯତ୍ନରେ ଏ ଦେଶର ପାଠ୍ୟପୁସ୍ତକ ଅବିଶୁଦ୍ଧ ଥିବା କଥା ଇନ୍‌ସପେକ୍ଟର ଜେନେରାଲ ମହୋଦୟଙ୍କ ଦୃଷ୍ଟିଗୋଚର ହୋଇଅଛି ଏବଂ ସେହି ମଜୁମଦାର ମହାଶୟଙ୍କ ଯତ୍ନରେ ବିଶୁଦ୍ଧ ପାଠ୍ୟପୁସ୍ତକ ପ୍ରଚଳନ ପ୍ରସ୍ତାବ ତାହାଙ୍କର ବିଚାରାଧୀନରେ ରହିଅଛି. ଏପରି ସୁଅବସର ପାଇ ଦେଶର ସୁସନ୍ତାନମାନଙ୍କର ନିଶ୍ଚିନ୍ତ-ରହିବା କଦାପି ଉଚିତ ନୁହଇ । ସତ୍ୱର ସମସ୍ତ ଲୋକ ମିଳିତ ହୋଇ ଏ ଦେଶର ବିଶୁଦ୍ଧ ପାଠ୍ୟପୁସ୍ତକ ପ୍ରଚଳିତ ହୋଇ ବିଶୁଦ୍ଧ ପ୍ରଣାଳୀରେ ପରୀକ୍ଷା ଗୃହୀତ ହେବା ଏବଂ ଉପଯୁକ୍ତ ଶିକ୍ଷକ ପ୍ରସ୍ତୁତ କରିବା ନିମନ୍ତେ ସମ୍ବଲପୁରଠାରେ ଗୋଟିଏ ନର୍ମାଲ ପ୍ରତିଷ୍ଠିତ ହେବା ବିଷୟରେ ମାନ୍ୟବର ଇନ୍‌ସପେକ୍ଟର ଜେନେରାଲଙ୍କୁ ପ୍ରାର୍ଥନା କରିବା ଉଚିତ ।

## ବିବିଧ ସମାଚାର—

ସମ୍ବଲପୁର ସମୀପ ଖେତରାଜପୁର ଯାଏ ମାଲଗାଡ଼ି ରୀତିମତ ଯିବାଆସିବା କରୁଅଛି । ଆଜି ଠାରୁ ସମ୍ବଲପୁରଯାଏ ଯିବାଆସିବା ଆରମ୍ଭ ହେବ । ଏହା ପରେ ଝାରସୁଗୁଡ଼ା ବଜାର ମାନ୍ଦା ପଡ଼ିଯିବ ।

### ତା ୧-୩-୧୮୯୩

## ପ୍ରାଦେଶିକ ସମିତି—

ବଙ୍ଗ, ବିହାର ପ୍ରଦେଶ ମାନଙ୍କରେ ସଂଯୁକ୍ତ ଶାସନାଧୀନ ଏବଂ ଆଲୋଚନାର ଉତ୍ସାହ ଜନିତ ଯେପରି ପ୍ରାଦେଶିକ ସଭା ଅଛି, ଓଡ଼ିଶାରେ ସେପରି ସଭା ନଥିବାରୁ,

ସଂସ୍କୃତ ଶିକ୍ଷାର ଉତ୍ତରୋତ୍ତର ଅବନତି ହେଉଅଛି । କି ଉପାୟରେ ସଂସ୍କୃତ ଅଧ୍ୟାପକ ଏବଂ ଛାତ୍ରାର୍ଥୀମାନଙ୍କୁ ସମୁଚିତ ଉତ୍ସାହ ଦିଆଯାଇ ପାରିବ, ଉକ୍ତ ବିଷୟରେ ପରାମର୍ଶ କରିବା ସକାଶେ ପଣ୍ଡିତବର ମହା ମହୋପାଧ୍ୟାୟ ଶ୍ରୀଯୁକ୍ତ ମହେଶଚନ୍ଦ୍ର ନ୍ୟାୟରତ୍ନ ଗବର୍ଣ୍ଣମେଣ୍ଟଙ୍କ କର୍ତ୍ତୃକ ଓଡ଼ିଶାକୁ ପ୍ରେରିତ ହୋଇଅଛନ୍ତି । ତାହାଙ୍କ ଅଭିପ୍ରାୟାନୁସାରେ ଉପରୋକ୍ତ ବିଷୟରେ ଆଲୋଚନା ହେବା ନିମିତ୍ତ କଟକ ନର୍ମାଲ ସ୍କୁଲ ଗୃହରେ ଫେବୃୟାରୀ ୨୪ ତାରିଖ ଅପରାହ୍ଣ ସମୟରେ ଗୋଟିଏ ସଭାର ଅଧିବେଶନ ହେବ । ଏହି ସମିତିରେ ଉପସ୍ଥିତ ହେବା ସକାଶେ ଦେଶର ଗଣ୍ୟମାନ୍ୟ ବ୍ୟକ୍ତିମାନେ ଆମନ୍ତ୍ରିତ ହୋଇଅଛନ୍ତି । ଆମନ୍ତ୍ରିତ ବ୍ୟକ୍ତିମାନଙ୍କର ଉପସ୍ଥିତ ହୋଇ ଆର୍ଯ୍ୟଭାଷା ଶିକ୍ଷାର ଉନ୍ନତି ଉପାୟ ଉଦ୍ଭାବନ କରିହେବା ଉଚିତ । × × ×

## ତା ୧୨-୪-୧୮୯୩

## ବିବିଧ ସମାଚାର—ସମ୍ବଲପୁର ସମ୍ବାଦ—

କ୍ଷେତ୍ରରାଜପୁରଠାରେ ରେଲଓ୍ୱେ ମାଲଷ୍ଟେସନ୍ ସ୍ଥାପିତ ହେବାର ତାହା ସେଠାରେ ନହୋଇ ବୁଢ଼ାରଜାଠାରେ ହେବାର ପ୍ରାର୍ଥନା ହୋଇଥିଲା । ଅସିଷ୍ଟାଣ୍ଟ ଇଞ୍ଜିନିୟର ଅସୁବିଧା ହେତୁ ତାହା ମଞ୍ଜୁର କଲେନାହିଁ । ଏଣିକି ବୁଢ଼ାରଜା ଷ୍ଟେସନରୁ ପେସେଞ୍ଜର ଟିକଟ କିଣିବାର ସ୍ଥିର ହୋଇଅଛି । × × ×

"ସମ୍ବଲପୁର ରେଲପଥ ଫିଟିବାଦ୍ୱାରା ଆଜିକାଲି ହେଉ ବା ନହେଉ ଚାଉଳ ରପ୍ତାନି ବେଶ୍ ବୃଦ୍ଧି ପାଇଅଛି । ବୋଧ ହେଉଛି ଯେ ଆଗାମୀ ଜ୍ୟେଷ୍ଠମାସ ସଦର ସହରରେ ଟଙ୍କାକୁ ୬ ତମ୍ବି ଚାଉଳ ମିଳିବା ମଧ୍ୟ କଷ୍ଟକର ହେବ ।"

## ତା ୨୪-୫ ୧୮୯୩

## ଜମିଦାରୀ ଶିକ୍ଷା -

କଲିକତା ମେଟ୍ରୋପଲିଟନ ଇନଷ୍ଟିଚ୍ୟୁସନ ବିଦ୍ୟାଳୟ ସଂଲଗ୍ନରେ ଜମିଦାରୀ କାର୍ଯ୍ୟ ଶିକ୍ଷାଦେବା ଲାଗି ଗୋଟିଏ ନୂତନ ଶ୍ରେଣୀ ଖୋଲିଅଛି । ସେହି ଶ୍ରେଣୀରେ ଜମିଦାର ପୁତ୍ରମାନଙ୍କୁ ଜମିଦାରୀ ସଂକ୍ରାନ୍ତ ଆଇନ, ଜମିଦାରୀ ହିସାବ, କଟିବ ଓ ପରିମିତ ବିଷୟରେ ଶିକ୍ଷା ଦିଆଯାଉଅଛି । ଅଧ୍ୟାପକ ପଦରେ ଉଚ୍ଚଶିକ୍ଷିତ, ପ୍ରବୀଣ ବ୍ୟକ୍ତିମାନେ ନିଯୁକ୍ତ ହୋଇଅଛନ୍ତି । × × × ଜମିଦାର ସନ୍ତାନମାନଙ୍କର ସେଠାରେ ଶିକ୍ଷା ଗ୍ରହଣକରିବା ସର୍ବାଂଶରେ ଲାଭଜନକ ।

## ମିଡ଼ିଲ୍ ସ୍କୁଲ ପରୀକ୍ଷା—

ମିଡ଼ିଲ୍‌ସ୍କୁଲ ପରୀକ୍ଷାଫଳ ଗତ ୧୩ ତାରିଖରେ ମଧ୍ୟପ୍ରଦେଶର ଗେଜେଟ୍‌ରେ ପ୍ରକାଶିତ ହୋଇଅଛି । ୧ମ ଶ୍ରେଣୀରେ ୨୪ ଜଣ ଛାତ୍ର ପାଶ୍ କରି ୨୩ ଜଣ ଛାତ୍ରବୃତ୍ତି ପାଇଅଛନ୍ତି, ୨ୟ ଶ୍ରେଣୀରେ ୧୩୧ ଜଣ ପାଶ୍‌କରି ୨୨ ଜଣ ବୃତ୍ତିଲାଭ କରିଅଛନ୍ତି, ୩ୟ ଶ୍ରେଣୀରେ ୨୧୦ ଜଣ ଛାତ୍ର ପାଶ୍ କରିଅଛନ୍ତି ।

## ଏଣ୍ଟ୍ରାନ୍‌ସ ପରୀକ୍ଷାଫଳ

ଓଡ଼ିଶା

| ସ୍କୁଲର ନାମ | ୧ମ | ୨ୟ | ୩ୟ | ମୋଟ ପରୀକ୍ଷାର୍ଥୀ |
|---|---|---|---|---|
| କଟକ କଲେଜିଏଟ | ୬ | ୧୨ | ୬ | ୨୪-୩୦ |
| ବାଲେଶ୍ୱର ଜିଲ୍ଲା ସ୍କୁଲ | ୪ | ୧୨ | ୦ | ୧୬-୧୭ |
| ପୁରୀ ଜିଲ୍ଲା ସ୍କୁଲ | ୨ | ୪ | ୧ | ୮-୮ |
| କଟକ ଏକାଡେମୀ | ୦ | ୫ | ୧ | ୬-୧୧ |
| କେନ୍ଦ୍ରାପଡ଼ା ସ୍କୁଲ | ୧ | ୧ | ୧ | ୩-୪ |
| ଭଦ୍ରକ ସ୍କୁଲ | ୦ | ୨ | ୨ | ୪-୫ |
| ଯାଜପୁର ସ୍କୁଲ | ୧ | ୦ | ୨ | ୩-୩ |
| ଲକ୍ଷ୍ମଣନାଥ ସ୍କୁଲ | ୦ | ୩ | ୧ | ୪-୪ |
| କଟକ ମିଶନ ସ୍କୁଲ | ୦ | ୦ | ୩ | ୩-୬ |
| ମୟୂରଭଞ୍ଜ ସ୍କୁଲ | ୦ | ୨ | ୦ | ୨-୩ |
| ବାହାର ଛାତ୍ର | ୦ | ୨ | ୧ | ୩-୮ |
| ସର୍ବମୋଟ | ୧୫ | ୪୩ | ୧୮ | ୭୬-୯୮ ଜଣ |

ତା ୩୧-୫-୧୮୯୩

## ସମ୍ବଲପୁର ହାଇସ୍କୁଲ ସହକାରୀ ଶିକ୍ଷକ ଆବଶ୍ୟକ—

ଅନେକ ଚେଷ୍ଟା, ଅନେକ ଆନ୍ଦୋଳନରେ ସମ୍ବଲପୁର ହାଇସ୍କୁଲ ହେଡ୍‌ମାଷ୍ଟର ପଦରେ ମରହଟ୍ଟା ବଦଳରେ ଜଣେ ଉତ୍କଳ ଗ୍ରାମାଞ୍ଚ ବ୍ୟକ୍ତି ନିଯୋଜିତ ହୋଇଅଛନ୍ତି, ବର୍ତ୍ତମାନ ଉକ୍ତ ବିଦ୍ୟାଳୟର ୨ୟ ଶିକ୍ଷକ ପଦରେ ଜଣେ ମରହଟ୍ଟା ନିଯୁକ୍ତ, ସେ କାର୍ଯ୍ୟାନ୍ତରକୁ ଯାଉଥିବାରୁ ତାଙ୍କ ସ୍ଥାନରେ ୮୦ ଟଙ୍କା ବେତନରେ ଜଣେ ଉପାଧିଧାରୀ ଶିକ୍ଷକ ଆବଶ୍ୟକ । ମଧ୍ୟପ୍ରଦେଶୀୟ ଶିକ୍ଷା ବିଭାଗର ମାନନୀୟ ଇନ୍‌ସପେକ୍ଟର ଜେନେରାଲ ପ୍ରାଦେଶିକ ଗେଜେଟରେ ବିଜ୍ଞାପନ ଦେଇଅଛନ୍ତି ଯେ ଯେଉଁ ଉପାଧିଧାରୀର ମାତୃଭାଷା ହିନ୍ଦୀ ଅଟେ, ତାଙ୍କର ଆବେଦନ ଗୃହୀତ ହେବ । ଆମ୍ଭେମାନେ ଉକ୍ତ ବିଷୟର ଆଲୋଚନା କରି ଆପତ୍ତି କରିଥିଲୁ ଯେ ଓଡ଼ିଆ ଦେଶର ବିଦ୍ୟାଳୟରେ ଓଡ଼ିଆ ପିଲା-ମାନଙ୍କୁ ପଢାଇବାଲାଗି ଜଣେ ପଶ୍ଚିମା ଶିକ୍ଷକ ନିଯୋଗ ନ କରି ଓଡ଼ିଶାର କୌଣସି ଉପାଧିଧାରୀ ବ୍ୟକ୍ତିଙ୍କୁ ଉକ୍ତ ପଦ ପ୍ରଦାନ କରିବା ଉଚିତ । ସୁଖର ବିଷୟ ଯେ ମାନ୍ୟବର ଇନ୍‌ସପେକ୍ଟର ଜେନେରାଲ ଅମ୍ଭମାନଙ୍କର ଆପତ୍ତି ଗ୍ରହଣ କରି ଗତ ୨୩ ତାରିଖ ଦିନ ୬୧୯୮ ନମ୍ବର ପତ୍ରଯୋଗେ ଜଣାଇ ଅଛନ୍ତି ଯେ “ଯେବେ ଜଣେ ଉପାଧିଧାରୀ ଓଡ଼ିଆ ଦେଶର ଲୋକ ମିଳେ, ତେବେ ଜଣେ ପଶ୍ଚିମା ନିଯୋଗ କରିବାକୁ ଆମ୍ଭେ ପ୍ରବୃତ୍ତ

ହେଉନାହିଁ ।" ମାନ୍ୟବର ଲଃ ଜେନେରଲଙ୍କର ଉପରୋକ୍ତ ମନ୍ତବ୍ୟ ଯଥାର୍ଥ ଅଟଇ। × × × ଯଦ୍ୟପି ଅଭାବ ଓଡ଼ିଆ ଶିକ୍ଷକ ନମିଳେ, ତେବେ ଯଷ୍ଟିମା ବଦଳରେ ଜଣେ ବଙ୍ଗଳା ଶିକ୍ଷକ ନିଯୁକ୍ତ କରିବା ଉଚିତ୍ । କର୍ମାଭିଳାଷୀ ଉପାଧିଧାରୀ ଓଡ଼ିଆ ମାନଙ୍କର କାଳବିଳମ୍ବ ନକରି ଆବେଦନ ପତ୍ର ପଠାଇବା ଉଚିତ୍ ।

ତା ୩୧ । ୫ । ୧୮୯୩

## ପ୍ରେରିତ ପତ୍ର

ଶ୍ରୀଯୁକ୍ତ ସମ୍ବଲପୁର ହିତୈଷିଣୀ ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ,

ଆଜକୁ ଏକବର୍ଷ ହେଲା ବାମଣ୍ଡା ରାଜଧାନୀରେ ଗୋଟିଏ ଶିକ୍ଷକ ସମିତି ସ୍ଥାପିତ ହୋଇଅଛି । ସମିତି ସ୍ଥାପନର ଉଦ୍ଦେଶ୍ୟ ଯେ ଛାତ୍ରମାନଙ୍କୁ ସଚ୍ଚରିତ୍ର ଓ କର୍ତ୍ତବ୍ୟଜ୍ଞ କରିବା ଏବଂ ସେମାନଙ୍କ ଶିକ୍ଷାର ସମୁଚିତ ଉନ୍ନତି ବିଷୟରେ ଦୃଷ୍ଟି ରଖିବା । ଗତ ରବିବାର ଦିନ ଉକ୍ତ ଶିକ୍ଷକ ସମିତିର ବାର୍ଷିକ ଅଧିବେଶନ ହୋଇ ଯାଇଅଛି । × × × ଜଣେ ଦର୍ଶକ ।

୭ । ୭ । ୧୮୯୩

## କଟକ ନର୍ମାଲ ବିଦ୍ୟାଳୟରେ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କର ଶୋଚନୀୟ ଅବସ୍ଥା

କଟକ, ଓଡ଼ିଶାର ରାଜଧାନୀ । ଏଠାରେ ଆଜକୁ ୨୨।୨୩ ବର୍ଷ ହେଲା ଗୋଟିଏ ନର୍ମାଲ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି ପ୍ରଧାନତଃ ଓଡ଼ିୟା ଭାଷାର ସୁଶିକ୍ଷକ ପ୍ରସ୍ତୁତ କରି ଏ ବିଦ୍ୟାଳୟ ସ୍ଥାପନର ଉଦ୍ଦେଶ୍ୟ । ଏହା ନୋହିଲେ ଉତ୍ତୀର୍ଣ୍ଣ ଛାତ୍ରମାନେ ଯେ କେବଳ ଶିକ୍ଷକତା କର୍ମ କରିବେ ଏପରି ନୁହେଁ, ଯେଉଁସବୁ କାର୍ଯ୍ୟ କେବଳ ଓଡ଼ିଆ ଜାଣିବା ଲୋକ ଦ୍ୱାରା ଚଳିପାରିବ ସେପରି କାର୍ଯ୍ୟରେ ମଧ୍ୟ ସେମାନଙ୍କର ଦାବୀ ରହିବ, ଏହି ସିଦ୍ଧାନ୍ତ ଅନୁସାରେ ସେମାନେ ଶିକ୍ଷକତା କାର୍ଯ୍ୟ ଏବଂ ସ୍କୁଲ ପରିଦର୍ଶକ କାର୍ଯ୍ୟ ପାଇବାକୁ କ୍ଷମତାବାନ X X X ନର୍ମାଲ ବିଦ୍ୟାଳୟର ପାଠ୍ୟପୁସ୍ତକମାନ ଭାଷା-ନ୍ତରିତ ହୋଇଥିଲେ ମଧ୍ୟ ବି. ଏ. ପରୀକ୍ଷାର ପାଠ୍ୟପୁସ୍ତକ । X X X ଯେବେ ଇଂରାଜୀ ଜାଣିବା ଲୋକ, ଓଡ଼ିଆ ଭାଷାଜ୍ଞ ଦ୍ୱାରା ଚଳିବା କାର୍ଯ୍ୟରେ ନିଯୁକ୍ତ କରିବା ନୀତିସଙ୍ଗତ ବୋଧହୁଏ, ତେବେ ନର୍ମାଲ ସ୍କୁଲରେ ବର୍ଷକୁ ବର୍ଷ ଗଭର୍ଣ୍ଣମେଣ୍ଟଙ୍କର ବାର ବାର ହଜାର ଟଙ୍କା ନଷ୍ଟକରିବା କଦାପି ଉଚିତ ନୁହେଁ । ଓଡ଼ିଆ ଭାଷାଜ୍ଞ ଲୋକ ନିଯୁକ୍ତ ହେଉଥିବାର ଗୋଟିଏ ଉଦାହରଣ ଚକ୍ଷୁ ସମକ୍ଷରେ ରହିଅଛି । X X X

ତା ୧୩-୯-୧୮୯୩

## ହିନ୍ଦୀ ଭାଷାର ବିଦ୍ୟାଳୟ

ଛତିଶଗଡ଼ ଡିଭିଜନର କମିଶନର ସାହେବ, ସମ୍ବଲପୁର ଠାରେ ଗୋଟିଏ ହିନ୍ଦୀ ଭାଷା ବିଦ୍ୟାଳୟର ଅଭାବ ଅନୁଭବକରି ସେହି ଅଭାବ ପୂରଣ କରିବା ନିମନ୍ତେ

ଶିକ୍ଷା ବିଭାଗର ଇନ୍‌ସ୍‌ପେକ୍ଟର ଜେନେରଲ ସାହେବଙ୍କୁ ଅନୁରୋଧ କରିଥିଲେ, ଏବଂ ସମ୍ବଲପୁରଠାରେ ଅନେକ ଗୁଡ଼ିଏ ବିଦେଶୀ ଲୋକ ବାସ କରୁଥିବାରୁ ସେମାନେ ନିଜ ନିଜର ମାତୃଭାଷା ହିନ୍ଦୀ ଶିକ୍ଷା ଦେବାପାଇଁ ମଲ୍ଲାନମାନଙ୍କୁ ଉକ୍ତ ବିଦ୍ୟାଳୟକୁ ପଠାଇବାର ଆଶା ଦେଇଥିଲେ । ଇନ୍‌ସ୍‌ପେକ୍ଟର ଜେନେରଲ ସାହେବ, କମିସନର ସାହେବଙ୍କ ପ୍ରସ୍ତାବ ସମ୍ବନ୍ଧେ ସମ୍ବଲପୁର ହାଇସ୍କୁଲର ହେଡ଼ମାଷ୍ଟର ମହାଶୟଙ୍କୁ ମତ ମାଗିଥିଲେ । ହେଡ଼ମାଷ୍ଟର କହିଥିବାରୁ ମତ ଦେଲେ ଯେ ସ୍କୁଲ ସ୍ଥାପିତ ହେଲେ ୨୦ ଜଣରୁ ଅଧିକ ଛାତ୍ର ମିଳିବାର ଆଶା ନାହିଁ, ଏତେ ଅଳ୍ପ ଛାତ୍ରଙ୍କ ନିମନ୍ତେ ଗୋଟିଏ ବିଦ୍ୟାଳୟ ପ୍ରତିଷ୍ଠା ବାଞ୍ଛନୀୟ ନୁହେଁ । × × × ଏଦେଶର ଅନ୍ତତଃ ଶିକ୍ଷିତ ଲୋକମାନେ ପ୍ରାୟ ସମସ୍ତେ ହିନ୍ଦୀ ଭାଷାରେ କଥୋପକଥନ କରି ପାରନ୍ତି, ଛାପା ଅକ୍ଷର ମଧ୍ୟ ଅନେକ ପଢ଼ି ପାରନ୍ତି, କେହି କେହି ଯେ ଲେଖି ନ ପାରନ୍ତି ଏମନ୍ତ ନୁହେଁ, ଏସ୍ଥଳେ ୧୦।୫ ଜଣଙ୍କ ସୁବିଧା ନିମନ୍ତେ ବ୍ୟୟସାଧ୍ୟ ଗୋଟିଏ ବିଦ୍ୟାଳୟ ପ୍ରତିଷ୍ଠା ଅନାବଶ୍ୟକ, ଯେଉଁମାନେ ତାହାର ଆବଶ୍ୟକତା ଅନୁଭବ କରନ୍ତି ସେମାନେ ତାହା ପୂରଣ କରିପାରିବେ । ଆମ୍ଭମାନଙ୍କର ମାତୃଭାଷା ଓଡ଼ିଆ ଶିକ୍ଷାଦେବା ନିମନ୍ତେ ଗୋଟିଏ ମାତ୍ର ଉପଯୁକ୍ତ ବିଦ୍ୟାଳୟ ପ୍ରତିଷ୍ଠା ବିଷୟକ ପ୍ରସ୍ତାବକୁ କଦାପି ଅନୁମୋଦନ କରାଯାଇନପାରେ । × × ×

ତା-୧୮-୧୦-୧୮୯୩

## ବି, ଏନ୍, ରେଲଓ୍ୱେର ବିଧାନ

ଆଗାମୀ ମାସ ୧୫ ତାରିଖଠାରୁ ବେଙ୍ଗଲ ନାଗପୁର ରେଲଓ୍ୱେର ଡାକଗାଡ଼ି ପ୍ରତି ଘଣ୍ଟାରେ ୩୦ ମାଇଲ ବଦଳରେ ୪୦ ମାଇଲ ଚାଲିବାକୁ ସ୍ଥିର କରିବ ଏବଂ ଉକ୍ତ ଗାଡ଼ି ଯାହା ପ୍ରତ୍ୟେକ ଷ୍ଟେସନରେ ରହି ରହି ଯାଉଥିଲା ତାହା ନହୋଇ ନିମ୍ନୋକ୍ତ ଷ୍ଟେସନମାନଙ୍କ ଛଡ଼ା ଅପର ଷ୍ଟେସନମାନଙ୍କରେ ରହି ରହି ଯିବ । ଯଥା—ମୁଖ୍ୟ, ମୁରିପଡ଼ା, ଉଲଇ, କୁମ୍ଭାଶ୍ୱା, ମାହିତା, ସିଲିଆରି, ଝପାରିଆ, ବଲ୍ଲି, ଘଗଘାଣ୍ଟ ନଇଡା, ଚାଉଦୂଆ, ଶଙ୍କ, ରଣ୍ଡିଆ, କହ୍ଲାଘାଲ, ଜାମଗା, ଜନଆ, ବେଲ ପାହାଡ, ବାଗଡିଙ୍ଗା, ବାମଣ୍ଡା, ଗଡ଼ଘୋଷ, ବୁଲୁଗାଁ, ଗାଇରବେଲ, ଜରେଇକେଲା, ସୁନୁଆ ଷ୍ଟେସନ । × × × ବି, ଏନ ରେଲଓ୍ୱେର ପ୍ୟାସେଞ୍ଜର ଗାଡ଼ି ନାମମାତ୍ର, ତାହାକୁ ମାଲ୍‌ଗାଡ଼ି କହିଲେ ଚଳେ ଏବଂ ତାହା ପ୍ରତି ଷ୍ଟେସନରେ ଅନେକ କ୍ଷଣ ରହି ରହି ଆସେ । ଏଣିକି ତାହା ନହେବା ଏବଂ ଗାଡ଼ିର ଗତି ବେଗ ବୃଦ୍ଧି ପାଇବାର ବିଧାନ ହେବା ଉଚିତ ।

## ସମ୍ବଲପୁର ହିତୈଷିଣୀ

ବାମଣ୍ଡାଧିପତି ରେଲଓ୍ୱେ ନିମନ୍ତେ ବିନାମୂଲ୍ୟରେ ଭୂମି ଦାନ କରିଅଛନ୍ତି, ସଂପ୍ରତି ତାଙ୍କର ଇଲାକା ମଧ୍ୟଗତ ବାମଣ୍ଡା ଷ୍ଟେସନରେ ଡାକଗାଡ଼ି ନ ରହିବାର ପ୍ରସ୍ତାବ ହେବାର ଶୁଣି ଏ ଅଦେଶ ରହିତ ହେବା ନିମନ୍ତେ ରେଲଓ୍ୱେ କର୍ତ୍ତୃପକ୍ଷଙ୍କୁ ଅନୁରୋଧ

କରିଅଛନ୍ତି, ଆଶାକରୁଁ ରେଲଓଏ କର୍ତ୍ତୃପକ୍ଷ ରାଜା ମହୋଦୟଙ୍କର ଏହି ଆବେଦନ ଅବଶ୍ୟ ଗ୍ରହଣ କରି କୃତଜ୍ଞତାର ପରିଚୟ ଦେବେ ।

ତା।୧-୧୧-୧୮୯୧

## ଗଡ଼ଜାତର ଶିକ୍ଷାବିବରଣୀ

ଛତିଶଗଡ଼ ବିଭାଗରେ ଥିବା ୧୪ ଗୋଟା ଷ୍ଟେଟ୍ ମଧ୍ୟରୁ ରାଏଗଡ଼, ସାରଙ୍ଗଡ଼, ପାଟନା, କଳାହାଣ୍ଡି, ଶକ୍ତି, ଖୈରାଗଡ଼, ରାଜନାନ୍ଦଗାଁ, ଛୁଇଖଦୀ, ଏହି ନଅ ଗୋଟା ଷ୍ଟେଟ୍‌ର ଗବର୍ଣ୍ଣମେଣ୍ଟଙ୍କ ବିଶେଷ ତତ୍ତ୍ୱାବଧାନରେ ଅଛି, ୯ ଗୋଟା ଷ୍ଟେଟ୍‌ର କ୍ଷେତ୍ରଫଳ ୧୧୦୭୨ ବର୍ଗମାଇଲ, ଲୋକସଂଖ୍ୟା ୧୪, ୨୮, ୭୫୨ ଜଣ, ଏଥି ମଧ୍ୟରେ ୯୧।୯୨ ସାଲରେ ୧୩୦ ଗୋଟା ସ୍କୁଲ ଥିଲା, ତହିଁରେ ୮୧୧୭ ଜଣ ଛାତ୍ର ଅଧ୍ୟୟନ କରୁଥିଲେ । ସମାଲୋଚ୍ୟ ବର୍ଷ ୧୧୪ ଗୋଟା ସ୍କୁଲରେ ୮୪୪୩ ଜଣ ଛାତ୍ର ଶିକ୍ଷାଗ୍ରହଣ କରିଥିଲେ । ତୁଳନାରେ ସମାଲୋଚ୍ୟ ବର୍ଷ ୧୧ ଗୋଟି ସ୍କୁଲ ଏବଂ ୪୨୭ ଜଣ ଛାତ୍ର ବୃଦ୍ଧି ପାଇଅଛି । ରାଜାମାନଙ୍କ ଅଧୀନରେ ଥିବା ବାମଣ୍ଡା, ରେଢ଼ାଖୋଲ, ସୋନପୁର, ଡାଲୋଲି, ବସ୍ତର ଏହି ପାଞ୍ଚଗୋଟା ଷ୍ଟେଟ୍‌ର କ୍ଷେତ୍ରଫଳ ୧୮୨୧୮ ବର୍ଗମାଇଲ, ଲୋକସଂଖ୍ୟା ୭, ୧୩, ୩୨୦ ଜଣ । ୧୮୯୧।୯୨ ସାଲରେ ଉପରୋକ୍ତ ୫ ଗୋଟା ଷ୍ଟେଟ୍‌ରେ ମୋଟ ୯୦ ଗୋଟି ସ୍କୁଲରେ ୨୨୯୬ ଜଣ ଅଧ୍ୟୟନ କରୁଥିଲେ । ୯୩।୯୪ ସାଲରେ ୭୧ ଗୋଟା ସ୍କୁଲରେ ୩୧୭୮ ଜଣ ଅଧ୍ୟୟନ କରୁଥିଲେ । ତୁଳନାରେ ୧୧ ଗୋଟି ସ୍କୁଲ ୨୮୨ ଜଣ ଛାତ୍ର ବୃଦ୍ଧି ପାଇ ଅଛନ୍ତି । ସୁତରାଂ ଗଡ଼ଜାତ ଶିକ୍ଷାବିଭାଗର ସ୍ଥୂଳ ଅବସ୍ଥା ଯେ ସନ୍ତୋଷ-ଜନକ ଏଥିରେ ସନ୍ଦେହ ନାହିଁ ।

ତା। ୭-୯-୧୮୯୨

## ପୁରୀ ଜିଲ୍ଲାରେ ଦୁର୍ଭିକ୍ଷ

ଆମ୍ଭେମାନେ ଏ ଜିଲ୍ଲାର ଶୋଚନୀୟ ଅବସ୍ଥା ପୁନଃପୁନଃ ଜଣାଉଁ ଅଛୁଁ । ତଥାପି ଦେଶ କର୍ତ୍ତୃପକ୍ଷ ଏଥିରେ ବହୁତ ପ୍ରତୀକାର କରିବା ଦୂରେଥାଉ ଥରେ ସୁଦ୍ଧା ସେମାନଙ୍କ ଦୃଷ୍ଟି ପଡ଼ିଲା ନାହିଁ । ଏଣୁ ପୁନର୍ବାର ଜଣାଇବାକୁ ଉଦ୍ୟତ ହେଲୁଁ ।

ବିଗତ କାର୍ତ୍ତିକ ମାସର ଜଳପ୍ଲାବନ୍ୟା ଓ ମାରାତ୍ମକ ତୋଫାନଦ୍ୱାରା ଏ ଅଞ୍ଚଳରେ ଧାନ୍ୟାଦି ଅର୍ଥକରୀ ଉଦର ପୋଷଣୋପଯୋଗୀ ଫସଲମାନ ବିନଷ୍ଟ ହୋଇ ଯାଇଥିବାରୁ ଲୋକମାନଙ୍କର କଷ୍ଟର ପରିସୀମା ନଥିଲା । ବର୍ତ୍ତମାନକୁ ସେହି ଦୈନ୍ୟ ଦଶା ଅପୂର୍ବ ସଂହାରମୂର୍ତ୍ତି ଧାରଣ କରି ଆମ୍ଭମାନଙ୍କର ରକ୍ତ ମାଂସ ଶୋଷଣ କରି ସାରଲାଣି । ଅଜ-କାଲି ଅନାହାରରେ ଜନ ଜନ ବହୁଲୋକ କାଳଗ୍ରାସରେ ପତିତ ହୋଇଅଛନ୍ତି । ଲୋକେ କଙ୍କାଳମାତ୍ରାବଶିଷ୍ଟ ହୋଇ ଭିକ୍ଷାପାତ୍ର ହସ୍ତରେ ଘେନି ଦ୍ୱାରେ ଦ୍ୱାରେ ଭ୍ରମଣ କରୁଅଛନ୍ତି । ହାଟ ବଜାରମାନଙ୍କରେ ସ୍ୱର୍ଣ୍ଣ, ରୌପ୍ୟ ନିର୍ମିତ ବହୁମୂଲ୍ୟ ଅଳଙ୍କାର ମାଟିର ଦରେ ବିକ୍ରୟ ହେଉଅଛି, ଏହିପରି ଲୋକେ ଗୃହର ଯାବତୀୟ ଦ୍ରବ୍ୟ ବିକ୍ରୟ କରି ସ୍ୱ-

ଶୂନ୍ୟ ହୋଇ ବସି ଅଛନ୍ତି । ଆଉ ଏଣିକି ଉପାୟାନ୍ତର ନଦେଖି "ହାୟ ମଧୁସୂଦନ" ଜପୁଅଛନ୍ତି । ମହାଜନମାନେ ଅର୍ଥଲୋଭରେ ବଶବର୍ତ୍ତୀ ହୋଇ ସ୍ୱାର୍ଥସାଧନ ଆଶାରେ ଜଳ ଜଳ ସଞ୍ଚିତ ଧନସବୁ ବିକ୍ରୟ, ବେହେଲେ, ଅଧମର୍ଣ୍ଣମାନଙ୍କୁ ଋଣ ଦାନକରି ଶୂନ୍ୟ-ଭଣ୍ଡାର ହୋଇଅଛନ୍ତି । ଆଉ ଏଣିକି ଧାନ୍ୟ ଖରିଦ କରିବାକୁ ମିଳୁନାହିଁ, କେବଳ ନଗରକୁ ଯୋଗେ ସମ୍ବଲପୁର ଅଞ୍ଚଳର କୃଷକ ଆସି ଏ ଗ୍ରାମଦେଶୀୟ ଲୋକମାନଙ୍କ ପ୍ରାଣରକ୍ଷା କରିଅଛି । ଏ ଅଞ୍ଚଳରେ ଚାଉଳ ଟଙ୍କାକୁ ୬ ସେରଠାରୁ ଆଠସେର ମଧ୍ୟରେ ମିଳୁଅଛି ସତ୍ୟ କିନ୍ତୁ ଲୋକେ ପଇତନ ଖରଚ କରିବାକୁ ପଇସା କାହୁଁ ପାଇବେ ? × × × ପ୍ରିୟ ପାଠକ ! ଅନ୍ୟୂନ ପ୍ରାୟ ୮ ବର୍ଷ ହେଲାଣି ଆମ୍ଭେ ଏପରି ଦୁର୍ଭିକ୍ଷ କେବେ ଅନୁଭବ କରିନଥିଲୁଁ । ବୃଦ୍ଧଲୋକମାନେ ମଧ୍ୟ ଏ ଦୁର୍ଭିକ୍ଷକୁ ନଅ ଅଙ୍କ ଦୁର୍ଭିକ୍ଷଠାରୁ ଅଧିକ ବୋଲି ତୁଳନା କରୁଅଛନ୍ତି । ଏପରି ଦଶା ଘୋରହେଉଥିବା ସ୍ଥଳେ ଅସ୍ମମାନଙ୍କର ଧର୍ମାବତାର ମାନ୍ୟବର ଶ୍ରୀଯୁକ୍ତ କଲେକ୍ଟର ଆଲେନ୍ ସାହେବ ମହୋଦୟ ଆପଣାର ଟେକ ରଖିବା ଏବଂ ଗବର୍ଣ୍ଣମେଣ୍ଟଙ୍କର ମନ ଦେଖାଇବା ଅଭିପ୍ରାୟରେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଅଛନ୍ତି କି "ପୁରୀ ଜିଲ୍ଲାରେ ସରକାରୀ ସାହାଯ୍ୟ ଭିକ୍ଷ ଲୋକମାନଙ୍କ ଅବସ୍ଥା ହୋଇ-ନାହିଁ ।" ଏପରି ସ୍ଥଳେ ଆମ୍ଭେମାନେ ପଚାରୁଅଛୁଁ ସାହେବ ମହୋଦୟ କେଉଁ ଅଞ୍ଚଳର ଫସଲ ଦେଖି ଏପରି ଜଣାଇଅଛନ୍ତି ? ବୋଧହୁଏ ସାହେବ ମହୋଦୟଙ୍କର ଖୋରଧା ଅଞ୍ଚଳକୁ ବିଶେଷ ଗସ୍ତ ହୋଇଥିବା ସ୍ଥଳେ ତନ୍ନିକଟ ପାର୍ବତ୍ୟ ଅଞ୍ଚଳର ହରିକହଳ ଜମିର ଫସଲ ଦେଖି ଏପରି ଜଣାଇ ଅଛନ୍ତି । +

ତା ୧୪ । ୯ । ୧୮୯୭

## ଶିକ୍ଷା ସମ୍ବନ୍ଧେ ଔଦାସୀନ୍ୟ

'ଶିକ୍ଷା' ସକଳ ଉନ୍ନତିର ମୂଳ ଅଟଇ । ଶିକ୍ଷାବିହୀନ ଲୋକ ପଶୁତୁଲ୍ୟ ଅଟଇ, ଅନଭିଜ୍ଞ ଲୋକମାନଙ୍କର କାଣ୍ଡଜ୍ଞାନ ଜନ୍ମଇ ନାହିଁ । ସୁତରାଂ ସେମାନେ କ୍ଷଣକ୍ଷଣକେ ନାନାବିଧ ଅନିଷ୍ଟଜନକ ଘଟଣା ଘଟାଇ ବସନ୍ତି । ଏପରି ସ୍ଥଳେ ଶିକ୍ଷାସ୍ରୋତ ବିଷୟରେ ବାଧାଦାନ କରିବା କଦାପି ଉଚିତ ନୁହଇ; କିନ୍ତୁ ଭାରତର ଉଚ୍ଚଶିକ୍ଷା ବିସ୍ତାର ସମ୍ବନ୍ଧେ ସୁଶିକ୍ଷିତ ଗବର୍ଣ୍ଣମେଣ୍ଟ ଔଦାସୀନ୍ୟ ଅବଲମ୍ବନ କରିଥିବାରୁ ଅବଗତ ହୋଇ ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇଅଛୁଁ । × × × କିନ୍ତୁ ସରକାର ବାହାଦୁର ଏପରି ଅଭିପ୍ରାୟ ବ୍ୟକ୍ତକରି ସାହାଯ୍ୟ ବନ୍ଦକଲେ ସାହାଯ୍ୟପ୍ରାପ୍ତ ଉଚ୍ଚବିଦ୍ୟାଳୟଗୁଡ଼ିକ ବନ୍ଦ ହୋଇଯିବ । ମିଉନିସିପାଲିଟି ଏବଂ ଡିଷ୍ଟ୍ରିକ୍ଟ ବୋର୍ଡମାନଙ୍କର ଆର୍ଥିକ ଅବସ୍ଥା ଉନ୍ନତ ନଥିବାରୁ ରାଜକୀୟ ସାହାଯ୍ୟ ବିନା ବୋର୍ଡାଦିର ସାହାଯ୍ୟରେ ଉଚ୍ଚଶିକ୍ଷାର ବିସ୍ତାର ଅସମ୍ଭବ ଅଟଇ । ସୁତରାଂ ତଦଭାବରେ ପୁନଶ୍ଚ ଭାରତ ଅଜ୍ଞାନତମରେ ଆଚ୍ଛନ୍ନ ହେବ । ଗବର୍ଣ୍ଣମେଣ୍ଟଙ୍କର ଔଦାସୀନ୍ୟ ସମ୍ବନ୍ଧେ ନାନାଲୋକ ନାନା କଥା କହୁଅଛନ୍ତି । ଆମ୍ଭେମାନେ ତହିଁ ପ୍ରତି ଆସ୍ଥା ନରଖି ଉଚ୍ଚଶିକ୍ଷା ପ୍ରତି ଅନୁକୂଳ ଦୃଷ୍ଟି ରଖିବା ନିମନ୍ତେ ସରକାରଙ୍କ ନିକଟରେ ସବିନୟ ନିବେଦନ କରୁଅଛୁଁ ।

ତା ୨୧-୯-୧୮୯୨

## ସମ୍ବଲପୁର ହାଇସ୍କୁଲର ଶିକ୍ଷକ

ସମ୍ବଲପୁର ହାଇସ୍କୁଲର ହେଡ୍‌ମାଷ୍ଟର ଶ୍ରୀଯୁକ୍ତ ବାମନ ଦୀକ୍ଷିତଙ୍କ ରାଏପୁର ସ୍କୁଲର ହେଡ ମାଷ୍ଟର ପଦରେ ନିର୍ବାଚିତ ହୋଇଯିବାରୁ ତାଙ୍କ ସ୍ଥାନରେ ସମ୍ବଲପୁର ସ୍କୁଲର ସେକେଣ୍ଡ୍ ଆସିଷ୍ଟାଣ୍ଟ ରାମକୃଷ୍ଣ ଯୋଷୀ ନିଯୁକ୍ତ ହୋଇଅଛନ୍ତି । ଛାତ୍ରମାନେ ଏହି ନିର୍ବାଚନରେ ଅସନ୍ତୁଷ୍ଟ ହୋଇ ମରହଟ୍ଟା ଶିକ୍ଷକ ବଦଳରେ ଜଣେ ବଙ୍ଗାଳୀ ଶିକ୍ଷକ ପାଇବାର ଇଚ୍ଛା ରଖନ୍ତି । ଶୁଣୁଅଛୁଁ ଯେ ସେମାନେ ଆପଣାର ଅଭିପ୍ରାୟ କର୍ତ୍ତୃପକ୍ଷଙ୍କୁ ଜଣାଇବେ । ଏହି ଘଟଣାରୁ ଛାତ୍ରମାନେ ନିର୍ଦ୍ଦୋଷ ଶିକ୍ଷାର ପକ୍ଷପାତୀ ପ୍ରକାଶ ଜଣାଯାଏ, ଏଥି ସକାଶେ ଆମ୍ଭେମାନେ ଏହି ଜ୍ଞାନପିପାସୁ ବାଳକମାନଙ୍କୁ ଧନ୍ୟବାଦ ଦେଉଅଛୁଁ । X X X ସମ୍ବଲପୁର ଅଧିବାସୀମାନଙ୍କର ଏତେବେଳେ ନିଶ୍ଚେଷ୍ଟ ରହିବା ଉଚିତ ନୁହେ, ସେମାନେ ମିଳିତ ହୋଇ ଜଣେ ଉପଯୁକ୍ତ ଓଡ଼ିଆଭାଷୀଙ୍କୁ ଶିକ୍ଷକ ପଦରେ ନିଯୁକ୍ତ କରିବା ସକାଶେ ଇନ୍‌ସ୍ପେକ୍ଟର ଜେନେରାଲ ସାହେବଙ୍କୁ ଆବେଦନ କରନ୍ତୁ । ଛାତ୍ରମାନଙ୍କର ମଧ୍ୟ ତଦ୍ରୂପ ଆବେଦନ କରିବା ଉଚିତ୍ । ସେମାନେ ଏହିରୂପ ଚେଷ୍ଟା ନକଲେ, ଜାଣିବୁ ଯେ, ସମ୍ବଲପୁରବାସୀମାନଙ୍କର ଅବଧି କର୍ତ୍ତବ୍ୟଜ୍ଞାନ ଜନ୍ମିନାହିଁ ଏବଂ ପ୍ରକୃତ ଶିକ୍ଷୋନ୍ନତିର ଗୌରବ ବୁଝିପାରି ନାହାନ୍ତି ।

## ଓଡ଼ିଆ ପାଠ୍ୟପୁସ୍ତକ ନିର୍ବାଚକ ନିଯୋଗ

ମାନ୍ୟବର ଚିଫ୍ କମିଶନର ସାହେବ ବାହାଦୁର ଓଡ଼ିଆ ପାଠ୍ୟପୁସ୍ତକ ନିର୍ବାଚନକମିଟିର ମେମ୍ବର ପଦରେ ନିମ୍ନୋକ୍ତ ବ୍ୟକ୍ତିମାନଙ୍କୁ ନିର୍ବାଚନ କରିଅଛନ୍ତି । ଯଥା —

୧ । ଶ୍ରୀଯୁକ୍ତ କମିଶନର, ଛତିଶଗଡ଼

୨ । ଶ୍ରୀଯୁକ୍ତ ଡେପୁଟି କମିଶନର, ସମ୍ବଲପୁର

୩ । ଶ୍ରୀଯୁକ୍ତ ପୋଲିଟିକେଲ ଏଜେଣ୍ଟ, ଛତିଶଗଡ଼ ଫିଃ

୪ । ଶ୍ରୀଯୁକ୍ତ ସ୍କୁଲ ଇନ୍‌ସ୍ପେକ୍ଟର, ପୂର୍ବଖଣ୍ଡ

୫ । ଶ୍ରୀଯୁକ୍ତ ହେଡ୍‌ମାଷ୍ଟର ସମ୍ବଲପୁର ହାଇସ୍କୁଲ

ଉପରୋକ୍ତ ମେମ୍ବର ମହୋଦୟମାନେ ଅତି ସମ୍ଭ୍ରାନ୍ତ ଏବଂ ଉଚ୍ଚ ପଦାରୂଢ଼ ବ୍ୟକ୍ତି ଅଟନ୍ତି, ଏହା ଅବଶ୍ୟ ସମସ୍ତେ ସ୍ୱୀକାର କରିବେ ସତ୍ୟ, କିନ୍ତୁ ଏପରି ବ୍ୟକ୍ତିମାନଙ୍କ ହସ୍ତରେ ଓଡ଼ିଆ ପାଠ୍ୟପୁସ୍ତକ ନିର୍ବାଚନ ଭାର ଦେବା ସର୍ବବାଦୀସମ୍ମତ ହୋଇ ନପାରେ । ଯଦି ଏମାନଙ୍କୁ ସେହି କମିଟିର ମେମ୍ବର କରିବା ଅତ୍ୟାବଶ୍ୟକ ବୋଧହୋଇଥାଏ, ତେବେ ସେମାନଙ୍କ ସହିତ ଉତ୍କଳ ଭାଷା ପାରଦର୍ଶୀ କେତେ ଜଣ ଦେଶୀୟ ବ୍ୟକ୍ତିଙ୍କୁ ନିଯୋଗ କରିବା ଉଚିତ । ଶ୍ରୀଯୁକ୍ତ ପଣ୍ଡିତ ବିଲୋଚନ ମିଶ୍ର, ପଣ୍ଡିତ ଧରଣୀଧର ମିଶ୍ର ଏବଂ ଉପଯୁକ୍ତ ଶିକ୍ଷକ ପ୍ରଭୃତିଙ୍କୁ ମେମ୍ବର ପଦରେ ନିଯୋଗ କରିବା ଉଚିତ । ବର୍ତ୍ତମାନ

ପ୍ରଚଳିତ ଓଡ଼ିଆ ପାଠ୍ୟପୁସ୍ତକ ସବୁ ବିବିଧ ଦୋଷାଶ୍ରିତ ହେବାର ପ୍ରଧାନ କାରଣ ପୁସ୍ତକ ରଚୟିତାମାନଙ୍କର ଅନଭିଜ୍ଞତା ନ କହି ଅଜ୍ଞ କି କହିବୁ ? ଏପରି ସ୍ଥଳେ ଏ ଅଞ୍ଚଳର ଉତ୍କଳ ଭାଷା ପାରଦର୍ଶୀ ବ୍ୟକ୍ତିମାନଙ୍କ ଦ୍ୱାରା ପାଠ୍ୟପୁସ୍ତକ ଏ ପ୍ରଦେଶର ଓଡ଼ିଆ ବିଦ୍ୟାଳୟରେ ଚଳାଇବା ଶ୍ରେୟସ୍କର ବୋଧ କରୁଁ । ଭରସା କରୁଁ, କର୍ତ୍ତୃପକ୍ଷମାନେ ଏ ବିଷୟ ପ୍ରତି ପୁନର୍ବିଚାର କରିବେ ।

ତା । ୨୮ । ୪ । ୧୮୯୨

## ଶିକ୍ଷକ ସକାଶେ ଆବେଦନ

ଅତ୍ୟନ୍ତ ଆନନ୍ଦର ସହିତ ଜଣାଉଅଛୁଁ ଯେ ଏତେକାଳକେ ସମ୍ବଲପୁର ଅଧିବାସୀମାନଙ୍କର ଚୈତନ୍ୟୋଦୟ ହୋଇଅଛି, ଏତେକାଳକେ ସେମାନେ ଆପଣାର କର୍ତ୍ତବ୍ୟ ବୁଝିପାରିଅଛନ୍ତି, ସେମାନଙ୍କ ଜ୍ଞାନଚକ୍ଷୁ ଉନ୍ମିଳିତ ହୋଇଅଛି । ମଦ୍ଧେଷ୍ଟା ଶିକ୍ଷକମାନଙ୍କର ଶିକ୍ଷା ପ୍ରଣାଳୀ ଉତ୍କର୍ଷ ନ ଥିବାରୁ ସେମାନେ ଏବେ ଜାଣିପାରିଅଛନ୍ତି । × × × ଅହୁରି ମଧ୍ୟ ଜାଣି ପାରିଅଛନ୍ତି ଯେ ହିତୈଷିଣୀର ହିତୋପଦେଶରେ ଅନାଦର କରିବା ନିର୍ବୋଧତାର କାର୍ଯ୍ୟ । × × × ସମ୍ବଲପୁର ବିଷୟରେ ଓଡ଼ିଶା ସ୍କୁଲରେ ଉତ୍କଳ ପାଠ୍ୟପୁସ୍ତକ ପ୍ରଚଳିତ ହେବା ଏବଂ ଉପଯୁକ୍ତ ଶିକ୍ଷକ ପ୍ରସ୍ତୁତ କରିବା, ଭାଷାର ଉନ୍ନତି ସାଧିତ ହେବା ଉଦ୍ଦେଶ୍ୟରେ ନର୍ମାଲ ( ଉଚ୍ଚ ଶ୍ରେଣୀର ଓଡ଼ିଆ ) ବିଦ୍ୟାଳୟ ସ୍ଥାପିତ ହେବ । ସମ୍ବନ୍ଧେ ସମ୍ବଲପୁରବାସୀମାନଙ୍କୁ ଉଦ୍ୟୋଗୀ ହେବାର ଦେଖିଲେ ଆମ୍ଭେମାନେ ଅଧିକ ଆନନ୍ଦିତ ହେବୁଁ ।

## କଟକ ନର୍ମାଲ ସ୍କୁଲ

ଉପଯୁକ୍ତ ପରିଦର୍ଶକ ଓ ତତ୍ତ୍ୱାବଧାରଣ ଅଭାବରେ ଆମ୍ଭମାନଙ୍କ ଦେଶରେ କେତେ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ବିଭାଗର ଯେ କି ଘୋର ଦୁର୍ଦ୍ଦଶା ଘଟିଅଛି ଓ ଘଟୁଅଛି, ତାହା ଚିନ୍ତା କଲେ ହୃଦୟରେ ନିଦାରୁଣ ଦୁଃଖ ଓ ଲଜ୍ଜା ଉପସ୍ଥିତ ହୁଏ । × × × ସେ ଯାହାହେଉ ଆଜି ଆମ୍ଭେମାନେ କଟକ ନର୍ମାଲ ସ୍କୁଲ ସମ୍ବନ୍ଧରେ ଦୁଇ ଚାରି କଥା କହିବୁ । ଏହା ନିଶ୍ଚିତ କଥା ଯେ ଏଥିପାଇଁ ଆମ୍ଭମାନଙ୍କୁ ଅନେକଙ୍କର ବିଷଦୃଷ୍ଟିରେ ପଡ଼ିବାକୁ ହେବ—ସତ କଥା କହିବାକୁ ବସିଲେ ଏ ସଂସାରରେ ଏହିପରି ହୋଇଥାଏ—ସେଥିପାଇଁ ଆମ୍ଭମାନଙ୍କର ଭୟ ନାହିଁ, କିନ୍ତୁ ଆମ୍ଭମାନଙ୍କ କଥାରେ—କର୍ତ୍ତୃପକ୍ଷମାନେ କାନ ଦେବେ କି ?

ନର୍ମାଲ ସ୍କୁଲ ଦେଶୀୟ ଭାଷାର କଲେଜ । ଏଥିଉପରେ ଏହାର ବିଶେଷତ୍ୱ ଏହି ଯେ ଏହାର ଛାତ୍ରବୃନ୍ଦ କେବଳ ଅଧ୍ୟାପନା କାର୍ଯ୍ୟ ନିମିତ୍ତ ପ୍ରସ୍ତୁତ ହେବେ । ଅଧ୍ୟାପନା କାର୍ଯ୍ୟରୂପ ଗୁରୁତର ଦାୟିତ୍ୱ ଏ ସଂସାରରେ ଆଉ କ'ଣ ଅଛି, ଆମ୍ଭମାନଙ୍କୁ ଜଣାନାହିଁ; କିନ୍ତୁ ଆମ୍ଭମାନଙ୍କ ଶସ୍ତାପ୍ରିୟ ଗଭର୍ଣ୍ଣମେଣ୍ଟ ଏହି କାର୍ଯ୍ୟଟା ସବୁଠାରୁ ଅଧିକ ଶସ୍ତା ଦରରେ କରାଇବାକୁ ବ୍ୟସ୍ତ । × × × ସେ ଯାହା ହେଉ ଗଭର୍ଣ୍ଣମେଣ୍ଟ

ସସ୍ତା ଦରରେ ପଣ ପଣ ଶିକ୍ଷକ ବର୍ଷକୁ ବର୍ଷ ଗଢ଼ିନେବାକୁ ବ୍ୟସ୍ତ । ନର୍ମାଲସ୍କୁଲ ସେହିପରି ଗୋଟିଏ କାରଖାନା—ସମସ୍ତେ ଜାଣନ୍ତି ସେହି କାରଖାନା ଘରେ ମାଲ-ମସଲା, ମିସ୍ତ୍ରି, ଅସ୍ତ୍ରଶସ୍ତ୍ର, ସର୍ବଦା ମହଜୁଦ; କିନ୍ତୁ ଅମ୍ଭମାନଙ୍କର ଜିଜ୍ଞାସ୍ୟ ଏହି ମିସ୍ତ୍ରି ସ-ମାନେ କିପରି କାର୍ଯ୍ୟ କରୁଅଛନ୍ତି, କିପରି ଜିନିଷ ଗଢ଼ୁଅଛନ୍ତି ଆଉ ମାଲମସଲା ଠିକ୍ ଅଛି କି ନା, ଏ ସମସ୍ତ ଯାହାଙ୍କର ଦେଖିବା ଉଚିତ, ସେ ତାହା ଭଲକରି ଦେଖୁଅଛନ୍ତି କି ? × × × ବର୍ତ୍ତମାନ ଅମ୍ଭେମାନେ ଜିଜ୍ଞାସା କରୁ ଏଥିରେ ବିଶେଷ ଦୋଷୀ କିଏ ? ଅମ୍ଭମାନଙ୍କ ମତରେ ଇନ୍‌ସ୍‌ପେକ୍ଟର ମହାଶୟଙ୍କର । ଶ୍ରୀଯୁକ୍ତ ରାଧାନାଥ ରାୟଙ୍କ ଭଳି ବ୍ୟକ୍ତି ଇନ୍‌ସ୍‌ପେକ୍ଟର ହେବା ଓଡ଼ିଶା ପକ୍ଷରେ ସାମାନ୍ୟ ସୌଭାଗ୍ୟ ଓ ଗୌରବର ବିଷୟ ନୁହେଁ । × × × ରାଧାନାଥ ବାବୁ ଉଡ଼ନ୍ତା ଚଢ଼େଇର ପକ୍ଷୀ ଗଣିପାରନ୍ତି । ତାଙ୍କ ଆଖିରେ ଧୂଳିଦେବା ବଡ଼ ସହଜ କଥା ନୁହେଁ । × × × ଅମ୍ଭମାନଙ୍କର ବିଶ୍ୱାସ ଯେ ସମସ୍ତେ ଜାଣି ସୁଦ୍ଧା ଏ ପର୍ଯ୍ୟନ୍ତ ତାହାର କୌଣସି ପ୍ରତିକାରର ଚେଷ୍ଟା କରି ନାହାନ୍ତି । ତେଣୁ ଆଜ ବାଧ୍ୟ ହୋଇ ଏତେକଥା କହିବାକୁ ପଡ଼ୁଅଛି । ତାଙ୍କୁ ନ କହି ଆଉ କାହାକୁ କହିବୁ ? X X X ଉପସଂହାର ସ୍ଥଳେ ନର୍ମାଲ ସ୍କୁଲର ଭବିଷ୍ୟତ ମଙ୍ଗଳ ନିମିତ୍ତ ୩ ଗୋଟି ଉପାୟ ଅମ୍ଭେମାନେ ନିର୍ଦ୍ଦେଶ କରୁଁ ।

୧ମ-ପରୀକ୍ଷାର ବିଧି ପରିବର୍ତ୍ତନ । ନର୍ମାଲ ସ୍କୁଲରେ ଠିକ୍ ପ୍ରବେଶିକା ପରୀକ୍ଷାର ନିୟମ ପ୍ରଚଳିତ ହେବା ଉଚିତ ( ଅମ୍ଭମାନଙ୍କ ମତରେ ନିୟମ ଅପେକ୍ଷାକୃତ କଠିନ ହେଲେ ଅଧିକ ଭଲ ) X X X

୨ୟ—ଉପଯୁକ୍ତ ପୁସ୍ତକ ପ୍ରବର୍ତ୍ତନ, ଯେଉଁ ସବୁ ପୁସ୍ତକର ଅଭାବ ଅଛି ତାହା ଅମ୍ଭମାନଙ୍କ ଅପେକ୍ଷା ଇନ୍‌ସ୍‌ପେକ୍ଟର ମହାଶୟ ଅଧିକ ଜାଣନ୍ତି । ସେ ଇଚ୍ଛାକଲେ ଗଭର୍ଣ୍ଣମେଣ୍ଟରୁ ସାହାଯ୍ୟ ମଞ୍ଜୁର କରାଇ ଉପଯୁକ୍ତ ଲୋକଦ୍ୱାରା ଅଥବା ସାଧାରଣ ବିଜ୍ଞାପନ ଦ୍ୱାରା ତାହା ପ୍ରଣୟନ କରାଇ ନେଇ ପାରନ୍ତି । X X X

୩ୟ—ଉପଯୁକ୍ତ ଶିକ୍ଷକ ନିର୍ବାଚନ । ବର୍ତ୍ତମାନ ସୁଖ୍ୟାତିପ୍ରାପ୍ତ ବୃଦ୍ଧ ସୁପରିଣ୍ଟେଣ୍ଡେଣ୍ଟ ମହାଶୟଙ୍କର ବିଦାୟନେବାର ସମୟ ହୋଇଅଛି । ସେ ଇତି ମଧ୍ୟରେ ୨ ବର୍ଷ ଅଧିକ ସମୟ ( extention ) ପାଇଅଛନ୍ତି—ଏଥି ଉପରେ ଅନୁଗ୍ରହଟା ବୋଧହୁଏ ବେଜାଏ ହେବ ! ଅତଏବ ଏହି ସୁଯୋଗରେ ଜଣେ ସର୍ବାଂଶରେ ସୁଯୋଗ୍ୟ ଲୋକ ତାଙ୍କ ସ୍ଥାନରେ ନିଯୁକ୍ତ ହେଉନ୍ତୁ । X X X ଢେର ହୋଇଅଛି । ଅମ୍ଭେମାନେ ଆଉ ଅଧିକ କିଛି କହୁଁ ନାହିଁ । ସୁବିଜ୍ଞ ଇନସ୍‌ପେକ୍ଟର ମହାଶୟଙ୍କୁ ପରାମର୍ଶ ଦେବା ଅମ୍ଭମାନଙ୍କ ପକ୍ଷରେ ଏକ ପ୍ରକାର ଧୃଷ୍ଟତା । କେବଳ ସେ ଜାଣିଶୁଣି ତୁନି ହୋଇ ବସିଅଛନ୍ତି । ତେଣୁ ମନର କ୍ଷୋଭରେ ଏତେ କଥା କହୁଅଛୁଁ । ତଥାପି ଭୟ ହେଉଅଛି, "କେଉଁ ଶୋଇବ ଯେ, ତାକୁ ଉଠେଇବ କେ ?"

ଶ୍ରୀ ବିଶ୍ୱନାଥ କର
କଟକ

ତା ୧୯ । ୧୦ । ୧୮୯୬ ଖ୍ରୀ

ଶ୍ରୀମନ୍ମହାରାଜା ବାମଣ୍ଡାଧିପତି ମହୋଦୟ ବାମଣ୍ଡା ଅପର ପ୍ରାଇମେରୀ ବିଦ୍ୟାଳୟର ଶିକ୍ଷକମାନଙ୍କର ଲଟନ, ପଟନ, ବୃତ୍ତି କଲ୍ୟାଣ ଉଦ୍ଦେଶ୍ୟରେ ଆଦେଶ ଦେଇଅଛନ୍ତି ଯେ ପ୍ରତିବର୍ଷ—ଶିକ୍ଷକ ସମିତିର ଅଧିବେଶନ ଶେଷରେ ଯେଉଁ ଶିକ୍ଷକମାନେ ବିଷୟ ଅନୁସାରେ ସର୍ବୋତ୍କୃଷ୍ଟ ଭାବରେ ପ୍ରବନ୍ଧ ଲେଖିପାରିବେ ସେମାନଙ୍କୁ ୨୫ ଟଙ୍କା ପୁରସ୍କାର ଦିଆଯିବ । X X X ଯେଉଁମାନେ ମଧ୍ୟପ୍ରଦେଶୀୟ ଚିଫ୍ କମିଶନରଙ୍କ ପ୍ରସ୍ତାବିତ ପରୀକ୍ଷା ଦେଇ ପାଶ୍ କରିବେ, ସେମାନଙ୍କୁ ଉଚ୍ଚ ବେତନରେ ଉନ୍ନତ ବିଦ୍ୟାଳୟକୁ ପଠାଯିବ । ଶ୍ରୀଯୁକ୍ତ ଯୁବରାଜ ମହୋଦୟ ଆଦେଶ କରିଅଛନ୍ତି ଯେ ତାଙ୍କର ସମ୍ମୁଖରେ ପ୍ରତିଷ୍ଠିତ ଯୁବ-ସମ୍ମିଳନୀ ସଭାର ଯୁବ ମେମ୍ବରମାନେ ଲିଖନ ପଠନର ପାରଦର୍ଶିତା ଦେଖାଇଲେ ସେ ସେମାନଙ୍କୁ ଉପଯୁକ୍ତ ପୁରସ୍କାର ପ୍ରଦାନ କରିବେ । ବାମଣ୍ଡାର ଦେଶୀୟ କର୍ମଚାରୀ ମାନଙ୍କ ମଧ୍ୟରୁ ଯେଉଁ କର୍ମଚାରୀ ବିଶୁଦ୍ଧ ରଚନା କରିବାର ଦେଖାଯିବ, ତାହାଙ୍କୁ ବର୍ଷ ଶେଷରେ ଦଶଟଙ୍କା ପୁରସ୍କାର ଦିଆଯିବ ।

## ଉପଯୁକ୍ତ ପାଠ୍ୟପୁସ୍ତକର ଅଭାବ

ସମ୍ବଲପୁର ଓଡ଼ିଆ ସ୍କୁଲର ବିଦ୍ୟାଳୟମାନଙ୍କରେ ଉପଯୁକ୍ତ ପାଠ୍ୟପୁସ୍ତକ ପ୍ରବର୍ତ୍ତିତ ହୋଇନଥିବା କଥା "ହିତୈଷିଣୀ"ର ଜନ୍ମଦିନଠାରୁ ଆମ୍ଭେମାନେ କହି-ଆସିଅଛୁ, ମାତ୍ର ଆମ୍ଭମାନଙ୍କର ସେସବୁ କଥା ଅରଣ୍ୟ ରୋଦନ ତୁଲ୍ୟ ହେଉଅଛି । ଏ ବିଷୟରେ କର୍ତ୍ତୃପକ୍ଷମାନେ ଯେପରି ଉଦାସୀନ; ଦେଶର ଲୋକମାନେ ସେହିପରି ଉଦାସୀନ । ଏପରିସ୍ଥଳେ ସୁଫଳ ପ୍ରାପ୍ତିର ଆଶା ବିଡ଼ମ୍ବନା ମାତ୍ର । ବର୍ତ୍ତମାନ ପ୍ରଚଳିତ ପାଠ୍ୟପୁସ୍ତକର ଅଧିକାଂଶ ଯେ ଭ୍ରମପୂର୍ଣ୍ଣ ଓ ଅନୁପଯୋଗୀ ଏକଥା ଆମ୍ଭେମାନେ ଦୃଢ଼ତାର ସହିତ କହି ପାରୁ । X X X କୃଷି ପାଠ୍ୟପୁସ୍ତକ ଖଣ୍ଡି କୋମଳମତି ବାଳକମାନଙ୍କ ପକ୍ଷେ ଯେ ଏକାନ୍ତ ଦୁର୍ବୋଧ ଏକଥା ଦୃଢ଼ତାର ସହିତ ବୋଲିଯାଇ ପାରେ । ଏପରି ପୁସ୍ତକ ଅଧ୍ୟୟନ କରାଇ ଦେଶର ଦେଶୋନ୍ନତି କରାଇବା ଚେଷ୍ଟା ଯେ ସଂପୂର୍ଣ୍ଣ ଫଳପ୍ରଦ ହେବନାହିଁ ଏହା ନିଶ୍ଚିତ ବାକ୍ୟ ଅଟଇ । ଏପରି ପୁସ୍ତକ ଅବାଧେ ପ୍ରଚଳିତ ହେବାର କାରଣ ପାଠ୍ୟପୁସ୍ତକ ନିର୍ବାଚନ କମିଟୀ ଏବଂ ପରିଦର୍ଶକ କର୍ମଚାରୀ ଏବଂ ଦେଶୀୟ ଲୋକମାନଙ୍କ ଉଦାସୀନତା ବ୍ୟତୀତ ଆଉ କି ବୋଲିଯିବ ?

ଆମ୍ଭେମାନେ କହୁ ମଧ୍ୟପ୍ରଦେଶ ଯେଉଁ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ରାଜ୍ୟ, ଓଡ଼ିଶା ସେହି ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ରାଜ୍ୟ । ଅତଏବ ଏ ପ୍ରଦେଶରେ ଓଡ଼ିଆ ପ୍ରଚଳିତ ସ୍ଥାନର ବିଦ୍ୟାଳୟରେ ଓଡ଼ିଶା ସ୍କୁଲର ପାଠ୍ୟପୁସ୍ତକ ଚଳାଇବାରେ ଆପତ୍ତିଯୋଗ୍ୟ କାରଣ ଦେଖାଯାଉ ନାହିଁ । କର୍ତ୍ତୃପକ୍ଷମାନଙ୍କର ଏଇ ପ୍ରସ୍ତାବ ପ୍ରତି ସୁବିଚାର କରିବା ଉଚିତ । ଦେଶବାସୀଙ୍କର ଏ ବିଷୟ ପ୍ରତି ସରକାରୀୟ କର୍ତ୍ତୃପକ୍ଷ ମାନଙ୍କର ମନୋଯୋଗ ଆକର୍ଷଣର ଚେଷ୍ଟା କରିବା କର୍ତ୍ତବ୍ୟ ଅଟଇ ।

## ତା୨୭-୧୦-୧୮୯୨

### କାମଣ୍ଡା ଛାତ୍ର ସମ୍ମିଳନୀ

କାମଣ୍ଡା ରାଜଧାନୀରେ ଗୋଟିଏ ଛାତ୍ର ସମ୍ମିଳନୀ ସମିତି କେତେକ ଦିନ ହେଲା ପୁନଃପ୍ରତିଷ୍ଠିତ ହୋଇଅଛି । ଆମ୍ଭେମାନେ ସମିତର ଉଦ୍ଦେଶ୍ୟ ଅନ୍ତରର ସହିତ ଅନୁ-ମୋଦନ କରୁଅଛୁଁ; କିନ୍ତୁ ସଭାରେ ପ୍ରବନ୍ଧ ପଢ଼ିଲେ ବା ବକ୍ତୃତା ଦେଲେ ସକଳ ଉଦ୍ଦେଶ୍ୟ ସାଧିତ ହେବ ଏପର ନୁହଇ । ଉନ୍ନତଜନକ ପ୍ରସ୍ତାବଗୁଡ଼ିକ ତାହା କାର୍ଯ୍ୟରେ ପରିଣତ କରିବା ବିଷୟରେ ଛାତ୍ରମାନଙ୍କର ମନୋଯୋଗୀ ହେବା ଉଚିତ । ନଚେତ୍ ଏପର ସଭା କରିବା ନ କରିବା ସମାନ ଅଟଇ ।

### ସ୍ୱାସ୍ଥ୍ୟ ସମାଚାର– ସମ୍ବଲପୁର ସମ୍ବାଦ

ଶ୍ରୀଯୁକ୍ତ ବ୍ରଜଚନ୍ଦ୍ର ମଜୁମଦାର ହାଇସ୍କୁଲର ହେଡ୍‌ମାଷ୍ଟର କାର୍ଯ୍ୟରେ ନିଯୁକ୍ତ ହୋଇ ତା ୧୨ । ୧୦ । ୯୨ରେ ଆସୁଥିବାର ସମ୍ବାଦ ମିଳିଅଛି ।

## ତା୨୧-୧୨-୧୮୯୨

ସାମାନ୍ୟ ଚିଫ୍ କମିଶନର ସାହେବଙ୍କ ସମ୍ବଲପୁର ଦରବାରରେ ମଧ୍ୟପ୍ରଦେଶର ଦେଶୀୟ ରାଜାମାନଙ୍କ ପ୍ରତିନିଧିସ୍ୱରୂପ ବାମଣ୍ଡା ଯୁବରାଜଙ୍କଦ୍ୱାରା ପଠିତ ଅଭିନନ୍ଦନ ପତ୍ରର ପ୍ରତିଲିପି—

To

Antony Patrick Mac Donnel ESQ M. A. C. S. I.

Chief Commissioner, Central Provinces.

Sir,

In thankfully welcoming you, repersentative of our August Sovereign with the greatest pleasure, we the Feudatory Chief of the Central Provinces most respectfully and humbly crave leave to approach you with this humble address and most earnestly beg of you to accept it as a token of our heart-felt gratitude and unswerving loyalty to Her Most Gracious Majesty the Empress of India whose liberal and benign rule it has pleased Providence to bless us with.

It would be impossible to enumerate the blessings that the Government of Her Majesty has conferred on all India and on us in particular. It has made the life and

property of the subjects, secure which is the essential condition on which depends the future progress of a people, and, its religious toleration has secured to us the unmolested practice of our own religion, nay more, by the intorduction of Raliways and Telegraphs, which have well-nigh annihilated time and space, it has facilated our pilgrimage to the innumerable Hindu Shrines and has so far taken of our religious according to the teaching of our Shastras In especial, the Feudatory States backward though they were, have been making rapid progress under its regime. By establishing educational institutions, as the Raj Kumar College, it has laid us under the deepest, debt of gratitude as they are perhaps the only institutions where our children can receive the benefits of high education, so much an indispensable acquirement of the life of a gentleman, not to speak of a prince. We hope our present reluctance against sending the princes away from home to such distant institution will soon abate, as greater facilites of communication are brought about, and as our appreciation of the benefit grows keener.

Though we are all at present reduced to a very wretched predicament, we fervently hope and trust, the paternal care of the Government, continuing, we shall improve by and by, to the infinite benefit of those well-being has been entrusted to us The honour that has ever been bestowed on as petty potentates though we are, if kept intact will redound to the glory of that Government which has conferred it and we shall remain as joyfully loyal as ever,

We avail ourselves of this opportunity to thank you for the trouble you have taken amidst all your multifarious, onerous and engrossing duties to convene this Durbar which

educates the chiefs politically and is an institution for which we are particularly indebted to our Chief Commissioners.

Permit us, Sir, to assure you once again that we have never kept to the loyal tradition of our forefathers whom in consideration loyal service it it pleased the Government which you represect to honour as it had done.

we have the honour to be,

Sir,

Your most obeidient and humble servants;

THE FEUDATORY CHIEFS

CENTRAL PROVINCES

### ତା ୧୬-୧-୧୮୯୫

## ଉପାଧିଲାଭ—

ପାଠକମାନେ ଶୁଣି ସୁଖୀ ହେବେ ଯେ ନବବର୍ଷ ଉପଲକ୍ଷେ ବାମଣ୍ଡାର ରାଜା ସୁଚଳଦେବ ସି. ଆଇ. ଇ. "ନାଇଟ କମାଣ୍ଡର୍ ଅଫ ଦି ଇଣ୍ଡିଆନ ଏମ୍ପାୟର" ଅର୍ଥାତ୍ କେ. ସି. ଆଇ. ର ଉପାଧି ପାଇଅଛନ୍ତି । ବାମଣ୍ଡାର ପ୍ରାୟ ୩ଶତ ପ୍ରଜା, ପ୍ରଧାନ ଏବଂ ଅମଲା ଏ ସମ୍ବାଦରେ ଆନନ୍ଦିତ ହୋଇ ସ୍କୁଲ ଗୃହରେ ଏକ ସଭାକରି ଉପାଧି ଦାନକରିଥିବା ଏବଂ ତହିଁରେ ସହାୟତା କରିଥିବା ହେତୁ ମହାରାଣୀ, ବଡଲାଟ୍, ଚିଫ୍ କମିଶନର ଏବଂ ପୋଲିଟିକେଲ ଏଜେଣ୍ଟଙ୍କୁ ଧନ୍ୟବାଦ ଦେଇଥିଲେ ଏବଂ ବାମଣ୍ଡାଧିପତି ଉକ୍ତ ସମ୍ମାନ ଲାଭକରିବାକୁ ଉପଯୁକ୍ତ ହୋଇଥିବାରୁ ତାହାଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ । × × × ବାମଣ୍ଡାଧିପତିଙ୍କର ଏ ସମ୍ମାନବୃଦ୍ଧିରେ ଆମ୍ଭେମାନେ ସୁଖୀ ହୋଇଅଛୁଁ । ବାମଣ୍ଡାର ରାଜାଙ୍କ ତୁଲ୍ୟ ସୁନ୍ଦର ବୁଦ୍ଧିମାନ ବହୁଦର୍ଶୀ ନରପତି ଏ ଦେଶରେ ଅତି ବିରଳ । × × × ଆମ୍ଭେମାନେ ହୃଦୟର ସହିତ ବାମଣ୍ଡାଧିପତିଙ୍କର ପ୍ରାର୍ଥନା କରୁଅଛୁ ।

### ତା-୨୩ ୧-୧୮୯୫

## ହିନ୍ଦି ଭାଷାର ଆଦର—

ସମ୍ବଲପୁର ମାତୃଭାଷାର ଉଚ୍ଛେଦ ସାଧନକରି ହିନ୍ଦିଶିକ୍ଷା ଚଳାଇବା ସକାଶେ କର୍ତ୍ତୃପକ୍ଷମାନେ ଅଗ୍ରହାନ୍ୱିତ, ଯେହେତୁ ଏଥିରେ ଏକମାତ୍ର ଓଡ଼ିଆମାନଙ୍କର କଷ୍ଟ ଓ ଅସୁବିଧା ଛଡ଼ା ଆଉମାନଙ୍କର କଷ୍ଟ ବା ଅସୁବିଧା ନାହିଁ । ସୁତରାଂ, ସେମାନେ

ଓଡ଼ିଆ ସ୍ଥାନରେ ହିନ୍ଦୀ ଚଳାଇଥିଲେ ସେମାନଙ୍କର ଅସୁବିଧା ଦୂରହେବ । ସମ୍ବଲପୁର ଅମଲାମାନଙ୍କୁ ହିନ୍ଦୀ ଶିଖାଇବାପାଇଁ ଜଣେ ଶିକ୍ଷକ ନିଯୁକ୍ତହୋଇଥିଲେ । ବର୍ତ୍ତମାନ ବରଗଡ଼ର ଅମଲା ଏବଂ ଗୁରୁମାନଙ୍କ ପାଇଁ ଜଣେ ହିନ୍ଦୀଶିକ୍ଷକ ନିଯୁକ୍ତହୋଇ ପ୍ରେରିତ ହୋଇଅଛନ୍ତି । ଏଥିରୁ କି ହିନ୍ଦୀଭାଷା ଚଳାଇବାର ସରକାରଙ୍କର ଉଦ୍ଦେଶ୍ୟ-ଥିବାର ଜଣାଯାଉ ନାହିଁ । ଆମ୍ଭେମାନେ ବିଶ୍ୱସ୍ତସୂତ୍ରେ ସମ୍ବାଦପାଇଅଛୁଁ ଯେ ଧୀରେଧୀରେ ଏ ଜିଲ୍ଲାରେ ହିନ୍ଦୀଭାଷା ଚଳାଇବା ସରକାରଙ୍କର ଏକାନ୍ତ ଅଭିପ୍ରେତ । ଆପଣା ମାତୃଭାଷାର ବ୍ୟବହାର ରକ୍ଷାକରିବାର ଅଭିଳାଷ ଥିଲେ ଆଜଠୁଁ ତହିଁର ଉପାୟ କରିବା ଉଚିତ, ନଚେତ୍ କ୍ରମେ କ୍ରମେ ଏ ଦେଶରୁ ଓଡ଼ିଆ ଭାଷା ବିଲୁପ୍ତ ହେବା ବିଷୟରେ ଆମ୍ଭମାନଙ୍କର କିଛିମାତ୍ର ସନ୍ଦେହ ନାହିଁ । ଯଦି ଭାଷା ପରିବର୍ତ୍ତନ ନକଲେ ମଧ୍ୟପ୍ରଦେଶ ଅଧୀନରେ ଏ ଜିଲ୍ଲାର ଶାସନ କାର୍ଯ୍ୟ ଚଳି ନପାରେ, ତେବେ ଏ ଜିଲ୍ଲାକୁ ମଧ୍ୟପ୍ରଦେଶରୁ ବାହାରକରି ଓଡ଼ିଶା ସହିତ ମିଶାଇଦେଲେ ଭାଷା ପରିବର୍ତ୍ତନ ନକଲେ ମଧ୍ୟ କାର୍ଯ୍ୟ ଚଳିପାରେ, ଏହାହିଁ ଆମ୍ଭମାନଙ୍କର ପ୍ରାର୍ଥିତବିଷୟ ହେବ ଉଚିତ୍ ।

ତା ୩୦-୧-୧୮୯୫

## ସମ୍ବଲପୁରର ଭାଷାସଂକଟ

ଗତ ୧୯ ତାରିଖ ଜାନୁୟାରୀର ମଧ୍ୟପ୍ରଦେଶର ଗେଜେଟ୍‌ରେ ପ୍ରକାଶିତ ହୋଇଅଛି ଯେ ସନ ୧୮୯୬ ସାଲର ପହିଲା ଜାନୁୟାରୀଠାରୁ ସମ୍ବଲପୁରର ସମସ୍ତ ସରକାରୀ କାର୍ଯ୍ୟରେ ଉତ୍କଳଭାଷା ପରିବର୍ତ୍ତରେ ହିନ୍ଦୀଭାଷା ପ୍ରବର୍ତ୍ତିତ ଓ ପ୍ରଚଳିତ ହେବ । ସମ୍ବଲପୁର ଭାଗ୍ୟରେ ଏହାଠାରୁ ଅଧିକ ଦୁର୍ଭାଗ୍ୟର କଥା ଆଉ କିଛି କଳ୍ପନା କରାଯାଇ ପାରେନାହିଁ । କି ପାପରୁ ଏହିଦଣ୍ଡ ଘଟିଅଛି, ତାହାର ବୃତାନ୍ତ ଭଗବାନଙ୍କ ଛଡ଼ା ଆଉ କାହାରିକୁ ଅବଗତ ନାହିଁ । ଇଂରାଜର ଅପକ୍ଷପାତ ବିଚାର ଏବଂ ନିର୍ଦ୍ଦୋଷ ବ୍ୟବସ୍ଥା ପ୍ରଣାଳୀ ଲଭକରି ସମ୍ବଲପୁରବାସୀ ଲୋକମାନେ ପରମ ସୁଖରେ କାଳଯାପନ କରି ଆସୁଥିଲେ । ହଠାତ୍ ଏ ଦୁର୍ଭାଗ୍ୟ କିପରି ଉପସ୍ଥିତ ହେଲା, ତାହା ବୁଝିବା ମଧ୍ୟ ଦୁଃସାଧ୍ୟ । ମଧ୍ୟପ୍ରଦେଶର ଚିଫ୍‌କମିଶନର ଅତ୍ୟନ୍ତ ସହୃଦୟ ଏବଂ ନ୍ୟାୟପରାୟଣ କିନ୍ତୁ କେତେଗୁଡ଼ିଏ ମହାରାଷ୍ଟ୍ରୀୟ ଏବଂ ହିନ୍ଦୀଭାଷୀ ଲୋକ ଏହାର ନୈକଟ୍ୟ ଲାଭକରି ଚିଫ୍-କମିଶନର ମହୋଦୟଙ୍କୁ ବୁଝାଇଦେଇ ଏହିପରି କାର୍ଯ୍ୟ ସଂଘଟନ କରାଇ ଦେଇଅଛନ୍ତି ବୋଲି ବୋଧହୁଏ । ଯେଉଁମାନେ ପଦସ୍ଥ ସେମାନଙ୍କର କଥା ସହଜରେ ବିଶ୍ୱାସହୁଏ, ସୁତରାଂ ଏ ବିଷୟରେ ମହାମାନ୍ୟ ଚିଫ୍‌କମିଶନରଙ୍କର କିଛି ଦୋଷନାହିଁ, ସମ୍ବଲପୁରର ଦୁର୍ଭାଗ୍ୟରେ ସମ୍ବଲପୁରରେ ଏପରି ସୁଶିକ୍ଷିତ ଓ ପଦସ୍ଥ ଲୋକ ନାହାନ୍ତି, ଯେ କି ଅନାୟାସରେ ଚିଫ୍‌କମିଶନରଙ୍କର ବିଶ୍ୱାସଭାଜନ ହୋଇ ଏଦେଶର ଅବସ୍ଥା ଜ୍ଞାପନ କରିପାରନ୍ତେ । × × × × ×

### ତା ୧୩-୭-୧୮୯୫

## ଓଡ଼ିଆ ଭାଷାର ଅନାଦର

ଓଡ଼ିଆ ଭାଷାର ଅନାଦର ଓ ଲାଞ୍ଛନା କେବେ ଦୂରହେବାକୁ ନାହିଁ । ଗଞ୍ଜାମ, ମେଦନୀପୁର, ସିଂହଭୂମି ଜିଲ୍ଲାର ଅସଂଖ୍ୟ ଓଡ଼ିଆ ମାତୃଭାଷା ହରାଇ ବସିଅଛନ୍ତି । ବର୍ତ୍ତମାନ ସମ୍ବଲପୁରର ଓଡ଼ିଆଲୋକମାନେ ଓଡ଼ିଆଭାଷା ହରାଇବାକୁ ବସିଅଛନ୍ତି । ଏ ସମ୍ବାଦରେ ଓଡ଼ିଆ ପୁଅ ମାନେ କେତେଦୂର ଦୁଃଖିତ ଏବଂ ମର୍ମାହତ, ତାହା ବଚନଦ୍ୱାରା ବ୍ୟକ୍ତ କରହେବନାହିଁ । × × × ବର୍ତ୍ତମାନ କ୍ଷେତ୍ରରେ—ସମ୍ବଲପୁରରେ ଓଡ଼ିଆ ଭାଷାର ବ୍ୟବହାର ସ୍ଥିରତର ରଖିବା ସକାଶେ କେହି କି ପ୍ରାଣପଣରେ ଯତ୍ନ କରିବେ ନାହିଁ ? ଶୁଣିଥିଲୁଁ ଅମ୍ଭମାନଙ୍କର ଶ୍ରଦ୍ଧେୟ ଡେପୁଟି କମିଶନର ସାହେବ ଓଡ଼ିଆ ଭାଷା ସପକ୍ଷରେ ମତ ଦେଇଥିଲେ, ସେ କି ଆମ୍ଭମାନଙ୍କୁ ଏସଙ୍କଟରୁ ଉଦ୍ଧାର କରି ଅମ୍ଭମାନଙ୍କର ଚିର ସ୍ମରଣୀୟ ହୋଇ ପାରିବେ ନାହିଁ ? ସମ୍ବଲପୁରରେ ସ୍ୱାଧୀନଚେତା ସୁପଣ୍ଡିତ ଓଡ଼ିଆ ଶ୍ରୀଯୁକ୍ତ ବାବୁ ଯୋଗେନ୍ଦ୍ରନାଥ ସେନ ଏବଂ ଶ୍ରୀଯୁକ୍ତ ବାବୁ କାଳୀଚରଣ ମିଶ୍ର ବର୍ତ୍ତମାନ ବିପଦଗ୍ରସ୍ତ ଲକ୍ଷ ଲକ୍ଷ ଓଡ଼ିଆଙ୍କ ମନୋବେଦନା ଦୂରକରିବା ସକାଶେ କି ଶ୍ରଦ୍ଧାସ୍ପଦ ରଙ୍ଗଲାଲଙ୍କ ପରି କିଛି କରି ପାରିବେନାହିଁ

### ତା ୨୦-୭-୧୮୯୫

## ସମ୍ବଲପୁରରେ ଭାଷା ସଂକଟ --

"ସମ୍ବଲପୁରରେ ହିନ୍ଦି ଭାଷା ପ୍ରଚଳିତ ହେବ" ଏହି ଆଦେଶର କଥା ଏ ଜିଲ୍ଲାରେ ସର୍ବତ୍ର ପ୍ରକାଶିତ ହୋଇଅଛି । ଯଦ୍ୟପି ଏ କାର୍ଯ୍ୟ ପ୍ରଜା ସାଧାରଣଙ୍କ ପକ୍ଷରେ ଅକଷ୍ଟକର ବା ଆପତ୍ତିଜନକ ହୁଅନ୍ତା, ତେବେତ ଏତେବେଳକୁ କେତେ ସଭାସମିତି, କେତେ ଆନ୍ଦୋଳନ ଆବେଦନ ଦାଖଲ ହୋଇଥାନ୍ତା, ସେତେବେଳେ ଏପରି କିଛି ଦେଖାଯାଉ ନାହିଁ, ତେତେବେଳେ ଅନୁମାନ କରାଯାଇପାରେ ଯେ ଏଥିରେ ଲୋକମାନଙ୍କର କୌଣସି ଆପତ୍ତି ନାହିଁ । ଏପରି ଅନୁମାନ ସ୍ୱାଭାବିକ ହେଲେମଧ୍ୟ ସମ୍ବଲପୁର ଜିଲ୍ଲାର ନୀରବତା ଦର୍ଶନରେ ଯେଉଁମାନେ ଅନୁମାନ କରି ନିଜମତ ଗଠନକଲେ ସେମାନଙ୍କୁ ଭ୍ରାନ୍ତ ହେବାକୁ ହେବ, ସେମାନଙ୍କର ଚକ୍ଷୁତ ଦର୍ଶନ କରିବାର ଶକ୍ତି ନ ଥିବାର ଜଣାଯିବ । × × × ଅନ୍ୟଲୋକର କଥା ବିଶ୍ୱାସ ନକରି ଯଦ୍ୟପି ଚିଫ୍ କମିସନର ବାହାଦୁର ସମ୍ବଲପୁରବାସୀ ଏ ଜିଲ୍ଲାର ଅନ୍ୟ ଯେ କୌଣସି ସ୍ଥାନକୁ ନିଜେଯାଇ ଦେଖନ୍ତେ, ତାହାହେଲେ ବୁଝି ପାରନ୍ତେ ଯେ ଏ ଦେଶୀୟ ଲୋକମାନେ ଯେ ହିନ୍ଦି କଥାବାର୍ତ୍ତା କରି ପାରନ୍ତି ବୋଲି ପ୍ରକାଶିତ ହୋଇଅଛି ତାହା ସଂପୂର୍ଣ୍ଣ ମିଥ୍ୟା । ଏ ଦେଶ ସମ୍ବନ୍ଧରେ ଏହା ଅପେକ୍ଷା ଆଉ ଅଧିକ ଦୁର୍ଭାଗ୍ୟର ବିଷୟ ନାହିଁ ବୋଲି ଆମ୍ଭେମାନେ କୃତାଞ୍ଜଳିପୁଟରେ ଚିଫ୍ କମିସନର ବାହାଦୁରଙ୍କୁ ଅନୁନୟ କରୁଅଛୁଁ ଯେ ସେ ଶୀଘ୍ର ଆଦେଶ ସ୍ଥଗିତକରି

ଆହୁ ପରେ ସମ୍ବଲପୁରର ପ୍ରକୃତ ଅବସ୍ଥା ଜ୍ଞାତହେବା ନିମନ୍ତେ ଅନୁସନ୍ଧାନ ଆରମ୍ଭ କରନ୍ତୁ ।

ଭାଷା ପରିବର୍ତ୍ତନ ବିରୁଦ୍ଧରେ ପଠାଯାଇଥିବା ଦରଖାସ୍ତରେ ଉଲ୍ଲେଖ ଅଛି ଯେ "ବିଳାସପୁର ଜିଲ୍ଲାରୁ ୩ଜଣ ଅମଲା ପରିବର୍ତ୍ତିତ ହୋଇ ଆସିଥିଲେ । ସେମାନେ ସାଧ୍ୟାନୁସାରେ ଚେଷ୍ଟାକଲେ ମଧ୍ୟ ଓଡ଼ିଶାର କାର୍ଯ୍ୟ କରିବା ଅତି କଠିଣ ଦେଖି ଆପଣା ଆପଣା କର୍ମକୁ ଫେରିଗଲେ । ଏଠାରୁ କୌଣସି ହିନ୍ଦି ଜିଲ୍ଲାକୁ ଯେଉଁ ଅମଲାମାନେ ପରିବର୍ତ୍ତିତ ହେବେ, ସେମାନଙ୍କର ତଦ୍ରୂପ ଦଶା ଘଟିବ । କିନ୍ତୁ ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ଅଳ୍ପ ବେତନଭୋଗୀ ଅମଲାମାନଙ୍କୁ ପରିବର୍ତ୍ତନ କରିବାର ପ୍ରଥା ପ୍ରଚଳିତ ନାହିଁ ।"

ଆବେଦନକାରୀମାନଙ୍କର ଉପରୋକ୍ତ ଉକ୍ତି ଅଯଥାର୍ଥ ବୋଧହେଉନାହିଁ । ଆମ୍ଭମାନଙ୍କର ପକ୍ଷେ ହିନ୍ଦି ଭାଷା ଆୟତ୍ତକରିବା ଯେପରି ସୁକଠିନ, ପଶ୍ଚିମାମାନଙ୍କର ଓଡ଼ିଆ ଭାଷାରେ ବ୍ୟୁତ୍ପନ୍ନ ହେବା ତଦ୍ରୂପ ସୁକଠିଣ । ଦୁଇ ଚାରି ଦିନ ବା ଦୁଇ ଚାରିମାସର ଶିକ୍ଷାର ଗୋଟିଏ ନିମ୍ନଶ୍ରେଣୀ ସ୍ୱଳ୍ପ ଅମଲାମାନଙ୍କ ପକ୍ଷରେ, ସେମାନେ ହିନ୍ଦି ପରି ଧ୍ୱନିରେ କର୍ମ୍ମ କରି ଉନ୍ନତି ପାଇବା ତେଣେଥାଉ ସେମାନେ ନିଯୁକ୍ତ ଥିବା କାର୍ଯ୍ୟରେ କାହେଲ ରକ୍ଷା ପାଇବା ଅସମ୍ଭବ । × × ×

ସମ୍ବଲପୁର ରାଜନୈତିକ ବିଭାଗ ଅନୁସାରେ ମଧ୍ୟପ୍ରଦେଶର ଅନ୍ତର୍ଗତ ହେଲେ-ମଧ୍ୟ ତାହା ପ୍ରାକୃତିକ ବିଭାଗ ଅନୁସାରେ ଓଡ଼ିଶାର ଅନ୍ତର୍ଗତ । × × × ସମ୍ବଲପୁର ଅଧିବାସୀମାନଙ୍କର ନୀରବତା ବର୍ତ୍ତମାନ କାଳୋପଯୋଗୀ ବିବେଚିତ ହେଉନାହିଁ । ସେମାନଙ୍କର ନୀରବତା ଦର୍ଶନକରି ଭିନ୍ନ ପ୍ରଦେଶର ଲୋକମାନେ ମନେକରୁଅଛନ୍ତି ଯେ ସମ୍ବଲପୁରର ଲୋକମାନେ ନିତାନ୍ତ କାପୁରୁଷ ଏବଂ ଅପରିମାଣଦର୍ଶୀ ନିଶ୍ଚେଷ୍ଟ ଲୋକ । × × ଅତଏବ୍ ହେ ସମ୍ବଲପୁରବାସି ! ମନର ଦୁଃଖ ଏବଂ ଅସନ୍ତୋଷ, ଅଭାବ ଏବଂ ଅସୁବିଧା ସରଳ ଭାବରେ ଦୟାଶୀଳ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାକୁ ଶିକ୍ଷାକର । ସେ ସନ୍ତୁଷ୍ଟଚିତ୍ତରେ ତୁମ୍ଭମାନଙ୍କର କଥା ଶୁଣି ବିହିତ ପ୍ରତିକାର କରିବାକୁ ତିଳେମାତ୍ର ବିମୁଖ ହେବେନାହିଁ, ଅଧିକନ୍ତୁ ସ୍ୱସ୍ଥାନୀୟ ପ୍ରଜାମାନଙ୍କର କର୍ତ୍ତବ୍ୟପରାୟଣତା, ଆହ୍ଲୋନ୍ନତ ଚେଷ୍ଟା ଏବଂ ପରିଣାମଦର୍ଶିତା ଦର୍ଶନକରି ରାଜକୀୟ ଚେଷ୍ଟା ଏବଂ ବ୍ୟୟର ସଫଳତା ଅନୁଭବ କରି ଆପ୍ୟାୟିତ ହେବେ । କର୍ତ୍ତୃପକ୍ଷମାନେ ସୁପଣ୍ଡିତ ଏବଂ ବହୁଦର୍ଶୀ, ସେମାନେ ଆମ୍ଭମାନଙ୍କର ଉନ୍ନତିର ଆଶା ପୋଷଣକରି ଯେଉଁ ବିଧାନ କରିଅଛନ୍ତି, ସେହି ବିଧାନରେ ଭ୍ରମଥିବାର ତାହାଙ୍କୁ ବୁଝାଇଦେଲେ, ସେମାନେ ଆନନ୍ଦର ସହିତ ଆମ୍ଭମାନଙ୍କର ପରାମର୍ଶ ଗ୍ରହଣକରି କାର୍ଯ୍ୟ କରିବେ । ଏହା ଆମ୍ଭମାନଙ୍କର ଦୃଢ଼ ସଂସ୍କାର । × × × ଆମ୍ଭମାନଙ୍କର ଏପରି ବିଶ୍ୱାସ ଥିବାରୁ କହୁଅଛୁଁ ଯେ ସମ୍ବଲପୁର, ଗଞ୍ଜାମ ଏବଂ ଓଡ଼ିଶାକୁ ଏକତ୍ରରେ ଏକ ଚିଫ୍ କମିସନରଙ୍କ ଅଧୀନରେ ରଖିବା ବିଷୟକ ପୂର୍ବ ପ୍ରସ୍ତାବର ସଫଳତା-ଚେଷ୍ଟାକଲେ ସେହି ସାଧୁସଙ୍କଳ୍ପ ସିଦ୍ଧ ହୋଇପାରେ । ନିତାନ୍ତ-ପକ୍ଷେ ସମ୍ବଲପୁରରେ ଇଣ୍ଟରପ୍ରେଟର ( interpreter ) ଦୋଭାଷୀ ଏବଂ (translator)

ଅନୁବାଦକ ରହିଲେ ରାଜକାର୍ଯ୍ୟର ଅସୁବିଧା ଅନ୍ତର୍ଗତ ହୋଇପାରେ । ପ୍ରଜାମାନଙ୍କର ମଙ୍ଗଳ ସକାଶେ ଏ ଜିଲ୍ଲାର ସ୍କୁଲମାନଙ୍କରେ ଓଡ଼ିଶା-ପ୍ରଚଳିତ ପାଠ୍ୟପୁସ୍ତକମାନ ପ୍ରଚଳିତ ହେଉ ଏବଂ ସମ୍ବଲପୁରରେ ଗୋଟିଏ ନର୍ମାଲ ବିଦ୍ୟାଳୟ, ଗୋଟିଏ ହିନ୍ଦି ବିଦ୍ୟାଳୟ ସ୍ଥାପିତ ହେଉ । ଯେଉଁମାନେ ବ୍ୟକସ୍ତି ଜର ଅନ୍ୟ ପ୍ରଦେଶରେ କାର୍ଯ୍ୟ କରି ଉନ୍ନତି ପାଇବାକୁ ଇଚ୍ଛା କରିବେ, ସେମାନେ ହିନ୍ଦି ବିଦ୍ୟାଳୟରେ ପଢ଼ି ପାରିବେ । ଏଥିସକାଶେ ଗୋଟା ଜିଲ୍ଲାର ମାତୃଭାଷା ଉଠାଇ ଦେବାର ପ୍ରୟୋଜନ ନାହିଁ । ଅତଏବ ମହାମାନ୍ୟ ଚିଫ୍ କମିସନର ବାହାଦୂରଙ୍କ ଉଦ୍ଦେଶ୍ୟରେ ବଦ୍ଧକରପୁଟରେ ଏହି ନିବେଦନ କରୁଅଛୁଁ ଯେ ସେ ଉପରୋକ୍ତ ପ୍ରକାରର କୌଣସି ପନ୍ଥା ଅବଲମ୍ବନ କରି ଆପଣାର ସଂକଳ୍ପର ସଫଳତା ସାଧନ କରନ୍ତୁ ଏବଂ ଆମ୍ଭମାନଙ୍କର ମାତୃଭାଷାରେ ବ୍ୟବହାର ବର୍ତ୍ତମାନବତ୍ ବଳବତ୍ତର ରହିବାର ଆଜ୍ଞା ପ୍ରଦାନ କରି ଆପଣାର ଷୋଡ଼ଶ ଲକ୍ଷାଧିକ ପ୍ରଜାଙ୍କର ସନ୍ତପ୍ତ ଚିତ୍ତରେ ଶାନ୍ତିବାରି ସେଚନ କରି ସ୍ମରଣୀୟ ହୋଇ ରହନ୍ତୁ ! × ×

ତା ୨୭-୨-୧୮୯୫

ଶ୍ରୀ ବ୍ରହ୍ମପୁର ମଠରେ ୧୧ ତାରିଖ ଫେବ୍ରୁଆରି ସନ ୧୮୯୫ ଇଂରାଜୀରେ ଭାଷା ପରିବର୍ତ୍ତନ ସମ୍ବନ୍ଧେ ବସିଥିବା ସଭାର କାର୍ଯ୍ୟ ବିବରଣ ।

× × × ବିଶ୍ୱେଶ୍ୱର ପାଣି, ଗଙ୍ଗାଧର ସାହାଣୀ, ବିଶ୍ୱନାଥ ନନ୍ଦ, ପଣ୍ଡିତ ବଡ଼ପଣ୍ଡା ଆଦି ଅନେକ ଲୋକ ଉପସ୍ଥିତ ଥିଲେ । ସାହେବ ଚିଫ୍ କମିଶନର ମଧ୍ୟପ୍ରଦେଶ ବାହାଦୂରଙ୍କ ତା-୧୫-୧-୯୫ ଇଂରାଜୀ ଲିଖିତ ନିର୍ଦ୍ଧାରଣ ସହିତରେ ସମ୍ବଲପୁର ଅଦାଲତମାନଙ୍କର ହିନ୍ଦୀଭାଷା ୧ ତାରିଖ ଜାନୁୟାରୀ ସନ ୧୮୯୬ ଇଂରାଜୀରୁ ପ୍ରଚଳିତ କରାଯିବାର ସ୍ଥିର ହୋଇଅଛି । ତହିଁର ଓଡ଼ିଆ ଅନୁବାଦ ପାଠ କରାଗଲା, ତତ୍ପରେ ନିର୍ଦ୍ଧାରଣ ହେଲା ଯେ—

(୧) ଚିଫ୍ କମିସନର ବାହାଦୂରଙ୍କ ଉପରୋକ୍ତ ନିର୍ଦ୍ଧାରଣ ଅତୀବ ଦୁଃଖର ସହିତ ସମସ୍ତ ଲୋକମାନେ ଶୁଣିଅଛନ୍ତି । ସମ୍ବଲପୁର ଉତ୍କଳ ଦେଶର ଅଂଶ ଅଟେ, ଶାସନ ବିଭାଗରେ କେବଳ ମଧ୍ୟପ୍ରଦେଶର ଅନ୍ତର୍ଗତ ହୋଇଅଛି । ସମ୍ବଲପୁରର ଭାଷା, ଆଚାର ବ୍ୟବହାର ମଧ୍ୟପ୍ରଦେଶରେ ଅନ୍ୟାନ୍ୟ ଜିଲ୍ଲାମାନଙ୍କଠାରୁ ବାସ୍ତବରେ ପୃଥକ୍ ଅଟେ । ସେ ସବୁର ସୌସାଦୃଶ୍ୟ ଓଡ଼ିଶାରେ ଅଛି । ଶାସନ ବିଭାଗରେ ସୁବିଧା ସକାଶେ ଏକ ଜାତିର ମାତୃଭାଷା ଉଠାଇ ଦେବା କୁହାପି ଦେଖା ବା ଶୁଣାନାହିଁ । ହିନ୍ଦୀ ପ୍ରଚଳନ ଯେଉଁସବୁ କାରଣ ମହାମାବର ଚିଫ୍ କମିସନର ସାହେବ ଉଲ୍ଲେଖ କରିଅଛନ୍ତି ସେସବୁ ଆମ୍ଭେ ସ୍ୱୀକାର କରିପାରିଲୁଁ ନାହିଁ । ଓଡ଼ିଶାର ଏବଂ ଏଠାରେ ଉତ୍କଳ ଭାଷା ଏକପ୍ରକାରର ଥିବାରୁ (୧) ହିନ୍ଦୀର ପ୍ରଚଳନ ବନ୍ଦ ହୋଇ ଓଡ଼ିଆ ପୂର୍ବପରି ଅଦାଲତ ଭାଷା ସ୍ୱରୂପ କାଏମ ରହିବାକୁ (୨) ନତୁବା ମଧ୍ୟ ପ୍ରଦେଶରେ ସମ୍ବଲପୁରକୁ ଫିଟାଇ ଓଡ଼ିଶାର ଅନ୍ତର୍ଗତ କରାଯିବାକୁ ପ୍ରାର୍ଥନାପତ୍ର ଲେଖାଯାଉ, (୨) ସମ୍ବଲପୁର ଜିଲ୍ଲାକୁ ନିମ୍ନଲିଖିତ ଚକରେ ବିଭାଗ କରାଯାଇ ତହିଁ ସଲଖରେ ଯେଉଁ ମହାଶୟଙ୍କ ନାମ ଲେଖାଯାଇଅଛି, ତାଙ୍କଠାରୁ ଉପରୋକ୍ତ ଆବେଦନ ପତ୍ରର ଖଣ୍ଡେ ନକଲ ପଠାଯାଇ ସେଠାରେ

ଶାଖା ସଭା ସ୍ଥାପିତକରି ଲୋକଙ୍କ ମତ ନେବାକୁ ଓ ଅର୍ଜିଲେଖି ସ୍ୱାକ୍ଷରଃସଂଗ୍ରହ କରିବାକୁ ଅନୁରୋଧ କରାଯାଉ । × ×

## ସମ୍ବଲପୁର ହିତୈଷିଣୀ

ଜାନୁଆରି ୨୧ ତାରିଖ ବୁଧବାର ୧୯୦୩

**ଫ୍ରେଜାର ସ୍ମୃତି—**

"ପ୍ରାତଃସ୍ମରଣୀୟ ମଧ୍ୟ ପ୍ରଦେଶର ଭୂତପୂର୍ବ ଚିଫ୍ କମିସନର ଫ୍ରେଜାର ସାହେବ ମହୋଦୟ ସମ୍ବଲପୁର ଅଦାଲତ ସମୂହରେ ଓଡ଼ିଆ ଭାଷା ପୁନଃପ୍ରଚଳନ କରାଇ ସମସ୍ତ ଉତ୍କଳ ଭାଷୀଙ୍କର ହୃଦୟାରାଧ୍ୟ ହୋଇଅଛନ୍ତି । ତାହାଙ୍କ ସମ୍ବନ୍ଧରେ ନାନାପ୍ରକାର ସ୍ମୃତିଚିହ୍ନ ସ୍ଥାପନ କରିବା ନିମନ୍ତେ ପ୍ରତ୍ୟେକ ଓଡ଼ିଆଙ୍କର ଚେଷ୍ଟାକରିବା ଉଚିତ, ଶୁଣୁଅଛୁଁ ସମ୍ବଲପୁରସ୍ଥ ମାନ୍ୟଗଣ୍ୟ ଉତ୍କଳୀୟ ବ୍ୟକ୍ତିମାନେ ସେଥିନିମନ୍ତେ ବିଶେଷ ଚେଷ୍ଟା କରୁଅଛନ୍ତି । ସ୍ୱନାହାରା ଅର୍ଥ ସଂଗ୍ରହକରି "ଫ୍ରେଜାର ବୃତ୍ତି" ନାମକ ଗୋଟିଏ ବୃତ୍ତି-ଫଣ୍ଡ ସ୍ଥାପିତ ହେବ । ଅକ୍ଷମ ଓଡ଼ିଆ ସନ୍ତାନମାନଙ୍କ ମାତୃଭାଷା ଶିକ୍ଷାନିମନ୍ତେ ସେହି ବୃତ୍ତି ବ୍ୟୟିତ ହେବ ।"

ତା-୨୮-୨-୧୯୦୩

( ୧ ) ଆନନ୍ଦର ସହିତ ଅବଗତ ହେଲୁଁ ଯେ ତାଳଚେରରୁ ନବପ୍ରକାଶିତ 'ଗଡ଼ଜାତ ବାସିନୀ' ପତ୍ରିକାର ସଂପାଦକ ଭାର ପଣ୍ଡିତ ଶ୍ରୀ ରାମଚନ୍ଦ୍ର ରଥ ଘଟୀ ବିନୋଦ ମହାଶୟ ଗ୍ରହଣ କରିଛନ୍ତି । ରଥ ମହାଶୟ ସୁଶିକ୍ଷିତ, ସୁଲେଖକ ଓ ସୁଯୋଗ୍ୟକ ଅଟନ୍ତି ।" (ପୃ ୧୧୩)

( ୨ ) ବାମଣ୍ଡାଞ୍ଚଳ ଅନ୍ତର୍ଗତ ଗୌଡ଼ାପାଲିରେ ଅଭିଷେକୋତ୍ସବ ।

"ତା ୧ । ୧ । ୧୯୦୩ ମସିହାରେ ପ୍ରଭାତ ହେଲକ୍ଷଣି ସ୍କୁଲ ଛାତ୍ରମାନଙ୍କର ଫୁଟ୍‌ବଲ ଖେଳ ଆରମ୍ଭହେଲା । ୮ ବଜେ ପର୍ଯ୍ୟନ୍ତ ଏହି ଖେଳହୋଇ ପରେ ନାନା କ୍ରୀଡ଼ା କୌତୁକରେ ୧୦ ଘଣ୍ଟାଯାଏ ସମୟ ଅତିବାହିତ ହେଲା । ତତ୍ପରେ ସମସ୍ତେ ସ୍ନାନ ଭୋଜନାଦି କରିବାକୁ ଗଲେ । ୧ ବେଳରୁ ୩ ବଜେଯାଏ ପୋଲିସ ପରେଡ ହେଲା । ଅପରାହ୍ଣ ୪ ବଜେରୁ ସଭା ଅନୁଷ୍ଠାନ ହୋଇ ରାତ୍ର ୧୦ ବଜେ ଶେଷ ହେଲା । ରାତ୍ର ୧୦ ବଜେରୁ ଅପରାହ୍ଣ ପ୍ରାତଃ ୮ ଘଣ୍ଟାଯାଏ ନାଟ, ସଂକୀର୍ତ୍ତନାଦି ହୋଇଥିଲା ।

ତା-୧୧-୬-୧୯୦୩

## ତାଳଚେରରେ ବେଙ୍ଗଲ ଥିଏଟର

"ଆଗାମୀ ୧୭ ତାରିଖ ଦିବସ ତାଳଚେର ରାଜକୁମାରଙ୍କର ପୁନର୍ବିବାହ ଉତ୍ସବ ହେବ । ଗଡ଼ଜାତ ବାସିନୀରୁ ଅବଗତ ହେଲୁଁ ତଦୁପଲକ୍ଷରେ ତାଳଚେର ରାଜଧାନୀରେ ଉତ୍ସବର ନାନାପ୍ରକାର ଆୟୋଜନ ଲାଗିଅଛି । ଅନେକ ଭଦ୍ରଲୋକଙ୍କୁ ନିମନ୍ତ୍ରଣ

ହୁଅନ୍ତାଅନ୍ତୁ × × ×

ପ୍ରତ୍ୟକ୍ଷଦର୍ଶୀମାନେ କହନ୍ତି ଏହି ଦୁର୍ଭିକ୍ଷ ଉପଲକ୍ଷେ କଳିକତାରୁ କେତେକ ସ୍ୱେଚ୍ଛା ସେବକ ଆସିଅଛନ୍ତି ।

ଏହି ଅଞ୍ଚଳର ଲୋକଙ୍କୁ କଳିକତାରୁ ଅଣାଇବାଦ୍ୱାରା ଓ ଅଭିନୟ ପ୍ରଦର୍ଶନଦ୍ୱାରା ପ୍ରଚୁର ଅର୍ଥ ସଂଗ୍ରହ ହେବ । ତାଳଚେର ପ୍ରଜାମାନଙ୍କ କଥା ଦୂରରେଥାଉ ସାମାନ୍ୟ ଶିକ୍ଷିତ ଲୋକେ ବଙ୍ଗଳା ଅଭିନୟର ମର୍ମ ଗ୍ରହଣ କରିପାରିବେ ନାହିଁ । କେବଳ ଆମଲା ଓ ଦେଶୀ ସୁଶିକ୍ଷିତ ପରିମିତ ଭଦ୍ରାବଳୀ ଏହି ଅଭିନୟର ଦର୍ଶନରେ ତୃପ୍ତି ଲାଭ କରିପାରିବେ । ସୁତରାଂ ଏପରି ଅର୍ଥବ୍ୟୟଦ୍ୱାରା କୌଣସି ଫଳ ଦର୍ଶିତ ହେବନାହିଁ । ଦୁଇ ଏକଦିନ ଆମୋଦ ପ୍ରମୋଦ ନିମନ୍ତେ ତାଳଚେର ସୁଶିକ୍ଷିତ ପ୍ରଜାହିତୈଷୀ ରାଜା ମହୋଦୟ ଯେ ଏତେଗୁଡ଼ିଏ ଅର୍ଥ ବ୍ୟୟ କରିବେ, ଏହା ଆମ୍ଭେମାନେ ବିଶ୍ୱାସ କରିପାରୁନାହୁଁ ।"

ସ୍ନେହିତ ପତ୍ର—

ଶ୍ରୀଯୁକ୍ତ ସମ୍ବଲପୁର ହିତୈଷିଣୀ ସଂପାଦକ ମହୋଦୟ ସମୀପେଷୁ,

ମହାଶୟ !

ସିଂହେଶ୍ୱରପୁର ହରିଭକ୍ତି ପ୍ରଦାୟିନୀ ଶିକ୍ଷାବର୍ଦ୍ଧିନୀ ସଭା – ଏହି ସଭା ୧୮୯୪ରେ ସ୍ଥାପିତ । ବର୍ତ୍ତମାନ ଏହାର ସଭ୍ୟ ସଂଖ୍ୟା ୪୮ ଜଣ । ଶ୍ରୀଯୁକ୍ତ ଅଭିରାମ ଭଞ୍ଜ Mabl, ଶ୍ରୀ ରାମପାଳ ମିଶ୍ର Ba., ଶ୍ରୀ ଦାମୋଦର କର BI, ଶ୍ରୀ ନନ୍ଦକିଶୋର ବଳ ବି ଏ, ଶ୍ରୀଯୁକ୍ତ ବିଶ୍ୱନାଥ କର, ଶ୍ରୀ ଶ୍ୟାମସୁନ୍ଦର ନନ୍ଦ, ଶ୍ରୀ କୃଷ୍ଣଚନ୍ଦ୍ର ନନ୍ଦ, ଶ୍ରୀ ଗଙ୍ଗାଧର ନନ୍ଦ Vims, ସ୍ଥାନୀୟ ଜମିଦାରଗଣ, ଗ୍ରାମବାସୀ ଓ ସ୍ଥାନୀୟ ବିଦ୍ୟାଳୟର ୫ଜଣ ଶିକ୍ଷକ ଏ ସଭାର ଉଲ୍ଲେଖଯୋଗ୍ୟ ସଭ୍ୟ । × × × ଗୋଟିଏ ଦରିଦ୍ର ଭଣ୍ଡାର ଓ ଗୋଟିଏ ସାଧାରଣ ପୁସ୍ତକାଳୟ ସଂଲଗ୍ନ ଅଛି। ସେ ସାଧାରଣଙ୍କ ବଦାନ୍ୟତାରେ ପ୍ରତିଷ୍ଠିତ ଓ ଅଧୁନା ପରିଚାଳିତ । ଦରିଦ୍ର ଭଣ୍ଡାରରୁ ଅକ୍ଷମ ସ୍ଥାନୀୟ ବିଦ୍ୟାଳୟର ଛାତ୍ର ଓ ଅକ୍ଷମ ଦରିଦ୍ରମାନଙ୍କୁ ସମୟ ସମୟରେ ଯଥା ଶକ୍ତି ସାହାଯ୍ୟ ପ୍ରଦତ୍ତ ହୋଇଥାଏ । ଆଜି ପର୍ଯ୍ୟନ୍ତ ଦରିଦ୍ରଭଣ୍ଡାରରୁ ପ୍ରାୟ ୬୦ ଟଙ୍କା ବ୍ୟୟ ହୋଇଅଛି । ପୁସ୍ତକାଳୟରେ ଉତ୍କଳ, ବଙ୍ଗ, ଇଂରାଜୀ ଓ ସଂସ୍କୃତ ଭାଷାର ବିବିଧ ବିଷୟକ ସହସ୍ରାଧିକ ପୁସ୍ତକ ସଂଗୃହୀତ ହୋଇଅଛି । ଏ ପୁସ୍ତକମାନ ସଭାର ସଭ୍ୟ ଗ୍ରାମବାସୀ ସ୍କୁଲଛାତ୍ର ଓ ପରିଚିତ ଭଦ୍ରଲୋକମାନଙ୍କଦ୍ୱାରା ବ୍ୟବହୃତ ହୁଅଇ । × × × ମଧ୍ୟରେ ବର୍ଷେ ଦୁଇବର୍ଷ ସଭା ଅପେକ୍ଷାକୃତ ଶିଥିଳତା ଅବଲମ୍ବନ କରିଥିଲା । ଗତବର୍ଷଠାରୁ ସଭାର କାର୍ଯ୍ୟ ପୁନର୍ବାର ନିୟମିତ ଚାଲୁଅଛି । ସାଧାରଣତଃ ମାସକେ ଥରେ ସଭାର ଅଧିବେଶନ ହୁଏ, ସେଥିରେ ଧର୍ମ, ସମାଜ ଓ ସାହିତ୍ୟ ବିଷୟକ ରଚନା ବା ବକ୍ତୃତାପାଠ ହୁଏ । ଭବିଷ୍ୟତରେ ସଭାରେ ରାଜନୈତିକ ବିଷୟ ଆଲୋଚିତ ହୋଇପାରିବ କି ନାହିଁ ଏ ବିଷୟରେ ଆନ୍ଦୋଳନ କେତେକ ସଭ୍ୟଙ୍କ ମଧ୍ୟରେ ଲାଗିଅଛି । × × × ଅସ୍ମାନଙ୍କର ଶ୍ରୀଯୁକ୍ତ ଉତ୍କଳ ଦୀପିକାର ସଂପାଦକ ଶ୍ରୀ ଗୌରୀଶଙ୍କର ରାୟ ମହୋଦୟ ସାହାଯ୍ୟ ସାଗ୍ରହରେ ପ୍ରଧାନ ପୃଷ୍ଠପୋଷକ ହୋଇଥିଲେ । ଆଜିପର୍ଯ୍ୟନ୍ତ ୫୭୪ ସାହାଯ୍ୟ ସଂଗୃହୀତ ହୋଇଅଛି, କିନ୍ତୁ ଏତେଟଙ୍କାରେ ଗୃହେ ସ୍ଥାପନ

କର୍ମ ନିଯୁକ୍ତ ଗୋଟିଏ ସୁବିଧାଜନକ ଗୃହ ନିର୍ମାଣ କରିବା ଅସମ୍ଭବ ବୋଲି ସେ 'ପ୍ରଥମ କାର୍ଯ୍ୟରେ ପରିଣତ ହୋଇପାରୁନାହିଁ । × × × ସଭାର ଉଦ୍ଦେଶ୍ୟ କେତେଦୂର ମହତ୍ ଏହା ହୃଦୟଙ୍ଗମ କରି ଉତ୍କଳୀୟ ଦେଶ ହିତୈଷୀମାନେ ଯଥାଶକ୍ତି ସାହାଯ୍ୟ କରିବାକୁ ଅଗ୍ରସର ହେବେ ବୋଲି ଆମ୍ଭେମାନେ ଆଶାକରୁଁ ।

ତା ୧୮ । ୩ । ୧୯୦୩

## ପ୍ରାଦେଶିକ ସଂଯୋଗ

"ସମସ୍ତ ଉତ୍କଳଭାଷୀ ସ୍ଥାନ କିମ୍ବା ସମଗ୍ର ଉତ୍କଳ ପ୍ରଦେଶ ବର୍ତ୍ତମାନ ମଧ୍ୟପ୍ରଦେଶ ସହିତ ମିଳିତ ହେବାର ଯେଉଁ ବାଦାନୁବାଦ ଲାଗିଅଛି, ତହିଁର କୌଣସି କଥା ଏପର୍ଯ୍ୟନ୍ତ ସରକାର ବାହାଦୁର କର୍ଣ୍ଣଗୋଚର ହୋଇନାହିଁ । ବ୍ୟବସ୍ଥାପକ ସଭାରୁ ଏ ସମ୍ବନ୍ଧରେ ପ୍ରଶ୍ନ ଉତ୍ଥାପିତ ହେଲାମାତ୍ରେ ଗବର୍ଣ୍ଣମେଣ୍ଟ ଉତ୍ତର ଦେଇଅଛନ୍ତି ଯେ ମଧ୍ୟପ୍ରଦେଶ କିମ୍ବା ଅନ୍ୟ କୌଣସି ପ୍ରଦେଶ ସହିତ ଓଡ଼ିଶା ମିଳିତ ହେବା ବିଷୟ ସରକାର ବାହାଦୁରଙ୍କ କଳନାକୁ ମଧ୍ୟ ଆସିନାହିଁ, ସୁତରାଂ ଦେଖାଯାଉ ଅଛି ଯେ ବର୍ତ୍ତମାନ ଏ ସମ୍ବନ୍ଧରେ ବାଦାନୁବାଦ କରିବା ନିଷ୍ପ୍ରୟୋଜନ । ପ୍ରବୀଣ ସହଯୋଗୀ ପତ୍ରିକା ନିଜ ଗୌରବ ପ୍ରତି ଲକ୍ଷ୍ୟ ଦେଇ ଯେ ବକ୍ତବ୍ୟ ପ୍ରକାଶ କରିଅଛନ୍ତି, ଆମ୍ଭେମାନେ ହେଉନାହିଁ । ଯଦି ସମଗ୍ର ଉତ୍କଳଭାଷୀ ଏକତ୍ରିତ ହୋଇ ଗୋଟିଏ ପ୍ରଦେଶ ଗଠିତ ହୋଇପାରେ ଓ ବ୍ୟବସ୍ଥାର ପ୍ରତି ଲକ୍ଷ୍ୟରଖି ଗବର୍ଣ୍ଣମେଣ୍ଟ ତହିଁରେ ସ୍ୱୀକୃତ ହୁଅନ୍ତି, ଆଉ ଗଠିତ ପ୍ରଦେଶ ଶାସନ ନିମନ୍ତେ ପ୍ରଜାବୃନ୍ଦ କରଭାରରେ ପ୍ରପୀଡ଼ିତ ନହୁଅନ୍ତି, ତାହାହେଲେ ଆମ୍ଭମାନଙ୍କ ପକ୍ଷରେ ମଙ୍ଗଳ-ଜନକ ହୋଇପାରିବ ! ମାତ୍ର ବଙ୍ଗଳାରୁ ଅନ୍ତରହୋଇ ମଧ୍ୟପ୍ରଦେଶରେ ମିଳିତହେବା-ଦ୍ୱାରା ଓଡ଼ିଶାର କୌଣସି ଲାଭନାହିଁ ।" (ପୃ ୧୬୮)

ତା ୧୩ । ୪ । ୧୯୦୩

## ଏହା କି ସତ୍ୟ ?

"ଶୁଣିଲୁ ସମ୍ବଲପୁର ପୋଲିସ ବିଭାଗରେ ଓଡ଼ିଆ ଭାଷା ନ ଚଳାଇ ହିନ୍ଦୀ ଭାଷା ଚଳାଇବା ନିମନ୍ତେ ଶ୍ରୀଯୁକ୍ତ ପୋଲିସ୍ ଇନ୍‌ସପେକ୍ଟର ଜେନେରେଲ ସାହେବ ସମ୍ବଲପୁରସ୍ଥ କେତେକ ଭଦ୍ରବ୍ୟକ୍ତିମାନଙ୍କୁ ଡକାଇ ସେମାନଙ୍କ ମତ ପ୍ରଶ୍ନ କରିଥିଲେ । ଉକ୍ତ ବ୍ୟକ୍ତିମାନେ ତହିଁରେ ଅମତ ହେବାରୁ ସାହେବ ମହୋଦୟ ପ୍ରକାଶ କରିଅଛନ୍ତି ଯେ ସେ ଏ ବିଷୟ ଚିଫ୍‌କମିଶନର ସାହେବ ମହୋଦୟଙ୍କୁ ଜଣାଇବେ । କାରଣ ପୋଲିସ ବିଭାଗ ଓଡ଼ିଆମାନଙ୍କର ସମୟରେ ବିଶେଷ କ୍ଲେଶ ହୋଇଥାଏ; ପରଦେଶୀ ଲୋକ-ମାନଙ୍କୁ ପୋଲିସ ବିଭାଗରେ ନିଯୁକ୍ତ କରିବାକୁ ହେଲେ ହିନ୍ଦୀଭାଷା ସେହି ବିଭାଗରେ ଚଳାଇବା ଆବଶ୍ୟକ ହେଉଅଛି ।

ସାହେବ ମହୋଦୟଙ୍କ ଉପରୋକ୍ତ ମତସମ୍ବନ୍ଧରେ ବର୍ତ୍ତମାନ ଆମ୍ଭେମାନେ କୌଣସି କଥା ପ୍ରକାଶ କରି ନପାରୁଁ । କଥାଟି ଅତ୍ୟନ୍ତ ଗୁରୁତର ପୁଣି ସାମାଜିକ ଆନ୍ଦୋଳନର ଉପଯୋଗୀ । ଏପରି ସ୍ଥଳରେ ଏହାର ସତ୍ୟତା ବିଷୟରେ ନିଃସନ୍ଦେହ ନ ହେଲେ କୌଣସି ପ୍ରକାର ଆନ୍ଦୋଳନ କରାଯାଇ ନପାରେ । ଆଶାକରୁଁ ଆମ୍ଭମାନଙ୍କ ସମ୍ବଲପୁରସ୍ଥ ଓଡ଼ିଆଭାଇମାନେ ଏଥିର ସତ୍ୟ ଆବିଷ୍କାର କରି ଆମ୍ଭମାନଙ୍କୁ ଜଣାଇ ଅନୁଗୃହୀତ କରିବେ ।"

ତା ୩। ୬। ୧୯୦୩

## ଗଞ୍ଜାମ ସମ୍ବାଦ

ବ୍ରହ୍ମପୁର ସମ୍ବାଦ—ଆଜିକାଲି ପ୍ରବଳ ଗ୍ରୀଷ୍ମ ହେଉଅଛି । ବୃଷ୍ଟି ନିମନ୍ତେ ଲୋକେ ଆକାଶକୁ ଚାହିଁ ଅଛନ୍ତି । ଅମ୍ବ ପ୍ରଚୁର ପରିମାଣରେ ମିଳୁଅଛି । ଗତ ଶନିବାର ସ୍ଥାନୀୟ ଧର୍ମ ପ୍ରବର୍ତ୍ତକ ନାଟ୍ୟାଳୟରେ ଶ୍ରୀ ବିକ୍ରମଦେବ ବର୍ମା ମହୋଦୟ ରଚିତ ଅଙ୍କ ଶ୍ରୀ ନିବାସ କଲ୍ୟାଣ ନାଟକର ଅଭିନୟ ହୋଇଯାଇଅଛି । ନାଟକର କବିତା ଓ ସବିଧାନ ଉତ୍ତମ ହୋଇଅଛି । ଜଣେ ଉତ୍କଳ ଯୁବକଙ୍କର ଅଙ୍କ ଲେଖାରେ ଏପରି ଚିତ୍ତହାରିଣୀ କବିତା ଦେଖି ଶତ ଶତ ଦର୍ଶକ ଚମତ୍କୃତ ହୋଇ କବି ବିକ୍ରମ ଦେବଙ୍କୁ ଧନ୍ୟବାଦ ଦେଉଥିଲେ ।"

ତା ୩୦। ୭। ୧୯୦୨

## ସମ୍ବଲପୁରରେ ଓଡ଼ିଆ ଭାଷା

ଅତ୍ୟନ୍ତ ଆନନ୍ଦର ସହିତ ଜଣାଉଅଛୁଁ ଯେ ମହାମାନ୍ୟ ମହାମାବର ବଡ଼ଲାଟ ମହୋଦୟଙ୍କ ଆଦେଶାନୁସାରେ ୧୯୦୩ ସାଲ ଜାନୁୟାରି ମାସ ପ୍ରଥମରୁ ସମ୍ବଲପୁର ଜିଲ୍ଲାର ଅଦାଲତ ସମୂହରେ ଓଡ଼ିଆ ଭାଷା ପୁନଃ ପ୍ରଚଳିତ ହେବ । ଏହି ଶୁଭହିତ କାର୍ଯ୍ୟ ନିମନ୍ତେ ପରମ ମାନ୍ୟବର ମଧ୍ୟପ୍ରଦେଶର ଚିଫ୍ କମିସନର ଫ୍ରେଜର ମହୋଦୟ ସୁପାରିସ୍ କରିଥିଲେ । ଏଥି ନିମନ୍ତେ ସମସ୍ତ ଉତ୍କଳ ସନ୍ତାନମାନେ ମହାମାବର ବଡ଼-ଲାଟ ଓ ମହାମାନ୍ୟ ଚିଫ୍ କମିସନର ମହୋଦୟଙ୍କ ନିକଟରେ ଚିରକୃତଜ୍ଞ ପାଶରେ ଆବଦ୍ଧ ରହିଲେ । ଏତେଦିନେ ସ୍ୱଦେଶବତ୍ସଳ ମହାତ୍ମାମାନଙ୍କ ପରିଶ୍ରମ ସାର୍ଥକ ହୋଇ-ଥିବାର ଦେଖି ଆମ୍ଭେମାନେ ସେମାନଙ୍କୁ ଅନ୍ତରର ସହିତ ଧନ୍ୟବାଦ ଦେଉଅଛୁ ।"

ତା ୯। ୪। ୧୯୦୨

## ତାଳଚେର ବିଦ୍ୟାଳୟ

"ତାଳଚେର ଦୁର୍ଗରେ ମିଡ଼ଲ ଭର୍ଣ୍ଣାକୁଲର ସ୍କୁଲ, ସଂସ୍କୃତ ଟୋଲ ଓ ବାଳିକା ବିଦ୍ୟାଳୟ ଏପରି ୩ଗୋଟି ସ୍କୁଲ ପୂର୍ବରୁ ସଂସ୍ଥାପିତ ହୋଇଥିଲା । ଶ୍ରୀଯୁକ୍ତ ରାଜା ମହୋଦୟ ଶିକ୍ଷାବିସ୍ତାର ପ୍ରତି ବିଶେଷ ଅନୁରାଗ ପ୍ରଦର୍ଶାଇ ଅଛନ୍ତି ।

ଅଛନ୍ତି । X X X ଉକ୍ତ ଆବେଦନ ଯୁକ୍ତିପୂର୍ଣ୍ଣ । ଆମ୍ଭେମାନେ ଆଶାକରୁଁ, ଲେଫ୍ଟେଣ୍ଟ ସାରଜନ୍ ଉଡବର୍ଣ୍ଣ ବାହାଦୂର, ଛାତ୍ରମାନଙ୍କ ନ୍ୟାଯ୍ୟସଙ୍ଗତ ପ୍ରାର୍ଥନା ସଫଳ କରିବେ । କଟକ କଲେଜର ଓଡ଼ିଆ ଛାତ୍ରମାନେ ମାତୃଭାଷାର ଗୌରବ ଉନ୍ନତି କାମନାରେ ସାଧ୍ୟମତ ଚେଷ୍ଟାକରୁଥିବାରୁ ସେମାନଙ୍କୁ ଶତଶତ ଧନ୍ୟବାଦ ପ୍ରଦାନ କରୁଅଛୁଁ । ଓଡ଼ିଶାର ବିଖ୍ୟାତ ସଭାସମିତିସମୂହ ଛାତ୍ରମାନଙ୍କ ଆବେଦନର ପୋଷକତାକରି ସେମାନଙ୍କ ପ୍ରାର୍ଥନା ପୂରଣକରିବା ସକାଶେ ବେଙ୍ଗଲ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରିବାର ଆଶାକରୁଁ ।"

## ତା ୧୨-୯-୧୮୯୮

### ସମ୍ବଲପୁରରେ ଏମ୍. ଏ.—

"କଲିକତା ବିଶ୍ୱବିଦ୍ୟାଳୟର ଏମ୍. ଏ. ପରୀକ୍ଷାର ଫଳ ପ୍ରକାଶିତ ହୋଇଅଛି । ଉକ୍ତ ପରୀକ୍ଷାରେ ସର୍ବମୋଟ ୮୪ ଜଣ ଯୁବକ ଯୁବତୀ ପାଶ୍ କରିଅଛନ୍ତି । ରେଢ଼ାଖୋଲର ଦେବାନ ଶ୍ରୀଯୁକ୍ତ ଦାଶରଥି ପାଣିଗ୍ରାହୀଙ୍କ ପୁତ୍ର ଶ୍ରୀଯୁକ୍ତ ବୈକୁଣ୍ଠନାଥ ପୂଜାହାରୀ, କଲିକତା ପ୍ରେସିଡେନ୍ସି କଲେଜରୁ ଏମ୍ ଏ. ପରୀକ୍ଷା ଦେଇଥିଲେ, ବର୍ତ୍ତମାନ ଆନନ୍ଦର ସହିତ ପ୍ରକାଶ କରୁଅଛୁଁ ଯେ ସେ ରସାୟନ ଶାସ୍ତ୍ରରେ ୨ୟ ଶ୍ରେଣୀର ୨ୟ ସ୍ଥାନ ପାଇ ଉତ୍ତୀର୍ଣ୍ଣ ହୋଇଅଛନ୍ତି । କଲ୍ୟାଣାସ୍ପଦ ଶ୍ରୀମାନ୍ ବୈକୁଣ୍ଠନାଥଙ୍କ ବ୍ୟତୀତ ଏ ଜିଲ୍ଲାର ଅନ୍ୟ କୌଣସି ବ୍ୟକ୍ତି ବି. ଏ ବା ଏମ୍ ଏ. ଉପାଧି ପାଇନାହାନ୍ତି । X X X ବିଶ୍ୱସ୍ତସୂତ୍ରେ ଅବଗତ ହୋଇଅଛୁଁ ଯେ ସେ ବର୍ତ୍ତମାନ ଉପାର୍ଜ୍ଜନର ଚେଷ୍ଟା ନକରି ବି. ଏଲ୍ ପରୀକ୍ଷାର ପାଠ୍ୟ ଅଧ୍ୟୟନ କରିବେ । ତାଙ୍କର ଉକ୍ତ କାମନା ସଫଳ ହେଉ — ସେ ଦୀର୍ଘଜୀବୀ ହେଉନ୍ତୁ — ଈଶ୍ୱରଙ୍କ ନିକଟରେ ଏହି ପ୍ରାର୍ଥନା କରୁଅଛୁ ।"

## ତା ୧୭-୮-୧୮୯୨

### ଉତ୍କଳ କି ଜାଗ୍ରତ ହେବନାହିଁ—

"ସମ୍ବାଦପତ୍ର ଯୋଗେ ପ୍ରକାଶିତ ହୋଇଅଛି ଯେ ହିନ୍ଦୁମାନଙ୍କର ପ୍ରଧାନ ତୀର୍ଥସ୍ଥାନ କୋଣାର୍କ କ୍ଷେତ୍ରସ୍ଥିତ ନବଗ୍ରହ ମୂର୍ତ୍ତି ଅଙ୍କିତ ୧୯ ଏ ପ୍ରକାଣ୍ଡ ପ୍ରସ୍ତର ଯାହାକି ଏତେକାଳ ପର୍ଯ୍ୟନ୍ତ ହିନ୍ଦୁମାନଙ୍କଦ୍ୱାରା ପୂଜିତ ହୋଇଆସୁଥିଲା, ତାହାକୁ ଇଂରେଜମାନେ କୌଣସି ଉଦ୍ଦେଶ୍ୟ ସାଧନ ସକାଶେ ଖଣ୍ଡ ୨ କରି କାଟୁଅଛନ୍ତି । ଏ ସମ୍ବାଦରେ ହିନ୍ଦୁ ହୃଦୟ କି ବିଚଳିତ ହେଉନାହିଁ? ଏହି ଅନୁଚିତ କାର୍ଯ୍ୟ ରହିତ କରିଦେବା ସକାଶେ ସରକାରଙ୍କ ନିକଟରେ ନିବେଦନ କରିବା କି ଉଚିତ ବୋଧ ହେଉନାହିଁ? ଉତ୍କଳର ସଭା ସମିତି ସବୁ ଏତେବେଳେ ନୀରବ କାହିଁକି? X X X ଏ କାର୍ଯ୍ୟରୁ କ୍ଷାନ୍ତ ହେବା ସକାଶେ ଯୁକ୍ତିଯୁକ୍ତ କାରଣ ଦେଖାଇ ଆବେଦନକଲେ ନ୍ୟାୟପରାୟଣ ଗବର୍ଣ୍ଣମେଣ୍ଟ ଅବଶ୍ୟ ବୁଝାଇ ଶୁଣି ତହିଁର ପ୍ରତିବିଧାନ କରିବେ । ମିଳିତହୋଇ

ସ୍ୱୀକୃତ ଖବରରେ ଦୁଃଖ ଜଣାଇବା ଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ଅପ୍ରିୟ ହେବା ଆଶଙ୍କା ଥିଆହେବା ଜାଣି ସମସ୍ତେ ତତ୍ପ୍ରତି ସଚେଷ୍ଟ ହେଉନ୍ତୁ, ଏହା ଆମ୍ଭେମାନେ ନିବେଦନ କରୁଅଛୁ।

## ତା ୧୭-୭-୧୯୨୧

## ରାୟ ମଧୁସୂଦନ ରାଓ ବାହାଦୁର—

"ଯେ ଉତ୍କଳ-ସାହିତ୍ୟ କ୍ଷେତ୍ରରେ ମହାରଥୀ, ଯେ ଉତ୍କଳର ସାହିତ୍ୟର ଉନ୍ନତି କମିର ଆଶାବନ କଟାଇଲେ, ଯାହାଙ୍କ ଯୋଗରୁ ଉତ୍କଳ-ସାହିତ୍ୟ ମସ୍ତକୋତ୍ତୋଳନ କରିଅଛି, ଆଜି ବୃଦ୍ଧାବସ୍ଥାରେ ଜୀର୍ଣ୍ଣଶୀର୍ଣ୍ଣାବସ୍ଥାରେ ସେହି ମହର୍ଷିପ୍ରତିମ ମଧୁରାଓ ଉତ୍କଳର ଦ୍ୱାରେ ୨ ଭ୍ରମଣ କରି ବିଦ୍ୟାଳୟ ନିର୍ମାଣ ପାଇଁ ଯେ ଅର୍ଥଭିକ୍ଷା କରୁଅଛନ୍ତି ତାହା ଦେଖିଲେ ଅଶ୍ରୁପାତ ହୁଏ। ସେତନ କଟକରେ ପ୍ରତ୍ୟେକ ଅଫିସ ବୁଲି ବୁଲି କର୍ମଚାରୀ-ମାନଙ୍କୁ ଅନୁରୋଧ କରି ଅର୍ଥଭିକ୍ଷା କରିଥିଲେ। ତାହା ଦେଖିକରି ତାହାଙ୍କର ଦେଶପାଇଁ ଏବଂ ଶିକ୍ଷାପାଇଁ ହୃଦୟ କିପରି କାନ୍ଦୁଅଛି, ତାହାର ସମ୍ପୂର୍ଣ୍ଣ ପରିଚୟ ମିଳେ। ଆମ୍ଭେମାନେ ଜାଣୁ ଏହା ଯେ ଏଥମଧ୍ୟରେ ରାଓ ମହାଶୟ ଗଞ୍ଜାମ ଜିଲ୍ଲା ଭ୍ରମଣକରି କୌଣସି କୌଣସି ରାଜାଙ୍କଠାରୁ କିଛି କିଛି ଅର୍ଥ ପାଇଅଛନ୍ତି ଏବଂ ବର୍ତ୍ତମାନ ସମ୍ବଲପୁରାଞ୍ଚଳରେ କୌଣସି କୌଣସି ଗଡ଼ଜାତ ଭ୍ରମଣରେ ବହିର୍ଗତ ହୋଇଅଛନ୍ତି। ଆଶାକରୁ ରାଓ ମହାଶୟ ସଫଳକାମ ହେବେ ସନ୍ଦେହ ନାହିଁ। ସମ୍ବଲପୁର ଅଞ୍ଚଳରେ ଗମନ କରୁଥିବାବେଳେ ରାଓ ମହାଶୟ କଟକର ଚନ୍ଦା ସଂଗ୍ରହ ଭାର ମୋ ଉପରେ ଦେଇଯିବାରୁ ମୁଁ ତାହା ଆନନ୍ଦରେ ଗ୍ରହଣ କରିଅଛି।"

## ତା ୬-୧-୧୯୨୩

## କଳାହାଣ୍ଡି ରାଜ୍ୟ—

"ଓଡ଼ିଶାରେ ଯେଉଁ ୨୬ଟି ଦେଶୀୟ ରାଜ୍ୟ ଅଛି, ତହିଁ ମଧ୍ୟରେ କଳାହାଣ୍ଡି ଗୋଟିଏ ବିଶିଷ୍ଟ ରାଜ୍ୟ। ଏହି ରାଜ୍ୟର ରାଜା ଶ୍ରୀମାନ୍ ବ୍ରଜମୋହନ ଦେବ ବର୍ମ୍ମା। O. B. E. ଅଳଙ୍କୃତ ହୋଇ ରାଜ୍ୟଭାର ଗ୍ରହଣ କରିଅଛନ୍ତି। ରାଜା ମହୋଦୟ ରାଜ୍ୟର ଉନ୍ନତିକଳ୍ପେ ନାନାପ୍ରକାର ସଦନୁଷ୍ଠାନରେ ମନୋଯୋଗୀ ହୋଇ ଅଛନ୍ତି। ବର୍ତ୍ତମାନ ବିଶ୍ୱସ୍ତସୂତ୍ରରେ ଅବଗତ ହେଲୁଁ ଯେ ରାଜା ମହୋଦୟ ନିଜ ରାଜ୍ୟରୁ ବେଠିପ୍ରଥା ଉଠାଇ ଦେଇଅଛନ୍ତି। କଳାହାଣ୍ଡି ରାଜ୍ୟରେ କରଦେବା ପ୍ରଥା ପୂର୍ବରୁ ନାହିଁ। ବର୍ତ୍ତମାନ ବେଠିପ୍ରଥା ଉଠାଇଦେଇ ଅସହାୟ ପ୍ରଜାମାନଙ୍କର ମହୋପକାର ସାଧନ କରିଅଛନ୍ତି। × × ବେଠି ପ୍ରଥା ପରିବର୍ତ୍ତେ ପ୍ରତି ଟଙ୍କାରେ ଦୁଇ ଅଣା ଲେଖାଏଁ ଅତିରିକ୍ତ ଖଜଣା ପ୍ରଜାମାନେ ଦେବେ ବୋଲି ବ୍ୟବସ୍ଥା ହୋଇଅଛି। ଏ ବ୍ୟବସ୍ଥା ମନ୍ଦ ହୋଇନାହିଁ। ଓଡ଼ିଶାର ଅନ୍ୟାନ୍ୟ ରାଜ୍ୟରୁ ବେଠିପ୍ରଥା ଉଠାଇଦେବାକୁ ନୃପତିମାନଙ୍କୁ ଅନୁରୋଧ କରୁଅଛୁଁ। × × ×

ତା ୨୦-୧-୧୯୨୩

## ବେଦବ୍ୟାସ ମେଳା—

ଓଡ଼ିଶାରେ ଗାଙ୍ଗପୁର ନାମରେ ଗୋଟିଏ ଦେଶୀୟ ରାଜ୍ୟ ଅଛି । ଏହି ରାଜ୍ୟ ଅନ୍ତର୍ଗତ ନାଗରା ଜମିଦାରୀ ନାମକ ଗୋଟିଏ ଜମିଦାରୀ ଭୂଖଣ୍ଡ ଅଛି । ପାନପୋଷ ଷ୍ଟେସନ ( B. N. R ) ପାଖରେ ଏହି ମେଳା ବସେ । ତାହାର ନାମ ବେଦବ୍ୟାସ ମେଳା । ଏହି ମେଳା ଆଗାମୀ ଫେବୃୟାରୀ ତା ୧ରୁ ୧୫ ଇଷ ପର୍ଯ୍ୟନ୍ତ ବସିବ, ନାଗରା ଇଷ୍ଟେଟ୍‌ର ମେନେଜର ବିଜ୍ଞାପନ କରିଅଛନ୍ତି, ଏହି ମେଳାରେ ନାନାବିଧ ବାସନ୍‌, ଗୋ-ମହିଷ ବିକ୍ରୟ ଓ ଗାଙ୍ଗପୁର ଷ୍ଟେଟ୍‌ଜାତ ପ୍ରଦର୍ଶନୀ ବସିବ । ଏହି ସ୍ଥାନରେ ଶିବାଳୟ ଥିବାରୁ ଶିବଭକ୍ତମାନେ ଉପବାସ ଓ ଦେବଦର୍ଶନ କରିପାରିବେ । × × ×"

ତା ୨୦-୧-୧୯୨୩

## ଓଡ଼ିଆ ସାହିତ୍ୟର ଗତିସମ୍ବନ୍ଧେ ଦୁଇପଦର କଥା—

"× × × ସାହିତ୍ୟର ରକ୍ଷକ ତ ଜଣେ ଦୁଇଜଣ ହୋଇପାରନ୍ତି ନାହିଁ, ଶତ ସହସ୍ର ସଂଖ୍ୟାରେ ରକ୍ଷକ ତଥା ସେବକ ହେଲେ ସେ ସାହିତ୍ୟ ପ୍ରାଣ ଲଭକରି ସତେଜ ହୋଇ ଉଠିଥାଏ । ସାହିତ୍ୟକୁ ରକ୍ଷାକରିବାକୁ ଯେଉଁ ସାଧନା, ନିଷ୍ଠା, ଏକାଗ୍ରତା ଆବଶ୍ୟକ ତାହା ସହଜ ସୁଲଭ ନୁହେଁ ବା ଅନାୟାସଲବ୍ଧ ନୁହେଁ ।

କଠୋର ସାଧନାସମ୍ପନ୍ନ କଲେ ସାହିତ୍ୟର ଶ୍ରୀବୃଦ୍ଧି ହେବା ସମ୍ଭବ, ଆମ ଓଡ଼ିଆ ଜାତିରେ ବ୍ୟକ୍ତିଗତଭାବରେ ବା ଦଳଗତ ଭାବରେ କଠୋର ବ୍ରତୀ ହୋଇ କେହି ସାହିତ୍ୟସେବା କରିବାର ଶୁଣାଯାଏନାହିଁ, ଅତଏବ ଓଡ଼ିଆ ସାହିତ୍ୟର ଗତି କ୍ରମେ ହୀନ-ବଳ ହେଉଥିବା କଥା ମିଥ୍ୟା ନୁହେଁ । ଆଜକୁ ପ୍ରାୟ ଦଶବର୍ଷ ହେବ ଓଡ଼ିଆ ସାହିତ୍ୟର ଗତି ଅତି କ୍ଷୀଣ ଭାବରେ ଅଗ୍ରସର ହେଉଅଛି । × × × ଏକଥା ଶିକ୍ଷିତ-ଶ୍ରେଣୀର ଓଡ଼ିଆ କେବେ ସାଧାରଣଙ୍କୁ ଶୁଣାଇବାକୁ ନାହିଁ, ଶିକ୍ଷିତର ଚିନ୍ତାଧାରା ବା ଅଭିବ୍ୟକ୍ତି ଜନସାଧାରଣରେ ପ୍ରକାଶିତ ହେବାକୁ ନାହିଁ । ଏପରି ଦାରୁଣ ଦୁଃସମୟ ଓଡ଼ିଆପକ୍ଷେ ଆସିଅଛି ଯେ ନୀରବତା ଏ ଜାତିର ମଜ୍ଜାଗତ ବ୍ୟାଧି ହୋଇଅଛି । × × × ଆମ୍ଭ ଓଡ଼ିଆର ପ୍ରତିବେଶୀ ବଙ୍ଗାଳୀଜାତି ଆଜି ଏତେ ଉନ୍ନତ କାହିଁକି ? ତାହାର ପ୍ରଧାନ କାରଣ ସାହିତ୍ୟ ସାଧନା, ସାହିତ୍ୟ ପ୍ରଚାର, ଏପରି ବଳରେ ବଙ୍ଗାଳୀ ଜାତି କରିଅଛି ଯେ ବଙ୍ଗୀୟ ମୁସଲମାନମାନଙ୍କୁ ନିଜ ମଧ୍ୟରେ ରଖିପାରିଅଛି । ବଙ୍ଗଦେଶରେ ହିନ୍ଦୁ ଅପେକ୍ଷା ମୁସଲମାନ ସଂଖ୍ୟା ଅଧିକ । ସେମାନଙ୍କର ଆରବୀ, ପାର୍ସୀ ପ୍ରଭୃତି ଭାଷା ଓ ସାହିତ୍ୟ ଥିଲେ; ମାତ୍ର ନିଜ ସାହିତ୍ୟର ପ୍ରତିଭାବଳରେ ଆଗ୍ରହରେ, ବଙ୍ଗର ହିନ୍ଦୁ ଓ ମୁସଲମାନ ଏକତ୍ରିତ ହୋଇ ବଙ୍ଗଳା ସାହିତ୍ୟର ପ୍ରସାର କାମନାରେ ବ୍ୟସ୍ତ । ଆଜି ବଙ୍ଗଳା ସାହିତ୍ୟ ଭାରତରେ ଉଚ୍ଚସ୍ଥାନ ଅଧିକାର କରିଅଛି, କାବ୍ୟ, ଉପନ୍ୟାସ, ଜୀବନଚରିତ, ଭ୍ରମଣ ବୃତ୍ତାନ୍ତ, ନାଟକ, ଇତିହାସ, ବିଜ୍ଞାନ, କୃଷି ।

ସମ୍ବନ୍ଧୀୟ ବିବିଧ ଗ୍ରନ୍ଥ ବଙ୍ଗ ସାହିତ୍ୟରେ ପ୍ରଚୁର ପରିମାଣରେ ଦେଖାଯାଏ । ଶିକ୍ଷିତ ଓଡ଼ିଆଙ୍କୁ ଏକଥା ବାରମ୍ବାର ଶୁଣାଇବାକୁ ପଡ଼ୁଅଛି, ଏହାହିଁ ଦୁଃଖର କଥା ।”

ତା ୩-୩-୧୯୨୩

“ମେଦିନୀପୁର ଜିଲ୍ଲାରେ ୩୦ ବର୍ଷ ପୂର୍ବେ ପ୍ରାୟ ୫୨ ଲକ୍ଷ ଓଡ଼ିଆ ଥିଲେ । ଏହି ସଂଖ୍ୟା କ୍ରମେ ସ୍ୱଳ୍ପରୁ ସ୍ୱଳ୍ପତର ହେଉଅଛି । ବର୍ତ୍ତମାନ ‘ମେଦିନୀପୁର ହିତୈଷିଣୀ’ରୁ ଅବଗତ ହେଲୁ ସବଙ୍ଗ ନାମକ ସ୍ଥାନର ଅଧିବାସୀ ବାବୁ ତାରକାନାଥ ମାହାନ୍ତି ଓ ବାବୁ ଭୋଳାନାଥ ମାହାନ୍ତି ବଙ୍ଗୀୟ ଅନୁକରଣରେ ‘ମାଇତି’ ପରିବର୍ତ୍ତେ ‘ଦାସ’ ଉପାଧି ଗ୍ରହଣ କରିବାକୁ ଚେଷ୍ଟିତ । ପ୍ରୋକ୍ତ ମହାନ୍ତି ଦ୍ୱୟ ବଙ୍ଗ ଉପାଧି ‘ଦାସ’ ଗ୍ରହଣରେ ଚେଷ୍ଟିତ ଥିବାରୁ ମେଦିନୀପୁର ସହରର ନଗନବାର୍ ମହଲ୍ଲାର ଶ୍ରୀ ସତ୍ୟେନ୍ଦ୍ରଭୂଷଣ ଦେ ଗୋଟିଏ ପ୍ରତିବାଦ କରିଅଛନ୍ତି, ଏମାନଙ୍କର ଉପାଧି ମାଇତି ନୁହେଁ ମାହାନ୍ତି, ଓଡ଼ିଶା ଅଞ୍ଚଳରେ ମାହାନ୍ତି ଅତ୍ୟନ୍ତ ସମ୍ମାନଜନକ । ପୂର୍ବେ ମେଦିନୀପୁର ଅଞ୍ଚଳରେ ସ୍କୁଲ ବା ଗ୍ରାମ୍ୟ ପାଠଶାଳାର ଶିକ୍ଷକମାନଙ୍କୁ ମାହାନ୍ତି ବୋଲି ସମ୍ମାନ କରାଯାଉଥିଲା । ଇତ୍ୟାଦି ।

ମେଦିନୀପୁର ଓଡ଼ିଆମାନେ ନିଜର ଜାତି ଓ ଭାଷା ପରିତ୍ୟାଗକରି ପୂରା ବଙ୍ଗାଳୀ ହୋଇଯାଇଅଛନ୍ତି । ମେଦିନୀପୁର ବାଲେଶ୍ୱର ଜିଲ୍ଲାର ନିକଟରେ ଓଡ଼ିଶାକୁ ଲାଗି ରହିଅଛି, ତଥାପି ମେଦିନୀପୁର ଓଡ଼ିଆମାନେ ନିଜ ଭାଷା ଓ ସାହିତ୍ୟ ଭୁଲିଯାଇଅଛନ୍ତି । ଆମ୍ଭେମାନେ ମେଦିନୀପୁର ଓଡ଼ିଆଙ୍କର ଦୁର୍ଦ୍ଦଶା ଅନେକ ଥର ପାଠକମାନଙ୍କୁ ଶୁଣାଇଅଛୁଁ । ଇଂରେଜ ରାଜତ୍ୱରେ କୌଣସି ଜାତି ପରିମାଣରେ ଅଧିକ ଥାଇ ସୁଦ୍ଧା ଏତେ ସମସ୍ତ ମଧ୍ୟରେ ନିଜକୁ ଭୁଲି-ଯାଇ ଅନ୍ୟ ଜାତିରେ ପରିଣତ ହେବାର ଶୁଣାନାହିଁ । ଓଡ଼ିଶାର ଚାରିଆଡ଼େ ବଙ୍ଗଳା, ହିନ୍ଦୀ ଓ ତେଲୁଗୁ ପ୍ରାବଲ୍ୟ ଅଛି । ସେହି ପ୍ରାବଲ୍ୟ ତଦଞ୍ଚଳର ଅଧିବାସୀ ଓଡ଼ିଆମାନଙ୍କୁ ଗ୍ରାସ କରୁଅଛି । ଏହିପରି ଆଉ କିଛିକାଳ ଚାଲିଲେ, ଓଡ଼ିଆତ୍ୱ ଲୋପ ହେବାର ସମ୍ପୂର୍ଣ୍ଣ ସମ୍ଭାବନା । ଏପରି ସଙ୍କଟ ସମୟରେ ଓଡ଼ିଆ ସାହିତ୍ୟର ପ୍ରସାର ଏକମାତ୍ର ପ୍ରକୃଷ୍ଟ ପନ୍ଥା ।”

ତା ୮-୪-୧୯୨୨

ଗଡ଼ଜାତରେ ସମ୍ବାଦପତ୍ର

“ଓଡ଼ିଶାରେ ଏବେ ୨୬ଟି ଦେଶୀୟ ରାଜ୍ୟ ଅଛି, ଏହି ରାଜ୍ୟମାନଙ୍କରେ ଜଣେ ଜଣେ ରାଜା ବିଦ୍ୟମାନ ଥାଇ ରାଜ୍ୟ ପରିଚାଳନା କରନ୍ତି । ମୋଟରେ ପ୍ରାୟ ୪୦ ଲକ୍ଷ ଲୋକ ଏହି ସମସ୍ତ ରାଜ୍ୟରେ ବାସ କରୁଅଛନ୍ତି । × × × ଓଡ଼ିଶା ଗଡ଼ଜାତରେ ସମ୍ବାଦପତ୍ରର ବ୍ୟବହାର ନିତାନ୍ତ କମ୍ ବୋଇଲେ ଚଳେ । କାରଣ ଗଡ଼ଜାତ ପ୍ରଜାଶିକ୍ଷା ବିଷୟରେ ନିତାନ୍ତ ପଶ୍ଚାତ୍‌ପଦ । ଓଡ଼ିଶା ଗଡ଼ଜାତରେ ଉନ୍ନତ ଧରଣର ସମ୍ବାଦପତ୍ରର ପ୍ରଚଳନ ସର୍ବପ୍ରଥମେ ରାଜା ସାର୍ ସୁଚଳଦେବ ଆରମ୍ଭ କରିଥିଲେ । ତାହାର ନାମ—ହିତୈଷିଣୀ ।

ଏହି 'ହିତୈଷିଣୀ' ଓଡ଼ିଆ ଭାଷାର କିପରି ସାହାଯ୍ୟ କରିଅଛି ଏବଂ ରାଜନୈତିକ ଆନ୍ଦୋଳନରେ ଓଡ଼ିଶାକୁ କିପରି ମତାଇଅଛି, ତାହାର ନିଦର୍ଶନ କେହି ରଖିନାହିଁ; ମାତ୍ର ଓଡ଼ିଆ ଭାଷାର ପ୍ରକୃତ ଇତିହାସ ସଂଗ୍ରହ ହେଲେ ତାହାର ସ୍ଥାନ ଅକ୍ଲେଶରେ ନିରୂପିତ ହୋଇପାରିବ।

'ହିତୈଷିଣୀ' ଓଡ଼ିଶା ଗଡ଼ଜାତର ସର୍ବପ୍ରଥମ ସମ୍ବାଦପତ୍ର। × × ×

"ଉନ୍ନତି ଜାତିର ପ୍ରଧାନକାର୍ଯ୍ୟ ସମ୍ବାଦପତ୍ର ପରିଚାଳନା। ଗଡ଼ଜାତର ଓଡ଼ିଆ ଅଶିକ୍ଷିତ ହେତୁ ସମ୍ବାଦପତ୍ର ପ୍ରତି ଆଗ୍ରହାନ୍ୱିତ ନୁହେଁ। × × × ଓଡ଼ିଶା ଗଡ଼ଜାତରେ ଓଡ଼ିଆ ଭାଷା ଚଳୁଅଛି। ଅତଏବ ଓଡ଼ିଆ ସମ୍ବାଦପତ୍ର ଏ ରାଜ୍ୟମାନଙ୍କରେ ପ୍ରଚଳନ ହେବା ଆବଶ୍ୟକ।

ସମ୍ବାଦପତ୍ର ପ୍ରତି ଗଡ଼ଜାତ ପ୍ରଜା ଆଗ୍ରହ ପ୍ରକାଶ କରିବାର ଆମ୍ଭେମାନେ ଜାଣିବାକୁ ନାହିଁ। କର୍ତ୍ତୃପକ୍ଷମାନେ ଶିକ୍ଷାପ୍ରଚାର ନିମନ୍ତେ ଯେପରି ଅର୍ଥବ୍ୟୟ କରନ୍ତି, ସେହିପରି ସମ୍ବାଦପତ୍ର ପ୍ରଚଳିତ ହେବା ନିମନ୍ତେ ପ୍ରଥମେ ଅର୍ଥବ୍ୟୟ କରିବା ଦରକାର।

ସମ୍ବାଦପତ୍ରଦ୍ୱାରା ଶିକ୍ଷାପ୍ରଚାର କାର୍ଯ୍ୟ ଚଳିବ। ଏହା ବିଦ୍ୟାଳୟ ଗଠନ ତୁଲ୍ୟ। ଏହା କର୍ତ୍ତୃପକ୍ଷମାନେ ସର୍ବଦା ମନେରଖିବା ଉଚିତ। × × ×

ଗଡ଼ଜାତବାସୀ ପ୍ରଜାମାନେ ଶିକ୍ଷାପଥରେ ଅଗ୍ରସର ହୋଇ ଗଡ଼ଜାତର ନାମ ବଢ଼ାଇବାକୁ ଚେଷ୍ଟାକର। ଚିରୁଦିନେ ହଳ ଲଙ୍ଗଳ ଧରି ଚାଷକଲେ ଚଳିବ ନାହିଁ। ଜ୍ଞାନ ଅର୍ଜନ ନିମନ୍ତେ ପରିଶ୍ରମ କଲେ ତୁମ୍ଭମାନଙ୍କର ଭବିଷ୍ୟତ ଜୀବନ ସୁଖମୟ ହେବ। × × × ବର୍ତ୍ତମାନ ଗଡ଼ଜାତ ପ୍ରଜାମାନଙ୍କର ପ୍ରଧାନ ଚିନ୍ତା—ଶିକ୍ଷା, ବାଣିଜ୍ୟ, କୃଷି, ସ୍ୱାସ୍ଥ୍ୟ। ଏହି ଚାରିଗୋଟି ବିଷୟ ଯେପରି ଉନ୍ନତ ହୁଏ, ତତ୍ପ୍ରତି ସମସ୍ତେ ଆଗ୍ରହାନ୍ୱିତ ଦେଖିବାକୁ ଚାହୁଁ। ଏସବୁ ବିଷୟରେ ଗଡ଼ଜାତର କର୍ତ୍ତୃପକ୍ଷମାନେ ଅଗ୍ରସର ହେବାକୁ ଅନୁରୋଧ କରୁଅଛୁଁ।"

ତା ୨୨-୪-୧୯୨୨

## ନୂତନ ମାସିକ ପତ୍ର ଓ କର୍ମୀ ଲକ୍ଷ୍ମୀନାରାୟଣ ସାହୁ

"କର୍ମପ୍ରାଣ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ—ଆମ୍ଭମାନଙ୍କ ପାଠକପାଠିକାମାନଙ୍କ ନିକଟରେ ଅପରିଚିତ ନୁହନ୍ତି। ଲକ୍ଷ୍ମୀନାରାୟଣ ବାବୁ କେବଳ ହିତୈଷିଣୀ ପାଠକ ପାଠିକା ନିକଟରେ କାହିଁକି ନିଜର ସୁପ୍ରବନ୍ଧ ଓ ମାର୍ଜିତ କର୍ମପ୍ରାଣ ଯୋଗିତ ଲେଖନୀ ବଳରେ ଏବଂ ନିଜର ସ୍ୱଭାବ ସୁନ୍ଦର କର୍ମନିପୁଣତାରେ ଉତ୍କଳର ସର୍ବତ୍ର ସୁପରିଚିତ କହିଲେ ଅତ୍ୟୁକ୍ତି ହେବ ନାହିଁ। × × × ଆମ୍ଭମାନଙ୍କର ପାଠକପାଠିକାଗଣ ଶୁଣି ଆନନ୍ଦିତ ହେବେ, ପ୍ରୋକ୍ତ ଲକ୍ଷ୍ମୀନାରାୟଣବାବୁ ନିଜର ସମ୍ପାଦକତ୍ୱରେ ଉତ୍କଳର ପବିତ୍ରଧାମ ନୀଳାଚଳ କ୍ଷେତ୍ରରୁ 'ହୁଙ୍କାର' ନାମକ ଗୋଟିଏ ଉଚ୍ଚଧରଣର ସୁରୁଚିସମ୍ପନ୍ନ ମାସିକ ପତ୍ର ବାହାର କରୁଅଛନ୍ତି।

ଲେଖାପୂର୍ବକ ଅତି ଉନ୍ନତ ଧରଣରେ, ଆମ୍ଭେମାନେ ପତ୍ରର ପରମପ୍ରୀତ 'ଲଭ କରିଅଛୁଁ' ଏବଂ ସେଥିସଙ୍ଗେ 'ସହକାର'ର ସ୍ଥାୟିତ୍ୱ କାମନାକରି ଲକ୍ଷ୍ମୀନାରାୟଣ ବାବୁଙ୍କୁ ଧନ୍ୟବାଦ ଦେଉଅଛୁଁ ।

ପରିଶେଷରେ ବକ୍ତବ୍ୟ 'ସହକାର'ର ଲେଖା ଯେପରି ସୁରୁଚିସମ୍ପନ୍ନ ଓ ଉପାଦେୟ ତାହାର ବାହ୍ୟାବରଣ ଓ ଛାପା ପରିପାଟୀ ତଦନୁରୂପ ହୋଇନାହିଁ । ଆଜିକାଲି ଯୁଗରେ ସେ ସବୁ ଅଭାବହେଲେ ପତ୍ରପତ୍ରିକାର ଆଦର ବଡ଼ ଦୁରୂହ । × × × ଆମ୍ଭର ଉତ୍କଳରେ ଅନେକ ପତ୍ରପତ୍ରିକାର ଉଦୟ ସଙ୍ଗେ ସଙ୍ଗେ ଅସ୍ତ ହୋଇଯିବାର ପ୍ରଧାନ କାରଣ ଦେଶର ଉଚ୍ଚଶିକ୍ଷିତମାନଙ୍କର ଔଦାସୀନ୍ୟରେ ଦେଶ ସମାଜର ଉଦ୍ଦେଶ୍ୟାନୁରୂପ ବିଷୟ ବା ପ୍ରବନ୍ଧାଦିର ଅଭାବ ଏବଂ ଅର୍ଥାଭାବବଶତଃ ସୌଷ୍ଠବ ବୃଦ୍ଧିରେ ନାନା ପ୍ରକାର ବାଧା । × ×

ତା: ୬-୫-୧୯୨୨

**ଏଣୁ ତେଣୁ—**

"ଓଡ଼ିଶାରେ ଗୋଟିଏ ସାବୁନ ଫାକ୍ଟ୍ରି ସୁଦ୍ଧା ନାହିଁ, ବଂଗଦେଶରେ ଅନେକ ସାବୁନ ଫାକ୍ଟ୍ରି ହୋଇଗଲଣି । ଦିନକୁ ଦିନ ଆହୁରି କେତେ ସାବୁନଫାକ୍ଟ୍ରି ବଢ଼ୁଛି କିନ୍ତୁ, ଅମ ଓଡ଼ିଶା ଶୋଇଛି । ଏହି ସାବୁନଦ୍ୱାରା ଆମ ଓଡ଼ିଶାରୁ କେତେଟଙ୍କା ବାହାରି ଯାଉଅଛି ହିସାବ କରି ଦେଖ । ଆମ ଦେଶରେ କମବେଶି ତେବେ ବି ଅନେକ ବି. ଏସସି., ଏମ୍. ଏସସି. ଇତ୍ୟାଦି ପାଶକଲେଣି,ସେମାନଙ୍କର ଉଚିତ ନୁହେଁ କି ସେମାନେ ଏହି ସବୁ ବିଷୟରେ ନାନା କଥା ଲେଖି ଲୋକଙ୍କୁ ଜଣାଇବେ । କିପରି ସାବୁନ ତିଆରି କରିବାକୁ ହେବ, ଏହିକଥା ଆମ ଦେଶରେ କେତେଜଣ ଜାଣନ୍ତି ? ବୋଧହୁଏ ଯେପରି କେହି ନାହାନ୍ତି । ଥିଲେ କେହି-କଣ ଆରମ୍ଭ କରନ୍ତେ ନାହିଁ ? ଜଣେ ଅଧେ କଟକରେ ସାବୁନ ତିଆରି ଆରମ୍ଭ କରିଥିଲେ, ମାତ୍ର ସେ କୁଆଡ଼େ ଉଭେଇଗଲେ । ସାବୁନ ତିଆରି କରିବାପାଇଁ ତେଲ ଗୋଟିଏ ପ୍ରଧାନ ଜିନିଷ । ଆମ ଦେଶରେ ପୁନ୍ନଙ୍ଗ ତେଲ, ନଡ଼ିଆ ତେଲ ପ୍ରଭୃତି ତେଲ ଯଥେଷ୍ଟ ମିଳେ; କିନ୍ତୁ ବୁଦ୍ଧିହୀନ ହେବାଯୋଗୁଁ ଅମର ଏହି ଦୁର୍ଦ୍ଦଶା । ଅମ୍ଭେମାନେ ୪ ଦିନରେ କିଛି କରିପାରୁନାହୁଁ, ଅଥଚ କଲିକତା ପ୍ରଭୃତି ସ୍ଥାନରୁ ସାବୁନ ଆମ୍ଭ ଦେଶକୁ ଆସି ଆମକୁ ଲୁଟିନେଇ ଯାଉଛନ୍ତି । ଆଶାକରୁଁ, ଆମ ଦେଶର ବି. ଏସ୍‌ସି., ଏମ୍. ଏସ୍‌ସି. ମାନେ ଆମ୍ଭମାନଙ୍କୁ ସାବୁନ ତିଆରିର ସବିଶେଷ ଖବର ଜଣାଇବାକୁ ଆଗ୍ରହ ପ୍ରକାଶ କରନ୍ତୁ । ଏହାଦ୍ୱାରା ଦଶର ଓ ଦେଶର ଉପକାର ହେବ ।"

ତା ୧୩-୫-୧୯୨୨

**ନୂତନ ସମ୍ବାଦ**

"ଶୁଣି ଆନନ୍ଦିତ ହେଲୁଁ, କଟକ ନିକଟରେ ଗୋଟିଏ କାଗଜକଲ ସ୍ଥାପନ କରି-ଯିବାର ଆୟୋଜନ ଲାଗିଅଛି । ବାଂଶ ଉପାଦାନରେ କାଗଜ ତିଆରି ହେବ ।"

ତା ୧-୬-୧୯୨୨

## ପୁରୀ ପଣ୍ଡାଙ୍କ ନିବେଦନ

"× × × ଆମ୍ଭେମାନେ ପୁରୀ ଜଗନ୍ନାଥ ମନ୍ଦିରର ପୂଜକ ଓ ସେବକ । ଯଜମାନମାନଙ୍କର ଓ ଦେଶ ଜନସାଧାରଣଙ୍କର ଧର୍ମରକ୍ଷା ଓ ମଙ୍ଗଳ କାମନା କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଭାରତର ନାନାଆଡ଼ୁ ଜଗନ୍ନାଥ ଦେବଙ୍କର ଭକ୍ତମାନେ ଅନେକ ଟଙ୍କା ପଇସା ଖର୍ଚ୍ଚ କରି ଏ ତୀର୍ଥ ସ୍ଥାନକୁ ଆସନ୍ତି, ଜଗନ୍ନାଥ ମହାପ୍ରଭୁଙ୍କଠାରେ ପ୍ରାୟ ପ୍ରତ୍ୟେକ ଯାତ୍ରୀ ନିଜ ନିଜ ଶକ୍ତି ଅନୁସାରେ ଲୁଗାପଟା, ଟଙ୍କା, ସୁନା ଆଦି ଦାନ କରିଥାନ୍ତି । ଏସବୁ ଦାନ ସାମଗ୍ରୀ ପବିତ୍ର ଓ ଶ୍ରୀ ଜିଉଙ୍କର ଶ୍ରୀ ଅଙ୍ଗଲାଗି ଉପଯୁକ୍ତ ହେବା ଦରକାର × × × ମହାରାଜା ଇନ୍ଦ୍ରଦ୍ୟୁମ୍ନ ଦେବଙ୍କ ମନ୍ଦିର ପ୍ରତିଷ୍ଠା ସମୟରୁ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରରେ କୌଣସି ବିଦେଶୀ ଜିନିଷ ବ୍ୟବହାର ହୋଇନାହିଁ । ବିଦେଶୀସ୍ଥ ଚିନି, କିସ୍‌ମିସ୍, ତେଲ ପ୍ରଭୃତି ଏ ପର୍ଯ୍ୟନ୍ତ ମନ୍ଦିର ହତା ଭିତରେ ପଶିନାହିଁ । ଏପରିକି ବିଲାତି ଆଳୁ ଗୋଟିଏ ଉତ୍କୃଷ୍ଟ ପରିବା, ଆମ ଦେଶରେ ଯଥେଷ୍ଟ ପରିମାଣରେ ଉତ୍ପନ୍ନ ହେଲଣି । ତଥାପି କେବଳ 'ବିଲାତି' ଶବ୍ଦ ଦେହରେ ବାଜିଥିବାରୁ ତାହା ଆଜି ପର୍ଯ୍ୟନ୍ତ ଶ୍ରୀ ଜିଉଙ୍କ ଭୋଗରେ ଲାଗିପାରି ନାହିଁ; ମାତ୍ର ବିଶୁଦ୍ଧ ସ୍ୱଦେଶୀ ବସ୍ତ୍ରର ଅଭାବରୁ ଓ ଆମ୍ଭମାନଙ୍କ ହେଲାରୁ ଗଲା ୨୦।୨୫ ବର୍ଷ ହେଲା କ୍ରମେ କ୍ରମେ ବିଦେଶୀ ଲୁଗାର ବ୍ୟବହାର ଚଳିଆସିଲଣି । ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ସକାଶେ ଖଣ୍ଡୁଆ, ପାଟ ପ୍ରଭୃତି ଓଡ଼ିଶା ଗଡ଼ଜାତ ମହାଲରୁ ଶୁଦ୍ଧ ହାତକଟା ସୂତାରେ ଲୁଗା ତିଆରି ହୋଇ ଆସିବାର ମହାପ୍ରଭୁଙ୍କ ଆଜ୍ଞା ଅଛି । ତାହା ଏ ପର୍ଯ୍ୟନ୍ତ ମଧ୍ୟ ଆସୁଛି । କେବଳ ଯାତ୍ରୀ ଓ ଭକ୍ତମାନେ ଏ ନିୟମର ବ୍ୟତିକ୍ରମ ଘଟାଇଛନ୍ତି । ଅବଶ୍ୟ ପରିମାଣରେ ସ୍ୱଦେଶୀ ଲୁଗା ନ ମିଳିବାରୁ ଏପରି ଘଟିଅଛି ଏବଂ ସେବକ ପୂଜକମାନେ ବାଧ୍ୟ ହୋଇ ତାହା ଗ୍ରହଣ କରୁଛନ୍ତି, କିନ୍ତୁ ଦେଶରେ ବର୍ତ୍ତମାନ ଅବସ୍ଥାର ପରିବର୍ତ୍ତନ ହେଲଣି । ଚାରିଆଡ଼େ ସ୍ୱଦେଶୀର ପ୍ରଚାର ଓ ବ୍ୟବହାର ପାଇଁ ବଡ଼ ବଡ଼ ପଣ୍ଡିତ, ଧର୍ମନେତା ଓ ଜନନେତାମାନେ ବ୍ୟବସ୍ଥା ଦେଉଛନ୍ତି ।

ଅମ୍ଭେମାନେ ମନ୍ଦିରର ସେବକ, ପୂଜକ ବର୍ତ୍ତମାନ ବିଦେଶୀ ଲୁଗା ଏକାବେଳକେ ଛାଡ଼ି ସ୍ୱଦେଶୀର ପୂର୍ଣ୍ଣ ବ୍ୟବହାର ସକାଶେ ସଂକଳ୍ପ କରୁଛୁଁ । ତେଣୁ ଅମ୍ଭମାନଙ୍କର ଯଜମାନମାନଙ୍କଠାରେ ବିନୀତ ଅନୁରୋଧ ଯେ ଏଣିକି ସେମାନେ ଅଶୁଦ୍ଧ ବିଦେଶୀ ଲୁଗା ଶ୍ରୀ ଜିଉଙ୍କଠାରେ ଭେଟି ନ ଦେଇ ଶୁଦ୍ଧ ସ୍ୱଦେଶୀ ଲୁଗା ଦାନକରି ଆମ୍ଭମାନଙ୍କୁ ଏ ସଂକଳ୍ପ ସାଧନରେ ସାହାଯ୍ୟ କରିବେ, ଦେଶର ମଙ୍ଗଳ ହେବ ଏବଂ ପ୍ରଭୁଙ୍କ କୃପାରୁ ଦାତାମାନଙ୍କ ମନୋବାଞ୍ଛା ପୂର୍ଣ୍ଣ ହେବ ।"

ତା ୨୭-୮-୧୯୨୨

## ଓଡ଼ିଆ ଜାତିର ସ୍ୱତନ୍ତ୍ର ଶାସନର ପ୍ରୟୋଜନ

"ପ୍ରତ୍ୟେକ ଜାତିର ଗୋଟିଏ ନିଜସ୍ୱ ଜାତିତ୍ୱ ଅଛି । ସେହି ଜାତୀୟ ଭାବ, ଜାତିତ୍ୱକୁ ଲୋପ ନ କରିବା ଯାଏ, ଦୁଇଟା ଜାତିର ସଭ୍ୟତା, ଉତ୍କର୍ଷ, ଅପକର୍ଷକୁ ଏକ କରିହେବ ନାହିଁ । ଏକ ସୂତ୍ରରେ ବାନ୍ଧିହେବ ନାହିଁ । ଓଡ଼ିଆ ଜାତି ଓ ବିହାରୀ ଏକ ସଙ୍ଗରେ ବରାବର ଉପରେ ରହିବେ ଏକତ୍ର ହୋଇ ? ବିହାରୀ ବିହାର ଶାସନରେ ରହୁ, ଓଡ଼ିଆ ଓଡ଼ିଶାର ସ୍ୱତନ୍ତ୍ର ଶାସନରେ ରହୁ । ଏହା ନ ହେବା ଯାଏଁ ସ୍ୱସ୍ତି ନାହିଁ । × × × ଓଡ଼ିଶାର ଖଣ୍ଡି ମୁଣ୍ଡ ସବୁ ଛିଣ୍ଡା ଛିଣ୍ଡା ହୋଇ ପଡ଼ିଅଛି । ତାକୁ ଯୋଡ଼ିବାକୁ ତ କେତେ ଚେଷ୍ଟା ହେଲା, ତଥାପି ଆଜି ପର୍ଯ୍ୟନ୍ତ ଯୋଡ଼ି ନାହିଁ । କେବେ ଯୋଡ଼ିବ, ପରେ ଓଡ଼ିଆ ସ୍ୱତନ୍ତ୍ର ଶାସନ ଦାବୀ କରିବ ? ଓଡ଼ିଶାର ଦୁର୍ଦ୍ଦଶା ଦେଖି ଦେଖି କାନ୍ଦିବ ନା! ଏକାବେଳକେ ଆତ୍ମହତ୍ୟା କରି ଜାତୀୟ କଳଙ୍କରେ ନିଜର ଭାବ ମୁଣ୍ଡନ କରିବ ? କିଛି ବୁଝାଯାଉ ନାହିଁ ।"

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ପୁରୀ ।

ତା ୨-୯-୧୯୨୨

## ଓଡ଼ିଶାର ବନ୍ଦର

"ବହୁକାଳପୂର୍ବେ ଓଡ଼ିଶାର ଏକମାତ୍ର ଚାନ୍ଦବାଲିରେ ବନ୍ଦର ଥିଲା । ତାହା ଉଠି ଯାଇଅଛି । ସମ୍ପ୍ରତି ଓଡ଼ିଶାର ଫଲ୍‌ସପଏଣ୍ଟ ନାମକ ସ୍ଥାନରେ ବନ୍ଦର ନିର୍ମାଣ ନିମନ୍ତେ ମିଃ ଡେଭିନ ପ୍ରାଥମିକ କାର୍ଯ୍ୟ ପାଇଁ ୧୦ ସହସ୍ର ଟଙ୍କା ପାଇବାପାଇଁ ବ୍ୟବସ୍ଥା ସଭାରେ ପ୍ରସ୍ତାବ କରିଥିଲେ । ସେ କହନ୍ତି, ସେଠାରେ ବନ୍ଦର ହେଲେ ଓଡ଼ିଶାରେ ଅଧିକ ପରିମାଣରେ ଶସ୍ୟ ହେଉଥିବାରୁ ଅତିରିକ୍ତ ଶସ୍ୟ ବିଦେଶକୁ ରପ୍ତାନି ହୋଇପାରିବ ଏବଂ ତାଳଚେରର କୋଇଲା ଦେଶ ବିଦେଶକୁ ଚାଲାଣ ହେବ । ବ୍ୟବସ୍ଥାପକ ସଭା ଉକ୍ତ ଟଙ୍କା ମଞ୍ଜୁର କରିଅଛନ୍ତି ।"

ତା ୧୪-୧୦-୧୯୨୨

## ନୂତନ ସମ୍ବାଦ ପତ୍ର

"କଲିକତାରୁ 'ଓଡ଼ିଶା' ନାମକ ଖଣ୍ଡେ ଓଡ଼ିଆ ସାପ୍ତାହିକ କାଗଜ ବାହାରୁଅଛି । ଶୁଣାଯାଏ କାଗଜ ଖଣ୍ଡିକର ଓଡ଼ିଆ ସମାଜ ସହିତ ସମ୍ପର୍କ ଅଛି । ପତ୍ରିକାଟି ସ୍ଥାୟୀ ହେଲେ ଦେଶର କିଛି ଉପକାର ହୋଇପାରେ । 'ଓଡ଼ିଶା' ଦେଶର ମତ ସୃଷ୍ଟି କରିବ ବୋଲି ସମ୍ପାଦକ ପ୍ରତିଜ୍ଞା କରିଅଛନ୍ତି । ଏଭଳି କାଗଜରେ ଯେ ବର୍ତ୍ତମାନ ମୁହୂର୍ତ୍ତରେ ନିତାନ୍ତ ଆବଶ୍ୟକ ଏହା କହିବା ବାହୁଲ୍ୟ ମାତ୍ର ।"

# ସମ୍ବଲପୁର ହିତୈଷିଣୀ

ତା ୬-୩-୧୯୬୦

**ସୋନପୁର ମହାରାଣୀଙ୍କର ବିପୁଳ ଦାନ**

"ଆନନ୍ଦର ସହିତ ଅବଗତ ହେଲୁଁ ସୋନପୁରର ମହାରାଣୀ ରେଭେନ୍‌ସା କଲେଜରେ ଏମ୍. ଏ. କ୍ଲାସ ଖୋଲା ହେବା ନିମନ୍ତେ ବିହାର ଓଡ଼ିଶା ସରକାରଙ୍କ ହାତରେ ୫୦ ହଜାର ଟଙ୍କା ଦାନ କରିଅଛନ୍ତି । ସ୍ୱଦେଶର ଉଚ୍ଚଶିକ୍ଷା ନିମନ୍ତେ ଓଡ଼ିଶା ଗଡ଼ଜାତର ଅଧିପତିଙ୍କ ମଧ୍ୟରୁ ଏଡ଼େ ବଡ଼ ଦାନ ଏହା ପ୍ରଥମ; ଏଥିନିମନ୍ତେ ଆଜି ସୋନପୁର ମହାରାଣୀଙ୍କ ନିକଟରେ ସମଗ୍ର ଓଡ଼ିଶା ଚିରକୃତଜ୍ଞ । ସହଯୋଗୀ ସମାଜ ଯଥାର୍ଥ କହିଅଛନ୍ତି—"ଓଡ଼ିଶାର ଶିକ୍ଷା ଇତିହାସରେ ଏହା ଏକ ଅଭିନବ ଏବଂ ଗୌରବର ଘଟଣା । ଆମ୍ଭେମାନେ ଏଥିରେ ଏତେ ଆନନ୍ଦିତ ଏବଂ କୃତଜ୍ଞ ଯେ ମନର ଭାବ ବେଶିକରି କହିପାରୁ ନାହିଁ ।" × × ×

ତା ୬-୩-୧୯୬୦

**ନୂତନ ସମ୍ବାଦ**

"ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷା ନିମନ୍ତେ ବୃତ୍ତିଦେବା ଉଦ୍ଦେଶ୍ୟରେ ପାରଳାରେ ଗୋଟିଏ 'ଓଡ଼ିଆ ଶିକ୍ଷା ପାଣ୍ଠି' ସ୍ଥାପିତ ହୋଇଅଛି । ଦୁଇ ସହସ୍ର ଟଙ୍କା ସଂଗୃହୀତ ହେବା ମାତ୍ରେ କାର୍ଯ୍ୟାରମ୍ଭ ହେବ । ଏ ପର୍ଯ୍ୟନ୍ତ ସାତ ଶତ ଟଙ୍କା ଚାନ୍ଦା ସ୍ୱୀକୃତ ହୋଇଅଛି । ଆଶାକରୁଁ ପାରଳାର ଧନୀ ମାନୀ ବ୍ୟକ୍ତିମାନେ ଅଚିରେ ଏ ମହତ୍ ଉଦ୍ଦେଶ୍ୟ ପୂର୍ଣ୍ଣ କରିବେ ।"

୨୦-୩-୧୯୬୦

"ଶୁଣି ଆନନ୍ଦିତ ହେଲୁଁ ଯେ, ଅନୁଗୁଳ ଅନ୍ତର୍ଗତ ଫୁଲବାଣୀରେ ଗୋଟିଏ ଶିଳ୍ପ ବିଦ୍ୟାଳୟ ପ୍ରତିଷ୍ଠିତ ହେବାର ଆୟୋଜନ ଲାଗିଅଛି । ଏହି ବିଦ୍ୟାଳୟ ନିମନ୍ତେ ଜଣେ ସୁପରିଣ୍ଟେଣ୍ଡେଣ୍ଟ ଓ ବୟନ ଶିକ୍ଷକ, ଜଣେ ସୂତ୍ରଧର ଶିକ୍ଷକ, ଜଣେ ଲୌହ ନିର୍ମାଣ ଶିକ୍ଷକ ପାଇଁ ବିଜ୍ଞାପନ ପ୍ରଚାରିତ ହୋଇଅଛି । ଏହି ବିଦ୍ୟାଳୟ ଓଡ଼ିଶା ଫିଉଡେଟରି ମାହାଲର ସ୍କୁଲ ସମୂହର ଏଜେନ୍‌ସି ଇନ୍‌ସପେକ୍ଟର ଓ ଅନୁଗୁଳର ଶିକ୍ଷା ବିଭାଗର ଇନ୍‌ସପେକ୍ଟରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେବ । ଆଶାକରୁଁ ଏହି ବିଦ୍ୟାଳୟ ସର୍ବାଙ୍ଗସୁନ୍ଦର ଭାବେ ଗଠିତ ହୋଇ ଅନୁଗୁଳ ଗଡ଼ଜାତ ରାଜ୍ୟ ସକଳର ଉନ୍ନତିର ଗୋଟିଏ ସୁପନ୍ଥା ଖୋଲିଦେବ । ବର୍ତ୍ତମାନ ଯୁଗରେ ସର୍ବସାଧାରଣଙ୍କ ନିମନ୍ତେ ଏହିପରି ଶିକ୍ଷାଳୟ ଏକାନ୍ତ ଆବଶ୍ୟକ । ବିହାର ଓଡ଼ିଶା ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତାବିତ କଟକ ଇଞ୍ଜିନିୟରିଂ ସ୍କୁଲ ଶୀଘ୍ର ସ୍ଥାପିତ ହେବା ବାଞ୍ଛନୀୟ ।"

ତା ୩-୪-୧୯୨୦

**ପୁରୀ ଦୁର୍ଭିକ୍ଷ**

"ବର୍ତ୍ତମାନ ଉତ୍କଳର କେତେକ ଅଂଶ ବିଶେଷତଃ ପୁରୀ ଜିଲ୍ଲାରେ ଦୁର୍ଭିକ୍ଷର ପ୍ରକୋପ ଉଠୁଅଛି । ମଫସଲ ଅଞ୍ଚଳରେ ଏହି ପ୍ରକୋପର ତୀକ୍ଷ୍ଣତା ବେଶି । ଅନେକ ଲୋକ ଖାଇବାକୁ ନ ପାଇ ବର୍ତ୍ତମାନ ନାନା ରୋଗ ଓ ପ୍ରାଣସଙ୍କଟାପନ୍ନ ହୋଇଅଛନ୍ତି । ଏ ଅଞ୍ଚଳରେ ବର୍ତ୍ତମାନ ଧାନ ଟଙ୍କାକୁ ୯।୧୦ ସେର ପର୍ଯ୍ୟନ୍ତ ମଧ୍ୟ ହେଲଣି । ତେବେ ତାହାରେ କିଣିବାକୁ ମିଳୁନାହିଁ । ଏପରି ସ୍ଥଳେ ଯେଉଁ ଯେଉଁ ଅଞ୍ଚଳରେ ଫସଲ ହୋଇଅଛି, ସେଠୁ ଧାନ ସ୍ୱଳ୍ପ ଆଣି ଏ ଅଞ୍ଚଳରେ ବିକାଇବାର ସରକାର ବ୍ୟବସ୍ଥା ନକଲେ ଆଉ ଉପାୟ ନାହିଁ । ତେବେ ମହାଜନ ବ୍ୟବସାୟୀମାନଙ୍କୁ ଦିଆ ନଯାଇ ସରକାର ପକ୍ଷରୁ ସେଥି ସଂଗୃହୀତ ହୋଇ ସୁଲଭ ମୂଲ୍ୟରେ ବଣ୍ଟନର ବ୍ୟବସ୍ଥା ହେବା ଦରକାର । × × × ।"

ତା ୨୪-୪-୧୯୨୦

**ଗଞ୍ଜାମ ଓଡ଼ିଆ ଜିଲ୍ଲା ସମିତି**

"ଏ ମାସ ୧୧ ତାରିଖ ଦିନ ଗଞ୍ଜାମ ଓଡ଼ିଆ ଜିଲ୍ଲା ସମିତି କାର୍ଯ୍ୟନିର୍ବାହକ କାଉନ୍‌ସିଲ୍‌ର ଗୋଟିଏ ଅଧିବେଶନ ହୋଇଥିଲା । ବାବୁ ମାନଧାତା ଗୋରଚାନ୍ଦ ପଟ୍ଟନାୟକ ସଭାପତି ହୋଇଥିଲେ । ଆଗାମୀ ମଇ ମାସ ତା ୧ ରିଖ ରବିବାର ଦିନ ବ୍ରହ୍ମପୁରଠାରେ ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ସମ୍ବନ୍ଧେ ଆଲୋଚନା କରି ଉପାୟ ସ୍ଥିର କରିବା ଲାଗି ଏକ ବିଶେଷ ସମ୍ମିଳନୀ ହେବାର ସ୍ଥିର ହୋଇଅଛି ।"

## କଟକରେ ବୃହତ୍ ସଭା

**ଅସବର୍ଣ୍ଣ ବିବାହ**

"ଏ ମାସ ତା ୧୦ ରିଖ ଦିନ କଟକ ଟାଉନ୍ ହଲରେ ଅପରାହ୍ଣ ୫।୩ଟା ସମୟରେ ଗୋଟିଏ ବିରାଟ ସଭା ହୋଇଥିଲା । ସଭାରେ ପଞ୍ଚଶତାଧିକ ଶିକ୍ଷିତ ଲୋକ ଉପସ୍ଥିତ ଥିଲେ । ଅନାରେବ୍‌ଲ ବାବୁ ବ୍ରଜସୁନ୍ଦର ଦାସ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଶେଷ ଉତ୍ସାହର ଲକ୍ଷଣ ପରିଦୃଷ୍ଟ ହୋଇଥିଲା । ସାର୍ଦ୍ଧ ଘଣ୍ଟା କାଲ ମିଃ ପଟେଲଙ୍କର ଅସବର୍ଣ୍ଣ ବିବାହ ବିଲ୍ ସମ୍ବନ୍ଧେ ଆଲୋଚନା କରାଯାଇଥିଲା । ସଭା ନାନା ଯୁକ୍ତିତର୍କ ପରେ ପଟେଲଙ୍କର ପ୍ରସ୍ତାବିତ ଅସବର୍ଣ୍ଣ ବିବାହ ବିଲ୍ ସମର୍ଥନ କରି ଏହା ଆଇନରେ ପରିଣତ କରିବାକୁ ସାମ୍ରାଜ୍ୟ ବ୍ୟବସ୍ଥାପକ ସଭାକୁ ଅନୁରୋଧ କରିଅଛନ୍ତି ।

ତା ୮-୫-୧୯୨୦

**ଓଡ଼ିଆ ରକ୍ଷା ପାଣ୍ଠି**

"ଗତ ମାସ ତା ୧୧ ଦିନରେ ପାଟଣା ରାଜ୍ୟର ରାଜଧାନୀ ବଲାଙ୍ଗିରରେ ଓଡ଼ିଆ ରକ୍ଷା ନିମନ୍ତେ ଗୋଟିଏ ସାଧାରଣ ସଭା ହୋଇଥିଲା । ସଭାରେ ସାନବଡ଼ ସମସ୍ତ କର୍ମ୍ମଚାରୀ

ଓ ଗୌନ୍ତିଆ, ମହାଜନ ପ୍ରଭୃତି ଅନେକ ଲୋକ ଏକତ୍ରିତ ହୋଇଥିଲେ । ସଭାରେ ପ୍ରାକୃତିକ ଉତ୍କଳର ମାନଚିତ୍ର ପ୍ରଦର୍ଶିତ ହୋଇ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳ ସବୁ ଏକୀକରଣ କରିବା ସମ୍ବନ୍ଧେ ବୁଝାଇ ଦିଆଯାଇଥିଲା । ଏହି ଉଦ୍ଦେଶ୍ୟରେ ଗଠିତ ଓଡ଼ିଆ ରକ୍ଷା ପାଣ୍ଠିକୁ ଲୋକମାନେ ଶକ୍ତି ଅନୁସାରେ ଚାନ୍ଦା ସ୍ୱାକ୍ଷର କରିଥିଲେ । ଜମିଦାର, ଦେଓ୍ୱାନ, ଶିକ୍ଷକ, ଅମଲା, ଗୌନ୍ତିଆ ଓ ସାଧାରଣ ଭଦ୍ରଲୋକଙ୍କଠାରୁ ୭୫୦-୦୦ ଟଙ୍କା ଚାନ୍ଦା ଉଠିଥିଲା । କର୍ମକର୍ତ୍ତାମାନଙ୍କର ଉଦ୍ୟମ ଅତୀବ ପ୍ରଶଂସନୀୟ ।"

ତା ୧୬-୧-୧୯୧୮

## ଓଡ଼ିଆ ପତ୍ରିକା

"ନୂତନ ସାପ୍ତାହିକ ପତ୍ରିକା 'ଓଡ଼ିଆ' ଯଥାସମୟରେ ପ୍ରାପ୍ତ ହୋଇ ଆମ୍ଭେମାନେ କୃତଜ୍ଞତା ଜ୍ଞାପନ କରୁଅଛୁଁ । 'ଓଡ଼ିଆ' କଟକରୁ ଇଂରାଜୀ ଭାଷାରେ ମୁଦ୍ରିତ ହୋଇ ପ୍ରତି ସପ୍ତାହରେ ପ୍ରକାଶିତ ହେଉଅଛି । 'ଓଡ଼ିଆ'ର ଭାଷା ଯେପରି ସରଳ, ସେପରି ଚିତ୍ତାକର୍ଷକ ଓ ଜ୍ଞାନପ୍ରଦ । ପଠନକାଳରେ ବୋଧହୁଏ, କବିତ୍ୱପୂର୍ଣ୍ଣ ଉପଦେଶାତ୍ମକ ଖଣ୍ଡିଏ ପୁସ୍ତକର ଏକ ଅଙ୍ଗ । ପ୍ରାକୃତିକ ଉତ୍କଳ ପକ୍ଷେ ଏହି କାଗଜ ଖଣ୍ଡିକ ଅତୀବ ପ୍ରୟୋଜନୀୟ, ଏହା ଆମ୍ଭେମାନେ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛୁଁ । ଜଗଦୀଶ୍ୱର ଏହି ନବପତ୍ରିକାର ସହାୟ ହୁଅନ୍ତୁ ।"

୧୬-୧-୧୯୧୮

## ରିସର୍ଚ୍ଚ ସ୍କଲରଶିପ୍

"ବିହାର ଓ ଓଡ଼ିଶା ଗବର୍ଣ୍ଣମେଣ୍ଟ ୩ ବର୍ଷ ନିମନ୍ତେ ମାସିକ ଟ ୧୦୦-ର ଗୋଟିଏ ରିସର୍ଚ୍ଚ (ଗବେଷଣା) ବୃତ୍ତି ପ୍ରଦାନ କରିବେ । ପ୍ରାର୍ଥୀଗଣ ଚଳିତ ମାସ ୩୧ ତାରିଖ ମଧ୍ୟରେ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଆବେଦନ କରିପାରିବେ । ଏହି ବୃତ୍ତି କେବଳ ବିହାର ଓ ଓଡ଼ିଶାବାସୀଙ୍କୁ ଦିଆଯିବ । ସଦାଶୟ ଗବର୍ଣ୍ଣମେଣ୍ଟ ଏହି ନୂତନ ବୃତ୍ତି ପ୍ରଦାନ କରି ଦେଶବାସୀଙ୍କର ଅଶେଷ ଧନ୍ୟବାଦାର୍ହ ହୋଇଅଛନ୍ତି ।"

ତା ୨୦-୪-୧୯୧୮

## ନୂତନ ସମ୍ବାଦ

"କବିବର ଶ୍ରୀଯୁକ୍ତ ଗଙ୍ଗାଧର ମେହେର ଏବର୍ଷ ଉତ୍କଳ ସମ୍ମିଳନୀରେ ଯୋଗଦେବା ନିମନ୍ତେ କଟକ ଯାଇଥିଲେ । କବିବରଙ୍କ ରେଭେନ୍‌ସା କଲେଜର ହଷ୍ଟେଲରେ ସମ୍ମାନ ପ୍ରଦର୍ଶନ ନିମନ୍ତେ ଗୋଟିଏ ମିଳନ ହୋଇଥିଲା । ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି, ଏମ୍. ଏ., ଏହି ମିଳନର ସଭାପତି କାର୍ଯ୍ୟ କରିଥିଲେ । ଅଧ୍ୟାପକ ରାଧାନାଥ ପତି, ଏମ୍. ଏ., ପଣ୍ଡିତ ମୃତ୍ୟୁଞ୍ଜୟ ରଥ ପ୍ରଭୃତି କେତେକ ଏହି ମିଳନରେ ବକ୍ତୃତା କରିଥିଲେ । ଜଳଯୋଗ ପରେ ମିଳନ କାର୍ଯ୍ୟ ଶେଷ ହୋଇଥିଲା ।"

ତା ୧୮-୧-୧୯୧୯

## ଅନାଥାଶ୍ରମ

"ସମ୍ବଲପୁରର ଜନୈକ ପ୍ରସିଦ୍ଧ ବ୍ୟକ୍ତି ଗୋଟିଏ ଅନାଥାଶ୍ରମ ପ୍ରତିଷ୍ଠା କରିବା ନିମନ୍ତେ ଆୟୋଜନ କରୁଅଛନ୍ତି । ସମ୍ବଲପୁର ଟାଉନର ନିକଟବର୍ତ୍ତୀ କୌଣସି ସ୍ଥାନରେ ଏହି ସଦନୁଷ୍ଠାନ ସ୍ଥାପିତ ହେବା ନିମନ୍ତେ ସ୍ଥିର ହେଉଅଛି । ଜନସେବା ନିମନ୍ତେ ଯେଉଁ ଉଦ୍ୟୋଗ ସ୍ଥିରଅଛି, ତାହା ସର୍ବାଙ୍ଗସୁନ୍ଦରରୂପେ ଗଠିତ ହେଉ, ଏହାହିଁ ଆମ୍ଭେମାନେ କାମନା କରୁଅଛୁଁ । ଅନାଥମାନଙ୍କୁ କେବଳ ଖାଇବାକୁ ପିଇବାକୁ ଦେଇ ରଖିଲେ ଚଳିବ ନାହିଁ; ସେମାନଙ୍କୁ କାର୍ଯ୍ୟକ୍ଷମ କରି ଆଶ୍ରମର ମର୍ଯ୍ୟାଦା ବଢ଼ାଇବାକୁ ହେବ । × × × ଆମ୍ଭେମାନେ ସମ୍ବଲପୁର ଅନାଥାଶ୍ରମର ଉଦ୍ୟୋଗୀମାନଙ୍କୁ ବିନୀତ ଅନୁରୋଧ କରୁଅଛୁଁ ଯେ ସେହି ସଦନୁଷ୍ଠାନ ଯେପରି ସାଧାରଣଙ୍କ ମନୋଯୋଗାକର୍ଷଣ କରେ ତଦ୍ରୂପ ବିହିତ ବନ୍ଦୋବସ୍ତ କରିବେ ।"

ତା ୨୨-୨-୧୯୧୯

## ଭାଷାତତ୍ତ୍ୱ ଗବେଷଣା

"ପାରଳାର ପଣ୍ଡିତ ଗୋପୀନାଥ ନନ୍ଦ ମହାଶୟ ଉତ୍କଳର ଶିକ୍ଷିତ ସମାଜରେ ସୁପରିଚିତ । ସେ ବହୁ ବର୍ଷ ହେଲା ଭାଷାତତ୍ତ୍ୱ ଗବେଷଣାରେ ନିଜକୁ ନିୟୋଗ କରି ଅକାତର ପରିଶ୍ରମ କରିଆସୁଅଛନ୍ତି । ତାଙ୍କ ରଚିତ କେତେକ ପୁସ୍ତକ ମାନ୍ଦ୍ରାଜର ବି. ଏ. କ୍ଲାସରେ ପାଠ୍ୟପୁସ୍ତକରୂପେ ନିର୍ବାଚିତ ହୋଇଅଛି । ଶୁଣୁଅଛୁଁ ପଣ୍ଡିତ ମହାଶୟ ଖଣ୍ଡିଏ ଓଡ଼ିଆ ଭାଷାତତ୍ତ୍ୱ ଗ୍ରନ୍ଥ ସଙ୍କଳନ କରୁଅଛନ୍ତି । ଗ୍ରନ୍ଥ ଖଣ୍ଡିକ ବୃହଦାକାର ହେବା ସମ୍ଭବ । ଦେଶର ସମ୍ଭ୍ରାନ୍ତ ଓ ଧନଶାଳୀ ବ୍ୟକ୍ତିମାନେ ପଣ୍ଡିତ ମହାଶୟଙ୍କୁ ଏହି କାର୍ଯ୍ୟରେ ଉତ୍ସାହ ଦେଲେ ମାତୃଭାଷାର ଗୋଟିଏ ଅଭାବର ଅବଶ୍ୟ କେତେକାଂଶ ପୂରଣ ହୁଅନ୍ତା ଏବଂ ଏହି ସଦନୁଷ୍ଠାନ ନିମନ୍ତେ ପଣ୍ଡିତ ଗୋପୀନାଥଙ୍କ ନିକଟରେ ତଥା ଉତ୍ସାହଦାତାମାନଙ୍କ ନିକଟରେ ଦେଶ ଚିରକୃତଜ୍ଞ ରହନ୍ତେ ।"

ତା-୨୨-୨-୧୯୧୯

## ଚକ୍ରଧରପୁର ହାଇସ୍କୁଲ

"ମାନ୍ୟବର କର୍ମୀ ଗୋପବନ୍ଧୁ ଦାସ ମହୋଦୟଙ୍କ ଆନ୍ତରିକ ଚେଷ୍ଟାରେ ଚକ୍ରଧରପୁରଠାରେ ଗୋଟିଏ ହାଇସ୍କୁଲ ସ୍ଥାପିତ ହୋଇଅଛି । ଏହି ସଦୁଦ୍ଦେଶ୍ୟରେ ଚକ୍ରଧରପୁରର କେତେଜଣ ଧନୀ ବ୍ୟକ୍ତି ସହସ୍ର ମୁଦ୍ରା ପ୍ରଦାନ କରି ଅଛନ୍ତି । ସତ୍ୟବାଦୀ ହାଇସ୍କୁଲର ହେଡମାଷ୍ଟର ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର ଏମ୍. ଏ. ମହୋଦୟ ନାମମାତ୍ର ସ୍ୱଳ୍ପ ବେତନରେ ଉକ୍ତ ଚକ୍ରଧରପୁର ହାଇସ୍କୁଲର ହେଡମାଷ୍ଟର କାର୍ଯ୍ୟ ଗ୍ରହଣ କରିଅଛନ୍ତି । ଗତ ୭ ତାରିଖ ସନ୍ଧ୍ୟା ସମୟରେ ଗୋଦାବରୀଶ ବାବୁଙ୍କ ବିଦାୟ ଉପଲକ୍ଷେ ସତ୍ୟବାଦୀ ସ୍କୁଲରେ ଗୋଟିଏ ସାଧାରଣ ସଭା ହୋଇଥିଲା । ସଭାରେ ପୁରୀର ଏମାର ଓ

ରାଧାକାନ୍ତ ମଠର ମହନ୍ତ, ଓକିଲ ଶ୍ରୀ ଜଗବନ୍ଧୁ ସିଂହ, ମାନ୍ୟବର ଗୋପବନ୍ଧୁ ଦାସ ପ୍ରଭୃତି ଅନେକ ଗଣ୍ୟମାନ୍ୟ ବ୍ୟକ୍ତି, ଶିକ୍ଷକ ଓ ଛାତ୍ରମାନେ ଉପସ୍ଥିତ ଥିଲେ ।

ଶୁଣି ସୁଖୀହେଲୁଁ ଯେ ଚନ୍ଦ୍ରଧରପୁର ହାଇସ୍କୁଲ ସତ୍ୟବାଦୀ ହାଇସ୍କୁଲର ଆଦର୍ଶରେ ଗଠିତ ହେବ ।"

ତା ୧୦-୧୧-୧୯୧୭

"ଏ ମାସ ମଧ୍ୟରେ ଓଡ଼ିଶାର ଅନେକ ସ୍ଥାନରେ ଓଡ଼ିଶା ଓ ଗଞ୍ଜାମର ମିଶ୍ରଣ ସମ୍ବନ୍ଧେ ଅନେକ ସଭା ସମିତିର ଧୂମଧାମ ଲାଗିଅଛି । ଗତ ୧୯ ତାରିଖ ଅକ୍ଟୋବର ସନ୍ଧ୍ୟା ସମୟରେ କଟକ ଟାଉନହଲ ସଂଲଗ୍ନ ପଡ଼ିଆରେ ମାନ୍ୟବର ମଧୁସୂଦନ ଦାସଙ୍କର ସଭାପତିତ୍ୱରେ ଗୋଟିଏ ବିରାଟ ସଭା ହୋଇଯାଇଅଛି । ଏହି ସଭାସ୍ଥଳରେ ପ୍ରାୟ ୫ ସହସ୍ର ଲୋକ ଉପସ୍ଥିତ ଥିଲେ । ରାଜା, ଜମିଦାର, ଧନୀ, ଦରିଦ୍ର ଓ ସକଳ ସଂପ୍ରଦାୟର ଲୋକମାନେ ଦେଶ ମିଶ୍ରଣରେ ଆଗ୍ରହୀ ହୋଇ ସଭାସ୍ଥଳରେ ଉପସ୍ଥିତ ହୋଇଥିବାରୁ ସଭାର ଗୁରୁତା ବୃଦ୍ଧି ହୋଇଥିଲା । ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ଓଡ଼ିଆଭାଷୀ ପ୍ରଦେଶମାନ ବିଭିନ୍ନ ଶାସନାଧୀନ ରହିଥିବା ହେତୁ ବ୍ରିଟିଶ ଶାସନ ଉପକାର ଓଡ଼ିଆମାନେ ପୂର୍ଣ୍ଣଭାବେ ଭୋଗ କରିପାରୁ ନାହାନ୍ତି । ସୁତରାଂ ଓଡ଼ିଆ ଭାଷୀ ପ୍ରଦେଶମାନଙ୍କୁ ଖଣ୍ଡବିଖଣ୍ଡ କରି ରଖିବାର ପ୍ରତିକୂଳରେ ନ୍ୟାୟ ଏବଂ ଆଇନସଙ୍ଗତ ପ୍ରତିବାଦ କରି ପ୍ରବଳ ପ୍ରତାପ ଶ୍ରୀ ଭାରତେଶ୍ୱରଙ୍କର ମନ୍ତ୍ରୀ ମଣ୍ଟେଗୁ ସାହେବ ଭାରତବର୍ଷକୁ ଆସିବା ସମୟରେ ତାଙ୍କ ନିକଟରେ ଆବେଦନ କରାଯିବ । X X X

ଖଲ୍ଲିକୋଟ ସାହିତ୍ୟ ସମାଜ ଖଲ୍ଲିକୋଟରେ ପ୍ରାୟ ଦୁଇଶତ ଲୋକଙ୍କ ସମାବେଶରେ ଏ ସମ୍ବନ୍ଧେ ଗୋଟିଏ ସଭା କରି ବ୍ରହ୍ମପୁରରେ ଗଠିତ ସଭାକୁ ସହାନୁଭୂତିପୂର୍ବକ ତାରସମ୍ବାଦ ପ୍ରେରଣ କରିଥିଲେ । ଟିକାଲିର ଯୁବରାଜ ମଧ୍ୟ ଏହି ସଂକ୍ରାନ୍ତ ସଭାରେ ସଂପୂର୍ଣ୍ଣ ସହାନୁଭୂତି ପ୍ରକାଶପୂର୍ବକ ତାର ସଂବାଦ ପଠାଇଥିଲେ । X X X

ଭାରତବାସୀ ଚିର ରାଜଭକ୍ତ । ସମସ୍ତ ଭାରତ ତୁଳନାରେ ଉତ୍କଳର ରାଜଭକ୍ତି ନିକୃଷ୍ଟ ନୁହେଁ । ରାଜା ରାଜ୍ୟର ପିତା । ଏହି ହେତୁରୁ ଲକ୍ଷପୁତ୍ର ନିଜର ଅଭାବ ଅସୁବିଧା ନିଜ ପିତାର ନିକଟରେ ପ୍ରକାଶ କରିବା ସୁସଙ୍ଗତ । ମହାମାନ୍ୟ ଭାରତେଶ୍ୱର କିମ୍ବା ତାଙ୍କର ପ୍ରେରିତ ପ୍ରତିନିଧିଙ୍କ ନିକଟରେ ଉତ୍କଳ ନିଜର ଅଭାବ ଅସୁବିଧା ହାରଗୁହାରି କରାଇବ । ଆଶା ଏବଂ ଭରସା ଏହି ହାରଗୁହାରି କଦାପି ଉପେକ୍ଷିତ ହେବନାହିଁ । ଭାରତର ଭାଗ୍ୟବିଧାତା ଭାରତକୁ ଆସୁଅଛନ୍ତି । ଏଥିନିମନ୍ତେ ଭାରତର ପ୍ରତ୍ୟେକ ପ୍ରଦେଶ ନିଜର ଅଭାବ ଅସୁବିଧା ଭାଗ୍ୟବିଧାତାଙ୍କୁ ଗୋଚର କରିବାକୁ ସଚେଷ୍ଟ । ସୁତରାଂ ଉତ୍କଳର ପ୍ରଧାନ ଅସୁବିଧା—ଏକଭାଷୀମାନଙ୍କ ଏକତ୍ରୀକରଣ ବିଷୟରେ ଆନ୍ଦୋଳନକରି ସେହି ଭାଗ୍ୟବିଧାତାଙ୍କୁ ଜଣାଇବା ସମ୍ବନ୍ଧେ ଚେଷ୍ଟା କରିବା ସୁନ୍ଦର ହେଉଅଛି । ତେବେ ଏ ବିଷୟରେ ସମସ୍ତ ଉତ୍କଳର ଏକାଗ୍ରତା ଆବଶ୍ୟକ ଏବଂ ଏହି ଆନ୍ଦୋଳନ ସଙ୍ଘବଦ୍ଧ, ଧୀ-ସମ୍ମତ ଓ ଶାନ୍ତ ଏବଂ ଆଇନସଙ୍ଗତ ଭାବେ ଚଳାଇବା ଉଚିତ । ଏଥିପ୍ରତି ଆମ୍ଭମାନଙ୍କର ସତର୍କତା ନିତାନ୍ତ ପ୍ରୟୋଜନ ।"

ତା ୧୦-୧୧-୧୯୧୭

## ନୂତନ ମାସିକ ପତ୍ର-ପତ୍ରିକା

"ପାଠକ ମହୋଦୟଙ୍କର ସ୍ମରଣ ଥିବ, ଅଳ୍ପ ଦିବସ ପୂର୍ବେ ଶ୍ରୀଯୁକ୍ତ ଶଶିଭୂଷଣ ରଥଙ୍କ ସଂପାଦକତ୍ୱରେ ବ୍ରହ୍ମପୁର 'ଆଶା' ପ୍ରେସରୁ 'ପ୍ରଦୀପ' ନାମକ ଖଣ୍ଡିଏ ମାସିକ ପତ୍ରିକା ବାହାରୁଅଛି । ଶୁଣି ଖୁସୀ ହେବେ ଧରାକୋଟରେ ରାଜା ଶ୍ରୀମାନ ମଦନ ମୋହନ ସିଂହ ଦେବବର୍ମାଙ୍କର ସଂପୂର୍ଣ୍ଣ ଆନୁକୂଲ୍ୟରେ ଏବଂ ପଣ୍ଡିତ କାଶୀନାଥ ରାଜଗୁରୁଙ୍କର ସଂପାଦକତ୍ୱରେ ଧରାକୋଟରୁ 'ସମ୍ବାଦମିତ୍ର' ପୁଣି ଦେଖାଦେଇଅଛି । ପତ୍ରିକାର ଉଦ୍ଭବ ବହୁଳ ପ୍ରଚାରହିଁ ଆମ୍ଭମାନଙ୍କର ଭାଷାର ପକ୍ଷେ ଆଶାର କଥା । X X X"

ତା ୧୦-୧୧-୧୯୧୭

## ରାମାଭିଷେକ

"ସାହିତ୍ୟରଥୀ ଶ୍ରୀଯୁକ୍ତ ରାମଶଙ୍କର ରାୟ ମହୋଦୟଙ୍କ ପ୍ରଣୀତ ଶୀର୍ଷାଙ୍କିତ ନାଟକ ଖଣ୍ଡିଏ ସ୍ନେହୋପହାର ପାଇ ଆମ୍ଭେ କୃତଜ୍ଞ ଚିତ୍ତରେ ଗ୍ରହଣ କରୁଅଛୁ । ରାମଶଙ୍କର ବାବୁ ଜଣେ ଚିନ୍ତାଶୀଳ ଲବ୍ଧପ୍ରତିଷ୍ଠ ଗ୍ରନ୍ଥକାର ଏବଂ ନାଟକୀୟ ଜଗ ପ୍ରଶସ୍ତିର ଅପ୍ରତିଦ୍ୱନ୍ଦ୍ୱୀ ଅଧିକାରୀ । ତାଙ୍କର ପ୍ରତ୍ୟେକ ଲେଖା ଯେ ବିଶେଷତ୍ୱ ବିଶିଷ୍ଟ, ଏହା କହିବା ବାହୁଲ୍ୟ ମାତ୍ର । କାବ୍ୟ ରଚନା ଅପେକ୍ଷା ନାଟକ ରଚନା ଅଧିକ କଠିନ । କାବ୍ୟର କଳ୍ପନାଚ୍ଛବି ନାଟକରେ ଅଙ୍ଗଭଙ୍ଗୀ ପ୍ରଦର୍ଶନଦ୍ୱାରା ବାସ୍ତବୀକୃତ ଏବଂ ପୁଷ୍ଟୀଭୂତ ହୁଏ । 'ରାମାଭିଷେକ' ପୌରାଣିକ ଭିତ୍ତି ଉପରେ ପ୍ରତିଷ୍ଠିତ ହେଲେ ହେଁ କଳ୍ପନାର କାରୁକାର୍ଯ୍ୟରେ ରମଣୀୟ ହୋଇଅଛି । କଥୋପକଥନର ଭାଷା ଅଯଥା ଭାରାକ୍ରାନ୍ତ ନୁହେଁ । ଯାହା ମୁଖରେ ଯେତିକି କଥା କୁହାଇବାର ଆବଶ୍ୟକ, ତଦପେକ୍ଷା ଗୋଟିଏ ପଦ ଅଧିକ ବ୍ୟବହୃତ ହୋଇନାହିଁ । ପ୍ରତ୍ୟେକ ବାକ୍ୟ ଓଜନ କରି ପ୍ରୟୋଗ କରାହୋଇଅଛି । ସୁତରାଂ ପାଠକର ଧୈର୍ଯ୍ୟଚ୍ୟୁତିର ଆଶଙ୍କା ଆଦୌ ନାହିଁ । X X X ବୁଣ୍ଡେରୋଟ, ବାଲଙ୍ଗି, ଖାଇମାଲୁ, ଗାଲୁପଣ, ଲହୁଲୁହାଣ, ଚଟକଣାବୋଧି, ହୁନହୁତର ପ୍ରଭୃତି କୁଳକୁଳ ଖାଣ୍ଟି ଓଡ଼ିଆ ଶବ୍ଦବିନ୍ୟାସ ଦ୍ୱାରା ରଚନା ଅତି ଉପାଦେୟ ଏବଂ ସୁଖପାଠ୍ୟ ହୋଇଅଛି । ମୂଳତଃ ନାଟକ ଖଣ୍ଡି ରସମୟ ଏବଂ ସ୍ୱାଭାବିକତାରେ ଅନୁପ୍ରାଣିତ । ସାହିତ୍ୟାନୁରାଗୀ ପାଠକମାନଙ୍କର ଏହା ସାଦର ଉପଭୋଗ୍ୟ ହେବ, ଏକଥା କହିବା ଦ୍ୱିରୁକ୍ତିମାତ୍ର । ପ୍ରଣେତା ଏଭଳି ଖଣ୍ଡିଏ ବିଶୁଦ୍ଧ ରତ୍ନମଞ୍ଜୁଷା ସାହିତ୍ୟକୋଷକୁ ପ୍ରଦାନ କରି ଉତ୍କଳ ସାହିତ୍ୟକୁ ପ୍ରାଣଦାନ କରିବା ସଙ୍ଗେ ସଙ୍ଗେ ଜନେମଧ୍ୟ ଧନ୍ୟବାଦ ହୋଇଅଛନ୍ତି । "କୀର୍ତ୍ତିରକ୍ଷର ସମ୍ବଦ୍ଧା ସ୍ଥିର ଭବତି ଭୂତଳେ ।"

ଶ୍ରୀ ଚନ୍ଦ୍ରାମଣି ମାହାନ୍ତ

ତା ୧୭-୧୧-୧୯୧୭

## ଉତ୍କଳ ସମ୍ମିଳନୀ ପକ୍ଷର ସମ୍ବାଦପତ୍ର

"ପାଠକେ ଅବଶ୍ୟ ଜାଣନ୍ତି 'ଉତ୍କଳ ସମ୍ମିଳନୀ' ପକ୍ଷରୁ ଖଣ୍ଡିଏ ଇଂରାଜୀ ସମ୍ବାଦପତ୍ର ବାହାରିବାର ପ୍ରସ୍ତାବ କିଛିପୂର୍ବେ ହୋଇଥିଲା । ଏଥିନିମନ୍ତେ ଚାନ୍ଦା ସଂଗ୍ରହ ମଧ୍ୟ ଲାଗିଅଛି । ଅନେକ ଚାନ୍ଦା ସଂଗୃହୀତ ହୋଇ ଅସୁଲ ମଧ୍ୟ ହୋଇଯାଇଅଛି । ସମ୍ପ୍ରତି ଶୁଣି ଆନନ୍ଦିତ ହେବେ ପ୍ରୋକ୍ତ ସମ୍ବାଦପତ୍ର ଖଣ୍ଡିକ ବାହାରିବାର ଏକପ୍ରକାର ସ୍ଥିର ହୋଇ ଯାଇଅଛି । ଉତ୍କଳ ସମ୍ମିଳନୀ କମିଟି ପ୍ରସ୍ତାବିତ ଉକ୍ତ ସମ୍ବାଦପତ୍ରର ନାମକରଣ କରିଅଛନ୍ତି । 'The Oriya' ( ଓଡ଼ିଆ ) ଏବଂ କମିଟି ମାନ୍ୟବର ମଧୁସୂଦନ ଦାସ ସି. ଆଇ. ଇ. ଙ୍କୁ 'ଓଡ଼ିଆ'ର ସଂପାଦକ ପଦରେ ବରଣ କରିଅଛନ୍ତି । ସମ୍ବାଦପତ୍ର ବାହାର କରିବାର ଯାବତୀୟ ଭାର ମଧ୍ୟ ମଧୁବାବୁଙ୍କ ଉପରେ ନ୍ୟସ୍ତ ଅଛି । ମଧୁବାବୁ ଉତ୍କଳ ଜନନୀର ଜ୍ୟେଷ୍ଠପୁତ୍ର ଥିଲେ, ଗୃହସ୍ଥର ଜ୍ୟେଷ୍ଠପୁତ୍ର ଉପରେ ଗୃହର ସମସ୍ତ ଭାର ନ୍ୟସ୍ତ ଥାଏ ଏବଂ ସେଥିନିମନ୍ତେ ସେ ଯେପରି ଦାୟୀ ବର୍ତ୍ତମାନ ମଧୁବାବୁଙ୍କୁ ଆମ୍ଭେମାନେ ସେହିପରି ଭାବୁଅଛୁଁ । ଆମ୍ଭମାନଙ୍କର ପୂର୍ଣ୍ଣ ଆଶା ଏବଂ ଭରସା ମାନ୍ୟବର ମଧୁସୂଦନ ଦାସ ଯେପରି କୃତବିଦ୍ୟ ଓ ସୁଯୋଗ୍ୟ ସ୍ୱଦେଶଭକ୍ତ ତାଙ୍କ ହାତରେ ଏହି କାଗଜଟି ନିଶ୍ଚୟ ସର୍ବାଙ୍ଗସୁନ୍ଦର ହେବ ।"

ତା ୧୩-୬-୧୯୧୪

## ଓଡ଼ିଆ କୁଲି

"ଗଞ୍ଜାମର ଅନେକ ଲୋକ କୁଲି କାର୍ଯ୍ୟ କରିବା ନିମନ୍ତେ ରେଙ୍ଗୁନ ଅଞ୍ଚଳକୁ ଯାଇଥାନ୍ତି । ବିଗତ ସପ୍ତାହରେ ଗଞ୍ଜାମର ଗୋପାଳପୁର ବନ୍ଦରଠାରେ ୨୨୩ ଜଣ ଓଡ଼ିଆ ପୋତାରୋହଣ କରି ରେଙ୍ଗୁନ ଯାତ୍ରା କରିଥିବା, ପ୍ରତି ସପ୍ତାହରେ ଏହିପରି ଶତ ଶତ ଓଡ଼ିଆ ଯାଉଥିବା ଏବଂ ଗତ ଜନସଂଖ୍ୟା ସମୟରେ ସେ ଅଞ୍ଚଳରେ ୨୧ ହଜାର ଓଡ଼ିଆ ବାସ କରୁଥିବା ବିଷୟ 'ଆଶା' ସଂପାଦକ ପ୍ରକାଶ କରିଅଛନ୍ତି । ଗଞ୍ଜାମର ଗରିବ ଲୋକମାନେ ଏ ଦେଶରେ ଅର୍ଥୋପାର୍ଜନର ସୁବିଧା ପାଉଥିଲେ କଦାପି ସ୍ୱଦେଶ ସ୍ୱଜନ ସ୍ତ୍ରୀ ବନ୍ଧୁବାନ୍ଧବବର୍ଗଙ୍କ ଦୂରବର୍ତ୍ତୀ ଅପରିଚିତ ଦେଶକୁ ଯାଉନଥାନ୍ତେ । ଏ ଦେଶରେ ଉପଯୁକ୍ତ କାର୍ଯ୍ୟ ମିଳିଲେ ମଧ୍ୟ ମଜୁରି ଊଣା ଏବଂ ଖାଦ୍ୟସାମଗ୍ରୀ ଦୁର୍ମୂଲ୍ୟ ହେବାରୁ ଅଳ୍ପରେ ବ୍ୟୟ ଚଳିପାରୁନାହିଁ । ଅଗତ୍ୟା ସେମାନଙ୍କୁ ଉଦରପୋଷଣ ନିମନ୍ତେ ଦେଶତ୍ୟାଗୀ ହେବାକୁ ପଡୁଅଛି । ଉତ୍କଳର ମହାରାଜା, ରାଜା, ଜମିଦାର, ମହାଜନ ଆଦି ଧନୀଲୋକମାନେ ମିଳି ନାନା ପ୍ରକାର କଳକାରଖାନା ସ୍ଥାପନ କଲେ ଏବଂ ନାନା

ପ୍ରକାର ଶସ୍ୟ ଓ ଫଳର ଚାଷ ପ୍ରକୃଷ୍ଟ ପ୍ରଣାଳୀରେ ଆରମ୍ଭ କଲେ ଏ ଦେଶର ଗରିବ ନରନାରୀମାନଙ୍କୁ ଦେଶତ୍ୟାଗୀ ହେବାକୁ ପଡ଼ନ୍ତା ନାହିଁ । ସେମାନେ ସ୍ୱଦେଶରେ କାର୍ଯ୍ୟ କରି ଜୀବିକା ନିର୍ବାହ କରନ୍ତେ । X X ଶ୍ରମଜୀବୀମାନେ ଦେଶରୁ ବାହାରିଯାଉଥିବାରୁ ଦେଶରେ ଶ୍ରମଜୀବୀର ଅଭାବ ଘଟୁଅଛି ଏବଂ ମଜୁରି ପରିମାଣ ବଢ଼ୁଅଛି । ସୁତରାଂ ଉଚ୍ଚ-ଶ୍ରେଣୀର ଲୋକମାନଙ୍କୁ ବିଶେଷ ଅସୁବିଧା ଓ କ୍ଷତି ସହ୍ୟ କରିବାକୁ ପଡ଼ୁଅଛି । ବେଳ ଥାଉ ପ୍ରତିବିଧାନ ନ କଲେ ପଛକୁ ଅନୁତପ୍ତ ହେବା ଅସମ୍ଭବ ନୁହେଁ ।"

ତା ୧୩-୭-୧୯୧୪

## ଶିକ୍ଷାରେ ବ୍ୟାଘାତ

"ଗଞ୍ଜାମ ଜିଲ୍ଲାରେ ଓଡ଼ିଆ ଛାତ୍ରମାନଙ୍କୁ ଓଡ଼ିଆ ଶିଖାଇବା ନିମନ୍ତେ ତେଲଙ୍ଗା ଶିକ୍ଷକ ନିଯୁକ୍ତ ହେଉଥିବା ହେତୁ ଓଡ଼ିଆ ଶିକ୍ଷା ଭଲ ନ ହୋଇ ଭାଷା ବିକଳାଙ୍ଗ ହେଉ-ଅଛି । ଅତଏବ ଓଡ଼ିଆ ସ୍କୁଲମାନଙ୍କରେ ଓଡ଼ିଆ ଶିକ୍ଷକ ରଖାଯିବା ଏବଂ ଶିକ୍ଷକଙ୍କ ଅଭାବ ହେଲେ ଓଡ଼ିଶାରୁ ଶିକ୍ଷକ ଆମଦାନି କରିବା କର୍ତ୍ତବ୍ୟ ବୋଲି ଅନରେବଲ ଧରାକୋଟର ରାଜା ମହୋଦୟ ମାନ୍ୟବର ବ୍ୟବସ୍ଥାପକ ସଭାରେ ପ୍ରସ୍ତାବ କରିଥିଲେ । ସରକାର ଉତ୍ତର ଦେଲେ ଯେ—"ତେଲେଙ୍ଗାମାନେ ମଧ୍ୟ ଓଡ଼ିଆ ଭଲ ପଢ଼ାଇ ପାରିବେ ।" ସରକାରଙ୍କର ଏହି ଅଭିମତ 'ଆଶା'ରୁ ଅବଗତ ହୋଇ ଗଞ୍ଜାମବାସୀ ଓଡ଼ିଆମାନେ ଦୁଃଖାଭିଭୂତ ହେବା ସ୍ୱାଭାବିକ । ଗଞ୍ଜାମରେ ଓଡ଼ିଆ ଭାଷାର ସୁଦକ୍ଷ ଓଡ଼ିଆ ସଂଖ୍ୟା ଅତି ବିରଳ ଥିବା ସ୍ଥଳେ ଏପରି ତେଲେଙ୍ଗା ଲୋକ କାହୁଁ ମିଳିବେ ଯେ, ସେମାନେ ଭଲ ରୂପେ ଓଡ଼ିଆ ପଢ଼ାଇ ପାରିବେ । କେତେକ ତେଲେଙ୍ଗା ଓଡ଼ିଆ ଜାଣି-ଥିଲେ ମଧ୍ୟ ତାହା ନିର୍ଦ୍ଦୋଷ ନୁହେଁ; କେତେ ତେଲେଙ୍ଗା ଶତକଡ଼ା ୨୦ ତେଲେଙ୍ଗା ଶବ୍ଦମିଶା ଓଡ଼ିଆ କଥା କହି ଆପଣାକୁ ଓଡ଼ିଆ ଭାଷା ପଣ୍ଡିତ ବୋଲି ମନରେ ଅଭିମାନ ପୋଷଣ କରୁଥିବା ଅସମ୍ଭବ ବୋଲିଯାଇ ନ ପାରେ । ଏପରି ଅବସ୍ଥାରେ ପିଲାମାନଙ୍କର ବିଶୁଦ୍ଧ ଭାଷା ଜ୍ଞାନ ଓ ବିଷୟ ବୋଧ ହେବା ସମ୍ବନ୍ଧରେ ତେଲେଙ୍ଗା ଶିକ୍ଷକମାନଙ୍କଠାରୁ କେତେ ସାହାଯ୍ୟ ମିଳିପାରେ, ପାଠକମାନେ ଧୀରଭାବରେ ଆଲୋଚନା କରି ଦେଖିବେ । ତେଲେଙ୍ଗାମାନଙ୍କ ସହବାସରେ ଗଞ୍ଜାମବାସୀ ଅନେକ ଶିକ୍ଷିତ ବ୍ୟକ୍ତିଙ୍କ ଭାଷା ମଧ୍ୟ ତେଲୁଗୁ ଭାଷା ମିଶ୍ରଣରେ ଦୁଷ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । X X X ଗଞ୍ଜାମ ଓଡ଼ିଶାର ଅଙ୍ଗୀଭୂତ ନ ହେବାଯାଏ ଗଞ୍ଜାମର ଶିକ୍ଷା-ବିଭାଗ ଓଡ଼ିଶାର ଶିକ୍ଷାବିଭାଗର ଅନ୍ତର୍ଗତ ହେବା ନିମନ୍ତେ ଗଞ୍ଜାମବାସୀମାନଙ୍କର ତଥା ଓଡ଼ିଶାବାସୀମାନଙ୍କର ଚେଷ୍ଟା କରିବା ବାଞ୍ଛନୀୟ । ଧରାକୋଟ ମାନ୍ୟବର ରାଜାସାହେବ ଗଞ୍ଜାମରେ ଓଡ଼ିଆ ଶିକ୍ଷକ ନିୟୋଗ ସମ୍ବନ୍ଧରେ ସାହସପୂର୍ବକ ବ୍ୟବସ୍ଥାପକ ସଭାରେ ପ୍ରସ୍ତାବ କରିଥିବା ହେତୁ ତାହାଙ୍କୁ ମୁକ୍ତକଣ୍ଠରେ ଭୂୟସୀ ଧନ୍ୟବାଦ ଅର୍ପଣ କରୁଅଛୁଁ ।"

—ଜଣେ ପ୍ରକୃତବାସୀ

# ଓଡ଼ିଆ ପୋଥି, ପୁସ୍ତକ, ମୁଦ୍ରଣ ଏବଂ ପ୍ରସାର ପାଇଁ ଉଦ୍ୟମ

### ଦେଶୀୟ ଭାଷାର ପୁସ୍ତକ ବୃଦ୍ଧିର କାରଣ

ଆମ୍ଭେମାନେ ଗତ ସପ୍ତାହର ଏଡ଼ୁକେସନ ଗେଜେଟ୍‌ରୁ ନିମ୍ନଲିଖିତ ସମ୍ବାଦଟି ଉଦ୍ଧୃତ କଲୁଁ ।

"ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଅନୁସନ୍ଧାନ କରିଥିଲେ ଯେ ବଙ୍ଗଦେଶ ମଧ୍ୟରେ ଦେଶୀୟ ଭାଷାଦ୍ୱାରେ ପୁସ୍ତକ ଅନୁବାଦିତ କରିବା ବିଷୟ ନିମିତ୍ତ କି କି ଉପାୟ କରା ହୋଇଅଛି ଏବଂ ସଂପ୍ରତି ଆଉ କି କି କରା ଆବଶ୍ୟକ ? ଲେଫ,ଟନେଣ୍ଟ ଗବର୍ଣ୍ଣର ମହୋଦୟ ଉତ୍ତର ଦେଇଅଛନ୍ତି ଯେ ଦେଶୀୟ ଭାଷାର ଉତ୍ସାହ ପ୍ରଦାନାର୍ଥେ ସୋସାଇଟୀରେ ମାସିକ ଟ୭୫୦ଙ୍କା ଏବଂ ଡିରେକ୍ଟର ସାହେବଙ୍କ ହସ୍ତେ ବାର୍ଷିକ ୫ ହଜାର ଟଙ୍କା ଦିଆହୋଇଥାଏ । ବଙ୍ଗ ଭାଷାରେ ଆପଣାର ଇଚ୍ଛାରୁ ଉତ୍ତମୋତ୍ତମ ଗ୍ରନ୍ଥ ସକଳ ପ୍ରସ୍ତୁତ ହୋଇ ଉଠୁଅଛି ଏବଂ ବଙ୍ଗଳାରେ ଯେ ସକଳ ଗ୍ରନ୍ଥ ବିରଚିତ ହେଉଅଛି ତାହା ଶୀଘ୍ରରେ ଓଡ଼ିଶା ଭାଷାରେ ଅନୁଦିତ ହୋଇବ, ବିହାର ପ୍ରଦେଶର ଉତ୍ତର ପଶ୍ଚିମାଞ୍ଚଳର ହିନ୍ଦୀ ଏବଂ ଉର୍ଦ୍ଦୁ ପୁସ୍ତକ ସମସ୍ତ ପ୍ରଚଳିତ ହେବ"

କିନ୍ତୁ ଏତକରେ କି ଆମ୍ଭମାନଙ୍କର ଲେଫଟେନାଣ୍ଟ ଗବର୍ଣ୍ଣର ଚରିତାର୍ଥ ହେଲେ ? ବଙ୍ଗଦେଶ ପକ୍ଷରେ ସେ ଯାହା କରିଅଛନ୍ତି ତାହା ସର୍ବାଂଶେ ମାତ୍ର ଓଡ଼ିଶା ପକ୍ଷରେ ତାହାଙ୍କର ଆଶା ପୂର୍ଣ୍ଣ ହେବାକୁ ଅନେକ ବିଳମ୍ବ ଅଛି କାରଣ ଏଠା ଲୋକେ ଆପଣା ଇଚ୍ଛାରେ ପୁସ୍ତକ ଅନୁବାଦ କି ରଚନା କଲେ ତାହା ମୁଦ୍ରିତ କରିବାର ବ୍ୟୟ ପାଇବେ ନାହିଁ ବୋଲି ସେଥିରେ ପ୍ରବୃତ୍ତ ହୁଅନ୍ତି ନାହିଁ ଓ ସୋସାଇଟିକୁ ଅର୍ପଣ କଲେ ମଧ୍ୟ ସହଜରେ ମୁଦ୍ରିତ ହୁଏ ନାହିଁ । ଯଦ୍ୟପି ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ମତରେ ବଙ୍ଗ ଦେଶରେ ଆପେ ୨ ଉତ୍ତମ ପୁସ୍ତକମାନ ହେଉଅଛି ତେବେ ବଙ୍ଗ ଦେଶପାଇଁ ସୋସାଇଟୀକୁ ମାସିକ ୭୫୦ ଟଙ୍କା ଓ ଡାଇରେକ୍ଟରଙ୍କୁ ବାର୍ଷିକ ୫୦୦୦ ଟଙ୍କା ଦେବାର ପ୍ରୟୋଜନ କି ? ଯେବେ ଏଥିରୁ କିଛି ଅଂଶ ଓଡ଼ିଶା କାରଣ ଦିଆଯାନ୍ତା ତେବେ ଅବଶ୍ୟ ଉତ୍କଳ ପୁସ୍ତକ ଅଧିକ ରଚନା ହୁଅନ୍ତା । କଲିକତା ସୋସାଇଟୀ ଉତ୍କଳ ପୁସ୍ତକର ଦୋଷଗୁଣ ବିଚାର କରିବାକୁ ସମର୍ଥ ନୁହନ୍ତି ଏବଂ ତାହାଙ୍କର ଉତ୍କଳ ପୁସ୍ତକ ବିଷୟରେ ଅନୁରାଗ ମଧ୍ୟ ନାହିଁ । ଯେ ରୂପ ହୋଇଥିଲେ ଉତ୍କଳ ପୁସ୍ତକ ରଚନା କାରଣ ସେମାନେ ଅବଶ୍ୟ ପୁରସ୍କାର ଦେବାକୁ ସମ୍ମତ ହୁଅନ୍ତେ ଓ ଯେବେ ପ୍ରତିବର୍ଷ ଜଭାଙ୍କ ପକ୍ଷରେ ଏକ ସହସ୍ର ଟଙ୍କା କେବଳ ଉତ୍କଳ ପୁସ୍ତକ ରଚନା କାରଣ ପୁରସ୍କାର ଦେବାର

ବିଜ୍ଞାପନ ଦେଖାଯାଉଅଛି। ତେବେ ଅଳ୍ପକାଳରେ ଅନେକ ଉତ୍କଳ ଭାଷା ପୁସ୍ତକ ରଚିତ ହୁଅନ୍ତା ସନ୍ଦେହ ନାହିଁ । ଏ ବିଷୟରେ ଗତ ବର୍ଷ କଟକବାସୀମାନେ ଶ୍ରୀଯୁକ୍ତ କମିସନର ସାହେବଙ୍କଠାରେ ଏକ ଆବେଦନ ପତ୍ର ଅର୍ପଣ କରିଥିଲେ ମାତ୍ର ଅଦ୍ୟାବଧି ସେଥିରେ ଗବର୍ଣ୍ଣମେଣ୍ଟ ମନଯୋଗ କରି ନ ଥିବାର ଜଣାଯାଏ । ଆମ୍ଭେମାନେ କମିଶନର ସାହେବଙ୍କୁ ଅନୁରୋଧ କରୁଅଛୁଁ ଯେ ଏ କଥାମାନ ପୁନଃ ପୁନଃ ଗବର୍ଣ୍ଣମେଣ୍ଟଙ୍କୁ ସ୍ମରଣ କରନ୍ତୁ ତାହାହେଲେ ଗବର୍ଣ୍ଣମେଣ୍ଟ ଅବା କୌଣସି କାଳରେ ଓଡ଼ିଶା ପ୍ରତି ଦୟା ପ୍ରକାଶ କରି ପାରନ୍ତି ।

ଉତ୍କଳଦୀପିକା ୪ର୍ଥ ଭାଗ, ୨୩।୧।୧୮୬୯ ସଂଖ୍ୟା ୪

## ବିଜ୍ଞାପନ

ବୈଦେଶିକ ବିଳାସ ନାମକ ପ୍ରସିଦ୍ଧଗ୍ରନ୍ଥ ଟୀକା ସହିତ ମୁଦ୍ରାଙ୍କନ କରିବା ପ୍ରସ୍ତୁତଅଛୁ । ଶୀଘ୍ର ଆରମ୍ଭ ହେବ। ପୁସ୍ତକ ଟୀକା ସହିତ ୪୦୦ ପୃଷ୍ଠାର ଊର୍ଦ୍ଧ୍ୱ ହେବ ଓ ମୁଦ୍ରାଙ୍କନର ବ୍ୟୟ ମଧ୍ୟ ଅଧିକ ପଡ଼ିବ । ଏଥିଯୋଗୁ ମାସିକ ଅନ୍ତର ଏ ପୁସ୍ତକର ଏକ ଏକ ଭାଗ ବାହାର କରି ଛଅ ଭାଗରେ ଏକବର୍ଷ ମଧ୍ୟରେ ଅଥବା ତହିଁ ଊର୍ଦ୍ଧ୍ୱରୁ ଯେତେ ଶୀଘ୍ର ହୋଇ-ପାରେ ସମ୍ପୂର୍ଣ୍ଣ କରିବାକୁ ସ୍ଥିର କରିଅଛୁଁ । ଯେଉଁମାନେ ବର୍ତ୍ତମାନ ଗ୍ରାହକ ହେବେ ସେମାନଙ୍କୁ ପ୍ରତ୍ୟେକ ଖଣ୍ଡ ବାରଅଣା ମୂଲ୍ୟରେ ଦିଆଯିବ ଓ ଅନ୍ୟମାନଙ୍କୁ ପ୍ରତିଖଣ୍ଡ ଟ୧ଙ୍କା ଦୁଇଅଣା ଦରରେ ବିକ୍ରୟ ହେବ । ସମ୍ପୂର୍ଣ୍ଣ ପୁସ୍ତକର ମୂଲ୍ୟ ୫ଟଙ୍କା ହେବ ।

× × ×

ଶ୍ରୀ ଗୌରୀଶଙ୍କର ରାୟ

ସେକ୍ରେଟାରୀ

× × ×

( ୯ମ ଭାଗ, ୧।୮।୧୮୭୪, ସଂଖ୍ୟା ୩୧ )

ଓଡ଼ିଶାର ଇତିହାସ ।

ଆମ୍ଭମାନଙ୍କର ସୁଯୋଗ୍ୟ କେନାଲ ରେବନ୍ୟୁ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଉ. ଟଏନ୍‌ବି ସାହେବ ଓଡ଼ିଶାର ଇତିହାସ ନାମରେ ପୁସ୍ତକ ପ୍ରସ୍ତୁତ କରିଅଛନ୍ତି ଓ ତହିଁରୁ ଏକ ଖଣ୍ଡ ଆମ୍ଭମାନଙ୍କ ନିକଟକୁ ପଠାଇଥିବାରୁ ଆମ୍ଭେମାନେ କୃତଜ୍ଞତା ସହିତ ତାହା ସ୍ୱୀକାର କରୁଅଛୁଁ । ଏ ପୁସ୍ତକରେ ସନ ୧୮୦୩ ମସିହା ଠାରୁ ସନ ୧୮୨୮ ମସିହା ପର୍ଯ୍ୟନ୍ତ ଓଡ଼ିଶାର ଯାବତ ବିବରଣ ପ୍ରକଟିତ ହୋଇଅଛି । ସନ ୧୮୦୩ ମସିହାରେ ଇଂରେଜ ମାନଙ୍କ ଶାସନାଧୀନରେ ଓଡ଼ିଶା ଆସିଲାରୁ ସେହିଦିନଠାରୁ ଗ୍ରନ୍ଥ ଆରମ୍ଭ ହୋଇଅଛି । ଯେରୂପ ଓଡ଼ିଶା ଇଂରେଜଙ୍କ ହସ୍ତଗତ ହେଲା ଓ ତହିଁ ଊର୍ଦ୍ଧ୍ୱରୁ ଖୋରଧା ରାଜା ଯେ ରୂପ ବିଦ୍ରୋହାଚରଣ କରି ବନ୍ଦୀ ହେଲେ ଏବଂ ଜଗବନ୍ଧୁ ବିଦ୍ୟାଧରର ଗୋଳ

ଜାହିର ହେଲା ଓ ତାହା କି ରୂପେ ନିବାରଣ ହେଲା, ପାଠକମାନେ କି ରୂପ ସାଧୁଥିଲେ ଓ ପରିଶେଷରେ କି ରୂପେ ଶାନ୍ତି ବିସ୍ତାର ହେଲା ଇତ୍ୟାଦି ବିଷୟ ଅତି ପକ୍ଷପାତି ରୂପେ ବର୍ଣ୍ଣିତ ହୋଇଅଛି । ଏସବୁ ବୃତ୍ତାନ୍ତ ପୁସ୍ତକର ପ୍ରଥମ ଭାଗରେ ଲେଖା ଯାଇଅଛି । ପୁସ୍ତକର ଦ୍ୱିତୀୟ ଭାଗରେ ରାଜସ୍ୱ ସମ୍ପର୍କୀୟ କଥାସବୁ ଅଛି । ଇଂରେଜଙ୍କ ଶାସନ ଗ୍ରହଣ ପୂର୍ବକ ମୋଗଲ ଓ ମରହଟ୍ଟାମାନଙ୍କ ଅମଳରେ କି ରୂପେ ରାଜସ୍ୱ ଆଦାୟ ହେଉଥିଲା ଓ ଇଂରେଜମାନଙ୍କ ଅମଳରେ ତାହା କ୍ରମଶଃ କେମନ୍ତ ପରିବର୍ତ୍ତିତ ହେଲା ଏକଥାମାନ ଅତି ବାହୁଲ୍ୟ ରୂପେ ସନ ୧୮୨୮ ମସିହାର ଶେଷ ପର୍ଯ୍ୟନ୍ତ ଲେଖାଯାଇଅଛି । ଏହି ବର୍ଷ ପର୍ଯ୍ୟନ୍ତ ପୁସ୍ତକ ଲେଖି କ୍ଷାନ୍ତ ହେବାର ହେତୁ ଗ୍ରନ୍ଥକର୍ତ୍ତା ଏହିରୂପେ ଲେଖିଅଛନ୍ତି ଯେ ସନ ୧୮୨୮ ମସିହା ପର୍ଯ୍ୟନ୍ତ ସମୁଦାୟ ଓଡ଼ିଶା ଏକଜଣ କଲେକ୍ଟରଙ୍କ ଅଧୀନରେ ଥିଲା । ଏହି ବର୍ଷରେ ଏ ପ୍ରଦେଶ ପୃଥକ୍ ତିନିଜିଲ୍ଲା ଅର୍ଥାତ୍ ପୁରୀ, କଟକ ଓ ବାଲେଶ୍ୱରରେ ବିଭକ୍ତ ହୋଇ ତିନିଜଣ କଲେକ୍ଟର ନିଯୁକ୍ତ ହେଲେ । ସୁତରାଂ ଏହି ବର୍ଷଠାରୁ ପ୍ରତ୍ୟେକ ଜିଲ୍ଲାର ବିବରଣ ପୃଥକ୍ ରୂପେ ବର୍ଣ୍ଣିତ ହେଲେ ଭଲ ହେବ । ଫଳତଃ ଏ ପୁସ୍ତକ ଖଣ୍ଡିକ ସେ ସବୁର ପୂର୍ବଭାଗ ସ୍ୱରୂପ ହୋଇଅଛି । ଆମ୍ଭମାନଙ୍କ ବିବେଚନାରେ ଏ ଶୃଙ୍ଖଳାଟି ଉତ୍ତମ ଅଟଇ । ଭୂମି ରାଜସ୍ୱ ଛଡ଼ା ଏଥିରେ ଯାତ୍ରୀ ଟାକ୍ସ, ଚୌକିଦାରୀ ଟାକ୍ସ, ଅବକାରୀ ଲବଣ ପ୍ରଭୃତି ଅନ୍ୟକର ସବୁର ସଂକ୍ଷେପ ବିବରଣ ମଧ୍ୟ ଅଛି । ପୁସ୍ତକର ତୃତୀୟ ଭାଗରେ ଅପରାଧୀଙ୍କର ଶାସନ, ପୁଲିସ, ଜେଲ, ସଡ଼କପୁଲିସ, ଦୁର୍ଭିକ୍ଷାଦି ଓ ବାଣିଜ୍ୟାଦିର ବିବରଣ ଲେଖାଯାଇଅଛି ଓ ଚତୁର୍ଥ ଭାଗରେ ଷ୍ଟାରଲିଙ୍ଗ୍ ଓ ମିଲ୍ ସାହେବଙ୍କ ରିପୋର୍ଟ କଟକର ବନ୍ଦୋବସ୍ତ ଓ ଗଡ଼ଜାତର ଅବସ୍ଥା ସମ୍ପର୍କୀୟ କାଗଜପତ୍ର ଓ ବନ୍ଦୋବସ୍ତ ବିଷୟରେ ସନ୍ ୧୮୦୫ ସାଲର ୧୨ ଆଇନ ଓ ସନ ୧୮୨୨ର ୭ ଆଇନ ପୁନଃ ମୁଦ୍ରିତ ହୋଇଅଛି । ଏରୂପେ ଦେଖାଯାଏ ଯେ ପୁସ୍ତକ ଖଣ୍ଡିକରେ ଯେମନ୍ତ ସୁଶୃଙ୍ଖଳାରେ ଆବଶ୍ୟକୀୟ ସମସ୍ତ ପ୍ରଧାନ ବିଷୟମାନ ସନ୍ନିବେଶିତ ହୋଇଅଛି । ତାହା ତେମନ୍ତ ପ୍ରାଞ୍ଜଳ ଭାଷାରେ ରଚିତ ଓ ଏଥିରେ ପକ୍ଷପାତଶୂନ୍ୟ ମତମାନ ବ୍ୟକ୍ତ ହୋଇଅଛି । ତହିଁରେ ଉଦାହରଣ ସ୍ୱରୂପ ଇଂରେଜମାନଙ୍କ ପ୍ରଥମାବସ୍ଥାର ଭୂମିକର ବନ୍ଦୋବସ୍ତ ଓ ତତ୍କାରଣରେ ସ୍ଥାନୀୟ ପ୍ରାଚୀନ ଜମିଦାରଙ୍କର ଉଚ୍ଛନ୍ନ ହେବା ପ୍ରଭୃତି ବିଷୟରେ ଯାହା ଲେଖାଅଛି ପାଠକମାନେ ପଢ଼ିଲେ ଜାଣିପାରିବେ । ଆମ୍ଭେମାନେ ବିବେଚନା କରୁଁ ଯେ ଏ ପୁସ୍ତକ ଓଡ଼ିଆରେ ଅନୁବାଦିତ ହୋଇ ପ୍ରକାଶ ହେଲେ ଏଠା ସର୍ବସାଧାରଣଙ୍କର ଅନେକ ଉପକାରରେ ଆସିବ ।

## ବିଜ୍ଞାପନ

ଅମ୍ଭେମାନେ ତାଳପତ୍ରଲିଖିତ ଓଡ଼ିଆ ଶ୍ରୀମଦ୍ଭାଗବତକୁ କାଗଜରେ ଛପାଇବାର ସଂକଳ୍ପ କରିଅଛୁଁ । ଆଗାମୀ ଆଷାଢ଼ ମାସ ୧ମ ଦିନଠାରୁ ଏ ପୁସ୍ତକର ୮ ପେଜ ଅର୍ଥାତ ୧୬ପୃଷ୍ଠା ଲେଖାଏଁ ପକ୍ଷାନ୍ତରେ ବାହାରିବ । ଏହାର ବାର୍ଷିକ ଅଗ୍ରିମ ମୂଲ୍ୟ ଡାକ ମାସୁଲ ସମେତ ଟଙ୍କା ମାତ୍ର । ଅତଏବ ଯେଉଁମାନେ ଏହାର ଗ୍ରାହକ ହେବାକୁ

ଇଚ୍ଛା କରନ୍ତି ସେମାନେ ଅନୁଗ୍ରହ କରି ଆପଣା ୨ର ନାମ ଓ ଠିକଣା ଅବଲମ୍ବରେ ଆମ୍ଭଠାକୁ ଲେଖି ପଠାଇଲେ ଆମ୍ଭେ ସେମାନଙ୍କୁ ଗ୍ରାହକ ଶ୍ରେଣୀଭୁକ୍ତ କରିନେବୁଁ । ସାଧାରଣ ନିକଟରେ ପ୍ରାର୍ଥନା ଏହି ଯେ ଆମ୍ଭେ ଏ କାର୍ଯ୍ୟରେ ପ୍ରବୃତ୍ତ ହୋଇଅଛୁଁ ଅନ୍ୟ କେହି ଏଥିରେ ହସ୍ତକ୍ଷେପ କରିବେ ନାହିଁ ।

ଶ୍ରୀ ଭଗବାନ ଚନ୍ଦ୍ର ଦାସ
ବାଲେଶ୍ୱର

( ଉତ୍କଳ ଦୀପିକା ୯ମଭାଗ ୬ । ୬ । ୧୮୭୪, ସଂଖ୍ୟା ୨୩ )
( ଅନୁରୂପ, ୧୯ । ୯ । ୧୮୬୮, ସଂଖ୍ୟା ୩୮ )

## ବିଜ୍ଞାପନ

ଭାଦ୍ର ମାସ ପ୍ରଥମ ତାରିଖ ଠାରୁ ବାଲେଶ୍ୱର 'ଉତ୍କଳ ପ୍ରେସରେ ବୋଧଦାୟିନୀ ଓ ବାଲେଶ୍ୱର ସମ୍ବାଦ ବାହିକା' ନାମ୍ନୀ ଖଣ୍ଡେ ମାସିକ ପତ୍ରିକା ପ୍ରକାଶିତ ହେବାକୁ ଆରମ୍ଭ ହୋଇଅଛି । ତାହାର ବାର୍ଷିକ ମୂଲ୍ୟ (ମାସୁଲ ସହିତ) ଟ ୨ । ଷାଣ୍ମାସିକ ଟ ୧ । ଓ ତ୍ରୈମାସିକ ଏଗାର ଅଣା ମାତ୍ର । ଯେଉଁମାନେ ଗ୍ରାହକ ହେବାକୁ ଇଚ୍ଛାକରନ୍ତି ନିମ୍ନ-ଲିଖିତ ସ୍ୱାକ୍ଷରକାରୀ ନିକଟକୁ ପତ୍ର ପଠାଇଲେ ପ୍ରାପ୍ତ ହୋଇ ପାରିବେ ।

ବାଲେଶ୍ୱର
ଉତ୍କଳ ପ୍ରେସ } ଫକୀର ମୋହନ ସେନାପତି

( ଉତ୍କଳ ଦୀପିକା ୧୯ । ୯ । ୧୮୬୮ ସଂଖ୍ୟା ୩୮ )

# ପରିଶିଷ୍ଟ

## ବର୍ଣ୍ଣାନୁକ୍ରମିକ ଓଡ଼ିଆ ସମ୍ବାଦ ପତ୍ର ଓ ପତ୍ର ପତ୍ରିକାର ସଂକ୍ଷିପ୍ତ ବିବରଣୀ

| ପତ୍ରିକାର ନାମ | ପ୍ରକାଶନକାଳ | ସଂପାଦକ ଓ ପ୍ରକାଶନର ସୂଚନା | | |
|---|---|---|---|---|
| ଅରୁଣୋଦୟ | ୧୮୬୧ | Orissa Christian Vernacular literature Society ତରଫରୁ ପ୍ରକାଶିତ | | ଛଅବର୍ଷ ପର୍ଯ୍ୟନ୍ତ ପ୍ରକାଶିତ ଧର୍ମ ପ୍ରଚାର ଓ ସରକାରଙ୍କ ସମ୍ବାଦ ପ୍ରଚାର ଏହାର ଲକ୍ଷ୍ୟ ଥିଲା । |
| ଅଗ୍ନିଶିଖା | ୧୯୬୮/ଅଗଷ୍ଟ | ଅର୍ଜୁନ ଚରଣ ପଣ୍ଡା ପରଶୁଲତା-ସୁରେନ୍ଦ୍ର ମିଶ୍ର | | କୃଷ୍ଣ ପ୍ରିଣ୍ଟିଙ୍ଗ୍ ପ୍ରେସ୍ ସମ୍ବଲପୁର, ପାକ୍ଷିକ/ସାମୟିକ |
| ଅନୁଚିନ୍ତା | ୧୯୭୨ | ବୃନ୍ଦାବନ ଜେନା | | ସମ୍ବଲପୁର, ମାସିକ/ସାମୟିକ |
| ଅସାହୁଦେନ | ୧୯୭୧ | ପ୍ରଦୀପ୍ତ ମହାପାତ୍ର | | ବାହାରକେଳରୁ ପ୍ରକାଶିତ ମାସିକ ମିଶ୍ର ପତ୍ରିକା । |
| ଅନ୍ତଃସ୍ୱର | ୧୯୭୦ | ପୂର୍ଣ୍ଣାନନ୍ଦ ଦାଶ | | ପୂର୍ଣ୍ଣିମା ପ୍ରିଣ୍ଟର୍ସ ସମ୍ବଲପୁର ମିଶ୍ର ପତ୍ରିକା |
| ଅନାମ | | କୁମାର ମହାନ୍ତି | ଅନାମଗୋଷ୍ଠୀ, ଦଇତାରୀ ସାହୁ ସୂତ୍ର | ସାମୟିକ ସାହିତ୍ୟ ପତ୍ରିକା |
| ଅର୍ଘ୍ୟ | ୧୯୭୦ | — | ଭଦ୍ରକ କଲେଜ ମୁଖପତ୍ର | ବାର୍ଷିକ |

| ପତ୍ରିକାର ନାମ | ପ୍ରକାଶନ କାଳ | ସଂପାଦନ ଓ ପ୍ରକାଶନର ସୂଚନା | | |
|---|---|---|---|---|
| ଅନୁପମା | — | ଶ୍ରୀ[illegible]ସ୍ତ ପଣ୍ଡା<br>ପରିଚାଳକ : ଗିରିକିଶୋର ବେହେରା | ଗଞ୍ଜାମରୁ ପ୍ରକାଶିତ | ଉତ୍କଳ ଆର୍ଯ୍ୟଧର୍ମର ମୁଖପତ୍ର |
| ଅନୁଭା | — | ସୁବୋଧ ପଟ୍ଟନାୟକ | — | — |
| ଅକ୍ଷର | ୧୯୭୪ | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ପୂର୍ଣ୍ଣିମା ପ୍ରିଣ୍ଟର୍ସ, ସମ୍ବଲପୁର | ସାମୟିକ |
| ଅପରାଜିତା | ୧୯୭୩ | ଅନ୍ତର୍ଯ୍ୟାମୀ ମହାପାତ୍ର | ଶିଶୁକଲ୍ୟାଣ ସମିତି, କଟକ | ମାସିକ ଶିଶୁ ପତ୍ରିକା |
| ଅନ୍ୱେଷଣ | ୧୯୫୩/ଅକ୍ଟୋବର ୧୭ ତାରିଖ | ନବୀନ ଚନ୍ଦ୍ର ପଟ୍ଟନାୟକ | ଅଶୋକ ପ୍ରେସ୍, ଭଞ୍ଜନଗର | ମାସିକ |
| ଅଗ୍ରଣୀ | ୧୯୫୩/ଜୁନ୍ | ବୃନ୍ଦାବନ ମଲ୍ଲିକ | ୨୧/ବି ମୋହନ ଲାଲ୍ ଷ୍ଟ୍ରିଟ୍, କଲିକତା-୯ | ତ୍ରୈମାସିକ ସାହିତ୍ୟ ପତ୍ରିକା |
| ଅନ୍ୱେଷା | ୧୯୬୭/ଜୁଲାଇ | ରବି ମହାପାତ୍ର | ସାହିତ୍ୟ ସଂସଦ କାର୍ଯ୍ୟାଳୟ କଟକ-୧ | ମାସିକ |
| ଅଚଳ ପତ୍ର | ୧୯୭୨/୧୯୭୮ରୁ ନୂତନ ପ୍ରସ୍ଥ | ରବି ସିଂ | କଟକ | ମାସିକ ସମାଲୋଚନା ମୂଳକ ପତ୍ରିକା |
| ଅନୁରାଗ | ୧୯୭୨/ଜୁନ୍ | ଭବାନୀ ପ୍ରସାଦ ତ୍ରିପାଠୀ | | |
| ଅଧୁନା | ୧୯୬୩ | ପ୍ରଫୁଲ୍ଲ କୁମାର ରଥ<br>ରଘୁନାଥ ମହାପାତ୍ର | କଟକ | ମାସିକ ଗଳ୍ପ ସାହିତ୍ୟ ପତ୍ରିକା |

| ପତ୍ରିକାର ନାମ | ପ୍ରକାଶନ କାଳ | ସଂପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ଅସ୍ପସ୍‌କାଂଚ | ୧୯୬୫ | — | ରେଭେନ୍‌ସା କଲେଜ, କଟକ-୩<br>ମଧୁଲା ସ୍ମୃତି ନିବାସ, ମୁଖପତ୍ର | | ବାର୍ଷିକ |

( ଆ )

| | | | | | |
|---|---|---|---|---|---|
| ଆଗୁଆନ୍ତା | ୧୮୭୨/ଅଗଷ୍ଟ | ରେ. ଜେ. ଫିଲପ୍‌ସ | ଓଡ଼ିଶା ମିଶନ ପ୍ରେସ୍, କଟକ | | |
| ଆଶା | ୧୮୮୮ | ସାଧୁଚରଣ ରାୟ | ଭିକ୍ଟୋରିଆ ପ୍ରେସ, କଟକ | | ଉତ୍କଳର ବ୍ରାହ୍ମ ସମାଜ ଦ୍ୱାରା ପରିଚାଳିତ ହେଉ-ଥିଲା। କିଛିଦିନ ପାଇଁ ବନ୍ଦ ହେବାପରେ ପୁଣି ୧୮୯୨ ରେ ପ୍ରକାଶ ପାଉଥିଲା। |
| ଆଶା | ୧୮୯୨ | ରେବା-ରାୟ | | | ପ୍ରଥମ ନାରୀ ପତ୍ରିକା |
| ଅଲୋଚନା | ୧୯୦୦ | ଜଳନ୍ଧରଦେବ | ଜଗନ୍ନାଥ ବଲ୍ଲଭ ପ୍ରେସ, ଦେବଗଡ଼ | ମାସିକ | ନନ୍ଦକିଶୋର ବଳଙ୍କ ଲେଖାଗୁଡ଼ିକ ଏହି ପତ୍ରିକାରେ ପ୍ରକାଶ ପାଉଥିଲା। ବଙ୍ଗୀୟ ସଂପର୍କରେ ଆଲୋ-ଚନାତ୍ମକ ଲେଖାମାନ ପ୍ରକାଶ ପାଉଥିଲା। |

| ପତ୍ରିକାର ନାମ | ପ୍ରକାଶନ କାଳ | ସଂପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ଆଶା | ୧୯୧୩ | ଶଶିଭୂଷଣ ରଥ | ବ୍ରହ୍ମପୁରରୁ ଓ ପରେ କଟକରୁ ପ୍ରକାଶିତ | ସାପ୍ତାହିକ ଓ ପରେ ଦୈନିକ | ୧୯୫୧ ରେ ଏହାର ପ୍ରକାଶନ ବନ୍ଦ ହେଲା । ଦୈନିକ ସମ୍ବାଦ ପତ୍ର |
| ଆଶା | ୧୯୮୨ | ବୃନ୍ଦାବନ ନାୟକ ସଂପାଦକ-ଶ୍ରୀହର୍ଷ ମିଶ୍ର | ବ୍ରହ୍ମପୁରରୁ ପ୍ରକାଶିତ | ସାପ୍ତାହିକ ସମ୍ବାଦ ପତ୍ର | |
| ଆରତି | ୧୯୩୬ | | ତରୁଣ ସାହିତ୍ୟିକ ମାନଙ୍କ ଦ୍ୱାରା କଟକରୁ ପ୍ରକାଶିତ | | |
| ଆସନ୍ତାକାଲି | ୧୯୫୦/ଅକ୍ଟୋବର | ଯଦୁମଣି ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ବ୍ରହ୍ମାନନ୍ଦ ମଲ୍ଲିକ୍ | ୨୧- ରି ମୋହନ ମଲ୍ଲିକ ଷ୍ଟ୍ରିଟ୍, କଲିକତା-୪ | ମାସିକ | ସାହିତ୍ୟ ସହିତ ବିଜ୍ଞାନ ଲେଖାମାନ ପ୍ରକାଶିତ |
| ଅଲେଖ ରେଖା | ୧୯୬୨ | ବଳରାମପାତ୍ର, ଡକ୍ଟର କୃଷ୍ଣଚରଣ ବେହେରା | ଭଦ୍ରକ | ସାହିତ୍ୟ ପତ୍ରିକା | |
| ଆକାଶବାଣୀ ପ୍ରସାରିକା | ୧୯୬୮ | ଆକାଶବାଣୀ ଆନୁକୂଲ୍ୟରେ | ଆକାଶବାଣୀ, କଟକ,କେନ୍ଦ୍ରରୁ ପ୍ରକାଶିତ | | |
| ଆଗାମୀ | ୧୯୭୪, ନଭେମ୍ବର | ମନୋଜ ଦାସ | ଦିଲ୍ଲୀ-୧ | ଗଳ୍ପ, କବିତା, କଥା ସଞ୍ଚୟନ | |
| ଆରଣ୍ୟ | ୧୯୭୦ | ମନମୋହନ ମିଶ୍ର, ମାୟାଧର ମାନସିଂହ | | | |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦନ ଓ ପ୍ରକାଶନର ସୂଚନା | | |
|---|---|---|---|---|
| ଆଶ୍ୱାସ | — | — | ରାଉରକେଲାରୁ ପ୍ରକାଶିତ | ସାପ୍ତାହିକ |
| ଆକାଶଦୀପ | — | ମିଲାଦ୍ ଭୂଷଣ ହରିଚନ୍ଦନ | — | — |
| ଆବାହନୀ | — | ଡକ୍ଟର କୃପାସିନ୍ଧୁ ନାୟକ | — | କଳିଙ୍ଗ ସାହିତ୍ୟ ସଂସଦ, ଭୁର୍ଲା |
| ଆତ୍ମାବାଣୀ | — | ହୃଷିକେଶ ପଟ୍ଟନାୟକ | — | — |
| ଆଲୋକ | ୧୯୫୨, ଏପ୍ରିଲ | ବଳଭଦ୍ର ସାସମଲ<br>ନାରାୟଣ ସାସମଲ | ଆସ୍ଥା (ଆଲୋକ କାର୍ଯ୍ୟାଳୟ) | ମାସିକ ସାହିତ୍ୟ ପତ୍ରିକା |
| ଆତ୍ମକଥା | ୧୯୫୪, ଫେବୃଆରୀ | ଗିରିଧାରୀ ବାରିକ | ୪୨/ବ୍ରଜଦୁଲାଲ ଷ୍ଟ୍ରିଟ୍<br>କଲିକତା-୯ | ଦ୍ୱୈମାସିକ, ସାହିତ୍ୟ ପତ୍ରିକା |
| ଆଧୁନିକ | ୧୯୩୬ | ଭଗବତୀଚରଣ ପାଣିଗ୍ରାହୀ | କଟକ | ନବଯୁଗ ସାହିତ୍ୟ ସଂସଦର ସାହିତ୍ୟ ପତ୍ରିକା |
| ଆ ଜହ୍ନମାମୁଁ ସରଗ ଶଶୀ | ୧୯୭୭ | ବିଶ୍ୱଜିତ୍ ସାହୁ | କଟକ | ମାସିକ ଶିଶୁ ପତ୍ରିକା |
| ଆମର ଭାବନା | ୧୯୭୩, ଅକ୍ଟୋବର | ନରସିଂହ ମହାପାତ୍ର | ମାର୍କଣ୍ଡେଶ୍ୱର ସାହି, ପୁରୀ | ସାମୟିକ ଶିଶୁପତ୍ରିକା |
| ଆମେ କୁନାକୁନ | ୧୯୭୫ | ଦେବବ୍ରତ କୁମାର ପଟେଲ | ରାଜଗାଙ୍ଗପୁର<br>ଗ୍ରୁପବନ୍ଧୁ ଅଫିସ | ମାସିକ ଶିଶୁପତ୍ରିକା |
| ଆମେ ପିଲାଏ | ୧୯୩୩ | ଶ୍ୟାମସୁନ୍ଦର ଦାସ | ରାଧାମୋହନ ଗ୍ରନ୍ଥସଂଘ, କଟକ | ମାସିକ |
| ଆଶ୍ରମ ଜ୍ୟୋତି | ୧୯୭୭ | ବାଞ୍ଛାନିଧି ପଟ୍ଟନାୟକ | ଗୁରୁକୁଳ ବୈଦିକ ଆଶ୍ରମ,<br>ବେଦବ୍ୟାସ ରାଉରକେଲା-୪ | ମାସିକ, ବୈଦିକ ସାହିତ୍ୟ ପତ୍ରିକା |
| ଆନନ୍ଦ ବିପ୍ଳବ | ୧୯୭୭ | ଡକ୍ଟର ନଟବର ଶତପଥୀ | ସତ୍ସଙ୍ଗ କେନ୍ଦ୍ର, ମାଳୁଆ ବଜାର, କଟକ-୧ | ମାସିକ ଧାର୍ମିକ ପତ୍ରିକା |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦକ ଓ ପ୍ରକାଶନର ସୂଚନା | | |
| --- | --- | --- | --- | --- |
| ଆଧୁନିକ (ନୂତନ ପର୍ଯ୍ୟାୟ) | ୧୯୬୩, ଡିସେମ୍ବର | ବିଶ୍ୱନାଥ ପଶାୟତ | ରଘୁନାଥଜଉଲେନ, କଟକ-୧ | ସାପ୍ତାହିକ ସାହିତ୍ୟ ପତ୍ରିକା |
| ଆମଦେଶ | ୧୯୫୯, ମଇ | ନୀଳକୃଷ୍ଣ ପଟ୍ଟନାୟକ | ଅନୁଗୁଳ, ଢେଙ୍କାନାଳ | ମାସିକ |
| ଆଗ୍ନ | — | ସଦାଶିବ ଦାସ | କଟକ | ପ୍ରଗତିବାଦୀ ଚିନ୍ତାଧାରା ସମ୍ବଳିତ ପତ୍ରିକା |
| ଅବନ୍ତୀ | ୧୯୮୨ | ନଟବର ମହାନ୍ତି<br>ହରପ୍ରସାଦ ପରିଛା ପଟ୍ଟନାୟକ | ଭୁବନେଶ୍ୱର | ସାହିତ୍ୟ ସଂସ୍କୃତି ସମ୍ପର୍କୀୟ ମାସିକ ପତ୍ରିକା |

( ଇ )

| | | | | |
| --- | --- | --- | --- | --- |
| ଇନ୍ଦ୍ରଧନୁ | ୧୭।୮।୧୮୯୩ | ଲକ୍ଷ୍ମ ଗ୍ରାମ ନାରାୟଣ | କଟକରୁ ପ୍ରକାଶିତ | ଏଥିରେ ପ୍ରାଚୀନ ସାହିତ୍ୟର ବ୍ୟାପକ ଚର୍ଚ୍ଚା କରାଯିବା ସଙ୍ଗେ ରାଧାନାଥ ସାହିତ୍ୟ ପ୍ରତି ଆକ୍ଷେପ କରାଯାଇଥିଲା । ଏହାର ପ୍ରତିଦ୍ୱନ୍ଦୀ ରୂପେ ବିଜୁଳି ପରବର୍ତ୍ତୀ କାଳରେ ଆତ୍ମପ୍ରକାଶ କରିଥିଲା । |
| ଇସ୍ତାହାର | ୧୯୭୫ | ଭଗୀରଥ ସାହୁ<br>ପରବର୍ତ୍ତୀ ସଂଖ୍ୟାଗୁଡିକ ନିତ୍ୟାନନ୍ଦ ଶତପଥୀଙ୍କ | ଭୁବନେଶ୍ୱରରୁ ପ୍ରକାଶିତ | ତ୍ରୈମାସିକ ସାହିତ୍ୟ ପତ୍ରିକା |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦକ ଓ ପ୍ରକାଶକର ସୂଚନା | | | |
|---|---|---|---|---|---|
| | | | ସମ୍ପାଦନାରେ ପ୍ରକାଶ ପାଉଛି | | |
| The East-Coast | | | ଶଶିଭୂଷଣ ରଥ ବ୍ରହ୍ମପୁର | | ସାପ୍ତାହିକ |
| Eastern times | ୧୯୪୯ | | ଡକ୍ଟର ହରେକୃଷ୍ଣ ମହତାବ, କଟକ | | ଦୈନିକ ପରେ ସାପ୍ତାହିକ |

( ଉ )

| | | | | | |
|---|---|---|---|---|---|
| ଉତ୍କଳ ଦୀପିକା | ୧୮୬୬/ଅଗଷ୍ଟ | ଗୌରୀଶଙ୍କର ରାୟ | ୧୮୬୫ ମସିହାରେ ଗୌରୀଶଙ୍କର ରାୟ, ଜଗମୋହନ ରାୟ, ଭଗୀରଥ ଷାଠିଆ, ବିଚିତ୍ରାନନ୍ଦ ଦାସ ପ୍ରମୁଖଙ୍କ ସାମୂହିକ ସହଯୋଗରେ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠିତ ହେଲା । 'ଉତ୍କଳ ଦୀପିକା' ଏହି କମ୍ପାନୀରୁ ପ୍ରଥମେ ପଥର ଖୋଦେଇ ବ୍ଲକରୁ ମୁଦ୍ରିତ ହେଉଥିଲା । ଗୌରୀଶଙ୍କର ସରକାରୀ ସ୍ୱକର୍ମ ସଙ୍ଗରେ 'ଉତ୍କଳ ଦୀପିକା ସମ୍ପାଦନ କରୁଥିଲେ । ପତ୍ରିକା ସମ୍ପାଦନ ବ୍ୟତୀତ ଗୌରୀଶଙ୍କର | ପ୍ରଥମରୁ ହିଁ ସାପ୍ତାହିକ | ପ୍ରାଚୀନ ସାହିତ୍ୟର ସପକ୍ଷରେ ଏବଂ ଓଡ଼ିଶାର ସମସ୍ତ ଉପାନ୍ତ ଅଞ୍ଚଳ ମିଶ୍ରଣରେ, ସ୍ୱତନ୍ତ୍ର ଉତ୍କଳ ଗଠନ ଦିଗରେ ପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉତ୍କଳ ଦୀପିକାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବଙ୍ଗାଳୀମାନଙ୍କର ସକ୍ରିୟ ଆକ୍ରମଣରୁ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବା । ବଙ୍ଗାଳୀମାନେ ଯେତେବେଳେ ଓଡ଼ିଆ ଭାଷାର ସ୍ୱତନ୍ତ୍ର୍ୟ ବା ଅସ୍ତିତ୍ୱ ସ୍ୱୀକାର ନ କରି ବରଂ ଓଡ଼ିଆ ଭାଷାକୁ ବିଲୋପ କରିବା ପାଇଁ ଯତ୍ନଶୀଳ ହେଲେ, ସେତେବେଳେ |

| ପତ୍ରିକାର ନାମ | ପ୍ରକାଶନ କାଳ | ସଂପାଦନ ଓ ପ୍ରକାଶନର ସୂଚନା | |
|---|---|---|---|
| | | କଟକର ଅନ୍ୟାନ୍ୟ ସାମାଜିକ ତଥା ଶିକ୍ଷାନୁଷ୍ଠାନ ସହିତ ମଧ୍ୟ ସଂପୃକ୍ତ ଥିଲେ । ଦୀପିକା ବ୍ୟତୀତ ଆହୁରି ଅନେକ ପତ୍ର ପତ୍ରିକା, ପାଞ୍ଜି, କାବ୍ୟକବିତା ଆଦି ଏହି କମ୍ପାନୀରୁ ମୁଦ୍ରିତ ହେଉଥିଲା । | ଏକମାତ୍ର ସମ୍ବାଦ ପତ୍ରିକା' ଉତ୍କଳ ଦୀପିକା'ହିଁ ଓଡ଼ିଆ ଭାଷାର ସଂରକ୍ଷଣ ନିମିତ୍ତ ଚେଷ୍ଟା ଚଳାଇ ଥିଲା । ଆରମ୍ଭରୁ 'ଉତ୍କଳ ଦୀପିକା' ସାପ୍ତାହିକ ଭାବରେ ଦୀର୍ଘ ସତୁରି ବର୍ଷ ପର୍ଯ୍ୟନ୍ତ ଚାଲି ଥିଲା ଏବଂ ମୁଘଲବନ୍ଦି, ଗଡ଼ଜାତ, ଉପାନ୍ତ ଅଞ୍ଚଳ ସବୁଆଡ଼େ ବିସ୍ତାର ଲାଭ କରି ପାରିଥିଲା । ନ୍ୟାଯ୍ୟ ଦାବୀ ଉପସ୍ଥାପନା କରିବାରେ 'ଦୀପିକା' ସରକାରୀ ଓ ବେସରକାରୀ କର୍ମଚାରୀମାନଙ୍କୁ ସମାଲୋଚନା କରୁଥିଲେ ହେଁ ବ୍ୟକ୍ତି ନିନ୍ଦାର ପକ୍ଷପାତୀ ନଥିଲା । |
| ଉତ୍କଳ ଦର୍ପଣ, | ୧୮୭୩ | ମେନେକର ବୈକୁଣ୍ଠନାଥ ଦେ ଙ୍କ ବାଲେଶ୍ୱର ଉତ୍କଳ ପ୍ରେସରୁ ଇନ୍ଦ୍ରବଲ୍ଲଭ ଭଟ୍ଟାଚାର୍ଯ୍ୟ ସଂପାଦନା କଲେ । | ପ୍ରଥମେ ମାସିକ ସାହିତ୍ୟ ପତ୍ରିକା ଥିଲା । ୧୮୭୮ ଜାନୁୟାରୀଠାରୁ ଏହା ପାକ୍ଷିକ ସମ୍ବାଦପତ୍ରରେ ପରିଣତ ହେଲା । ୧୮୭୭ରୁ ସାପ୍ତାହିକ ଏବଂ ୧ମ ବର୍ଷ ପରେ ଷଷ୍ଠ |

| ପତ୍ରିକାର ନାମ | ପ୍ରକାଶନ କାଳ | | ସଂପାଦନ ଓ ପ୍ରକାଶନର ସୂଚନା | | |
|---|---|---|---|---|---|
| | | | | | ଯୋଗୁଁ ବନ୍ଦ ହେଲା । ରାଧାନାଥ, ମଧୁସୂଦନ, ପ୍ରମୁଖ ଏହାର ନିୟମିତ ଲେଖକ ଥିଲେ । |
| ଉତ୍କଳ ହିତୈଷିଣୀ | ୧୮୬୯ | କାଳୀପଦ ବାନାର୍ଜୀ , କଟକ | | | |
| ଉତ୍କଳପୁତ୍ର | ୧୮୭୩, ଏପ୍ରିଲ ୧୬ ବୁଧବାର ୧ମ ସଂଖ୍ୟା | ଆର୍ଯ୍ୟ ପ୍ୟାରୀମୋହନ | କଟକ ପ୍ରିଣ୍ଟିଂ କମ୍ପାନୀରୁ ମୁଦ୍ରିତ | ପାକ୍ଷିକ | ପ୍ରଥମେ ପାଣ୍ଡୁଲିପି ଆକାରରେ ଓ ପରେ ମୁଦ୍ରିତ ହୋଇଥିଲା । ଶ୍ରୀ ଗୋବିନ୍ଦ ରଥ ଏହାର ଜଣେ ବିଶିଷ୍ଟ ଲେଖକ ଥିଲେ । |
| ଉତ୍କଳ ମଧୁପ | ୧୮୭୮, ଏପ୍ରିଲ | କୃଷ୍ଣଚନ୍ଦ୍ର ପଟ୍ଟନାୟକ ରାମଶଙ୍କର ରାୟ-ପୃଷ୍ଠପୋଷକ | କଟକ ପ୍ରିଣ୍ଟିଂ କମ୍ପାନୀ | ସାହିତ୍ୟ ପତ୍ରିକା | ଦୁଇବର୍ଷ ପ୍ରକାଶିତ । ସୌଦାମିନୀ ଉପନ୍ୟାସ ଧାରାବାହିକ ଭାବରେ ପ୍ରକାଶିତ । ୧୮୭୮ ଫେବ୍ରୁଆରୀରେ କଟକ ଉତ୍କଳ ସଭାର ସଦସ୍ୟ ଗୋପାଳ ଚରଣ ଦାସ ସେହି ବିଜ୍ଞାପନ ଦେଇଥିଲେ । ତା'ର ପରବର୍ତ୍ତୀ ସ୍ୱରୂପ 'ଉତ୍କଳ ମଧୁପ' ପ୍ରକାଶିତ । |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ଉତ୍କଳପ୍ରଭା | ୧୮୯୧ ଏପ୍ରିଲ, | ମୟୂରଭଞ୍ଜ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ଉଦ୍ୟମରେ ପ୍ରକାଶିତ | ବାରିପଦାରୁ ପ୍ରକାଶିତ | ମାସିକ | ସାହିତ୍ୟ ବିଷୟକ ପ୍ରବନ୍ଧ ଏଥିରେ ପ୍ରକାଶିତ । |
| ଉତ୍କଳ ପତ୍ରିକା | ୧୮୯୧ | ସଂପାଦକ-ଚୈତନ୍ୟ ରାମ୍ବ ରାଜେଶ୍ବର ମହାପାତ୍ର ତ୍ରୈଲୋକ୍ୟ ନାଥ ମୁଖୋପାଧ୍ୟାୟ | | ମାସିକ | ଓଡ଼ିଶାରେ ବ୍ରାହ୍ମଧର୍ମ ପ୍ରଚାର ଓ ଉତ୍କଳ ଭାଷାରେ ପ୍ରକାଶିତ 'ତତ୍ତ୍ୱବୋଧିନୀ' (ବଙ୍ଗଳା) ପତ୍ରିକାର ଅନୁରୂପ ପତ୍ରିକା । ସାହିତ୍ୟ ସେବାରେ ଉତ୍କଳ ପତ୍ରିକାର ଦାନ ସ୍ମରଣୀୟ । |
| ଉତ୍କଳ ଚନ୍ଦ୍ରିକା | ୧୮୯୪ | ରାମକୃଷ୍ଣ ସାହୁ | | ମାସିକ, ରାମ୍ବ ପ୍ରେସରୁ ପ୍ରକାଶିତ | ପରେ ନୟାଗଡ଼ର ରାଜା ଏହାର ପୃଷ୍ଠପୋଷକତା କରିଥିଲେ । |
| ଉତ୍କଳ ବନ୍ଧୁ | ୧୮୯୭ | ବ୍ରଜବନ୍ଧୁ ମିଶ୍ର | | ତାଳଚେରରୁ ପ୍ରକାଶିତ | ଓଡ଼ିଆ ଭାଷା ସାହିତ୍ୟ ସମ୍ବନ୍ଧୀୟ ବିଶ୍ଳେଷଣାତ୍ମକ ଲେଖାମାନ ଏଥିରେ ପ୍ରକାଶ ପାଉଥିଲା । |

| ପତ୍ରିକାର ନାମ | ପ୍ରକାଶନ କାଳ | ସଂପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ଉତ୍କଳ ସାହିତ୍ୟ | ୧୮୯୭ | ସଂପାଦକ-ବିଶ୍ୱନାଥ କର ମେନେଜର-କୃଷ୍ଣ ପ୍ରସାଦ ଚୌଧୁରୀ | ଉତ୍କଳ ସାହିତ୍ୟ ପ୍ରେସ, କଟକ | ମାସିକ | ସାହିତ୍ୟ ପତ୍ରିକା । ଏଥିରେ ଫକୀରମୋହନ, ରାଧାନାଥ, ମଧୁସୂଦନ ଗୋପାଳ ମିଶ୍ର, ପ୍ରମୁଖ ପ୍ରସିଦ୍ଧ ଲେଖକମାନଙ୍କ ଲେଖା ପ୍ରକାଶିତ । |
| ଉତ୍କଳ ଦର୍ପଣ | ୧୯୦୫-୧୯୦୮ ପର୍ଯ୍ୟନ୍ତ ପ୍ରକାଶିତ | ଶ୍ରୀପତି ମିଶ୍ର | ସମ୍ବଲପୁରରୁ ପ୍ରକାଶିତ | | ବାଲେଶ୍ୱରର ତତ୍କାଳୀନ ରାଜା ବୈକୁଣ୍ଠ ନାଥ ଦେବଙ୍କ ଉଦ୍ୟୋଗରେ । |
| ଉତ୍କଳ ସେବକ | ୧୯୧୩ | ସ୍ୱପ୍ନେଶ୍ୱର ଦାଶ<br>ବିଶ୍ୱକେଶନ ବହିଦାର<br>ନିତ୍ୟାନନ୍ଦ ବହିଦାର | ପ୍ରେମର ପ୍ରେସ, ସମ୍ବଲପୁର | | |
| ଉଦୟନ | ୧୯୬୬ | ପ୍ରଫୁଲ୍ଲ କୁମାର ତ୍ରିପାଠୀ<br>ଗୋପାଳ କୃଷ୍ଣ ରଥ | ସତ୍ୟବ୍ରତ ପ୍ରିଣ୍ଟିଂ ପ୍ରେସ, ସମ୍ବଲପୁର | | |
| Utkal Mirror | | ଗୌରକିଶୋର ପଟ୍ଟନାୟକ | କଟକ | | |
| ଉଦୟ | ୧୯୩୮ | ଲେଖକ ସହଯୋଗ ସମିତି | କଟକ | ମାସିକ | |
| ଉତ୍କଳମଣି | ୧୯୬୫ | ବୈକୁଣ୍ଠ ପ୍ରସାଦ,<br>କିଶୋର କୁମାର ମହାପାତ୍ର | ମାନ୍ଦ୍ରାଜ ଓଡ଼ିଶା ସମାଜ | ମୁଖପତ୍ର | |

| ପତ୍ରିକାର ନାମ | ପ୍ରକାଶନ କାଳ | ସଂପାଦନ ଓ ପ୍ରକାଶନର ସୂଚନା | | |
|---|---|---|---|---|
| ଉଷସ | | କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ | ସତ୍ସଙ୍ଗ, ମେରଖା ବଜାର, କଟକ-୧ | ସାମୟିକ ମୁଖପତ୍ର |
| ଉର୍ଜ୍ଜନା | ୧୯୬୭ | ଡକ୍ଟର ମୟାଧର ମାନସିଂହ | ସତ୍ସଙ୍ଗ ଭେନ୍ଦ୍ର, ଗୋପାଳୋଷ ଲେନ୍ କଟକ-୨ | ସାମୟିକ ସତ୍ସଙ୍ଗ ଓଡ଼ିଆ ପତ୍ରିକା । |
| ଉତ୍ତରାୟଣ | ୧୯୬୦ | ମଧୁସୂଦନ ଦାସ ଭଗବାନ ଜୟସିଂହ | ସ୍ୱରାଜ ପ୍ରେସ, ଖୋଲସାହି | ସାମୟିକ ସାହିତ୍ୟ ଓ ସଂସ୍କୃତିମୂଳକ ପତ୍ରିକା |
| ଉତ୍କଳ ଦେଶଣ୍ଣା | ୧୯୫୦ | ଡାକ୍ତର ଗୌରାଙ୍ଗ ଚରଣ ସାହୁ | ରଘୁନନ୍ଦନ ପ୍ରେସ, ପୁରୀ | |
| ଉତ୍କଳ ଓ ସଂକଳ୍ପ | — | ଶ୍ରୀ ଚିତ୍ତରଞ୍ଜନ ମିଶ୍ର | | |
| ଉତ୍କଳ ପ୍ରସଙ୍ଗ | ୧୯୪୩ | ଲୋକ ସଂପର୍କ ବିଭାଗ | ଓଡ଼ିଶା ସରକାର | ମାସିକ |
| ଉତ୍କଳ ଶୁଭକରୀ ପତ୍ରିକା | ୧୮୬୯ | ଭଗବତୀ ଚରଣ ଦାସ | କଟକ | ବ୍ରାହ୍ମସମାଜର ମୁଖପତ୍ର |
| ଉତ୍କଳ ସଂସ୍କାରକ | ୧୮୭୪, ଅଗଷ୍ଟ | ମାଲକମଲ ଦତ୍ତ | ଉତ୍କଳ ପ୍ରିଣ୍ଟିଂ କମ୍ପାନୀ ବାଲେଶ୍ୱର | |
| ଊର୍ମି | — | — | | ରେଭେନ୍ସା କଲେଜ ପଶ୍ଚିମ ଛାତ୍ରାବାସ ମୁଖପତ୍ର |

| ପତ୍ରିକାର ନାମ | ପ୍ରକାଶନ କାଳ | | | | ସମ୍ପାଦନ ଓ ପ୍ରକାଶନର ସୂଚନା |
|---|---|---|---|---|---|
| ଉତ୍କଳ ବାନ୍ଧବୀ | | ବଳରାମ ଦାସ | କଲିକତା | | |

( ଏ )

| | | | | | |
|---|---|---|---|---|---|
| ଏକାଙ୍କିକା ( ଆଜର ଏକାଙ୍କିକା ) | ୧୯୭୭ | ଆଶ୍ବିନୀ କୁମାର ପଟ୍ଟନାୟକ | କଟକ | ତ୍ରୈମାସିକ | ନାଟକ ଓ ଏକାଙ୍କିକା ସଂପର୍କୀୟ ଆଲୋଚନା |
| ଏକା ଏକା | ୧୯୮୬ | ଡକ୍ଟର ହିମାଂଶୁ ପଟ୍ଟନାୟକ | ଭୁବନେଶ୍ବର | ଷାଣ୍ମାସିକ | ସାହିତ୍ୟ ସଂସ୍କୃତି ମୂଳକ ପତ୍ରିକା । |
| ଏଷଣା | ୧୯୮୦ | ଡକ୍ଟର ଖେଳବାସୀ ନାୟକ | କଟକ | ଷାଣ୍ମାସିକ | ଓଡ଼ିଆ ଗବେଷଣା ପତ୍ର-ପତ୍ର ମୁଖପତ୍ର |
| Advertiser | ୧୯୩୬ | କେଶବ ନାରାୟଣ | ବ୍ରହ୍ମପୁର, ଗଞ୍ଜାମ | | ଓଡ଼ିଆ, ଇଂରାଜୀ ରଚନା-ମାନ ପ୍ରକାଶିତ |
| ଏକତାନ | ୧୯୫୭ | ରାଧାମୋହନ ଗଡ଼ନାୟକ | କଟକରୁ ପ୍ରକାଶିତ | | ସାହିତ୍ୟ ପତ୍ରିକା କେବଳ ପ୍ରଥମ ସଂଖ୍ୟାଟି ପ୍ରକାଶ ପାଇଥିଲା । |

( ଓ )

| | | | | | |
|---|---|---|---|---|---|
| ଓଡ଼ିଆ ସରକାରୀ ଗେଜେଟ | ୧୮୫୧ | ରେଭେରେଣ୍ଡ (Lecyଙ୍କ ପୁତ୍ର) ସି. ଲେସି. | | | |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦକ ଓ ପ୍ରକାଶକର ସୂଚନା | | |
|---|---|---|---|---|
| ଓଡ଼ିଆ ପେଟ୍ରିଅଟ୍ ବା ଉତ୍କଳ ହିତୈଷିଣୀ | ୧୮୬୯, ଫେବୃୟାରୀ ୧୬ ତାରିଖ, ମଙ୍ଗଳବାର (ତା ୨୩।୧୨।୧୮୬୯ରିଖ ପତ୍ରିକାରୁ ପ୍ରାପ୍ତ ) | କାଳୀପଦ ବନ୍ଦୋପାଧ୍ୟାୟ ମେନେଜର ଚନ୍ଦ୍ରନାରାୟଣ ପଣ୍ଡିତ | କଟକ ପ୍ରୋସାଇଟି | ଉତ୍କଳ ପତ୍ରିକା ସହିତ ଅନୁକୂଳ ସମ୍ପର୍କ । ଏହା ପ୍ରଥମେ ୧୮୬୧ରେ କଲ୍‌କନ୍ ସାହେବଙ୍କ ଅମଳରେ ପ୍ରକାଶିତ ହୋଇଥିଲା । କଟକରେ ସରକାରଙ୍କ ଉତ୍କଳାନୁବାଦ କାର୍ଯ୍ୟାଳୟର ସ୍ଥଳକାୟ ବାର୍ଷିକ ସମ୍ବଳିତ ଅଛି । |
| ଓଡ଼ିଆ (ସମ୍ବାଦପତ୍ର) | ୧୮୮୭ | ଦ୍ୱାରକାନାଥ ଦାସ | ହାଟବାଟ୍ରି ଷ୍ଟ୍ରିଟ୍ ବାଲେଶ୍ବର ଉତ୍କଳ ପ୍ରେସ | ଓଡ଼ିଆ ଓ ଇଂରାଜୀ ଏକ ଦୋଭାଷୀ ପତ୍ରିକା |
| ଓଡ଼ିଆ ଓ ନବସମ୍ବାଦ ( ସାପ୍ତାହିକ ) | ୧୮୮୮ ଜାନୁୟାରୀ | — | ବାଲେଶ୍ବର ରାଜବଂଶର ସାହାଯ୍ୟରେ ପ୍ରକାଶିତ । | ଏଥିରେ ସାହିତ୍ୟ ଓ ସମ୍ବାଦ ପରିବେଷଣ କରାଯାଉଥିଲା । |
| Orissa Patriot | ୧୮୮୮ | — | କଟକ | |
| The Oriya | — | କୁଳବୃଦ୍ଧ ମଧୁସୂଦନ ଦାସ | — | — |
| Orissa police magazine | - | | ଓଡ଼ିଶା ପୋଲିସ ବଜାର ଇରଙ୍ଗରୁ | |
| Orissa students | ୧୮୮୭ | ଲକ୍ଷ୍ମୀନାରାୟଣ ଦାଶଗୁପ୍ତ | କେନ୍ଦ୍ରାପଡ଼ା | ଇଂରାଜୀ ପତ୍ରିକା |

| ପତ୍ରିକାର ନାମ | ପ୍ରକାଶନ କାଳ | | | | ସଂପାଦନ ଓ ପ୍ରକାଶନର ସୂଚନା |
|---|---|---|---|---|---|
| | | ( କ ) | | | |
| ବ୍ରଜାବର ପତ୍ର | ୧୮୨୭ | ମହାତ୍ମା ସାଧୁ ସୁନ୍ଦର ଦାସ | କୃଷ୍ଣଦର ଗ୍ରାମ (କଟକ ଜିଲ୍ଲା) | ହାତଲେଖା ପତ୍ରିକା | ସାଧୁ ସୁନ୍ଦର ଦାସ ବାବାଙ୍କ ମଠରୁ ତତ୍କାଳୀନ ନରବାଳ ପତ୍ର ଉପରେ ଧର୍ମଗତ, ରାଜମତ ଆଦି ବିଷୟରେ ଏହି ହାତଲେଖା ପତ୍ରିକାର ସୃଷ୍ଟି ହୋଇଥିଲା। ଏହି ସାଧୁ ସୁନ୍ଦର ଥିଲେ ଏହାର ଉଦ୍ୟୋକ୍ତା। ଏହାଙ୍କ ମୃତ୍ୟୁ ପରେ ପତ୍ରିକାଟି ବନ୍ଦ ହୋଇ ଯାଇଥିଲା। |
| କଟକ ଷ୍ଟାର | ୧୮୬୯, ଫେବୃୟାରୀ ୧୧ ତାରିଖ, ସୋମବାର | | | | |
| କଟକ ଷ୍ଟାଣ୍ଡାର୍ଡ (English) | ୧୮୬୯, ସେପ୍ଟେମ୍ବର ୭ ତାରିଖ | | | | |
| କମ୍ତୁର କଟୁସତ୍ୟ | ୧୯୭୫ ୧୯୭୮ (ମଇ) | ଜସ୍ୱନ୍ତ ବସୁ ଶ୍ରୀବତ୍ସାଙ୍ଗଣ ବହୁଦାର | ସମ୍ବଲପୁର କଲ୍ୟାଣୀ ପ୍ରିଣ୍ଟର୍ସ, ସମ୍ବଲପୁର | ସାପ୍ତାହିକ | |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦକ ଓ ପ୍ରକାଶକର ସୂଚନା | | | |
|---|---|---|---|---|---|
| କଳିଙ୍ଗ ଦର୍ପଣ | ୧୯୭୦ | ଜସ୍ବନ୍ତ ବସୁ | ସତ୍ୟବ୍ରତ ପ୍ରିଣ୍ଟିଂ ପ୍ରେସ, ସମ୍ବଲପୁର | ସାପ୍ତାହିକ | |
| କଟୁଭ | ୧୯୭୧ | ଶିବନାରାୟଣ ବଡ଼ଦାର | | | |
| କୃଷକ ମଜଦୁର | ୧୯୭୫ | ରାଧୁଶୀଳନ | ଗୋପାଳ ପ୍ରିଣ୍ଟର୍ସ, ସମ୍ବଲପୁର | ଦୈନିକ | |
| କୋଣାର୍କ | ୧୯୫୮ | ସମ୍ପାଦନା ଓଡ଼ିଶା ସାହିତ୍ୟ ଏକାଡେମୀ | ଭୁବନେଶ୍ୱର | ତ୍ରୈମାସିକ | ଗବେଷଣାମୂଳକ ପ୍ରବନ୍ଧ ରଚନା ପ୍ରକାଶିତ । ଓଡ଼ିଶା ସାହିତ୍ୟ ଏକାଡେମୀର ମୁଖପତ୍ର । |
| କଲ୍ୟାଣୀ | ପ୍ରାୟ ୧୯୫୦ରୁ ଆରମ୍ଭ | ଦଶରଥ ସାମଲ | ଓଡ଼ିଶା ରାଜ୍ୟ ସମବାୟ ସଂଘ ତରଫରୁ ପ୍ରକାଶିତ | ମାସିକ | |
| କୁଙ୍କୁମ | ୧୯୪୮ | ଦେବ ମହାପାତ୍ର | କଟକରୁ ପ୍ରକାଶିତ | | ହାତ ଲେଖା ଓଡ଼ିଆ ଲଘୋ ପତ୍ରିକା |
| କାନ୍ତି | ୧୯୬୦ ଜୁନ୍ | ଗୌରୀଶଙ୍କର ମହାପାତ୍ର, ବ୍ରଜେନ୍ଦ୍ର ଶତପଥୀ, କାଶୀନାଥ ସାହୁ | ଶାରଦାପ୍ରେସ, ଚନ୍ଦନହଜ ପଡ଼ା, କଟକ-୩ | ମାସିକ | ସାହିତ୍ୟ ପତ୍ରିକା |
| କଳିଙ୍ଗ | ୧୯୬୮-୬୯ | ସୁରେନ୍ଦ୍ର ମହାନ୍ତି | କଟକ | ଦୈନିକ | ସମ୍ବାଦପତ୍ର |
| କିଶୋର | ୧୯୬୪ | କାହ୍ନୁଚରଣ ପଟ୍ଟନାୟକ | ଗ୍ରନ୍ଥ ଯାତ୍ରୀ ପ୍ରେସ, କଟକ | ମାସିକ | ଶିଶୁପତ୍ରିକା |
| କଷଟୀ | ୧୯୮୧, ଏପ୍ରିଲ | ଗୋକୁଳ ମିଶ୍ର | ବାର୍ଷିକ (ଯାଜପୁରରୁ ପ୍ରକାଶିତ) | ଆଲୋଚନା ମୂଳକ | ସାହିତ୍ୟ ପତ୍ରିକା |

| ପତ୍ରିକାର ନାମ | ପ୍ରକାଶନ କାଳ | | ସମ୍ପାଦକ ଓ ପ୍ରକାଶକର ସୂଚନା | | |
|---|---|---|---|---|---|
| ଝଲକା | ୧୯୬୬ | ଜାହ୍ନୁଚରଣ ରଥ | ଟିଟିଲାଗଡ଼, ବଲାଙ୍ଗିର | ମାସିକ | |
| ଝଙ୍କାର | ୧୯୭୦ | ବିପିନ ବିହାରୀ ବିଶାଳ | ପ୍ରଥମେ ଗଞ୍ଜାମ ଓ ପରେ ଜଳେଶ୍ୱର | ସାହିତ୍ୟ ସଂସଦର ମୁଖପତ୍ର | |
| କୋଶଳକା | ୧୯୭. | ନୀଳାଚଳ ମିଶ୍ର ରଘୁନାଥ ସେନାପତି | ପାଟଣାଗଡ଼, ରଣବାସସ୍ଥ ସାହିତ୍ୟ ଚକ୍ର ଅନୁକୂଲ୍ୟରେ | ସାମୟିକ | ମୁଖପତ୍ର |
| ଝଲକା | ୧୯୬୬ | ଜଣ୍ଟୁ ଶ୍ରୀ କରଣ ଦାସ | କଲିକତା | ମାସିକ | ସାହିତ୍ୟ ପତ୍ରିକା |
| ଢଙ୍କଳପାଚଞ୍ଚ | ୧୯୫୨ | ସୁଧାକର ସ୍ୱାଇଁ | ୭-ସୁଧାମୋହନ | | |
| ଝଲଟେଲବ (ଜାଗ୍ରତ ଜୀବନ | | | ଥାହିଲ ଟ୍ରେନ୍ କଟକ-୨ | ମାସିକ | ହାସ୍ୟବ୍ୟଙ୍ଗ ପତ୍ରିକା |
| କୃଷକ | ୧୯୩୮ | ପ୍ରଥମେ ସମ୍ପାଦକ ମାଳତୀ ଚୌଧୁରୀ ନବକୃଷ୍ଣ ଚୌଧୁରୀ ବାଙ୍କ ବିହାରୀ ଦାସ ପ୍ରସନ୍ନ କିଶୋର ଦାସ, ଗୋବର୍ଦ୍ଧନ ମିଶ୍ର ବଳଭଦ୍ର ପଟ୍ଟନାୟକ, ଗୋବିନ୍ଦ ଦାସ | କୃଷକ ପ୍ରେସ୍, କଟକ | ସାପ୍ତାହିକ | |
| କୋଣାର୍କ | | ୧୯୫୫, ଏପ୍ରିଲ | ସଚ୍ଚିଦାନନ୍ଦ ଦାସ ସୁରେନ୍ଦ୍ର ମୋହନ ଦାସ ଦୁର୍ଗାଚରଣ ମହାନ୍ତି | ତ୍ରୈମାସିକ | କଳାର ଓ ସାହିତ୍ୟ ପତ୍ରିକା । |

| ପତ୍ରିକାର ନାମ | ପ୍ରକାଶନ କାଳ | ସଂପାଦକ ଓ ପ୍ରକାଶକର ନାମ | | | |
|---|---|---|---|---|---|
| କଳ୍ପ | ୧୯୭୪ | ରଞ୍ଜନ, ଚନ୍ଦ୍ର ଦାସ | | | |
| କାର୍ତ୍ତିକ ? | ୧୯୭୭ ଡିସେମ୍ବର | ନୀଳାବତୀ ଦେବ | ୧୦/, କଳକରୋଡ଼ କଲିକତା-୧୯ | ମାସିକ | ଶାରଦୀୟ କାଳୀ ପତ୍ରିକା । |
| କୋଶଳ | ୧୯୭୧, ସେପ୍ଟେମ୍ବର | ଶ୍ରୀବନ୍ଧନ ତ୍ରିପାଠୀ | ସତ୍ୟବ୍ରତ ପ୍ରିଣ୍ଟିଂ ପ୍ରେସ, ସମ୍ବଲପୁର | ଦୈନିକ | |
| କଳାପାଣ୍ଡିଆ ଜିଲ୍ଲାଲେଖ | | ରବୀନ୍ଦ୍ର ସିଂହ | କଟକ | | |
| କୃଷିଶାଳ | ୧୯୭୫ | ଦେବ ପ୍ରସାଦ ମହାନ୍ତି | କଟକ | ସାମୟିକ | |
| କାବ୍ୟ | | ବ୍ରଜନାଥ ରଥ | ବାଲେଶ୍ୱର | ସାମୟିକ | କବିତା ସଂକଳନ ଓ କବିତା ଆଲୋଚନା ପତ୍ରିକା । |
| କୁରୁକ୍ଷେତ୍ର | — | ଚନ୍ଦ୍ର ରଂଜନ ମିଶ୍ର | ପୁରୀ | ମାସିକ | |
| କୈବଲ୍ୟ | ୧୯୮୦ — | | କଟକ | ଦ୍ୱିମାସିକ | |
| କାକଳି | ୧୯୮୧ | ଦେବାଶିଷ ଚକ୍ରବର୍ତ୍ତୀ | କେନ୍ଦୁଝର | | ତ୍ରୈମାସିକ ସାହିତ୍ୟପତ୍ର |
| କବିତା | ୧୯୫୪ | ଦୁର୍ଗାଚରଣ ପରିଡ଼ା ଓ କୃଷ୍ଣଚରଣ ବେହେରା | ଶାନ୍ତିନିକେତନରୁ ପ୍ରକାଶିତ ହେଉଥିଲା | | |
| କୋରାପୁଟ | ୧୯୮୦ | — | କଟକ | | |

| ପତ୍ରିକାର ନାମ | ପ୍ରକାଶନ କାଳ | | ସମ୍ପାଦକ ଓ ପ୍ରକାଶନର ସୂଚନା | |
|---|---|---|---|---|
| ଚୌମୋଦକ | ୧୯୬୭ | | ଦଶମାଛ ଗାଡ଼ଆ ହ୍ୱାଇସ୍‌ଲରୁ | |
| ଚୋବାଲକ | ୧୯୬୦ | ପ୍ରଶନ୍ତ କୁମାର ମିଶ୍ର ଓ ଦିବ୍ୟସିଂହ ବେହେରା | ପରଜଙ୍କ ଉଚ୍ଚ ବିଦ୍ୟାଳୟ | |
| କଳା ଓ କଳଙ୍କ | — | ଭେଙ୍କୁ ଚରଣ ପଟ୍ଟନାୟକ ଓ ନବୀନ ଚନ୍ଦ୍ର ପାଢ଼ୀ | ମାସିକ ମିଳ ପତ୍ରିକା ବ୍ରହ୍ମପୁରରୁ | |

( ଖ )

| | | | | |
|---|---|---|---|---|
| ଖବରକାଗଜ | ୧୯୮୨ | ଧୀରେନ୍ ପଟ୍ଟନାୟକ | ଭୁବନେଶ୍ୱର | ଦୈନିକ ସମ୍ବାଦପତ୍ର, |
| ଖଦ୍ୟୋତ | ୧୯୬୨ | ଡାକ୍ତର ନବକେତନ ସାହୁ | କ୍ରାନ୍ତି ପ୍ରିଣ୍ଟିଂ ପ୍ରେସ, ସମ୍ବଲପୁର | |

( ଗ )

| | | | |
|---|---|---|---|
| Ganjam News | ୧୮୯୬ | ଶ୍ୟାମସୁନ୍ଦର ରାଜଗୁରୁ | ଆରଲାଣ୍ଡମେଣ୍ଟ ପ୍ରେସ, କଟକ |
| ଗଞ୍ଜାମ ଓଡ଼ିଆ ହିତବାଦିନୀ | ୧୮୯୯, ଜୁନ୍ | ପଣ୍ଡିତ ଗଦାଧର ବିଦ୍ୟାଭୂଷଣ, ପରେ ନନ୍ଦ-କିଶୋର ଚନ୍ଦ୍ରାମଣି ମହାନ୍ତି ଭଞ୍ଜକୋଳା:—ସ୍ୱର୍ଣ୍ଣ ଜହ୍ନୁକ ସ୍ୱାମ୍ୟ | ବ୍ରହ୍ମପୁର |

| ପତ୍ରିକାର ନାମ | ପ୍ରକାଶନ କାଳ | ସଂପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ଗଣ ଇସ୍ତାହାର | ୧୯୮୨ | ଶୀତକଣ୍ଠ ପାଣିଗ୍ରାହୀ | ବରଗଡ଼ | | ସାପ୍ତାହିକ ସମ୍ବାଦପତ୍ର |
| ଗଡ଼ଜାତ ବାସିନୀ | ୧୯୨୨ | ତାଳଚେର ରାଜା କିଶୋର ଚନ୍ଦ୍ର ଦେବ | କିଶୋର ପ୍ରେସ, ତାଳଚେର | | ସାପ୍ତାହିକ |
| ଗଙ୍ଗୋତ୍ରୀ | ୧୯୮୩ | କୃଷ୍ଣ ଚରଣ ବେହେରା | କଟକ | | ତ୍ରୈମାସିକ ସାହିତ୍ୟ ପତ୍ରିକା |
| ଗ୍ରାମସେବକ | — | ଶ୍ରୀ ରତନ ଦାସ | ଉତ୍କଳ ସର୍ବୋଦୟ ମଣ୍ଡଳ, କଟକ-୧ | | ସର୍ବୋଦୟ ଆନ୍ଦୋଳନର ବାର୍ତ୍ତାବହ |
| ଗଣତନ୍ତ୍ର | ୧୯୫୬ | ସୁରେନ୍ଦ୍ର ମହାନ୍ତି | କଟକ | | ଦୈନିକ ସମ୍ବାଦ ପତ୍ର |
| ଗଣବାଣୀ | | ଅଶୋକ କୁମାର ଷଡ଼ଙ୍ଗୀ | ସମ୍ବଲପୁର | | ଦୈନିକ ସମ୍ବାଦ ପତ୍ର |
| ଗାନ୍ଧୀସମାଚାର | ୧୯୨୪ | ନିରଞ୍ଜନ ପଟ୍ଟନାୟକ | | | ପ୍ରଥମ ଦୈନିକ ପତ୍ର । ଗାନ୍ଧୀଙ୍କ ଓଡ଼ିଶା ଆଗମନ ସମୟରେ ମାତ୍ରକ ପାଇଁ ପ୍ରକାଶିତ । ଏଥିରେ ଲେଖା ହୋଇ ଗାନ୍ଧୀଜୀଙ୍କ ଗସ୍ତକ୍ରମ ଓ ଭାଷଣ ପ୍ରକାଶ କରୁଥିଲା । |
| ଗୃହଦର୍ପଣ | ୧୯୩୭ | | | | ମାସିକ ପତ୍ରିକା, ବଡ଼-ଖେମୁଣ୍ଡି ଗଞ୍ଜାମରୁ ପ୍ରକାଶିତ । |
| ଗ୍ରାମଶକ୍ତି | ୧୯୬୭ | ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ | ଭୁବନେଶ୍ୱର | ମାସିକ ପତ୍ରିକା | ଗ୍ରାମ୍ୟ ସଂସ୍କୃତି ଓ ଅର୍ଥନୀତି ଆଧାରିତ |
| ଗାଁ ଭୂଇଁ | ୧୯୫୪, ମାର୍ଚ୍ଚ | ଜନାର୍ଦ୍ଦନ ଜେନା, ବୀର କିଶୋର ପାଣ୍ଡି | କୋଠପୁର, କଟକ | ମାସିକ | ଗାଁ ଗହଳର ସମସ୍ୟା ମୂଳକ ପତ୍ରିକା |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ଗଳ୍ପ | ୧୯୭୦ | ବଇଭୁତ ପଟ୍ଟନାୟକ | ଜଗନ୍ନାଥ ରଥ, କଟକ | ତ୍ରୈମାସିକ ଗଳ୍ପ ଓ ଗଳ୍ପ ଆଲୋଚନା | ଧର୍ମୀପତ୍ରିକା |
| ଗଳ୍ପଟିକ | ୧୯୭୭ | ପ୍ରତିଷ୍ଠାତା-ବଳରାମ ସାହୁ ସମ୍ପାଦକ-ଅପୂର୍ବ ରଞ୍ଜନ ରାୟ | ଭଦ୍ରକ | ଦ୍ୱିମାସିକ | ଗଳ୍ପ ପତ୍ରିକା |
| ଗିରଟିକ | | ଶୁଭେନ୍ଦୁ ମୁଣ୍ଡ | ଭବାନୀ ପାଟଣା | ତ୍ରୈମାସିକ | ମହାବୀର ସାଂସ୍କୃତିକ ସଂସଦର ମୁଖପତ୍ର |
| ଗୋକର୍ଣ୍ଣିକା | ୧୯୮୧ | ଗୋ କର୍ଣ୍ଣିକା ସାହିତ୍ୟ ସଂସଦର ମୁଖପତ୍ର ରମାକାନ୍ତ ଜେନା | ଧର୍ମଶାଳା | ମାସିକ | ସାହିତ୍ୟ ପତ୍ରିକା |
| ଗଳ୍ପ ନ ଗଙ୍ଗୀ | | ହରପ୍ରସନ୍ନ ଦାସ | କଟକ | — | ଗଳ୍ପ ପତ୍ରିକା |
| ଗୌରବ | ୧୯୭୦ ପରବର୍ତ୍ତୀ | ଉମେଶ ଚନ୍ଦ୍ର ସାହୁ | କେନ୍ଦୁଝର | ମାସିକ | କିଶୋର ପତ୍ରିକା |
| ଗୋଧୂଳି ଲଗ୍ନ | ୧୯୮୦ | ପ୍ରସନ୍ନ ବରାଳ | - | ତ୍ରୈମାସିକ | ସାହିତ୍ୟ ପତ୍ରିକା |

( ଙ )

| | | | | | |
|---|---|---|---|---|---|
| ଙ୍କାର | ୧୯୭୦ | ଗୁରୁ ମହାନ୍ତି ପ୍ରଶାନ୍ତ ପଟ୍ଟନାୟକ କୈଳାସ ଲେଙ୍କା | ମଙ୍ଗଳାବାଗ ବଜାର କଟକ-୧ | | |

| ପତ୍ରିକାର ନାମ | ପ୍ରକାଶନ କାଳ | | ସମ୍ପାଦକ ଓ ପ୍ରକାଶକର ସୂଚନା | | |
|---|---|---|---|---|---|
| | | | **( ଚ )** | | |
| ଚେତାବନୀ | ୧୯୭୦ | ଅର୍ଣ୍ଣିମା ମିଶ୍ର | ପୂର୍ଣ୍ଣିମା ପ୍ରିଣ୍ଟିଂ ପ୍ରେସ, ସମ୍ବଲପୁର | ସାମୟିକ | |
| ଚନ୍ଦ୍ରଆଖନା | ୧୯୭୨ | ପ୍ରମୋଦ ନନ୍ଦ | — | ସାମୟିକ | |
| ଚତୁରଙ୍ଗ | ୧୯୪୫ | ବଳେନ୍ଦ୍ର ସିଂହ-ଦେଓ | ବଲାଙ୍ଗିର | — | ସୃଷ୍ଟି ଓ ସଂରକ୍ଷଣଧର୍ମୀ ସାହିତ୍ୟ ପତ୍ର |
| ଚନ୍ଦ୍ରିକା | ୧୯୬୮ | ପ୍ରଶାନ୍ତ କୁମାର ପଟ୍ଟନାୟକ ସୁରେନ୍ଦ୍ର ସା ବେହେରା | ଦାଶରଥୀ ପ୍ରକାଶିକା ବଣିଆବାଡ଼, କଟକ-୧ | — | |
| ଚକ୍ରବୃତ୍ତ | ୧୯୬୮ | ବସନ୍ତ ପଟ୍ଟନାୟକ | କଟକ | ସାମୟିକ | ( ସାପ୍ତାହିକ, ମାସିକ ) |
| ଚଳନ୍ତିକା | ୧୯୬୮ | ନବୀନ ବିହାରୀ ନନ୍ଦ | ଅନୁଗୁଳ | ମାସିକ | ସମ୍ବାଦ ଓ ସାହିତ୍ୟ ପତ୍ରିକା |
| ଚକୋଲେଟ୍ | — | ହର ପ୍ରସନ୍ନ ଦାସ | ଭୁବନେଶ୍ୱର | ମାସିକ | ଶିଶୁ ପତ୍ରିକା । |
| ଚକା ଚକା ଭଉଁରି | ୧୯୭୭ | ଶ୍ରୀ ଦୁର୍ଗା ଷ୍ଟୋର | କଟକ | ମାସିକ | ଶିଶୁପତ୍ରିକା । |
| ଚନ୍ଦନ ଗନ୍ଧ | ୧୯୬୬ | ଶ୍ୟାମ ସିଙ୍ଘେର | କୃଷ୍ଣା ପ୍ରିଣ୍ଟିଂ ପ୍ରେସ, ସମ୍ବଲପୁର । | | |

| ପତ୍ରିକାର ନାମ | ପ୍ରକାଶନ କାଳ | ସଂପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ଚଟି | | ବସନ୍ତରଞ୍ଜନ ମହାପାତ୍ର | କଟକ | ସାମୟିକ | ସାହିତ୍ୟ ପତ୍ରିକା-ଚଟି ଆକାରରେ ଲେଖାମାନ ପ୍ରକାଶିତ । |
| ଚଳଚ୍ଚିତ୍ର ଜଗତ | | ଗୁରୁପ୍ରସାଦ ପାତ୍ର | କଟକ | ମାସିକ | ଓଡ଼ିଆ ଚଳଚ୍ଚିତ୍ର ପତ୍ରିକା |
| ଛବି | | ଶରଣ କୁମାର | କଟକ | ମାସିକ | ଓଡ଼ିଆ ଚଳଚ୍ଚିତ୍ର ପତ୍ରିକା |
| ଚିତ୍ରପୁରୀ | — | ବିନୋଦ କୁମାର ନନ୍ଦ | କଟକ | ମାସିକ | ଓଡ଼ିଆ ଚଳଚ୍ଚିତ୍ର ପତ୍ରିକା |
| ଚନ୍ଦ୍ରୋତ୍ପଳା | — | — | — | — | ବାଲେଶ୍ୱର ହାଇସ୍କୁଲ ମୁଖପତ୍ର |
| ଚନ୍ଦ୍ରିକା | ୧୮୭୮, ସେପ୍ଟେମ୍ବର | — | — | | ଭକ୍ତ ପ୍ରଚାରିଣୀ ସଭାଦ୍ୱାରା, ପୁରୀରୁ ପାକ୍ଷିକ ପତ୍ରିକା |

(ଛ)

| | | | | | |
|---|---|---|---|---|---|
| ଛାତ୍ରବନ୍ଧୁ | — | | | | ରେଭେନ୍‌ସା କଲେଜିଏଟ୍ କଟକର ମୁଖପତ୍ର |
| ଛାତ୍ରସାଥୀ | ୧୯୭୦ | ଆର୍. ପତ୍ରୀ | ଛାତ୍ରସାଥୀ ପ୍ରେସ | ମାସିକ | ଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ |
| ଛାତ୍ର | ୧୯୫୬ | ଗୌରୀଶଙ୍କର ରଥ | ରଥପ୍ରେସ, ବ୍ରହ୍ମପୁର | ସାପ୍ତାହିକ | |
| ଜାଗରଣ | ୧୯୬୩ | ଉଦ୍ୟାନନ୍ଦ ବହିଦାର ନୃସିଂହ ଗୁରୁ | ଫ୍ରେଣ୍ଡସ ପ୍ରେସ, ସମ୍ବଲପୁର | | |
| ଯୁଗବାଣୀ | ୧୯୬୩ | ପଣ୍ଡିତ ରଘୁନାଥ ମିଶ୍ର | ବଲାଙ୍ଗିର | ଦୈନିକ | ସମ୍ବାଦପତ୍ର |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦକ ଓ ପ୍ରକାଶନର | | | ସୂଚନା |
|---|---|---|---|---|---|
| ଯୁଗବାଣୀ | ୧୯୩୩ | ଦିବାକର ମହାପାତ୍ର<br>କାଳିନ୍ଦୀ ଚରଣ ପାଣିଗ୍ରାହୀ | ସବୁଜ ସାହିତ୍ୟ ସମିତି, କଟକ | ମାସିକ | ମୁଖପତ୍ର (ସବୁଜ ସାହିତ୍ୟ) ସମିତି |
| ଜୀବନ ରଙ୍ଗ | ୧୯୬୬ | ରଣଧୀର ଦାସ | ଷ୍ଟୋନବୋର୍ଡ଼ କଟକ-୨ | ମାସିକ | |
| ସାପ୍ତାହିକ-ସଙ୍କଳ୍ପରେଖା | ୧୯୫୧ | ରବୀନ୍ଦ୍ର ସିଂହ | କଟକ | | |
| ଜ୍ୟୋତ୍ସ୍ନା | ୧୯୫୦ | ରାଧାଗୋବିନ୍ଦ ପଟ୍ଟନାୟକ | ଫାଟକ, ସମ୍ବଲପୁର | ମାସିକ | ସାହିତ୍ୟ ପତ୍ରିକା |
| ଜନ୍ମଭୂମି | — | ଦେବକିଶୋର ଦାସ | କଟକ | ପାକ୍ଷିକ | ଓଡ଼ିଆ ଜାତୀୟତା, ଓ ସଂସ୍କୃତି |
| ଜୀବନ | ୧୩୬୦ ସାଲ | ହୃଷୀକେଶ ଗୁପ୍ତ | — | — | — |
| ଯୁଗନାରୀ | ୧୯୬୨ | ଡକ୍ଟର ରାଧାରାଣୀ | ବାଲେଶ୍ୱର ସେବା-ସଦନ, ମୋତିଗଞ୍ଜ | ମାସିକ | ନାରୀ ପତ୍ରିକା |
| ଜନସାଥୀ | ୧୯୬୮, ଫେବୃଆରୀ | କୃଷ୍ଣଶ୍ୟାମ ମହାନ୍ତି | ନଟବରଦତ୍ତ ରୋଡ଼ କଲିକତା-୧୨ | ମାସିକ | ସାହିତ୍ୟ ପତ୍ରିକା |
| ସାଇକେଲବେଲ | ୧୯୫୬ | ଗଜେନ୍ଦ୍ର କୁମାର ନାୟକ | ରାମଗଡ଼, କଟକ-୧ | ପାକ୍ଷିକ | ହାସ୍ୟ ରସାତ୍ମକ ପତ୍ରିକା |
| ଜନଶକ୍ତି | ୧୯୬୭ | ଲୋକନାଥ ମିଶ୍ର | କଟକ | ଦୈନିକ | ସମ୍ବାଦ ପତ୍ର |
| ଜହ୍ନମାମୁଁ | ୧୯୩୨ | ବାଳକୃଷ୍ଣ କର | ସାରସ୍ୱତ ପ୍ରେସ, କଟକ | ମାସିକ | ଶିଶୁ ପତ୍ରିକା । |
| ଜହ୍ନମାମୁଁ | ୧୯୫୬ | ଶ୍ରୀ ଚକ୍ର ପାଣି | ଚନ୍ଦମାମା ପ୍ରତିଷ୍ଠାନ ମାନ୍ଦ୍ରାଜ | ମାସିକ | ଶିଶୁ ପତ୍ରିକା । |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ଯୁବଭେଷ୍ଟା | — | ଉପେନ୍ଦ୍ର ନାୟକ | ବାଲେଶ୍ୱର | ତ୍ରୈମାସିକ | ସାହିତ୍ୟ ପତ୍ରିକା । |
| ଯୁବସ୍ୱରଶ୍ମି | ୧୯୫୭ | ଶ୍ରୀମତୀ ରାଧାମଣି ମହାପାତ୍ର ରଣଜିତ ସିଂହ | ୧୪୪, ଚନ୍ଦ୍ରବଜାର ଷ୍ଟ୍ରିଟ୍ କଲିକତା—୧୨ | ମାସିକ | — |
| ଯୁଗସ୍ୱପ୍ନ | ୧୯୭୫ | ପ୍ରସନ୍ନ ବେହେରା | — | — | — |
| ଯୁବଶ୍ରୀ | ୧୯୮୦ | — | ବାଣପଡା ଲେଖକ ସମିତି, ବାଣପଡା | — | — |
| ଜନତା | ୧୯୪୫ | ସୁରେନ୍ଦ୍ର ମହାନ୍ତି | କଟକ | ସାପ୍ତାହିକ | — |
| ଯୁଗବାଣୀ | ୧୯୫୫ | ମୃତ୍ୟୁଞ୍ଜୟପ୍ରସାଦ ମହାନ୍ତି | ଯୁଗବାଣୀ ସାହିତ୍ୟ ପରିଷଦ | — | ମୁଖପତ୍ର |
| ଜୟ | ୧୯୭ | ପୂର୍ଣ୍ଣଶ୍ୟାମ ମହାନ୍ତି | ଜୟ ପବ୍ଲିକେଶନ କଲିକତା | ମାସିକ | ଓଡ଼ିଆ ଚଳଚ୍ଚିତ୍ର ପତ୍ରିକା |
| ଜାଗୃତ | ୧୯୬୬ | — | — | | ସ୍ୱେଚ୍ଛାସେବୀ ଟ୍ରେନିଂ ସ୍କୁଲ କଟକ, ମୁଖପତ୍ର |
| ଜାଗ୍ରତ | — | — | | — | ଏନ୍. ସି. କଲେଜର ମୁଖପତ୍ର । |
| ଜନ ସାହିତ୍ୟ | — | ଲକ୍ଷ୍ମୀଧର ନାୟକଙ୍କ ସମ୍ପାଦନାରେ ସଂପାଦିତ | | — | |

| ପତ୍ରିକାର ନାମ | ପ୍ରକାଶନ କାଳ | ସଂପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ଜାଗରଣ | — | — | — | | ପୃଙ୍କ ଗ୍ରନ୍ଥାବାସ, ରେଭେନ୍‌ସା କଲେଜ କଟକ, ମୁଖପତ୍ର |
| ଜ୍ୟୋତି | — | — | — | | ଗୁଣ୍ଡିଚାଟ ହାଇ-ସ୍କୁଲ ମୁଖପତ୍ର |
| **( ଝ )** | | | | | |
| ଝଙ୍କାର | ୧୯୪୯ ଏପ୍ରିଲ | ଡ: ହରେକୃଷ୍ଣ ମହତାବ | କଟକ | ମାସିକ | ସାହିତ୍ୟ ପତ୍ରିକା |
| ଝରନ୍‌ | ୧୯୭୨ | ନୃସିଂହ ଦେହୁରୀ, | ସମଲେଶ୍ୱରୀ ପ୍ରିଣ୍ଟର୍ସ ସମ୍ବଲପୁର | ମାସିକ | — |
| ଝରଣା | ୧୯୭୦ ଅକ୍ଟୋବର | ରାଜ କିଶୋର ମହାନ୍ତି | ସଖାସାହିତ୍ୟ ସଂସଦ | ମାସିକ | ସାହିତ୍ୟ ପତ୍ରିକା |
| ଝଙ୍କଣୀ | ୧୯୫୮ | — | — | | କଲ୍ଲେପାଟଣା ହାଇସ୍କୁଲ, ମୁଖପତ୍ର |
| **( ଟ )** | | | | | |
| ଟୁଆଁ ଟୁଇଁ | ୧୯୫୭ | ଗୋଦାବରୀଶ ମହାପାତ୍ର | ନିଆଁଖୁଣ୍ଟା ପ୍ରେସ ହରପୁର ରୋଡ଼, କଟକ | ମାସିକ | ଶିଶୁପତ୍ରିକା |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦକ ଓ ପ୍ରକାଶକର ସୂଚକ | | | |
|---|---|---|---|---|---|
| ଝୁଙ୍କୁମୁଣ୍ଡି | ୧୯୭୨ | ସୁରେନ୍ଦ୍ରକୁମାର ସାମନ୍ତରାୟ | ଶିଶିର, ପୁରୀ | ମାସିକ | ଶିଶୁପତ୍ରିକା |
| ଝିକି ଝୁକଅଁ | ୧୯୮୦ | ପ୍ରଶାନ୍ତ ମହାନ୍ତି | କଟକ | ମାସିକ | ଶିଶୁପତ୍ରିକା |
| ( ଡ ) | | | | | |
| ଡଗର | ୧୯୬୩ | କାନ୍ତଚନ୍ଦ୍ର ଲକ୍ଷ୍ମୀକାନ୍ତ ମହାପାତ୍ର, ନିତ୍ୟାନନ୍ଦ ମହାପାତ୍ର, ରାଜମୋହନ ଦାସ, ପରିଚାଳନା:-ଫକୀରାନନ୍ଦ | ପ୍ରଥମେ ବ୍ରହ୍ମପୁର ଓ ପରେ କଟକରୁ ପ୍ରକାଶିତ | | ସାହିତ୍ୟ ପତ୍ରିକା |
| ( ତ ) | | | | | |
| ତରଙ୍ଗ | ୧୯୨୫ | ବ୍ୟୋମକେଶ ତ୍ରିପାଠୀ, ଚୌଧୁରୀ ହେମକାନ୍ତ ମିଶ୍ର, ଚିନ୍ତାମଣି ବିରେନ୍ଦ୍ର କୁମାର | କଲିକତାରୁ ପ୍ରକାଶିତ | ମାସିକ | ସାହିତ୍ୟ ପତ୍ରିକା |
| ତରୁଣ | | ପୂର୍ଣ୍ଣଚନ୍ଦ୍ର ମିଶ୍ର | ଭୁବନେଶ୍ୱର | — | |
| ତଥାପି | — | ଗିରୀଶ ଚନ୍ଦ୍ର ମିଶ୍ର | କଟକରୁ | | ସାହିତ୍ୟ ପତ୍ରିକା । |
| ତାରକା | ୧୮୮୩ | [illegible] ଛାତ୍ର ମଣ୍ଡଳୀ | | ମାସିକ | |

| ପତ୍ର ପତ୍ରିକା ନାମ | ପ୍ରକାଶନ କାଳ | | | | |
|---|---|---|---|---|---|
| ତୃପ୍ତି— | — | ସତ୍ୟ ବେହେରା । | ଭଦ୍ରକ | ତ୍ରୈମାସିକ | ସାହିତ୍ୟ ପତ୍ରିକା |
| **( ଦ )** | | | | | |
| ଦିଗନ୍ତ | ୧୯୫୦, ଡିସେମ୍ବର | ମନୋଜ ଦାସ | ଜନ୍ମଭୂମି ପ୍ରେସ ବାଲେଶ୍ୱର | ମାସିକ | ପ୍ରଗତିବାଦୀ ପତ୍ରିକା । |
| ଦିଗ୍‌ବଳୟ | ୧୯୬୨, ନଭେମ୍ବର | ଗୋବିନ୍ଦ ଚନ୍ଦ୍ର ଶେଠ | ଟିଟିଲା, ପୁରୀ | ମାସିକ | ସାହିତ୍ୟ ପତ୍ରିକା । |
| ଦିଗ୍‌ବଳୟ | ୧୯୬୭ | ବଙ୍କିମ ଦାସଗୁପ୍ତ | ସୁନ୍ଦରଗଡ଼ | ସାମୟିକ | — |
| ଦୀପକ | ୧୮୮୯ | — | ଉଦ୍‌ବୋଧିଆ ପ୍ରେସ କଟକରୁ | ସାପ୍ତାହିକ | — |
| ଦେଶଗୌରବ | ୧୯୭୪ | ନେସନାଲ ପ୍ରିଣ୍ଟର୍ସ | ନେସନାଲ ପ୍ରିଣ୍ଟର୍ସ ନୟାଗଡ଼ | — | — |
| ଦେଶବାଣୀ | ୧୯୪୧ | ଦଣ୍ଡପାଣି ମିଶ୍ର | ଟ୍ରଷ୍ଟ ପ୍ରେସ ନୟାଗଡ଼ | ସାପ୍ତାହିକ | |
| ଦୀପ୍ତି | ୧୯୬୨ | ଶଶୀଧର ପଟ୍ଟନାୟକ | ବାଣୀଭବନ ଛତ୍ରପୁର | ତ୍ରୈମାସିକ | ସାହିତ୍ୟ ପତ୍ରିକା |
| ଦୁର୍ମୁଖ | ୧୯୬୦ | ଅଚ୍ୟୁତାନନ୍ଦ କର | କଟକ | ମାସିକ | ସମାଲୋଚନା ମୂଳକ ପତ୍ରିକା |
| ଦର୍ପଣ | ୧୯୬୮ | ନାରାୟଣ ଦାସ | କଟକ | ମାସିକ | ସମାଲୋଚନାମୂଳକ ପତ୍ରିକା |
| ଦାଗ | — | ମିଣ୍ଟୁ ବଡ଼ଜେନା<br>ବିଜୟ ସାମନ୍ତରାୟ<br>ସତ୍ୟପ୍ରିୟ କୁଅଁର | ଭୁବନେଶ୍ୱର | ସାମୟିକ | ମିନି ପତ୍ରିକା |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ଧନଲକ୍ଷ୍ମୀ | ୧୯୮୧ | ବହ୍ନ୍ୟେନ୍ଦ୍ର ମିଶ୍ର | ଭୁବନେଶ୍ୱର | ଦୈନିକ | ସମ୍ବାଦ ପତ୍ର |
| (ଧ) | | | | | |
| ଧର୍ମବୋଧିନୀ | ୧୮୭୩ ମଇ | ଭକ୍ତକବି ମଧୁସୂଦନରାଓ | | | ଏହାର ଉଲ୍ଲେଖ ବାଂଳ ସାମୟିକ ପତ୍ର ୨ୟ ଭାଗ ୮୭ ପୃଷ୍ଠାରେ ମିଳେ । |
| ଧର୍ମକେତୁ | ୧୮୮୪ | ଦ୍ୱାରକାନାଥ ଦାସ<br>ଶିବନାରାୟଣ ନାୟକ | ଉତ୍କଳ ପ୍ରେସ<br>କଟକ | | ଧର୍ମତତ୍ତ୍ୱ ୧୬ ଆଷାଢ଼ ୧୭୭୬ ଶକ ଦ୍ରଷ୍ଟବ୍ୟ । |
| ଧର୍ମଦୂତ | ୧୯୩୩ | - | ଗଞ୍ଜାମ | | ଅସ୍ପୃଶ୍ୟତା ଆନ୍ଦୋଳନର ବିରୋଧୀ ସନାତନ ଧର୍ମର ରକ୍ଷାକଳ୍ପେ ଲେଖାମାନ ପ୍ରକାଶିତ । |
| ଧରଣୀ | ୧୯୫୭ ସେପ୍ଟେମ୍ବର | ନନ୍ଦିନୀ ଶତପଥୀ | କଟକ-୧<br>ପିଠାପୁର | ମାସିକ<br>ପତ୍ରିକା | |
| ଧରଣୀ | ୧୯୭୪ | ରାମନାଥ ପଣ୍ଡାଙ୍କ<br>ପରେ ଦେବେନ୍ଦ୍ର ଶତପଥୀ<br>ପରିଚାଳନା-ଦଣ୍ଡପାଣି ମିଶ୍ର | ଭୁବନେଶ୍ୱର | ଦୈନିକ | ସମ୍ବାଦ ପତ୍ର |
| (ନ) | | | | | |
| ନବ ସମ୍ବାଦ | ୧୮୮୭ | ଭୁପତି ନାଥ ବସୁ | ବାଲେଶ୍ୱର | | ବ୍ରାହ୍ମ ଧର୍ମାଶ୍ରିତ ପତ୍ରିକା<br>ଭଗବାନ ଚରଣ ଦାସ,<br>ଶିବନାରାୟଣ ନାୟକ |

| ପତ୍ରିକାର ନାମ | ପ୍ରକାଶନ କାଳ | | | | ସମ୍ପାଦକ ଓ ପ୍ରକାଶନର ସୂଚନା |
|---|---|---|---|---|---|
| | | | | | ରାମନାଥ ଦାସ ଆଦ୍ୟ ଏହାର ପୃଷ୍ଠପୋଷକ ଥିଲେ । |
| ନବଯୁଗ | ୧୯୨୮ | ଉତ୍କଳାବଧି ମିଶ୍ର<br>କପିଳେଶ୍ୱର ନନ୍ଦ | ଫେଣ୍ଡର ପ୍ରେସ,<br>ସମ୍ବଲପୁର | | ମାସିକ ସାହିତ୍ୟ ପତ୍ର |
| ନବୀନ | ୧୯୩୦ | କୃପାସିନ୍ଧୁ ନରେନ୍ଦ୍ର ପଞ୍ଚଦେବ<br>ପରିଚାଳକ-ଆନନ୍ଦ ଆଚାର୍ଯ୍ୟ<br>ପରିଚାଳକ-ସୀମାଦ୍ରି ପଣ୍ଡା | ବ୍ରହ୍ମପୁର<br>ଗଞ୍ଜାମ | ସାପ୍ତାହିକ | |
| New Orissa | ୧୯୩୩ | ଶଶିଭୂଷଣ ରଥ | ବ୍ରହ୍ମପୁର<br>ଗଞ୍ଜାମ | ଦୈନିକ | |
| ନର୍ତ୍ତକ<br>ଦେଶକଥା | - | ଲାଲ ନଗେନ୍ଦ୍ର କୁମାର<br>ରାୟ | କଟକରୁ ପ୍ରକାଶ | ସାପ୍ତାହିକ | |
| ନବଭାରତ | ୧୯୩୪ | ପଣ୍ଡିତ ନୀଳକଣ୍ଠ<br>ଦାସ | କଟକ | ମାସିକ ସାହିତ୍ୟ ପତ୍ରିକା | ୧୯୪୦ରେ ଦୈନିକ ସଂସ୍କରଣ ପ୍ରକାଶ ପାଇଲା । ଦେଢ଼ବର୍ଷ ପରେ ଏହା ବନ୍ଦ ହୋଇଗଲା ଏହାର ଭାଷା ଓ ପରିବେଷଣ ଶୈଳୀ ଏହାକୁ ବେଶ୍ ଲୋକ-ପ୍ରିୟ କରାଇ ପାରିଥିଲା । |

| ପତ୍ରିକାର ନାମ | ପ୍ରକାଶନ କାଳ | | | | ସମ୍ପାଦନ ଓ ପ୍ରକାଶନର ସୂଚନା |
| --- | --- | --- | --- | --- | --- |
| | | | | | ଏହାପୂର୍ବ ୧୯୪୭ ବେଲକୁ ପ୍ରକାଶ ପାଉଥିଲା । |
| News of the World | ୧୯୬୫ | ପରିଚାଳନା ସଂପାଦକ ଏନ୍, କେ, ମହାପାତ୍ର | କଟକ | ଇଂରାଜୀ ଦୈନିକ- | |
| ନବଜୀବନ | ୧୯୫୭ | ଚନ୍ଦ୍ରମଣି ମିଶ୍ର | କଟକ | ମାସିକ | ସାହିତ୍ୟ ସଂସ୍କୃତି ପତ୍ରିକା । |
| ନବାଁଙ୍କୁଶା | ୧୯୩୮, ମାର୍ଚ୍ଚ ୧୨ ତାରିଖ | ଗୋଦାବରୀଶ ମହାପାତ୍ର | ପ୍ରଥମେ ବ୍ରହ୍ମପୁର ବାବାଜୀ ଭୋଟାରୁ ଓ ପରେ କଟକରୁ | ମାସିକ ୧୯୪୧ ଅକ୍ଟୋବରରୁ ପ୍ରକାଶିତ | ସାହିତ୍ୟ ପତ୍ରିକା ଏବଂ ସଂସ୍କାର ଓ ସମାଲୋଚନା ମୂଳକ ପତ୍ରିକା |
| ନବପତ୍ର | ୧୯୬୨ | ଲକ୍ଷ୍ମୀଧର ନାୟକ ରଜନୀକାନ୍ତ ଦାସ | ଖଲ୍ଲିକୋଟ କଲେଜ ଏକାଡେମୀ | ତ୍ରୈମାସିକ | ସାହିତ୍ୟ ପତ୍ରିକା |
| ନବଜ୍ୟୋତି | --- | --- | ଶ୍ରୀ ଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ | ମାସିକ | ଧର୍ମ ପତ୍ରିକା । |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ନୂଆ ଦୁନିଆଁ | — | ଶରତ ପଟ୍ଟନାୟକ | ନବଯୁଗ ପ୍ରେସ, କଟକ-୨ | ସାପ୍ତାହିକ | |
| ନବସ୍ୱର | ୧୯୬୮ | ଅଚ୍ୟୁତାନନ୍ଦ ନାୟକ ଦୁର୍ଲ୍ଲଭ ଉପେନ୍ଦ୍ର ନାୟକ | — | — | |
| The New Life | ୧୯୫୨ | ସଚ୍ଚିଦାନନ୍ଦ ମୋହନ ମହାନ୍ତି | ଇଣ୍ଡଷ୍ଟ୍ରି ରେଲରୋଡ୍ ପ୍ରାଇଭେଟ, ରୋଡ କଟକ-୩ | ମାସିକ | ସାପ୍ତାହିକ ପତ୍ରିକା |
| ନବରଶ୍ମି | ୧୯୬୦, ଜୁଲାଇ | ରବୀନ୍ଦ୍ର ପରଜା | କଲିକତା | ମାସିକ | ସାହିତ୍ୟ ପତ୍ରିକା ୧୯୬୬ ମସିହା ଠାରୁ ଏହା ବନ୍ଦ ହୋଇଯାଇଛି । |
| ନବ ଭାରତ (ନୂତନସୃଷ୍ଟି) | ୧୯୩୬, ଅକ୍ଟୋବର | ପଣ୍ଡିତ ନୀଳକଣ୍ଠ ଦାସ | ନବଭାରତ ପ୍ରେସ, କଟକ | ମାସିକ | ସାହିତ୍ୟ ପତ୍ରିକା |
| ନବଯୁଗ | ୧୯୫୦, ନଭେମ୍ବର | ଲମ୍ବୋଦର ମିଶ୍ର ବ୍ରଜଚନ୍ଦ୍ର ନାୟକ | ବୈକୁଣ୍ଠ ଭଣ୍ଡାରୀ ପ୍ରେସ କଲିକତା-୧୯ | ମାସିକ | ରାଜନୀତିକ, ଅର୍ଥନୀତିକ ଓ ମନସ୍ତାତ୍ତ୍ୱିକ ସମସ୍ୟା-ମାନ ପ୍ରକାଶିତ । |
| ନବଶିକ୍ଷା | ୧୯୫୨ | ଶ୍ରୀ ବାମନ ଚରଣ ମିଶ୍ର | କଟକ | — | ଉତ୍କଳର ମୌଳିକ ତାଲିମ ଋଷି ଓ ମୌଳିକ ବିଦ୍ୟାଳୟ ସମୂହ ଅନୁକୂଲ୍ୟରେ ପ୍ରକାଶିତ । |

| ପତ୍ରିକାର ନାମ | ପ୍ରକାଶନ କାଳ | | ସଂପାଦକ ଓ ପ୍ରକାଶକର ସୂଚନା | |
|---|---|---|---|---|
| ନଟରାଜ | ୧୯୭୭ | | ଅନୁଗୁଳ | ତ୍ରୈମାସିକ ସାହିତ୍ୟ ପତ୍ରିକା |
| ନୀରଜନା | ୧୯୬୩ | — | ଜୟପୁର, କୋରାପୁଟ | |
| ନାଟ୍ୟବିଚିତ୍ରା | ୧୯୭୧ | ସତ୍ୟପ୍ରିୟ ମହାପାତ୍ର | ନାଟ୍ୟ ସାହିତ୍ୟ, ରଙ୍ଗମଞ୍ଚ ସଂପର୍କୀୟ ପତ୍ରିକା- | |
| ନବ ବିଧାନ | ୧୮୮୪, ନଭେମ୍ବର | — | ବାଲେଶ୍ୱର ପ୍ରିଣ୍ଟିଂ କମ୍ପାନୀରେ ମୁଦ୍ରିତ | ବ୍ରାହ୍ମସମାଜ ମୁଖପତ୍ର |
| ନୀହାରିକା | | | ଅନୁଗୁଳ ହାଇସ୍କୁଲ ମୁଖପତ୍ର | |
| ନୀହାରିକା | | ପ୍ରମୋଦ୍ ସାମଲ | ରାମଚନ୍ଦ୍ରପୁର କଟକରୁ ପ୍ରକାଶିତ | ମିଳନ ପତ୍ରିକା । |
| ନୀଳଚାଳ ମାଧୁରୀ | | | କେନ୍ଦ୍ରାପଡ଼ା, କଟକ | ଧର୍ମ ସଂପର୍କୀୟ ପତ୍ରିକା । |
| ନବଲିପି - | ୧୯୮୦ | | ପୁରୀ | ତ୍ରୈମାସିକ ସାହିତ୍ୟ ପତ୍ରିକା । |
| ନିର୍ଭୀକ | ୧୯୫୮ | ଶରତ କୁମାର କର | — | |
| ନିର୍ମଳଝର | — | | | ମର୍ଦ୍ଦରାଜ ହାଇସ୍କୁଲ,ଖଲିକୋଟ |

(ପ)

| | | | | |
|---|---|---|---|---|
| ପ୍ରବୋଧ ଚନ୍ଦ୍ରିକା | ୧୮୫୬, ଡିସେମ୍ବର ୨୦ ତାରିଖ | ରେଭେରେଣ୍ଡ ଲେସି | ଉଇଲିୟମ୍ ବ୍ରୁକ୍ସଙ୍କ ଦ୍ୱାରା କଟକ ନଗର ମିଶନାଲୟରୁ ମୁଦ୍ରିତ । | ମାସିକ ମିଶନାରୀ ପତ୍ରିକା |

| ପତ୍ରିକାର ନାମ | ପ୍ରକାଶନ କାଳ | ସଂପାଦନ ଓ ପ୍ରକାଶନର ସୂଚନା | | |
|---|---|---|---|---|
| ପୁରୁଷୋତ୍ତମ ପତ୍ରିକା | - | ହରଧନ ଘୋଷ | ପୁରୀ ପ୍ରିଣ୍ଟିଂ କମ୍ପାନୀ | ସାପ୍ତାହିକ |
| ପ୍ରଜାବନ୍ଧୁ | ୧୮୮୨ | | ବାଲେଶ୍ୱରରୁ ପ୍ରକାଶିତ | ସାପ୍ତାହିକ ସମ୍ବାଦ ପତ୍ର |
| ପ୍ରଭାତ ତାରା | ୧୮୯୭/୧୯୦୭ | ପ୍ରଥମ ସମ୍ପାଦକ ଉଇଲକକସ, ପରବର୍ତ୍ତୀ ,, ବ୍ରଜାନନ୍ଦଦାସ | କଟକ ମିଶନ ପ୍ରେସ | ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ପତ୍ରିକା |
| ପ୍ରଭାତ ତାରା | ୧୯୩୨ | କର୍ଣ୍ଣେଲ୍ ଓରା | କଳାମଣ୍ଡପ ପ୍ରେସ | ମାସିକ |
| ପ୍ରଭାତ | ୧୯୩୩ | ଶରତ କୁମାରୀ ସାନ୍ତରା | ଉତ୍କଳ ପ୍ରେସ | ମାସିକ |
| ପଲାଶକ୍ତ | ୧୯୫୮ | ଲକ୍ଷ୍ମୀ ନାରାୟଣ ମିଶ୍ର | ସମ୍ବଲପୁର | ସାପ୍ତାହିକ |
| ପ୍ରଜାମଙ୍ଗଳ | ୧୯୬୦ | ହରଗୋବିନ୍ଦ ପୁରୋହିତ | ପ୍ରଜାମଙ୍ଗଳ ଛାପାଖାନା | |
| ପଞ୍ଚମୁଖୀ | ୧୯୬୫ | ତ୍ରିବିକ୍ରମ ତ୍ରିପାଠୀ | ସତ୍ୟବ୍ରତ ପ୍ରିଣ୍ଟିଂ ପ୍ରେସ ସମ୍ବଲପୁର | ସାପ୍ତାହିକ |
| ପଶ୍ଚିମ ପ୍ରାନ୍ତ | ୧୯୭୪ | ଲକ୍ଷ୍ମୀପ୍ରସାଦ ମିଶ୍ର | ପୂର୍ଣ୍ଣିମା ପ୍ରିଣ୍ଟର୍ସ, ସମ୍ବଲପୁର | |
| ପୁଷ୍ପବାଟୀ | ୧୯୧୫ | ମହାମହୋପାଧ୍ୟାୟ ସଦାଶିବ କାବ୍ୟକଣ୍ଠଙ୍କ ଯତ୍ନ ଓ ଉଦ୍ୟମରେ ପ୍ରକାଶିତ । | ପୁରୀ | ସାପ୍ତାହିକ |
| ପ୍ରାଚୀ | ୧୯୨୮ | ଆର୍ତ୍ତବଲ୍ଲଭ ମହାନ୍ତି ବିଚ୍ଛନ୍ଦ ଚରଣ ପଟ୍ଟନାୟକ | କଟକ | ତ୍ରୈମାସିକ ପ୍ରାଚୀସମିତିର ମୁଖପତ୍ର । ଏହା ଇଂରାଜୀରେ ପ୍ରକାଶିତ । |
| ପ୍ରଜାବନ୍ଧୁ | — | ଭୁବନେଶ୍ୱର ରଥ | ଗଞ୍ଜାମ ଜାତୀୟ ସମିତି, ଗଞ୍ଜାମ | ସପ୍ତାହିକ |

| ପତ୍ରିକାର ନାମ | ପ୍ରକାଶନ କାଳ | ସଂପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ପଲ୍ଲୀମଙ୍ଗଳ | — | ଶରତଚନ୍ଦ୍ର ମୁଖାର୍ଜି | - | ମାସିକ | ସମବାୟ କାଗଜର ମୁଖପତ୍ର |
| ପଲ୍ଲୀବାସୀ | ୧୯୨୮ | କ୍ଷେତ୍ରମଣି ପଣ୍ଡା | ବେଲଗୁଣ୍ଠା, ଗଞ୍ଜାମ | ସାପ୍ତାହିକ | |
| ପ୍ରମାର୍ଥୀ | ୧୯୩୬ | ରଘୁନାଥ ମହାପାତ୍ର | କଟକ, ସଚ୍ଚିଦାନନ୍ଦ ପାର୍ଷଦ ମଠ ତରଫରୁ | | ଅଧ୍ୟାତ୍ମିକ ଜୀବନ ସଂପର୍କୀୟ ପତ୍ରିକା |
| ପ୍ରଦୀପ | ୧୮୮୫ | ଶରତଚନ୍ଦ୍ର ମୁଖାର୍ଜୀ<br>ମୃଗାଙ୍କଧର ରାୟ ଚୌଧୁରୀ | କଟକ | ମାସିକ | ମଧୁସୂଦନ ରାଓଙ୍କ ପ୍ରସିଦ୍ଧ କବିତାମାନ ଏଥିରେ ପ୍ରକାଶିତ । |
| ପ୍ରଦୀପ | ୧୩୧୫ ସାଲ ଆଶ୍ୱିନ ମାସ/ ସେପ୍ଟେମ୍ବର, ଅକ୍ଟୋବର, ୧୯୦୭ | ଶଶିଭୂଷଣ ରଥ | ବ୍ରହ୍ମପୁର, ଗଞ୍ଜାମ | ମାସିକ | ଧାର୍ମିକ ପତ୍ରିକା |
| ପ୍ରଜାତନ୍ତ୍ର | ୧୯୩୦ | ଡକ୍ଟର ହରେକୃଷ୍ଣ ମହତାବ<br>ଭୈରବଚନ୍ଦ୍ର ମହାନ୍ତି<br>ଚନ୍ଦ୍ରମଣି ପାଣିଗ୍ରାହୀ<br>ଜାନକୀ ବଲ୍ଲଭ ପଟ୍ଟନାୟକ<br>ଶ୍ରୀହର୍ଷ ମିଶ୍ର<br>ଚନ୍ଦ୍ରଶେଖର ମହାପାତ୍ର | ପ୍ରଥମେ ବାଲେଶ୍ୱରରୁ ପରେ ୨୮-୮-୪୮ରୁ କଟକରୁ ପ୍ରକାଶିତ | ପ୍ରଥମେ ସାପ୍ତାହିକ ପରେ ଦୈନିକ | ସମ୍ବାଦପତ୍ର |
| ପ୍ରଭାତୀ | ୧୯୫୪ | ବ୍ରହ୍ମାନନ୍ଦ ପଣ୍ଡା | ବ୍ରହ୍ମପୁର | ମାସିକ | ସାହିତ୍ୟ ପତ୍ରିକା । |
| ପତାକା | — | ଅଶୋକ ଦାସ | — | | — |
| ପ୍ରଚନ୍ଧ | — | — | — | ପାକ୍ଷିକ | ସଂସ୍କୃତିମୂଳକ ପତ୍ରିକା । |

| ପତ୍ରିକାର ନାମ | ପ୍ରକାଶନ କାଳ | | | | ସଂପାଦନ ଓ ପ୍ରକାଶନର ସୂଚନା |
|---|---|---|---|---|---|
| ପଲ୍ଲୀପୁଷ୍ପ-ପ୍ରଜ୍ଞା | ୧୯୬୪- — | ମୃତ୍ୟୁଞ୍ଜୟ ଉପାଧ୍ୟାୟ ସ୍ୱରୂଜା ରଓ ପରେ ଯତୀନ୍ଦ୍ର ମୋହନ ମହାନ୍ତି | ବାଲେଶ୍ୱର କଟକରୁ ପରେ ଭୁବନେଶ୍ୱରରୁ | | ତ୍ରୈମାସିକ ସାହିତ୍ୟ ପତ୍ରିକା |
| ପ୍ରକାଶକ | ୧୯୬୩/ନଭେମ୍ବର | ଗୋବିନ୍ଦ ଚରଣ ପାଣି | ଗ୍ରନ୍ଥ ପ୍ରକାଶନୀ, କଟକ-୧ | ମାସିକ | ପାଠ୍ୟପୁସ୍ତକ ପ୍ରକାଶକ ସମିତିର ମୁଖପତ୍ର |
| ପୌରୁଷ | ୧୯୬୭/ଜୁଲାଇ | ଜାନକୀ ବଲ୍ଲଭ ପଟ୍ଟନାୟକ ପରେ ଜୟନ୍ତୀ ପଟ୍ଟନାୟକ | କଟକ | ମାସିକ | ଆଧ୍ୟାତ୍ମିକ ଓ ସମସ୍ୟାମୂଳକ ପତ୍ରିକା । |
| ପ୍ରଭାତ (ଶିଶୁ ପତ୍ରିକା) | ୧୯୦୯ | ଶ୍ରୀମତୀ ରେବା ରାୟ | ଓଡ଼ିଆ ପେଟ୍ରିଅଟ୍ ପ୍ରେସ, କଟକ କଟକ ପ୍ରିଣ୍ଟିଂ ପ୍ରେସ, କଟକ | ମାସିକ | ଶିଶୁ ପତ୍ରିକା |
| ପଞ୍ଚାମୃତ (ଶିଶୁପତ୍ରିକା) | ୧୯୧୦ | ଚନ୍ଦ୍ରାମଣି ଆଗ୍ରୁର୍ଜୀ ଅଗଣି ଦାସ | କଟକ ଟ୍ରେଡିଂ କମ୍ପାନୀ, କଟକ | ମାସିକ | ଶିଶୁ ପତ୍ରିକା । |
| ପିଲଙ୍କ ସାଥୀ | ୧୯୫୫/ଜାନୁୟାରୀ ୧୫ ତାରିଖ | ଗୌରୀଶଙ୍କର ରଥ | ଗ୍ରନ୍ଥବୃଦ୍ଧି ସଂଘ ଜଗଆରେ ଗୋସ୍ୱାମୀ ପ୍ରେସ କଟକରେ ପ୍ରକାଶିତ । | ମାସିକ | ଶିଶୁ ପତ୍ରିକା । |
| ପ୍ରସ୍ୱରକ | ୧୯୨୬ | — | ସିଂହଭୂମି | | |
| ପ୍ରତିଭା | ୧୯୬୩ | ପ୍ରମୋଦ କୁମାର ମହାନ୍ତି | — | | ସାହିତ୍ୟ ପତ୍ରିକା । |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ପଦ୍ମରାଗ | ୧୯୭୩/ଅକ୍ଟୋବର | କୁଞ୍ଜବିହାରୀ ପଣ୍ଡା | | ସାମୟିକ | ସାହିତ୍ୟ ପତ୍ର |
| ପ୍ରଦୀପ | ୧୯୫୭/ଜୁନ | ଅଦ୍ୱୈତ ଚରଣ ମହାନ୍ତି | Excise (prohibition Dept. Govt. of Orissa | ତ୍ରୈମାସିକ | ସଂସ୍କାରଧର୍ମୀ ପତ୍ରିକା । |
| ପଞ୍ଚାୟତ | ୧୯୫୭/ଜାନୁୟାରୀ | ପବ୍ଲିସିଟି ଓ ସର୍ଭିସେସ୍ ବିଭାଗ | ଭୁବନେଶ୍ୱର | ମାସିକ | ସରକାରୀ ମୁଖପତ୍ର |
| ପୁରୁଷୋତ୍ତମ ଚନ୍ଦ୍ରିକା | — | କ୍ଷୀରୋଦ ନାଥ ମିତ୍ର | ଭକ୍ତପ୍ରଦାୟିନୀ ପ୍ରେସ, ପୁରୀ | | |
| ପତ୍ର ପତ୍ରିକା | ୧୯୭୧ | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ସତ୍ୟବ୍ରତ ପ୍ରିଣ୍ଟିଂ ପ୍ରେସ, ସମ୍ବଲପୁର | ସାପ୍ତାହିକ । | |
| ପାଞ୍ଚଜନ୍ୟ | ୧୯୭୩ | ଗୁରୁପ୍ରସାଦ ମହାନ୍ତି | କେନ୍ଦ୍ରାପଡ଼ା, କଟକ | ମାସିକ | |
| ପୁଷ୍ପଗିରି | ୧୯୭୪/ସେପ୍ଟେମ୍ବର | କୃଷ୍ଣ ଚନ୍ଦ୍ର ଭୂୟାଁ | ପୁଷ୍ପଗିରି ପରିଷଦ ରତ୍ନଗିରି, କଟକ | ମାସିକ | ସାହିତ୍ୟ ପତ୍ରିକା । |
| ପ୍ରଗତିବାଦୀ | ୧୯ । ୧ । ୧୯୭୩ | ପ୍ରଦ୍ୟୁମ୍ନ କିଶୋର ବଳ | କଟକ | ସାପ୍ତାହିକ | |
| ପାଟନା ଦୀପିକା | — | — | ବଲାଙ୍ଗୀର | ସାପ୍ତାହିକ | |
| ପୁରୁଷୋତ୍ତମ ଦୀପିକା | ୧୯୮୦ | | ପୁରୀରୁ ପ୍ରକାଶିତ । | | |
| ପୂରବୀ | — | ନୂତନ ଛାତ୍ରାବାସ, ରେଭେନ୍ସା କଲେଜ, କଟକ | | | ମୁଖପତ୍ର |

| ପତ୍ରିକାର ନାମ | ପ୍ରକାଶନ କାଳ | | ସମ୍ପାଦନ ଓ ପ୍ରକାଶନର ସୂଚନା |
|---|---|---|---|
| The Probitas | ୧୯୭୮ | ହରପ୍ରସାଦ ପରିଚ୍ଛା ପଟ୍ଟନାୟକ | ଖପା ସାହିତ୍ୟ ସମ୍ପର୍କୀୟ ଇଂରାଜୀ ପତ୍ରିକା |
| ପଲ୍ଲୀଭାରତୀ | ୧୯୫୫ | — | ରେଢ଼ାଖୋଲ ହାଇସ୍କୁଲର ମୁଖପତ୍ର |
| ପଞ୍ଚରଙ୍ଗ | ୧୯୬୦ | ମୁଖ୍ୟ ସମ୍ପାଦକ—ରାଧାମୋହନ ମିଶ୍ର<br>ସମ୍ପାଦକ— ଶ୍ରୀନିବାସ ଉଦ୍‌ଗାତା | — |
| ପଞ୍ଚଧାର | — | — | ଆଠମଲ୍ଲିକ ହାଇସ୍କୁଲ ମୁଖପତ୍ର |
| ପୁରାଣ ଦର୍ଶନ | — | ଅନାଦି ଚରଣ ପେଣ୍ଟ<br>ଗ୍ରାମ—କୃଷିଆପାଳ, ଘନଶ୍ୟାମପୁର, କେନ୍ଦ୍ରାପଡ଼ା, କଟକ | |



## (ଫ)

| | | | |
|---|---|---|---|
| ଫଲଗୁ | — | | ରିଜିଓନାଲ ଇଞ୍ଜିନିୟରିଂ କଲେଜ<br>ରାଉରକେଲା ମୁଖପତ୍ର |
| ଫୁଲଝର | ୧୯୫୯ | ରାଜେନ୍ଦ୍ର ବର୍ମା | କଟକ ମାସିକ |
| ଫୁଲବଉଲବେଣୀ | — | — | କଟକ ଲୋକସାହିତ୍ୟ ଆଧାରିତ ପତ୍ରିକା |
| ଫୁଲକଢ଼ି | ୧୯୭୮ | ରବୀନ୍ଦ୍ର ମିଶ୍ର | କଟକ |
| ଫଲ୍‌ଗୁ | | ବ୍ରହ୍ମପୁର | ଫଲଗୁ ସାହିତ୍ୟ ସଂସଦର ମୁଖପତ୍ର |

(ଢ)

| | | | | | |
|---|---|---|---|---|---|
| ସ୍ୱଦେଶୀ | ୧୮୭୩ ନଭେମ୍ବର ୧୫ତାରିଖ ଶନିବାର | ଦୀନନାଥ ବନ୍ଦୋପାଧ୍ୟାୟ | କଟକ ପ୍ରିଣ୍ଟିଂ-ଯନ୍ତ୍ରାଳୟ | ପାକ୍ଷିକ | ସମ୍ବାଦପତ୍ର । ଏହି ପତ୍ରିକା ଉତ୍କଳ ହିତୈଷିଣୀ ଓ ତାର ସମ୍ପାଦକଙ୍କୁ ବରାବର ସମାଲୋଚନା କରୁଥିଲା। ଇଂରାଜୀରେ ପ୍ରବନ୍ଧ ଓଡ଼ିଆରେ କବିତା ଲେଖାମାନ ପ୍ରକାଶିତ ହେଉଥିଲା । |
| ବ୍ରାହ୍ମ | ୧୮୯୨ | ବିଶ୍ୱନାଥ କର | କଟକର ରାୟ ପ୍ରେସ | — | — |
| ବୋଧଦାୟିନୀ ଓ ବାଲେଶ୍ୱର ସମ୍ବାଦ ବାହିକା | ୧୮୬୮ ଜୁଲାଇ ୧୨୭୫ ଭାଦ୍ର | ଫକୀର ମୋହନ ସେନାପତି | ବାଲେଶ୍ୱରରୁ ଫକୀର ମୋହନ ସେନାପତି ଏଣ୍ଡ କୋ: ଉତ୍କଳ ପ୍ରେସରୁ | ପାକ୍ଷିକ ପରେ ସାପ୍ତାହିକ | ସେହି ସମୟରେ ଓଡ଼ିଶାର ସବ-ବିଧ ସୁବିଧା ଅସୁବିଧାର ମୁଖପତ୍ର । ସମ୍ବାଦ ବାହିକା ମୁଖ୍ୟତଃ ସମ୍ବାଦ ପତ୍ର । ପ୍ରଥମେ ଫକୀର ମୋହନ ସେନାପତି ଏକେ ଏହାର ସମ୍ପାଦନା କରୁଥିଲେ । ପରେ ଗୋବର୍ଦ୍ଧନଚନ୍ଦ୍ର ପଟ୍ଟନାୟକ ଏହାର ସମ୍ପାଦନା କଲେ । ଅବର୍ଷ ପରେ ପାକ୍ଷିକରେ ପରିଣତ ହୋଇଥିଲା । ୧୮୬୭ |

| ପତ୍ରିକାର ନାମ | ପ୍ରକାଶନ କାଳ | | | | | ସମ୍ପାଦନ ଓ ପ୍ରକାଶନର ସୂଚନା |
|---|---|---|---|---|---|---|
| | | | | | | ଜୁନ ମାସରୁ କେବଳ ବାଲେଶ୍ୱର ସମ୍ବାଦବାହିକା ନାମରେ ପ୍ରକାଶିତ ହେଲା । ୧୮୭୩ ସାଲରେ ଏହି ପତ୍ରିକା କିଛି ସମୟ ପାଇଁ ବନ୍ଦ ହୋଇଯାଇ ୧୮୭୪ ଜୁଲାଇରୁ ସାପ୍ତାହିକ ଭାବରେ ପୁନଃ ପ୍ରକାଶିତ ହେଲା । ସମ୍ବାଦ ବାହିକାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଆଙ୍କର ସ୍ୱାର୍ଥ ରକ୍ଷା କରିବା । ଏହି ପତ୍ରିକା ପ୍ରକାଶନ କାଳରେ ଜନ୍ ବୀମସ୍ ବାଲେଶ୍ୱରର ଜିଲ୍ଲା ପାଳ ଥିଲେ । ସେ ଏହି ପତ୍ରିକାକୁ ସରକାରୀ ସାହାଯ୍ୟ ଦେବା ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ଭାବରେ ମଧ୍ୟ ଏହାର ଉନ୍ନତି କାମନା କରୁଥିଲେ । |
| ବନ୍ଧୁଆଡ | ୧୯୫୮ | ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ | ଶ୍ରୀ ମନ୍ଦର ପ୍ରେସ | — | — | |
| ବୈଦ୍ୟବନ୍ଧୁ | ୧୯୭୦ | ଦଳଗଞ୍ଜନ ପଣ୍ଡା | ଓଡ଼ିଆ ପ୍ରିଣ୍ଟର୍ସ, ସମ୍ବଲପୁର | — | — | |
| ବଜ୍ରବାଣୀ | ୧୯୭୨ | ନବୀନ ଚନ୍ଦ୍ର ଶର୍ମା | ଶ୍ରୀକୃଷ୍ଣ ପ୍ରିଣ୍ଟିଂପ୍ରେସ | — | — | |
| ବୈଦ୍ୟବନ୍ଧୁ | ୧୯୭୪ ଅଗଷ୍ଟ | ଲାଲ ମେହେର | ଶ୍ରୀକୃଷ୍ଣ ପ୍ରିଣ୍ଟର୍ସ ସମ୍ବଲପୁର | - ମାସିକ | - | |

| ପତ୍ରିକାର ନାମ | ପ୍ରକାଶନ କାଳ | ସଂପାଦନ ଓ ପ୍ରକାଶନର ସୂଚନା | | | | |
|---|---|---|---|---|---|---|
| Baitarani | — | ଲକ୍ଷ୍ମୀନାରାୟଣ ସାହୁ ଓ ପରେ ବିଦ୍ୟାଧର ସିଂହଦେବ | କଟକ | ମାସିକ | — | — |
| ବାରୁଣୀ | ୧୯୨୫ | ରାୟ ବାହାଦୂର ଘନିକିଶୋର ଦାସ | କଟକ | ସାହିତ୍ୟ ପତ୍ର | — | — |
| ବୈଦ୍ୟବାଣୀ | ? | ? | ବେଲଗୁଣ୍ଠା, ଗଞ୍ଜାମ | ମାସିକ | | |
| ବୈକୁଣ୍ଠ ଭିକାରୀ | ୧୯୩୧ | | ପୁରୀରୁ | ସାପ୍ତାହିକ | — | |
| ବୀଣା | ୧୯୫୦ | ମଧୁସୂଦନ ଜଗଦେବ | ଟିକାଲି | ମାସିକ ସାହିତ୍ୟ ପତ୍ର | | |
| ବସୁମତି | ୧୯୬୭ ଜାନୁୟାରୀ | ପିତାମ୍ବର ସ୍ୱାଇଁ | କଟକ, ନୂଆବଜାର | ମାସିକ | | |
| ବାଣୀ | — | — | କଟକ | | ପ୍ରାଥମିକ ଶିକ୍ଷକ ସଂଘ ମୁଖପତ୍ର | |
| ବେଲା | ୧୯୬୮ | ପ୍ରସନ୍ନ ପାଟଶାଣୀ | ଚିଲିକା ସାହିତ୍ୟ ସଂସଦ ବାଲୁଗା, ପୁରୀ | ତ୍ରୈମାସିକ | ପ୍ରଗତିବାଦୀ ଚିନ୍ତାଧାରା ସମ୍ବଳିତ ଲେଖା ପ୍ରକାଶ ପାଏ | |
| ବନଫୁଲ | ୧୯୬୧ ? | ଉପେନ୍ଦ୍ର ମିଶ୍ର | ଶ୍ରୀମା ପ୍ରେସ, ଭୁବନେଶ୍ୱର | ମାସିକ | ଆଦିବାସୀ ସଂସ୍କୃତି ଆଧାରିତ ପତ୍ରିକା | |
| ବନବୀଣା | ୧୯୩୪ | — | — | — | — | |
| ବାଳକବିନୋଦ | ୧୯୫୮/ଡିସେମ୍ବର | ମହେନ୍ଦ୍ର ପଟ୍ଟନାୟକ | ସିଦ୍ଧାନ୍ତ ପ୍ରେସ, କଟକ | ମାସିକ | ଶିଶୁ ପତ୍ରିକା | |
| ବାଣୀ | — | — | — | ସାମୟିକ | ସତ୍ୟବାଦୀ ବନ ବିଦ୍ୟାଳୟ ସଂପାଦନାରେ | |
| ବନ୍ଧୁ ଶିଶୁ | ୧୯୭୧ | ଚିତ୍ତରଞ୍ଜନ ଦାସ | କଟକରୁ | ମାସିକ | ଶିଶୁ ପତ୍ରିକା | |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦକ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ବାରମଜା | ୧୯୬୩ | ଶେଖଚାନ୍ଦାବୁଦ୍ଦିନ ମହମ୍ମଦ | ଭୁବନେଶ୍ୱର ସୂର୍ଯ୍ୟନଗର | ମାସିକ | ଶିଶୁ ପତ୍ରିକା |
| ବାଇଚଢ଼େଇ | ୧୯୭୩ | ଗୋଲକ ବିହାରୀ ବେହେରା | ଢେଙ୍କାନାଳ | ମାସିକ | ଶିଶୁ ପତ୍ରିକା |
| ବୁଲ୍‌ବୁଲ୍ | ୧୯୭୫ | ଅଜୟ କୁମାର ଦାଶ | କଟକ | ମାସିକ | ଶିଶୁ ପତ୍ରିକା |
| ବିଜ୍ଞାନ ମଧୁପ | ୧୯୭୭ ନଭେମ୍ବର ଡିସେମ୍ବର | ଅଭିମନ୍ୟୁ ମିଶ୍ର | ବଲାଙ୍ଗିର ବିଜ୍ଞାନ-ସାହିତ୍ୟ ପରିଷଦ | ମାସିକ | ଶିଶୁ ପତ୍ରିକା |
| ବିଜ୍ଞାନ ପଞ୍ଚ | ? | ଗୋକୁଳାନନ୍ଦ ମହାପାତ୍ର | ଗ୍ରନ୍ଥସାର୍ଥୀପ୍ରେସ୍, କଟକ | ମାସିକ | ଶିଶୁ ପତ୍ରିକା |
| ବାଉଁଶି ପାହାଚ | ୧୯୭୨ | ପ୍ରଫୁଲ୍ଲ କୁମାର ମହାନ୍ତି | ବ୍ରହ୍ମପୁର (ଦାସଦର୍ପ) | ମାସିକ | ସାହିତ୍ୟ ପତ୍ରିକା |
| ବାଘମାମୁଁ | ? | ଶଶିଭୂଷଣ ରଥ | ଭୁବନେଶ୍ୱର | ମାସିକ | ଶିଶୁ ପତ୍ରିକା |
| ବଲୁଆନନା | ୧୯୭୭ | ମଧୁସୂଦନ ଛୋଟରାଇ | କଟକ-୩ | ମାସିକ | ଶିଶୁ ପତ୍ରିକା |
| ବାଣୀଚିତ୍ର | --- | ପରୀକ୍ଷିତ ସେନା | ଭୁବନେଶ୍ୱରରୁ | ମାସିକ | ସାହିତ୍ୟ ଚଳଚ୍ଚିତ୍ର ପତ୍ରିକା |
| ବିଜୁଳି | ୧୬. ୯. ୧୮୯୩ | ଦାଶରଥି ରାଉତ | ଜଗନ୍ନାଥ ବଲ୍ଲଭ ପ୍ରେସ, ବାମଣ୍ଡା, ଦେବଗଡ଼ | | ସାହିତ୍ୟ ପତ୍ରିକା ରାଧାନାଥ ଏହି ପତ୍ରିକାର ପରୀକ୍ଷକରେ ଥିଲେ ଓ ଏହା ଭଞ୍ଜ ବିରୋଧି ଥିଲା । |

| ପତ୍ରିକାର ନାମ | ପ୍ରକାଶନ କାଳ | | | | ସଂପାଦନ ଓ ପ୍ରକାଶନର ସୂଚନା |
|---|---|---|---|---|---|
| ବସୁନ୍ଧରା | ୧୯୮୧ | ଡକ୍ଟର ଗୋପାଳ ଚନ୍ଦ୍ର ମିଶ୍ର | ସମ୍ବଲପୁର | ତ୍ରୈମାସିକ | ସାହିତ୍ୟ ପତ୍ରିକା |
| ବୈଦିକ | ୧୯୭୮ | ପଣ୍ଡିତ ଧନେଶ୍ୱର ବେହେରା | ବୈଦିକ ସଂସ୍କୃତି | ମାସିକ | ବୈଦିକ ଶିକ୍ଷା ଓ |
| ସଂସ୍କୃତ ସୁଧା | | | ପରିଷଦ ବେଦବ୍ୟାସ ରାଉରକେଲା | | ସଂସ୍କୃତ ପତ୍ରିକା |
| ବାର୍ତ୍ତା ଲହରୀ | — | | ବ୍ରହ୍ମପୁର | ପାକ୍ଷିକ | — |
| ବାସନ୍ତୀ | | | ବିଶ୍ୱନାଥ ବିଦ୍ୟାପୀଠ ଆଠଗଡ଼ରୁ ପ୍ରକାଶିତ | | |
| ବାଣୀବିକାଶ | | | | ବାର୍ଷିକ | ଉତ୍କଳ ବିଶ୍ୱବିଦ୍ୟାଳୟ ଉପାଧ୍ୟୁତ୍ତର ବିଭାଗମାନଙ୍କର ମୁଖପତ୍ର |
| | | | | | — |
| ବନଫୁଲ | — | | ବାଣପୁର ହାଇସ୍କୁଲ ପତ୍ରିକା | | |
| ବାଣୀବୀଣା | ୧୯୫୧ | | ଧର୍ମଶାଳା ବାଣୀପୀଠ ମୁଖପତ୍ର | | |
| ବିକାଶ | — | | ବିଜୟଶ୍ରୀ ମୀନାମଣ୍ଡଳୀ ମୁଖପତ୍ର | | |
| ବିବର୍ତ୍ତନ | — | | ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଥମ ଛାତ୍ରାବାସ ମୁଖପତ୍ର | | |

( ଭ )

| | | | | | |
|---|---|---|---|---|---|
| ଭୁବନଶ୍ରୀ | ୧୮୭୭ ଜୁଲାଇ | ସୁରେନ୍ଦ୍ର ମିଶ୍ର | ବିଶ୍ୱଭାରତୀପ୍ରେସ | ମାସିକ | ସାମୟିକ ସାହିତ୍ୟ ଓ ସମ୍ବାଦପତ୍ର |
| ଭାଗ୍ୟଦୀପ | ୧୯୭୩-୭୪ | ରବୀନ୍ଦ୍ର କୁମାର ମହାପାତ୍ର | ନିଷ୍ଠାପ୍ରେସ, ସମ୍ବଲପୁର | | |
| ଭାରତୀ | ୧୯୩୨(ଶେଷଭାଗ) | ବାଳକୃଷ୍ଣ କର | କଟକରୁ | ଦ୍ୱିମାସିକ | |

| ପତ୍ରିକାର ନାମ | ପ୍ରକାଶନ କାଳ | | | | ସଂପାଦନ ଓ ପ୍ରକାଶନର ସୂଚନା |
|---|---|---|---|---|---|
| ଭଞ୍ଜପ୍ରଭା | — | କାଳନ୍ଦୀ ଚରଣ ପାଣିଗ୍ରାହୀ | ବାରିପଦା | — | ସାହିତ୍ୟପତ୍ର |
| ଭଞ୍ଜପ୍ରଦୀପ | — | ରାଧାଗୋବିନ୍ଦ ଦାସ | ମୟୂରଭଞ୍ଜପ୍ରେସ, ବାରିପଦା | - | ସାହିତ୍ୟପତ୍ର |
| ଭାରତସେବକ | — | ଭାରତସେବକ ସମାଜ | — | | |
| ଭୂମିକା | ୧୮୭୩ | ହର ପ୍ରସାଦ ଦାସ | କଟକ-୧ | ତ୍ରୈମାସିକ | ସାହିତ୍ୟ ପତ୍ରିକା |
| ଭଗବତ ଭକ୍ତ ପ୍ରଦାୟିନୀ | ୧୮୭୩ | ଗୌଡ଼ୀୟ ବୈଷ୍ଣବ ସଂପ୍ରଦାୟ ପକ୍ଷରୁ | - | | ଗୌଡ଼ୀୟ ବୈଷ୍ଣବ ଧର୍ମ ସମ୍ବନ୍ଧୀୟ ଧର୍ମ ଭାବାପନ୍ନ ଲେଖାମାନ ପ୍ରକାଶ ପାଉଥିଲା । |
| ଭାରତ | ୧୯୬୦ | ଶ୍ରୀଯାଦବ | ଭୁବନେଶ୍ୱର | ସାପ୍ତାହିକ | |

( ମ )

| | | | | | |
|---|---|---|---|---|---|
| ମୟୂରଭଞ୍ଜ | ୧୮୭୯-୮୦ | ମୟୂରଭଞ୍ଜ | | | ଇଂରାଜୀ ଓ ଓଡ଼ିଆ ଦ୍ୱିଭାଷୀ ପତ୍ରିକା |
| ପ୍ରଦୀପ ମେହେର | ୧୯୫୫ | ଡ. ମାୟାଧର ମାନସିଂହ | ଶ୍ରୀକୃଷ୍ଣପ୍ରେସ, ସମ୍ବଲପୁର | ମାସିକ | ଗଙ୍ଗାଧରମେହେର କଲେଜ ସାହିତ୍ୟ ପତ୍ରିକା |
| ମୁକୁର | ୧୯୦୫ ଏପ୍ରିଲ | ବ୍ରଜସୁନ୍ଦର ଦାସ | କଟକ | ମାସିକ | ସାହିତ୍ୟ ପତ୍ରିକା ଜାତୀୟ ସାହିତ୍ୟର ସ୍ରଷ୍ଟା । ସତ୍ୟବାଦୀ ଯୁଗର ନେତାମାନେ ଏଥିରେ ପ୍ରଥମେ ଲେଖି ତାଙ୍କ ସାଧନା ଆରମ୍ଭ କରିଥିଲେ । |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ମୋ ଦେଶ | ୧୯୪୭ | ଶ୍ରୀ ବୀରକିଶୋର ଦାସ ପରେ ରାମ ପ୍ରସାଦ ମହାନ୍ତି | — | — | ଶିଶୁ ପତ୍ରିକା |
| ମୟୂରଭଞ୍ଜ ପାକ୍ଷିକ ପତ୍ରିକା | ୧୮୭୯ | — | ବାରିପଦା | | ସମ୍ବାଦପତ୍ର । ବଙ୍ଗାଳୀ କର୍ମଚାରୀମାନଙ୍କ ସମାଲୋଚନା କରୁଥିଲା । |
| ମୟୂରଭଞ୍ଜ ଗେଜେଟ | ୧୯୩୨ (ମଧ୍ୟଭାଗରୁ) | ମୟୂରଭଞ୍ଜ ଷ୍ଟେଟ ପକ୍ଷରୁ | --- | ତ୍ରୈମାସିକ | — |
| ମହାଯୋଗ | — | ବ୍ରଜମୋହନ ପାଲ | ଓଡ଼ିଶା ବ୍ରହ୍ମ ବିଦ୍ୟା ସମିତି | ମାସିକ | — |
| ମୌସୁମୀ | ୧୯୬୦ | [illegible]ମାନ୍ଦ୍ର ବର୍ମା | କଟକ | — | ସାହିତ୍ୟ ପତ୍ର |
| ମୂର୍ଚ୍ଛନା | ୧୯୬୦ ଅଗଷ୍ଟ ସେପ୍ଟେମ୍ବର | ଗୋଦାବରୀଶ ସାହିତ୍ୟ ସଂସଦ, | ଭୁବନେଶ୍ୱର ୧ | ଦ୍ୱିମାସିକ | ସାହିତ୍ୟ ପତ୍ରିକା |
| ମୁକ୍ତଯୁଗ | ୧୯୪୫ | ଶ୍ରୀ ଅରବିନ୍ଦ ପଟ୍ଟନାୟକ ଗୁରୁଚରଣ ପଟ୍ଟନାୟକ ପ୍ରମୁଖ | ଷ୍ଟେସନ ବଜାର କଟକ-୩ ସୁଧମା ଚୌକ, କଟକ | | |
| ମାତୃଭୂମି | ୧୯୪୭ | ପ୍ରତିଷ୍ଠାତା—ବାଳକୃଷ୍ଣ କର, ଗୌରଚନ୍ଦ୍ର ରାଉତ, ସଂପ୍ରତି ବିବୁଧେନ୍ଦ୍ର ମିଶ୍ର । | ସାରସ୍ୱତ ପ୍ରେସ କଟକ | ଦୈନିକ | ଦୈନିକ ସମ୍ବାଦ ପତ୍ର |

| ପତ୍ରିକାର ନାମ | ପ୍ରକାଶନ କାଳ | ସଂପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ମଧୁକୋଷ | — | ବାଲକୃଷ୍ଣ କର | ସାରସ୍ୱତ ପ୍ରେସ, କଟକ | ମାସିକ | — |
| ମୀନା ବଜାର | ୧୯୪୮ | ରାମପ୍ରସାଦ ମହାନ୍ତି | ପ୍ରଜାତନ୍ତ୍ର ସମିତି, କଟକ-୨ | ମାସିକ | ଶିଶୁ ପତ୍ରିକା |
| ମନପବନ | ୧୯୬୩ | ନବକିଶୋର ମହାପାତ୍ର ଓ ମହେଶ୍ୱର ମହାନ୍ତି | ଗ୍ରନ୍ଥମନ୍ଦିର ପ୍ରେସ | ମାସିକ | ଶିଶୁ ପତ୍ରିକା |
| ମାନସ | ୧୯୬୨ ନଭେମ୍ବର | ପ୍ରତିଷ୍ଠାତା-ଅନନ୍ତ ମିଶ୍ର କୃଷ୍ଣ ପ୍ରସାଦ ମିଶ୍ର | କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ, | ମାସିକ | ସାହିତ୍ୟ ପତ୍ରିକା |
| ମୟୂଖ | - | ପୂର୍ଣ୍ଣଚନ୍ଦ୍ର, ବିଦ୍ୟାସମିତି ରଘୁନାଥପୁର | - | ମୁଖପତ୍ର | |
| ମନଙ୍ଗଳ | --- | ବାସୁଦେବ ସାହୁ ପରେ କମଳ ପଟ୍ଟନାୟକ | --- | ଗଳ୍ପପତ୍ରିକା ଭୁବନେଶ୍ୱରରୁ | ସାମୟିକ ପ୍ରକାଶିତ |
| ମୁକ୍ତଶାଳା | ୧୯୬୬ | ସୁଧାଂଶୁ ଶେଖର ରାୟ ଅପୂର୍ବ ରଞ୍ଜନ ରାୟ | ଭଦ୍ରକ ସାହିତ୍ୟ ପରିଷଦ | ମୁଖପତ୍ର, | |
| ମାଧୁକରୀ | ୧୯୫୬ | ସୁଧାଂଶୁ ଶେଖର ରାୟ | ବାସୁଦେବ ହାଇସ୍କୁଲ | ମୁଖପତ୍ର | |
| ମଧୁବାଣୀ | — | — | ଭକ୍ତ ମଧୁ ବିଦ୍ୟାପୀଠ, କଟକ | | |
| ମାଲ୍ୟଗିରି | — | — | ମହତାବ ବିଦ୍ୟାପୀଠ, ପାଲଲହଡ଼ା | | |
| ମାଳଞ୍ଚ | ୧୯୬୮ | ଲକ୍ଷ୍ମୀଧର ସେନାପତି | ଦିଲ୍ଲୀରୁ ପ୍ରକାଶିତ | | |

(ର)

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦନ ଓ ପ୍ରକାଶନର ସୂଚନା | | | |
| --- | --- | --- | --- | --- | --- |
| ରାଉରକେଲା ରିପୋର୍ଟର | --- | ରଜନୀକାନ୍ତ ଦାସ | ପାନପୋଷ ରାଉରକେଲା | ସମ୍ବାଦପତ୍ର | |
| ରାଷ୍ଟ୍ରଦୂତ | ୧୯୭୫ | ଉପେନ୍ଦ୍ର ପ୍ରସାଦ ନାୟକ | ବାଲେଶ୍ୱର | ମାସିକ | |
| ରାଷ୍ଟ୍ରଭାଷା ପତ୍ର | --- | --- | ରାଷ୍ଟ୍ରଭାଷା ପ୍ରଚାର ସମିତିପକ୍ଷରୁ | | |
| ରଶ୍ମିରଥୀ | ୧୯୭୨ | ନବୀନ ଚନ୍ଦ୍ର ଶର୍ମା | ସମ୍ବଲପୁର | ସାମୟିକ | |
| ରାଷ୍ଟ୍ରଭାଷା | ୧୯୭୦ | ହରିହର ନନ୍ଦ | କଟକ | ସାପ୍ତାହିକ | |
| ରାମରାଜ୍ୟ | ୧୯୫୫ | ବାବାଜୀ ଚରଣ ନାୟକ | --- | | |
| ରୂପ | --- | -- | ବିଶ୍ୱଭାରତୀ, ଶାନ୍ତିନିକେତନ | ମାସିକ | |
| ରୁବି ଇଣ୍ଟର ନେସନାଲ | --- | ରମେଶ ଚନ୍ଦ୍ର ସାହୁ | କେନ୍ଦୁଝର | ମାସିକ | କିଶୋର ମାନଙ୍କପାଇଁ |
| ରଶ୍ମି | ୧୯୫୯ | କ୍ଷେତ୍ରବାସୀ ନାୟକ ଯୁଗଳ କିଶୋର ପଟ୍ଟନାୟକ | ପ୍ରଥମ ସଂଖ୍ୟା ଭଦ୍ରକରୁ ପରେ କଟକରୁ ପ୍ରକାଶିତ | --- | ଏହି ନାମରେ କଟକରୁ ଏକ ସାହିତ୍ୟ ପତ୍ରିକା ଯୁବଗୋଷ୍ଠୀ ମାନଙ୍କ ଉଦ୍ୟମରେ ପ୍ରକାଶିତ ହୋଇଥିବାର ଜଣାଯାଏ । |
| The Ravenshawvian | | | ରେଭେନସା କଲେଜ ମୁଖପତ୍ର କଟକ | | |

| ପତ୍ରିକାର ନାମ | ପ୍ରକାଶନ କାଳ | ସଂପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| | | (ଶ) | | | |
| ଶିକ୍ଷାବନ୍ଧୁ | ୧୮୮୫ ଜାନୁୟାରୀ | ଭକ୍ତକବି ମଧୁସୂଦନ ରାଓ | କଟକରୁ | | ପାଠ୍ୟପୁସ୍ତକ ସମାଲୋଚନା ସାହିତ୍ୟ ବିଶ୍ୱନାଥକର, ବିଜୟ ଚନ୍ଦ୍ର ମଜୁମ୍‌ଦାର ଆଦିଙ୍କ ଲେଖାମାନ ପ୍ରକାଶ ପାଉଥିଲା । |
| ଶୁଭବାର୍ତ୍ତା | ୧୯୩୬ | ଶଙ୍କର ପ୍ରସାଦ ପାଢ଼ୀ | ମିଶ୍ରପ୍ରେସ ସମ୍ବଲପୁର | | — |
| ଶଙ୍ଖ | ୧୯୪୫ | ଡଃ ମାୟାଧର ମାନସିଂହ | ସମ୍ବଲପୁର ପ୍ରିଣ୍ଟିଂ-ପ୍ରେସ, ଦେବଗଡ଼ | ମାସିକ | ସାହିତ୍ୟ ପତ୍ରିକା |
| ଶାଶ୍ୱତ | ୧୯୭୦ | ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା | ବିଶ୍ୱଭାରତୀ ପ୍ରେସ ସମ୍ବଲପୁର | ତ୍ରୈମାସିକ | |
| ଶକ୍ତି | ୧୯୨୨ | ପୂର୍ଣ୍ଣଚନ୍ଦ୍ର ଦାସ | ପୁରୀରୁ | ସାପ୍ତାହିକ | |
| ଶରୀର | — | ରାଧାନାଥ ଶତପଥୀ ( ଭିଷକ୍ ରତ୍ନ ) | କଟକରୁ | ଦ୍ୱିମାସିକ | ସ୍ୱାସ୍ଥ୍ୟ ବିଷୟକ ପତ୍ରିକା |
| ଶ୍ରୀ ଗୌରାଙ୍ଗ | — | କୈଳାସଚନ୍ଦ୍ର ସେନ୍‌ଗୁପ୍ତ | କଟକରୁ | ମାସିକ | ଧାର୍ମିକ ପତ୍ରିକା |
| ଶିକ୍ଷକ ଓ ଧର୍ମବୋଧିନୀ | ୧୮୭୩ | ମଧୁସୂଦନ ରାଓଙ୍କ ତତ୍ତ୍ୱାବଧାନରେ | ବାଲେଶ୍ୱର ଉତ୍କଳ ପ୍ରିଣ୍ଟିଂ ପ୍ରେସରୁ | | ବ୍ରାହ୍ମଧର୍ମ ସମ୍ବନ୍ଧରେ ଆଲୋଚିତ ହେଉଥିଲା । |
| ଶ୍ରମିକ | — | ଶ୍ରମିକ ସଂଘ | କଲିକତାରୁ | | |

| ପତ୍ରିକାର ନାମ | ପ୍ରକାଶନ କାଳ | | ସଂପାଦନ ଓ ପ୍ରକାଶନର ସୂଚନା | | |
|---|---|---|---|---|---|
| ଶୁଭଶଙ୍ଖ | ୧୯୫୩ ଜୁନ | ସୁଶୀଲ ବେହେରା | ନୁରମହମ୍ମଦ ଲେନ କଲିକତା-୯ | ମାସିକ | ପରେ କଟକରୁ ପ୍ରକାଶିତ |
| ଶ୍ରୀ ଅରବିନ୍ଦ | — | ଶ୍ରୀ ଅରବିନ୍ଦ ଆଶ୍ରମ | ପଣ୍ଡିଚେରୀ | — | |
| ଲୋକ ସାହିତ୍ୟ ଶିକ୍ଷାଲୋକ | — | ରାଜ୍ୟ ଶିକ୍ଷାପ୍ରତିଷ୍ଠାନ | ଭୁବନେଶ୍ୱର, ଓଡ଼ିଶା | — | |
| ଶିକ୍ଷକ ଦର୍ପଣ | ୧୯୬୫ ଜାନୁଆରୀ | ବନମାଳୀ ବ୍ରହ୍ମଚାରୀ | ନିମ୍ନ ମାଧ୍ୟମିକ ଶିକ୍ଷକ ସମ୍ମିଳନୀ | — | ଶିକ୍ଷା ଓ ଶିକ୍ଷକଙ୍କ ସମସ୍ୟା ମୂଳକ ପତ୍ରିକା |
| ଶିଶୁସମ୍ବାଦ | ୧୯୫୪ | ବିନୋଦ କାନୁନ୍‌ଗୋ | ଜ୍ଞାନମଣ୍ଡଳ ଅଫିସ କଟକ | ମାସିକ | |
| ଶିଶୁଲେଖା | ୧୯୬୧ | ଅନନ୍ତ ପଟ୍ଟନାୟକ | ଶିଶୁ ସାହିତ୍ୟ ସମିତି, କଟକ | ତ୍ରୈମାସିକ | ପରେ ମାସିକ ଶିଶୁ ପତ୍ରିକା |
| ଶ୍ରୀଲେଖା | ୧୯୭୬--୭ | ସଙ୍ଗୀତା ମହାପାତ୍ର | କଟକରୁ | — | ମହିଳା ପତ୍ରିକା |
| ଶିଶୁ | ୧୯୬୬ | ସୁକାନ୍ତ କୁମାର ଦାସ | ରାୟଗଡ଼ା | — | — |
| ଶିଶୁନନ୍ଦନ | ୧୯୭୨ | କୃତ୍ତିବାସ ନାୟକ | ରାୟଗଡ଼ା, କୋରାପୁଟ | ମାସିକ | ଶିଶୁପତ୍ରିକା |
| ଶିଶୁମେଳା | ୧୯୭୭ | ରାଜକିଶୋର ରାଜ | କଟକ | ସାମୟିକ ସଂକଳନ | ଶିଶୁପତ୍ରିକା |
| ଶତଭିଷା | ୧୯୯୨ | ପ୍ରଫେସର ଡକ୍ଟର ଗୋପାଳଚନ୍ଦ୍ର ମିଶ୍ର | ସ୍ନାତକୋତ୍ତର ଓଡ଼ିଆ ବିଭାଗ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ | ବାର୍ଷିକ | ସାହିତ୍ୟ ପତ୍ରିକା |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦକ ଓ ପ୍ରକାଶକର ସୂଚନା | | | |
|---|---|---|---|---|---|
| ଶର୍ଶର ସ୍ମରଣିକା | ୧୯୬୪ | ଚକ୍ରନାରାୟଣ ମହାପାତ୍ର | ସାହିତ୍ୟ ସଂସଦ ଗୀତାପ୍ରେସ, କଟକ-୨ | ସାମୟିକ | |
| ଶାନ୍ତ ସମାଚାର | ୧୯୫୪ ଫେବୃଆରି | ଚନ୍ଦ୍ରାମଣି ପାଣିଗ୍ରାହୀ | ଓଡ଼ିଶା ଶାନ୍ତ କମିଟି | ମାସିକ | ପ୍ରଗତିଶୀଳ ପତ୍ରିକା |
| ଶିଖା | ୧୯୫୦-୫୧ | ଲେଡ଼ିଲୁଇସ୍ ଗାର୍ଲସ ହାଇସ୍କୁଲ | ସମ୍ବଲପୁର | ମୁଖପତ୍ର | |
| ଶରଣଦ | — | କରମଳାମଠରୁ | — | ତ୍ରୈମାସିକ | — |
| ଶ୍ରୀଜଗନ୍ନାଥ | ୧୯୮୦ | ପ୍ରଫେସର ଡକ୍ଟର ବଂଶୀଧର ମହାନ୍ତି | ଭୁବନେଶ୍ୱର | ତ୍ରୈମାସିକ | ଜଗନ୍ନାଥ ଧର୍ମ ଓ ସଂସ୍କୃତି ସମ୍ପର୍କୀୟ ପତ୍ରିକା |
| ଶାଳନ୍ଦୀ | — | — | ଭଦ୍ରକ | | ଭଦ୍ରକ ହାଇସ୍କୁଲ ମୁଖପତ୍ର |
| ସେବକ | ୧୮୮୩ | ଗ୍ରବସ୍ୱାସ୍ଥ ଦାସ | କଟକ ମିଶନ ପ୍ରେସରୁ | ମାସିକ | |
| ସାମ୍ୟବାଦୀ | ୧୮୮୬ | ଲଳିତ ମୋହନ ଚକ୍ରବର୍ତ୍ତୀ | କଟକରୁ | --- | ସାହିତ୍ୟ, ସଂସ୍କୃତି ଓ ଧର୍ମ ସମ୍ବନ୍ଧୀୟ ଲେଖାମାନ ପ୍ରକାଶ ପାଉଥିଲା |
| ସାହିତ୍ୟ ସମ୍ମିଳନୀ | ୧୮୮୯ | ଚତୁର୍ଭୁଜ ପଟ୍ଟନାୟକଙ୍କ ଉଦ୍ୟୋଗରେ | ଓଡ଼ିଶା ପ୍ରେଟିଂ ପ୍ରେସରୁ | | ୧୮୮୬ ସାଲରେ ସଂଗଠିତ ସାହିତ୍ୟ ସମ୍ମିଳନୀ ସଂଘର ମୁଖପତ୍ର । ନୂତନ ପ୍ରକାଶ ପୁସ୍ତକ ଗୁଡ଼ିକର ସମାଲୋଚନା ହେଉଥିଲା । |

| ପତ୍ରିକାର ନାମ | ପ୍ରକାଶନ କାଳ | | | ସମ୍ପାଦନ ଓ ପ୍ରକାଶନର ସୂଚନା |
|---|---|---|---|---|
| ସମତା | — | ରବିସ୍ତ | କଟକ | ସମାଜବାଦୀ ଦର୍ଶନ ଭିତ୍ତିକ ପତ୍ରିକା |
| ସମ୍ବଲପୁର ହିତୈଷିଣୀ | ୧୮୮୯ ମଇ ୩୦ ତାରିଖ ଗୁରୁବାର | ନୀଳମଣି ବିଦ୍ୟାରତ୍ନ | ଜଗନ୍ନାଥ ସାପ୍ତାହିକ ବଲ୍ଲଭ ପ୍ରେସ ଦେବଗଡ଼ରୁ | 'ଉତ୍କଳ ଦୀପିକାର' ସ୍ଥାନ ବାସ୍ତବରେ ସମ୍ବଲପୁର ହିତୈଷିଣୀ ହିଁ ପୂରଣ କରିଥିଲା କହିଲେ ଚଳେ । ତତ୍କାଳୀନ ଓଡ଼ିଶାର ସବୁ ଅଞ୍ଚଳର କବି, ଲେଖକ-ମାନେ ଏହି ପତ୍ରିକା ଦ୍ୱାରା ଆକର୍ଷିତ ହୋଇଥିଲେ । ରାଧାନାଥ ରାୟଙ୍କ 'ପାର୍ବତୀ' କାବ୍ୟ ୧୮୯୦ ରେ ଏଥିରେ ପ୍ରକାଶିତ ହେଲା । ମଧୁସୂଦନ ରାଓ ଲାଲ ରାମମୋହନ ରାୟ, ବିଶ୍ୱନାଥ କର, ଫକୀରମୋହନ ସେନାପତି ଚନ୍ଦ୍ରମଣି ମହାନ୍ତି, ଗଙ୍ଗାଧର ମେହେର ବାମଣ୍ଡା ରାଜବଂଶର ସଚ୍ଚିଦାନନ୍ଦ, ବଳଭଦ୍ର, ଜଳନ୍ଧର ଦେବ ଆଦି ଏହି ପତ୍ରିକାରେ ଲେଖୁଥିଲେ । ପଶ୍ଚିମ ଓଡ଼ିଶା ମଧ୍ୟ ପ୍ରଦେଶ ଅନ୍ତର୍ଗତ ହେବା ଫଳରେ ଲୋକଙ୍କ ଦୁରବସ୍ଥା ଦେଖି ରାଜା ସୁଢ଼ଳଦେବ ଓଡ଼ିଶାର ସ୍ୱାର୍ଥ ରକ୍ଷାପାଇଁ ଲାଗି ପଡ଼ିଲେ ଏବଂ ହିତୈଷିଣୀ ପ୍ରକାଶ କଲେ । ରାଧାନାଥଙ୍କ 'ପାର୍ବତୀ' (୧୯୮୦) ରେ ପ୍ରକାଶିତ । |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦନ ଓ ପ୍ରକାଶନର ସୂଚନା | | |
|---|---|---|---|---|
| ସ୍ମରଣିକା | ୧୯୬୩ | --- | ସୁନ୍ଦରଗଡ ମହାବିଦ୍ୟାଳୟର ମୁଖପତ୍ର | |
| ସନାତନ ଧର୍ମ | ୧୯୦୬ | ବିଦ୍ୟାଧର ମିଶ୍ର<br>ବ୍ରଜବନ୍ଧୁ ମିଶ୍ର | ଫ୍ରେଜରପ୍ରେସ<br>ସମ୍ବଲପୁର | |
| | | ପିତାମ୍ବର ଦେ | ଖ୍ରୀଷ୍ଟକଲେଜ, କଟକ | |
| ସାନ୍ତ୍ୱନା | --- | --- | | |
| ସେବା | ୧୯୨୧ | ନୀଳକଣ୍ଠ ଦାସ<br>ଭଗୀରଥ ମିଶ୍ର | ମିଶ୍ର ପ୍ରେସ | ସାପ୍ତାହିକ |
| ସାଧନା | ୧୯୨୧ | ସ୍ୱପ୍ନେଶ୍ୱର ଦାସ | ସାଧନା ପ୍ରେସ | ସାପ୍ତାହିକ |
| ସ୍ୱାକ୍ଷର | ୧୯୬୭ | ଅପୂର୍ବରଞ୍ଜନରାୟ | — | — |
| ସେବା | ୧୯୪୭ | ରାଜେନ୍ଦ୍ର ପଣ୍ଡା<br>କୃଷ୍ଣକେଶନ ବହିଦାର | — | ସାପ୍ତାହିକ |
| ସୁବ୍ରତା | ୧୯୬୮ | ଲକ୍ଷ୍ମୀନାରାୟଣ ମିଶ୍ର | ମେକ୍ଲେର ପ୍ରେସ | ସାପ୍ତାହିକ |
| ସାଥୀ | ୧୯୬୧ | ଈଶାନ ପଟ୍ଟନାୟକ<br>ଅର୍ଜୁନ ମିଶ୍ର | ଶ୍ରୀମନ୍ଦର ପ୍ରେସ | — |
| ସଘନ କୃଷି | ୧୯୬୪ | କୃଷିବିଭାଗ, ସମ୍ବଲପୁର | କୃଷି ବିଭାଗପ୍ରେସ | |
| ସୂଚକ<br>( ଇଂରାଜୀ ) | ୧୯୬୫ | ନିକ୍ରମ ତ୍ରିପାଠୀ | ବିଶ୍ୱଭାରତୀପ୍ରେସ<br>ସମ୍ବଲପୁର | ସାପ୍ତାହିକ |

| ପତ୍ରିକାର ନାମ | ପ୍ରକାଶନ କାଳ | | | ସଂପାଦକ ଓ ପ୍ରକାଶକର ସୂଚନା | |
|---|---|---|---|---|---|
| ସତ୍ କହୁଛେଁ ଭୁତ ଫାଟେ | ୧୯୭୬/ ଅକ୍ଟୋବର | ଅମ୍ବିକା ଚରଣ ଶର୍ମା | ଫିଷ୍ଟାପ୍ରେସ, ସମ୍ବଲପୁର | — | ସମ୍ବାଦ ଓ ସମାଲୋଚନା ମୂଳକ ପତ୍ରିକା |
| ତ୍ରିଶୂଳ | ୧୯୬୯ | ଦୁଷ୍ମନ୍ତରଞ୍ଜ ଗାନ୍ଧୀ | ଫିଷ୍ଟାପ୍ରେସ ସମ୍ବଲପୁର | | |
| ସପ୍ତର୍ଷି | ୧୯୭୨ ଜାନୁୟାରୀ | ପ୍ରଫେସର ଭୁବନେଶ୍ୱର ବେହେରା । ୧୯୭୨-୭୬ ଡକ୍ଟର ଦେବେନ୍ଦ୍ର ଚନ୍ଦ୍ର ମିଶ୍ର । ୧୯୭୬ଠାରୁ ନବୀନ କୁମାର ସାହୁ | ପୂର୍ଣ୍ଣିମାପ୍ରିଣ୍ଟର୍ସ ସମ୍ବଲପୁର | ମାସିକ | ସାହିତ୍ୟ ପତ୍ରିକା ପରିଚାଳନା ସମ୍ପାଦକ ପ୍ରଫେସର ଗୋପାଳଚନ୍ଦ୍ର ମିଶ୍ର । ଡକ୍ଟର ସ୍ତି. କେ. ପଣ୍ଡା । |
| ସଂକଳନ | | — | ଉଦ୍‌ବ୍ୟାଖ୍ୟାପୀ ଗ୍ରନ୍ଥସଂଘ, ରେଭେନ୍‌ସା କଲେଜ କଟକ | | |
| Sports link | ୧୯୭୪ | ଶଙ୍କରଘୋଷ | ପଣ୍ଡା ପ୍ରକାଶନୀ ସମ୍ବଲପୁର | ମାସିକ | |
| ସମ୍ବଲପୁର କଥା | — | — | — | — | |
| ସମାବେଶ | — | ଜଗଦୀଶ ପାଣି | ପ୍ରଥମେ କଲିକତାରୁ ଓ ପରେ ଭୁବନେଶ୍ୱରରୁ | ମାସିକ | ସାହିତ୍ୟ ପତ୍ରିକା |
| ସଂସ୍କୃତି | — | ମନୋରଞ୍ଜନ ଦାସ | କଟକ | | ସାହିତ୍ୟ ସଂସ୍କୃତିମୂଳକ ପତ୍ରିକା |
| ସାମ୍ମୁଖ୍ୟ | ୧୯୬୩ | ପ୍ରଫେସର ରାଧାନାଥ ରଥ | ଗୋସ୍ୱାମୀ ପ୍ରେସ, କଟକ ୨ | ମାସିକ | କଳା-ସଂସ୍କୃତି, ବିଜ୍ଞାନ, ଆନ୍ତର୍ଜାତିକ ସମସ୍ୟାମୂଳକ ପତ୍ରିକା । |

| ପତ୍ରିକାର ନାମ | | ପ୍ରକାଶନ କାଳ | | | ସମ୍ପାଦକ ଓ ପ୍ରକାଶକର ସୂଚନା |
|---|---|---|---|---|---|
| ସାଧନା | - | - | - | | ଚନ୍ଦ୍ରଶେଖର ଜିଲ୍ଲା ସ୍କୁଲର ମୁଖପତ୍ର |
| ସାହିତ୍ୟ | - | ଜଗନ୍ନାଥ ରଥ | | | |
| ସମାହାର | | ରାମନାଥ ପଣ୍ଡା | ନୋହାପୁଟ | - | - |
| ସାଥୀ | - | ଲକ୍ଷ୍ମୀଧର ନାୟକ | - | - | - |
| ସତ କଥା | - | ରଘୁରାଓ | କଟକ | - | - |
| ସଙ୍କେତ | - | ଗଙ୍ଗାଧର ରଥ | କଟକ | - | - |
| ସିନେ ଓଡ଼ିଆ | ୧୯୬୧ | କାଳୀ ଚରଣ ତ୍ରିପାଠୀ | ବ୍ରହ୍ମପୁର | ମାସିକ | ସିନେମା ପତ୍ରିକା |
| ସରଳା | ୧୯୮୪ | ସରଳାଦେବୀ | ପ୍ରକାଶକ ଗୋପବନ୍ଧୁ ଚୌଧୁରୀ | - | - |
| ସଙ୍କୁରା | - | ପ୍ରଜାସମାଜବାଦୀଦଳ | - | - | - |
| ସବୁଜ ବିପ୍ଳବ | - | ପ୍ରଫୁଲ୍ଲ କୁମାର ସେନାପତି | ସବୁଜ ବିପ୍ଳବ କାର୍ଯ୍ୟାଳୟ, ମିଶ୍ର ପାର୍କର ରୋଡ଼, କଟକ-୩ | | |
| ସିସୃକ୍ଷା | ୧୯୬୭ | ମନ୍ମଥ ମହାନ୍ତି | ବଙ୍କସାହି, ଭଦ୍ରକ | | ସାମୟିକ ଭଦ୍ରକ ରବିବାସରୀୟ ସାହିତ୍ୟ ଚକ୍ରର ମୁଖପତ୍ର । ସାହିତ୍ୟ ପତ୍ରିକା |
| ସହକାର | ୧୯୧୯ ନୂତନ ଗ୍ରନ୍ଥ ୧୯୭୩ରୁ | ଲକ୍ଷ୍ମୀ ନାରାୟଣ ସାହୁ ପରେ ବାଲକୃଷ୍ଣ କର; କାଳିନ୍ଦୀ ଚରଣ ପାଣିଗ୍ରାହୀ, ବସନ୍ତାନନ୍ଦ କର | ମାତୃଭୂମି ପ୍ରେସ କଟକ | ମାସିକ | ସାହିତ୍ୟ ପତ୍ରିକା |

| ପତ୍ରିକାର ନାମ | ପ୍ରକାଶନ କାଳ | | | ସ୍ଥାନ ଓ ପ୍ରକାଶନ ସୂଚନା | |
|---|---|---|---|---|---|
| ସମାଜ | ୧୯୧୯ (୪.୧୦.୧୯୧୯) | ଉତ୍କଳମଣି ଗୋପବନ୍ଧୁ ଦାସ ପରେ ନୀଳକଣ୍ଠ ଦାସ ପଣ୍ଡିତ ଗୋଦାବରୀଶ ମିଶ୍ର ଲିଙ୍ଗରାଜ ମିଶ୍ର । ଆଧୁନା ହରିହର ଦାଶ ଓ ସଂପ୍ରତି ରାଧାନାଥ ରଥ | ପ୍ରଥମେ ସତ୍ୟବାଦୀ ପ୍ରେସ ପୁରୀରୁ ଓ ପରେ କଟକରୁ ପ୍ରକାଶିତ | ପ୍ରଥମେ ସାପ୍ତାହିକ ଓ ୬.୪.୧୯୩୦ରୁ ଦୈନିକ | ସମ୍ବାଦପତ୍ର |
| ସତ୍ୟ ସମାଚାର | ୧୯୩୧ | ଶ୍ରୀ ବିଶ୍ୱନାଥ କର | କଟକରୁ | ସାପ୍ତାହିକ | ଲବଣ ସତ୍ୟାଗ୍ରହ ସମୟରେ ପ୍ରକାଶିତ |
| ସ୍ୱାସ୍ଥ୍ୟ | ୧୯୨୮ | କବିରାଜ ଶ୍ରୀ କାମାକ୍ଷା ପ୍ରସାଦ ଶର୍ମା | ବ୍ରହ୍ମପୁର | ମାସିକ | – |
| ସମବାୟ | ୧୯୩୧ | ବାଳକୃଷ୍ଣ ରଥ | ଓଡ଼ିଶା କେନ୍ଦ୍ର ବ୍ୟାଙ୍କରୁ ପ୍ରକାଶିତ | ମାସିକ | – |
| ସତ୍ୟବାଦୀ | ୧୯୧୫ ମାର୍ଚ୍ଚ ୧୩୨୨ ସାଲ ଚୈତ୍ର | ଗୋପବନ୍ଧୁ ଦାଶ | ପଣ୍ଡିତ ଲକ-ଶଶି ଭୂଷଣ ରଥ | ମାସିକ | ସାହିତ୍ୟ ପତ୍ର |
| ସମ୍ମିଳନୀ | | ହ୍ରସ୍ୱରଭ-ଅନନ୍ତମିଶ୍ର | ଚକ୍ରଧରପୁର | ସାପ୍ତାହିକ | |
| ସମାଚାର | | ଲକ୍ଷ୍ମୀନାରାୟଣ ସାହୁ | | ମାସିକ | |
| ସଂସାର | ୧୯୫୧ | ରାମକୃଷ୍ଣ ନନ୍ଦ | କଟକରୁ | ମାସିକ | ଜ୍ଞାନବିଜ୍ଞାନ ଶିଶୁ ପତ୍ରିକା |
| ସୌରଭ | | ବୀଣା ମହାପାତ୍ର | ପୁରୀଘାଟବେଡ଼, କଟକ-୧ | ମାସିକ | ସାହିତ୍ୟ ପତ୍ରିକା |
| ସମ୍ପର୍କ | | ଗିରିଜାକୁମାର ବଳିୟାର ସିଂହ | | ସାମୟିକ | |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ସାହିତ୍ୟ ସମାଚାର | ୧୯୬୭ | ରାମନାଥ ପଣ୍ଡା | ଜୟପୁର, କୋରାପୁଟ | ମାସିକ | ସାହିତ୍ୟ ସମ୍ବାଦ ପତ୍ରିକା ପରେ ଏହା ଓଡ଼ିଆ ଯୁବ-ଲେଖକ ସମ୍ମିଳନୀର ମୁଖ-ପତ୍ରରେ ପରିଣତ ହୋଇଥିଲା । |
| ସ୍ୱରାଜ୍ୟ | ୧୯୬୬ | ମାୟାଧର ମାନସିଂହ ରାଜବଲ୍ଲଭ ମିଶ୍ର ସୁନ୍ଦରମଣି ପଟେଲ ହରପ୍ରସାଦ ମହାପାତ୍ର | ଭୁବନେଶ୍ୱରରୁ | ଦୈନିକ | ସମ୍ବାଦ ପତ୍ର |
| ସହଯୋଗୀ | ୧୯୨୯ | | — | — | — |
| ସତ୍ୟରୂପା | ୧୯୬୩ | କ୍ଷେତ୍ରବାସୀ ନାୟକ ଶୈଳେନ୍ଦ୍ର ମହାପାତ୍ର ରାମଚନ୍ଦ୍ର ରାଉତ | — | — | — |
| ସୁନାପିଲା | ୧୯୭୭ | କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀ | କଟକ-୯ | ଦ୍ୱିମାସିକ | ଶିଶୁ ପତ୍ରିକା |
| ସେବା | ୧୯୬୭ ଜାନୁଆରୀ | ଜଗବନ୍ଧୁ ମିଶ୍ର | ରାୟଚକ୍ରଧର ପୁର ହାଇସ୍କୁଲ | — | ମୁଖପତ୍ର |
| ସୁଶ୍ରୀ | ୧୯୬୩ ଡିସେମ୍ବର | ସତ୍ୟବାଦୀ ଦାସ | ବିଶ୍ୱନାଥ ମନ୍ଦିର ବାଲୁବଜାର କଟକ-୨ | ମାସିକ | --- |
| ସମବାୟ ସମାଚାର | ୧୯୬୪ | ଦଶରଥ ସାମଲ | ରାଜ୍ୟ ସମବାୟ ସଂଘ ଓଡ଼ିଶା ତରଫରୁ | ସାପ୍ତାହିକ | ସମବାୟ ପତ୍ରିକା |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦକ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ସ୍ୱରୂପ | ୧୯୬୧ ମଇ | ବ୍ରହ୍ମାନନ୍ଦ ପଣ୍ଡା | ପାଲିଷ୍ଟିଟ୍-ବ୍ରହ୍ମପୁର | ମାସିକ | ଜୀବନ-ସଂସ୍କୃତ-ସାହିତ୍ୟ ପତ୍ରିକା |
| ସାଗର | — | ରାସ ବିହାରୀ ବେହେରା | ଭବାନୀପାଟଣା କଳାହାଣ୍ଡି | ମାସିକ | ସାହିତ୍ୟ ପତ୍ରିକା |
| ସାହିତ୍ୟପତ୍ର | ୧୯୦୧ | ବିଚିତ୍ରାନନ୍ଦ କର | — | — | --- |
| ସେବକ | ୧୯୦୧/ ଅକ୍ଟୋବର | ଶଶିଧର ପଟ୍ଟନାୟକ | ଶିରୋମଣି ପ୍ରେସ ବ୍ରହ୍ମପୁର | ତ୍ରୈମାସିକ | ବିନୋଦ ବିହାରୀ ସାହିତ୍ୟ ଶାଖାର ମୁଖପତ୍ର |
| ସୂର୍ଯ୍ୟସ୍ନାନ | ୧୯୬୪/ ମେ | ଯୋଗେନ୍ଦ୍ର କୁମାର ନେପାଁ | ~ | | --- |
| ସ୍ୱଳ୍ପ ବେତନ ଶ୍ରେଣୀ | ୧୯୫୫ | ଚନ୍ଦ୍ରମଣି ମହାପାତ୍ର | ଶ୍ରୀ ପ୍ରିଣ୍ଟର୍ସ, ପୁରୀ | ତ୍ରୈମାସିକ | ସ୍ୱଳ୍ପ ବେତନ ଶ୍ରେଣୀର ନୈତିକତା, ଆର୍ଥିକ ଉନ୍ନତି, ଆତ୍ମସମ୍ମାନବୃଦ୍ଧି ଦୃଷ୍ଟିରୁ ଲେଖାମାନ ପ୍ରକାଶିତ |
| ସଂସ୍କାରକ | ୧୮୮୩ | ଜଗନ୍ନାଥ ପଟ୍ଟନାୟକ | କଟକମିଶନ ପ୍ରେସରୁ | --- | ଓଡ଼ିଆ ଓ ବଙ୍ଗଳା ଦୁଇ ଭାଷାର ଏଥିରେ ବ୍ୟବହାର ହେଉଥିଲା ଏବଂ ବାସୁଦେବ ସୁଢ଼ଳ ଦେବ ଥିଲେ ପୃଷ୍ଠ-ପୋଷକ |
| ସ୍ୱଦେଶୀ | ୧୯୦୬ ଜାନୁଆରୀ ୫ ତାରିଖ | ଉଇଲସ୍ୱମ ମହାନ୍ତ | ଶ୍ରୀମନ୍ତ୍ରବ୍ରମ୍ଭ ହିନ୍ଦୁ ଯନ୍ତ୍ରାଳୟ, ବ୍ରହ୍ମପୁର | --- | ଓଡ଼ିଆ, ତେଲୁଗୁ ଓ ଇଂରାଜୀ ତିନି ଭାଷାରେ ପ୍ରକାଶିତ ହେଉଥିଲା । |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦନ ଓ ପ୍ରକାଶନର ସୂଚନା | | | |
|---|---|---|---|---|---|
| ସତ୍ୟାଗ୍ରହ | --- | କଂଗ୍ରେସ ଦଳର ପତ୍ରିକା | ସାପ୍ତାହିକ | | |
| ସଂକେତ | | ପ୍ରଦୀପ ମହାପାତ୍ର | | | |
| ସୁଚରିତା | ୧୯୭୦ | ଶକୁନ୍ତଳା ପଣ୍ଡା | ଭୁବନେଶ୍ୱର | ମାସିକ | ସାହିତ୍ୟ ପତ୍ରିକା (ମହିଳା) |
| ନଇଳା | ୧୯୭୩ | କେ. ମହାପାତ୍ର ଏଣ୍ଟରକୋ: କଟକ-୨ | | ମାସିକ | ସାହିତ୍ୟ ପତ୍ରିକା (ମହିଳା) |
| ସାବିତ୍ରୀ | --- | ଶ୍ରୀମତୀ ଚନ୍ଦ୍ରିକା ମହାପାତ୍ର | | | ଆଧ୍ୟାତ୍ମିକ ଚେତନାର ନବ ଚନ୍ଦ୍ରିକା |
| ସୁଜାତା | ୧୯୭୮ | ସୁରେନ୍ଦ୍ର ମୋହନ ଶ୍ରୀ ଚନ୍ଦନ ସିଂହ | ସୁନ୍ଦରଗଡ | ମାସିକ | ଶିଶୁ ପତ୍ରିକା |
| ସମାଜବାଦୀ | ୧୯୭୧ ଜୁନ | ଚନ୍ଦ୍ରିକା ମହାପାତ୍ର | — | - | - |
| ସଂଯୋଗ | ୧୯୭୯ | ଡକ୍ଟର ଫଣୀ ମହାନ୍ତି | ଭୁବନେଶ୍ୱର | ଦ୍ୱିମାସିକ | ସାହିତ୍ୟ ଓ ସଂସ୍କୃତି ସମ୍ପର୍କୀୟ ଦ୍ୱିମାସିକ ପତ୍ରିକା |
| ସ୍ୱପ୍ନମ୍ବର | ୧୯୮୩ | ରଚନାଭୂଷଣ ପଣ୍ଡା | ବାଙ୍କି, କଲାପଥର | ତ୍ରୈମାସିକ | ସାହିତ୍ୟ ପତ୍ରିକା |
| ସମୀକ୍ଷାପତ୍ର | ୧୯୮୨ | ଦଳିତ ନାୟକ | ଘଟଗାଁ, କେନ୍ଦୁଝର | ଷାଣ୍ମାସିକ | ସମୀକ୍ଷା ପୁସ୍ତକ ପତ୍ରିକା |
| ସଂବର୍ତ୍ତିକ | ୧୯୮୨ | ଜଗଦୀଶ ମହାନ୍ତି | ରାମପୁର କୋଲିଆରୀ ସମ୍ବଲପୁର | ତ୍ରୈମାସିକ | ଗଳ୍ପ ପତ୍ରିକା |
| The Scholar | --- | --- | ରେଭେନସା କଲେଜ ପୁରୁଣା ପି. ଜି ଛାତ୍ରାବାସ, କଟକର ମୁଖପତ୍ର | | |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦକ ଓ ପ୍ରକାଶନର ସୂଚନା | | |
|---|---|---|---|---|
| | | | (ୟୁ) | |
| Young Utkal | ୧୯୨୭ | ଶ୍ରୀ ଭୁବନାନନ୍ଦ ଦାସ | କଟକ | ସାପ୍ତାହିକ |
| | | | କ୍ଷ | |
| କ୍ଷଣିକା | — | — | ରାଧାନାଥ ଟ୍ରେନିଂ କଲେଜର ମୁଖପତ୍ର | |
| | | | ଲ | |
| ଲୋକମୁକ୍ତ | — | ଗୋଦାବରୀଶ ମିଶ୍ର | ବାଣପୁର | ସାପ୍ତାହିକ |
| ଲୋକମତ | — | ଚକ୍ରମଣି ମିଶ୍ର | କଟକ | — |
| ଲେଖା | ୧୯୫୪ | ପଦ୍ମଜ ପାଲ | ରାଜପୁର ରୋଡ | ସାମୟିକ |
| ଲୋକଶକ୍ତି | ୧୯୫୫ | — | — | — |
| ଲୋକଦୂତ | — | ଧ୍ରୁବଚରଣ ସାହୁ | — | — |
| ଲୋକପ୍ରିୟ ବିଜ୍ଞାନ | — | ଜଗନ୍ନାଥ ମୋହନ ପ୍ରଧାନ | କଟକ | — |
| | | | ଝ | |
| ଝାରଖଣ୍ଡ | ୧୯୧୯ | ସ୍ୱପ୍ନେଶ୍ୱର ଦାସ | ଟେଜର ପ୍ରେସ ସମ୍ବଲପୁର | --- |
| ଝାରଖଣ୍ଡ ସମାଚାର | ୧୯୩୭ | ଶଙ୍କର ପ୍ରସାଦ ମିଶ୍ର | କଳାମଣ୍ଡପ ପ୍ରେସ, ବଲାଙ୍ଗିର | ସାପ୍ତାହିକ |

| ପତ୍ରିକାର ନାମ | ପ୍ରକାଶନ କାଳ | ସମ୍ପାଦକ ଓ ପ୍ରକାଶକଙ୍କ ମନ୍ତବ୍ୟ | | | |
|---|---|---|---|---|---|
| ହରଜନ | ୧୯୩୩ (ପ୍ରାରମ୍ଭରୁ) | ଲୋକନାଥ ମିଶ୍ର | ପୁରୀରୁ | | |
| ହଙ୍ଗୁଲା ପ୍ରତିଭା | ୧୯୫୯ (ଅପ୍ରେଲ) | ସନାତନ ପଣ୍ଡା | ହଙ୍ଗୁଲା ହାଇସ୍କୁଲ, ଶଙ୍ଖଚିଲ, | ମୁଖପତ୍ର | |
| ହରବୋଲ | ୧୯୭୮ ମଇ | ରାଧା ମିଶ୍ର | ରାଉରକେଲାରୁ | ଦ୍ୱିମାସିକ | ହାସ୍ୟ ବ୍ୟଙ୍ଗ ଧର୍ମୀ ପତ୍ରିକା |
| ସ୍ୱାରଖଣ୍ଡ ( ଦୈନିକ ) | ୧୯୮୧ | ଶ୍ରଦ୍ଧାକର ସୁପକାର ପରେ ଶ୍ରୀ ବଲ୍ଲଭ ପାଣିଗ୍ରାହୀ | ରାଉରକେଲ | ଦୈନିକ | ସମ୍ବାଦପତ୍ର |

### କ୍ଷ

| | | | | |
|---|---|---|---|---|
| ଜ୍ଞାନାରୁଣ | ୧୮୪୯ | ରେଭରେଣ୍ଡ ସି: ଲେସି କଟକ ମିଶନ ପ୍ରେସ | ମାସିକ ମିଶନାରୀ ପତ୍ରିକା | ବ୍ରଜେନ୍ଦ୍ର ବନ୍ଦ୍ୟୋପାଧ୍ୟାୟଙ୍କ ସମ୍ପାଦିତ ବାଂଲା ସାମୟିକ ପତ୍ର ୧ମ ଭାଗରେ ଏହାର ସୂଚନା ମିଳେ। ଏହା ଅଳ୍ପ ଦିନ ପରେ ବନ୍ଦ ହୋଇଯାଇଥିଲା। ୧୮୩୮ରେ ପାଶ ଗଭର୍ଣ୍ଣରଙ୍କ ଚେଷ୍ଟାରେ ଓଡ଼ିଆଭାଷା ପ୍ରଚଳନ ଆଇନ ଜାରି ଫଳରେ ୧୮୪୦ ସାଲରେ ଅନୁବାଦ କମିଟି ନିଯୁକ୍ତ। ୧୮୪୧ ଫେବୃଆରୀ ୩ ତାରିଖରେ କମିଶନଙ୍କ ପ୍ରସ୍ତାବ ଏଥିରେ ସରକାରୀ ତଥ୍ୟ ଓ ସମ୍ବାଦ ସ୍ଥାନ ପାଇଥିଲା। |
| ଜ୍ଞାନ ପ୍ରଚାର | | ପଣ୍ଡିତ ପରୀକ୍ଷିତ ଦାସ | ମାସିକ | |